

ଓଏମ୍‌ଜି ୩ରେ ରାନୀ

▶ପୃଷ୍ଠା ୧୧ ଦେଖନ୍ତୁ...

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-192 ◆WEDNESDAY ◆7 JANUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୯୨ ◆ବୁଧବାର ◆୭ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ବାଂଲାଦେଶରେ ଥମୁନି ହିନ୍ଦୁ ବିରୋଧୀ ହିଂସା

## ହିନ୍ଦୁ ବ୍ୟବସାୟୀଙ୍କୁ ହତ୍ୟା
## ୧୮ ଦିନରେ ଷଷ୍ଠ ଘଟଣା




■ ଢାକା, ୬।୧ (ଏଜେନ୍ସି): ପରାଜୟ ଭୟରେ ବାଂଲାଦେଶରେ ସଂସଦ ନିର୍ବାଚନକୁ ବନ୍ଦ କରିବା ପାଇଁ କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କ ପ୍ରରୋଚନାରେ ଆରମ୍ଭ ହୋଇଥିବା ହିଂସା ବନ୍ଦ ହେବାର ନା ଧରୁନି। ଏହି ହିଂସାରେ ସଂଖ୍ୟାଲଘୁ ହିନ୍ଦୁଙ୍କୁ ନିଶାଣ କରାଯାଉଛି। କ୍ରମାଗତ ଭାବେ ହିନ୍ଦୁ ବିରୋଧୀ ଅତ୍ୟାଚାର ମାମଲା ବଢ଼ିବାରେ ଲାଗିଛି। ଏହି କ୍ରମରେ ସୋମବାର ରାତିରେ ନରସିନ୍ଦି ଜିଲ୍ଲାର ଜଣେ ହିନ୍ଦୁ ଦୋକାନୀ ଶରତ ଚକ୍ରବର୍ତ୍ତୀ ମିନା (୪୦)ଙ୍କୁ ହତ୍ୟା କରାଯାଇଛି। ଏହାକୁ ମିଶାଇ ଗତ ୧୮ ଦିନରେ ୬ ଜଣ ହିନ୍ଦୁଙ୍କୁ ହତ୍ୟା କରାଗଲାଣି। ଗତ ୨୪ ଘଣ୍ଟା ମଧ୍ୟରେ ଦ୍ୱିତୀୟ ଥର ପାଇଁ ଏଭଳି ଆକ୍ରମଣ ହୋଇଛି। ଗତକାଲି ରାତିରେ ଦୋକାନରେ ମିନା ବସିଥିବା ବେଳେ କେତେକ ଅଜ୍ଞାତ ଲୋକ ତାଙ୍କୁ ଅଚାନକ ଆକ୍ରମଣ କରିଥିଲେ। ମିନାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ହିନ୍ଦୁ ବିରୋଧୀ ହିଂସା ବିରୋଧରେ ଫେସ୍‌ବୁକ ପୋଷ୍ଟକୁ ନେଇ ମିନାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି।

ଏହାର କିଛି ଘଣ୍ଟା ପୂର୍ବରୁ ଯଶୋର ଜିଲ୍ଲାରେ ଜଣେ ୪୫ ବର୍ଷୀୟ ହିନ୍ଦୁ ସାମ୍ବାଦିକ ରାଣା ପ୍ରତାପଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ସେହିପରି ଶନିବାର ଝିନାଇଦା ଜିଲ୍ଲାରେ ଜଣେ ହିନ୍ଦୁ ବିଧବାଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା। ଅଭିଯୁକ୍ତମାନେ ତାଙ୍କୁ ଟଙ୍କା ମଧ୍ୟ ମାଗିଥିଲେ। ମହିଳା ଚିତ୍କାର କରିବାରୁ ଏକ ଗଛରେ ବାନ୍ଧି ତାଙ୍କ କେଶ କାଟି ଦେଇଥିଲେ।

ସୂଚନାଯୋଗ୍ୟ ଯେ ଗତ ୩ ତାରିଖର ୫୦ ବର୍ଷୀୟ ଖୋକନ ଚନ୍ଦ୍ର ଦାସଙ୍କୁ ନିର୍ମମ ଭାବେ ଆକ୍ରମଣ କରି ତାଙ୍କୁ ଜିଅନ୍ତା ଜାଳି ଦିଆଯାଇଥିଲା। ଏଥିରେ ତାଙ୍କର ମୃତ୍ୟୁ ହୋଇଥିଲା। ଡିସେମ୍ବର ୨୪ରେ ରାଜବାରୀ ସହରର ପାଂଶା ଉପଜିଲ୍ଲାରେ ଆଉ ଜଣେ ହିନ୍ଦୁ ବ୍ୟକ୍ତି ଅମୃତ ମଣ୍ଡଳଙ୍କୁ ଦାଦାବଟି ଆଦାୟ ଅଭିଯୋଗରେ ପିଟି ପିଟି ହତ୍ୟା କରାଯାଇଥିଲା। ଡିସେମ୍ବର ୧୮ରେ ମୈମନସିଂ ସହରରେ ୨୫ ବର୍ଷୀୟ ଦୀପୁ ଚନ୍ଦ୍ର ଦାସଙ୍କୁ ହତ୍ୟା କରାଯାଇଥିଲା। ଏହାକୁ ନେଇ କେବଳ ବାଂଲାଦେଶ ନୁହେଁ ଭାରତରେ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହି ଘଟଣାରେ ହତ୍ୟା ଅଭିଯୁକ୍ତମାନେ ଧରାପଡ଼ିଥିଲେ ମଧ୍ୟ ହିଂସା ଥମୁନି। ଛାତ୍ର ନେତା ହାଦିଙ୍କୁ ହତ୍ୟା କରାଯିବା ପରେ ବାଂଲାଦେଶରେ ହଠାତ୍ ହିନ୍ଦୁ ବିରୋଧୀ ହିଂସା ବ୍ୟାପିବାରେ ଲାଗିଛି। ଚରମପନ୍ଥୀମାନେ ଅଭିଯୋଗ କରିଛନ୍ତି ଯେ ହତ୍ୟାକାରୀମାନେ ଭାରତରେ ଆଶ୍ରୟ ନେଇଛନ୍ତି।

# ପରିବହନ ବିଭାଗର 'ଅନ୍ଧ ନୀତି'

## ଗୋଟିଏ ଅପରାଧ ପାଇଁ ଅନେକ ଦଣ୍ଡ

■ ଭୁବନେଶ୍ୱର, ୬।୧ (ସମିସ): ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ଜଣେ ବ୍ୟକ୍ତିକୁ ଏବେ ମିଳୁଛି ଯାବତୀୟ ମାନସିକ, ଆର୍ଥିକ ଓ ଶାରୀରିକ ଦଣ୍ଡ। ପରିବହନ ବିଭାଗର କଥିତ ୧୩୦୦ କୋଟି ଟଙ୍କା ବକେୟା ଚାଲାଣ ରାଶି ଆଦାୟ ଫନ୍ଦି ଯୋଗୁଁ ରାଜ୍ୟବାସୀ କଳବଳ ହେଉଛନ୍ତି। ପ୍ରଦୂଷଣ ପ୍ରମାଣପତ୍ର ପାଇଁ ଲମ୍ବା ଧାଡ଼ି, ଚାଲାଣ ପାଇଁ ଲାଇନ, ଗ୍ରୀନ୍ ଷ୍ଟିକର ପାଇଁ ଯାତନା ଯୋଗୁଁ ଲୋକେ ତାତିବା ଆରମ୍ଭ କରିଛନ୍ତି। ସରକାର ସବୁଆଡୁ ସମାଲୋଚନା ଓ ବିରୋଧର ଶିକାର ହୋଇଛନ୍ତି। ଅଦାଲତରେ ଏ ସଂକ୍ରାନ୍ତରେ ମାମଲା ରୁଜୁ ହୋଇଛି। ଏହା ପରେ ବି ପରିବହନ ବିଭାଗର ଚୈତନ୍ୟୋଦୟ ହୋଇନାହିଁ। ବିଭାଗର ଅନ୍ଧ ନୀତି ଯୋଗୁଁ ଲୋକେ କଳବଳ ହୋଇଛନ୍ତି। ଏପରିକି ସରକାର ଆର୍ଥିକ ଦେବାଳିଆ ହୋଇ ସୁଭଦ୍ରା ଯୋଜନା ପାଇଁ ଅର୍ଥ ଯୋଗାଡ଼ କରୁଥିବା ମଧ୍ୟ ଅଭିଯୋଗ ଉଠିଲାଣି। ଏହି ସମୟରେ ହାଇକୋର୍ଟ ମଙ୍ଗଳବାର ରାଜ୍ୟ ପରିବହନ କମିସନରଙ୍କ ଠାରୁ ସ୍ପଷ୍ଟୀକରଣ ଲୋଡ଼ିବା ସହ ପୁରୁଣା ଜରିମାନା ଭରଣା ନକଲେ ପଲ୍ୟୁସନ ସାର୍ଟିଫିକେଟ୍ ମିଳିବ ନାହିଁ ବୋଲି ଯେଉଁ ନିର୍ଦ୍ଦେଶନାମା ଜାରି ହୋଇଛି ତା ଉପରୁ ଦ୍ୱନ୍ଦ୍ୱ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କୁ ମହଙ୍ଗା ପଡ଼ିଛି। ପ୍ରଦୂଷଣ ସାର୍ଟିଫିକେଟ୍ ପାଇବାକୁ ହେଲେ ପୁରୁଣା ଜରିମାନା ପୈଠ କରିବା ବାଧ୍ୟତାମୂଳକ ବୋଲି ହୋଇଥିବା ନିୟମକୁ ଚାରି ଆଡୁ ସମାଲୋଚନା ଓ ବିରୋଧ କରାଯାଉଛି। ପରିବହନ ବିଭାଗର

### ଦୂର ହେଲାନି ପ୍ରଦୂଷଣ ସାର୍ଟିଫିକେଟ୍ ଦ୍ୱନ୍ଦ୍ୱ
### ବାରମ୍ବାର ବଦଳୁଛି 'ଗ୍ରୀନ୍ ଷ୍ଟିକର' ନୀତି
### ଜରିମାନା ସାଙ୍ଗକୁ ସାଇବର ଠକେଇ ଭୟ




ଏନେଇ ପରିବହନ ଆୟୁକ୍ତଙ୍କୁ ଦୁଇ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେବା ସହ ରାଜ୍ୟ ସରକାରଙ୍କଠାରୁ ମଧ୍ୟ ହାଇକୋର୍ଟ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି।

ପ୍ରଦୂଷଣ ସାର୍ଟିଫିକେଟ୍ ନ ଥିଲେ ତେଲ ନମିଳିବା ଲାଗି ମାର୍ଗଦର୍ଶିକା ଜାରି କରିବା ଏଭଳି ନିୟମ ଓ ଜରିମାନା ଭୟ ଯୋଗୁଁ ଲୋକେ ପୁରୁଣା ଜରିମାନା ପୈଠ କରିବାକୁ ଲମ୍ବା ଲାଇନ୍‌ରେ ଠିଆ ହେଉଛନ୍ତି। ଏ ସବୁ ଭିତରେ ଏହି ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିବା ପରେ ସ୍ଥିତି ଆହୁରି ଜଟିଳ ହୋଇଛି। ▶ପୃଷ୍ଠା-୭

### ହାଇକୋର୍ଟଙ୍କ ଜବାବ ତଲବ

**ଦୁଇ ସପ୍ତାହରେ ସତ୍ୟପାଠ ଦେବାକୁ ପରିବହନ କମିସନରଙ୍କୁ ନିର୍ଦ୍ଦେଶ**

■ କଟକ, ୬।୧ (ସମିସ): ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି) ନଥିଲେ ପେଟ୍ରୋଲ-ଡିଜେଲ ମିଳିବା କଟକଣା ସମ୍ପର୍କିତ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଜାରି ବିଜ୍ଞପ୍ତି ଓ ବକେୟା ଚାଲାଣ ପଇଠ ନକଲେ ପ୍ରମାଣପତ୍ର ଦିଆଯାଉନଥିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ସରକାର ଓ ପରିବହନ କମିସନରଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିବା ସହ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସ୍ନିଗ୍ଧା ପାତ୍ରଙ୍କ ପକ୍ଷରୁ ରୁଜୁ ମାମଲାର ▶ପୃଷ୍ଠା-୭

## ଏସ୍‌ଆଇଆର୍ ଚଡ଼କ

# ୟୁପିରେ ୩କୋଟି ଭୋଟର ବାଦ୍




■ ନୂଆଦିଲ୍ଲୀ, ୬।୧ (ଏଜେନ୍ସି): ବିବାଦୀୟ ଏସ୍‌ଆଇଆର୍ ପ୍ରକ୍ରିୟାରେ ଉତ୍ତର ପ୍ରଦେଶରେ ବାଦ୍ ପଡ଼ିଛନ୍ତି ପ୍ରାୟ ତିନି କୋଟି ଭୋଟର। ଦେଶର ୧୨ଟି ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍ ପ୍ରକ୍ରିୟାରେ ବିଭିନ୍ନ ରାଜ୍ୟରେ ବାଦ୍ ପଡ଼ିଥିବା ଭୋଟର ସଂଖ୍ୟା ମଧ୍ୟରେ ଏହା ହେଉଛି ସର୍ବାଧିକ। ଉତ୍ତର ପ୍ରଦେଶରେ ମୋଟ ଭୋଟର ସଂଖ୍ୟା ୧୫ କୋଟି ୪୪ ଲକ୍ଷ ଥିବା ବେଳେ ସେମାନଙ୍କ ମଧ୍ୟରୁ ଏହି ପ୍ରକ୍ରିୟାରେ ୨ କୋଟି ୮୯ ଲକ୍ଷ ଲୋକଙ୍କୁ ବାଦ୍ ଦିଆଯାଇଛି। ଏହାସହିତ ରାଜ୍ୟର ଭୋଟର ସଂଖ୍ୟା ୧୨ କୋଟି ୫୫ ଲକ୍ଷକୁ ହ୍ରାସ ପାଇଛି। ଏହା ହେଉଛି ମୋଟ ଭୋଟର ସଂଖ୍ୟାର ୧୮.୭୦ ପ୍ରତିଶତ। ରାଜଧାନୀ ଲକ୍ଷ୍ନୌରେ ସର୍ବାଧିକ ୧୨ ଲକ୍ଷ ଭୋଟରଙ୍କ ନାମ କଟିଛି। ଏଠାରେ ଭୋଟର ସଂଖ୍ୟା ୪୦ ଲକ୍ଷରୁ ୨୮ ଲକ୍ଷକୁ ହ୍ରାସ ପାଇଛି।

**ସୁପ୍ରିମ କୋର୍ଟ ଗଲେ ମମତା**

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନବଦୀପ ରିନ୍‌ୱା ଆଜି ଏହି ସୂଚନା ଦେଇ କହିଛନ୍ତି ଯେ ରାଜ୍ୟର ସମସ୍ତ ୭୫ଟି ଜିଲ୍ଲା ଏବଂ ୪୦୩ ବିଧାନସଭା ନିର୍ବାଚନମଣ୍ଡଳୀରେ ସଂଶୋଧନ ପ୍ରକ୍ରିୟା ଚାଲିଥିଲା। ଭୋଟର ତାଲିକାରୁ ଯେଉଁ ୨ କୋଟି ୮୯ ଲକ୍ଷ ଲୋକ ବାଦ୍ ପଡ଼ିଛନ୍ତି ସେମାନଙ୍କ ମଧ୍ୟରେ ମୃତ ଓ ଅନୁପସ୍ଥିତ ଭୋଟର ରହିଛନ୍ତି। ୪୬ ଲକ୍ଷ ୨୩ ହଜାର (୨.୯୯%) ଭୋଟର ମୃତ୍ୟୁ ବରଣ କରିଥିବା ବେଳେ ୨ କୋଟି ୫୭ ଲକ୍ଷ (୧୪.୦୬%) ଭୋଟର ସର୍ଭେ ବେଳେ ଅନୁପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ଅନେକ ସ୍ଥାୟୀ ରୂପେ ବାହାର ରାଜ୍ୟକୁ ଚାଲିଯାଇଥିବାର ଅନୁମାନ କରାଯାଉଛି। ଅନ୍ୟ ୨୫ ଲକ୍ଷ ୪୭ ହଜାର (୧.୬୫%) ଭୋଟରଙ୍କ ନାମ ଏକାଧିକ ସ୍ଥାନରେ ପଞ୍ଜୀକରଣ ହୋଇଛି। ତେବେ ଆଜି ଯେଉଁ ତଥ୍ୟ ଦିଆଯାଇଛି ଯେ ତାହା ଚୂଡ଼ାନ୍ତ ନୁହେଁ। ଏହା ହେଉଛି ଚିଠା ଭୋଟର ତାଲିକା। ଆସନ୍ତାମାସ ୬ ତାରିଖ ସୁଦ୍ଧା ବାଦ୍ ପଡ଼ିଥିବା ଭୋଟରମାନେ ସେମାନଙ୍କର ଆପତ୍ତି ଅଭିଯୋଗ ଦାଖଲ କରିପାରିବେ। ଏହାପରେ ଯାଇ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ▶ପୃଷ୍ଠା-୭

## ଫେରିଲା ଶୀତ: ୪୮ ଘଣ୍ଟାରେ ୭ ଡିଗ୍ରୀ ଖସିଲା ପାରଦ

# ୧୦ ଡିଗ୍ରୀ ତଳେ ରାଜ୍ୟର ୧୯ ସହର

■ ଭୁବନେଶ୍ୱର, ୬।୧ (ସମିସ): ଗତ ୪୮ ଘଣ୍ଟାରେ ରାଜ୍ୟରେ ତାପମାତ୍ରା ୬ରୁ୭ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି। ରାତି ଭଳି ଦିନର ତାପମାତ୍ରା ମଧ୍ୟ ଦୃଷ୍ଟାନ୍ତମୂଳକ ଭାବେ କମିଛି। ଫଳରେ ସୋମବାର ରାତିରୁ ରାଜ୍ୟକୁ ପୁଣି ଶୀତ ଫେରିଛି। ମଙ୍ଗଳବାର ଦିନ ତମାମ ରାଜ୍ୟର ଅଧିକାଂଶ ସ୍ଥାନରେ କାଲୁଆ ଶୀତ ଅନୁଭୂତ ହୋଇଛି। ଆଗାମୀ ୩ ଦିନ ପର୍ଯ୍ୟନ୍ତ ପ୍ରବଳ ଶୀତ ଅନୁଭୂତ ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ଶୀତ ଲହରୀ ସତର୍କତା ଜାରି କରାଯାଇଛି। ଅନ୍ୟପଟେ ତଳମୁହାଁ ପାରଦ ଝାରସୁଗୁଡ଼ାରେ ୭୨ ବର୍ଷର ରେକର୍ଡ ଭାଙ୍ଗିଛି। ଗତ ୨୪ ଘଣ୍ଟାରେ ଏଠାରେ ତାପମାତ୍ରା ୫.୧ ଡିଗ୍ରୀକୁ ଖସିଛି। ୧୯୫୩ରୁ ଏଯାବତ୍ ଝାରସୁଗୁଡା ଇତିହାସ ସବୁଠାରୁ ଥଣ୍ଡା ରାତିରେ ପରିଣତ ହୋଇଛି। ଝାରସୁଗୁଡ଼ା ସମେତ ରାଜ୍ୟର ମୋଟ୍ ୧୬ଟି ସହରରେ ତାପମାତ୍ରା ୧୦ ଡିଗ୍ରୀରୁ କମ୍ ରେକର୍ଡ ହୋଇଛି। ଝାରସୁଗୁଡା ୫.୧ ଡିଗ୍ରୀ ସହ ରାଉରକେଲା ୬.୬, କିରେଇ ଓ ଜି.ଉଦୟଗିରି ୬.୮, ଦାରିଙ୍ଗବାଡି ୭.୫, ସୁନ୍ଦରଗଡ ୭.୬, ସେମିଳିଗୁଡା ୮.୫, ବଲାଙ୍ଗୀର ▶ପୃଷ୍ଠା-୭

**ଝାରସୁଗୁଡ଼ାରେ ଭାଙ୍ଗିଲା ୭୨ ବର୍ଷର ରେକର୍ଡ**

**୯ ତାରିଖ ପର୍ଯ୍ୟନ୍ତ ଜାରି ହେଲା ଶୀତ ସତର୍କତା**

# ଦ୍ୱୈତନଗରୀରେ ପ୍ରଦୂଷଣ କଟକଣା

## ସନ୍ଧ୍ୟା ୬ରୁ ସକାଳ ୧୦ ନିର୍ମାଣ ମନା

■ ଭୁବନେଶ୍ୱର, ୬।୧ (ସମିସ): ରାଜ୍ୟରେ ପ୍ରଦୂଷଣ ଉପର ମୁହାଁ ହେବା ପରେ ବିଭିନ୍ନ ସହରରେ କଟକଣା ଜାରି ହୋଇଛି। ପ୍ରଥମେ ତାଳଚେର ଓ ବାଲେଶ୍ୱରରେ କଟକଣା ଲାଗୁ ହେବା ପରେ ଏବେ ଟ୍ୱିନ ସିଟି କଟକ-ଭୁବନେଶ୍ୱରରେ ମଧ୍ୟ କଟକଣା ଜାରି ହୋଇଛି। ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଆଗାମୀ ୭ ଦିନ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ନିୟମ ଲାଗୁ କରାଯାଇଛି। ଏଥିରେ ପ୍ରମୁଖ ପଦକ୍ଷେପ ଭାବେ ଦୁଇ ସହରରେ ସନ୍ଧ୍ୟା ୬ ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ନିର୍ମାଣ କାମ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ମଙ୍ଗଳବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ଏହି କଟକଣା ବିଷୟରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଓଡ଼ିଶା ବିଭିନ୍ନ ସହରରେ କିଛି ମାତ୍ରାରେ ପ୍ରଦୂଷଣ ବଢ଼ିଛି। ମାତ୍ର ପାଣିପାଗ ସ୍ଥିତି ଯୋଗୁଁ ଏହା ସାମୟିକ ବୃଦ୍ଧି ପାଇଛି। ଏହାକୁ ରୋକିବା ପାଇଁ କିଛି ପଦକ୍ଷେପ ନିଆଯାଇଛି। ପ୍ରଦୂଷଣ ପିକ୍‌ରେ ରହୁଥିବା ସମୟରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିବା ସହିତ ରାସ୍ତାରେ ଧୂଳି କଣିକା ଯୋଗୁଁ ହେଉଥିବା ପ୍ରଦୂଷଣକୁ ରୋକିବା ପାଇଁ ବିଭିନ୍ନ ସ୍ଥାନରେ ପାଣି ଛିଞ୍ଚନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କଟକ ଏବଂ ଭୁବନେଶ୍ୱରର ବାୟୁ ପ୍ରଦୂଷଣ ସ୍ଥିତିକୁ ବିଭାଗ ପକ୍ଷରୁ ▶ପୃଷ୍ଠା-୭

# 'ଭିବି ଜି ରାମ ଜି'ର ଲକ୍ଷ୍ୟ ବିକଶିତ ଭାରତ: ମୁଖ୍ୟମନ୍ତ୍ରୀ



**ମନରେଗାରେ ବିଭିନ୍ନ ରାଜ୍ୟରେ ଦୁର୍ନୀତିର ଛିଟା ଲାଗିଛି**

**ଲୋକଙ୍କୁ ରୋଜଗାର ଦେବାରେ ମନରେଗା ବିଫଳ**

**ଭିବି ଜି ରାମ ଜି ଆଇନରେ ୧୨୫ ଦିନ ରୋଜଗାର ସୁନିଶ୍ଚିତ**

■ ଭୁବନେଶ୍ୱର, ୬।୧ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଏବଂ ଆଜୀବିକା ମିସନ ଗ୍ରାମୀଣ (ଭିବି ଜି ରାମ ଜି) ବିଲ୍ ସଂସଦରେ ପାଶ୍ ହୋଇ ଆଇନ୍‌ରେ ପରିଣତ ହୋଇଛି। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ହେଉଛି ଏହି ଯୋଜନାର ଲକ୍ଷ୍ୟ। ମହାତ୍ମା ଗାନ୍ଧୀଙ୍କ ଗ୍ରାମ୍ୟ ସ୍ୱରୋଜଗାର ଲକ୍ଷ୍ୟକୁ ବାସ୍ତବରେ କିପରି ହାସଲ କରାଯାଇପାରିବ ତାହା ହେଉଛି ବିକଶିତ ଭାରତର ଉଦ୍ଦେଶ୍ୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେବଳ କୌଣସି ନାମକୁ ବ୍ୟବହାର କରି ରାଜନୈତିକ ଫାଇଦା ଉଠାଇବା ଆମର ଲକ୍ଷ୍ୟ ନୁହେଁ। ବିରୋଧୀ ଦଳଗୁଡ଼ିକ ନାନା ପ୍ରକାର ଅପପ୍ରଚାର କରୁଛନ୍ତି। ଏହାକୁ କୃଷକ ବିରୋଧୀ ଏବଂ ଗରିବ ବିରୋଧୀ ବୋଲି ସେମାନେ ଦର୍ଶାଉଛନ୍ତି। କିନ୍ତୁ କୃଷକ ଓ ଶ୍ରମିକ କଲ୍ୟାଣ ପାଇଁ ଏହି ଆଇନ୍‌ରେ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଶ୍ରୀ ମାଝୀ କହିଛନ୍ତି ଯେ ୨୦୦୫ରେ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା(ନରେଗା) ଆରମ୍ଭ କରାଯାଇଥିଲା। ଗତ ୨୦ ବର୍ଷ ଧରି ସାରା ଦେଶରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି। ୨୦୦୯ରେ ଉକ୍ତ ଯୋଜନାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତ ଯୋଜନା(ମନରେଗା)ରେ ନାମିତ କରାଯାଇଥିଲା। ମାତ୍ର ଏହାର ମୌଳିକ ଢାଞ୍ଚାରେ କୌଣସି ପରିବର୍ତ୍ତନ କରାଯାଇ ନ ଥିଲା। ଗାନ୍ଧୀଙ୍କ ନାମକୁ ବ୍ୟବହାର କରି ରାଜନୈତିକ ଫାଇଦା ଉଠାଇବାକୁ ୟୁପିଏ ସରକାର ଏହି ଯୋଜନା କାର୍ଯ୍ୟକାରୀ କରିଥିଲା। ଏଥିରେ ୧୦୦ ଦିନର ନିଶ୍ଚିନ୍ତ କର୍ମ ନିଯୁକ୍ତି ଦେବା ପାଇଁ ନିୟମ ଥିଲେ ମଧ୍ୟ ବାସ୍ତବରେ କେବଳ ୫୦ ଦିନ କାମ ମିଳୁଥିଲା। ସେହିପରି ଯେଉଁ ଭତ୍ତା ଦିଆଯାଉଥିଲା ତାହା ଅତ୍ୟନ୍ତ ନଗଣ୍ୟ ଥିଲା। ଏହି ଯୋଜନାରେ ବିଭିନ୍ନ ରାଜ୍ୟରେ ସେତେବେଳେ ଦୁର୍ନୀତି ମଧ୍ୟ ଦେଖିବାକୁ ମିଳିଥିଲା। ବିହାରରେ ୬୦୦୦ କୋଟି ଓ ଉତ୍ତରପ୍ରଦେଶରେ ୧୦ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଥିଲା। ପ୍ରଶାସନିକ ଦୂରଦୃଷ୍ଟି ଅଭାବରୁ ଯୋଜନାର ବାସ୍ତବ ▶ପୃଷ୍ଠା-୭

# 'ଓମ୍‌ସା' ଆନ୍ଦୋଳନ ଉପରେ 'ଏସ୍‌ମା'

## ଡାକ୍ତର ସଂଘ-ସରକାର ମୁହାଁମୁହିଁ

■ ଭୁବନେଶ୍ୱର, ୬।୧ (ସମିସ): ୧୦ ଦାବି ନେଇ ରାଜ୍ୟବ୍ୟାପୀ ଓମସା (ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ)ର ଆନ୍ଦୋଳନକୁ ନେଇ କଠୋର ହୋଇଛନ୍ତି ରାଜ୍ୟ ସରକାର। ଡାକ୍ତରଙ୍କ ଆନ୍ଦୋଳନ ଉପରେ ମଙ୍ଗଳାବାରଠାରୁ ଏସ୍‌ମା ଲାଗୁ କରିଛନ୍ତି। ଆସନ୍ତା ୬ ମାସ ଯାଏଁ ଡାକ୍ତରମାନେ ଆନ୍ଦୋଳନ/ଧର୍ମଘଟ କରିପାରିବେ ନାହିଁ। ଏ ନେଇ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ନିର୍ଦ୍ଦେଶନାମା ଜାରି କରାଯାଇଛି। ଅପରପକ୍ଷେ ଏସ୍‌ମା ଲାଗୁ ସତ୍ତ୍ୱେ ଆନ୍ଦୋଳନ ଜାରି ରହିବ ବୋଲି ଓମସାର ସମ୍ପାଦକ ଡାକ୍ତର ସଞ୍ଜୀବ ପ୍ରଧାନ କହିଛନ୍ତି।

ଗୃହ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ କୁହାଯାଇଛି ଯେ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ସରକାରୀ ସ୍ୱାସ୍ଥ୍ୟସେବାରେ ନିୟୋଜିତ ଡାକ୍ତର, ନର୍ସିଂ ଅଧିକାରୀ, ଫାର୍ମାସୀ ଅଧିକାରୀ, ପାରାମେଡିକାଲ ଷ୍ଟାଫ୍, ଟେକ୍ନିସିଆନ ଏବଂ ସମସ୍ତ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଉପରେ ଏହି କଟକଣା ଲାଗୁ କରାଯାଇଛି। ନିଜର ନ୍ୟାଯ୍ୟ ଦାବି ପୂରଣ ପାଇଁ ସୋମବାରଠାରୁ ସାରା ରାଜ୍ୟରେ ୨ ଘଣ୍ଟିଆ ଓପିଡି ସେବା ବର୍ଜନ କରିଛି ଓମସା। ଦିନବେଳା ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଓମସା ଓପିଡି ସେବାରେ ସହଯୋଗ କରୁନଥିବାରୁ ରାଜ୍ୟବ୍ୟାପୀ ସରକାରୀ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ଏନେଇ ଗତକାଲି ପ୍ରତିକ୍ରିୟା ରଖିବା ସହ ଡାକ୍ତରମାନେ ସ୍ୱାସ୍ଥ୍ୟସେବାରେ ସହଯୋଗ କରିବାକୁ ନିବେଦନ କରିଥିଲେ। ଏହାର ଦିନକ ପରେ ସରକାର ଡାକ୍ତରଙ୍କ ଧର୍ମଘଟ ଉପରେ ଏପରି କଟକଣା ଜାରି କରିଛନ୍ତି।

**୬ ମାସ ଯାଏଁ କରିପାରିବେନି ଧର୍ମଘଟ**

**ଆନ୍ଦୋଳନ ଜାରି ରଖିବାକୁ ଡାକ୍ତରଙ୍କ ଧମକ**

# ଅଡ଼ି ବସିଛନ୍ତି ମିଲର, ଧାନ କିଣା ବନ୍ଦ

## ଦାବିରେ ଯଥାର୍ଥତା ନାହିଁ, ଆନ୍ଦୋଳନ ଅନ୍ୟଦ୍ୱାରା ପରିଚାଳିତ: ମନ୍ତ୍ରୀ

■ ଭୁବନେଶ୍ୱର, ୬।୧ (ସମିସ): ସାରା ରାଜ୍ୟରେ ଧାନ କିଣାରେ ଅଚଳାବସ୍ଥା। ମଣ୍ଡିରେ ଧାନବସ୍ତା ପାହାଡ଼ ପ୍ରମାଣ ଗଦା ହୋଇଥିବା ବେଳେ ମିଲର ଧାନ କିଣୁ ନାହାନ୍ତି। ସରକାର ସେମାନଙ୍କ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଧାନ ଉଠାଯିବ ନାହିଁ ବୋଲି ମିଲର ରୋକଠୋକ୍ ଧମକ ଦେଇଛନ୍ତି। ମିଲର ଓ ସରକାରଙ୍କ ମଧ୍ୟରେ ଅନେକବାର ଆଲୋଚନା ହୋଇଥିଲେ ହେଁ ନିଷ୍କର୍ଷ ବାହାରି ନାହିଁ। ମିଲରମାନେ ସରକାରଙ୍କୁ ବିଶ୍ୱାସକୁ ନେଉନାହାନ୍ତି।। ଫଳରେ ଆଜି ମଧ୍ୟ ରାଜ୍ୟର କୌଣସି ମଣ୍ଡିରେ ଧାନ ଉଠିନାହିଁ। ସାରା ରାଜ୍ୟରେ ଧାନ ବିକିବାକୁ ଆସି ଚାଷୀମାନେ ଧାନ ଜଗି ବସି ରହିଛନ୍ତି। ଚାରି ଆଡୁ ଚାଷୀଙ୍କ ଦୁର୍ଦ୍ଦଶାର ଚିତ୍ର ସାମନାକୁ ଆସୁଥିବା ବେଳେ ଉତ୍ତରରୁ ଦକ୍ଷିଣ, ପୂର୍ବରୁ ପଶ୍ଚିମ ସବୁ ଆଡ଼େ ମଣ୍ଡିରେ ଚାଷୀ ହନ୍ତସନ୍ତ ହେଉଛନ୍ତି।

ଅନ୍ୟପଟେ ରାଜ୍ୟରେ ଚାଲିଥିବା ମିଲର୍ସ ଆନ୍ଦୋଳନକୁ ନେଇ ସମବାୟ ମନ୍ତ୍ରୀ ଆଜି ଏକ ଅଜବ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଆନ୍ଦୋଳନ ସ୍ୱାଭାବିକ ନୁହେଁ, ଏହା ଅନ୍ୟ କାହା ଦ୍ୱାରା ପରିଚାଳିତ ହେଉଛି। ସରକାରଙ୍କୁ ହରଡ଼ଘଣାରେ ବା ଅଡୁଆରେ ପକାଇବା ପାଇଁ ଏହା ଏକ ସୁଚିନ୍ତିତ ଯୋଜନା। ଆନ୍ଦୋଳନ କରୁଥିବା ମିଲର୍ସମାନଙ୍କ ଦାବିରେ କୌଣସି ଯଥାର୍ଥତା ନାହିଁ। ଯଦିଓ ଯୋଗାଣ ବିଭାଗ ପକ୍ଷରୁ ମିଲର୍ସମାନଙ୍କ ସହ ବାରମ୍ବାର ଆଲୋଚନା ଓ ବିଚାରବିମର୍ଶ କରାଯାଉଛି, କିନ୍ତୁ ଏପର୍ଯ୍ୟନ୍ତ କୌଣସି ସନ୍ତୋଷଜନକ ନିଷ୍କର୍ଷ ବାହାରି ପାରିନାହିଁ। ସରକାର ଆପୋସ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ନିରନ୍ତର ଚେଷ୍ଟା କରୁଛନ୍ତି। କିନ୍ତୁ ମିଲର୍ସମାନଙ୍କ ଅସହଯୋଗ କାରଣରୁ ପ୍ରକ୍ରିୟା ଅଟକି ରହିଛି। ମନ୍ତ୍ରୀ କହିଛନ୍ତି, ଯଦି ମିଲର୍ସମାନେ ଧାନ ରଖିବେ, ତେବେ ଯାଇ ମିଲିଂ ପ୍ରକ୍ରିୟା ଆଗକୁ ବଢ଼ିପାରିବ। ସରକାର ଏହି ସମସ୍ୟାକୁ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି ଏବଂ ଖୁବଶୀଘ୍ର ଏହାର ସମାଧାନ କରାଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ଅନ୍ୟପଟେ ସରକାର ଓ ମିଲର୍ସଙ୍କ ମଧ୍ୟରେ ବିବାଦ ଯୋଗୁଁ ▶ପୃଷ୍ଠା-୭

# ନାବାଳିକା ଦୁଷ୍କର୍ମ ଓ ହତ୍ୟାକାରୀକୁ ଫାଶୀଦଣ୍ଡ



■ ବରଗଡ଼, ୬।୧ (ସମିସ): ୨୦୨୪ରେ ପାଇକମାଳ ଥାନା ଅଞ୍ଚଳରେ ୭ବର୍ଷୀୟା ଜଣେ ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଭଳି ସଂଗିନ୍ ମାମଲାର ବିଚାର କରି ବରଗଡ଼ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ୍ କମ୍ ସ୍ପେସାଲ୍ ପକ୍ସୋ କୋର୍ଟ ଅଭିଯୁକ୍ତ ପ୍ରଶାନ୍ତ ବାଗ(୨୫) ଓରଫ୍ ବରିହାକୁ ଦୋଷୀ ସାବ୍ୟସ୍ତ କରିବା ସହ ଫାଶୀଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ମୃତ ନାବାଳିକାଙ୍କ ପରିବାରକୁ ୧୫ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଅପରାଧକୁ କୋର୍ଟ ବିରଳରୁ ▶ପୃଷ୍ଠା-୭

ଡାକ୍ତରଙ୍କ ଆନ୍ଦୋଳନ

## ୨ ଘଣ୍ଟା ଓପିଡ଼ି ବନ୍ଦ; ରୋଗୀ ହନ୍ତସନ୍ତ



**ବଣାଇଁ, ୬।୧(ସମିସ)**

ବଣାଇଁ ଉପଖଣ୍ଡସ୍ତରୀୟ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ ତରଫରୁ ରାଜ୍ୟସ୍ତରୀୟ ଓମସାର ନିଷ୍ପତ୍ତିକୁ ପାଳନ କରି ୧୮ ଦଫା ଦାବି ନେଇ ବଣାଇଁ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତରଙ୍କ ଦୁଇ ଘଣ୍ଟା କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ପୂର୍ବରୁ ୧୦ଟାରୁ ଦିନ ୧୧ ପର୍ଯ୍ୟନ୍ତ ଡାକ୍ତରମାନେ ଓପିଡିରେ ରୋଗୀଦେଖିବା ବନ୍ଦ କରୁଥିବା ବେଳେ ଆଜି ଠାରୁ ଓମ୍‌ସାର ନିର୍ଦ୍ଦେଶ କ୍ରମେ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟା ଓପିଡି ବନ୍ଦ କରି ଆନ୍ଦୋଳନ ଆରମ୍ଭ କରିଛନ୍ତି। ଯାହା ଫଳରେ ରୋଗୀମାନେ ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳିଛି। ସରକାର ଏହି ସମସ୍ୟାକୁ ଗୁରୁତର ସହ ଗ୍ରହଣ କରିବା ପାଇଁ ସମସ୍ତ ଡାକ୍ତର ନିବେଦନ କରିଛନ୍ତି। ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ସମେତ ସରସରା, ଗୁରୁଣ୍ଡିଆ, ଲହୁଣୀପଡ଼ା, କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ୍ୟ ସମସ୍ତ ଡାକ୍ତରମାନେ ଆଜି ଓପିଡି ସେବା ଦୁଇ ଘଣ୍ଟା ବନ୍ଦ କରିଥିବା ଦେଖିବାକୁ ମିଳିଥିଲା। ଯେପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ନ ଶୁଣିଛନ୍ତି, ସେ ପର୍ଯ୍ୟନ୍ତ ପ୍ରତିଦିନ ଦୁଇ ଘଣ୍ଟା ଓପିଡି ସେବା ବନ୍ଦ ରହିବ ବୋଲି ବଣାଇଁ ଓମସା ଶାଖା ତରଫରୁ ସୂଚନା ଦିଆଯାଇଛି।

## ଇନ୍ସପେକ୍ଟର ଓ ଏସ୍‌ଆଇସ୍ତରରେ ଅଦଳବଦଳ

**ରାଉରକେଲା, ୬।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ପୁଲିସ ଅଧୀନରେ କାର୍ଯ୍ୟରତ ଇନ୍ସପେକ୍ଟର ଓ ଏସ୍‌ଆଇ ସ୍ତରରେ ଅଦଳବଦଳ ହୋଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କ୍ରମରେ ୬ ଜଣ ଇନ୍ସପେକ୍ଟର ତଥା ହାତୀବାଡି ଥାନାରୁ ସୁରେନ୍ଦ୍ର କୁମାର ନାୟକଙ୍କ ପୁଲିସ ମୁଖ୍ୟାଳୟକୁ ବଦଳି ହୋଇଥିବା ବେଳେ ମୁଖ୍ୟାଳୟରୁ ଦିବ୍ୟ କୁମାର ଓରାମଙ୍କ ରାଇବୋଗ ଥାନା, ଗୀତାଞ୍ଜଳି ମିର୍ଦ୍ଧାଙ୍କ ହାତୀବାଡି ଥାନା, ଅମର ହୋତାଙ୍କ ଉସ୍ମା ଥାନା, ଯଶୋବନ୍ତୀ ବାଗଙ୍କ ତଳସରା ଥାନା ଓ ଅନିଲ କୁମାର ସାମଲଙ୍କ ରାଜଗାଙ୍ଗପୁର ଥାନାକୁ ବଦଳି ହୋଇଛି। ସେହିପରି ୪ ଜଣ ଏସଆଇ ତଥା କୁଆଁରମୁଣ୍ଡା ଫାଣ୍ଡିରୁ ଅଭୟ କୁମାର ମହାପାତ୍ରଙ୍କ ବୀରମିତ୍ରପୁର ଥାନା, ବିଜୟ କୁମାର ଦେହୁରୀଙ୍କ ବୀରମିତ୍ରପୁର ଥାନାରୁ କୁଆଁରମୁଣ୍ଡା ଫାଣ୍ଡି, ସୁଶିଲ କୁମାର ବଗର୍ତ୍ତିଙ୍କ ସଦର ଥାନାରୁ ବୋଲିଙ୍ଗା ଫାଣ୍ଡି ଓ ପ୍ରହ୍ଲାଦ କୁମାର ପ୍ରଧାନଙ୍କ ରାଇବୋଗା ଥାନାରୁ ଲେଫ୍ରିପଡ଼ା ଥାନାକୁ ବଦଳି ହୋଇଥିବା ଜଣାପଡ଼ିଛି।

## ଭାରତ ସ୍ୱାଭିମାନ ନ୍ୟାସର ସ୍ଥାପନା ଦିବସ



**ରାଉରକେଲା, ୬।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ପତଞ୍ଜଳି ଯୋଗ ପରିବାର ଆନୁକୂଲ୍ୟରେ ଆଜି ସେକ୍ଟର-୧୯, ଶାରଳା ମନ୍ଦିର ପ୍ରାଙ୍ଗଣରେ ଭାରତ ସ୍ୱାଭିମାନ ନ୍ୟାସର ସ୍ଥାପନା ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସହ ଜିଲ୍ଲା ବିଏସଟି ପ୍ରଭାରୀ ନରେନ୍ଦ୍ର କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଜିଲ୍ଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଜିଲ୍ଲା ମହିଳା ସୋସିଆଲ ମିଡ଼ିଆ ପ୍ରଭାରୀ ଆରତୀ କର, ଜିଲ୍ଲା ବିଏସଟି ମହାମନ୍ତ୍ରୀ ଆରତୀ ସାହୁ, ଜିଲ୍ଲା ମହିଳା ମହମନ୍ତ୍ରୀ ରଞ୍ଜିତା ପାଣିଗ୍ରାହୀ, ଜିଲ୍ଲା ସଂଗଠନ ମନ୍ତ୍ରୀ ସନ୍ଧ୍ୟାରାଣୀ ସାହୁ ଦିବସ ଉପରେ ବକ୍ତବ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଯୋଗ ଶିକ୍ଷକ ମାନସ ରଞ୍ଜନ ସାହୁ, ବିଷ୍ଣୁପ୍ରୀୟା ଦାଶ, କୌଶଲ୍ୟା ପୃଷ୍ଟି, ସସ୍ମିତା ସାହୁ, ଅଜିତ ପୃଷ୍ଟି, କଳ୍ପନା ପଣ୍ଡା, ଅନୁସୂୟା ବାରିକ, ତପସ୍ୱିନୀ ସାହୁ, ରଶ୍ମୀ ରେଖା ଦାସ, କଳ୍ପନା କୁମ୍ଭାର, ନିବେଦିତା ବେହେରା, ଟିକେଶ୍ୱର କାଲୋ, ସତ୍ୟାନନ୍ଦ ବିଶ୍ୱାଳ, ବିଜୟଲକ୍ଷ୍ମୀ ମହାନ୍ତ, ଗୀତାଞ୍ଜଳି ବେହେରା, ସୀତା ମୁର୍ମୁ, ନିବେଦିତା ବେହେରା, ଉର୍ମିଳା ସାହୁ, ଗଙ୍ଗାଧର ପୂହାନ, ଜ୍ୟୋସ୍ନା ରାଣୀ ରାଉତ, ରେବତୀ ବେହେରା, ଗାୟତ୍ରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ କେନ୍ଦ୍ର ପରିଚାଳିକା କୁନ୍ତଳା ସ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରି ମାମଲାରେ ୩ ଗିରଫ

**ରାଉରକେଲା, ୬।୧(ସମିସ):** ଛେଣ୍ଡ ଥାନା ଅନ୍ତର୍ଗତ ୨ଟି ଘରୁ ଚୋରି କରିବା ଅଭିଯୋଗରେ ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଫେଜ୍ ୧, ଏଲ୍/୬୬ ଘରର ସନ୍ଧ୍ୟାରାଣୀ ମହାପାତ୍ର ପରିବାର ସହ ଗତ ୨୨ ଡିସେମ୍ବରରେ ଭୁବନେଶ୍ୱରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ କବାଟ ତାଲା ଭାଙ୍ଗି ଚୋରି କରି ଫେରାର ହୋଇଯାଇଥିଲେ। ୨ ଜାନୁଆରୀରେ ସେ ଘରେ ପହଞ୍ଚିବା ପରେ ଚୋରି ସମ୍ପର୍କରେ ଜାଣି ପାରି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ମାଲଗୋଦାମ ବସ୍ତିର ଚନ୍ଦନ ସିଂ(୩୩) ଓ କାଶୀନାଥ ମାଝୀ (୩୬)କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ଠାରୁ ସ୍କୁଟି, ୩ ହଜାର ଟଙ୍କା, ସୁନା ଘଣ୍ଟା ସମେତ ରୁପା ସାମଗ୍ରୀ ଜବତ କରାଯାଇଛି। ଗିରଫ ଚନ୍ଦନଙ୍କ ନାଁରେ ଉଦିତନଗର, ରଘୁନାଥପାଲି, ଛେଣ୍ଡ, ଟାଙ୍ଗରପାଲି ଓ ବନ୍ଧମୁଣ୍ଡା ଥାନାରେ ମୋଟ ୩୨ଟି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି। ସେହିପରି କଳିଙ୍ଗ ବିହାର ଏମଆଇ/୨୦ରେ ରହୁଥିବା ସୁବ୍ରତ କୁମାର ସାହୁ ତାଙ୍କ ଘରୁ ଗତକାଲି ଜଣେ ଦୁର୍ବୃତ୍ତ ଗ୍ୟାସ ସିଲିଣ୍ଡର ଚୋରି କରି ଫେରାର ହେଉଥିବା ବେଳେ ସ୍ଥାନୀୟବାସିନ୍ଦାଙ୍କ ସହାୟତାରେ ସେ ଚୋରକୁ ଧରିବାରେ ସକ୍ଷମ ହୋଇଥିଲେ। ପରେ ଚୋରକୁ ପୁଲିସ ଜିମା ଦେଇଥିଲେ। ପୁଲିସ ଅଭିଯୁକ୍ତ ସେକ୍ଟର-୧୪ ଶାନ୍ତିନଗର ବସ୍ତିର ପ୍ରକାଶ ରାୟ(୨୭)କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିବା ସହ ତା'ଠାରୁ ଗୋଟିଏ ଗ୍ୟାସ ଭର୍ତ୍ତି ସିଲିଣ୍ଡର ଜବତ କରିଛି। ତା' ନାଁରେ ପୂର୍ବରୁ ଛେଣ୍ଡ ଓ ସେକ୍ଟର-୧୫ ଥାନାରେ ମୋଟ ୬ଟି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

## ଆର୍‌ଏସ୍‌ପିରେ ସଡକ ସୁରକ୍ଷା ରଥର ଶୁଭାରମ୍ଭ



**ରାଉରକେଲା, ୬।୧(ସମିସ):** ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି)ରେ ଜାତୀୟ ସଡକ ସୁରକ୍ଷା ମାସ ପାଳନ ଉପଲକ୍ଷେ ବିଭିନ୍ନ ସଡକ ସୁରକ୍ଷା ଦିଗ ଉପରେ ଜନସଚେତନତା ସୃଷ୍ଟି କରିବା ପାଇଁ ମଙ୍ଗଳବାର ସଡ଼କ ସୁରକ୍ଷା ରଥର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲାଇ ଇଡି (ୱାର୍କସ) ବିଲ୍ଡିଂ ନିକଟରେ ଦୁଇଟି ସୁରକ୍ଷା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ କାରଖାନାର ବହୁ ସିଜିଏମ, ବିଭାଗ ମୁଖ୍ୟ, ବିଭାଗୀୟ ସୁରକ୍ଷା ଅଧିକାରୀ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ପଲାଇ ସଡ଼କ ଦୁର୍ଘଟଣା ପରିପ୍ରେକ୍ଷୀରେ ମାନବ ଜୀବନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ନିଜର, ପରିବାର, ବନ୍ଧୁ, ସହକର୍ମୀ ଏବଂ ସମୁଦାୟ ସମାଜର ଉନ୍ନତି ପାଇଁ ନିଜେ ସୁରକ୍ଷା ଓ ଟ୍ରାଫିକ ନିୟମର କଡାକଡି ଅନୁପାଳନ କରିବା ସହିତ ଅନ୍ୟମାନଙ୍କୁ ମଧ୍ୟ କାରଖାନା ତଥା ବାହାରେ ଅନୁରୂପ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଟ୍ରାଫିକ ଓ କଞ୍ଚାମାଲ ବିଭାଗର ଜୁନିୟର ଇଞ୍ଜିନିୟର ଆରସି ମହାନ୍ତି ଏବଂ ବିଭାଗୀୟ ଦଳ ଦ୍ୱାରା ଏକ ସୁରକ୍ଷା ନାଟକ ମଞ୍ଚସ୍ଥ ହୋଇଥିଲା। ସୁରକ୍ଷା ଦାୟିତ୍ୱ ସନ୍ଦର୍ଭରେ ଏକ ସ୍ୱାକ୍ଷର ଅଭିଯାନ ମଧ୍ୟ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଏକ ସୁରକ୍ଷା ବୁଲେଟିନ ଉନ୍ମୋଚିତ ହୋଇଥିଲା। ସାରା ବର୍ଷ ପ୍ରତିଷେଧକମୂଳକ ଗାଡି ଚାଳନାର ସ୍ୱୀକୃତି ସ୍ୱରୂପ ଦୁଇ ଜଣ ଅଧିକାରୀ, ଦୁଇ ଜଣ କର୍ମଚାରୀ ଓ ଦୁଇଟି ଏଜେନ୍ସିକୁ ପୁରସ୍କୃତ କରାଯାଇଥିଲା। ଏନପିଏମ, ଏସପିପି ଓ ଡିଜିଟାଲାଇଜେସନ ବିଭାଗର ସିଜିଏମ ଆରକେ ମୁଦୁଲି, ପିପିସି ବିଭାଗର ସିଜିଏମ ସୁଶ୍ରୀ ସୁନିତା ସିଂହ, ସେବା ବିଭାଗର ସିଜିଏମ ଇନ୍‌ଚାର୍ଜ ଏସି ସରକାର ଯଥାକ୍ରମେ ଓଡିଆ, ଇଂରାଜୀ ଓ ହିନ୍ଦୀରେ ସୁରକ୍ଷା ସଂକଳ୍ପ ପାଠ କରାଇଥିଲେ। ଏହି ଉପଲକ୍ଷେ ଶୁଭାରମ୍ଭ ହୋଇଥିବା ଦୁଇଟି ସୁରକ୍ଷା ରଥରେ ସଡକ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ସମ୍ବଳିତ ବ୍ୟାନର ଓ ଚିତ୍ର ରହିଛି। ଗୋଟିଏ ସୁରକ୍ଷା ରଥ କାରଖାନାର ବିଭିନ୍ନ ୟୁନିଟ୍ ଦେଇ ଯାତ୍ରା କରିବ ଏବଂ ଅନ୍ୟଟି ସହରାଞ୍ଚଳରେ ସୁରକ୍ଷା ବାର୍ତ୍ତା ପ୍ରସାର କରିବ ବୋଲି ସୂଚାଯାଇଛି। ସଡକ ସୁରକ୍ଷା ମାସ ପାଳନ ଅବସରରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ସହ ମିଳିତ ଭାବରେ ବିଭିନ୍ନ ବିଭାଗ ଦ୍ୱାରା ରଣନୀତିକ ସ୍ଥାନରେ ସଡକ ସୁରକ୍ଷା ମାନବ ଶୃଙ୍ଖଳ ଆୟୋଜିତ ହେଉଛି। କାରଖାନାର ଗେଟଗୁଡ଼ିକରେ ସଡକ ସୁରକ୍ଷା ଲିଫଲେଟ ବିତରଣ, ଗାଡି ଷ୍ଟିକରିଙ୍ଗ, ବିଭିନ୍ନ ବିଭାଗର କର୍ମଚାରୀ ଏବଂ ଠିକା ଶ୍ରମିକଙ୍କ ପାଇଁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ପ୍ରତିଯୋଗିତା ଏବଂ ସୁରକ୍ଷା ତାଲିମ ପ୍ରଭୃତି ଏହି କାର୍ଯ୍ୟକ୍ରମର ପର୍ଯ୍ୟାୟଭୁକ୍ତ ରହିଛି। ଅଗ୍ନିଶମ ଓ ସୁରକ୍ଷା ବିଭାଗର ସିଜିଏମ୍ ହିରଲାଲ ମହାପାତ୍ର, ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅବକାଶ ବେହେରା ଓ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଏଜିଏମ୍ ବିକ୍ରମ ପାଢ଼ୀଙ୍କ ମାର୍ଗଦର୍ଶନରେ ଏହି ଅଭିଯାନ ଅନ୍ତର୍ଗତ ବିଭିନ୍ନ ପ୍ରୟାସ ଅନୁଷ୍ଠିତ ହେଉଥିବା ଜଣାପଡ଼ିଛି।

## ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଅଭିଯୋଗ ଶୁଣାଣି

**ରାଉରକେଲା, ୬।୧(ସମିସ):** ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲର ସଂଶୋଧନ ଲାଗି ରାଉରକେଲା ସହର ତଥା ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଳିତ ଜାନୁୟାରୀ ମାସ ପାଇଁ ବିଶେଷ ଅଭିଯୋଗ ଶୁଣାଣିର ଆୟୋଜନ ହେବ। ଧାର୍ଯ୍ୟ ତାରିଖ ଅନୁଯାୟୀ ନିଜ ନିଜ ଅଞ୍ଚଳରେ ଉପସ୍ଥିତ ରହି ବାକିଥିବା ନିଜର ବିବାଦୀୟ ବିଦ୍ୟୁତ୍ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିପାରିବେ ବୋଲି ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଅନୁରୋଧ କରାଯାଉଛି। ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ ନିମ୍ନଲିଖିତ ତାରିଖ ଅନୁଯାୟୀ ରାଉରକେଲା ସହର ତଥା ସୁନ୍ଦରଗଡ଼ ଜିଲ୍ଲା ସ୍ଥିତ ଟିପିଡବ୍ଲୁଡିଏଲର ବିଭିନ୍ନ ସେକ୍ସନ ଅଫିସ୍ ମାନଙ୍କରେ ଅନୁଷ୍ଠିତ ହେବ। ରାଉରକେଲା ସହରରେ ଆସନ୍ତା ୮ ତାରିଖ ଦିନ ପାୱାର ହାଉସ ସ୍ଥିତ ସେକ୍ସନ ଅଫିସଠାରେ ଏହି ଅଭିଯୋଗ ଶୁଣାଣି ଶିବିରର ଆୟୋଜନ ହେବ। ସେହିପରି ଜାନୁୟାରୀ ୧୨ ତାରିଖ ଦିନ ଲାଠିକଟା, ଜାନୁୟାରୀ ୧୫ ତାରିଖ ଦିନ ଝିରପାଣି, ଜାନୁୟାରୀ ୧୯ ତାରିଖ ଦିନ ବାସନ୍ତୀ, ଜାନୁୟାରୀ ୨୦ ତାରିଖ ଦିନ ମହୁଲଡିହା, ଜାନୁୟାରୀ ୨୭ ତାରିଖ ଦିନ ବନ୍ଧମୁଣ୍ଡା ସ୍ଥିତ ସେକ୍ସନ ଅଫିସଠାରେ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଥିବା ସୂଚନା ମିଳିଛି। ସେହିପରି ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ସବଡେଗା ସ୍ଥିତ ସେକ୍ସନ ଅଫିସଠାରେ ବୁଧବାର ତଥା ଜାନୁୟାରୀ ୭ ତାରିଖ, ଜାନୁୟାରୀ ୧୩ ତାରିଖରେ କଲୁଙ୍ଗା, ଜାନୁୟାରୀ ୧୭ ତାରିଖରେ ହାତୀବାରି, ଜାନୁୟାରୀ ୨୧ ତାରିଖରେ ଗୋପାଳପୁର, ଜାନୁୟାରୀ ୨୨ ତାରିଖରେ କାଂସବାହଲ ସ୍ଥିତ ସେକ୍ସନ ଅଫିସଠାରେ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯିବ ବୋଲି ସୂଚନା ମିଳିଛି।

## ବସୁଧୈବ କୁଟୁମ୍ବକମ୍ ପକ୍ଷରୁ କମ୍ବଳ ବଣ୍ଟନ



**ରାଉରକେଲା, ୬।୧(ସମିସ):** ରାଉରକେଲା ସହରର ଏକ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ବସୁଧୈବ କୁଟୁମ୍ବକମ୍ ପକ୍ଷରୁ ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାରରେ ଏକ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରବଳ ଶୀତର ପ୍ରକୋପ ସାରା ସହରରେ ଅନୁଭୂତ ହୋଇଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ୭୫ରୁ ଊର୍ଦ୍ଧ୍ୱ ଛେଣ୍ଡ ବସ୍ତିର ଅସହାୟ ବରିଷ୍ଠ ନାଗରିକମାନଙ୍କୁ କମ୍ବଳ ବଣ୍ଟନ ସହିତ ଜଳପାନର ବ୍ୟବସ୍ଥା କରାଯାଇଥିଲା। ଅନୁଷ୍ଠାନର ସଭାନେତ୍ରୀ ବିଜୟ ଲକ୍ଷ୍ମୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆବାହକ ହରିହର ଶତପଥୀ, ସାଧାରଣ ସମ୍ପାଦକ ଅନୀଲ ଦାଶଙ୍କ ମିଳିତ ସହଯୋଗରେ ହୋଇଥିବା କାର୍ଯ୍ୟକ୍ରମରେ ଅତିଥି ଭାବେ ନଳିନୀପ୍ରଭା ପଟ୍ଟନାୟକ, ମହେନ୍ଦ୍ର କୁମାର ପଟ୍ଟନାୟକ, ନବଘନ ସାହୁ, ଗୋଲାକବିହାରୀ ମଙ୍ଗରାଜ, ସୁବାଷଚନ୍ଦ୍ର ମହାପାତ୍ର, ଅଭୟ କୁମାର ଦାସ, ଶ୍ରୀନିବାସ ରାୟ, ଶମ୍ଭୁନାଥ ପରିଡ଼ା, ନଗେନ ସାମନ୍ତରାୟ, ସଚ୍ଚିକାନ୍ତ ବିଶ୍ୱାଳ, ପ୍ରଭାତୀ ଗୋସ୍ୱାମୀ, ପ୍ରତିମା ମିଶ୍ର, ସ୍ମିତାରାଣୀ ପ୍ରଧାନ, କୁଞ୍ଜବିହାରୀ ରାଉତ, ଜଗବନ୍ଧୁ ଜେନା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଗିରିଜା ଶଙ୍କର ଗୋସ୍ୱାମୀ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ସୂର୍ଯ୍ୟନାରାୟଣ ପଣ୍ଡା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

**ରାଉରକେଲା, ୬।୧(ସମିସ):** ସୁନ୍ଦରଗଡ଼ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ର ପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନ ଧରି ଚାଲିବାକୁ ଥିବା ଏହି ମେଳାରେ ଜିଲ୍ଲାର ୧୭ ଗୋଟି ବ୍ଲକରୁ ୧୨୦୦ରୁ ଊର୍ଦ୍ଧ୍ୱ ସଂଖ୍ୟାରେ ମତ୍ସ୍ୟ ଓ ପ୍ରାଣୀ ପାଳକ ଭାଗ ନେଇଛନ୍ତି। ଏହି ଜିଲ୍ଲାସ୍ତରୀୟ ମେଳାରେ ମୁଖ୍ୟଅତିଥି ଭାବରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦର ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌରପାଳିକାର ଅଧ୍ୟକ୍ଷା ତନୟା ମିଶ୍ର ଅତିଥି ଭାବରେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସୁନ୍ଦରଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ଲକ୍ଷ୍ମୀପ୍ରିୟା ପ୍ରଧାନ ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ ସନ୍ତୋଷ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ସଭା ପରିଚାଳନା ଦାୟିତ୍ୱ କୋଇଡ଼ା ସହକାରୀ ମତ୍ସ୍ୟ ଅଧିକାରୀ ଆକାଂକ୍ଷା ଦାସ ତୁଲାଇ ଥିଲେ। ସଭାରେ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ହେମଗିରି ବ୍ଲକର ସଫଳ କୁକୁଡା ଚାଷୀ ପ୍ରଦୀପ କୁମାର ସାହୁ, କୁଆରମୁଣ୍ଡା ବ୍ଲକର ସଫଳ ଛେଳି ପାଳକ ସୁଧୁର ବିଞ୍ଝିଆ, ଲହୁଣୀପଡ଼ା ବ୍ଲକର ସଫଳ ଛେଳି ପାଳନ ପାଇଁ ଗାୟତ୍ରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମତ୍ସ୍ୟ ସମ୍ପଦ ବିଭାଗ ତରଫରୁ ରାଜଗାଙ୍ଗପୁର ବ୍ଲକର ବଦ୍ରୀନାଥ ମିଞ୍ଜ ଓ ଲାଠିକଟା ବ୍ଲକର ବିଜଚନ୍ଦ୍ର ଖାଲୋକୋଙ୍କୁ ସଫଳ ମତ୍ସ୍ୟ ଚାଷୀ ଭାବରେ ସମ୍ବର୍ଦ୍ଧିତ କରଯାଇଥିଲା। ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଆୟୋଜିତ କୃଷକ ବୈଜ୍ଞାନିକ ଆଲୋଚନାଚକ୍ରରେ ଡଃ ବସନ୍ତ କୁମାର ଧଳ, ଡଃ ନବୀନ କୁମାର ମିଶ୍ର, ମତ୍ସ୍ୟ ବିଭାଗ ତରଫରୁ ନଳିନୀକାନ୍ତ ଦାସ ଓ ମୃତ୍ୟୁଞ୍ଜୟ ଘଡେଇ ଯୋଗଦେଇଥିଲେ। ଶେଷରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ବିବେକ ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ।

ବନ୍ଧମୁଣ୍ଡାରେ ଷଣ୍ଢ ଉପଦ୍ରବ

## ୩ ଦିନରେ ୩ ଆହତ, ଜଣେ ଗୁରୁତର

**ରାଉରକେଲା, ୬।୧(ସମିସ):** ବନ୍ଧମୁଣ୍ଡା ଡିଜେଲ କଲୋନୀଠାରେ ଏକ ବୁଲା ଷଣ୍ଢର ଉପଦ୍ରବ ଦେଖିବାକୁ ମିଳିଛି। ଗତ ୩ ଦିନରେ ଷଣ୍ଢ ଆକ୍ରମଣରେ ୩ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଯାହାକୁ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ହୋଇ ପଡ଼ିଥିବା ବେଳେ ଘରୁ ବାହାରିବାକୁ ଭୟ କରୁଛନ୍ତି। ମଙ୍ଗଳବାର ରାଉରକେଲା ମହାନଗର ନିଗମର କର୍ମଚାରୀମାନେ ପହଞ୍ଚି ଷଣ୍ଢକୁ କାବୁ କରିବାକୁ ଚେଷ୍ଟା କରି ବିଫଳ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଷଣ୍ଢ ଆକ୍ରମଣରେ ଭେଙ୍କଟ ରାଓ, ନୀତିଶ କୁମାର ଓ ଅବତାର ଆହତ ହୋଇଥିବା ବେଳେ ୱାଇ. ରାଜୁ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ତାଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଛି। ତେବେ ଉକ୍ତ ଅଞ୍ଚଳରେ ବୁଲା ଷଣ୍ଢଙ୍କ ଆତଙ୍କ ଦୁଇ ବର୍ଷ ଧରି ଜାରି ରହିଛି। ଗତ ଦୁଇ ବର୍ଷ ଧରି ରାସ୍ତା, ଖେଳ ପଡ଼ିଆରେ ଷଣ୍ଢ ଲଢ଼େଇ ସାଧାରଣ ହୋଇଗଲାଣି। ସ୍ଥାନୀୟ ସି ସେକ୍ଟର ଓ ଡିଜେଲ କଲୋନୀର ମୁଖ୍ୟ ବଜାର ଭଳି ବ୍ୟସ୍ତବହୁଳ ଅଞ୍ଚଳରେ ଷଣ୍ଢ ତାଣ୍ଡବ ପରିସ୍ଥିତିକୁ ଆହୁରି ଗମ୍ଭୀର ଅବସ୍ଥାକୁ ନେଇ ଯାଇଥାଏ। ପ୍ରାୟ ସମୟରେ ବଡ଼ ଦୁର୍ଘଟଣା ଆଶଙ୍କାକୁ ଏଡାଇ ଦିଆଯାଇ



ନପାରେ। ତେବେ ଉକ୍ତ ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ନିଗମ ପକ୍ଷରୁ ସମାଧାନ ହୋଇପାରୁ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯଥାଶୀଘ୍ର କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ତେଣୁ ଉକ୍ତ ଅଞ୍ଚଳରେ ବୁଲା ଷଣ୍ଢଙ୍କ ଉପଦ୍ରବ ଦିଗକୁ ନେଇ ପ୍ରଶାସନ ବିଶେଷ ଧ୍ୟାନ ଦେବାକୁ ଦାବି କରାଯାଇଛି।

## ଫୁଟବଲ୍ ଟୁର୍ଣ୍ଣାମେଣ୍ଟ: ପାଣ୍ଡରାଟୋଲି ଚାମ୍ପିଅନ୍



**କୁତ୍ରା, ୬।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ବିରତୋଲାଠାରେ ଆୟୋଜିତ ତ୍ରିଦିବସୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ପାଣ୍ଡରାଟୋଲି ଚାମ୍ପିଅନ୍ ହୋଇଥିବା ବେଳେ ତରୁନ ବ୍ରଦରସ ରନର୍ସଅପ୍, ବି.କେ ବ୍ରଦରସ ଲାଇନ ତୃତୀୟ ସ୍ଥାନ ଓ ଜୟ ବଜରଙ୍ଗବଳି କ୍ଲବ୍ ଚତୁର୍ଥ ସ୍ଥାନରେ ରହିଥିଲେ। ବିଜେତା ଦଳକୁ ୩୦ହଜାର ଓ ଟ୍ରଫି, ରନର୍ସଅପକୁ ୨୦ହଜାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଜେପି ବ୍ଲକ ସଭାପତି ରାଜେଶ ଲାକ୍ରା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ରମେଶ ସିଂ, ରାଜେନ କେରକେଟା, ଦିପକ ମହାନନ୍ଦିଆ, ବ୍ରହ୍ମ ହେସ, ପ୍ରକାଶ କେରକେଟା, ଅଜୟ ହେସ, ପୂର୍ବାପଲି ପୂର୍ବତନ ସରପଞ୍ଚ ଶଶୀଧର ଲାକ୍ରା, ଏଲଆଇସି ଅଫିସର ମକୁନ ନାଥ ଯୋଗଦେଇଥିଲେ। କମିଟିର ବସନ୍ତ ମାଝୀ, ବିକାଶ ମାଝୀ, ଲବଣୀ ମାଝୀ, ଚମିନ୍ଦ୍ର ମାଝୀ, ମକୁନ୍ଦ ମାଝୀ ଓ ବିପିନ ମାଝୀ ସହଯୋଗ କରିଥିଲେ।

ଲୋକନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ଶିଳ୍ପ ବିସ୍ଥାପିତଙ୍କ ସଂଘର୍ଷର କାହାଣୀ ବଖାଣିଲା 'ରଣକୁହୁଡ଼ି'

**ରାଉରକେଲା, ୬।୧(ସମିସ)**

ସ୍ଥାନୀୟ ସିଭିକ୍ ସେଣ୍ଟର୍‌ଠାରେ ରାଉରକେଲାର କଲଚରାଲ ଏକାଡ଼େମୀ ପକ୍ଷରୁ ଆୟୋଜିତ ୩୮ତମ ଲୋକନାଟକ ମହୋତ୍ସବର ତୃତୀୟ ସଂଧ୍ୟାରେ କାର୍ତ୍ତିକ ଜେନାଙ୍କ ନିର୍ଦ୍ଦେଶନାରେ କଳାବିକାଶ କେନ୍ଦ୍ର, ଯାଜପୁର ଦ୍ୱାରା ନାଟକ 'ରଣକୁହୁଡି' ମଞ୍ଚସ୍ଥ ହୋଇଥିଲା। ଶିଳ୍ପ ପାଇଁ ବିସ୍ଥାପିତଙ୍କ ନିଜର ଅଧିକାର ପାଇଁ ସଂଘର୍ଷର କାହାଣୀ ନାଟକରେ ପ୍ରତିଫଳିତ ହୋଇଥିଲା। ଯାହା ଦର୍ଶକଙ୍କୁ ଆତ୍ମ ବିଭୋର କରିଥିଲା। ଏ ଦୁନିଆଟା ନୁଖୁରା ବାଲାର ନୁହେଁ ପଇସା ବାଲାର। ଶିଳ୍ପପତି ପ୍ରତିଶ୍ରୁତିକୁ ବିଶ୍ୱାସ କରି ସୁକିନ୍ଦା ଅଞ୍ଚଳର ଆଦିବାସୀ ୨୨ ଭୋଇ ପରିବାର ଆଜି ବିସ୍ଥାପିତ, ପ୍ରକୃତି ସୃଷ୍ଟି କରିଥିବା ମଣିଷ ଆଜି ହା-ହତାସ, ପାଠ ପଢ଼ା ପୁଅ ଆଜି ଦିନ ମଜୁରିଆ। ବିସ୍ଥାପିତ ଲୋକମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଜମି, ଜଳରୁ ବଞ୍ଚିତ। ବଞ୍ଚିବାର ଅଧିକାରକୁ ନେଇ ଜିଲ୍ଲାପାଳଙ୍କୁ ଗୁହାରୀ କଲେବି ତାହା ନିଷ୍ଫଳ। ମୁରବୀ ମଣିଷଟା ସମସ୍ତଙ୍କ ପାଖରୁ ଗାଳି ଫଜିତ୍ ଶୁଣି ନ୍ୟାୟକୁ ଅପେକ୍ଷା କରି ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଆତ୍ମହତ୍ୟାର ଉଦ୍ୟମ କରେ। ଏଭଳି ଏକ କଥାବସ୍ତୁକୁ ନେଇ ଗତିଶୀଳ ହୋଇଥିଲା ନାଟକ 'ରଣକୁହୁଡ଼ି'। ନାଟକ 'ରଣକୁହୁଡ଼ି'ର ନିର୍ଦ୍ଦେଶନା କାର୍ତ୍ତିକ ଜେନା ଦେଇଥିବା ବେଳେ ସଙ୍ଗୀତରେ ବରୁନ୍ କୁମାର ଜେନା, ମଞ୍ଚସଜ୍ଜାରେ ଛାୟାପତି ଜେନା ଓ ବିକ୍ରମ ଦାସ ସହଯୋଗ କରିଥିଲେ। ବିଭିନ୍ନ ଭୂମିକାରେ ପ୍ରମୋଦ କୁମାର ପଣ୍ଡା, ନିଶାକର ସ୍ୱାଇଁ, ନିର୍ମଳ ଚନ୍ଦ୍ର ପତି, ସୁବ୍ରତ କୁମାର ମହାପାତ୍ର, ନରେଶ କୁମାର ପୃଷ୍ଟି, ବିପିନ୍ ବିହାରୀ ସେନାପତି, ପ୍ରକାଶ କୁମାର ମିଶ୍ର, ଲିସାରାଣୀ ଦାସ, ସ୍ୱର୍ଣ୍ଣଶ୍ରୀ ସାହୁ, ଶୀକାନ୍ତ ରାଉଳ (ଶିଶୁ) ଚମତ୍କାର ଅଭିନୟ କରିଥିଲେ। ଲୋକନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ କଲଚରାଲ ଏକାଡେମୀର ସଭାପତି ପଶୁପତି ନାଥ ଚାଟ୍ଟାର୍ଜୀ ଅଧ୍ୟକ୍ଷତା କରିବା ସହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ବ୍ୟାଜ୍ ପ୍ରଦାନ କରିଥିଲେ ବବିତା ମହାପାତ୍ର। ବରେଣ୍ୟ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର ପ୍ରାକ୍ତନ ମହାପରିଚାଳକ ଅଭୟ ଦାସ ଯୋଗଦେଇ କଲଚରାଲ ଏକାଡେମୀର ଲୋକନାଟକ ମହୋତ୍ସବ ରାଉରକେଲା ପରି ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ଅଭିବୃଦ୍ଧି ନିମନ୍ତ ଯେତିକି ସଚେତନତା ସୃଷ୍ଟି କରୁଛି ସେତିକି ସାମ୍ପ୍ରତିକ ସମସ୍ୟା ସମ୍ପର୍କରେ ଜନ ସଚେତନତା ଜାଗ୍ରତ କରୁଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଆଇନଜୀବୀ ସଦାନନ୍ଦ ସାହୁ ଯୋଗଦେଇ କଲଚରାଲ ଏକାଡେମୀର ଏହି ନିରନ୍ତର ପ୍ରୟାସ ହେତୁ କଳା, ସାହିତ୍ୟ ଏବଂ ପରିବେଷକୁ ନେଇ ସମ୍ପ୍ରତି ଲୋକନାଟକ ମହୋତ୍ସବ ଓଡ଼ିଶାରେ ନିଜର ପରିଚୟ ସୃଷ୍ଟି କରିପାରିଛି ବୋଲି କହିଥିଲେ। କଲଚରାଲ ଏକାଡେମୀର ସାଧାରଣ ସମ୍ପାଦକ କାଶୀନାଥ ପାତ୍ର ସଭା ପରିଚାଳନା କରିଥିବା ବେଳେ ପ୍ରତାପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କଲଚରାଲ ଏକାଡେମୀର ସଦସ୍ୟ ସଦସ୍ୟା ଡ. ଶ୍ରୀକାନ୍ତ ମହାନ୍ତି, ଡ. ପ୍ରଭାତ ମଲ୍ଲିକ, ଅକ୍ଷୟ କୁମାର ସାମଲ, ଡା. କୃପାସିନ୍ଧୁ ନାୟକ, ଡ. ନଗେନ ଦାସ, ଅକ୍ଷୟ ପଣ୍ଡା, ସୁଜିତ କୁମାର ନାଏକ, କିଶୋର ଚନ୍ଦ୍ର ବେହେରା, ଆଲୋକ ବୋଷ, ନୃସିଂହ ରାଉତ, ବିଚିତ୍ରାନନ୍ଦ ସାହୁ, ବଳରାମ ରାଉଳ, ବିଷ୍ଣୁପ୍ରିୟା ମହାପାତ୍ର, ସୁକାନ୍ତ ମହାପାତ୍ର, ସୁକାନ୍ତ ଖୁଣ୍ଟିଆ, ପ୍ରତାପ କୁମାର ପଣ୍ଡା, ଡ. ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ: 022-22820427

ଆବେଦନ କରିବା ପାଇଁ QR କୋଡ୍ ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/19 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 ଅନୁସାରେ) |
|---|---|---|
| ଉପାଧ୍ୟକ୍ଷ (ନିବେଶକ ସମ୍ପର୍କ) | 1 | 50 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 03.01.2026 ରୁ 23.01.2026 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 03.01.2026

ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

# ଝାରସୁଗୁଡ଼ାରେ ଅବୈଧ ଜମି କାରବାର ବିରୋଧରେ ପ୍ରତିବାଦ

ଝାରସୁଗୁଡ଼ା, ୬।୧(ସମିସ)

ଝାରସୁଗୁଡ଼ା ପୌରପରିଷଦ ଅଧୀନ ସାରସମାଲ ଗାଁ ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ୱେ'ର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜମିରେ ବିରାଟ ଧରଣର ଅବୈଧ ଜମି କାରବାର ହୋଇଥିବା ନେଇ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଝାରସୁଗୁଡ଼ାର ଏହି ଅଞ୍ଚଳରେ ପ୍ରାୟ ଗ୍ରାମ୍ୟ ଜଙ୍ଗଲ, ବଡ ଜଙ୍ଗଲ, ଗୋଚର ଜମି ଓ ଅନ୍ୟାନ୍ୟ କିସମର ସରକାରୀ ଜମି ରହିଥିଲା। କିନ୍ତୁ କୌଣସି ମତେ ସମଗ୍ର ଜମିକୁ ଝାରସୁଗୁଡ଼ାର କିଛି ମୁଷ୍ଟିମେୟ ପରିବାର ତାଙ୍କ ନାମରେ ନେଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ସାରସମାଲ ଗ୍ରାମବାସୀ ଓ ଯୁବ ସାମ୍ମୁଖ୍ୟର ମିଳିତ ଉଦ୍ୟମରେ ଆଜି ଝାରସୁଗୁଡ଼ା ଜିଲ୍ଲାପାଳ ଅଫିସକୁ ହଜାର ହଜାର ମହିଳା ପୁରୁଷ, ଯୁବକ ଯୁବତୀ ଘେରି ଯାଇଥିଲେ। ଯୁବ ସାମ୍ମୁଖ୍ୟର ସାମ୍ବାଦିକ ବିବୃତି ଅନୁସାରେ ଏହି ଜମି ଗୁଡିକ କେଉଁଭଳି ଭାବେ ସେହି ମୁଷ୍ଟିମେୟ ପରିବାର ବର୍ଗଙ୍କ ନାମରେ ନାମିତ ହୋଇଛି ଏବଂ ସେମାନଙ୍କୁ ଜମିପଟ୍ଟା ମିଳିଛି ତାର କୌଣସି ପ୍ରକାର ନଥିପତ୍ର ଜିଲ୍ଲା ରେକର୍ଡ ରୁମ, ତହସିଲ କାର୍ଯ୍ୟାଳୟ ତଥା ସମ୍ବଲପୁର ବନ୍ଦୋବସ୍ତ କାର୍ଯ୍ୟାଳୟରେ ମିଳିପାରୁ ନାହିଁ। ଶହ ଶହ କୋଟି ମୂଲ୍ୟର ଜାଗା ଗୁଡିକ




ହେରଫେର କରି କିଛି ମୁଷ୍ଟିମେୟ ପରିବାର ସେମାନଙ୍କ ଅଧିକାରକୁ ନେଇଛନ୍ତି। ଅନ୍ୟତ୍ର ସେହି ଜାଗାରେ ପିଢ଼ି ପିଢ଼ି ଧରିରହି ଆସୁଥିବା ସ୍ଥାନୀୟ ଗ୍ରାମବାସୀ କୌଣସି ପ୍ରକାର ଲାଭ ଅଥବା ଭୂ-ସ୍ୱାମୀତ୍ୱର ଅଧିକାର ପାଇ ନାହାନ୍ତି। ପୂର୍ବବର୍ତ୍ତୀ ସରକାର ମାନେ ଅନେକ ସମୟରେ ବସ୍ତି ପଟ୍ଟା ଆକାରରେ ଏଠାକାର ଭୂମିହୀନ ମାନଙ୍କୁ ଜମିପଟ୍ଟା ଆବଣ୍ଟନ କରିଥିଲେ। ହେଲେ ଏବେ ଯାଏ ଜମି ଚିହ୍ନଟ କିମ୍ବା ଦଖଲ କରିବା ପ୍ରକ୍ରିୟା ହୋଇନାହିଁ। ଏହା ସମ୍ପୂର୍ଣ୍ଣ ଭାବେ ପ୍ରତାରଣା ବୋଲି ଗ୍ରାମବାସୀ ତଥା ସାମ୍ମୁଖ୍ୟ ପ୍ରକାଶ କରିଛି। ଗ୍ରାମବାସୀ ତଥା ସାମ୍ମୁଖ୍ୟର ସକ୍ରିୟ ସଦସ୍ୟ ରୁପେଶ ମୁଣ୍ଡାଙ୍କ ନେତୃତ୍ୱରେ ହୋଇ ଥିବା ଏହି ଆନ୍ଦୋଳନ ଶୋଭାଯାତ୍ରା ବେହେରାମାଲ କିଷାନ ଛକରୁ ବାହାରି ଜିଲ୍ଲାପାଳ ଅଫିସ ପର୍ଯ୍ୟନ୍ତ ଆସିଥିଲା। ସେଠାରେ ଗଣଧାରଣାରେ ବସିବା ପରେ ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନଙ୍କୁ ଏକ ଦାବିପତ୍ର କରାଯାଇଥିଲା। ଏହି ଜମି ଦୁର୍ନୀତିର ପୁଙ୍ଖାନୁପୁଙ୍ଖ ଯାଞ୍ଚ ପାଇଁ କମିଟି ଗଠନ କରାଯାଉ ଯେଉଁଥିରେ ଦୁଇ ଜଣ ଗ୍ରାମବାସୀଙ୍କୁ ସଦସ୍ୟ ଭାବେ ରଖାଯାଉ ବୋଲି ଆନ୍ଦୋଳନକାରୀ ଜିଲ୍ଲାପାଳଙ୍କ ସମ୍ମୁଖରେ ଦାବି ଉପସ୍ଥାପନ କରିଥିଲେ। ଜମିପଟ୍ଟା ମିଳିଥିବା ଜମିହୀନ ଗ୍ରାମବାସୀଙ୍କୁ ଜମି ଚିହ୍ନଟ କରାଯାଇ ଦଖଲ ପ୍ରଦାନ କରାଯାଉ, ସମଗ୍ର ଜଙ୍ଗଲ କିସମ ଜମିକୁ ଚିହ୍ନଟ କରି ପୁନଃ ବନୀକରଣ କରାଯାଉ ଏବଂ ସାର୍ବଜନୀନ ବ୍ୟବହାର ଉପଯୋଗୀ ସରକାରୀ ଜମି ଗୁଡିକୁ ଗ୍ରାମବାସୀଙ୍କୁ ହସ୍ତାନ୍ତର କରାଯାଉ ବୋଲି ମଧ୍ୟ ସେମାନେ ଦାବି ରଖିଥିଲେ। ଯଦି ଏହି ଦାବି ଗୁଡିକ ଏକ ମାସ ମଧ୍ୟରେ ପୂରଣ ନହୁଏ ତେବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗ୍ରାମବାସୀ ଅନଶନରେ ବସି ରହିବେ ବୋଲି ଜିଲ୍ଲାପାଳଙ୍କୁ ଶୁଣାଇ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ସାମ୍ମୁଖ୍ୟର ଆଦିବାସୀ ମାମଲା ଉପଦେଷ୍ଟା ପ୍ରଭାକର ଓରାମ, ଦଳିତ ବର୍ଗ ମାମଲା ଉପଦେଷ୍ଟା ରବୀନ୍ଦ୍ର ସୋହେଲା, ସାମ୍ମୁଖ୍ୟର ପର୍ଯ୍ୟବେକ୍ଷକ ଜିତେନ୍ଦ୍ରିୟ ଧୁରୁଆ, ସହପର୍ଯ୍ୟବେକ୍ଷକ ଅସିମ ପଟେଲ, ସାଧାରଣ ସମ୍ପାଦକ ନନ୍ଦୁ ରୋହିଦାସ, ଗ୍ରାମବାସୀ କାଶୀନାଥ ମୁଣ୍ଡା, ଜଗନ୍ନାଥ ମୁଣ୍ଡା, ନାୟକ ବାରଲା, ଶ୍ୟାମସୁନ୍ଦର ବାରଲା, ଅମିତ ମୁଣ୍ଡା, ଧର୍ମରାମ ରୋହିଦାସ, ଗୋପି ମୁଣ୍ଡା, ଅଜିତ ଓରାମ, ଗୋପିନାଥ ମୁଣ୍ଡା, ମୋହନ କୁଜୁର, କୈଳାସ ତିଗା, ସାତାରାମ କୁଜୁର, ନିରଞ୍ଜନ ମୁଣ୍ଡା, ଫୁଲ ମୁଣ୍ଡା, ରାଧା ମୁଣ୍ଡା, ସୁମନ ସାହୁ, ଦଶମୀ ମୁଣ୍ଡା, ଅଷ୍ଟମୀ ମୁଣ୍ଡା, ଶିବଯାତ୍ରୀ କୁଜୁର, ନନ୍ଦ ମୁଣ୍ଡା ଓ ସୈଲେନ୍ଦ୍ରୀ ମୁଣ୍ଡା ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

## ଜଙ୍ଗଲ ନିଆଁ ନିରାକରଣ ଓ ପରିଚାଳନା ପ୍ରସ୍ତୁତି ବୈଠକ



ଝାରସୁଗୁଡ଼ା, ୬।୧(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଡିଏମଏଫ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ଜଙ୍ଗଲ ନିଆଁ ନିରାକରଣ ଓ ପରିଚାଳନା କମିଟିର ଅଧ୍ୟକ୍ଷ କୁନାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ଜଙ୍ଗଲ ନିଆଁର ପ୍ରତିରୋଧ ଏବଂ ଏହାର ସଫଳ ପରିଚାଳନା ପାଇଁ ବୈଠକରେ ବ୍ୟାପକ ଆଲୋଚନା କରାଯାଇଥିଲା। ଜଙ୍ଗଲରେ ମନୁଷ୍ୟକୃତ ନିଆଁକୁ ରୋକିବା ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ସହିତ ଜଙ୍ଗଲ ନିଆଁ ଯୋଗୁଁ ପ୍ରାକୃତିକ ସମ୍ପଦ ଏବଂ ବନ୍ୟଜନ୍ତୁଙ୍କ କ୍ଷତିକୁ ରୋକିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ବନଖଣ୍ଡ ଅଧିକାରୀ, କୃଷି, ଉଦ୍ୟାନ କୃଷି ଓ ଅବକାରୀ ବିଭାଗର ଅଧିକାରୀବୃନ୍ଦ, ପଞ୍ଚାୟତିରାଜ ଅନୁଷ୍ଠାନର ପ୍ରତିନିଧି, ବିଭିନ୍ନ ଶିଳ୍ପ ସଂସ୍ଥାର କର୍ତ୍ତୃପକ୍ଷ ଏବଂ ବନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଜଙ୍ଗଲ ସୁରକ୍ଷା ପାଇଁ ଗ୍ରାମ ସ୍ତରରେ ସଚେତନତା ସଭା କରିବା ଏବଂ ନିଆଁ ଲାଗିଲେ ତୁରନ୍ତ ଏହାର ନିରାକରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ

ଦେବଗଡ଼, ୬।୧(ସମିସ): ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ମଧ୍ୟମ ଓ କ୍ଷୁଦ୍ର ଜଳ ସେଚନ ବିଭାଜନ ବିଭାଗ ପକ୍ଷରୁ ଜିଲ୍ଲାର କୃଷକ ମାନଙ୍କୁ ସଚେତନତ କରିବା ଲକ୍ଷ୍ୟରେ ମଙ୍ଗଳବାର ପାଣି ପଞ୍ଚାୟତ ସଚେତନତା ରଥକୁ ଜିଲ୍ଲାପାଳ କବିନ୍ଦ୍ର ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ସଚେତନତା ରଥ ପୌରାଞ୍ଚଳ, ବ୍ଲକ ଓ ସମସ୍ତ ପଞ୍ଚାୟତ ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରେରଣ କରିବ। ଏହି କାର୍ଯ୍ୟକ୍ରମ କ୍ଷୁଦ୍ର ଜଳ ସେଚନ ବିଭାଜନ ବିଭାଗ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଥିଲା। ଏହି ଅବସରରେ ସହକାରୀ ନିର୍ବାହୀ ଯନ୍ତ୍ରୀ ବିମଳ ବାରାଙ୍କ ସଭାପତିତ୍ୱରେ ଏକ ସଭା



ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ସମ୍ମାନିତ ଅତିଥି ଭାବେ ତିଲେଇବଣି ବ୍ଲକ ଉପାଧ୍ୟକ୍ଷା ଆରତି ପ୍ରଧାନ, ଜଳବିଭାଜିକା ଓ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଦେବାଶିଷ ଜଗଦେବ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ ଓ ଦେବଗଡ଼ କ୍ଷୁଦ୍ର ଜଳସେଚନ ଉପବିଭାଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଭିଷେକ ଜେନା ଯୋଗ ଦେଇଥିଲେ। ପାଣି ପଞ୍ଚାୟତ ପକ୍ଷ ଉପଲକ୍ଷେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ପାଣି ପଞ୍ଚାୟତ ଯୋଜନାକୁ ଗଣତାନ୍ତ୍ରିକ ପଦ୍ଧତିରେ ସଫଳ ଓ ଦୀର୍ଘ ସ୍ଥାୟୀ କରିବାକୁ ଆପ୍ରାଣ ଉଦ୍ୟମ କରିବା ପାଇଁ ଅତିଥି ମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୂର୍ବରୁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା, ରଚନା, ଜଣାଅଜଣା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ଅର୍ଥରାଶି ସହ ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକରୁ ଆସିଥିବା ଚାଷୀ ଓ ପାଣି ପଞ୍ଚାୟତର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ବାଳିକା ଉଚ୍ଚ ବିଦ୍ୟାଳୟରେ ଇଂରାଜୀ ଭାଷା ଶିକ୍ଷା ପ୍ରଶିକ୍ଷଣ ଶିବିର

କୋଲାବିରା, ୬।୧(ସମିସ): କୋଲାବିରା ବ୍ଲକ ଅଧୀନ ସମାସିଂହା ସ୍ଥିତ କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଇଂରାଜୀ ଭାଷା ଶିକ୍ଷା ପ୍ରଶିକ୍ଷଣ ଶିବିର ଓ କର୍ମଶାଳା ଉଦ୍‌ଘାଟିତ ହୋଇଛି। ଇଂରାଜୀ ନିମନ୍ତେ ରାଜ୍ୟ ଭାଷା ଶିକ୍ଷା ପ୍ରଶିକ୍ଷଣ ସଂସ୍ଥାନ ଭୁବନେଶ୍ୱର ଓ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ୫ ଦିନ ଧରି ଅନୁଷ୍ଠିତ ହେବ। ଏଥିରେ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ୫୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଭାଗ ନେଉଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତୁଳାରାମ ସେନାପତି ଶିବିର ଉଦ୍‌ଘାଟନ କରିଥିଲେ। ଏଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାଧନକର୍ମୀ ଭାବେ ଗିରଧରଲାଲ ଉଚ୍ଚ ବିଦ୍ୟାଳୟ ବେଲପାହାଡର ପ୍ରଧାନଶିକ୍ଷକ ଶଚିନ୍ଦ୍ର ପଟେଲ ଓ ଶିଲ ଭୁବନେଶ୍ୱରରୁ ଡ. ଲଳିନ୍ଦ୍ର ଅମାତ, ଶଶିଭୂଷଣ ହୋତା ଓ ସତ୍ୟପ୍ରିୟ ପଟେଲ ପ୍ରମୁଖ ନିୟୋଜିତ ହୋଇ ତାଲିମ ପ୍ରଦାନ କରୁଛନ୍ତି। ଛାତ୍ରଛାତ୍ରୀଙ୍କ ପ୍ରାଥମିକ ସ୍ତରରେ ଶ୍ରବଣ, କଥନ, ପଠନ ଓ ଲିଖନଶୈଳୀରେ ଅଭିବୃଦ୍ଧି ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏହି ଶିବିର ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଶେଷରେ ସମାସିଂହା କ୍ଲଷ୍ଟରର ସାଧନକର୍ମୀ ଚେତାନନ୍ଦ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।



## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି



ଦେବଗଡ଼, ୬।୧(ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷ ଠାରେ ୭୭ ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ ପରକ୍ଷିତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୬ ତାରିଖ ସକାଳ ୪.୩୦ରେ ରାମଧୂନ, ସକାଳ ୭ଟାରେ ପ୍ରଭାତଫେରୀ, ସକାଳ ୭ରୁ ୭:୩୦ ମଧ୍ୟରେ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟ ମାନଙ୍କରେ ଜାତୀୟ ପତକା ଉତ୍ତୋଳନ ଏବଂ ୮.୩୦ ମିନିଟ ସମୟରେ ଆନୁଷ୍ଠାନିକ ଭାବେ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍ ଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତକା ଉତ୍ତୋଳନ କରାଯିବ। ଜିଲ୍ଲାସ୍ତରୀୟ ପତକା ଉତ୍ତୋଳନ ସହ ଜାତୀୟ ସଙ୍ଗୀତ ଗାନ କରାଯିବ। ଚତୁର୍ଥ ଆଇଆର ବାଟାଲିୟନ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପୁଲିସ ବ୍ୟାଣ୍ଡ ଟ୍ରୁପ୍ ଦ୍ୱାରା ପତାକା ଉତ୍ତୋଳନ ପରେ ପରେ ଜାତୀୟ ସଙ୍ଗୀତ ବାଦନ କରାଯିବ। ଏହି ଅବସରରେ ବିଭିନ୍ନ ସ୍କୁଲ୍‌ର ଛାତ୍ରଛାତ୍ରୀ ଓ ବିଭିନ୍ନ ଅନୁଷ୍ଠାନର ପାରେଡ ପୂର୍ବାଭ୍ୟାସ ପାଇଁ ଜାନୁଆରୀ ୨୧, ୨୨ ଓ ୨୪ ତାରିଖ ୩ ଦିନ ରଖାଯାଇଛି। ରିଜର୍ଭ ପୁଲିସ୍ ଇନ୍ସପେକ୍ଟର ଓ ମହାବିଦ୍ୟାଳୟ ଏନସିସି ଅଧିକାରୀଙ୍କ ପାରେଡ୍ ପୂର୍ବାଭ୍ୟାସ ସକାଳ ୮ ଟାରେ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ କରାଯିବ। ପ୍ରାଥମିକ, ମଧ୍ୟ-ଇଂରାଜୀ, ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଜାନୁଆରୀ ୮ରେ ଓଡ଼ିଆ ବକ୍ତୃତା ୯ ତାରିଖ ଦେଶାତ୍ମକ ସଙ୍ଗୀତ ପ୍ରତିଯୋଗିତା, ୧୦ ତାରିଖ ଇଂରାଜୀ ବକ୍ତୃତା ପ୍ରତିଯୋଗିତା, ୧୧ ତାରିଖ ଚିତ୍ରାଙ୍କନ ଓ ଝୋଟି ପ୍ରତିଯୋଗିତା ୧୨ ତାରିଖ ଜଣା ଅଜଣା ପ୍ରତିଯୋଗିତା, ୧୩ ତାରିଖ କୌତୁକ ପୋଷାକ ପ୍ରତିଯୋଗିତା ଓ ୧୫ ତାରିଖ ଦଳଗତ ଅଭିନୟ କରାଯାଇ ସାଧାରଣତନ୍ତ୍ର ଦିବସରେ କୃତୀ ପ୍ରତିଯୋଗିତାଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ। ପାରେଡ୍ ପଡ଼ିଆରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ବିଭିନ୍ନ ବିଦ୍ୟାଳୟ ଗୁଡିକୁ ପ୍ରତିଯୋଗିତାରେ ଭାଗ ନେବା ପାଇଁ ସାଂସ୍କୃତିକ ଦଳକୁ ବାଛି ନାମ ପଠାଇବେ। ବିଭିନ୍ନ ଅନୁଷ୍ଠାନ ଓ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନୀ ହେବ। ଶେଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ମାନଙ୍କୁ ଓ ଉପକାରାଗାରରେ ଥିବା ଅନ୍ତେବାସୀକୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଅପରାହ୍ଣ ୨ରେ ଫୁଟବଲ୍ ମ୍ୟାଚ୍ ପ୍ରତିଯୋଗିତା ଆୟୋଜନ କରାଯିବ। ସନ୍ଧ୍ୟାରେ ସଂସ୍କୃତି ଭବନ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଆଜିର ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡା ଅଧିକାରୀ ତାପସ ମହନ୍ତ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବିବେକାନନ୍ଦ ମହାନ୍ତି, ରିଜର୍ଭ ଇନ୍ସପେକ୍ଟର ହମ୍ବିରା ସରେନ୍, ବରିଷ୍ଠ ନାଗରିକ ହେମନ୍ତ ମହାପାତ୍ର, ନିରଞ୍ଜନ ଦ୍ୱିବେଦୀ, ଆଇନଜୀବୀ ଦିଲୀପ ଗୁରୁ, ସଂସ୍କୃତି ପରିଷଦ ସଦସ୍ୟ ସୁଜିତ୍ ପାତ୍ର ଓ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ ଓ ସାମ୍ବାଦିକ, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସାଧାରଣତନ୍ତ୍ର ଦିବସ ପାଳନ କମିଟିର ସଦସ୍ୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ପର୍ଯ୍ୟଟନସ୍ଥଳ ସମେତ ରାସ୍ତା, ଡ୍ରେନ୍ ଓ ପୁଷ୍କରିଣୀର ଉନ୍ନତିକରଣ ଦାବି

ବାରକୋଟ, ୬।୧(ସମିସ): ଦେବଗଡ଼ ପୌରାଞ୍ଚଳ ଏନ୍‌ଏଚ୍ ଷ୍ଟୋର ଠାରୁ ଅତିରିକ୍ତ ଜିଲ୍ଲାପାଳଙ୍କ ସରକାରୀ ବାସଭବନ ପର୍ଯ୍ୟନ୍ତ ନିର୍ମାଣାଧିନ ରାସ୍ତା ଓ ଡ୍ରେନ ନିର୍ମାଣ କାର୍ଯ୍ୟ ସମେତ ଷୋହଳବଖରୀ କଟାର ଉନ୍ନତିକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲା ନାଗରିକ କମିଟି ପକ୍ଷରୁ ଦାବି କରାଯାଇଛି। ଆଜି ଜିଲ୍ଲା ନାଗରିକ କମିଟି ପକ୍ଷରୁ ସଭାପତି ସୁଶୀଳ କପରଦାରଙ୍କ ନେତୃତ୍ୱରେ କମିଟିର ସଦସ୍ୟ ମହେଶ୍ୱର ପାଣି, ମଞ୍ଜୁଳ ନାଏକ, ସଦସ୍ୟ ସୁଦାମ ବୁଡା ଓ ନରୋତ୍ତମ ସାହୁ ଦେବଗଡ଼ ପୂର୍ତ୍ତ ବିଭାଗ (ରାସ୍ତା ଓ ସୌଧ) ନିରୀକ୍ଷଣ ଯନ୍ତ୍ରୀ ଅଭିଷେକ ଓଝାଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏହି ଦାବି ଉପସ୍ଥାପନ କରିଥିଲେ। ଅନୁରୂପ ଭାବେ କମିଟି ପକ୍ଷରୁ ଉପରୋକ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ଦେବଗଡ଼ ବନଖଣ୍ଡ ଅଧିକାରୀଣି ରଶ୍ମୀ ଜୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି କୁରୁଡୁକୁଟ ଜଳ ପ୍ରପାତରାସ୍ତାର ଉନ୍ନତିକରଣ ସହିତ ସେଠାରେ ଏକ ରୋଷେଇ ଘର ନିର୍ମାଣ ଓ ଅଶ୍ରୟସ୍ଥଳୀ ନିର୍ମାଣ ପାଇଁ ଦାବି କରିଥିଲେ। ଏଥିସହ ପ୍ରଧାନପାଟ ପର୍ଯ୍ୟଟନ ସ୍ଥଳୀରେ ଏକ ଡିଅର ପାର୍କ, ଫରେଷ୍ଟ ପାର୍କ ଓ ଫାଉଣ୍ଟେନ ନିର୍ମାଣ ଏବଂ ସେଠାରେ ଥିବା ପୌର ପରିଷଦ ଡାକବଙ୍ଗଳା ପଛପଟେ ଏକ ସ୍ଥାୟୀ ପୋଖରୀ ଖୋଳିବା ପାଇଁ ଦାବି କରିଥିଲେ।



## ପାରିବାରିକ କଳହରୁ ସରପଞ୍ଚଙ୍କ ସ୍ୱାମୀଙ୍କ ଆତ୍ମହତ୍ୟା

ଦେବଗଡ଼, ୬।୧(ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ବାରକୋଟ ଥାନା ଅଧୀନ ସରୁଆଳି ଗାଁର ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ଯୁବକ ଜଣକ ସରୁଆଳି ପଞ୍ଚାୟତର ସରପଞ୍ଚ ସୁଭଦ୍ରା ସାହୁଙ୍କ ସ୍ୱାମୀ ତଥା ଇଶ୍ୱର ଚନ୍ଦ୍ର ପ୍ରଧାନଙ୍କ ପୁଅ ଅଜିତ ପ୍ରଧାନ ବୋଲି ଜଣାପଡ଼ିଛି। ଅଜିତ ନିଶା ସେବନ କରୁଥିବା ବେଳେ ଏହାକୁ ନେଇ ସ୍ୱାମୀ ଓ ସ୍ତ୍ରୀ ଭିତରେ ବିଭିନ୍ନ ସମୟରେ ପାଟିତୁଣ୍ଡ ହେଉଥିଲା। ଏହି କ୍ରମରେ କିଛି ଦିନ ପୂର୍ବେ ସ୍ତ୍ରୀ ସୁଭଦ୍ରା ତାଙ୍କ ବାପ ଘରକୁ ଚାଲିଯାଇଥିଲେ। ଗତକାଲି ବିଳମ୍ବିତ ରାତ୍ରିରେ ଘରେ ସ୍ତ୍ରୀଙ୍କ ଅନୁପସ୍ଥିତି ଓ ପରିବାରର ସଦସ୍ୟ ମାନେ ଶୋଇଥିବା ବେଳେ ଅଜିତ ଏକ ଶାଢ଼ୀରେ ବେକରେ ଫାଶୀ ଲଗାଇ ଘର ଭିତରେ ଝୁଲି ପଡ଼ିଥିଲେ। ସକାଳେ ଏକଥା ଜଣାପଡ଼ିବା ପରେ ପରିବାର ଲୋକେ ମୃତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରିବା ସହ ବାରକୋଟ ଥାନା ପୁଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ବାରକୋଟ ଥାନା ପୁଲିସ ଅଜିତଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

## ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଦେବଗଡ଼, ୬।୧(ସମିସ): ଦେବଗଡ଼ ଜିଲ୍ଲାର ବରିଷ୍ଠ ନାଗରିକଙ୍କ ହିତ ସାଧନ ଲକ୍ଷ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଅଧ୍ୟକ୍ଷ ତଥା ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ନିର୍ଦ୍ଦେଶରେ 'ନିଜ ସ୍ୱାସ୍ଥ୍ୟ ସମ୍ପର୍କରେ ଜାଣନ୍ତୁ' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏଥିରେ ଜିଲ୍ଲାର ୬୦ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ପରାମର୍ଶ ପ୍ରଦାନ କରାଯାଉଛି। ବାର୍ଦ୍ଧକ୍ୟ ବଢ଼ିବା ସହିତ ଶରୀରରେ ବିଭିନ୍ନ ପ୍ରକାର ରୋଗର ସମ୍ଭାବନା ମଧ୍ୟ ବଢ଼ିଥାଏ। ଏହି ବାର୍ଦ୍ଧକ୍ୟ ଜନିତରୋଗ ଗୁଡିକର ଲକ୍ଷଣ ପ୍ରକାଶ ପାଇବା ବେଳକୁ ରୋଗର ପରିମାଣ ଏତେ ବଢ଼ିଯାଇଥାଏ ଯେ ଚିକିତ୍ସାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେଣୁ ଏହି ସବୁ ରୋଗକୁ ପ୍ରାଥମିକ ଅବସ୍ଥାରେ ଚିହ୍ନଟ କରିବା ଉଦ୍ଦେଶ୍ୟରେ ଦେବଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରତ୍ୟେକ ଦିନ ୨୦ ଜଣ ବରିଷ୍ଠ ନାଗରିକଙ୍କ ଉଚ୍ଚରକ୍ତ ଚାପ, ହୃଦରୋଗ, ବୃକକ ଜନିତ ସମସ୍ୟା, ଯକୃତ ସମସ୍ୟା, ମଧୁମେହ ରୋଗ, ମେଦ ବହୁଳତା, ଚକ୍ଷୁ ସମସ୍ୟା ଭଳି ବିଭିନ୍ନରୋଗ ପାଇଁ ବିଭିନ୍ନ ପରୀକ୍ଷା କରାଯାଇ ଉପଯୁକ୍ତ ପରାମର୍ଶ ଦିଆଯାଉଛି। ଏହି ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପୂର୍ଣ୍ଣ ଦେୟ ମୁକ୍ତ ଏବଂ ଅତ୍ୟାଧୁନିକ ଯନ୍ତ୍ର ମାଧ୍ୟମରେ କରାଯାଉଥିବା ନେଇ ଜିଲ୍ଲା ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଧନୁର୍ଜୟ ମହନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି। ସେହିପରି ଦେବଗଡ଼ ପୌରାଞ୍ଚଳରେ ଆଶା ଦିଦିଙ୍କ ସହାୟତାରେ ପ୍ରତି ୱାର୍ଡରେ ବରିଷ୍ଠ ନାଗରିକଙ୍କୁ ଚିହ୍ନଟ କରାଯାଉଛି। ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସେମାନଙ୍କୁ ସଚେତନ କରାଯାଇ ଆଗାମୀ ୩ ମାସ ମଧ୍ୟରେ ଦେବଗଡ଼ ପୌରାଞ୍ଚଳରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପୂର୍ଣ୍ଣ କରାଯିବା ଲକ୍ଷ୍ୟ ରଖାଯାଇଛି। ପରବର୍ତ୍ତୀ ସମୟରେ ଜିଲ୍ଲାର ସମସ୍ତ ପଞ୍ଚାୟତର ବରିଷ୍ଠ ନାଗରିକଙ୍କୁ ଏହି ସୁବିଧା ପ୍ରଦାନ କରାଯିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଲକ୍ଷ୍ୟ ରଖିଥିବା ଶ୍ରୀ ମହନ୍ତ ପ୍ରକାଶ କରିଛନ୍ତି। ସେହିପରି ଜିଲ୍ଲାରେ ବରିଷ୍ଠ ନାଗରିକ ମାନେ ଏହାର ସୁଯୋଗ ନେଇ ସୁସ୍ଥ ସମାଜ ଗଠନରେ ସହାୟକ ହେବାକୁ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଶ୍ରୀ ମହନ୍ତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ।

## ଝାରସୁଗୁଡ଼ାରେ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା, ୬।୧(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ସମସ୍ୟାର ସମାଧାନ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୋଟ ୮୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୧୫ଟି ସାମୂହିକ ଏବଂ ୬୯ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଶିବିରରେ ରେଡକ୍ରସ ପାଣ୍ଠିରୁ ୩ ଜଣ ହିତାଧିକାରୀଙ୍କୁ ମୋଟ ୪୦, ୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣ ନିଜର ସମସ୍ୟା ଉପସ୍ଥାପନ କରିଥିଲେ। ବଡ଼େଇମୁଣ୍ଡା (ୱାର୍ଡ ନଂ ୪)ରେ ଜମି ଚିହ୍ନଟ ଏବଂ କଲ୍ୟାଣ ମଣ୍ଡପ ପାଇଁ ପାଣ୍ଠି ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣରେ ରହିଥିବା ସମସ୍ୟା, ବେଦାନ୍ତ କମ୍ପାନୀ ଦ୍ୱାରା ଅନିୟମିତ ଭାବେ ପାଉଁଶ ଜମା ଉପରେ ପ୍ରଶାସନିକ ହସ୍ତକ୍ଷେପ ଦାବି, ଉଗମେ ବିଦ୍ୟାଳୟ ସମ୍ମୁଖ ରାସ୍ତାର ପ୍ରସାରଣ ଦାବି ହୋଇଥିଲା। ହ. କଟାପାଲିରେ ଟିପିଏସଏଲ କମ୍ପାନୀରେ ଜମିହରାଙ୍କ ଥଇଥାନ ଏବଂ ସ୍ଥାନୀୟ ବାଲିଘାଟକୁ ଆଇନଗତ ଭାବେ ପୁନଃ ଖୋଲିବା ପାଇଁ ଦାବି, ଶ୍ରୀପୁରା ଅଞ୍ଚଳରେ ବେଆଇନ ମାଟି ଖୋଳା ବିରୁଦ୍ଧରେ ଅଭିଯୋଗ, ଗଣ୍ଡଘୋରା ସରକାରୀ ହାଇସ୍କୁଲର ନାମ ପରିବର୍ତ୍ତନ ଏବଂ କିର୍ମିରା ଇଏମଆରଏସର ପୂର୍ବତନ ଅତିଥି ଶିକ୍ଷକଙ୍କ ବକେୟା ଦରମା ପ୍ରଦାନ ସମ୍ବନ୍ଧୀୟ, ଦୁର୍ଲଗା ଅଞ୍ଚଳରେ ବିଦ୍ୟୁତ ସମସ୍ୟା, ସାରସମାଲରେ ପାନୀୟ ଜଳ ବ୍ୟବସ୍ଥା, ଗାୟତ୍ରୀ ବିହାର ପୁରୁଣା ବସ୍ତିରେ ଡ୍ରେନ ନିର୍ମାଣ ଏବଂ ଲଖନପୁର (ଭଇଁରଖୋଲ) ଅଞ୍ଚଳରେ ଚାଷୀଙ୍କ ଧାନ ବିକ୍ରି ପାଇଁ ଟୋକନ ସମସ୍ୟା ଉପରେ ଜିଲ୍ଲାପାଳ ଶୁଣାଣି କରିଥିଲେ। ଜିଲ୍ଲାପାଳ ସମସ୍ତ ଅଭିଯୋଗର ଶୁଣାଣି ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହାର ତଦନ୍ତ କରି ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



# ପ୍ରବଳ ଥଣ୍ଡାରେ ଅସହାୟ ବୃଦ୍ଧଙ୍କ ମୃତ୍ୟୁ

ଝାରସୁଗୁଡ଼ା, ୬।୧(ସମିସ)

- ବ୍ରଜରାଜନଗର ପୌରପରିଷଦ ପକ୍ଷରୁ ମିଳି ନଥିଲା ଆବଶ୍ୟକ ସାହାଯ୍ୟ
- ମୃତକଙ୍କ ଘରକୁ ଯାଇ ଆଶ୍ୱାସନା ଦେଲେ ନଗରପାଳ



ପ୍ରବଳ ଥଣ୍ଡା ଯୋଗୁଁ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଗଣ୍ଡଘୋରାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧ ଜଣକ ଗଣ୍ଡଘୋରାରେ ରହୁଥିବା ଆତ୍ମାରାମ ତାଣ୍ଡିଆ ବୋଲି ଜଣାପଡ଼ିଛି। ଜରି ପାଲ ଘରେ ନିଜ ପରିବାର ସହ ମୁଣ୍ଡ ଗୁଞ୍ଜିଥିଲେ। ଅସହ୍ୟ ଶୀତ ସହି ନପାରି ବୃଦ୍ଧ ଆତ୍ମାରାମ ପ୍ରାଣ ହରାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଶୀତ ଦାଉରୁ ରକ୍ଷା ପାଇଁ ପୌର ପରିଷଦ ପକ୍ଷରୁ କମ୍ବଳ, ତାରପୋଲିନ ଆଦି ସେମାନଙ୍କୁ ଯୋଗାଇ ଦିଆଯାଇ ନଥିଲା। ଏପରିକି ବାରମ୍ବାର ଦାବି ସତ୍ତ୍ୱେ ଏକ ପକ୍କା ଘର ଦିଆଯାଇ ନଥିଲା; ଯାହାଫଳରେ ଆତ୍ମାରାମଙ୍କ ମୃତ୍ୟୁ ହୋଇଥିବା ତାଙ୍କ ସ୍ତ୍ରୀ ରଙ୍ଗବତୀ ଏବଂ ପଡ଼ାବାସୀ ଅଭିଯୋଗ କରିଛନ୍ତି। ଏନେଇ ନଗରପାଳ ଗୋପାଳ ସୀତାନୀଙ୍କୁ ପଚାରିବାରୁ ସ୍ଥାନୀୟ କାଉନସିଲରଙ୍କ ଜରିଆରେ ବର୍ଷା ଦିନେ ରାସନ ସାମଗ୍ରୀ ଓ ତାରପୋଲିନ ପଠାଯାଇଥିଲା ଏବଂ ତାହାକୁ କାଉନସିଲର ନିଜେ ଆତ୍ମାରାମଙ୍କୁ ପ୍ରଦାନ କରିଥିବା ସେ କହିଛନ୍ତି। ଅନ୍ୟପଟେ ଆତ୍ମାରାମ ଏବଂ ତାଙ୍କ ପଡୋଶୀ ଲୋକେ କୌଣସି ସହଯୋଗ ପ୍ରଦାନ କରାଯାଇ ନଥିବା କହିଛନ୍ତି। ଏକ ପକ୍କା ଘର ଯୋଗାଇ ଦେବା ପାଇଁ ବର୍ଷ ବର୍ଷ ଧରି ବ୍ରଜରାଜନଗର ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ହେଁ ଏପର୍ଯ୍ୟନ୍ତ କୌଣସି ଘର ମିଳି ନଥିବା ଅଭିଯୋଗ କରିଛନ୍ତି ଆତ୍ମାରାମଙ୍କ ପରିବାର ଲୋକେ। ଆତ୍ମାରାମଙ୍କ ଘରେ ଏବେ ବିଧବା ବୁଢ଼ୀ ସ୍ତ୍ରୀ ଏବଂ ଏକ ପୁଅ ରହିଛନ୍ତି। ଜରି ପାଲ ଘରେ ଏତେ ଥଣ୍ଡାରେ ରହିବା ସମ୍ଭବ ନ ଥିବା ବେଳେ ତାଙ୍କ ଘର କିନ୍ତୁ କିଛି ଖଣ୍ଡିଆ ଇଟାରେ ଫଟା ଦଦରା ତାରପୋଲିନ ଏବଂ ପ୍ଲାଷ୍ଟିକ ବସ୍ତା ଘୋଡାଯାଇଛି। ଘର ଭିତରକୁ ଚାରିପଟୁ ଥଣ୍ଡା ସବୁ ପବନ ପଶୁଛି। ଏହିପରି ପରିସ୍ଥିତିରେ ରହିଲେ ଆତ୍ମାରାମଙ୍କ ବୃଦ୍ଧା ସ୍ତ୍ରୀ ରଙ୍ଗବତୀଙ୍କ ମଧ୍ୟ ପ୍ରାଣହାନି ହେବାର ଆଶଙ୍କା ରହିଛି। ତେଣୁ ଶୀଘ୍ର ପୌର ପ୍ରଶାସନ ପକ୍ଷରୁ ଆତ୍ମାରାମଙ୍କ ପରିବାରକୁ ଏକ ପକ୍କା ଘର ଓ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଉ ବୋଲି ପଡ଼ାବାସୀ ଦାବି କରିଛନ୍ତି। ଅନ୍ୟପଟେ ହରିଶଚନ୍ଦ୍ର ଯୋଜନାରେ ୪୦୦୦ ଟଙ୍କା ଯାଗାଇବା ସହ କମ୍ବଳ ଯୋଗାଇ ଦିଆଯିବ ଏବଂ ଆବଶ୍ୟକ ସୁବିଧା ଯୋଗାଇବା ଦିଗରେ ପଦକ୍ଷେପ ନିଆଯିବ ବୋଲି ନଗରପାଳ ପ୍ରକାଶ କରିଛନ୍ତି।

### ଖବର ପ୍ରକାଶ ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତତ୍ପର

# ଜିଲ୍ଲାର ସମସ୍ତ ପାଥୋଲୋଜି କ୍ଲିନିକ୍‌କୁ ନୋଟିସ୍

ଧର୍ମଗଡ଼, ୬ ।୧(ସମିସ)

ଗତ କିଛିଦିନ ତଳେ 'ସକାଳ'ରେ ବିନା ଭିତ୍ତିଭୂମିରେ ଜିଲ୍ଲାରେ ବେସକାରୀ ପାଥୋଲୋଜି କ୍ଲିନିକ ଗୁଡିକ ଖୋଲି ରୋଗୀଙ୍କ ଠାରୁ ଶୋଷଣ କରୁଥିବା ଖବର ପ୍ରକାଶ ହୋଇଥିଲା ।ଏହାର ପ୍ରଭାବରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଚେଇଁ ଉଠି ବେସରକାରୀ ପାଥୋଲୋଜି କ୍ଲିନିକମାନଙ୍କୁ ନୋଟିସ ଜାରି କରିଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୧-୨୦୨୬ ରେ ନୋଟିସ ଦେବା ସହ ନିଜ ନିଜ କ୍ଲିନିକ ପାଥୋଲୋଜିମାନଙ୍କରେ ୧୫ଦିନ ଭିତରେ ରୋଗୀ ଅପେକ୍ଷା ଗୃହ, ପରୀକ୍ଷା ଗୃହ ସହ ଶୌଚ ପାଇଁ ସୁବିଧା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।ଯାହାକୁ ନେଇ ମାଲିକମାନଙ୍କ ମଧ୍ୟରେ ଛନକା ପଶିଥିବା ଦେଖିବାକୁ ମିଳିଛି ।ତେବେ ନୋଟିସ ଜାରି ହେବା ପରେ ଜିଲ୍ଲାର ଅନେକ ପାଥୋଲୋଜି କ୍ଲିନିକ ମାଲିକମାନେ ଜିଲ୍ଲାସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିବା ଚର୍ଚ୍ଚା ହୋଉଛି । ଏପରିକି ମାଲିକମାନେ ଘଟଣାକୁ ଚପାଇ ଦେବାକୁ ପ୍ରୟାସ କରୁଥିବା ଆଲୋଚନା ହେଉଛି । ଆଲୋଚନାରେ ଅଧିକାରୀଙ୍କୁ ଲୋଭାନୀୟତା ଦେଖାଇ ନୋଟିସ ଉପରେ ଗୁରୁତ୍ୱ ନ ଦେବାକୁ ଚାପପକାଇ ଥିବା ଚର୍ଚ୍ଚା ହେଉଛି । ହେଲେ ସ୍ୱାସ୍ଥ୍ୟ ସେବା ଭଳି ସମ୍ବେଦନଶୀଳ ଘଟଣା ପ୍ରତି ଜିଲ୍ଲା ପ୍ରଶାସନ ନରମି ଯିବ ନା ତତ୍ପରତା ଦେଖାଇବ ତାହା ଉପରେ ଜିଲ୍ଲାବାସୀଙ୍କ ନଜର ରହିଛି ।ବର୍ତ୍ତମାନ ସ୍ୱାସ୍ଥ୍ୟସେବା ବ୍ୟବସାୟରେ ପରିଣତ ହୋଇ ସାରିଛି । ମନ

**୧୫ଦିନ ଭିତରେ ଭିତ୍ତିଭୂମି ନିର୍ମାଣ ପାଇଁ ନିର୍ଦ୍ଦେଶ**

ଇଛା ଯିଏ ଯୋଉଠି ପାରିଲା ବିନା ଭିତ୍ତିଭୂମିରେ ପାଥୋଲୋଜି ଖୋଲି ଲୋକଙ୍କୁ ଶୋଷଣ କରିଚାଲିଛନ୍ତି ।ଏଥିପ୍ରତି ନା ପ୍ରଶାସନ ନିଘା ରହୁଛି ନା ସରକାର ଦୃଷ୍ଟି ଦେଉଛି ।ଧର୍ମଗଡ଼ ଡାକ୍ତରଖାନା ମୁଖ୍ୟ ରାସ୍ତା ରେ ଅନେକ ପାଥୋଲୋଜି କ୍ଲିନିକ ଗଢି ଉଠିଛି ।ହେଲେ କୌଣସି ପାଥୋଲୋଜି କ୍ଲିନିକ ଭିତରେ ରୋଗୀ ଅପେକ୍ଷା ଗୃହ କିମ୍ବା ଶୌଚ ପାଇଁ ବ୍ୟବସ୍ଥା ନ ଥିବା ଅଭିଯୋଗ ହେଉଛି । ସାଧାରଣ ଭାବେ ଝାଡା ପରିଶ୍ରା ନମୁନା ପରୀକ୍ଷା କରିବା ପାଇଁ ରୋଗୀଙ୍କ କ୍ଷେତ୍ରରେ ଅନେକ ଅସୁବିଧା ହେଉଥିବା ନଜିର ରହିଛି । ପରୀକ୍ଷା ନିମନ୍ତେ ନିକଟରେ ଥିବା ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ଗୋଷ୍ଠୀ ଶୌଚଳୟ ଉପରେ ନିର୍ଭର କରୁଛନ୍ତି । ତାହା ବି ଅପରିଷ୍କାର ପରିବେଶ ଓ ଅସୁରକ୍ଷିତ ଅବସ୍ଥାରେ ପଡ଼ିରହିଛି । ଅନ୍ୟପଟେ ପରୀକ୍ଷା ବାବଦରେ ବେସରକାରୀ ପାଥୋଲୋଜି କ୍ଲିନିକ ଗୁଡିକ ମନଇଛା ମୂଲ୍ୟ ନେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି ।ଏପରିକି ପାଥୋଲୋଜି କ୍ଲିନିକ ମାଲିକମାନେ ଅନେକ ଦଲାଲଙ୍କୁ ନିଯୁକ୍ତି ରଖି ରୋଗୀଙ୍କୁ ପରୀକ୍ଷା ନିଜ ପାଥୋଲୋଜି କ୍ଲିନିକରେ ବାଧ କରୁଥିବା ଦେଖାଯାଉଛି । ବିଭିନ୍ନ ପରୀକ୍ଷା ପାଇଁ ମୂଲ୍ୟ ନିର୍ଦ୍ଧାରଣ ବିବରଣୀ ବେସରକାରୀ ପାଥୋଲୋଜି, କ୍ଲିନିକମାନଙ୍କରେ କାନ୍ଥରେ ଦର ତାଲିକା ଲିଷ୍ଟ ଟଣା ଯିବା ସରକାରଙ୍କ ନିର୍ଦ୍ଦେଶ ରହିଛି । ହେଲେ ସରକାର ନିର୍ଦ୍ଦେଶକୁ ଅଣଦେଖା କରି ପାଥୋଲୋଜି କ୍ଲିନିକରେ ମନଇଛା ଟଙ୍କା ନେଉଥିବା ବାରମ୍ବାର ଅଭିଯୋଗ ହେଉଛି । 'ସକାଳ'ରେ ଖବର ପ୍ରସାରଣ ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ଗ୍ରହଣ କରିଛନ୍ତି ।ତେବେ ସ୍ୱାସ୍ଥ୍ୟ ବିଭାଗ ସମ୍ବେଦନଶୀଳ ଘଟଣା ପ୍ରତି ନରମି ଯିବ ନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଦେଖିବାକୁ ବାକି ରହିଲା ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଭବାନୀପାଟଣା, ୬ ।୧(ସମିସ): କଳାହାଣ୍ଡି ଜିଲ୍ଲାସ୍ତରୀୟଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏବଂ ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବାରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୩୦ଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥିମଧ୍ୟରୁ ବ୍ୟକ୍ତିଗତ ୧୦୫ଟି ଓ ସାମୂହିକ ୧୫ଟି ରହିଥିବା ବେଳେ ୨୪ଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୯ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ଜଣଙ୍କୁ ରେଡ୍‌କ୍ରସ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଶିବିରରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଶିଶୁ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ସମାଜକଲ୍ୟାଣ, ପୂର୍ତ୍ତ ବିଭାଗ, ବିଦ୍ୟୁତ୍, ସମବାୟ ସମିତି, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା



ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରୋବେସନ) ଅନିମେସ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା.ନିହାରେନ୍ଦ୍ର ପଣ୍ଡା, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୁର୍ଯ୍ୟୋଧନ ଭୋଇ, ମୁଖ୍ୟଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରମୋଦ କୁମାର ବେହେରା, ପିଡି ଜଳ ଛାୟା ପ୍ରଭାକର ନାୟକ, ପିଏଆଇଟିଡି ଏ ପ୍ରଦ୍ୟୁମ୍ନ କୁମାର ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ୍ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ ବ୍ୟାଡମିଣ୍ଟନ ପ୍ରତିଯୋଗିତା



କୋକସରା, ୬ ।୧(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକସ୍ତରୀୟ 'କଳାହାଣ୍ଡି' ଉତ୍ସବ ପାଇଁ ଆମପାଣିଠାରେ ସ୍ଥାନୀୟ ବୁଢ଼ାରଜା ବ୍ୟାଡ୍ ମିଣ୍ଟନ ଆସୋସିଏସନ୍ ପକ୍ଷରୁ ସୋମବାର ବ୍ଲକସ୍ତରୀର ଦିବାରାତ୍ର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଖେଳର ଉଦ୍‌ଘାଟନ କରିଥିଲେ । ନାରୀନେତ୍ରୀ ତିଲୋତ୍ତମା ନାଏକ, ଆଏ ଅଧ୍ୟକ୍ଷ ରୁତୁରାଜ ମାଝୀ, ଜିତେନ୍ଦ୍ର କୁମାର ପଣ୍ଡା, ମନୋରଞ୍ଜନ ବାଣୁଆ, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ପଣ୍ଡା, ସନ୍ତୋଷ ମାଝୀ, ବିଘ୍ନେଶ୍ୱର ନାଏକ, ଟିକିଚନ୍ଦ୍ର ଧ.ମାଝୀ, ସିଆରସିସି କେଦାରନାଥ ନାଏକ, ସୁରେଶ ଚନ୍ଦ୍ର ସାହୁ, ଦୟାନିଧି ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ଏଥିରେ ୧୨ଟି ଟିମ୍ ଭାଗନେଇଥିଲେ । ରାଏଫରି ଭାବରେ ପ୍ରଣବ କୁମାର ଯୋଷୀ ଓ ବରିଷ୍ଠ ଖେଳାଳି ତ୍ରିନାଥ ପ୍ରଶ୍ନ ରାୟ ଖେଳ ପରିଚାଳନା କରିଥିଲେ । ସ୍କୋରର ବିନୋଦ କୁମାର ସିଂ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଲାଇନ୍ସ ମେନ୍ ତରୁଣ ମହାପାତ୍ର, ଅଂଶୁମାନ ଠାକୁର, ଗଣେଶ ଅଗ୍ରୱାଲ ଓ ଅବ୍ରାର ଅହମ୍ମଦ ପ୍ରମୁଖ ରହିଥିଲେ । ଶିକ୍ଷକ ଇଶ୍ୱରୀ ପ୍ରସାଦ ଅଗସ୍ତି ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ ।

## ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ଏସଏଚ୍‌ଜି ମହିଳା ଓ ଗ୍ରାମବାସୀ




ଜୁନାଗଡ଼, ୬ ।୧(ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଚିଚାଇଗୁଡା ପଞ୍ଚାୟତ ଶାନ୍ତିପୁର ଗ୍ରାମରେ ନିଶାମୁକ୍ତ ଗ୍ରାମ କରିବା ପାଇଁ ଗ୍ରାମର ଶତାଧିକ ମହିଳା ଓ ଗ୍ରାମବାସୀ ଏକଜୁଟ ହୋଇ ମଦମୁକ୍ତ ଗ୍ରାମ ଅଭିଯାନ ଆରମ୍ଭ କରିଛନ୍ତି ।ଗ୍ରାମରେ କିଛି ଲାଭଖୋର ବ୍ୟକ୍ତି ଖୋଲା ମଦ ଆଣି ବିକ୍ରି କରୁଥିବାରୁ ଗ୍ରାମର ପୁରୁଷମାନେ ମଦପିଇ ନିଜ ସ୍ତ୍ରୀମାନଙ୍କୁ ମାରପିଟ୍ କରିବା ସହ ଘରେ ଅନେକ ସମୟରେ ଅଶାନ୍ତି ସୃଷ୍ଟି ହେଉଛି । ମଦପିଇ ଗ୍ରାମର ଅନେକ ଲୋକଙ୍କ କିଡନୀ ଓ ଲିଭର ଜନିତ ରୋଗରେ ପୀଡିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି । ଚୋରା ମଦ ବନ୍ଦ କରିବା ପାଇଁ ଅବକାରୀ ଓ ପୁଲିସକୁ ବାରମ୍ବାର ଜଣାଇଲା ପରେମଧ୍ୟ ଉଭୟ ବିଭାଗ କିଛି ପଦକ୍ଷେପ ନେଉନଥିବା ଅଭିଯୋଗ କରିଛନ୍ତି । ଗ୍ରାମକୁ ମଦମୁକ୍ତ କରିବା ପାଇଁ ମହିଳା ଓ ପୁରୁଷ ଅଣ୍ଟା ଭିଡିଛନ୍ତି । ଗ୍ରାମର ଶତାଧିକ ମହିଳା ଓ ପୁରୁଷ ମଦମୁକ୍ତ ଗ୍ରାମ କରିବା ପାଇଁ ଗ୍ରାମ ପରିଭ୍ରମଣ କରି ମଦ ବନ୍ଦ ପାଇଁ ବିଭିନ୍ନ ସ୍ଲୋଗାନ ଦେଇଛନ୍ତି ।ମଦବନ୍ଦ ହେଲେ ଆମେ ଶାନ୍ତିରେ ବଞ୍ଚିପାରିବୁ ବୋଲି ପ୍ରଶାସନକୁ ଗୁହାରି କରିଛନ୍ତି । ମଦ ବନ୍ଦ ନହେଲେ ଆଗାମି ଦିନରେ ରାସ୍ତା ଅବରୋଧ କରିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

### ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ

## ଛାତ୍ରଛାତ୍ରୀଙ୍କ ସାମୂହିକ ଶପଥ ଗ୍ରହଣ

ନୂଆପଡ଼ା, ୬ ।୧(ସମିସ): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶନାରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ଜିଲ୍ଲା ମହିଳା ସଶକ୍ତି କେନ୍ଦ୍ର, ଶିକ୍ଷା ବିଭାଗ ଓ ସହଯୋଗୀ ବିଭାଗମାନଙ୍କ ସାମୂହିକ ଉଦ୍ୟମରେ ଜିଲ୍ଲାରେ ବାଲ୍ୟବିବାହ ନିଷେଧ ଓ ଶିଶୁ ସୁରକ୍ଷା ସଚେତନତା ଅଭିଯାନ ଏକ ସଜୀବ ଆନ୍ଦୋଳନର ରୂପ ନେଇଛି । ନୂଆପଡ଼ା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଓ ଜିଲ୍ଲା ମହିଳା ସଶକ୍ତି କେନ୍ଦ୍ର, ନୂଆପଡ଼ାଙ୍କ ଆନୁକୂଲ୍ୟରେ ଜିଲ୍ଲାର ସମସ୍ତ ସ୍କୁଲରେ ଜାତୀୟସ୍ତରରେ ଚାଲୁଥିବା ୧୦୦ ଦିନର ବାଲ୍ୟ ବିବାହ ନିଷେଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ବାଲ୍ୟ ବିବାହ ନିଷେଧ ପାଇଁ ଶପଥ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଜିଲ୍ଲା ସ୍ତରରେ ପିଏମଶ୍ରୀ ନ୍ୟାସନାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନ୍ୟାସନାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଜିଲ୍ଲା ମହିଳା ସଶକ୍ତି କେନ୍ଦ୍ରର ସମସ୍ତ



କର୍ମଚାରୀ ଯୋଗ ଦେଇଥିଲେ । ବାଲ୍ୟ ବିବାହକୁ କିପରି ଭାବରେ ସରକାରୀ ଓ ସାମାଜିକ ଭାବରେ କାର୍ଯ୍ୟକାରୀ କରି ସମ୍ପୂର୍ଣ୍ଣ ନିଷେଧ କରାଯାଇ ପାରିବ ସେ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ । ଶିଶୁ ସ୍ୱପ୍ନ ସୁରକ୍ଷାରେ ନୂଆପଡ଼ା ଜିଲ୍ଲାର ସଂକଳ୍ପ ୧୦୮୧ଟି ସ୍କୁଲରେ ବାଲ୍ୟବିବାହ ବିରୋଧରେ ସଚେତନତା ସୃଷ୍ଟି ହୋଇଛି । ଏହି ଅଭିଯାନ ଜିଲ୍ଲାର ସମସ୍ତ ବ୍ଲକରେ ଅବସ୍ଥିତ ୧୦୮୧ଟି ସ୍କୁଲରେ ଗୋଟିଏ ଦିନରେ ସଫଳତାର ସହିତ କାର୍ଯ୍ୟକାରୀ ହୋଇ ହଜାର ହଜାର ଛାତ୍ରଛାତ୍ରୀଙ୍କ ମନରେ ସଚେତନତାର ଦୀପ ଜଳାଇଛି । ଅଭିଯାନର ଏଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ୧୮୧, ୧୦୯୮, ୧୧୨ ଚାଇଲ୍ଡ ହେଲ୍ପଲାଇନ ସମ୍ବନ୍ଧରେ ସୂଚନା ଦେଇ ଶିଶୁମାନଙ୍କୁ ନିର୍ଭୟ ହୋଇ ଦରକାର ବେଳେ ସାହାଯ୍ୟ ମାଗିବାକୁ ଉତ୍ସାହିତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀ ବାଲ୍ୟବିବାହ ବିରୋଧରେ ସଚେତନ ରହିବା, ଏହାକୁ ରୋକିବା ଓ ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ସାମୂହିକ ଶପଥ ନେଇଥିଲେ ।

## ତରାପୁରରେ ହିତାଧିକାରୀଙ୍କୁ ଘରଡ଼ିହ ପଟ୍ଟା ବଣ୍ଟନ

ଧର୍ମଗଡ଼, ୬ ।୧(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ତରାପୁରରେ ଧର୍ମଗଡ଼ ତହସିଲ ପକ୍ଷରୁ ଭୂମିହୀନ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ଘରଡିହ



ପଟ୍ଟା ବଣ୍ଟନ କରାଯାଇଥିଲା ।ଧର୍ମଗଡ଼ ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଅତିରିକ୍ତ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କି, ବିଡ଼ିଓ ସଦାଶିବ ନାୟକ, ଅତିରିକ୍ତ ତହସିଲଦାର ସମ୍ପଦ କୁମାର ମାଝୀ, ତରାପୁର ସରପଞ୍ଚ ସୁଷମା ସାହୁ, ବଗାଡ଼ ସରପଞ୍ଚ ବିନୋଦିନୀ ଗୌଡ଼, ସହକାରୀ ନିର୍ବାହୀଯାନ୍ତ୍ରୀ ସର୍ବେଶ୍ୱର ପଧାନ, ସେକସନ ଅଫିସର ରାମବିହାରୀ ମହାନନ୍ଦ ସମେତ ଅନ୍ୟାନ୍ୟ ଅତିଥି ମଞ୍ଚାସିନ ହୋଇ ବୋଡେନ ରାଜସ୍ୱ ନିରୀକ୍ଷକ ଅଞ୍ଚଳର ତରାପୁର ଗ୍ରାମର ୮୦, ବଗାଡ଼ ଗାଁର ୨୨, ପୋଡ଼ବେଡା ଗାଁର ୧୦ ଜଣ ହିତାଧିକାରୀ ସମେତ ୧୧୨ ଜଣ ହିତାଧିକାରୀଙ୍କୁ ଘରଡିହ ପଟ୍ଟା ବଣ୍ଟନ କରିଥିଲେ ।କାର୍ଯ୍ୟକ୍ରମଙ୍କୁ ସ୍ୱାସ୍ଥ୍ୟ କର୍ମଚାରୀ ସୁଦେଶ କୁମାର ଦୁରିଆ ପରିଚାଳନା କରିଥିଲେ । ରେଭେନ୍ୟୁ ସୁପର ଭାଇଜର ଚତୁର୍ଭୁଜ ନାଏକ, ରେକର୍ଡ କିପର ପ୍ରଣବ ଶବର, ସୋମ୍ୟା ମେହେର, ପ୍ରିୟଙ୍କା ମହାନ୍ତି, ଡିଇଓ ଚନ୍ଦ୍ରକାନ୍ତ ଦୁରିଆ, ବୋଡେନ ରାଜସ୍ୱ ନିରୀକ୍ଷକ ଆଶିଷ କୁମାର ସାମଲ, ସରପଞ୍ଚ ପ୍ରତିନିଧି ସଞ୍ଜୀବ କୁମାର ସାହୁ ଏବଂ ତହସିଲ କର୍ମଚାରୀ ସହଯୋଗ କରିଥିଲେ ।

### ବିପଦସଙ୍କୁଳ କୋମନା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ

# ଛାତରୁ ଖସୁଛି ସିମେଣ୍ଟ

କୋମନା, ୬ ।୧(ସମିସ)



ସରକାର ଶିକ୍ଷାର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା କହୁଛନ୍ତି । ହେଲେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକର ଶିକ୍ଷା ପ୍ରଶାସନ ସମ୍ଭାଳୁଥିବା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଏବେ ବିପଦରେ । ଦୀର୍ଘ ଦିନ ଧରିଜରାଜୀର୍ଣ୍ଣ ତଥା ଭଙ୍ଗା ଦଦରା କୋଠାରେ କାର୍ଯ୍ୟାଳୟ ଚାଲିଥିବା ବେଳେ, କର୍ମଚାରୀମାନେ ଅତି ଭୟଭୀତ ଅବସ୍ଥାରେ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି । ଛାତରୁ ଖସୁଛି ସିମେଣ୍ଟ, ଦିଶୁଛି କଳଙ୍କି ଲାଗିଥିବା ଲୁହା ରଡ୍ । କାର୍ଯ୍ୟାଳୟ ଭିତରର ଦୃଶ୍ୟ ଅତ୍ୟନ୍ତ ଭୟାବହ । ଘରର ଛାତରୁ ସିମେଣ୍ଟ ପ୍ଲାଷ୍ଟର ଖସି କଙ୍କ୍ରିଟର ଲୁହା ରଡ୍ ଗୁଡ଼ିକ ବାହାରକୁ ଦିଶିଲାଣି । ଯେକୌଣସି ମୁହୂର୍ତ୍ତରେ ଏହି ବଡ଼ ଧରଣର ଅଘଟଣ ଘଟିବା ସମ୍ଭାବନା ରହିଛି ।

ବିଶେଷ କରି କମ୍ପ୍ୟୁଟର ଓ ଦପ୍ତରର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହୁଥିବା ସ୍ଥାନର ଠିକ୍ ଉପରୁ ଛାତ ଫାଟି ଯାଇଥିବାରୁ କର୍ମଚାରୀମାନେ ନିଜ ଜୀବନକୁ ପାଣି ଛଡ଼ାଇ କାମ କରୁଥିବା ଦେଖିବାକୁ ମିଳିଛି । ଜିଲ୍ଲାର ଶିକ୍ଷା ବ୍ୟବସ୍ଥାର ପରିଚାଳନା କରୁଥିବା ଏହି କାର୍ଯ୍ୟାଳୟର ଅବସ୍ଥା ଯଦି ଏପରି, ତେବେ ସାଧାରଣ ଶିକ୍ଷାନୁଷ୍ଠାନ ଗୁଡ଼ିକରସ୍ଥିତି କିପରି ଥିବ, ତାହା ସହଜରେ ଅନୁମେୟ । ଛାତର ଦୁର୍ବଳ ଅବସ୍ଥା ଯୋଗୁଁ ବର୍ଷା ଦିନେ ପାଣି ଗଳିବା ସହ ବିଦ୍ୟୁତ୍ ସର୍ଟସର୍କିଟ ହେବାର ମଧ୍ୟ ଭୟ ରହିଛି । ସ୍ଥାନୀୟ ବୁଦ୍ଧିଜୀବୀ ଓ କର୍ମଚାରୀଙ୍କ ମହଲରେ ଏହାକୁ ନେଇ ତୀବ୍ର ଅସନ୍ତୋଷ



ପ୍ରକାଶ ପାଇଛି । କାର୍ଯ୍ୟାଳୟକୁ ତୁରନ୍ତ ଏକ ନୂତନ କିମ୍ବା ସୁରକ୍ଷିତ କୋଠାକୁ ସ୍ଥାନାନ୍ତର କରିବା ପାଇଁ ଦାବି ହେଉଛି । ଯଦି କୌଣସି କର୍ମଚାରୀଙ୍କ ଜୀବନ ହାନି ହୁଏ, ତେବେ ଏଥିପାଇଁ ଦାୟୀ କିଏ ରହିବ ବୋଲି ପ୍ରଶ୍ନ ଉଠିଛି ।ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ ପଦାଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପ୍ରତିକାର କରିବାକୁ ସାଧାରଣରେ ଦାବି ହେଉଛି ।

### ● ରୁପ୍ରା ହାଇସ୍କୁଲ ରଜତ ଜୟନ୍ତୀ

## ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନ




ଭବାନୀପାଟଣା, ୬ ।୧(ସମିସ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ରୁପ୍ରାସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠର ରଜତ ଜୟନ୍ତୀ ପାଳିତ ହେଉଛି । ସୋମବାର ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ମୁଖ୍ୟ ବକ୍ତା ଭାବେ ଏଡିଇଓ ହେମସାଗର ମହାନନ୍ଦ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୁଦ୍ଧୁ ମହାଲିଙ୍ଗ, ଭୂମୀଦାତା ଏବଂ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ବିଜୟ ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ । ପୁରାତନ ଛାତ୍ର ସଂସଦ ସମ୍ପାଦକ ତେଜରାଜ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପୁରାତନ ଛାତ୍ରୀ ସୁଶ୍ରୀ ମଧୁସ୍ମିତା ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରତିକ୍ଷା ପ୍ରୀୟଦର୍ଶିନୀ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ଶେଷରେ ସଂସଦର କୋଷାଧ୍ୟକ୍ଷ ଆଦିତ୍ୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପୂରାତନ ଛାତ୍ର ସଂସଦ ସଭାପତି ରବୀନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ସଂସଦର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଜନ୍ମେଜୟ ପାତ୍ରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ଧର୍ମଗଡ଼, ୬ ।୧(ସମିସ): ଧର୍ମଗଡ଼ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ୱର୍ଗତ ଜନ୍ମେଜୟ ପାତ୍ରଙ୍କର ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଧର୍ମଗଡ଼ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ପାତ୍ର କେବଳ ଛାତ୍ରବତ୍ସଳ ଉତ୍ତମ ଶିକ୍ଷକ ନଥିଲେ ମଣିଷ ପରି ମଣିଷ ଟିଏ । ସାହିତ୍ୟ କ୍ଷେତ୍ରରେ ଅନନ୍ୟ ପ୍ରତିଭାର ଅଧିକାରୀ ଥିଲେ । ସୃଜନଶୀଳତା ଓ ସରଳତା ତାଙ୍କର ଭୂଷଣ ଥିଲା । ଶିକ୍ଷାଧିକାରୀ ଭାବରେ ତାଙ୍କର କାର୍ଯ୍ୟ ଶୈଳୀ ଅତୁଳନୀୟ । ଏପରି ଏକ ବାଗ୍ମୀ ପ୍ରତିଭାର ଅଧିକାରୀଙ୍କ ବିୟୋଗ ଏକ



ଅପୂରଣୀୟ କ୍ଷତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ପ୍ରଥମେ ସ୍ୱର୍ଗତ ଜନ୍ମେଜୟ ପାତ୍ରଙ୍କର ଫଟୋଚିତ୍ରରେ ପୁଷ୍ପାର୍ପଣ, ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରାଯାଇ ସ୍ମୃତିଚାରଣ କରାଯାଇଥିଲା ।ବିଶିଷ୍ଟ ଶିକ୍ଷାବିତ୍ ପ୍ରତାପ କିଶୋର ମୁଣ୍ଡଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଚିନ୍ତାମଣି ପାତ୍ର, ଡ.ଅଜିତ କୁମାର ନେଗୀ, ରାଜେନ୍ଦ୍ର ଭୋଇ, ବଙ୍କିମ ମୁଣ୍ଡ, ରାଜେଶ ମୁଣ୍ଡ, ନୃସିଂହାନନ୍ଦ ସାସମଲ, ସୁଧିର କୁମାର ମେହେର, ବିଶ୍ୱପତି ମୁଣ୍ଡ, ଅକ୍ଷୟ ପଟ୍ଟନାୟକ, ଗଣପତି ବାଗ, ଜଗନ୍ନାଥ ଠାକୁର, ମୋହନ ଚରଣ ବିଷି, ଲକ୍ଷ୍ୟପତି ନାଏକ, ଚନ୍ଦନ ପାତ୍ର ଉପସ୍ଥିତ ଥିଲେ । ଗୋବିନ୍ଦ ସାହୁ ସଭା ପରିଚାଳନା କରିଥିଲେ ଓ ଶାନ୍ତନୁ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।















# ଆଜିଠୁ ସୁବର୍ଣ୍ଣପୁର ଲୋକ ମହୋତ୍ସବ 'ମହିମା'

ତରଭା,୬।୧(ସମିସ)

ଜାନୁଆରୀ ୭ ଅର୍ଥାତ୍ ବୁଧବାରଠାରୁ ସୁବର୍ଣ୍ଣପୁର ଲୋକ ମହୋତ୍ସବ 'ମହିମା' ଓ ଜିଲ୍ଲା ଉତ୍ସବ ଆରମ୍ଭ ହେବ। ଏଥିସହ ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା ମଧ୍ୟ ଆୟୋଜିତ ହେବ। ଏହି ମହୋତ୍ସବ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ପ୍ରଶାସନ ଓ ଉତ୍ସବ ଆୟୋଜନ କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ସୋମବାର ସନ୍ଧ୍ୟାରେ ରାମେଶ୍ୱର ଷ୍ଟାଡିୟମରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଡ. ନୃପରାଜ ସାହୁ କହିଛନ୍ତି। ସେ କହିଛନ୍ତି, ଜିଲ୍ଲା ଉତ୍ସବର ମଞ୍ଚ ନିର୍ମାଣର ଶୀର୍ଷକ 'ମହିମା' ରଖାଯାଇଛି, ଯାହାକି ସନ୍ଥକବି ଭୀମଭୋଇଙ୍କ ଉପରେ ଆଧାରିତ ରହିଛି। ରାମେଶ୍ୱର ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ବିଭିନ୍ନ ସରକାରୀ ବିଭାଗର ପ୍ରଦର୍ଶନୀ ଷ୍ଟଲ ସହିତ ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା ମାଧ୍ୟମରେ ମିଶନ ଶକ୍ତି ଦ୍ୱାରା ପରିଚାଳିତ ସୁବର୍ଣ୍ଣପୁର ଜିଲ୍ଲା ଓ ରାଜ୍ୟର ଅନ୍ୟ ଜିଲ୍ଲାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଉତ୍ପାଦିତ ସାମଗ୍ରୀ ବିକ୍ରୟ ପାଇଁ ସର୍ବମୋଟ ୨୩୯ ଗୋଟି ଷ୍ଟଲ ନିର୍ମାଣ କରାଯାଇଛି। ଷ୍ଟାଡିୟମ ବାହାର ରାସ୍ତା ପାଶ୍ୱର୍ରେ ବିକ୍ରି କରୁଥିବା ଗୁପଚୁପ ଦୋକାନୀ ଓ ବୁଲା ବିକାଳୀଙ୍କୁ ଇନଡୋର ଷ୍ଟାଡିୟମ୍ ପାଶ୍ୱର୍ରେ ଥିବା ଜାଗାରେ ସେମାନଙ୍କର ପସରା, ଦୋକାନ ଲଗାଇବାକୁ ଅନୁମତି ପ୍ରଦାନ କରାଯାଇଛି। ଏଥିସହ ଉତ୍ସବ ପଡିଆରେ ଶିଶୁମାନଙ୍କ ମନୋରଞ୍ଜନ ପାଇଁ କିଡଜୋନ ସହ ଖେଳ ସାମଗ୍ରୀ ପାଇଁ ଜାଗା ଚିହ୍ନଟ କରାଯାଇଛି। ଜନସାଧାରଣଙ୍କ ଆମୋଦ ପ୍ରମୋଦ ଓ ମନୋରଞ୍ଜନ ପାଇଁ ସୋନପୁର ଜିଲ୍ଲା ବ୍ୟତୀତ ଅନ୍ୟ ଜିଲ୍ଲାର ଏବଂ ବାହାର ତିନୋଟି ରାଜ୍ୟର ସାଂସ୍କୃତିକ ଦଳକୁ ମିଶାଇ ସର୍ବମୋଟ ୫୯ ଗୋଟି ସାଂସ୍କୃତିକ ଦଳ ଅଂଶ ଗ୍ରହଣ କରି ସେମାନଙ୍କର ଲୋକ ଗୀତ, ସଂସ୍କୃତି, ନୃତ୍ୟ ଓ କଳା ପ୍ରଦର୍ଶନ କରିବେ। ଏଥିସହ ଉତ୍ସବରେ ଜନସାଧାରଣଙ୍କ ନିମନ୍ତେ ଫୁଡ୍ କୋର୍ଟ କରାଯାଇଛି ବୋଲି ଜିଲ୍ଲାପାଳ ସୂଚାଇଥିଲେ। ଉତ୍ସବ ପାଳନ ସମୟରେ ଜନସାଧାରଣଙ୍କ ସୁରକ୍ଷା, ଭିଡ ପରିଚାଳନା, ଟ୍ରାଫିକ ପରିଚାଳନା ପାଇଁ ସୁରେଶ୍ୱରୀ ମନ୍ଦିର ଛକ ଠାରୁ ଟ୍ରାଫିକ ନିୟନ୍ତ୍ରଣ କରାଯିବ ବୋଲି ଜିଲ୍ଲାପାଳ ସୂଚାଇଥିଲେ। ଉତ୍ସବ ପଡ଼ିଆରେ ଦୁଇଟି ପୋଲିସ ପୋଷ୍ଟ ରହିବ। ଗୋଟିଏ ରଙ୍ଗମଞ୍ଚ ବାମ ପାଶ୍ୱର୍ ଷ୍ଟଲରେ ଓ ଦ୍ୱିତୀୟ ଡାହାଣ ପାଶ୍ୱର୍ ଇନ୍‌ଡୋର ପାଶ୍ୱର୍ରେ ରହିବାର ବ୍ୟବସ୍ଥା କରାଯାଇଛି। ଦୁଇଚକିଆ ଓ ଚାରିଚକିଆ ଯାନ ପାର୍କିଂ ପାଇଁ ରାମେଶ୍ୱର ଷ୍ଟାଡିୟମ୍ ବାହାରେ ସ୍ଥାନ ଚିହ୍ନିତ କରାଯାଇଛି। ଜନସାଧାରଣଙ୍କ ପ୍ରବେଶ ଓ ପ୍ରସ୍ଥାନ ପାଇଁ ରଙ୍ଗମଞ୍ଚ ବାମ ପାଶ୍ୱର୍ରେ ଥିବା ଦୁଇଗୋଟି ଗେଟ୍ ବ୍ୟବହାର କରାଯିବ। ରଙ୍ଗ ମଞ୍ଚ ଡାହାଣ ପାଶ୍ୱର୍ରେ ଥିବା ଦୁଇଗୋଟି ଗେଟ୍ ସର୍କିଟ ହାଉସ ଓ ଇନଡୋର ଷ୍ଟାଡିୟମ ପଟେ ଥିବା ଗେଟ୍ ଦେଇ ଉତ୍ସବର ଅତିଥି, ବିଶିଷ୍ଟ ବ୍ୟକ୍ତି ଓ ସାଂସ୍କୃତିକ ଦଳମାନଙ୍କର ପ୍ରବେଶ ଓ ପ୍ରସ୍ଥାନ ପାଇଁ ବ୍ୟବହାର କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ କହିଛନ୍ତି। ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ(ଏସ୍‌ପି) ନାରାୟଣ ନାୟକ ଯାନବାହନ ପାଇଁ ପାସ ପ୍ରଦାନ କରାଯିବା ସମ୍ବନ୍ଧରେ ସୂଚନା ଦେବା ସହ ତିନିଶହରୁ ଅଧିକ ପୁଲିସ କର୍ମଚାରୀ ଜନ ସାଧାରଣଙ୍କ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ପରିଚାଳନା ପାଇଁ ନିୟୋଜିତ ହେବେ ବୋଲି ସୂଚାଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଜିଲ୍ଲା ସଂସ୍କୃତି ଅଧିକାରୀ, ଯମୁନା ପ୍ରଧାନ, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ, ମଙ୍ଗଳ ପଧାନ, ଡେପୁଟି କାର୍ଯ୍ୟ ନିର୍ବାହୀ, ଡିଏସଏମଏସ୍, ଓରମାସ, ଜିଲ୍ଲା ପରିଷଦ ସମୀର ନାୟକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଉପସ୍ଥିତ ଥିଲେ।

● ଡୁଙ୍ଗୁରିପାଲିରେ ଚାଷୀ ସମାବେଶ

## ଧାନ ନ ଉଠିଲେ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ



ଡୁଙ୍ଗୁରିପାଲି,୬।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଚାଷୀ ସଂଗଠନ ପକ୍ଷରୁ ସ୍ଥାନୀୟ ଆରଏମ୍‌ସିଠାରେ ବିରାଟ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଟୋକନ ସମସ୍ୟା, ମଣ୍ଡିରୁ ଧାନ ଉଠୁ ନଥିବା, ବିନା କଟନୀ ଛଟନୀରେ ଧାନ ଉଠାଯିବା ଏବଂ ମିଲର୍ସଙ୍କ ମନମାନି ବିରୋଧରେ ଏହି ବୈଠକରେ ଆଲୋଚନା ହୋଇଥିଲା। ଡୁଙ୍ଗୁରିପାଲି ମଣ୍ଡି ଖୋଲି ଏକ ମାସ ବିତିଥିଲେ ମଧ୍ୟ ଏପର୍ଯ୍ୟନ୍ତ ୩୦ ପ୍ରତିଶତ ମଧ୍ୟ ଚାଷୀଙ୍କ ଧାନ ଉଠି ନଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ବର୍ତ୍ତମାନ ସୁଦ୍ଧା ଖରିଫ ଧାନ ସରକାର କିଣି ନଥିବାରୁ ଆଗକୁ ଡାଲୁଅ ଚାଷ କିପରି କରିବେ ତାକୁ ନେଇ ଚାଷୀମାନେ ଚିନ୍ତା ପ୍ରକଟ କରିଥିଲେ। ଋଣ ଭାର କିପରି ଶୁଝିବେ, ପରିବାର କିପରି ପ୍ରତିପୋଷଣ କରିବେ ସେନେଇ ମଧ୍ୟ ଚିନ୍ତାରେ ଥିବା ବୈଠକରେ ଚାଷୀମାନେ ଚିନ୍ତା ପ୍ରକଟ କରିଥିଲେ। ସରକାର ଅତିଶୀଘ୍ର ଧାନ ନ କିଣିଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ସହ ରାସ୍ତାରେ ଧାନ ରଖି ଅନ୍ଦୋଳନ କରିବାକୁ ଚାଷୀ ସଂଗଠନ ଚେତାବନୀ ଦେଇଛି। ଅନ୍ୟପଟରେ ଜିଲ୍ଲା ଯୋଗାଣ ବିଭାଗ ଅତିରିକ୍ତ ଯୋଗାଣ ଅଧିକାରୀ ଚାଷୀଙ୍କ ସମାବେଶ ସ୍ଥଳରେ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ୩ ରୁ ୪ ଦିନ ମଧ୍ୟରେ ବିନା କଟନୀ ଛଟନୀରେ ସବୁ ଧାନ ଉଠିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

## ବିଲ୍ ପାଇଁ ଆମରଣ ଅନଶନରେ ବସିଲେ ସରପଞ୍ଚ

ଡୁଙ୍ଗୁରିପାଲି,୬।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଚେରୁପାଲି ସରପଞ୍ଚ ଦିଲୀପ କୁମାର ଶତପଥୀ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ବିଲ ପାଇଁ ଗତ ୭ ଦିନ ତଳେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇବା ପରେ ମଧ୍ୟ କିଛି ସୁଫଳ ନ ମିଳିବାରୁ ସରପଞ୍ଚ ଉନ୍ନୟନମୂଳକ କାର୍ଯ୍ୟର ବିଲ କରିବାକୁ ଦାବି କରି ବ୍ଲକ୍ ଅଫିସ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ପଞ୍ଚାୟତ ଅଞ୍ଚଳରେ କଲ୍ୟାଣ ମଣ୍ଡପ, କମ୍ୟୁନିଟିସେଣ୍ଟର, ରାସ୍ତା କାମ ଭଳି ଅନେକ ଉନ୍ନୟନ ମୂଳକ କାମ ସରିଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଦୀର୍ଘ ମାସ ଧରି ବିଲ ଅଟକି ରହିଛି।



ଯାହାଫଳରେ ନିର୍ମାଣ କାର୍ଯ୍ୟରେ ଲାଗିଥିବା ବିଭିନ୍ନ ଉପକରଣର ବିଲ ପୈଠ କରି ପାରୁ ନାହାଁନ୍ତି। ଏପରିକି ଶ୍ରମିକଙ୍କ ପେମେଣ୍ଟ ମଧ୍ୟ କରିବାରେ ଅସମର୍ଥ। ତେଣୁ ଆଜିଠୁ ବ୍ଲକ୍ ଅଫିସ ସମ୍ମୁଖରେ ଆମରଣ ଅନଶନ କରିଥିବା ସରପଞ୍ଚ କହିଛନ୍ତି। ତାଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଛନ୍ତି। ଅନଶନ ସ୍ଥଳକୁ ବିଡିଓ ଦିଲୀପ କୁମାର ବାରା ପହଞ୍ଚି ଲିଖିତ ପ୍ରତିଶ୍ରୁତି ଦେବା ପରେ ଦୀର୍ଘ ଚାରିରୁ ପାଞ୍ଚ ଘଣ୍ଟା ଧରି ଆମରଣ ଅନଶନରେ ବସିଥିବା ଚେରୁପାଲି ସରପଞ୍ଚ ଦିଲୀପ କୁମାର ଶତପଥୀ ଆନ୍ଦୋଳନରୁ ଓହରିଲେ।

## ସନ୍ତରଣ ତାଲିମ ଉଦ୍‌ଘାଟିତ




ବୌଦ୍ଧ,୬।୧(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ସନ୍ତରଣ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ଏହି ସନ୍ତରଣ ତାଲିମ ହୋଇଥିଲା। ପାଣିରେ ବୁଡି ଯାଉଥିବା ବ୍ୟକ୍ତିଙ୍କୁ ଉଦ୍ଧାର ଉପରେ ତାଲିମ ଦିଆଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଜରୁରୀ ଅଧିକାରୀ ସୁଧର୍ମା ମଲ୍ଲିକ ସୂଚନା ଦେଇଥିଲେ। ଜିଲ୍ଲା ପ୍ରକଳ୍ପ ଅଧିକାରୀ ସଞ୍ଜୟ ଝା, ଓଡ୍ରାଫର ସୁବେଦାର ରବୀନ୍ଦ୍ର ବେହେରା, ଓଡ୍ରାଫ ହାବିଲଦାର୍ ଅଶୋକ ଚାନ୍ଦ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ।

## ରାଣୀଝୁଲା ମହୋତ୍ସବ ପାଇଁ ପ୍ରସ୍ତୁତି

ତରଭା,୬।୧(ସମିସ): ତରଭା ବ୍ଲକ୍ କମସରା ରାଣୀଝୁଲା ପାହାଡ଼ ଶୀର୍ଷରେ ଜାନୁଆରୀ ୨୫ରେ ପାଳିତ ହେବ ପଞ୍ଚମ ରାଣୀଝୁଲା ମହୋତ୍ସବ। ମହୋତ୍ସବକୁ ସୁଚାରୁରୂପେ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ପାହାଡ଼ ପାଦଦେଶରେ ଅୟୋଜିତ ହୋଇଯାଇଛି। ଆବାହକ ସ୍ୱେଚ୍ଛାସେବୀ ଶିଶିର ପଣ୍ଡାଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ବୈଠକରେ ବିଶ୍ୱାମିତ୍ର କୁଅଁର ଅଧକ୍ଷତା କରିଥିବା ବେଳେ ରାଣୀଝୁଲା ଉନ୍ନୟନ କମିଟି ଓ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ମହୋତ୍ସବ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା, ପାନୀୟ ଜଳ ଓ ଆଲୋକର ବ୍ୟବସ୍ଥା, ଅଷ୍ଟପ୍ରହର ନାମଯଜ୍ଞକୁ ନେଇ ଆଲୋଚନା ହୋଇଥିଲା। ଏଥିରେ କମସରା ପଞ୍ଚାୟତର କୟାପଦର, ମାଝୀପାଲି, ଜାମକାନି, କୋଲପାଲି, ବଡଜୋର, ପଥରଟେକା ଗ୍ରାମର ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଚଳିତ ବର୍ଷ ଗୋଟିଏ ଦିନ ମହୋତ୍ସବ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରଫୁଲ୍ଲ ପୁଜାରୀ, ପଦ୍ମକିଶୋର ମାଝୀ, କବି ଦଳବେହେରା, ବିପିନ ଦାସ, ସୌଭାଗ୍ୟ ବିନ୍ଧାଣି, ରାଜୁ ବିଭାର ଓ ଦିଲ୍ଲୀପ ପୁଝାରୀଙ୍କୁ ମହୋତ୍ସବ ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, କମସରା ରାଣୀଝୁଲା ପାହାଡ଼ ଶୀର୍ଷରେ ପ୍ରାଗ ଐତିହାସିକ ଯୁଗର ଅନେକ ଗୁମ୍ଫା ରହିଛି। ସବୁଜ ବନାନୀରେ ପୂର୍ଣ୍ଣ ଏହି ପାହାଡ଼ ଓ ଐତିହକୁ ସରକାରୀସ୍ତରରେ ମାନ୍ୟତା ପ୍ରଦାନ ପାଇଁ ତିନି ଦଶନ୍ଧି ହେଲା ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। ଏକଦା ଲଣ୍ଡା ପାହାଡ ଭାବେ ପରିଚିତ ରାଣୀଝୁଲା ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ସବୁଜ ସୁନ୍ଦର ଜଙ୍ଗଲରେ ପରିଣତ ହେଲାଣି। ଏଠାରେ ବିଭିନ୍ନ ପ୍ରଜାତିର ପଶୁପକ୍ଷୀ ଦେଖିବାକୁ ମିଳିଥାନ୍ତି। ଗ୍ରାମବାସୀ ନିଜ ଉଦ୍ୟମରେ ପାହାଡ଼ ଶୀର୍ଷରେ ଶ୍ରୀରାମ, ମହାଦେବ ଓ ହନୁମାନଙ୍କ ମୂର୍ତ୍ତି ସ୍ଥାପନ କରି ପୂଜାର୍ଚ୍ଚନା କରୁଛନ୍ତି।

## ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ଡୁଙ୍ଗୁରିପାଲି,୬।୧(ସମିସ): ଡୁଙ୍ଗୁରିପାଲି ବ୍ଲକ୍ ଏସ୍. ରାମପୁର ଥାନାରେ ମଙ୍ଗଳବାର ନୂତନ ଥାନା ଅଧିକାରୀ ଭାବେ ଡ଼ୋଲାମଣୀ ନାଇକ ଯୋଗଦାନ କରିଛନ୍ତି। ସେ ପୂର୍ବରୁ ସୋନପୁର ଜିଲ୍ଲା ପୁଲିସ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ଏହା ପୂର୍ବରୁ ଥିବା ରାମପୁର ଥାନା ଅଧିକାରୀ ପଦ୍ମାସିନୀ ମେହେରଙ୍କ ଅନ୍ୟତ୍ର ବଦଳି ପରେ ତାଙ୍କ ସ୍ଥାନରେ ଶ୍ରୀ ନାଇକଙ୍କୁ ଥାନା ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି।



## ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପାଇଁ ପ୍ରସ୍ତୁତି

ହରଭଙ୍ଗା,୬।୧(ସମିସ): ଭେଜିଗୋରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଅଧିକାରୀ ଭୁବନେଶ୍ୱର ସେଠୀ ଅଧକ୍ଷତା କରିଥିଲେ। ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶିକେଶନ ବେହେରା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁରନ୍ଦର ରଣା ପ୍ରମୁଖ ମଞ୍ଚାସୀନ ଥିଲେ।

## ନବମ ଲୋକ ମହୋତ୍ସବ 'ମାଳେଶ୍ରୀ' ପାଇଁ ପ୍ରସ୍ତୁତି




ବୀରମହାରାଜପୁର,୬।୧(ସମିସ): ବୀରମହାରାଜପୁର ଲୋକ ମହୋତ୍ସବ 'ମାଳେଶ୍ରୀ' ପାଇଁ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମୈତ୍ରୀ ସଦନଠାରେ ମଙ୍ଗଳବାର ପୂର୍ବାହ୍ନ ୪ଟା ସମୟରେ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ ତଥା ମହୋତ୍ସବ କମିଟିର ଅଧ୍ୟକ୍ଷ ସୁରେନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତୁତି ବୈଠକରେ ବୀରମହାରାଜପୁର ବିଧାୟକ ଇଞ୍ଜିନିୟର୍ ରଘୁନାଥ ଜଗଦଲା ଯୋଗଦେଇ ଲୋକ ମହୋତ୍ସବକୁ ଗତାନୁଗତିକ ହିସାବରେ ନକରି ଆହୁରି ଆକର୍ଷଣୀୟ କରିବା ପାଇଁ ମତାମତ ଦେଇଥିଲେ। ଆଲୋଚନା ଚକ୍ର, ବନ୍ଧୁତ୍ୱ ପୂର୍ଣ୍ଣ ଫୁଟବଲ ମ୍ୟାଚ, ବିଭିନ୍ନ ପ୍ରକାର ଖାଦ୍ୟ ପ୍ରତିଯୋଗିତା, ବୁକ୍ ଫେୟାର ସହିତ ବୀରମହାରାଜପୁର ଶ୍ରୀମତି ସୁନ୍ଦରୀ, ମିସ୍ ବୀରମହାରାଜପୁର ଆଦି କିଛି ନୂତନ କାର୍ଯ୍ୟକ୍ରମ ସହିତ ସ୍ମରଣିକା ପ୍ରକାଶ, ଆଞ୍ଚଳିକ କଳାକାର, ରାଜ୍ୟ ତଥା ରାଜ୍ୟ ବାହାର କଳାକାରମାନଙ୍କ ମହା ସଙ୍ଗମ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଆସନ୍ତା ମାର୍ଚ୍ଚ ତୃତୀୟ ସପ୍ତାହରେ ବୀରମହାରାଜପୁର ଲୋକ ମହୋତ୍ସବକୁ ପ୍ରଥମ କରି ୪ଦିନ କରିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଜାନୁଆରୀ ୧୫ ତାରିଖ ଅପରାହ୍ନ ୩ଟାରେ ସ୍ଥାନୀୟ ମୈତ୍ରୀ ସଦନଠାରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ୫୧ ଜଣିଆ ମୂଳ କମିଟି ଗଠନ କରାଯାଇଛି। ପରବର୍ତ୍ତି ବୈଠକରେ ଉପକମିଟି ଗଠନ କରାଯିବ ବୋଲି ସ୍ଥିର ହୋଇଛି। ଆଜିର ବୈଠକରେ ବରିଷ୍ଠ ନାଗରିକ ସଙ୍ଗଠନ ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ, ବୀରମହାରାଜପୁର ଉପଖଣ୍ଡ ପୁଲିସ୍ ଅଧିକାରୀ ତଥା ମହୋତ୍ସବ ସାଂସ୍କୃତିକ କମିଟିର ଅଧ୍ୟକ୍ଷ ହେମନ୍ତ କୁମାର ରାଓ, ଶୟମ୍ଭୁନାଥ ଖଣ୍ଡଗିରି, ବିଜେପି ଜିଲ୍ଲା ସଭାପତି ବେଣୁଧର ଦାସ, ବୀରମହାରାଜପୁର ଓକିଲ ସଂଘ ସଭାପତି ରାଧାକାନ୍ତ ମହାକୁଡ଼, ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ବୀରମହାରାଜପୁର ବିଡ଼ିଓ ରାଜୀବ କୁମାର ହାଁସଦା, ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ଉଲୁଣ୍ଡା ଅତିରିକ୍ତ ତହସିଲଦାର ସୋମନାଥ ବେହେରା, ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପ୍ରମୁଖ ମଞ୍ଚାସିନ ଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଂସ୍କୃତିକ ସଂସଦ ସମ୍ପାଦକ ଭୂଷଣ କୁମାର ପାତ୍ର, କିଶୋର ହୋତା, ପ୍ରଭାତ ଦାଶ, କର୍ଣ୍ଣ ମହାନନ୍ଦ, ପୀତବାସ ଶତପଥି, ସୁଦର୍ଶନ ବିଶ୍ୱାଳ, ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୨୦୨୩ ମାଳେଶ୍ରୀର ଆୟବ୍ୟୟ ଉପସ୍ଥାପନ କରିଥିଲେ ସହକାରୀ ଜିଲ୍ଲାପାଳ ଅଜିତ୍ କୁମାର ମିର୍ଦ୍ଧା। ତେବେ ଏଥିରେ ଗତ ଉତ୍ସବରେ କେଉଁ ବାବଦରେ କେତେ ଖର୍ଚ୍ଚ ହୋଇଥିଲା ତାର ହିସାବ ଦେଇନଥିବାରୁ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଲକ୍ଷ୍ମୀନାରାୟଣ ସାହୁ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଯୁଗଳ କିଶୋର ମିଶ୍ର ସଭାକୁ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ବାବା ଅବଧୂତ ମହୋତ୍ସବ ଉଦ୍‌ଯାପିତ



ବୀରମହାରାଜପୁର,୬।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଧିବାରପଡା ସ୍ଥିତ ବାବା ଅବଧୂତ ସାଂସ୍କୃତିକ ସଂଘ ପକ୍ଷରୁ ଅନୁଷ୍ଠିତ ହୋଇଥିବା ନବମ ବାବା ଅବଧୂତ ମହୋତ୍ସବ ଆଜି ବିଳମ୍ବିତ ରାତ୍ରରେ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବର ପ୍ରଥମ ଦିବସରେ ଭବ୍ୟ କଳସ ଶୋଭାଯାତ୍ରା ଏବଂ ସୁନ୍ଦରାକାଣ୍ଡ ପରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସୁନାମଧନ୍ୟ ପରାୟଣ ଗାୟିକା ମୋନାଲି ମହାପାତ୍ର ବ୍ୟାସ ଆସନ ଅଳଙ୍କୃତ କରି ପରାୟଣ ଗାନ କରିଥିଲେ। ଦ୍ୱିତୀୟ ଦିବସରେ ଅଷ୍ଟପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ନାମ ଯଜ୍ଞରେ ଜିଲ୍ଲା ତଥା ଜିଲ୍ଲା ବାହାରର ୧୨ ଗୋଟି ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। ଆଜି ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ନିମନ୍ତେ ସଂକୀର୍ତ୍ତନ୍ୟ ଧାରା ପାରିବେଷିତ ହୋଇଥିଲା। ଗୁରୁଶ୍ରୀ ସୁଧର୍ମା ଦାସ, ଗୁରୁଶ୍ରୀ ତିଳକ ଦାସ, ଗୁରୁଶ୍ରୀ ପ୍ରଦୀପ ସାହୁ ଏବଂ ଗୁରୁଶ୍ରୀ ତରଣୀସେନ ପଧାନ ଏବଂ ସାଥି କାର୍ଯ୍ୟକ୍ରମରେ ଯୋଗଦେଇ କରି ସଂକୀର୍ତ୍ତନ୍ୟ ଧାରା ପରିବେଷଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ପ୍ରେମାନନ୍ଦ ଜଟି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ମହାପାତ୍ର, ଜିଲ୍ଲା ପରିଷଦ ଜୋନ୍-୨ ସଭ୍ୟ ଲବ କୁମାର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେନ୍ଦ୍ର ମାହାଲିକ, ଅବସରପ୍ରାପ୍ତ ଖେଳ ଶିକ୍ଷକ ତଥା ସୁନାମଧନ୍ୟ ପରାୟଣ ଗାୟକ ବ୍ରଜଗୋପାଳ ମହାପାତ୍ର, ସ୍ଥାନୀୟ ପାକ୍ଷ ସମ୍ପାଦକ ପବିତ୍ର ମେହେର, ସମାଜସେବୀ ସନ୍ତୋଷ ମେହେର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପ୍ରେମାନନ୍ଦ ଜଟି ଏବଂ ସମ୍ମାନିତ ଅତିଥି ଜିଲ୍ଲାପରିଷଦ ସଭ୍ୟ ଲବକୁମାର ସାହୁ, ସ୍ଥାନୀୟ ସରପଞ୍ଚ ପ୍ରୋମଦ କୁମାର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେନ୍ଦ୍ର ମହାଲିକ ସଂକୀର୍ତ୍ତନ୍ୟ ଧାରା ପରିବେଷଣ କରୁଥିବା ସମସ୍ତ ଗାୟକଙ୍କୁ ପଗଡି ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରତ୍ୟେକ ଦିନ ହରିହାଟରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ରହିଥିଲା। କାର୍ଯ୍ୟକ୍ରମରେ ସଂଘର ବହୁ କର୍ମକର୍ତ୍ତାଙ୍କୁ 'ବାବା ଅବଧୂତ ସାଂସ୍କୃତିକ ସମ୍ମାନ -୨୦୨୬'ରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆମ ଗାଁ ଦୋକାନର ଶୁଭାରମ୍ଭ

ବୌଦ୍ଧ,୬।୧(ସମିସ): ବୌଦ୍ଧ କଚେରୀ ଛକ ଜିଲ୍ଲା ସଂଗ୍ରହାଳୟରେ ଆମ ଗାଁ ଦୋକାନ ଆରମ୍ଭ ହୋଇଛି। ନାବାର୍ଡ ସହାୟତା ଏବଂ ସାଲୁଙ୍କି କୃଷକ ଉତ୍ପାଦକ କମ୍ପାନୀ ପରିଚାଳନାରେ ଏହା ଆରମ୍ଭ ହୋଇଛି। ବରିଷ୍ଠ କଳାକାର ଭାଗ୍ୟଧର ମହାକୁଡ଼ ଓ ବୌଦ୍ଧ ଜିଲ୍ଲା କୃଷକ ଉତ୍ପାଦକ ସଂଗଠନ ଫେଡେରେସନ ସଭାପତି ରାଜକିଶୋର ଅଗ୍ରୱାଲ ଏହାକୁ ଉଦ୍‌ଘାଟନ କରଛନ୍ତି। ଏଠାରେ କୃଷକଙ୍କ ଉତ୍ପାଦିତ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରକ୍ରିୟାକୃତ ସାମଗ୍ରୀ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ। ସାଲୁଙ୍କି କୃଷକ ଉତ୍ପାଦକ କମ୍ପାନୀର ସିଇଓ କୃତ୍ତିବାସ ପଲିଆ ଏହା ପ୍ରକାଶ କରିଛନ୍ତି। ଏଥିରେ ବୌଦ୍ଧ ଜିଲ୍ଲା ଏଫପିଓ ଫେଡେରେସନ କର୍ମକର୍ତ୍ତା ଲବକିଶୋର ପ୍ରଧାନ, ଅନନ୍ତ ପ୍ରଧାନ, ପ୍ରବୀର ମହାର, ପ୍ରଫୁଲ୍ଲ ମହାକୁଡ଼, ଦିବ୍ୟ ଲୋଚନ ପ୍ରଧାନ, ହୃଷିକେଶ ଖେତି, ଗାନ୍ଧରାଢ଼ି ଗ୍ରାମୀଣ ଦୋକାନର ଶମ୍ଭୁ ପ୍ରସାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



● ଜୟ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## ସେମିଫାଇନାଲରେ କଳାପଥର

ବୀରମହାରାଜପୁର,୬।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ବହଳପଦର ପଞ୍ଚାୟତର ବିଶାଳପାଲି ଖେଳ ପଡ଼ିଆରେ ବିଶାଳପାଲି, ପାତ୍ରପାଲି



ଓ ଚିଙ୍ଗିରାନାଲିର ମିଳିତ ଆନୁକୁଲ୍ୟରେ ମଙ୍ଗଳବାର ୧୨ତମ ଜୟ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବହଳପଦର ସେବା ସମବାୟ ସମିତିର ସମ୍ପାଦକ ପ୍ରଫୁଲ୍ଲ ଦନ୍ତା ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ମ୍ୟାଚଟି ଲୁତୁରପଙ୍କ ଓ ଜନକପୁର ମଧ୍ୟରେ ହୋଇଥିଲା। ଲୁତୁରପଙ୍କ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮୮ ରନ୍ କରିଥିବା ବେଳେ ଜନକପୁର ୮୯ ରନ୍ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଟିଠିପାଲି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୪୪ ରନ କରିଥିବା ବେଳେ କଳାପଥର ୪୫ ରନ୍ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍‌ରେ କଳାପଥର ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ୬୯ ରନ କରିଥିବା ବେଳେ ଜନକପୁର ଦଳ ୭ ଓଭରରେ ୬୭ ରନ କରି ପରାସ୍ତ ହୋଇଥିଲା। ଫଳରେ କଳାପଥର ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଗୁଡିକରେ ଚନ୍ଦନ ପ୍ରଧାନ ଓ ଆଲୋକ ପ୍ରଧାନ ଅମ୍ପାୟାର, ନେପାଳ ଦେହୁରୀ ସ୍କୋରର ଏବଂ ପ୍ରଦୀପ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ।

ମା' ମାହେଶ୍ୱରୀ କ୍ରିକେଟ କପ୍

## ସେମିଫାଇନାଲରେ ଜେସିସି ସମ୍ବଲପୁର

ବୀରମହାରାଜପୁର,୬।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ କମିରା ପଞ୍ଚାୟତର ବିକଳପୁର ଖେଳ ପଡ଼ିଆରେ ହେଉଥିବା ୧୮ ତମ ମା' ମାହେଶ୍ୱରୀ କ୍ରିକେଟ କପ୍‌ର ଦ୍ୱିତୀୟ ଦିବସରେ ସ୍କାନ କ୍ରିକେଟ କ୍ଲବ୍‌କୁ ହରାଇ ଜେସିସି ସମ୍ବଲପୁର ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ଟି ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଟି ଉଇକେଟ ହରାଇ ୯୫ ରନ କରିଥିଲା। ଦଳର ଡବଲୁ କୁମାର ଏବଂ ପ୍ରତ୍ୟୁଷ ରାଉତରାଏ ଉଭୟେ ୨୩ ରନ ଲେଖାଏଁ କରିଥିବା ବେଳେ ଆଶୁତୋଷ ଦାସ ୨୧ ରନ କରିଥିଲେ। ବିପକ୍ଷ ସମ୍ବଲପୁରର ଅବିନାଶ ନନ୍ଦ ଓ ଡିନା ଦାସ ଉଭୟେ ୩ ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ସମ୍ବଲପୁର ୭.୩ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକୀୟ ୯୬ ରନ କରିଥିଲା। ଦଳର ରିଷି ମେହେର ୩୦



ବଲ୍ ଖେଳି ୭୬ ରନ କରିଥିଲେ। ଭୁବନେଶ୍ୱରର ପ୍ରଥମ ଖଟୁଆ ଓ ପ୍ରତ୍ୟୁଷ ରାଉତରାଏ ଉଭୟେ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ଭୁବନେଶ୍ୱର ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୬୨ ରନ କରିଥିଲେ। ଦଳର ପ୍ରତ୍ୟୁଷ ରାଉତରାଏ ୪୯ ରନ କରିଥିଲେ। ସମ୍ବଲପୁରର ରାହୁଲ ବିଶ୍ୱକର୍ମା ହ୍ୟାଟ୍ରିକ ସହ ୫ ଟି ଉଇକେଟ ନେଇଥିଲେ। ଜବାବରେ ସମ୍ବଲପୁର ଦଳ ୪.୫ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକୀୟ ୬୩ ରନ କରିଥିଲା। ଦଳର ରିଷି ମେହେର ୩୪ ରନ କରିଥିଲେ। ବିପକ୍ଷ ଆଶିଷ ନାୟକ ୨ ଟି ଉଇକେଟ ନେଇଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ସମ୍ବଲପୁର ଦଳ ସେମି ଫାଇନାଲରେ ପ୍ରବେଶ କରିଛି। ଆୟୋଜକ ସଭାପତି ରାମ ପ୍ରସାଦ କର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସମିତିସଭ୍ୟ ପୀତାମ୍ବର ସାହୁ, କ୍ରୀଡାବିତ ରାଜେଶ ସେଠୀ ଅତିଥି ଭାବେ ଯୋଗଦେଇ ସମ୍ବଲପୁରର ରାହୁଲ ବିଶ୍ୱକର୍ମାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚଟିକୁ ପ୍ରଶାନ୍ତ ମିଶ୍ର ଓ ଅଚ୍ୟୁତାନନ୍ଦ ସାହୁ ପରିଚାଳନା କରିଥିବା ବେଳେ ମନୋଜ କୁମାର ପାତ୍ର ସ୍କୋରିଙ୍ଗ, ପରକ୍ଷିତ କର୍ଣ୍ଣ ଅନ ଲାଇନ ସ୍କୋରିଙ୍ଗ ଏବଂ ଶ୍ରୀନିବାସ ପ୍ରଧାନ ଓ ଟୁଟୁ ରାଓ ଧାରାବିବରଣୀ ପ୍ରଦାନ କରିଥିଲେ। ବୁଧବାର ଜେସିସି ସମ୍ବଲପୁର ଓ ବଲାଙ୍ଗିର ମଧ୍ୟରେ ପୁଲ-ଏର ସେମିଫାଇନାଲ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ସୂଚନା ମିଳିଛି।

# ପ୍ରଶାସନର ରୋକ୍ ସତ୍ତ୍ୱେ ହେଲା ମଣ୍ଡେଇ ଉତ୍ସବ



କୋଷାଗୁମୁଡା,୬।୧(ସମିସ): ପ୍ରଶାସନର ନିୟମକୁ ମାନି ପ୍ରସିଦ୍ଧ ପାରମ୍ପରିକ ତାରାଗାଁ/କଟାଗାଁ ମଣ୍ଡେଇ ବିଧିବଦ୍ଧ ଭାବେ ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ଦୋକାନ ବଜାର ବନ୍ଦ କରି ମଙ୍ଗଳବାର ଦିନ ପାଳନ କରାଯାଇଛି। ଏଭଳି ଦୃଶ୍ୟ ପୂର୍ବରୁ କେବେ ମଧ ହୋଇନଥିଲା। ଦୁଇ ଗ୍ରାମର ଜମି ଅଧିଗ୍ରହଣ କୁ ନେଇ ଗୋଷ୍ଠୀ ଗଣ୍ଡଗୋଳ ହୋଇଥିଲା । ଯାହାକୁ ନେଇ ପ୍ରଶାସନ ଏଥିରେ ରୋକ ଲଗାଇଥିଲା। ଏହାସତ୍ତ୍ୱେ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ତାରାଗାଁ ପଞ୍ଚାୟତ ସଦର ଗ୍ରାମର ପରମ୍ପରା ଆଦିବାସୀଙ୍କ ପ୍ରସିଦ୍ଧ ବାର୍ଷିକ ମଣ୍ଡେଇ ଯାତ୍ରା ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଥିଲା।। ଏହି ଗଣ ପରବ ମଣ୍ଡେଇ ଯାତ୍ରା ବର୍ଷକୁ ଥରେ ଅନୁଷ୍ଠିତ ହୋଇଥାଏ। ପ୍ରଥମେ ତାରା ଗାଁ, କଟା ଗାଁ ଓ ଆଖପାଖ ବାରପାଲି ଗ୍ରାମରୁ ଶତାଧିକ ଦେଓ ଲାଠି , କୁର୍ଚି , ପାଲିଙ୍କି ଆସି ଗୋଟିଏ ଜାଗାରେ ରୁଣ୍ଡ ହୋଇଥିଲେ। ତାପରେ ଗ୍ରାମର ମୁଖ୍ୟ ଦେବତାଙ୍କ ଆଜ୍ଞା ମାଳ ଆସିବା ପରେ ଗ୍ରାମର ସମସ୍ତ ଦେବତାଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ସମସ୍ତ ଲାଠି , କୁର୍ଚି ଓ ପାଲିଙ୍କି ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ସ୍ଥାନୀୟ ମୁଖ୍ୟ ଦେବା ରାଜା ଚଉଁରିଆଙ୍କ ଓ ଦେବୀ ମନ୍ଦିର ପୂଜାରି , ଶିରା , ଚଲାଣ ଓ ଗାଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଦିବାସୀଙ୍କ ପରମ୍ପରା ଅନୁଯାୟୀ ଦେବାଦେବୀଙ୍କ ପୂଜାପାଠ କରିଥିଲେ। ବିଶ୍ୱାସ କରାଯାଏ କି ଗ୍ରାମର ଦେବାଦେବୀଙ୍କୁ ପୂଜାପାଠ କରି ସନ୍ତୁଷ୍ଟ କଲେ ଅଞ୍ଚଳରେ ରୋଗ ବ୍ୟାଧି , ମହାମାରୀ ଆସେ ନାହିଁ ଓ ଆସନ୍ତା ଫସଲ ଭଲ ହୋଇଥାଏ। ମଣ୍ଡେଇ ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷାପାଇଁ କୋଡ଼ିଙ୍ଗା ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଶିକ୍ଷୟିତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା, ସ୍ୱାମୀ ଗିରଫ

## ଯୌତୁକ ସାମଗ୍ରୀ ଫେରାଇବାକୁ ଦାବି କଲା ମା' ଘର



ଉମରକୋଟ,୬।୧(ସମିସ): ଶଶୁର ଘରେ ଝିଅର ସନ୍ଦେହଜନକ ମୃତ୍ୟୁ ପରେ ହତ୍ୟା ଅଭିଯୋଗ ଆଣିଛନ୍ତି ଝିଅର ପରିବାର ଲୋକେ । ଘଟଣାର ନିରପେକ୍ଷ ତଦନ୍ତ ଓ ଯୌତୁକ ଜିନିଷ ଫେରାଇବା ଦାବି କଲେ ମାତୃ ଗୃହ ଅଧକ୍ଷା। ସୂଚନା ଅନୁଯାୟୀ ଗତ ୪ ତାରିଖ ଦିନ ନବରଙ୍ଗପୁର ଜିଲ୍ଲା ଉମରକୋଟ ଡିଏନକେ ସ୍ଥିତ ବ୍ୟବସାୟୀ କାବୁଲ ଚାନ୍ଦଙ୍କ ବୋହୂ ସଞ୍ଜନାଙ୍କ ସନ୍ଦେହ ଜନକ ମୃତ୍ୟୁଘଟଣାରେ ଉମରକୋଟ ପୁଲିସ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅପର ପକ୍ଷରେ ଆଜି ପୁଲିସ ମୃତ ମହିଳାଙ୍କ ଶଶୁର କାବୁଲ ଚାନ୍ଦ ଓ ଶାଶୁଙ୍କୁ ଥାନାକୁ ଡାକି ପଚରା ଉଚରା କରି ଛାଡ଼ି ଦେଇଛି। ବ୍ୟବସାୟୀ କାବୁଲ ଚାନ୍ଦଙ୍କ ବୋହୂ ସଞ୍ଜନାଙ୍କ ମୃତ ଶରୀର ନିଜ ବେଡ ରୁମରୁ ଉଦ୍ଧାର ହେବା ପରେ ସଞ୍ଜନାଙ୍କ ବାପା ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୂର୍ବରୁ ଝିଅକୁ ଯୌତୁକ ବାବଦକୁ କାର ପାଇଁ ମାନସିକ ନିର୍ଯାତନା ଦେଉଥିଲେ ଓ ହତ୍ୟା କରିଛନ୍ତି ବୋଲି ଉମରକୋଟ ଥାନାରେ ଅଭିଯୋଗ କରିଥିଲେ ମୃତ ସଞ୍ଜନାଙ୍କ ବାପା। ପରେ ଉମରକୋଟ ପୁଲିସ ଉକ୍ତ ଘଟଣାରେ ସଞ୍ଜନାଙ୍କ ସ୍ୱାମୀ ଅନୁପମ ଚାନ୍ଦଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଅନ୍ୟପଟେ ନବରଙ୍ଗପୁର ଜିଲା ମାତୃଘ ଅଧକ୍ଷା କାଦମ୍ବିନୀ ତ୍ରିପାଠୀ, ଡକ୍ଟର ବିଜୟ କୁମାର ମିଶ୍ର , ପ୍ରୀତିସୁଦ୍ଧା ମହାନ୍ତି ମୃତ ସଞ୍ଜନା ପରିବାର ଲୋକଙ୍କ ସହ ଉମରକୋଟ ଥାନା ଯାଇ ଥାନା ଅଧିକାରୀ ରମାକାନ୍ତ ସାଏଙ୍କୁ ସାକ୍ଷାତ କରି ଏଫଆଇଆର ଥିବା ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ଦାବି କରିବା ସହ ବିବାହ ବେଳେ ସଞ୍ଜନାଙ୍କ ପରିବାର ଲୋକେ ଯାହା ଯୌତୁକ ଦେଇଥିଲେ ସେସବୁ ଫେରାଇବା ଓ ଏକ ନିରପେକ୍ଷ ତଦନ୍ତ କରିବା ପାଇଁ ଦାବି କରିଥିଲେ।

● ମଣ୍ଡି ଅବ୍ୟବସ୍ଥା ନେଇ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

# ଚାଷୀଙ୍କ ସ୍ୱାର୍ଥ ପାଇଁ ରାଜରାସ୍ତାକୁ ଓହ୍ଲାଇବ ବିଜେଡି




ରାୟଗଡ଼ା,୬ ।୧(ସମିସ): ରାୟଗଡ଼ା ଜିଲ୍ଲାରେ ଚଳିତ ଖରିଫ ମଣ୍ଡି ସମସ୍ୟା ଯୋଗୁଁ ଚାଷୀମାନଙ୍କର କଷ୍ଟାର୍ଜିତ ଧାନ ଉଠାଣ ଅବ୍ୟବସ୍ଥା ଓ ଟୋକନ ବିଭ୍ରାଟକୁ ନେଇ ଆଜି ରାୟଗଡା ଜିଲ୍ଲା ବିଜେଡି ପକ୍ଷରୁ ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଜିଲ୍ଲାର ଚାଷୀମାନଙ୍କ ହିତରେ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର କୁମାର ଦାଶଙ୍କ ନେତୃତ୍ୱରେ ଜିଲ୍ଲା ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣିଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଅଭିଯୋଗ କରିବା ସହ ଏ ନେଇ ସବିଶେଷ ଆଲୋଚନା କରିଥିଲେ। ଜିଲ୍ଲାର ଚାଷୀଙ୍କ ପ୍ରମୁଖ ସମସ୍ୟାର ଉଚିତ ସମାଧାନ ନ ହେଲେ ଆଗାମୀ ଦିନରେ ରାୟଗଡ଼ା ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ଦାଶ ସୂଚନା ଦେଇଛନ୍ତି। ଜିଲ୍ଲାପାଳଙ୍କ ସହ ସାକ୍ଷାତ ଆଲୋଚନା ବେଳେ ବିଜୁ ଜନତା ଦଳର ବରିଷ୍ଠ ନେତା ପି.ଗୌରୀ ଶଙ୍କର ରାଓ, ଜିଲ୍ଲା ପରିଷଦ ସଭ୍ୟ ଇପିଲି ଧବଳେଶ୍ୱର ନାଇଡୁ, ରାଜ୍ୟ ବିଜୁ ଯୁବ ଜନତା ଦଳର ବରିଷ୍ଠ ଉପସଭାପତି ଦେବାଶିଷ ଖାଡ଼ଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ।

# ପଲିଥିନ୍ ଦୋକାନ ସିଲ୍, ଜରିମାନା ଆଦାୟ



ଜୟପୁର ୬।୧ (ସମିସ): ଜୟପୁର ସହରରେ ବେଆଇନ ପଲିଥିନ ବିକ୍ରି କରାଯାଉଥିବା ଅଭିଯୋଗ ନେଇ ଆଜି ପୌର କାର୍ଯ୍ୟାଳୟ ପକ୍ଷରୁ ଚଢଉ କରାଯାଇଛି । ପୌର ନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡୀଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ପୂଜା ରାଉତଙ୍କ ନେତୃତ୍ୱରେ ପୌରସଂସ୍ଥାର କର୍ମଚାରୀ ମାନେ ସ୍ଥାନୀୟ କୁମାର ବିଦ୍ୟାଧର ସିଂ ଦେଓ ଦୈନିକ ବଜାରରେ ୨ଟି ଦୋକାନରେ ଚଢଉ କରି ବେଆଇନ ଭାବେ ବିକ୍ରି କରାଯାଉଥିବା ୧୫ କେଜି ପଲିଥିନ ଜବତ କରିବା ସହ ୧୫ ଶହ ଟଙ୍କା ଜରିମାନା ଆଦାୟ କରିଛି। ସେହିପରି ଏମ୍‌ଜି ରୋଡ ଠାରେ ଅନ୍ୟ ଏକ ଦୋକାନରୁ ଏକ ପଲିଥିନ ପାଇକାରୀ ଦୋକାନ ଜ୍ୟୋତି ଟ୍ରେଡର୍ସ ଉପରେ ଚଢଉ କରାଯାଇଥିଲା। କିନ୍ତୁ ଦୋକାନୀ ପୌର କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ଦୋକାନ ବନ୍ଦ କରି ଚାଲିଯାଇଥିଲେ। ଖବରପାଇ ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ଶ୍ରୀମତି ରାଉତ ଘଟଣାସ୍ଥଳରେ ପହଞ୍ଚି ଦୋକାନୀ ମାଲିକଙ୍କୁ ଫୋନ କରିଥିଲେ। କିନ୍ତୁ ସେ ଫୋନ ଉଠାଇନଥିଲେ। ଶେଷରେ ପୁଲିସ ଉପସ୍ଥିତିରେ ପୌରସଂସ୍ଥା ପକ୍ଷରୁ ଉକ୍ତ ଦୋକାନକୁ ସିଲ କରାଯାଇଛି। ଉକ୍ତ ଦୋକାନୀଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଜରିମାନା କରାଯିବ ଏବଂ ସରକାରୀ କାର୍ଯ୍ୟରତ କର୍ମଚାରୀଙ୍କୁ ଦୁର୍ବ୍ୟବହାର ପାଇଁ ଭାରତୀୟ ଦଣ୍ଡ ବିଧାନ ଆଇନ ଅନୁଯାୟୀ ମାମଲା ରୁଜୁ କରାଯିବ ବୋଲି ପୌରସଂସ୍ଥାର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀମତି ରାଉତ କହିଛନ୍ତି। ଏହି ଚଢଉରେ ନିରୀକ୍ଷକ ଭୁବନୀ ହାଲବା, ସତ୍ୟ ନାରାୟଣ ପାତ୍ର , କିରଣ ମଲ୍ଲିକଙ୍କ ସହ ଟାଉନ୍ ପୁଲିସ ଉପସ୍ଥିତ ଥିଲେ।

# ବାଇକ୍ ଚୋରି ପରେ ନିଆଁରେ ପୋଡିଦେଲେ

ଜୟପୁର,୪।୧(ସମିସ): ଜୟପୁର ସଦରଥାନା ଅନ୍ତା ଗ୍ରାମର ଏକ ବାଇକ୍ ଚୋରିକରି ପୋଡି ଦିଆଯାଇଥିବା ନେଇ ସଦରଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ସୂଚନା ଅନୁଯାୟୀ ଅନ୍ତାଗ୍ରାମର ଭକ୍ତରାମ ହରିଜନଙ୍କ ବାଇକ୍ (ଓଡି୧୦ଏଲ୩୬୫୦)କୁ ଗତ ୪ ତାରିଖରେ ତାଙ୍କ ଘର ପରିସରରୁ ଚୋରି ହୋଇଥିଲା। ଗତକାଲି ରାତି ୮ଟା ସମୟରେ ଦିଶାରୀକୋଣେଇ ଠାରେ ବାଇକ୍‌ଟି ନିଆଁରେ ପୋଡି ହୋଇଥିବା ନେଇ ଅଭିଯୋଗକାରୀ ଦେଖିବାକୁ ପାଇଥିଲେ। ଏନେଇ ଥାନାରେ ଅଭିଯୋଗକାରୀଙ୍କ ଏତଲା କ୍ରମେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରିଥିବା ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।







# ବୈପାରୀଗୁଡା ବିଡିଓ ପଦବୀ ପୂରଣ

● ଜିଲ୍ଲାପାଳଙ୍କୁ ଧନ୍ୟବାଦ ଜଣାଇଲେ ଗ୍ରାମବାସୀ

ବୈପାରୀଗୁଡ଼ା,୬।୧(ସମିସ): ବୈପାରୀଗୁଡାରେ ଆଠ ମାସ ପରେ ବିଡ଼ିଓ ପଦବୀ ପୂରଣ ହେଲା। ସ୍ଥାୟୀ ବିଡ଼ିଓ ପଦବୀ ଖାଲି ଥିବା ଯୋଗୁଁ 'ସକାଳ' ଖବର କାଗଜରେ ଏକାଧିକ ଥର ଖବର ପ୍ରସାରିତ ହୋଇଥିଲା । ଶେଷରେ ଆଜି ବ୍ଲକ କାର୍ଯ୍ୟାଳୟରେ ନୂତନ ବିଡ଼ିଓ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆଜି ଭାରପ୍ରାପ୍ତ ବିଡ଼ିଓ ଶକ୍ତି ମହାପାତ୍ର ନୂତନ ବିଡ଼ିଓ ସୁବ୍ରତ କୁମାର ସାହୁଙ୍କୁ ଦାୟୀତ୍ୱ ହସ୍ତାନ୍ତର କରିଛନ୍ତି । ଶ୍ରୀ ସାହୁ ପୂର୍ବରୁ କୋରାପୁଟ ଡେପୁଟି କଲାକ୍ଟର ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ଆଜି ବୈପାରୀଗୁଡା ବିଡ଼ିଓ ଭାବେ ଯୋଗ ଦେଇଛନ୍ତି। ସୂଚନା ଥାଉକି, ପୂର୍ବରୁ ବିଡ଼ିଓ ଅଭିମନ୍ୟୁ କବି ଶତପଥି ଗତ ୨୦୨୫ ମସିହା ମେ ମାସ ୩୧ ତାରିଖରେ ଅବସର ଗ୍ରହଣ କରିବା ପରେ ବୈପାରୀଗୁଡାରେ ସ୍ଥାୟୀ ବି.ଡ଼ି.ଓ ନିଯୁକ୍ତି ହୋଇନଥିଲା। ପରେ ଜୟପୁର ବି.ଡ଼ି.ଓ ଶକ୍ତି ମହାପାତ୍ରଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଆଜି ଗ୍ରାମବାସୀ ନୂତନ ବିଡ଼ିଓଙ୍କୁ ସ୍ୱାଗତ କରିବା ସହ କୋରାପୁଟ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ନୂତନ ପଞ୍ଚାୟତ ଗୃହ ସ୍ଥାନାନ୍ତରକୁ ବିରୋଧ



କୁନ୍ଦୁରା,୬।୧(ସମିସ): ନୂତନ ପଞ୍ଚାୟତ ଗୃହ ସ୍ଥାନାନ୍ତରକୁ ବିରୋଧ । ବିଡ଼ିଓଙ୍କୁ ଘେରିଲେ ଜନ ପ୍ରତିନିଧି ଏବଂ ଗ୍ରାମବାସୀ । କୁନ୍ଦୁରା ବ୍ଲକ କାର୍ଯ୍ୟାଳୟଳ ପରିସରରେ ଆସନା ପଞ୍ଚାୟତ ସରପଞ୍ଚଙ୍କ ନେତୃତ୍ୱରେ ଗ୍ରାମବାସୀ ପହଞ୍ଚି ବିଡ଼ିଓଙ୍କୁ ଘେରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଆସନା ପଞ୍ଚାୟତ ସ୍ଥାପିତ ହେବା ଠାରୁ ଉଡ୍ଡୁଲୁଗୁଡା ସ୍ଥିତ ରାଜୀବଗାନ୍ଧୀ ସେବା କେନ୍ଦ୍ରରେ ଚାଲିଛି ପଞ୍ଚାୟତ କାର୍ଯ୍ୟାଳୟ। ଏଠାରେ ନୂତନ ପଞ୍ଚାୟତ କାର୍ଯ୍ୟଳୟ ନିର୍ମାଣ ପାଇଁ ଅର୍ଥ ମଞ୍ଜୁରୀ ହୋଇଥିବା ବେଳେ ଗାଁ ବାହାରେ ଅନ୍ୟତ୍ର ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାନାନ୍ତରିତ ପାଇଁ ଯୋଜନା କରାଯାଉଛି । ଯାହାକୁ ନେଇ ବିରୋଧ କରିଛନ୍ତି ଅଞ୍ଚଳ ବାସୀ। ପୁରୁଣା ପଞ୍ଚାୟତ କାର୍ଯ୍ୟାଳୟରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ଦାବି ହୋଇଛି। ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ସମସ୍ୟା ବଢିବ । ଯାହାର ପ୍ରଭାବ ଆସନ୍ତା ପଞ୍ଚାୟତ ନିର୍ବାଚନରେ ପଡିବ ବୋଲି ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ। ଏନେଇ ବିଡିଓ ପି ମାନସ୍ମିତାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପଞ୍ଚାୟତ ଜନ ପ୍ରତିନିଧି ଏବଂ ଗ୍ରାମବାସୀଙ୍କ ସହମତିରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କରାଯିବ।

# ମାଆର ମୃତ୍ୟୁ ଖବର ଶୁଣି ଟଳିପଡ଼ିଲା ପୁଅ

ଜୟପୁର,୬ ।୧(ସମିସ): ମା'ର ମୃତ୍ୟୁ ଖବର ଶୁଣି ଟଳିପଡ଼ିଲା ପୁଅ। ଏପରି ଦୁଃଖଦ ଘଟଣା ଜୟପୁର ସହରର ପରିଚ୍ଛା ସାହିରେ ଘଟିଛି। ଗୋଟିଏ ଘରରୁ ଏକାସାଥିରେ ମାଆ ଏସ. ସାଇବାଣି (୭୫) ଏବଂ ପୁଅ ଏସ. ରବି କୁମାର (୫୨)ଙ୍କ କୋକେଇ ଉଠିଛି। ସୂଚନା ଅନୁଯାୟୀ, ମାଆ ସାଇବାଣ, ପୁଅ ରବିକୁମାରଙ୍କ ସମେତ ତାଙ୍କର ଅବିବାହିତ ଭଉଣୀ ଏସ. ସୁକାନ୍ତି (୫୮) ଏକାଠି ରହୁଥିଲେ। ସାହି ଓ ସମାଜ ବାସିନ୍ଦା କରିବା ଅନୁଯାୟୀ, ପିତାଙ୍କ ମୃତ୍ୟୁ ପରେ ପରିବାରରେ ଏହି ୩ଜଣ ରହି ଆସୁଥିବା ବେଳେ ଗତ କିଛି ବର୍ଷ ହେଲାଣି ମାଆ ପକ୍ଷଘାତରେ ପୀଡିତ ହୋଇଥିଲେ। ବଡ଼ ଭଉଣୀଙ୍କ ମାନସିକ ସ୍ଥିତି ଠିକ ନଥିବା ଯୋଗୁଁ ପୁଅ ରବି ନିଜର ରୋଗିଣୀ ମାଆ ଓ ଭଉଣୀର ସେବା କରୁଥିଲେ।

## ମୃତ୍ୟୁ ଏମିତି ମଧ ଆସେ

ପିତାଙ୍କ ସରକାରୀ ଚାକିରୀରୁ ମାଆଙ୍କୁ ମିଳୁଥିବା ପେନ୍‌ସନ ଟଙ୍କାରେ ପରିବାର ଚଳୁଥିଲା। ପ୍ରତିଦିନ ପରି ଆଜି ଭୋରରୁ ଉଠି ରବି କୁମାର ମାଆର ସେବା କରିବା ପରେ ନିଜ ଜମିକୁ ଯାଇ ଘରକୁ ପୂର୍ବାହ୍ନ ୮ଟା ସମୟରେ ଫେରିଥିଲା। ଅସୁସ୍ଥ ତଥା ଶଯ୍ୟାଶାୟୀ ମାଆଙ୍କ ଖଟ ପାଖକୁ ଯାଇ ଦେଖି ମାଆଙ୍କୁ ଡାକିଥିଲେ। କିନ୍ତୁ କୌଣସି ଉତ୍ତର ନ ମିଳଇବାରୁ ସାହି ପଡିଶାଙ୍କୁ ଡାକିଥିଲେ। ସାହିପଡିଶା ପହଞ୍ଚି ମାଆଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରିବା ପରେ ଏହାକୁ ସହ୍ୟ କରି ନପାରି ପୁଅ ବସିବା ଅବସ୍ଥାରେ ପ୍ରାଣ ହରାଇଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

# ପୁଷପୁନିଂ ଉତ୍ସବର ୫ମ ସଂଧ୍ୟା

ଜୟପୁର,୬ ।୧(ସମିସ): ଜୟପୁର ସହରର ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ମଙ୍ଗଳବାର ୫ମ ଦିବସ ସଂଧ୍ୟାରେ ଜି-ବାଙ୍ଗାଲା ଟିଭି ଚ୍ୟାନେଲର ଗତବର୍ଷର ଚାମ୍ପିଅନ୍ ସୁନାମଧନ୍ୟ କଣ୍ଠଶିଳ୍ପୀ ସର୍ମିଷ୍ଠା ସରକାରଙ୍କ ଗୀତ ଏବଂ ବ୍ଲାକ ମାସ୍କ ବ୍ୟାଣ୍ଡର ସଂଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରବଳ ଶୀତ ସତ୍ତ୍ୱେ ଦର୍ଶକ ମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଉପଭୋଗ କରିଥିଲେ। ଏହି ଅବସରରେ ସ୍ଥାନୀୟ କଳକାରଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ମାଲକାନଗିରି ଜିଲ୍ଲାର ବଣ୍ଡା ଜନଜାତିଙ୍କ ପାରମ୍ପରିକ ନୃତ୍ୟ ଏବଂ ସ୍ଥାନୀୟ ଅବିନାଶ ଡ୍ୟାନ୍ସ ଏକାଡେମୀ ଦ୍ୱାରା ନୃତ୍ୟ ପରିବେଷଣ, ପ୍ରାରମ୍ଭରୁ ସ୍ଥାନୀୟ କବି ମାନଙ୍କ ଦ୍ୱାରା କବିତା ପାଠୋତ୍ସବ ଏବଂ ବେଶଭୂଷା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଜି ସନ୍ଧ୍ୟାର ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ମୁନ୍ନା ଖାନ, ବିଡିଓ ଶକ୍ତି ମହାପାତ୍ର, ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ଦୀପକ ରଥ କରିଥିବା ବେଳେ କଳା ଓ କଳାକାର ମଞ୍ଚ ସଭାପତି ମନୋଜ ପାତ୍ର ଓ ସମ୍ପାଦକ ଧିରେନ ମୋହନ ପଟ୍ଟନାୟକ ଓ ସମସ୍ତ କର୍ମକର୍ତ୍ତା ସହରବାସୀଙ୍କ ଧନ୍ୟବାଦ ଜଣାଇଛନ୍ତି। ଏହିପରି ମୀନାବଜାର ଓ ଖାଦ୍ୟ ମେଳାରେ ଲୋକମାନଙ୍କ ଭୀଡ ଦେଖିବାକୁ ମିଳିଥିଲା।










# ଅଟଳ ସେନା ଚିନ୍ତନ ପରିଷଦ ଉପାଧ୍ୟକ୍ଷଙ୍କ ଶ୍ରାଦ୍ଧବାର୍ଷିକୀ

ନନ୍ଦପୁର,୬।୧(ସମିସ): କୋରାପୁଟ ଜିଲ୍ଲା ଅଟଳ ସେନା ଚିନ୍ତନ ପରିଷଦ ଉପାଧକ୍ଷ ସ୍ୱର୍ଗତ ବୈକୁଣ୍ଠ ଚୌଧୁରୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇ ଯାଇଛି । ଏହି ଅବସରରେ ନନ୍ଦପୁର ସ୍ଥିତି ବାସଭବନରେ ବହୁ ମାନ୍ୟ ଗଣ୍ୟବ୍ୟକ୍ତି ପହଞ୍ଚି ସ୍ୱର୍ଗତ ବୈକୁଣ୍ଠ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ନନ୍ଦପୁର ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ଅଟଳ ସେନା ରାଜ୍ୟ ସହ ସମ୍ପାଦକ ବିରଜା ଶଙ୍କର ବେହେରା, ଜିଲ୍ଲା ସଂଗଠନ ସଂପାଦକ ତ୍ରିନାଥ ଖରା, ତରୁଣ କୁମାର ସେଠୀ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଖଣ୍ଡ ବାହକ ଏନ୍ ପ୍ରସାଦ ଦାସ, ଲାଲ ବାହାଦୁର ଚୌଧୁରୀ, ଭୁବନ ଆସନ ଧାରୀଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସହ ବନ୍ଧୁ ବର୍ଗ ଯୋଗ ଦେଇ ସ୍ୱର୍ଗତ ବୈକୁଣ୍ଠ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସ୍ୱର୍ଗତ ଚୌଧୁରୀ ପରିବାର ପକ୍ଷରୁ ଆୟୋଜିତ ବ୍ରହ୍ମ ଭୋଜନ ସେବନ କରାଯାଇଥିଲା।

# ପାରମ୍ପରିକ ଅସ୍ତ୍ର ଧରି ପ୍ରତିବାଦ କଲେ ଅଞ୍ଚଳବାସୀ

ପଟାଙ୍ଗି, ୬।୧(ସମିସ):



କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକର ନୂଆଗାଁ ପଞ୍ଚାୟତର ୯ର ପାଣିକୁ ବକ୍ସାଇଟ ଖଣି ଖନନରେ ବ୍ୟବହାର କରିବା ନିମନ୍ତେ ହେବାକୁ ଥିବା ଗ୍ରାମସଭା କରିବାକୁ ଦେଲେନାହି ଗ୍ରାମବାସୀ। ଖଣ୍ଡା କାତି ଧରି ରାସ୍ତାରେ ଧାରଣା ଦେବା ସହ ଗଛ ପକାଇ କଲେ ରାସ୍ତା ଅବରୋଧ କଲେ। ପ୍ରଶାସନ ଲୋକଙ୍କୁ ବୁଝାଇବାରେ ବିଫଳ ହେବା ପରେ ଲୋକେ ଅଟକି ରହିଲେ ନିଜର ଜିଦରେ । ବାଧ ହୋଇ ଫେରିଲା ପ୍ରଶାସନ। ସୂଚନା ଅନୁଯାୟୀ ନାଲକୋ କମ୍ପାନୀ ପଟାଙ୍ଗି ଏବଂ ସେମିଳିଗୁଡା ବ୍ଲକର ନୂଆଗାଁ, ପଟାଙ୍ଗି, ମାଳିପୁଟ, ଖୁଡି, କୋଟିଆ ଆଦି ପଞ୍ଚାୟତ ଦେଇ ଯାଇଥିବା ସେରୁବନ୍ଧ ପର୍ବତରୁ ବକ୍ସାଇଟ ଖଣି ଖନନ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରିଅଛି। ନୂଆଗାଁ ପଞ୍ଚାୟତରୁ ବୋହିଥିବା ୯ର ପାଣିକୁ ଉକ୍ତ ଖଣି ଖନନ ରେ ବ୍ୟବହାର ହେବାକୁ ଥିବା ପାଣିକୁ ବ୍ୟବହାର କରିବା ନିମନ୍ତେ ଏକ ଗ୍ରାମସଭା କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଗ୍ରାମସଭା କରିବା ନିମନ୍ତେ ପ୍ରଶାସନିକ ଅଧିକାରୀ ପ୍ରସ୍ତୁତ ହୋଇ ଘଟଣା ସ୍ଥଳରେ ପହଞ୍ଚିବା ନିମନ୍ତେ ପହଞ୍ଚିବାକୁ ଚେଷ୍ଟା କରିଥିଲେ। ଉକ୍ତ ସମୟରେ ପ୍ରଶାସନିକ ଅଧିକାରୀ ଉପଜିଲ୍ଲାପାଳ ପ୍ରେମାଲାଲ ହିଆଲ, ତହସିଲଦାର ଦେବେନ୍ଦ୍ର ଧାରୁଆ,ବିଡ଼ିଓ ରାମ କୃଷ୍ଣ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଇନ ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନାଙ୍କ ଅଧକ୍ଷତାରେ ବିଭିନ୍ନ ଥାନା ଅଧିକାରୀ ଏବଂ ୭ ପ୍ଲାଟୁନ ପୋଲିସ ପହଞ୍ଚିଥିଲେ। କିନ୍ତୁ ଉକ୍ତ ସୂଚନା ପାଇ ପୂର୍ବରୁ ହିଁ ସ୍ଥାନୀୟ ସହ ସହ ମହିଳା ଓ ପୁରୁଷ ମାନେ ପାରମ୍ପରିକ ଅସ୍ତ୍ର ଶସ୍ତ୍ର ଧରି ନୂଆଗାଁ ଘାଟି ଚଢିବା ରାସ୍ତା ରେ ଧାରଣା ଦେଇଥିଲେ। ରାସ୍ତା ଉପରେ ଗଛ ପକାଇ ଅବରୋଧ କରି କାହାରିକୁ ଯିବାକୁ ଛାଡ଼ି ନଥିଲେ। ଏହାପରେ ପ୍ରଶାସନିକ ଅଧିକାରୀ ଗଣ ସେଠାରେ ପହଞ୍ଚି ଉପସ୍ଥିତ ଜନ ପ୍ରତିନିଧି ଏବଂ ଜନତାଙ୍କୁ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲା। ଅଧିକାରୀଙ୍କୁ ଦେଖି ନାଲ୍‌କୋ ଗୋବେକ ଏବଂ ପ୍ରଶାସନ ବିରୁଦ୍ଧରେ ନାରାବାଜି କରିଥିଲେ। ଫଳରେ ଗ୍ରାମସଭା କରି ନପାରି ଅଧିକାରୀ ଫେରିଯାଇଥିବା ଦେଖିବାକୁ ମିଳିଛି। ଧାରଣାରେ ନୂଆଗାଁ ସରପଞ୍ଚ ସୁବାସ ଖରା, ପଟାଙ୍ଗି ଜୋନ ୧ ଜିଲ୍ଲା ପରିଷଦ ସଦସ୍ୟ ଟିକାଇ ଗେମେଲ, ପଟାଙ୍ଗି ସରପଞ୍ଚ ଆଲ୍ଲେ ଫୁଲ, ସେରୁବନ୍ଧ ସୁରକ୍ଷା ସମିତିର ସଭାପତି ରବି ଖରା, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଠା, ମାଳି ପର୍ବତ ସୁରକ୍ଷା ସମିତିର ସଭାପତି ବିଜୟ ଖିଲ, ହାଲ ବିସ୍ଥାପିତ ସଂଘର ସଭାପତି ତ୍ରିଲୋଚନ ମୁଦୁଲି, ଦାସୀ ନାନ୍ଦିବାଲି, ବଦ୍ୟନାଥ ଗେମେଲ ପ୍ରମୁଖଙ୍କ ସମେତ ସେରୁବନ୍ଧ ପର୍ବତ ନିକଟରୁ ବକ୍ସାଇଟ ଖନନ ହେବାକୁ ଥିବା ଗ୍ରାମ ଗୁଡ଼ିକର ସହ ସହ ମହିଳା ଓ ପୁରୁଷ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

● ଏଆଇ ଭଏସ୍ କ୍ଲୋନିଂ ଠକେଇ

# ୫୦ ହଜାର ଟଙ୍କା ନେଇଗଲେ ସାଇବର ଠକ



ଏମ୍‌ଭି ୭ ୯, ୬ ।୧ (ସମିସ): ସାଇବର ଅପରାଧୀମାନଙ୍କ ନୂତନ ରଣନୀତି ଏବେ ସାଧାରଣ ଲୋକଙ୍କ ପାଇଁ ଗଭୀର ଚିନ୍ତାର କାରଣ ହୋଇଛି। ଏପରି କିଛି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଏମଭି୭ ୯ ଅଞ୍ଚଳରେ। ସେଠାରେ ଥିବା ଜଳ ସମ୍ପଦ କାର୍ଯ୍ୟାଳୟର କର୍ମଚାରୀ ଶ୍ରୀକାନ୍ତ ବେହେରା ଏଆଇ ଭଏସ୍ କ୍ଲୋନିଂରେ ସାଇବର ଠକେଇର ଶିକାର ହୋଇଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଶ୍ରୀ ବେହେରାଙ୍କୁ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ଫୋନ କରୁଥିବା ବ୍ୟକ୍ତି ନିଜକୁ ତାଙ୍କ କାର୍ଯ୍ୟାଳୟର ହିସାବରକ୍ଷକ ବୋଲି ପରିଚୟ ଦେଇ,"ହ୍ୟାପି ନ୍ୟୁ ଇଅର' ଶୁଭେଚ୍ଛା ସହ କଥା ଆରମ୍ଭ କରିଥିଲେ। ଫୋନରେ ଶୁଣାଯାଉଥିବା ଭଏସ୍ ଏତେ ସ୍ପଷ୍ଟ ଓ ପରିଚିତ ଲାଗୁଥିଲା ଯେ କୌଣସି ସନ୍ଦେହ ହୋଇନଥିଲା। ଠକ ଚିକିତ୍ସା ଜରୁରୀ ପରିସ୍ଥିତି ଦେଖାଇ ୯୫ ହଜାର ଟଙ୍କା ଦରକାର ବୋଲି କହିଥିଲେ ଏବଂ ଶ୍ରୀ ବେହେରା ତାଙ୍କୁ ୫୦ ହଜାର ଟଙ୍କା ପଠାଇ ଦେଇଥିଲେ। ପରେ ଆଉ ୪୫ ହଜାର ଟଙ୍କା ମାଗିବା ସମୟରେ ୟୁପିଆଇ ସୀମା ଶେଷ ହୋଇଯିବାରୁ ଘଟଣାର ସତ୍ୟତା ଯାଞ୍ଚ କରାଇଥିଲେ। ତଦନ୍ତ କରିବାରେ ପ୍ରମାଣିତ ହୋଇଥିଲା ଯେ ପଠାଯାଇଥିବା ସ୍କ୍ରିନସଟ୍ ନକଲି ଥିଲା ଏବଂ ଫୋନଟି ଏଆଇ ଭଏସ୍ କ୍ଲୋନିଂ ମାଧ୍ୟମରେ କରାଯାଇଥିଲା। ଘଟଣା ପରେ ଠକ ଫୋନ ଉଠାଇବା ବନ୍ଦ କରିଦେଇଥିଲେ।

# କେନାଲରେ ପାଣି ଛାଡ଼ିବା ନେଇ ବିବାଦ



ଜୟପୁର,୬ ।୧(ସମିସ): କୋରାପୁଟ ଜିଲ୍ଲା ଜୟପୁର କୋଲାବ ଇରିଗେସନ ବିଭାଗର ଅଧିନରେ ରହିଥିବା ପଦ୍ମପୁର ଡିଷ୍ଟ୍ରିବ୍ୟୁଟରରେ ବ୍ୟାପକ ସ୍ଥାନରେ କେନାଲ ଭାଙ୍ଗି ଯାଇଛି। ଏହିପରି କେନାଲ ପାଣି ଅପବ୍ୟୟ ହେଉଛି , ତେଣୁ ଚଳିତ ବର୍ଷ ରବିଧାନ ଚାଷ ବନ୍ଦ କରାଯାଇ କେନାଲର ଉପଯୁକ୍ତ ମରାମତି କରାଯିବାକୁ ପଦ୍ମପୁର ଡିଷ୍ଟ୍ରିବ୍ୟୁଟର ଟାଙ୍ଗୁଆ, ଡଙ୍ଗରଛିଞ୍ଚି ଏବଂ ବାଲିଆ ଗ୍ରାମପଞ୍ଚାୟତର ଗୋଟିଏ ଗୋଷ୍ଠୀର ଚାଷୀ ମାନେ କୋଲାବ ଓ ଇନ୍ଦ୍ରାବତୀ ଅବିବାହିକାର ମୁଖ୍ୟଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ଆଜି ଉପଜିଲ୍ଲାପାଳ ଏବଂ ଜିଲ୍ଲାପାଳଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଅନ୍ୟ ଏକ ଗୋଷ୍ଠୀର ଚାଷୀ ମାନେ କେନାଲରେ ପାଣି ନ ଛାଡିଲେ ସେମାନେ ଚାଷ ଉପରେ ନିର୍ଭର କରୁଥିବା ଚାଷୀ ମାନଙ୍କ ଆୟ ବନ୍ଦ ହେବା ସହିତ ସେମାନଙ୍କ ଜୀବନଜୀବିକା ଉପରେ ପ୍ରଭାବ ପଡିବ ବୋଲି ଅଭିଯୋଗ କରିଛନ୍ତି। ତେଣୁ କେନାଲକୁ ଗତ ଦୁଇ ମାସ ମଧ୍ୟରେ ମରାମତି କରାଯାଇଛି ଏବଂ ଆଗାମୀ ରବିଧାନ ଚାଷ ପରେ ବଳକା ମରାମତି କରାଯାଉ ବୋଲି ଦାବି କରିଛନ୍ତି। ତେଣୁ ତୁରନ୍ତ ରବିଧାନ ଚାଷ ପାଇଁ ପାଣି କେନାଲରେ ଛାଡିବାକୁ ଦାବି କରିଛନ୍ତି। ଏହିପରି ଆଜିର ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ବୈଠକରେ ସ୍ଥଳରେ ଦୁଇ ଗୋଷ୍ଠୀ ଚାଷୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତ ସୃଷ୍ଟି ହୋଇଥିଲା। ଏହିପରି ପଦ୍ମପୁର ଡିଷ୍ଟ୍ରିବ୍ୟୁଟର ପାଣି ପଞ୍ଚାୟତର ସଭାପତି ଗଙ୍ଗାଧର ପାଣିଗ୍ରାହୀଙ୍କ ମନମୁଖୀ କାର୍ଯ୍ୟ ଏବଂ ଚାଷୀଙ୍କୁ ବିନା ଅବଗତରେ କାର୍ଯ୍ୟ କରୁଥିବା ନେଇ ବିରୋଧ କରାଯାଇଥିଲା। ଏହିପରି କିଛି ସମୟ ପାଇଁ ଦୁଇ ଚାଷୀ ଗୋଷ୍ଠୀ ମୁହାଁମୁହିଁ ହେବା ସହିତ ସେଠାରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଉପସ୍ଥିତ ଇରିଗେସନ ବିଭାଗର ଯନ୍ତ୍ରୀ ଓ ଅଧିକାରୀ ମାନେ ବୁଝାସୁଝା ପରେ ଉଭୟ ଗୋଷ୍ଠୀ ଲାଗିଛି ଏହିପରି ଅନେକ ସ୍ଥାନରେ ମୁଣ୍ଡା ଭାଙ୍ଗି ପାଣି ଅପବ୍ୟୟ ହେବା ସହ ତଳମୁଣ୍ଡର ପାଣି ପହଞ୍ଚି ପାରୁନାହିଁ। ଏହିପରି ତରତରିଆ ଭାବେ ମାତ୍ର ଦୁଇ ମାସ ମଧ୍ୟରେ ତରତରିଆ

## ଦୁଇ ଚାଷୀଗୋଷ୍ଠୀ ମୁହାଁମୁହିଁ

ଶାନ୍ତ ହୋଇଥିଲେ। କିନ୍ତୁ ଉଭୟ ଗୋଷ୍ଠୀ ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ସରକାରଙ୍କୁ ଏଥିନେଇ ଅବଗତ କରିବେ ବୋଲି ପ୍ରକାଶ କରିନ୍ତି। ଏହିପରି ସରକାରୀ ପ୍ରତ୍ୟେକ ୩ ବର୍ଷରେ କେନାଲରେ ପାଣି ଯୋଗାଣ ବନ୍ଦ କରାଯାଇ କେନାଲ ମରାମତି କରିବା ନେଇ ନିୟମ ରହିଥିଲେ ସୁଦ୍ଧା ହତ ୨୩ ବର୍ଷରୁ ଉର୍ଦ୍ଧ୍ୱର ହେଲାଣି କେନାଲରେ ପାଣି ଛଡାଯାଉଛି। ଫଳରେ କେନାଲ ଭାଙ୍ଗି ନଷ୍ଟହେବାରେ ଭାବେ କେନାଲ ମରାମତି କରାଯାଉଥିଲେ ସୁଦ୍ଧା ଏହା ସ୍ଥାୟୀ ଭାବେ ହୋଇପାରୁନାହିଁ। କେନାଲରେ ପାଣି ନ ଛିଡିବା ସହିତ ତୁରନ୍ତ କେନାଲରେ ମରମତି ଦାବି ନେଇ ଚାଷୀ ନେତା କୃଷ୍ଣ ଚନ୍ଦ୍ର ନେପାକ, ଯୁବ ନେତା ପ୍ରିତିଶ ପଟ୍ଟନାୟକ, ନରସିଂହ ନାୟକ, ଡମ୍ବୃରୁଧର ଗାଦବା, ବିଜୟ କୁମାର ସାମନ୍ତରାୟ, ଚନ୍ଦ୍ର ଗାଦବା, ଘାସିରାମ ଗାଦବା, ମଦନ ମାଝି, ପ୍ରତାପ ମାଦଳା, ନବୀନ ନାୟକ, ପ୍ରମୁଖ ଉପସ୍ଥିତ ଥିଲେ।

# ପାଣି ପଞ୍ଚାୟତ ସଚେତନତା ରଥ ଶୁଭାରମ୍ଭ



ରାୟଗଡ଼ା,୬।୧(ସମିସ): ଆଜି ପାଣି ପଞ୍ଚାୟତ ପକ୍ଷ ପାଳନ ନିମନ୍ତେ ସଚେତନତା ରଥ ଶୁଭାରମ୍ଭ କରିଛନ୍ତି ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ରଥ ଶୁଭାରମ୍ଭ କରି ସପ୍ତାହ ବ୍ୟାପି ଏହି ରଥ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇ ଜନସାଧାରଣ ଓ ଚାଷୀ ମାନଙ୍କ ଜଳର ସୁରୁପ ବିନିଯୋଗରେ କଣ କର୍ତ୍ତବ୍ୟ ହେବା ଉଚିତ ସେ ଉପରେ ଜନ ସଚେତନତା କରିବ। ଆଜି ସ୍ଥାନୀୟ ସିଲଟିଗୁଡ଼କ୍ଷ, ଜଙ୍ଗିଦି, ଚମ୍ପିକୋଟା , କୋଡେଶୁ ଏବଂ ବିଷ୍ଣୁଗୁଡା ଏମ.ଆଇ.ପି କ୍ଷେତ୍ରରେ ରଥ ବୁଲିଥିବା ଜଣାପଡିଛି ଆସନ୍ତାକାଲି ୭ତାରିଖରେ ତାଣ୍ଡିପୁର, ରିଭଲକୋଣକ୍ଷ, ଶିକରପାଇ, ହାତିମୁଣ୍ଡା, ଓ ବିନିସପୁର ଏମଆଇପିରେ ଏବଂ ୮ରେ ବିଷମକଟକ ବ୍ଲକର ଉପରଗୋଦଗଦା, ଲୋୟର ଗୋଦଗଦା, କାନିଯୋଡି, କାଙ୍କୁବାଡ଼ି ଇତ୍ୟାଦି ପ୍ରକଳ୍ପ ଗୁଡ଼ିକର କ୍ଷେତ୍ରରେ ବୁଲିବ। ୯ ରେ ମୁନିଗୁଡାର ଶକଟା, ବୈନବସା, ବାଘଡୁଙ୍ଗୁରି, ଜଗଦଳପୁର ଏମ୍‌ଆଇପି ଏବଂ ଉଠା ଜଳସେଚନ ପ୍ରକଳ୍ପ ଗୁଡିକର କ୍ଷେତ୍ରରେ ଚାଷୀଙ୍କୁ ସଚେତନ କରିବ। ସେହିପରି ୧୦ରେ ବିଷମକଟକର ପୁଭୁଲଗୁଡା, କୁନ୍ଦନପଦର, ରାମନାଗୁଡ଼ାର ସାନମୁଲିଗାଁ ଏବଂ ଉଠା ଜଳସେଚନ ପ୍ରକଳ୍ପ ଗୁଡ଼ିକର କ୍ଷେତ୍ରରେ ବୁଲିବ ଓ ଚାଷୀମାନଙ୍କୁ ସଚେତନ କରିବ। ପରେ ୧୧ରେ ଗୁଣୁପୁରର ବିଭିନ୍ନ ଉଠା ଜଳ ସେଚନ ପ୍ରକଳ୍ପ ଏବଂ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ତଥା ଗାଡିଆଖାଲ, ପ୍ରଧାନିଗୁଡ଼ା, ନୂଆଗାଁ,ଏବଂ ଭୀମପୁର ଅଞ୍ଚଳ ବୁଲି ପ୍ରଚାର କରିବ। ସେହିପରି ଆସନ୍ତା ୧୨ରେ ବଡ଼ନାଳ ମଧ୍ୟମ ଜଳସେଚନ ପ୍ରକଳ୍ପ, ଆଖୁସିଂ ଏବଂ ଇନ୍ଦୁପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ବୁଲି ପାଣି ପଞ୍ଚାୟତ ସଦସ୍ୟ ସଦସ୍ୟା ମାନଙ୍କୁ ପାଣି ପଞ୍ଚାୟତର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ସଚେତନ କରିବ ବୋଲି ବିଭାଗ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଏହ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଅଧିକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଗ, ରାୟଗଡା ଇଂ ଜଗନ୍ନାଥ ମଲ୍ଲିକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ , ଡିଆଇପିଆରଓ ବସନ୍ତ ପ୍ରଧାନ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ଆଜି ଠାରୁ ଆରମ୍ଭ ହୋଇ ଆସନ୍ତା ୨୦ ଜାନୁୟାରୀ ୨୦୨୬ ଯାଏଁ ପାଣି ପଞ୍ଚାୟତ ପକ୍ଷ ଚାଲିବ । ଆସନ୍ତା ୧୩ ତାରିଖରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଜିଲ୍ଲା ସଦର ମହକୁମାର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଆୟୋଜନ କରାଯିବ। ବିଦ୍ୟାଳୟ ସ୍ତରରେ ୮ମ ରୁ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ୍, ମଡେଲର ପ୍ରଦର୍ଶନୀ ପ୍ରତଯୋଗିତା ଆୟୋଜନ କରାଯାଇ ବିଭାଜନ ସ୍ତରୀୟ ଏବଂ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ଏହା ସହିତ ରାଜ୍ୟସ୍ତରରେ ସର୍ବ ଶ୍ରେଷ୍ଠ ଚାଷୀଙ୍କୁ ମଧ ସମ୍ମାନିତ କରାଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ ପ୍ରକାଶ କରିଛନ୍ତି ।

# ଦୁର୍ଘଟଣାରେ ଜଣେ ମୃତ

ପଡିଆ, ୬ ।୧(ସମିସ): ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ସୀମାବର୍ତ୍ତୀ ମାଟେରୁ ପଞ୍ଚାୟତ ଅନ୍ତର୍ଗତ ଝିଲିଗୁଡା ଗ୍ରାମର ଜଣେ ବ୍ୟକ୍ତି ମୋଟର ସାଇକେଲ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଣାପଡିଛି। ଗତ୨ ତାରିଖ ସନ୍ଧ୍ୟାରେ ହୋଇଥିବା ଏହି ଦୁର୍ଘଟଣା ପରେ ବ୍ୟକ୍ତି ଜଣଙ୍କୁ ମାଲକାନଗିରି ଓ କୋରାପୁଟରେ ଚିକିତ୍ସା କରାଯାଉଥିବା ବେଳେ ସୋମବାର ସକାଳେ କୋରାପୁଟ ମେଡିକାଲରେ ପ୍ରାଣ ହରାଇଥିବା ଜଣାପଡିଛି। ସୁଚନା ଅନୁଯାୟୀ ଗତ ୨ ତାରିଖ ସନ୍ଧ୍ୟା ସମୟରେ ଝିଲିଗୁଡା ଗ୍ରାମର କମାରଗୁଡା ଦେବା ବେଟୀ ନାମକ ବ୍ୟକ୍ତି ଜଣେ ସମ୍ପର୍କୀୟଙ୍କ ସହ ସୀମାବର୍ତ୍ତୀ କମାରଗୁଡା ଅଞ୍ଚଳକୁ ଯାଉଥିବା ବେଳେ ଅଚାନକ ଭାରସାମ୍ୟ ହରାଇ ଦେବା ଚଳନ୍ତା ମୋଟର ସାଇକଲରୁ ଖସି ପଡିଥିଲେ। ଏ ନେଇ ଆଜି ଦେବାର ପୁଅ ରାମୁ ବେଟୀ ପଡିଆ ଥାନାରେ ଲିଖିତ ଅଭିଯୋଗ କରିବାରୁ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଜଣାପଡ଼ିଛି। ଏଥିସହ ସୋମବାର ସନ୍ଧ୍ୟାରେ ଦେବାର ମୃତ ଶରୀରକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପଡିଆ ଥାନାରେ ଅତିରିକ୍ତ ସବ୍ ଇନ୍ସପେକ୍ଟର କେଶବ ଭତ୍ରା କହିଛନ୍ତି।

# ପୋଟେରୁ ଜଳସେଚନ ବିଭାଜନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ



କୋରୁକୋଣ୍ଡା,୬ ।୧(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ସହରର ସ୍ଥିତ ପୋଟେରୁ ଜଳସେଚନ ବିଭାଗ ସର୍ବୋଚ୍ଚ ନିର୍ମାଣ ଯନ୍ତ୍ରୀ ଇଂ ତୃପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ପୋଟେରୁ ଜଳ ସେଚନ ବିଭାଗ ପକ୍ଷରୁ ମହାଆଡମ୍ବରରେ ଚଳିତ ବର୍ଷ ପାଇଁ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମହେଶ କୁମାର ପାଣି, ମୁଖ୍ୟବକ୍ତା ଭାବେ ଜିଲ୍ଲା କାଡା ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ୱରୂପ କୁମାର ମାଝି , ସମ୍ମାନିତ ଅତିଥି ଭାବେ ମାଲକାନଗିରି ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଇସାକ୍ ଖୋସଲା, ମାଲକାନଗିରି ବିଧାୟକ ପ୍ରତିନିଧି ମୁୟା ମାଡକାମି, ସାମ୍ବାଦିକ ନିରଞ୍ଜନ ମଲ୍ଲ , ସାମ୍ବାଦିକ ଦେବ ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଇଂ.ସୌମେନ ନାଥଙ୍କ ଦ୍ୱାରା ସମସ୍ତ ବିବରଣୀ ପ୍ରଦାନ କରାଯାଇଥିଲା। ସର୍ବୋଚ୍ଚ ନିର୍ମାଣ ଯନ୍ତ୍ରୀ ଇଂ ଶ୍ରୀ ପାତ୍ର ଚାଷୀ ମାନଙ୍କୁ ବିଶେଷ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ସେହିପରି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପାଣିର ଉତ୍ତମ ରକ୍ଷଣାବେକ୍ଷଣ ଏବଂ ବିନିଯୋଗ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସୌମେନ ନାଥ ମଞ୍ଚ ପରିଚାଳନା କରିବା ସହ ଉପସ୍ଥିତ ଚାଷୀ ମାନଙ୍କ ସୁବିଧା ଅସୁବିଧା ସମ୍ପର୍କିତ ସମସ୍ତ ପ୍ରଶ୍ନର ଉତ୍ତର ରଖିଥିଲେ। କାର୍ଯ୍ୟକ୍ରମ ଉଦ୍‌ଯାପନୀରେ ସ୍ଥାନୀୟ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଅର୍ଜୁନ ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ୍ ମୁକ୍ତ ସଚେତନତା



ବିଷମ କଟକ,୬।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବନାଞ୍ଚଳ ତରଫରୁ ବନାଞ୍ଚଳ ସ୍ତରୀୟ ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ମୁକ୍ତ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମଟି ବିଷମ କଟକ ବ୍ଲକ ଅନ୍ତର୍ଗତ ଚାଟିକୋଣା ଶିବ ମନ୍ଦିର ପର୍ଯ୍ୟଟନ ସ୍ଥଳି ନିକଟ ବନଭୋଜି ସ୍ଥଳରେ ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ସ୍ଥାନୀୟ ନଳନୀ ବିଦ୍ୟା ମନ୍ଦିର ଛାତ୍ରି ଓ ଶିକ୍ଷୟତ୍ରୀ ମାନେ ସାମିଲ ହୋଇ ଚାଟିକୋଣା ହଟ ବଜାରରୁ ସଚେତନତା ରାଲିରେ ବାହାରି ସହର ପରିକ୍ରମା କରିବା ସହ ଶିବ ମନ୍ଦିର ପରିଷର କୁ ଯାଇଥିଲେ। ସଚେତନତା ରାଲିରେ ବିଷମ କଟକ ବନାଂଚଳ ଅଧିନରେ ରହିଥିବା ବଣ ଭୋଜି ସ୍ଥଳ ଗୁଡିକ ପ୍ଲାଷ୍ଟିକ ମୁକ୍ତ କରିବା ଓ ପରିବେଶ ଅନୁକୂଳ ଦ୍ରବ୍ୟ ବ୍ୟବହାର କରିବା ନେଇ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସିଏଫ୍ ସନ୍ଦୀପ କୁମାର ପୃଷ୍ଟି ଯୋଗ ଦେଇଥିବା ବେଳେ ରେଞ୍ଜର ପ୍ରବୀର କୁମାର ଦାଶ, ଚାଟିକୋଣା ସରପଞ୍ଚ ପି.କିରଣ ଲତା, ନଳନୀ ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷୟତ୍ରୀ ଉର୍ମିଳା ଶତପଥି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସଚେତନତା କାର୍ଯ୍ୟକ୍ରମ ବିଷମ କଟକ ବନପାଳନ ହେମ ଚରଣ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ବନପାଳ ଫଂଜିତ ଶ୍ରୀରାମ, ପ୍ରମୋଦିନି ମାଣ୍ଡାଙ୍ଗି, ଗିରି ପ୍ରଧାନୀ, ବନରକ୍ଷି ସୁମିତ୍ରା ସାହୁ, ଅହଲ୍ୟା ପାତ୍ର, ପ୍ରଭାତ କୁମାର ବେହେରା, ରନିତ କୁମାର ମହାରଣା ଅରୁନ୍ଧତି ମୁଟିକା ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ



ମୁନିଗୁଡା,୬।୧(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡାର ପିଏମଶ୍ରୀ ସରକାରୀ ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ଦୁଷ୍ମନ୍ତ ମାଝୀଙ୍କ ସଭାପତିତ୍ୱ ଓ ସ୍କୁଲର ପୂର୍ବତନ ଛାତ୍ର ବାଳକୃଷ୍ଣ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ନୀଳମାଧବ ହିକକା, ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ଦୁଖିନି ନୁନ୍ଦ୍ରୁକା, ସରପଞ୍ଚ ସରସ୍ୱତୀ ଶବର, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଗଣେଶ ଶବର, ବିଜେପି ଓବିଶି ମୋର୍ଚ୍ଚା ଉପ ସଭାପତି ରାମଚନ୍ଦ୍ର ବେହେରା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ପଞ୍ଚସଖା ଶିକ୍ଷାସେତୁର ସଭାପତି ପ୍ରଣବ ନିଶଙ୍କ ଓ ଏସଏମସି ସଭାପତି ନନ୍ଦ କିଶୋର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିସହ ଅତିଥି ମାନେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ଆଙ୍କାଖୀ ମେଳା ପ୍ରେରଣାଦାୟୀ ଓଡିଶା-୨୦୨୬ ର ଷ୍ଟୋଲ ଗୁଡିକ ଉଦ୍‌ଘାଟନ କରିଥିଲେ। ଅତିଥି ମାନେ ମଧ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ, ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା "ଲକ୍ଷ୍ମୀର ଅବିସାର","ସାଇବର ସୁରକ୍ଷା ସିକ୍ୟୁରିଟି, "ଡିଜିଟାଲ ଫେମିଲି' ସଚେତନତା ନାଟକ ଅନୁଷ୍ଠିତ ହୋଇଥିଲା, ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାକର ପାତ୍ର, ରାଧାମୋହନ ଦଳାଇଙ୍କୁ ସମ୍ମାନିତ କରାଯାଇଥିଲା। ସୁଧାକର ପାତ୍ର, ରାଧାମୋହନ ଦଳାଇଙ୍କ ସମେତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ଆଚାରୀ ଓ ଶଶୀଭୁଷଣ ନେମାଲପୁରୀ ପ୍ରମୁଖ ବିଚାରକ ମଣ୍ଡଳୀ ଭାବେ ମେଳା ଗୁଡିକୁ ବୁଲି ତାହାର ବିଚାର କରିଥିଲେ। ଶିକ୍ଷୟିତ୍ରୀ ନନ୍ଦିତା ଦାସଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂକୃତିକ ପରିବେଷଣ, କବିତା ପଠନ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ବିଦ୍ୟାଳୟର ଶିକ୍ଷକ ସୋମନ ଶବର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ପିଏମଶ୍ରୀ ଉତ୍ସବକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ଏମ.ସାଇଲକ୍ଷ୍ମୀ, ସୁନିତା ପାଣି,ବିଜ୍ଞାନୀ ଗୌଡ଼, ବାଣିଶ୍ରୀ ପଣ୍ଡା, ଅଦିତି ଚୌଧୁରୀ, ରଶ୍ମିରାଣୀ ସେଠୀ, ଅନିତା ସ୍ୱାଇଁ, ଜ୍ୟୋତି ନାଗ, ମାଧୁରୀ ତ୍ରିପାଠୀ, ରଶ୍ମି ମହାପାତ୍ର, ଟଙ୍କଧର ମାଝୀ, ସାର୍ଥକ ଚୌଧୁରୀ, ଏଲ.ଗୀତା, ଅନିଲ ମଲିକ, ଦୀପ୍ତିମାନ କାଡ୍ରାକା, ଦୟାନିଧି ଶବର, କର୍ମଚାରୀ ଚନ୍ଦନ ମଣ୍ଡାଙ୍ଗୀ, ବନ୍ଦନା ବଳିୟାରସିଂ, ଦିଗାମ୍ବର ବେହେରା ପ୍ରମୁଖଙ୍କ ସମେତ ଅନ୍ୟ ଶିକ୍ଷକଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ ।

# ପାଣି ପଞ୍ଚାୟତ ପକ୍ଷ ଉଦ୍‌ଘାଟିତ

କାଲିମେଳା/ଏମ୍‌ଭି ୭ ୯, ୬।୧(ସମିସ):ମାଲକାନଗିରି ଜିଲ୍ଲା ପୋଟେରୁ କେନାଲ ଡିଭିଜନରେ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ୨୦୨୬ ଉଦ୍‌ଘାଟିତ। ଜଳ ସମ୍ପଦ ବିଭାଗ, ଓଡ଼ିଶା ପକ୍ଷରୁ ପୋଟେରୁ କେନାଲ ଡିଭିଜନ, ଏମଭି -୭ ୯ ଠାରେ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ୨୦୨୬ ଉତ୍ସାହପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧକ୍ଷା ସୁବାସିନୀ ସୋଡ଼ୀ ଓ ସମ୍ମାନିତ ଅତିଥି ଭାବେ ସ୍ୱପନ୍ କୁମାର ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ୀ, କାଲିମେଳା ଜୋନ୍ ୧ ଜିଲ୍ଲାପରିଷଦ ସଭ୍ୟା ଅପର୍ଣ୍ଣା ମଣ୍ଡଳ ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରମରେ ବିରେନ୍ଦ୍ର ଧାରୁଆ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପ୍ରେରିତ ସନ୍ଦେଶ ପାଠ କରିଥିଲେ। ଏହି ଅବସରରେ ଦକ୍ଷିଣ କେନାଲ ଉପଖଣ୍ଡର ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନିତା ପ୍ରଧାନି ଉପସ୍ଥିତ ଲୋକମାନଙ୍କୁ ଜଳ ସଂରକ୍ଷଣ ଓ ସଠିକ୍ ବ୍ୟବହାର ସମ୍ପର୍କରେ ସାମୂହିକ ଶପଥ ପାଠ କରାଇଥିଲେ। ପୋଟେରୁ ଜଳ ସେଚନ ପ୍ରକଳ୍ପର ଅଧିକ୍ଷଣ ଯନ୍ତ୍ରୀ ମନୋଜ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଆରମ୍ଭରେ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଜଳ ସଂରକ୍ଷଣ ଭିତ୍ତିକ ମଡେଲ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି ଅବସରରେ ପ୍ରବନ୍ଧ ପ୍ରତିଯୋଗିତାରେ ମନସ୍ୱିନୀ ସେଠୀ, ପଡ଼ିଆ ସୋଡ଼ୀ, କୃଷ୍ଣ ଘୋଷ, ବକ୍ତୃତାରେ ପ୍ରତୀକ୍ଷା ପ୍ରିୟଦର୍ଶିନୀ ପ୍ରଧାନ, କଳ୍ପନା ଚୌଧୁରୀ, ଜୟନ୍ତ ମଣ୍ଡଳ, କୁଇଜ୍‌ରେ ଅମ୍ରିତା ପଣ୍ଡା, ଜଗଦୀଶ ମାଡ଼ି, ନିଶା ଦାସ, ଚିତ୍ରାଙ୍କନରେ ପଦ୍ମା ସୋଡ଼ୀ, ରାଜ ଅଧିକାରୀ, ଶୁଣି ରାୟ ଏବଂ ମଡେଲ ପ୍ରତିଯୋଗିତାରେ ପ୍ରତୀକ୍ଷା ପ୍ରିୟଦର୍ଶିନୀ ପ୍ରଧାନ, ମାଧବ ମଣ୍ଡଳ ଓ ସୁନିତା ମାଡକାମି ପ୍ରମୁଖ କୃତି ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହ ଅର୍ଥରାଶି ପ୍ରଦାନ କରିଥିଲେ। ଆଜିଠାରୁ ଜିଲ୍ଲାରେ ପାଣି ପଞ୍ଚାୟତ ସଚେତନତା ରଥ ପ୍ରତ୍ୟେକ ଗ୍ରାମକୁ ଯାଇ ଜଳ ସଂରକ୍ଷଣ ସନ୍ଦେଶ ପ୍ରଚାର କରିବ। ଜିଲ୍ଲା ସ୍ତରରେ ଏହି ସଚେତନତା ରଥର ଶୁଭାରମ୍ଭ ଜିଲ୍ଲାପାଳଙ୍କ ଦ୍ୱାରା କରାଯାଇଥିବା ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମ ପରିଚାଳନାର ଦାୟିତ୍ୱ ସବ ଡିଭିଜନାଲ ଅଫିସର ଶ୍ରୀକାନ୍ତ ନାୟକ ନିଭାଇଥିବା ବେଳେ, ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ସହକାରୀ ଯନ୍ତ୍ରୀ ପବିତ୍ର ବାଗ। ଏଥିରେ ବିଭାଗର ଯନ୍ତ୍ରୀ ରହନ୍ ସିଂ, ରୁଦ୍ରାକ୍ଷ ଶାହା, ଖଗେଶ୍ୱର ମଲ୍ଲିକ, ହରପ୍ରିୟା ବଡ଼ନାୟକ, ଅଜିତ ପ୍ରଧାନ ଓ ବିଭାଗର ସମସ୍ତ କର୍ମଚାରୀ ଆଦି ଉପସ୍ଥିତ ଥିଲେ।

## ଗଡ଼ିଲା ପାଣିପଞ୍ଚାୟତ ରଥ

# ଜଳର ଉପଯୁକ୍ତ ବିନିଯୋଗ କରିବାକୁ ପରାମର୍ଶ



ମାଲକାନଗିରି, ୬ ।୧(ସମିସ): ଚାଷୀମାନଙ୍କୁ ସଂଗଠିତ କରିବା ସହ ପାଣିପଞ୍ଚାୟତ ମାଧ୍ୟମରେ ସେମାନେ ଜଳସେଚନ ସୁବିଧା ପାଇ ଯେଭଳି ସ୍ୱାବଲମ୍ବୀ ହୋଇପାରିବେ, ସେ ଦିଗରେ ସଚେତନତା ସୃଷ୍ଟି ପାଇଁ ଜିଲ୍ଲା ଜଳ ସମ୍ପଦ ବିଭାଗ ତରଫରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପାଣି ପଞ୍ଚାୟତ ରଥ ର ଶୁଭାରମ୍ଭ କରାଯାଇଛି। ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଏବଂ ପୋଟେରୁ ଜଳସେଚନ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ତୃପ କୁମାର ପାତ୍ରଙ୍କ ଉପସ୍ଥିତିରେ ଏହି ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଛି। ଯାହା ଏହି ପକ୍ଷରେ ବାଲିମେଳା ପୋଟେରୁ କେନାଲ ଡିଭିଜନ, ମାଲକାନଗିରି କ୍ଷୁଦ୍ର ଜଳସେଚନ ଓ ମେଗା ଲିଫ୍ଟ ପ୍ରକଳ୍ପ, ଚିତ୍ରକୋଣ୍ଡା ମାଟିବନ୍ଧ ବିଭାଜନ ଅନ୍ତର୍ଗତ ସତୀଗୁଡ଼ା ସବ୍‌ଡିଭିଜନରେ ଏହି ରଥ ବୁଲି ଚାଷୀଙ୍କୁ ସଚେତନ କରିବ। ଚଳିତ ମାସ ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ମାଲକାନାଗିରି ଜିଲ୍ଲାରେ ପାଣିପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ପ୍ରତ୍ୟେକ ବିଭାଜନରେ ଏହି ରଥ ବୁଲିବା ସହିତ ଜନସାଧାରଣଙ୍କୁ ପାଣି ପଞ୍ଚାୟତର କାର୍ଯ୍ୟକାରିତା, ଉପାଦେୟତା ବିଷୟରେ ଅବଗତ କରାଇବା ସହିତ କୃଷିଜୀବୀଙ୍କ ଗୁଣାତ୍ମକ ମାନ ବୃଦ୍ଧି, ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ, ଜଳସେଚନ ପ୍ରଣାଳୀର ସୁପରିଚାଳନା ବିଷୟରେ ବୁଝାଇବାରେ ସହାୟକ ହେବ। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ପୋଟରୁ କେନାଲ ଡିଭିଜନ ଏସଇ,ଏମଭି-୭ ୯ କେନାଲ ଡିଭିଜନରୁ ସରୋଜ କୁମାର ସାହୁ, ମେଗା ଲିଫ୍ଟ ଡିଭିଜନ ରୁ ଇଇ ଅଭିମନ୍ୟୁ ପ୍ରଧାନ, ସତୀଗୁଡା ଜଳସେଚନ ପ୍ରକଳ୍ପ ଈଇ ଲଳିତ ମୋହନ ପ୍ରଧାନ, ଇଂ ଦିଲ୍ଲୀପ କୁମାର ଦଳ ବେହେରା, କାଡ୍ ଡିଭିଜନ ଯନ୍ତ୍ରୀ ସ୍ୱରୂପ ମାଝୀଙ୍କ ସମେତ ପୋଟେରୁ ଜଳସେଚନ ପ୍ରକଳ୍ପ, କୃଷି ଓ ଉଦ୍ୟାନ କୃଷି ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ସେହିପରି ଆଜି ବାଲିମେଳା ସରୁଲୁକଣ୍ଡା, ଏମଭି ୭ ୯, ମାଥିଲି ମେଗା ଲିଫ୍ଟ, କାଙ୍ଗୁରୁକଣ୍ଡା ଏମଆଇ ଓ ଚିତ୍ରକୋଣ୍ଡା ସତୀଗୁଡା ସବ୍ ଡିଭିଜନ ଠାରେ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି। ଏଥିରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ: 022-22820427
ଆବେଦନ କରିବା ପାଇଁ QR କୋଡ୍ ସ୍କାନ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/19 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 ରହ୍ ଅନୁ) |
|---|---|---|
| ଉପାଧ୍ୟକ୍ଷ (ନିବେଶକ ସମ୍ପର୍କ) | 1 | 50 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 03.01.2026 ରୁ 23.01.2026 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 03.01.2026
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

## ୪ ବାଇକ୍ ଜବତ; ଜଣେ ଗିରଫ



ତିର୍ତ୍ତୋଲ,୬ା୧(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ଓଳଗଦା ଗ୍ରାମର ବାଇକ୍ ଚୋର ସନ୍ତୋଷ ହୋତାକୁ ପୁଲିସ ଗିରଫ କରିଛି। ନୂଆ ବର୍ଷରେ ପ୍ରସିଦ୍ଧ ଗୋରେଖନାଥ ପୀଠରୁ ଏକ ବାଇକ୍ ଚୋରି ହୋଇଥିଲା। ଏ ସମ୍ପର୍କରେ ତିର୍ତ୍ତୋଲ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇ ଅଭିଯୁକ୍ତ ସନ୍ତୋଷକୁ ଗିରଫ କରିବାରେ ସଫଳ ହୋଇଥିଲା। ଜେରା ବେଳେ ସେ ବିଭିନ୍ନ ଅଞ୍ଚଳରୁ ଆଉ ତିନୋଟି ବାଇକ୍ ଚୋରି କରିଥିବା ପ୍ରକାଶ କରିଥିଲା। ସନ୍ତୋଷକୁ ଅଦାଲତ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ପ୍ରଦୀପ୍ତ ସେଠୀ ସୂଚନା ଦେଇଛନ୍ତି।

## ଉଚ୍ଛବାନନ୍ଦପୁରରେ ଜଳିଗଲା ଧାନଗଦା

ପାରାଦୀପ/କୁଜଙ୍ଗ, ୬ା୧ (ସମିସ): ପାରାଦୀପ ଉପକଣ୍ଠ କୁଜଙ୍ଗ ବ୍ଲକ କୋଠୀ ପଞ୍ଚାୟତ ଉଚ୍ଛବାନନ୍ଦପୁର ଗ୍ରାମରେ ଚାଷୀ ନାରାୟଣ ନାଥଙ୍କ ଖଳାରେ ଗଦା ହୋଇଥିବା ଧାନ ଗଦାରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଧାନ ପୋଡି ପାଉଁଶ ହୋଇଯାଇଛି। ଘଟଣା ସ୍ଥଳରେ କୁଜଙ୍ଗ ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଏନେଇ ମୁଣ୍ଡରେ



ହାତଦେଇ ଚାଷୀ ଜଣକ କାନ୍ଦୁଥିବା ବେଳେ ବର୍ଷକ ଖାଦ୍ୟ କେଉଁଠୁ ଆଣି ପରିବାର ପୋଷିବ ତା ସହିତ ଆସନ୍ତା ବର୍ଷକୁ ବିହନ କେଉଁଠୁ ଆଣି ଚାଷ କରିବେ ସେ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି। ପାଖାପାଖି ୨ ଏକର ଜମିରେ ଫଳିଥିବା ଧାନ ଏହି ଗଦାରେ ରଖାଯାଇଥିବା ଚାଷୀ ନାରାୟଣ କହିଛନ୍ତି।

## ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ




ପାରାଦୀପ,୬ା୧(ସମିସ): ପାରାଦୀପ ଏନ୍‌ସି ହାଇସ୍କୁଲ ପରିସରର ବିଦ୍ୟାଳୟ ସ୍ତରୀୟ ପିଏମ୍‌ଶ୍ରୀ ମେଳା ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ବିଭୁପ୍ରସାଦ ତରାଇ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପାରାଦୀପ ପୌର ପରିଷଦ ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦର କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁ, ପାରିଷଦ ସୁଶାନ୍ତ ଦାସ, ପ୍ରତାପ ଚନ୍ଦ୍ର ନାୟକ, ଗୌତମ ନାୟକ, ଆଲୁମିନି କମିଟି ସଭାପତି କେଶବ ଚରଣ ସ୍ୱାଇଁ, ଏସ୍‌ଏମ୍‌ସି ସଭାପତି ସୀତାରାମ ହାଜିରା, ସିଆରସିସି ସୁକାନ୍ତ କୁମାର ସ୍ୱାଇଁ ପ୍ରମୁଖ ମଞ୍ଚାସିନ ଥିଲେ।

## ପରପାରିରେ ଶତାୟୁ ଅଚ୍ୟୁତାନନ୍ଦ



ନାଉଗାଁ,୬ା୧(ସମିସ): ସ୍ଥାନୀୟ ନନ୍ଦିଗାଁର ଶତାୟୁ ପୁରୁଷ ଅଚ୍ୟୁତାନନ୍ଦ ରାଉତଙ୍କ ଗତ ୨୯ ତାରିଖରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୧୦୮ ବର୍ଷ ହୋଇଥିଲା। ସେ ଜଣେ ମେଳାପୀ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ନନ୍ଦିଗାଁ ଦୁର୍ଗାପୂଜା ଓ ଅଷ୍ଟପ୍ରହରୀ କମିଟିର ଉଦ୍ୟୋକ୍ତା ଭାବରେ ସେ ଦୀର୍ଘକାଳ କାର୍ଯ୍ୟ କରିଥିଲେ। ଶେଷ ସମୟରେ ତାଙ୍କର ଚାରି ପୁଅ ନୀର, କ୍ଷୀର, ଧୀର, ଅଶୋକଙ୍କ ସହ ଚାରି ବୋହୂ, ବାର ଜଣ ନାତିନାତୁଣୀ, ଛଅ ନାତୁଣୀ ବୋହୂ, ଆଠ ଅଣ ନାତୁଣୀ ଉପସ୍ଥିତ ଥିଲେ।

## ଝିମାଣିରେ ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ

କୁଜଙ୍ଗ,୬ା୧(ସମିସ): କୁଜଙ୍ଗ ସତସଙ୍ଗ ବିହାର ଆନୁକୂଲ୍ୟରେ ନିକଟସ୍ଥ ଝିମାଣି ଗ୍ରାମର ବାସିନ୍ଦା ସମୀର କୁମାର ସାହୁଙ୍କ ବାସଭବନରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଏକ ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ପ୍ରକାଶ କୁମାର ଶତପଥି ସୂଚାରୁରୂପେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ରବୀନ୍ଦ୍ର ସାହୁ ସୂଚନା ପ୍ରଦାନ କରିଥିବା ବେଳେ କ୍ଷିତୀଶ କୁମାର ସୁତାର ଠାକୁରଙ୍କ ଅମୃତ ବାଣୀ 'ସତ୍ୟାନୁସରଣ' ପାଠ କରିଥିଲେ। ସେହିପରି ନାରାୟଣ ଦଳାଇ 'ନାରୀର ନୀତି' ପୁସ୍ତକରୁ ପାଠ କରି ଭକ୍ତମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ସତସଙ୍ଗରେ ଅନ୍ୟମାନଙ୍କ ମଧ୍ୟରେ ବଶିଷ୍ଠ ଗୁରୁଭାଇ କାର୍ତ୍ତିକ ଚନ୍ଦ୍ର ଦାସ, ରୋହିତ ବିଶ୍ୱାଳ, ବିଭୁ ରଞ୍ଜନ ପାଳ, ଅମୂଲ୍ୟ କୁମାର ଦାସ, ରଞ୍ଜନ କୁମାର ମଲ୍ଲିକ ସମେତ ଶତାଧିକ ଗୁରୁଭାଇ ଓ ମା'ମାନେ ଯୋଗ ଦେଇଥିଲେ।

**ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ**

# ଗଡ଼ିଲା ପାଣି ପଞ୍ଚାୟତ ରଥ

ଜଗତସିଂହପୁର,୬ା୧(ସମିସ)

ଚାଷୀମାନଙ୍କୁ ସଂଗଠିତ କରିବା ସହ ପାଣିପଞ୍ଚାୟତ ମାଧ୍ୟମରେ ସେମାନେ ଜଳସେଚନ ସୁବିଧା ପାଇ ଯେଉଁଭଳି ସ୍ୱାବଲମ୍ବୀ ହୋଇପାରିବେ, ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ଜିଲ୍ଲା ଜଳସମ୍ପଦ ବିଭାଗ ତରଫରୁ ଜିଲ୍ଲାରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ସେହି ପରିପ୍ରେକ୍ଷୀରେ, ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଏକ ବିଭାଜନ ସ୍ତରୀୟ ବୈଠକ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ବିଭୁ ପ୍ରସାଦ ତରାଇ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଜଗତସିଂହପୁର ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଅଧିକ୍ଷଣ ଯନ୍ତ୍ରୀ, ମହାନଦୀ ଦକ୍ଷିଣ ବିଭାଜନ, କଟକ-୧ ସିଦ୍ଧାର୍ଥ ଶେଖର, ଭାରପ୍ରାପ୍ତ ଅଧିକ୍ଷଣ ଯନ୍ତ୍ରୀ ଜଗତସିଂହପୁର ବିପ୍ଳବ କେଶରୀ ସାହୁ ଯୋଗ ଦେଇଥିଲେ।




ପ୍ରତ୍ୟେକ୍ଷ ଯୋଗଦାନ ଓ ସହଭାଗୀ ଜଳସେଚନ ପରିଚାଳନା ମାଧ୍ୟମରେ ଉପଲବ୍ଧ ସେଚ ଜଳର ସୁପରିଚାଳନା, ସୁଷମ ବଣ୍ଟନ ଓ ସଂରକ୍ଷଣ ନିହାତି ଆବଶ୍ୟକ ବୋଲି ସାଂସଦ ପ୍ରକାଶ କରିଥିଲେ। ପାଣି ପଞ୍ଚାୟତକୁ ଅଧିକ କ୍ରିୟାଶୀଳ କରି କେନାଲର ଶେଷ ମୁଣ୍ଡରେ ଥିବା ଜମି ଗୁଡ଼ିକୁ ବିନା ବାଧାରେ ଜଳ ଯୋଗାଣ ଉପରେ ସାଂସଦ ଶ୍ରୀ ତରାଇ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ପାଣି ପଞ୍ଚାୟତର ସଫଳ ରୂପାୟନ ଓ କାର୍ଯ୍ୟକାରିତା ଦ୍ୱାରା ଚାଷୀ ଭାଇ ମାନଙ୍କର ଅନେକ ସମସ୍ୟାର ସମାଧାନ ହୋଇପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ତାଳଦଣ୍ଡା ସେଚାଞ୍ଚଳ ଓ ମାଛଗାଁ ସେଚାଞ୍ଚଳ ଅନ୍ତର୍ଗତ ସମସ୍ତ ପାଣି ପଞ୍ଚାୟତର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ, ଜିଲ୍ଲାସ୍ତରୀୟ ଅଧିକାରୀ ଜଳ ସଂପଦ ବିଭାଗର ଯନ୍ତ୍ରୀ, କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହିଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପାଣିପଞ୍ଚାୟତ ସଚେତନତା ରଥ ସାଂସଦଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଯାହା ଏହି ପକ୍ଷରେ ଜିଲ୍ଲାର ତାଳଦଣ୍ଡା ଓ ମାଛଗାଁ କେନାଲ୍‌ର ସମସ୍ତ ସେଚାଞ୍ଚଳରେ ୪ଦିନ ଧରି ପରିଭ୍ରମଣ କରି ପ୍ରତ୍ୟେକ ବିଭାଜନରେ ମଧ୍ୟ ବୁଲିବା ସହିତ ଜନସାଧାରଣଙ୍କୁ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ, ଜଳସେଚନ ପ୍ରଣାଳୀର ସୁପରିଚାଳନା ବିଷୟରେ ବୁଝାଇବାରେ ସହାୟକ ହେବ। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ମହାନଦୀ ଦକ୍ଷିଣ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ, ଅଧିକ୍ଷଣ ଯନ୍ତ୍ରୀ ଜଗତସିଂହପୁର, ପ୍ରମୁଖ ଉପସ୍ଥିତ ରହି ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ସୂଚନା ଥାଉକି, ଆସନ୍ତା ୧୩ ତାରିଖରେ ଏହି ପାଣି ପଞ୍ଚାୟତର ଜିଲ୍ଲାସ୍ତରୀୟ ଉଦଯାପନୀ କାର୍ଯ୍ୟକ୍ରମ, ବିଜୁ କନଭେନସନ ହଲ୍, ପାରାଦୀପ ପରିସରରେ ପାଳନ କରାଯିବ।

## ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ; ୫ ଗିରଫ

ପାରାଦୀପ, ୬ା୧ (ସମିସ): ପାରାଦୀପ ଆଦର୍ଶ ଥାନା ଅଧୀନ ମଧୁବନ ଅଞ୍ଚଳରେ ଗତକାଲି ଦୁଇ ଗୋଷ୍ଠୀ ମଧ୍ୟରେ କୌଣସି କାରଣକୁ ନେଇ ବଚସା, ପରେ ଉଭୟଙ୍କ ମଧ୍ୟରେ ଆକ୍ରମଣ ହୋଇଥିଲା। ଏନେଇ ଉଭୟ ପକ୍ଷରୁ ବିଶ୍ୱଜିତ ସେନାପତି ଓ ନନ୍ଦିକି ମନୋଜ ରେଡ଼ି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ପୁଲିସ ୫ ଜଣ ସମ୍ପୃକ୍ତ ଯୁବକଙ୍କୁ ଆଜି ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ମଧ୍ୟରେ ଉଭୟ ପକ୍ଷରୁ ରହିଛନ୍ତି ନନ୍ଦିକି ମନୋଜ ରେଡ଼ି, ନିରାକାର ଜେନା ଓ ପରମେଶ୍ୱର ମଲ୍ଲିକ, ବିଶ୍ୱଜିତ ସେନାପତି ଓରଫ ହାପି, ଲୋକନାଥ ସ୍ୱାଇଁ ଓରଫ ବୁଲୁ। ଏନେଇ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି।

## ମକଦ୍ଦମା ସମାଧାନ ପାଇଁ ମଧ୍ୟସ୍ଥତା ଅଭିଯାନ

ଜଗତସିଂହପୁର,୬ା୧(ସମିସ): ଜାତୀୟ ଆଇନ ସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ "ରାଷ୍ଟ୍ର ପାଇଁ ମଧ୍ୟସ୍ଥତା' ଶୀର୍ଷକରେ ଦ୍ୱିତୀୟ ୯୦ ଦିନିଆ ମଧ୍ୟସ୍ଥତା ଅଭିଯାନ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରଧକରଣ ତରଫରୁ ଆରମ୍ଭ ହୋଇଯାଇଛି। ଏହି ଅଭିଯାନ ଅନୁଯାଇ ଜିଲ୍ଲା ଓ ତାଲୁକସ୍ତରୀୟ ବିଭିନ୍ନ ଅଦାଲତରେ ଥିବା ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବାଣିଜ୍ୟିକ ବିବାଦ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବୈବାହିକ ବିବାଦ, ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ ଦିୱାନୀ ମକଦ୍ଦମା ଗୁଡିକ ଜାନୁଆରୀ ୩୧ ତାରିଖ ଭିତରେ ଚିହ୍ନଟ କରାଯାଇ ମଧ୍ୟସ୍ଥତା ମାଧ୍ୟମରେ ମକଦ୍ଦମାର ସମାଧାନ ପାଇଁ ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ରକୁ ପଠାଯିବ। ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ର ତରଫରୁ ତାଲିମପ୍ରାପ୍ତ ବିଚାର ବିଭାଗୀୟ ଅଧିକାରୀ ଓ ଅଭିଜ୍ଞ ଆଇନଜୀବୀମାନଙ୍କୁ ନିୟୋଜିତ କରାଯାଇ ମଧ୍ୟସ୍ଥତା ମାଧ୍ୟମରେ ମାମଲା ଗୁଡିକୁ ସମାଧାନ କରାଯିବ। ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହ ଯୋଗାଯୋଗ କରିବାକୁ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି।

## ୟୁକୋ ବ୍ୟାଙ୍କର ୮୪ ତମ ପ୍ରତିଷ୍ଠା ଦିବସ



ତିର୍ତ୍ତୋଲ,୬ା୧(ସମିସ): ତିର୍ତ୍ତୋଲ ସ୍ଥିତ ୟୁକୋ ବ୍ୟାଙ୍କ ଶାଖାରେ ବ୍ୟାଙ୍କର ୮୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶାଖା ପରିଚାଳକ ଅଭିଜିତ ଧଳଙ୍କ ତତ୍ତ୍ୱାବଧାନରେ ବ୍ୟାଙ୍କ୍ ପ୍ରାଙ୍ଗଣରେ ଗ୍ରାହକମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟାଙ୍କ୍‌ର ଗ୍ରାହକମାନେ ସେମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାର ପରୀକ୍ଷା କରିଥିଲେ। ଏଥି ସହିତ ବ୍ୟାଙ୍କ୍ ପ୍ରାଙ୍ଗଣରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା। ଶାଖା ସହ ପରିଚାଳକ ରୋଜାଲିନ ପରିଡ଼ା, ସ୍ୱର୍ଣ୍ଣମୟୀ ପଣ୍ଡା, ବିକ୍ରମ ଦାସଙ୍କ ସମେତ ବ୍ୟାଙ୍କର କର୍ମଚାରୀ, ବିସି, ବ୍ୟାଙ୍କ୍ ମିତ୍ର, ବିଜୟ କୁମାର ସାହୁ, ଦିଗମ୍ବର ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଶାସନ ଅଳାଭର ଉଚ୍ଚ ବିଦ୍ୟାଳୟରେ ଗୁରୁପୂଜନ ଉତ୍ସବ



ଜଗତସିଂହପୁର,୬ା୧(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅଳାଭର ଜାଗ୍ରତଗୌରୀ ପୀଠ ପରିସରରେ ଶାସନ ଅଳାଭର ଉଚ୍ଚ ବିଦ୍ୟାଳୟ ୨୦୦୨ ବ୍ୟାଚ ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜୟନ୍ତ ଶତପଥୀ, ମାନସ କାଣ୍ତି, ରଶ୍ମୀ ରଞ୍ଜନ ବିଶ୍ୱାଳ, ଶ୍ରୀକାନ୍ତ ଶତପଥୀ, ବିଶ୍ୱଜିତ୍ ବିଶ୍ୱାଳ, ଶ୍ରୀନିବାସ ନାୟକ, ନିବେଦିତା ଦଳାଇ, ପ୍ରସନ୍ନ ଶତପଥୀ, ବବିତା ମିଶ୍ର ଏବଂ ଅନ୍ୟାନ୍ୟ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଏହି ଅବସରରେ ଶିକ୍ଷକ ଗଗନ ବିହାରୀ ଶତପଥୀ, ତ୍ରିଲୋଚନ ଶତପଥୀ, ସରୋଜ କୁମାର ଦାସ, ପ୍ରବୋଧ କୁମାର ମହାନ୍ତି, ଜିତେନ୍ଦ୍ର ଶତପଥୀ, ରଷେନ୍ଦ୍ର ସାହୁ, ପଣ୍ଡିତ ପ୍ରମୋଦ ଶତପଥୀ, ପୁରୁଷୋତ୍ତମ ତ୍ରିପାଠୀ, ଦୁର୍ଗା ଶତପଥୀ, ରାମଚନ୍ଦ୍ର ଶତପଥୀ, ଦେବେନ୍ଦ୍ର କୁମାର ସ୍ୱାଇଁ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଆଶ୍ରୀବଚନ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ଦେବବ୍ରତ ଷଡ଼ଙ୍ଗୀ ସଭା ପରିଚାଳନା କରି ଥିବାବେଳେ ରାଜେନ୍ଦ୍ର ପଣ୍ଡା ଓ ଶୌର୍ଯ୍ୟ ରଞ୍ଜନ ଷଡ଼ଙ୍ଗୀ ଯୋଗ ଦେଇଥିଲେ।

## ଖୁଣ୍ଟଲରେ ପୁରାତନ ବିଦ୍ୟାର୍ଥୀଙ୍କ ସମାବେଶ

କୁଜଙ୍ଗ,୬ା୧(ସମିସ): କୁଜଙ୍ଗ ବ୍ଲକ ତାଳପଡ଼ା ପଞ୍ଚାୟତ ଆଖଣ୍ଡଳମଣି ବିଦ୍ୟାପୀଠ ଖୁଣ୍ଟଲର ୨୦୧୭ ମାଟ୍ରିକ ବ୍ୟାଚର ବିଦ୍ୟାର୍ଥୀମାନଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆହୁତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଦଳାଇ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ତଥା ବ୍ଲକ ଓସ୍ତାର ସମ୍ପାଦକ ବାଗ୍ମୀ ବିନୋଦ ବିହାରୀ ମୁଦୁଲି, ଶିକ୍ଷକ ଶିକ୍ଷୟତ୍ରୀ ବବିତା ନାୟକ, ଅଞ୍ଜଳି ମହାପାତ୍ର, ହରିହର ମିଶ୍ର, ପ୍ରଶାନ୍ତ କୁମାର ପ୍ରଧାନ, ସଞ୍ଜୟ କୁମାର ଦାସ ପ୍ରମୁଖଙ୍କ ସହ ନିରଞ୍ଜନ ସାହୁ ଓ ସଞ୍ଜୟ ସ୍ୱାଇଁ ଯୋଗ ଦେଇଥିଲେ। ପୁରାତନ ବିଦ୍ୟାର୍ଥୀ ମାନଙ୍କ ମଧ୍ୟରେ ମନୋଜ ନନ୍ଦୀ, ଚନ୍ଦନ କୁମାର ଦାସ, ସୁରେଶ ନନ୍ଦୀ, ଅଭିଜିତ୍ ସାହୁ, ସିବ ଚରଣ ମଲ୍ଲିକ, କିଶାନ ସାହୁ, ଅନୁପମ ସାହୁ, ସୋମନାଥ ରାଉତରାୟ, ଲିଙ୍ଗରାଜ ସାହୁ, ଆଶିସ ବୈସାଖ, ସୌରଭ ସାହୁ, ଦୀପ୍ତି ରଂଜନ ସାହୁ, ସୂର୍ଯ୍ୟ ପ୍ରସାଦ, ଆଶିଷ ଦାସ, ସୌମ୍ୟରଞ୍ଜନ ନାୟକ, ପ୍ରଭାସ ଚନ୍ଦ୍ର ସାହୁ, ଏସ.କେ ଆଶିଷ କୁମାର, ସୁରଜ ସ୍ୱାଇଁ, ସତ୍ୟ ସରୁଜ୍ୟ ପ୍ରଧାନ, ଅଭିରାନ ନନ୍ଦୀ, ସ୍ୱାଧୀନ ଦଳାଇ, ଅଙ୍କିତା ଦାସ, ଶ୍ରୀଲେଖା ପାରିଜା, ପ୍ରିୟଦର୍ଶିନୀ ସାହୁ, ସୁଶ୍ରୀ ସୌମ୍ୟା ପ୍ରିୟଦର୍ଶିନୀ, କଲ୍ୟାଣୀ ଦାସ ଯୋଗ ଦେଇଥିଲେ।

## ଧର୍ମପରାୟଣାଙ୍କ ପରଲୋକ

କୁଜଙ୍ଗ,୬ା୧(ସମିସ): କିଆଡିଙ୍ଗ୍ରୀ ବ୍ରାହ୍ମଣ ସାହିର ବିଶିଷ୍ଟ ଶିକ୍ଷାବିତ୍ ପଙ୍କପାଳ ଉଚ୍ଚ ବିଦ୍ୟାଳୟର ପୂର୍ବତନ କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ମୁରାରୀ ମିଶ୍ରଙ୍କ ଧର୍ମପତ୍ନୀ



ସରୋଜିନୀ ମିଶ୍ରଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। ସେ କନାଗୁଳି ଗ୍ରାମର ଜମିଦାର ଜଗନ୍ନାଥ ମିଶ୍ରଙ୍କ ବଡ଼ ଝିଅ ଥିଲେ। ସେ ଦିବ୍ୟ ଜୀବନ ସଂଘ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହ ସଂପୃକ୍ତ ଥିଲେ। ସେ କିଆଡିଙ୍ଗ୍ରୀ ଗ୍ରାମର ସ୍ୱର୍ଗତ ରାମ ମିଶ୍ରଙ୍କର ସାନ ବୋହୁ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପରିବାର ସଦସ୍ୟଙ୍କ ସହ ଜଗତସିଂହପୁର ଏସ୍‌କେ ଏକାଡେମୀର ପୂର୍ବତନ ସଂସ୍କୃତ ପଣ୍ଡିତ ହୃଷୀକେଶ ଦାଶ ଉପସ୍ଥିତ ଥିଲେ। ତାଙ୍କର ଶେଷକୃତ୍ୟ ଗ୍ରାମ ଶ୍ମଶାନରେ ସମ୍ପନ୍ନ ହୋଇଥିଲା। ତାଙ୍କର ଏକମାତ୍ର ପୁତ୍ର ମିହିର ପ୍ରସାଦ ମିଶ୍ର ମୁଖାଗ୍ନି ଦେଇଥିଲେ।

## ବିଶ୍ୱଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବାଲିକୁଦା,୬ା୧(ସମିସ): ବିଶ୍ୱଜିତ ୟୁଥ କ୍ରିକେଟ କ୍ଲବ ବାଲିପାଟଣା ଆନୁକୂଲ୍ୟରେ ସୀତାରାମ ଷ୍ଟାଡିୟମ ଠାରେ ୨୯ତମ ବାର୍ଷିକ ବିଶ୍ୱଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମାତୃଶକ୍ତି କ୍ରିକେଟ କ୍ଲବ ଦଶବାଟିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୭୪ ରନ ସ୍କୋର ସଂଗ୍ରହ କରିଥିଲା। ଏହାର ଜବାବରେ ମହାବୀର କ୍ରିକେଟ କ୍ଲବ ଖାଲଗାଁ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୫୪ ରନ କରି ପରାସ୍ତ ହୋଇଥିଲା। ଫଳରେ ଦଶବାଟିଆ ଟିମ ଚାମ୍ପିନ ହୋଇଥିଲା। ମ୍ୟାଚରେ ଦଶବାଟିଆ ଅଧିନାୟକ ସରୋଜ ସ୍ୱାଇଁ ୩୫ ରନ ଓ ୨ ୱିକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ଓ ବବୁଲ ପରିଡା ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଅମ୍ପେୟାର ଭାବେ ସୌମ୍ୟରଞ୍ଜନ ବେହେରା ଓ ସୁବେନ୍ଦୁ ବେହେରା ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରିଂରେ ରୋଶନ ବେହେରା ଓ ସଂଯୋଗ ଶତପଥୀ ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରତାପ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ମୁଖ୍ୟବକ୍ତା ଭାବେ ଯୁବ ନେତା ମୁନା ସ୍ୱାଇଁ, ସମ୍ମାନିତ ଅତିଥିଭାବେ ମାଳ ମରିଚପୁର ଉନ୍ନୟନ ପରିଷଦ ସଭାପତି ସୁବାସ ନାୟକ, ପୂର୍ବତନ ସମିତିସଭ୍ୟ ସଞ୍ଜୟ ପାଳ, ସମିତିସଭ୍ୟ ପ୍ରତିନିଧି ଅନାଦି ଚରଣ ବେହେରା ଯୋଗ ଦେଇଥିଲେ।



**ପାରାଦୀପ ବନ୍ଦର ମାଷ୍ଟର ପ୍ଲାନ ପ୍ରକଳ୍ପ**

# ପରିବେଶୀୟ ମଞ୍ଜୁରୀ ସର୍ବସାଧାରଣ ଶୁଣାଣି

ପାରାଦୀପ,୬ା୧(ସମିସ)

ପଣ୍ୟ ପରିବହନ କ୍ଷେତ୍ରରେ ପ୍ରମୁଖ ସ୍ଥାନ ଗ୍ରହଣ କରିଥିବା ପାରାଦୀପ ବନ୍ଦର ଆଗକୁ ସମ୍ପ୍ରସାରଣ ହେବାର ଯୋଜନା ରହିଛି। ବନ୍ଦରର ବ୍ୟାପକ ମାଷ୍ଟର ପ୍ଲାନ ଅଧୀନରେ ଆଗାମୀ ଦଶବର୍ଷ ମଧ୍ୟରେ କାର୍ଯ୍ୟକାରୀ ହେବାକୁ ଯୋଜନା କରାଯାଉଥିବା ପ୍ରକଳ୍ପ ଗୁଡିକ ପାଇଁ ପାରିବେଶୀୟ ମଞ୍ଜୁରୀ ନିମନ୍ତେ ପରିବେଶ ପ୍ରଭାବ ସମ୍ବନ୍ଧୀୟ ଜନଶୁଣାଣୀ ଶିବିର ଜିଲ୍ଲା ପ୍ରଶାସନ ଓ ରାଜ୍ୟ ପ୍ରଦୂଷଣ ବୋର୍ଡ ସହଯୋଗରେ ପାରାଦୀପ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ପାରାଦୀପ ମ୍ୟୁନିସିପାଲିଟିର ୧୯ ଗୋଟି ୱାର୍ଡ ଏବଂ ଏରସମା ଓ କୁଜଙ୍ଗ




ଅଞ୍ଚଳର ଜନସାଧାରଣ ଓ ପରିବେଶବିତ ମାନେ ଯୋଗଦେଇ ମତାମତ ରଖିଥିଲେ। ବନ୍ଦରର ପରିସୀମା ବୃଦ୍ଧି କରାଯିବା ସହିତ ଅନେକ ପ୍ରକଳ୍ପ ନିର୍ମାଣ ହେବ। ଅତ୍ୟାଧୁନିକ ଯନ୍ତ୍ରପାତି ସହାୟତାରେ ଉନ୍ନତମାନର କାର୍ଯ୍ୟ କରାଯିବା ସହିତ ପାରାଦୀପ ବନ୍ଦର କିପରି ଆହୁରି ଅଗ୍ରଗତି କରିବ ଏବଂ ସ୍ଥାନୀୟ ଅଞ୍ଚଳର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବ ଏ ନେଇ ବନ୍ଦରର ମୁଖ୍ୟଯନ୍ତ୍ରୀ ହିମାଂଶୁ ଶେଖର ରାଉତ ଜନଶୁଣାଣିରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ଜନଶୁଣାଣିରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ରାଜ୍ୟ ପ୍ରଦୂଷଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ଓ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ କିଛି ବନ୍ଦରର ହାତଗଣତି କର୍ମଚାରୀ ଓ କିଛି ଠିକାଦାରଙ୍କ ଉପସ୍ଥିତରେ ଜନଶୁଣାଣି କରାଯାଇଥିବା ବେଳେ ସ୍ଥାନୀୟ ଜନସାଧାରଣଙ୍କୁ ଅବଗତ କରାଯାଇନାହିଁ ବୋଲି ଆଇନଜୀବୀ ଗତିକୃଷ୍ଣ ଶତପଥିଙ୍କ ସହିତ ଅନେକ ସ୍ଥାନୀୟ ବୁଦ୍ଧିଜୀବୀ ଓ ପରିବେଶବିତ ଅଭିଯୋଗ କରିଛନ୍ତି। ତେବେ ଆମେ ଡାକବାଜି ଯନ୍ତ୍ରଦ୍ୱାରା ପ୍ରଚାର କରିବା ସହିତ ଗଣମାଧ୍ୟମରେ ପ୍ରଚାର କରିଛୁ ବୋଲି ଉପସ୍ଥିତ ଅଧିକାରୀ ପ୍ରକାଶ କରିଛନ୍ତି।

## ରଘୁନାଥଜୀଉ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ରଘୁନାଥପୁର,୬ା୧(ସମିସ): ରଘୁନାଥପୁର ବ୍ଲକ ତାରପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ମହାନଦୀ କୂଳେ ଅବସ୍ଥିତ ରଘୁନାଥଜୀଉଙ୍କ ପୀଠରେ ଶ୍ରୀରାମ ମନ୍ଦିର ପୂଜା କମିଟି ପକ୍ଷରୁ ତିନିଦିନ ବ୍ୟାପୀ ତୃତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପର୍ଣ୍ଣ ହୋଇଛି। ଗତ ଶନିବାର କଳସ ଯାତ୍ରା ହୋଇ ଘଟ ସ୍ଥାପନ ପରେ ଯଜ୍ଞ କୁଣ୍ଡରେ ଅଗ୍ନି ସ୍ଥାପନ ହୋଇଥିଲା। ରବିବାର ଆହୁତି ପ୍ରଦାନ, ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିଷେକ ଓ ଚଣ୍ଡୀପାଠ ଅନୁଷ୍ଠିତ ହୋଇଥିଲା। ସୋମବାର ବିଳମ୍ବିତ ରାତିରେ ପୂର୍ଣ୍ଣାହୁତି ସମ୍ପର୍ଣ୍ଣ ହୋଇଥିଲା। ସୁଶାନ୍ତ ପରିଡ଼ା ଓ ସୌଭାଗିନୀ ପରିଡା କର୍ତ୍ତାକର୍ତ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ସନ୍ଧ୍ୟାରେ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। କମିଟି ପକ୍ଷରୁ ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଯଜ୍ଞସ୍ଥଳ ଦର୍ଶନ କରି ବିଭୁକୃପା ଲାଭ କରିବା ସହ ପ୍ରବଚକଙ୍କ ବାଣିକୁ ଶ୍ରବଣ କରିଥିଲେ।

## ଗୋବନ୍ଧ୍ୟା ନିରାକରଣ ଓ ପ୍ରାଣୀ ଚିକିତ୍ସା ଶିବିର



ଜଗତସିଂହପୁର,୬ା୧(ସମିସ): ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ୍ ଅନ୍ତର୍ଗତ ଜପା ପଞ୍ଚାୟତର ଜପଭୂଆଁ ଗ୍ରାମରେ ଗୋଷ୍ଠୀ ପ୍ରାଣିଚିକିତ୍ସା କେନ୍ଦ୍ର ପକ୍ଷରୁ ଏକ ଗୋବନ୍ଧ୍ୟା ନିରାକରଣ ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୪ ଗାଈ/ଛଡାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ତନ୍ମଧ୍ୟରୁ ୨୪ଟି ଗାଈ/ଛଡ଼ାର ବନ୍ଧ୍ୟା ନିରାକରଣ ଚିକିତ୍ସା ଓ ୧୭ଟି ଗାଈର ଗର୍ଭ ପରୀକ୍ଷା କରାଯାଇଥିଲା। ସେହିପରି ଏହି ଶିବିରରେ ଔଷଧ, ଧାତବ ଲବଣ ଓ ହରମୋନ ଚିକିତ୍ସା ଆଦି ପ୍ରଦାନ କରାଯାଇଥିଲା। ଏହି ଚିକିତ୍ସା ଶିବିରରେ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ଶଶାଙ୍କ ଶେଖର ଲେଙ୍କାଙ୍କ ତତ୍ତ୍ୱାବଧାନରେ ଡା. ସୁଜିତ୍ କୁମାର ବିଶ୍ୱାଳ, ଡା. ଉମାକାନ୍ତ ନାୟକ, ଡା.ରୁଦ୍ର ପ୍ରସାଦ ମିଶ୍ର, ସ୍ଥାନୀୟ ପ୍ରାଣିଧନ ନିରୀକ୍ଷକ ବିନ୍ଦୁବାସିନୀ ବେଉରା ଓ ଓମଫେଡ ସୁପରଭାଇଜର ପ୍ରିୟତମା ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ମୁଖ୍ୟରାସ୍ତା ଜବରଦଖଲରେ; ପ୍ରଶାସନର ଉଚ୍ଛେଦ





ଢେଙ୍କାନାଳ,୬।୧(ସମିସ)

ସହରର ମୁଖ୍ୟରାସ୍ତା କଲେଜ ବାଇପାସଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଜବରଦଖଲ କରାଯାଇଥିବା ଯୋଗୁଁ ଯାତାୟାତରେ ଘୋର ବାଧା ଉପୁଜୁଛି। ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସହରର ସୌନ୍ଦର୍ଯ୍ୟକରଣ ସହ ମୁଖ୍ୟରାସ୍ତାର ଡିଭାଇଡର ବ୍ୟବସ୍ଥା କରାଯିବା ନେଇ ପୂର୍ତ୍ତ ବିଭାଗ ପକ୍ଷରୁ ଆୟୋଜନ କରାଯାଇଛି। ସହରର ମୁଖ୍ୟରାସ୍ତା ବିଭିନ୍ନ ମୁଷ୍ଟିମେୟ ବ୍ୟକ୍ତି ସହିତ ଦୋକାନ ବଜାରଗୁଡିକ ରାସ୍ତାକୁ ଜବରଦଖଲ କରି ଘର ନିର୍ମାଣ ଥିବା ଯୋଗୁଁ ଏହି ସମ୍ପ୍ରସାରଣ କାର୍ଯ୍ୟ ବାଧା ଉପୁଜୁଛି। ଏହି ସମ୍ପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହି ଉଚ୍ଛେଦ ସମୟରେ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହି ମୁଖ୍ୟରାସ୍ତା ପ୍ରଶସ୍ତୀକରଣ କରାଯାଇ ଡିଭାଇଡର ବ୍ୟବସ୍ଥା କରାଯିବା ଏବଂ ଆଲୋକୀକରଣ କରାଯିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି।

# ନିମ୍ନମାନର କାର୍ଯ୍ୟ; ଗୋଟିଏ ବର୍ଷରେ ଆରଡି ରାସ୍ତା ବିପର୍ଯ୍ୟସ୍ତ



କଙ୍କଡ଼ାହାଡ଼,୬।୧(ସମିସ): ରାସ୍ତା ନିର୍ମାଣ କାମ ହେବାର ଗୋଟିଏ ବର୍ଷ ପରେ ରାସ୍ତା ଫାଟି କେଉଁଠି ଆଁ ହେଉଛି ତ ପୁଣି କେଉଁଠି ଫାଳେ ଫାଳେ ପିଚୁ ଉଠିଯାଉଛି। ବଡ ବଡ ଗର୍ତ୍ତ ସୃଷ୍ଟି ହୋଇ ଲୋକଙ୍କୁ ମରଣ ମୁହଁକୁ ଠେଲୁଛି କାମାକ୍ଷାନଗର ଗ୍ରାମ୍ୟ ଉନ୍ନୟନ ବିଭାଗ। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ବ୍ଲକ ଅଧୀନରେ ଥିବା ବାମ ପଞ୍ଚାୟତଠାରୁ ପଥରଗଡ ଆରଡି ରାସ୍ତା।

ସୂଚନା ଅନୁଯାୟୀ, ଏହି ରାସ୍ତା ସହ ବିଜୁ ସେତୁ ପୋଲ ନିର୍ମାଣ ହୋଇଥିଲା। ନିହାର ରଞ୍ଜନ ପଟେଲଙ୍କ ଅଧୀନସ୍ଥ ଠିକାସଂସ୍ଥା ଅଧୀନରେ ରାସ୍ତା ଅତି ନିମ୍ନମାନର ଅଭିଯୋଗ ବାରମ୍ବାର ହୋଇଆସୁଥିଲା କିନ୍ତୁ ତାହା କୌଣସି ଫଳପ୍ରଦ ହୋଇପାରିଲା ନାହିଁ। ରାସ୍ତାର ଦୁଇ ପାର୍ଶ୍ୱରେ ମାଟି ଓ ମୋରମ ପକାଇବା ପରିବର୍ତ୍ତେ ବାଲିଆମାଟି ପକାଯାଇଥିଲା। ବିନା ଯନ୍ତ୍ରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ହେଇଆସୁଥିଲା। ଫଳରେ ବର୍ଷା ହେବା ଦ୍ୱାରା ବର୍ଷା ଦିନରେ ନାଳ ସୃଷ୍ଟି ହେଉଛି। ପିଚୁସ୍ତର ସଠିକ୍ ପରିମାଣର ନପକାଇ କମ ପରିମାଣର ପକାଯାଇଛି। ଯାହାଫଳରେ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପୂର୍ବରୁ ବହୁଳ ସ୍ଥାନରେ ଫାଟି ଆଁ ହୋଇ ରହିଥିଲା। ପ୍ରଥମରୁ ବିଭିନ୍ନ ସ୍ଥାନରୁ ପିଚୁ ଉଠିଯାଇଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। ତେବେ, ପୂର୍ବରୁ ବାରମ୍ବାର ଏହି ଠିକାସଂସ୍ଥାର ନିମ୍ନମାନର କାର୍ଯ୍ୟକୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିନଥିଲା। ଏନେଇ ବିଭାଗୀୟ ମନ୍ତ୍ରୀ ଏବଂ ଜିଲ୍ଲାପାଳ ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ଭେନେଜୁଏଲା ଉପରେ ଆକ୍ରମଣର ନିନ୍ଦା ଓ ପ୍ରତିବାଦ

ଢେଙ୍କାନାଳ, ୬।୧(ସମିସ): ଜାନୁୟାରୀ ୩ ମଧ୍ୟରାତ୍ରରେ ଆମେରିକାର ସେନା ଭେନିଜୁଏଲାର ରାଜଧାନୀରେ ଅତର୍କିତ ଆକ୍ରମଣ କରି ସେ ଦେଶର ରାଷ୍ଟ୍ରପତି ନିକୋଲାସ ମଦୁରୋ ଓ ତାଙ୍କ ପତ୍ନୀଙ୍କୁ ଗିରଫ କରି ବଳପୂର୍ବକ ଆମେରିକାରେ ନେଇ ବନ୍ଦୀ କରି ରଖିବାକୁ ବୁଦ୍ଧିଜୀବୀ ସଂଗଠନ ତରଫରୁ ଦୃଢ ନିନ୍ଦା କରାଯିବା ସହ ପ୍ରତିବାଦ କରାଯାଇଛି। ଏକ ପତ୍ର ଉଭୟ ଇମେଲ ଓ ପୋଷ୍ଟ କରି ନ୍ୟୁ ୟର୍କସ୍ଥିତ ମିଳିତ ଜାତିସଂଘର ସେକ୍ରେଟାରୀ ଜେନେରାଲ ଆଣ୍ଟୋନିଓ ଗୁଟେରାସଙ୍କ ନିକଟକୁ ପଠାଯାଇଛି। ଯାହାର ନକଲ ଦିଲ୍ଲୀରେ ଅବସ୍ଥାପିତ ମିଳିତ ଜାତିସଂଘର ସ୍ଥାନୀୟ ସଂଯୋଜକଙ୍କ ନିକଟକୁ ପ୍ରେରିତ ହୋଇଛି। ଆମେରିକାର ଏତାଦୃଶ କାର୍ଯ୍ୟକଳାପ ମିଳିତ ଜାତିସଂଘର ନିୟମାବଳୀକୁ ସମ୍ପୂର୍ଣ୍ଣ ଭାବେ ଉଲଂଘନ କରିଛି। ତେବେ, ଏହା କେବଳ ଆମେରିକାର ଭେନିଜୁଏଲାର ତୈଳ ସମ୍ପଦକୁ ହାତେଇବା ଓ ବ୍ରିକ୍ସ ଦେଶ ସମୂହକୁ ଶାସ୍ତି ଦେବା ନିମନ୍ତେ ଏକ ଚକ୍ରାନ୍ତ ବୋଲି ପୃଥିବୀରେ ଚର୍ଚ୍ଚା ହେଉଥିବା ସଂଗଠନର ସଭାପତି ପ୍ରଫେସର ଡାକ୍ତର ତୁଷାରକାନ୍ତି ନାୟକ ଗଣମାଧ୍ୟମକୁ ଜଣାଇଛନ୍ତି। ଜାତିସଂଘକୁ ପ୍ରେରିତ ପତ୍ରରେ ଉପସଭାପତି ରୁଦ୍ରପ୍ରକାଶ ଶରଣ, ସରୋଜ ଶତପଥୀ, ସଭ୍ୟା ଗୀତା ସାମଲ, ପୁଷ୍ପାଞ୍ଜଳି ପାଢ଼ୀ ପ୍ରମୁଖ ଦସ୍ତଖତ କରିଛନ୍ତି।

## ସଙ୍କୀର୍ତ୍ତନମଣ୍ଡଳୀ ମହାସଂଘର ବାର୍ଷିକ ସମାରୋହ

ପରଜଙ୍ଗ,୬।୧(ସମିସ): ପରଜଙ୍ଗ ଆଞ୍ଚଳିକ ସଙ୍କୀର୍ତ୍ତନମଣ୍ଡଳୀ ମହାସଙ୍ଘର ବାର୍ଷିକ ସମାରୋହ ପରଜଙ୍ଗସ୍ଥିତ ବାୟା ପାଗଳା ମଠରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ବରିଷ୍ଠ ତଅଁଲୁ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ସମ୍ମାନିତ ଅତିଥିଭାବେ ମହାସଂଘ ସଭାପତି ଅକ୍ଷୟ ନାୟକ, ସମ୍ପାଦକ ଅଶୋକ ଦଳବେହେରା, ମୁନା ବାବା, ପରଜଙ୍ଗ ସରପଞ୍ଚ ଗାୟତ୍ରୀ ମହାପାତ୍ର, ପରଜଙ୍ଗ ଗ୍ରାମସଭାପତି ଶ୍ରୀ ସାମଲ ପ୍ରମୁଖ ମଞ୍ଚାସୀନ ହୋଇ ସମ୍ବର୍ଦ୍ଧିତ ହୋଇଥିଲେ। ବିଭିନ୍ନ ଗ୍ରାମରୁ ମୋଟ ତିନିଶହ ସଙ୍କୀର୍ତ୍ତନମଣ୍ଡଳୀରୁ ପ୍ରତିନିଧି ଯୋଗ ଦେଇ ଥିବାବେଳେ ଚାରିଟି ମଣ୍ଡଳୀ ସହ ସଙ୍ଘର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ହଜାର ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିବା ବେଳେ ମହାସଂଘର ବରିଷ୍ଠ ସଦସ୍ୟ ହୃଦୟଚନ୍ଦ୍ର ଚମ୍ପତିସିଂହ ଧନ୍ୟବାଦ ଦେଇଥିଲେ।

## ଖଳନାୟକ ଜ୍ଞାନରଞ୍ଜନ ସାହୁଙ୍କ ବିୟୋଗ



ଭୁବନ, ୬।୧(ସମିସ): ମା' ହିଙ୍ଗୁଳା ଯାତ୍ରା ପଡ଼ିଆ ଭୁବନରୁ ଦୁର୍ଦ୍ଧାନ୍ତ ଖଳନାୟକର ପରିଚୟ ନେଇ ରାଜ୍ୟର ବହୁ ବଡ଼ ବଡ଼ ଯାତ୍ରା ପାର୍ଟିରେ ଖଳନାୟକ ଭାବରେ ଅଭିନୟ କରି ପ୍ରସିଦ୍ଧ ହାସଲ କରିଥିବା ଜ୍ଞାନରଞ୍ଜନ ସାହୁ (୪୫) ସବୁଦିନ ପାଇଁ ଜୀବନ ଯାତ୍ରା ପେଣ୍ଡାଲରୁ ବିଦାୟ ନେଇଛନ୍ତି। ନିରବୀଗଲା ଆଉ ଏକ ପ୍ରତିଭା। ଯାତ୍ରା ଦୁନିଆ ପାଇଁ ଅପୂରଣୀୟ କ୍ଷତି। ଚିକିତ୍ସାଧୀନ ଅବସ୍ଥାରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ତାଙ୍କ ମୃତ୍ୟୁ ଘୋଷଣା କରିଛନ୍ତି ଡାକ୍ତର। ଏକ ବର୍ଷ ହେବ ସେ ଚିକିତ୍ସାଧୀନ ଥିଲେ। ଯାତ୍ରା ପେଣ୍ଡାଲ ଉପରେ ଖଳନାୟକ କିନ୍ତୁ ସତ ଦୁନିଆରେ ଭଲ ମଣିଷ ଭାବରେ ପରିଚିତ ଥିଲେ। ତାଙ୍କର ଏହି ଅକାଳ ମୃତ୍ୟୁ ଖବର ପାଇ ଭୁବନବାସୀ, ଯାତ୍ରାପ୍ରେମୀ ଦର୍ଶକ, ବିଭିନ୍ନ ଯାତ୍ରା କମିଟି ଶୋକ ପ୍ରକାଶ କରିଛନ୍ତି।

## ଦିବାଲୋକରେ କାଟିନେଲେ ଟ୍ରିପଟ୍ରିପ କାଠ

ଖଜୁରିଆକଟା, ୬।୧(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ସାତମାଇଲସ୍ଥିତ ସାପୁଆ ଜଳସେଚନ ଡାକବଙ୍ଗଳା ପରିସରରେ ଥିବା ମୂଲ୍ୟବାନ ଗଛକୁ ଜେସିବି ମେସିନ୍ ଲଗାଇ ଓପାଡ଼ି ଦେବା ସହ ମେସିନ୍ କରତ ଦ୍ୱାରା କଟାଯାଇଥିବା ଅଭିଯୋଗ ହୋଇଛି। ତାହା ପୁଣି ବନବିଭାଗର ବିନା ଅନୁମତିରେ ଗଛ କଟାଯାଇଥିବା ଅଭିଯୋଗ ହୋଇଛି। ଏ ସଂପର୍କରେ ବନବିଭାଗ ଆଦୌ ଜାଣି ନଥିବା ଘଟଣା ଚର୍ଚ୍ଚାର ବିଷୟ ରହିଛି। ଘଟଣାର ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବେଶବିତ୍ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଜଳସେଚନ ଏସଡିଓଙ୍କ ସନ୍ତୋଷଜନକ ଉତ୍ତର ମିଳିପାରି ନାହିଁ।

## ୨୮ ଟି ସ୍କୁଲରେ ଭାଷା, ଗଣିତ ଓ ପରିବେଶ ବିଷୟରେ ପରୀକ୍ଷା



ଢେଙ୍କାନାଳ, ୬।୧(ସମିସ): ପରଖ ସର୍ବେକ୍ଷଣ ୨୦୨୪ ଆଧାରରେ ନିମ୍ନ ଉପଲବ୍ଧି ପ୍ରଦର୍ଶନ କରିଥିବା ଢେଙ୍କାନାଳ ଜିଲ୍ଲାରେ ୨୮ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ହେଲ୍ପ-୨.୦ ଜରିଆରେ ପ୍ରତିକାରମୂଳକ ଶିକ୍ଷଣ ଦିଆଯାଇଥିବା ବେଳେ ଏହି ବିଦ୍ୟାଳୟ ଗୁଡିକରେ ପର - ପରୀକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମୁଦାୟ ୫୬୧ ଜଣ ଷଷ୍ଠ ଶ୍ରେଣୀର ପିଲା ଭାଷା, ଗଣିତ ଓ ପରିବେଶ ଅଧ୍ୟୟନ ବିଷୟରେ ପରୀକ୍ଷା ଦେଇଥିବା ବେଳେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଗୁରୁଛାତ୍ରଛାତ୍ରୀମାନେ କ୍ଷେତ୍ର ଅନୁସନ୍ଧାନ ଭାବେ ପରୀକ୍ଷଣ କରିଥିଲେ। ଡିଆଇଇଟିର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ସୌମ୍ୟା ପଟନାୟକ ଓ ସ୍ୱାଗତିକା ସ୍ୱାଇଁ ତଦାରଖ କରିଥିଲେ। ଡିଆଇଇଟି ସିଆରସି ଲିଙ୍କେଜ ମାଧ୍ୟମରେ ଏହି ପ୍ରତିକାର ମୂଳକ ଶିକ୍ଷଣ ଦୀର୍ଘ ୩୦ ଦିନର କାର୍ଯ୍ୟଦିବସରେ ଖେଳ, ନାଚଗୀତ, ଗପ ଓ ଅନୁଭୂତି ଆଧାରରେ ପ୍ରଦାନ କରାଯାଇଥିଲା। ସବୁ ବିଦ୍ୟାଳୟରେ ସୁରୁଖୁରୁରେ ପର ପରୀକ୍ଷଣ ସମ୍ପାଦିତ ହୋଇଥିବାରୁ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ସିଆରସିସିଙ୍କୁ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ ସାହୁ କୃତଜ୍ଞତା ଜଣାଇଛନ୍ତି। ପ୍ରକାଶ ଥାଉ କି, ଗତ ନଭେମ୍ବର ୩ ତାରିଖରେ ଏହି ୨୮ ବିଦ୍ୟାଳୟରେ ୫୬୧ ଛାତ୍ରଛାତ୍ରୀ ପୂର୍ବ ପରୀକ୍ଷଣ ଦେଇଥିଲେ।

## ଶ୍ରୀରାମଚନ୍ଦ୍ରପୁରରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଓ ବେଶ ପ୍ରଦର୍ଶନୀ



ଗଁଦିଆ, ୬।୧(ସମିସ): ସ୍କନ୍ଦ ପୁରାଣର ପବିତ୍ର ବିଧି ଅନୁଯାୟୀ, ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ନିକଟରେ ତୃତୀୟ ବାର୍ଷିକ ଶ୍ରୀଜଗନ୍ନାଥଙ୍କ ପଞ୍ଚରାତ୍ର ଓ ବେଶ ପ୍ରଦର୍ଶନୀ ମହୋତ୍ସବ ଆରମ୍ଭ ହୋଇଯାଇଛି। ପାଞ୍ଚ ଦିନ ଧରି ଚାଲିବାକୁ ଥିବା ଏହି ଭବ୍ୟ କାର୍ଯ୍ୟକ୍ରମର ପ୍ରଥମ ଦିବସର ପ୍ରବଚନ ଓ ଆଧ୍ୟାତ୍ମିକ ପରିବେଶରେ ପୂଜ୍ୟ ସ୍ୱାମୀ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ମୁଖ୍ୟ ପ୍ରବଚକ ଭାବେ ଯୋଗ ଦେଇଥିଲେ। ଅତିଥି ଓ ସମ୍ମାନ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସନ୍ଧ୍ୟା କାର୍ଯ୍ୟକ୍ରମରେ ଅନ୍ୟତମ ମୁଖ୍ୟଅତିଥି ଭାବେ ରିନାରାଣୀ ଖଟୁଆ ବ୍ଲକ ଅଧ୍ୟକ୍ଷା, ସମ୍ମାନିତ ଅତିଥି ରତିକାନ୍ତ ସାହୁ ମନ୍ତ୍ରୀଙ୍କ ପ୍ରତିନିଧି ଓ ବିଶିଷ୍ଟ ସମାଜସେବୀ ତଥା ଜଗନ୍ନାଥ ପ୍ରେମୀ ପ୍ରଭାସ ସାହୁଙ୍କୁ ତାଙ୍କର ନିଷ୍ଠାପର ସେବା ପାଇଁ ଅନୁଷ୍ଠାନ ପକ୍ଷରୁ ଜଗନ୍ନାଥ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆଗାମୀ କାର୍ଯ୍ୟକ୍ରମ ପ୍ରତ୍ୟେକ ଦିନ ଓଡିଶାର ବିଭିନ୍ନ ପ୍ରାନ୍ତରୁ ପ୍ରମୁଖ ଜଗନ୍ନାଥ ପ୍ରେମୀ ଓ ସମ୍ମାନିତ ଅତିଥିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆୟୋଜକ ଅନୁଷ୍ଠାନ ପକ୍ଷରୁ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଏହି ଧାର୍ମିକ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଅନୁରୋଧ କରାଯାଇଛି।

## ଆଇନ ସଚେତନତା ଶିବିର

ଢେଙ୍କାନାଳ,୬।୧(ସମିସ): ସଦର ବ୍ଲକ ଚାଉଳିଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଗୃହରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ଶୁଭଙ୍କର ମିଶ୍ର ଅଧ୍ୟକ୍ଷତା କରିଥିଲା ବେଳେ ଡିଏସପି ସଂଧ୍ୟାରାଣୀ ବେଉରିଆ ନିଶାମୁକ୍ତ ସମାଜ, ପରିବେଶ ସୁରକ୍ଷା ଏବଂ ବାଲ୍ୟ ବିବାହ ସମ୍ବନ୍ଧରେ ସଚେତନ କରାଇଥିଲେ। ପ୍ରମୁଖ ବକ୍ତା ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ ବେହେରା ଏ ସମ୍ବନ୍ଧିତ ଅଧିକ ବାଖ୍ୟା କରିଥିବା ବେଳେ ଆଇନ ଉଲଘଂନ କଲେ ଜେଲ ଦଣ୍ଡ ଓ ଅର୍ଥରାଶି ଜରିମାନା ଉପରେ ଆଲୋକପାତ କରିଥିଲେ। ସହନିର୍ଦ୍ଦେଶିକା ମଧୁସ୍ମିତା ଦାସ ପ୍ରଥମେ ଏହାକୁ ନିଜ ପରିବାରରୁ ଆରମ୍ଭ କରିବାକୁ ମତ ରଖିଥିଲେ। ସରପଞ୍ଚ ବାବୁଲିଚନ୍ଦ୍ର ରାଉତ ଯୋଗ ଦେଇଥିଲେ। ପ୍ରାଧିକରଣ କର୍ମଚାରୀ ଦୁଃଖବନ୍ଧୁ ସାହୁ, ରାମଚନ୍ଦ୍ର ସାମଲ, ପିଏଲଭି ଅନୁପ ନାଏକ, ପ୍ରଫୁଲ୍ଲ ନାଏକ, ବିପ୍ରବର ବେହେରା, ନାସୀମା ବେଗମ ପ୍ରମୁଖ ପରିଚାଳନା କରିଥିଲେ।

## ଖୋ-ଖୋ ରାଜ୍ୟ ଦଳ ଚୟନରେ ଅସନ୍ତୋଷ

ଢେଙ୍କାନାଳ,୬।୧(ସମିସ): ଗତ ନଭେମ୍ବର ୮ ତାରିଖରୁ ୧୧ ତାରିଖରେ ଡିଏନ ଉଚ୍ଚବିଦ୍ୟାଳୟ କେନ୍ଦୁଝରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ୍ ବାଳିକା ବିଭାଗର ଖୋ ଖୋ ଖେଳାଳି ବିଦ୍ୟାଳୟ ଚାମ୍ପିଅନସିପରେ ଢେଙ୍କାନାଳର ସର୍ବକନିଷ୍ଠ ବିଭାଗ ୧୪ବର୍ଷରୁ କମ୍ ଖୋ ଖୋ ଟିମ୍ ଫାଇନାଲ ମ୍ୟାଚ ହୋଇଥିଲା। ଢେଙ୍କାନାଳ ଟିମ୍‌ର ଜାତୀୟ ସ୍ତରୀୟ ଟିମ୍‌ରେ ଯିବା ପାଇଁ ଜଣେମାତ୍ର ଖେଳାଳି ଚୟନ ହୋଇଛନ୍ତି। ବାସ୍ତବରେ ରନର୍ସ ଅପ୍ ହୋଇଥିବା ଟିମ୍‌ରୁ ୨/୩ ଜଣ ଖେଳାଳି ଚୟନ ପାଇବା କଥା। ଏଥିରୁ ସ୍ପଷ୍ଟ ଯେ ଏହି ଚୟନରେ ବହୁତ ଅନିୟମିତତା ହୋଇଛି ଏବଂ ଏଥିରେ ଚୟନ୍ତ କମିଟିର ମୁଖ୍ୟ ଭୂମିକା ରହିଛି ବୋଲି ଖେଳାଳିଙ୍କ ଅଭିଭାବକମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଜଣାଇଛନ୍ତି। ଏହି ଗୁରୁତର ସମସ୍ୟାର କାରଣ ତଦନ୍ତ କରିବା ସହିତ ଢେଙ୍କାନାଳ ଖେଳାଳିଙ୍କ ଭବିଷ୍ୟତ ସହିତ ଅନ୍ୟାୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଅଭିଭାବକ ରଞ୍ଜନ ସାହୁ, ଅଶୋକ ସ୍ୱାଇଁ, ସତ୍ୟବାନ ପାତ୍ର, ସମରେନ୍ଦ୍ର ଶତପଥୀ ପ୍ରମୁଖ ଦାବି କରିଛନ୍ତି।

## ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ



ଭୁବନ,୬।୧(ସମିସ): ଢେଙ୍କାନାଳ ଜିଲ୍ଲାର ସର୍ବପୁରାତନ ବିଦ୍ୟାଳୟ ପିଏମଶ୍ରୀ ଭୁବନ ଉଚ୍ଚବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ମିନତୀ ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟଅତିଥି ଭାବେ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ କ୍ରୀଡା କ୍ଷେତ୍ରରେ ଜାତୀୟସ୍ତରରେ ଖେଳାଳି ସୃଷ୍ଟି କରିପାରିଛି ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଏସ ରସିଦ ଖାଁ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଅର୍ଥନୀତିଜ୍ଞ ରମଣ ଅଗ୍ରୱାଲ, ବିଶିଷ୍ଟ ବକ୍ତା ପୁରୀ ଗୋବର୍ଦ୍ଧନ ପୀଠର ଆଦିତ୍ୟବାହିନୀ ଅଧ୍ୟକ୍ଷ ପଣ୍ଡିତ ମାତୃପ୍ରସାଦ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଦାର ଦାସ ଯୋଗ ଦେଇଥିଲେ। ବିଦ୍ୟାଳୟ ଜମିକୁ ଜବରଦଖଲକାରୀଙ୍କ କବଳରୁ ଉଦ୍ଧାର କରି ବିଜ୍ଞାନ ପାର୍କ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ବିଦ୍ୟାଳୟ ମୁଖପତ୍ର "ଭାରତୀ' ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗଣେଶ୍ୱର ସାହୁ ସ୍ୱାଗତ ଭାଷଣ, ଆଲୁମନି କମିଟି ସଭାପତି ଇଂ ଦେବେନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ରୀଡା ଶିକ୍ଷକ ସାଗର ଦାସ ମଞ୍ଚ ପରିଚାଳନା ଓ ବରିଷ୍ଠ ଶିକ୍ଷକ ଇନ୍ଦ୍ରଜିତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କାର ବଣ୍ଟନ ସହ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଓପିଏସ୍ କଲେଜ ଇତିହାସ ବିଭାଗରେ ପାଠଚକ୍ର



ଖଜୁରିଆକଟା,୬।୧(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳରୋଡସ୍ଥିତ ଓଡାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଇତିହାସ ବିଭାଗରେ ଭାରତ ବ୍ରିଟିଶ ଉପନିବେଶରୁ ବିକଶିତ ଭାରତ ଶୀର୍ଷକ ଏକଦିବସୀୟ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଶମ୍ଭୁପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜାତୀୟ ସମ୍ପାନରେ ଜବାହରଲାଲ ନେହରୁ ବିଶ୍ୱବଦ୍ୟାଳୟର ପ୍ରଫେସର ଡଃ ଯଯାତି କେଶରୀ ପଟ୍ଟନାୟକ ମୁଖ୍ୟଅତିଥି, ରାଜୀବଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବଦ୍ୟାଳୟ, ଦୋଇମୁଖ, ଅରୁଣାଚଳ ପ୍ରଦେଶର ପ୍ରଫେସର ଡଃ ପ୍ରଶାନ୍ତ କୁମାର ନାୟକ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡଃ ମଧୁସ୍ମିତା ରାଉତ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରଫେସର ପ୍ରଶାନ୍ତ ନାୟକ, ପ୍ରଫେସର ମଧୁସ୍ମିତା ରାଉତ ବିଭିନ୍ନ ପ୍ରସଂଗରେ ଆଲୋଚନା କରିଥିଲେ। ବିଭାଗମୁଖ୍ୟ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ଦାସ ବିଷୟ ପ୍ରବେଶ କରାଇଥିଲେ। ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ ସମଗ୍ର କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିବା ବେଳେ ଅଧ୍ୟାପକ ଡଃ ବଳରାମ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଜନତା ମହାବିଦ୍ୟାଳୟର ଅଧ୍ୟାପିକା ସଞ୍ଜୁକ୍ତା ବେହେରା ଏବଂ କାମାକ୍ଷାନଗର ମହାବିଦ୍ୟାଳୟର ଅଧ୍ୟାପିକା ସସ୍ମିତା ଦାସଙ୍କ ସମେତ ଅନ୍ୟାନ୍ୟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, ଗବେଷିକା ଓ ଗବେଷକ ଯୋଗ ଦେଇଥିଲେ। କିଶୋରନଗର ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ଜୟକିଶୋର ପ୍ରଧାନ ପ୍ରବନ୍ଧଗୁଡ଼ିକର ସମୀକ୍ଷା କରିଥିଲେ। ଇତିହାସ ବିଭାଗର ପୂର୍ବତନ ପ୍ରାଧ୍ୟାପକ ଡଃ ରମେଶ ପ୍ରସାଦ ମିଶ୍ର ଓ କିଶୋର ନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ ଦାସ ସମ୍ପାନରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ କ୍ୟାପଟେନ ଅକ୍ଷୟ ସାହୁ ସହଯୋଗ କରିଥିଲେ।

# ଉଠା ଜଳସେଚନ ବିଭାଜନସ୍ତରୀୟ ପାଣିପଞ୍ଚାୟତ ପକ୍ଷ





ଢେଙ୍କାନାଳ/ଭୁବନ, ୬।୧(ସମିସ): ଢେଙ୍କାନାଳର ଉଠା ଜଳସେଚନ ତରଫରୁ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ବିଭାଗୀୟ ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ସମସ୍ତ ଉଠାଜଳସେଚନ ପ୍ରକଳ୍ପରୁ ପ୍ରାୟ ୨୦୦ ଜଣ ଚାଷୀ ସମବେତ ହୋଇଥିଲେ। ନିର୍ବାହୀଯନ୍ତ୍ରୀ ଇଞ୍ଜିନିୟର ବିଜୟ ଭୋଇ ସଭାପତିତ୍ୱ କରିଥିଲା ବେଳେ ଏହି ସଚେତନତା ସମାବେଶରେ ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ଉଦ୍ୟାନବିତ ରାମଚନ୍ଦ୍ର ପାତ୍ର, ଅନ୍ୟତମ ଅତିଥି ପ୍ରତାପଚନ୍ଦ୍ର ନାୟକ, କାଉନସିଲର ୱାର୍ଡ ନଂ ୮, କୃଷିବିକାଶ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ମୁଖ୍ୟବକ୍ତା ଡଃ ବିମଳେନ୍ଦୁ ମହାନ୍ତି ଆଲୋଚନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ବେଳେ ସବିର ଓରାମ, କନିଷ୍ଠ ଯନ୍ତ୍ରୀ (ନିର୍ମାଣ), ସ୍ୱରାଜ ଦାସ (କନିଷ୍ଠ ଯନ୍ତ୍ରୀ) ବିଦ୍ୟୁତ, ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ। ସେହିପରି ରେଙ୍ଗାଲି ଦକ୍ଷିଣ ଜଳସେଚନ ମଣ୍ଡଳ, ଢେଙ୍କାନାଳ ତରଫରୁ ଏକ ସଚେତନତା ରଥ ପରିକ୍ରମା ଶୁଭାରମ୍ଭ ହୋଇଛି। ଏହି ରଥକୁ ଜିଲ୍ଲା କାର୍ଯ୍ୟାଳୟଠାରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଜିଲ୍ଲାପାଳ ରମେଶଚନ୍ଦ୍ର ସେଠୀ ପତାକା ଦେଖାଇ ରଥ ପରିକ୍ରମଣରୁ ଶୁଭାରମ୍ଭ କରିଥିଲେ। ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଏନ ସନ୍ତୋଷକୁମାର ଚୌଧୁରୀ, ମୁଖ୍ୟଯନ୍ତ୍ରୀ କୁଳମଣି ସେଠୀ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ତଥା ପାଣି ପଞ୍ଚାୟତ ନୋଡାଲ ଅଫିସର ରମେଶଚନ୍ଦ୍ର ସେଠୀଙ୍କ ସମେତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ସଚେତନତା ରଥ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ପରିକ୍ରମା କରିବ। ରେଙ୍ଗାଲି ବାମ କେନାଲ ବିଭାଜନ ସଂଖ୍ୟା ୪, ଭୁବନ ଆନୁକୂଲ୍ୟରେ ସେଚାଞ୍ଚଳ କୃଷକ ତାଲିମ କେନ୍ଦ୍ରଠାରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଭୁବନ ଡିଭିଜନ ୪ ଅଧୀକ୍ଷଣ ଯନ୍ତ୍ରୀ ଦୁଃଖୁ କିସ୍କିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ୱାଲମିର ଅଧିକାରୀ ପ୍ରଦ୍ୟୁମ୍ନ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରୋଜେକ୍ଟ ପରିଚାଳନା ସଦସ୍ୟ ଇଂ ଯୁଗଳ କିଶୋର ତ୍ରିପାଠୀ, ଯାଜପୁର ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୟ କୁମାର ମାରାଣ୍ଡି, ଭୁବନ ଉଦ୍ୟାନ ବିଭାଗ ଅଧିକାରୀ ନିମନ୍ତ୍ରିତ ଥିଲେ ମଧ୍ୟ ଯୋଗେ ଦଇ ନ ଥିଲେ। ଭୁବନ କୃଷକ ସମାଜ ପୂର୍ବତନ ସଭାପତି ବାସୁଦେବ ଗୁରୁ, ମା' ଚର୍ଚ୍ଚିକା ପାଣି ପଞ୍ଚାୟତ ଅଗ୍ରଣୀ ଚାଷୀ କୈଳାସ ଜେନା, ହନୁମାନ ପାଣି ପଞ୍ଚାୟତ ସଭାପତି ସଞ୍ଜୟ ଦାସ ଉଦ୍‌ବୋଧନ ଦେଇଥିଲେ। ସୁକିନ୍ଦା ଭୁବନ ପାଣି ପଞ୍ଚାୟତ ସମୂହର ସଞ୍ଚୋଜକ ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ସ୍ତରରେ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ନିର୍ବାହୀ ଯନ୍ତ୍ରୀ ସେଙ୍ଗଲ ସିଂ ସିଦ୍ଧୁବ ସରେନ, ମନୋଜ କୁମାର ବାଗେ ସମେତ କନିଷ୍ଠ ଯନ୍ତ୍ରୀ ବୁବୁ ସାହୁ, ତରଣୀସେନ ରାଉଳ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



# 'କ୍ରୀଡ଼ାରେ ଜଣେ ଜିତେ ଓ ଆଉ ଜଣେ ଶିଖେ'

## ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ସମାରୋହ



ଢେଙ୍କାନାଳ,୬।୧(ସମିସ): ଯେକୌଣସି ଖେଳରେ ଜଣେ ଜିତେ ଓ ଜଣେ ହାରେ ବୋଲି ସମସ୍ତେ ଜାଣନ୍ତି ମାତ୍ର ବିଦ୍ୟାଳୟ ବା ମହାବିଦ୍ୟାଳୟ ସ୍ତରରେ ଯେଉଁ କ୍ରୀଡ଼ା ପ୍ରତିଯୋଗିତା ହୁଏ ସେଥିରେ ଜଣେ ଜିତେ ଓ ଆଉ ଜଣେ ଶିଖେ। ଖେଳରୁ ପିଲାମାନେ ଶୃଙ୍ଖଳା ସଦାଚାର, ଧୈର୍ଯ୍ୟ, ସହନଶୀଳତା ଓ ସହଯୋଗୀତା ପରି ମହନୀୟ ଗୁଣଗୁଡିକୁ ଆହରଣ କରନ୍ତି ଯାହାକି ସେମାନଙ୍କ ଭବିଷ୍ୟତ ଜୀବନକୁ ପ୍ରଭାବିତ କରିବ ବୋଲି ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ୩୪ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ମତ ବ୍ୟକ୍ତ କରିଛନ୍ତି। ଷ୍ଟାଡିଅମ ପଡିଆଠାରେ ଅନୁଷ୍ଠିତ କ୍ରୀଡ଼ା ଉତ୍ସବର ଉଦଘାଟନୀ ସମାରୋହରେ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ସମ୍ମାନିତ ଅତିଥି ଭାବେ ମ୍ୟୁନିସପାଲିଟି କାଉନସିଲର ଦୀପ୍ତିପ୍ରକାଶ ସେଠୀ ଯୋଗଦେଇଥିଲେ। କ୍ରୀଡ଼ା ବିଭାଗର ଦାୟିତ୍ୱପ୍ରାପ୍ତ ଅଧିକାରିଣୀ ସ୍ୱାଗତିକା ସରଣ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସ୍ଥାନୀୟ ବଳରାମ ମନ୍ଦିରରୁ ପୂଜାର୍ଚ୍ଚନା ହୋଇ ଆସିଥିବା ମଶାଲକୁ ଅତିଥିମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଛଅଟି ହାଉସର ଛାତ୍ରଛାତ୍ରୀ ଚିତ୍ତାକର୍ଷକ ପରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଥମ ଦିନ ଖେଳରେ ଉଭୟ ବାଳକ ଓ ବାଳିକା ବିଭାଗର ୧୦୦,୨୦୦, ୪୦୦ ମିଟର ଦୌଡ଼ ପ୍ରତିଯୋଗିତା, ଉଭୟ ବିଭାଗରେ ଜାବେଲିନ, ଓ ଡିସକସ ଥ୍ରୋ ଏବଂ ମ୍ୟୁଜିକ ଚେୟାର ଆଦି ଖେଳ ଅନୁଷ୍ଠିତ ହୋଇଥିବା ବେଳେ ପ୍ରୟୋଗଶାଳା ଛାତ୍ରଛାତ୍ରୀଙ୍କ ବାଳକ ଓ ବାଳିକା ବିଭାଗର ୧୦୦ମି, ୨୦୦ ମି ଦୌଡ ପ୍ରତିଯୋଗିତା ଓ ଉଭୟ ବିଭାଗର ଲମ୍ବଡିଆଁ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷିକା କଲ୍ୟାଣୀ ସାହୁ ସଞ୍ଚୋଜନା କରିଥିବା ବେଳେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ନରେଶଚନ୍ଦ୍ର ସାହୁ, ସପ୍ତଶଯ୍ୟା ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଉମେଶଚନ୍ଦ୍ର ଦାଶ, ବାଳିକା ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଜୟନ୍ତୀ ବେହେରା ଓ ତାଳବାରକୋଟ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସରିତା ବିଶ୍ୱାଳ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ଶତପଥି ଧାରା ବିବରଣୀ ଦେଇଥିଲେ।

## ଜିଲ୍ଲାରେ ବିଗୁଡ଼ୁଛି ଧାନକିଣା ସ୍ଥିତି

# ଆନ୍ଦୋଳନରେ ମିଲର୍; ଚାଷୀ ହତାଶ

ବାଲେଶ୍ୱର,୬ ।୧(ସମିସ)




ଚଳିତ ବର୍ଷ ଧାନ କିଣାରେ ରାଜ୍ୟରେ ଅଚଳାବସ୍ଥା ଦେଖା ଦେଇଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଛି । ଗତମାସରୁ ଜିଲ୍ଲାରେ ଧାନ କିଣା ଆରମ୍ଭ ହେବାକୁ ଥିବାବେଳେ ଚଳିତ ମାସ ଆଜି ପର୍ଯ୍ୟନ୍ତ ଗୋଟିଏ ବି ସୋସାଇଟିରୁ ଧାନ କିଣା ଆରମ୍ଭ ହୋଇନାହିଁ । ସେପଟେ ମିଲରମାନଙ୍କ ୪ଦଫା ଦାବିକୁ ସରକାର ମାନୁନଥିବା ବେଳେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଗତକାଲି ରାଜ୍ୟ ସରକାରଙ୍କ ସହ ମିଲରଙ୍କ ବୈଠକ ବିଫଳ ପରେ ସମସ୍ତ ମିଲରମାନେ ଏବେ ଆନ୍ଦୋଳନରେ ରହିଛନ୍ତି । ଏଣୁ ରାଜ୍ୟ ମିଲର ଆସୋସିଏସନ ସହ ଜିଲ୍ଲା ସଂଘ ସାମିଲ ହୋଇ ଯେ ପର୍ଯ୍ୟନ୍ତ ସରକାର ସେମାନଙ୍କ ଦାବି ପୂରଣ କରିନାହାନ୍ତି ଧାନ କିଣାରେ ସହଯୋଗ କରିବେ ନାହିଁ ବୋଲି ଆଜି ଜିଲ୍ଲା ସଂଘ ପକ୍ଷରୁ ସ୍ଥାନୀୟ ଉଦ୍ୟୋଗ ଭବନ ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ଏହି ଆନ୍ଦୋଳନ ପରେ ଏବେ ଚାଷୀ ଚିନ୍ତାରେ । ଟୋକନ ଅବଧି ଶେଷ ହେଉଥିବାବେଳେ କିପରି ଧାନ ଦେବେ ସେ ନେଇ ଚିନ୍ତାରେ । ଜିଲ୍ଲା ରାଇସ୍ ମିଲ ଆସୋସିଏସନ ସମ୍ପାଦକ ଯୋଗେଶ ମହାନ୍ତିଙ୍କ ସୂଚନା ଅନୁସାରେ, ଜିଲ୍ଲାରେ ଧାନ କିଣା ଆରମ୍ଭ ହେବା ପୂର୍ବରୁ ମିଲରମାନଙ୍କ ୪ଦଫା ଦାବି ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନ କରାଯାଇଥିଲା । ହେଲେ ସରକାର ମିଛରେ ତିନୋଟି ଦାବିକୁ ପୂରଣ କରିଛନ୍ତି ବୋଲି କହିଥିବା ବେଳେ ଗୋଟିଏ ଦାବିକୁ ଆଉ କିଛି ସମୟ ଦେବାକୁ କହୁଛନ୍ତି । ହେଲେ ମୂଳ ତିନୋଟି ଦାବି ଉପରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଜଣାପଡିଛି ।

ଅନ୍ୟପଟେ ଧାନ ଗଚ୍ଛିତ ରଖିବା ପାଇଁ ସରକାରଙ୍କ ନିଜସ୍ୱ ଗୋଦାମ ନଥିବା ବେଳେ ଏହାର ଦାୟିତ୍ୱ ମିଲରମାନଙ୍କୁ ପ୍ରଦାନ କରାଯାଇଥିଲା । ଯାହାର ପ୍ରାପ୍ୟ ମଧ୍ୟ ପ୍ରଦାନ କରାଯାଇଥିଲା । ଯାହାକି ଶେଷଥର ପାଇଁ ସେମାନଙ୍କୁ ୨୦୨୨-୨୩ରେ ପ୍ରଦାନ କରାଯାଇଥିଲା । ହେଲେ ସରକାର ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ତାହା ପ୍ରଦାନ କରି ନାହାନ୍ତି । ଫଳରେ ଓଡ଼ିଶାରେ ୩୫୦କୋଟି ଟଙ୍କା ବର୍ତ୍ତମାନ ସୁଦ୍ଧା ବକେୟା ରହିଛି । ଏହାବ୍ୟତିତ ସରକାର ସେମାନଙ୍କୁ ୭ଟଙ୍କା୨୦ପଇସା ଦରରେ ଗୋଦାମରେ ଧାନ ଗଚ୍ଛିତ ରଖିବାକୁ ପ୍ରଦାନ କରନ୍ତୁ ବୋଲି କହିଛନ୍ତି । ଅନ୍ୟପଟେ ଏବେ ସେମାନେ ୧୫ମାସ ଧରି ଧାନ ସେମାନଙ୍କ ଗୋଦାମରେ ଗଚ୍ଛିତ ରଖିଥିବା ବେଳେ ଭଡ଼ା ଆକାରରେ କେବଳ ୩ ମାସର ପ୍ରାପ୍ୟ ମିଳୁଛି । ଏହାଛଡା ବର୍ତ୍ତମାନ ସ୍ଥିତିରେ ସମସ୍ତ ଦର ବୃଦ୍ଧି ପାଇଥିବା ବେଳେ ମିଲରମାନେ ମଣ୍ଡିରୁ ଧାନ ଆଣିବା ପାଇଁ ଯାଉଥିବା ବେଳେ ସେମାନଙ୍କର ଦର ବୃଦ୍ଧି କରିବା ପରିବର୍ତ୍ତେ ୨୮ ପଇସା କମେଇ ଦେଇଛନ୍ତି । ଯାହାଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

ଅନ୍ୟପଟେ ଧାନରୁ ଅରୁଆ ଏବଂ ଉସୁନା ଚାଉଳ ପ୍ରସ୍ତୁତ କରିବାକୁ ଅନ୍ୟ ରାଜ୍ୟ ମାନଙ୍କରେ ଶହେ ଟଙ୍କା ଥିବା ବେଳେ ଓଡ଼ିଶାରେ କିନ୍ତୁ ଉଷୁନା ଚାଉଳ ପାଇଁ ୨୦ଟଙ୍କା ଏବଂ ଅରୁଆ ଚାଉଳ ପାଇଁ ୧୦ଟଙ୍କା ପ୍ରଦାନ କରୁଛନ୍ତି । ଯାହାକି ଆଦୌ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି । ଏଣୁ ସେମାନଙ୍କର ପ୍ରାପ୍ୟ ବୃଦ୍ଧି କରାଯାଉ ବୋଲି ଦାବି କରିଛନ୍ତି ।

ଅନ୍ୟପଟେ ସେମାନେ କହିଛନ୍ତି ଯେ,

**● ଅଲ ଓଡ଼ିଶା ଆସୋସିଏସନ ସହ ଆନ୍ଦୋଳନରେ ସାମିଲ ହେଲା ଜିଲ୍ଲା ସଂଘ**

**● ସରୁଛି ଟୋକନ୍ ଅବଧି; ବଢୁଛି ଚାଷୀଙ୍କ ଚିନ୍ତା**

ମିଲରମାନଙ୍କର କାମ ହେଉଛି ସରକାର ସେମାନଙ୍କୁ ଧାନ ଯୋଗାଇଲେ ସେମାନେ ସେଥିରୁ ଚାଉଳ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବେ । ହେଲେ ସରକାରଙ୍କ ନିଜସ୍ୱ ଗୋଦାମ ନଥିବା ଫଳରେ ମିଲରମାନଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ହେଲେ ମିଲରମାନଙ୍କ ଦାବିକୁ ସରକାର ମାନୁନଥିବାରୁ ସେମାନେ ସରକାରଙ୍କୁ ଧାନ କିଣାରେ ସହଯୋଗ କରିବେ ନାହିଁ ସ୍ପଷ୍ଟ ଭାବେ କହିଛନ୍ତି । ଯଦି ସରକାର ନିଜେ ମଣ୍ଡିରୁ ଧାନ ସଂଗ୍ରହ କରି ଆଣି ମିଲରମାନଙ୍କୁ ଦେବେ ସେମାନେ ଚାଉଳ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବାର କୌଣସି ଅସୁବିଧା ନାହିଁ ବୋଲି କହିଛନ୍ତି । ଅନ୍ୟପଟେ ରାଜ୍ୟରେ ୩୪ଶହ ମିଲର ଥିବା ବେଳେ ଏବେ ତାହା କମିଯାଇ ୧୪ଶହ ମିଲର ରହିଛି । ଏହାରି ମଧ୍ୟରେ ବାଲେଶ୍ୱର ଜିଲ୍ଲାରେ୨୫ଟି ମିଲର ରହିଥିବା ବେଳେ ପ୍ରତିବର୍ଷ ଏହି ସମସ୍ତ ମିଲରମାନେ ଧାନ କିଣିଥାଆନ୍ତି ବୋଲି କହିଛନ୍ତି । ଏଣୁ ସରକାର ଯେତେଦିନ ପର୍ଯ୍ୟନ୍ତ ସେମାନଙ୍କର ଦାବିକୁ କାର୍ଯ୍ୟକାରୀ ନ କରିବେ ସେତେଦିନ ପର୍ଯ୍ୟନ୍ତ ଅସହଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ବିଜୟ କୁମାର ଗୁପ୍ତା ଓ ପଙ୍କଜ ଅଗ୍ରୱାଲ,ଆଡଭାଇଜର ରାଜେନ୍ଦ୍ର ଗୁପ୍ତା,ମନ୍ମଥ କୁମାର ଦାସ,ସନ୍ତୋଷ କୁମାର ବଳଙ୍କ ସମେତ ୨୫ଟି ରାଇସ ମିଲର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ହୋଟେଲ ମାଲିକଙ୍କ ସହ ପୁଲିସର ସମନ୍ୱୟ ବୈଠକ



ବାଲେଶ୍ୱର,୬।୧(ସମିସ): ସହଦେବଖୁଣ୍ଟା ଥାନା ପକ୍ଷରୁ ହୋଟେଲ ମାଲିକମାନଙ୍କ ସହିତ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟତଃ ସୁରକ୍ଷା ବୃଦ୍ଧି ପାଇଁ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା । ହୋଟେଲ ମାଲିକମାନଙ୍କୁ ପ୍ରବେଶ, ପ୍ରସ୍ଥାନ ଏବଂ ହୋଟେଲକୁ ସ୍ୱାଗତ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଇବା, ଅତି କମରେ ଗୋଟିଏ ମାସ ପାଇଁ ସିସିଟିଭି ଫୁଟେଜ୍ ରଖିବା, ଅତିଥି ପରିଚୟପତ୍ର, ଫଟୋଗ୍ରାଫ୍ ଏବଂ ରେକର୍ଡର ସଠିକ୍ ଯାଞ୍ଚ ଏବଂ ପୁଲିସ ସହିତ ଅତିଥିଙ୍କ ବିବରଣୀ ପ୍ରତିଦିନ ସେୟାର କରିବା ନିଶ୍ଚିତ କରିବାକୁ ଅନୁରୋଧ କରାଯାଇଥିଲା । ବୈଠକରେ ସହଦେବଖୁଣ୍ଟା ଥାନା ଆଇଆଇସି ବିରଞ୍ଚି ସାହୁ ଉପସ୍ଥିତ ସମସ୍ତ ହୋଟେଲ ମାଲିକଙ୍କ ସହ ଆଲୋଚନା କରିଥିଲେ । ହୋଟେଲ ମାଲିକ ରଞ୍ଜନ ସାହୁ, ସରୋଜ ବୋଧନୱାଲା, ମନୋରଞ୍ଜନ ସାହୁ, ପରେଶ ଦାଶ, ସୁମନ ପାଣିଗ୍ରାହୀ, ସଂଗ୍ରାମ କୁମାର ଦାସ, କେ.କେ ମହାରାଜ ପ୍ରମୁଖ ଅନ୍ୟମାନେ ଉପସ୍ଥିତ ଥିଲେ ।

## ୧୧ରେ ଫକୀରମୋହନ ଜୟନ୍ତୀ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ବାଲେଶ୍ୱର,୬।୧(ସମିସ): ପ୍ରତିବର୍ଷ ପରି ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ସାରସ୍ୱତ ପ୍ରତିଯୋଗିତା ୧୧ ଜାନୁଆରୀ ଦିବା ୯ ଘଟିକାରେ ଆୟୋଜିତ ହେବ । ତୃତୀୟରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଫକୀରମୋହନଙ୍କ ରଚିତ କବିତା ଆବୃତ୍ତି, ବିଜ୍ଞାନ ଭିତ୍ତିକ ପ୍ରବନ୍ଧ, ଫକୀରମୋହନ ସମ୍ପର୍କିତ ପ୍ରବନ୍ଧ, ଗୋପବନ୍ଧୁ ସମ୍ପର୍କିତ ପ୍ରବନ୍ଧ ଏବଂ ଜଣା ଅଜଣା (କୁଇଜ୍)ଅନୁଷ୍ଠିତ ହେବ । ଏତଦବ୍ୟତୀତ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜଣା ଅଜଣା(କୁଇଜ୍) ପ୍ରତିଯୋଗିତା ହେବ । ଜାନୁଆରୀ ୧୬ର ଉଦ୍‌ଯାପନୀ ଉତ୍ସବରେ ଅର୍ଥରାଶି ପୁରସ୍କାର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯିବ । ଏହା ଦେୟମୁକ୍ତ ପ୍ରତିଯୋଗିତା । ତେଣୁ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ ପାଇଁ ନିବେଦନ କରାଯାଇଛି ।

## ଅଗରୱାଲା ବିଦ୍ୟାପୀଠ ହୀରକଜୟନ୍ତୀ ପାଇଁ ପ୍ରସ୍ତୁତି

ବାଲେଶ୍ୱର,୬ ।୧(ସମିସ): ହଳଦୀପଦା ସ୍ଥିତ ଅଗରୱାଲା ବିଦ୍ୟାପୀଠର ହୀରକ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ ପ୍ରଧାନଶିକ୍ଷୟିତ୍ରୀ ରନିତା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ସଂସଦ ସଭାପତି ଉପେନ୍ଦ୍ରନାଥ ସାହୁ, ସମାଜସେବୀ ଦିଲ୍ଲୀପ କୁମାର ସାହୁ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. କୁମାର ମିଶ୍ର, ବରିଷ୍ଠ ଉପଦେଷ୍ଟା ତାପସ କୁମାର ନନ୍ଦ, ଅକ୍ଷୟ କୁମାର ତ୍ରିପାଠୀ, ସମ୍ପାଦକ କ୍ଷୀତିଶ କୁମାର ଜେନା, କୋଷାଧ୍ୟକ୍ଷ ଶୀତିକଣ୍ଠ ସାହୁଙ୍କ ସମେତ ବିଭିନ୍ନ କମିଟିର ମୁଖ୍ୟ ଏବଂ ବିଦ୍ୟାଳୟର ବର୍ତ୍ତମାନର ଶିକ୍ଷକ/ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ । ବୈଠକରେ ବିଶେଷ କରି ଆସନ୍ତା ୯, ୧୦ ଏବଂ ୧୧ରେ ଅନୁଷ୍ଠିତ ହେବାକୁ ଥିବା ହୀରକ ଜୟନ୍ତୀ ଉତ୍ସବ ପାଳନ ନେଇ ଆଲୋଚନା ହୋଇଥିଲା । ପ୍ରଥମ ଦିନରେ ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ଘାଟକ ଭାବେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେବାକୁ ଥିବାବେଳେ ମୁଖ୍ୟ ଅତିଥି ଭାବେ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦଚନ୍ଦ୍ର ଦାସ, ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ, ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପକ ସମୀର କୁମାର ବେହେରା ଯୋଗଦେବାକୁ ଥିବାବେଳେ ସନ୍ଧ୍ୟା ଅଧିବେସନରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆଡିସିନାଲ ଏସ୍‌ପି ମାନସ କୁମାର ଦେଓ, ଡ. କାଳୀପଦ ପଣ୍ଡା ଯୋଗଦେବେ । ଏହାସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଣ୍ଟୁ ଛୁରିଆ ଯୋଗଦେବେ ବୋଲି ସ୍ଥିର ହୋଇଛି । ସେହିପରି ୧୦ ଓ ୧୧ତାରିଖରେ ଅନେକ ଅତିଥିଙ୍କ ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ,ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ, ସଦର ବିଧାୟକ ମାନସ କୁମାର ଦତ, କୂଳପତି ପ୍ରଫେସର ସାନ୍ତୋଷ ତ୍ରିପାଠୀ, ପ୍ରଫେସର ଦେବାଶିଷ ପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମେତ ବହୁ ଅତିଥି ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହାଛଡା ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଟକ 'ଫୁଲର ଫଗୁଣ' ପରିବେଷିତ ହେବାକୁ ଥିବାବେଳେ ଉତ୍ସବର ଅନ୍ତିମ ଦିବସରେ ଅଭିନେତ୍ରୀ ଶିବାନୀଙ୍କ ସଂଗୀତ ସନ୍ଧ୍ୟା ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ହୀରକ ଜୟନ୍ତୀ କମିଟିର ସଭାପତି ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

## ଯୁବ ସାମ୍ବାଦିକ ଶୁଭଙ୍କରଙ୍କ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର,୬।୧(ସମିସ): ଯୁବ ସାମ୍ବାଦିକ ସ୍ୱର୍ଗତ ଶୁଭଙ୍କର ପିରିଙ୍କ ପ୍ରଥମ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଇଶ୍ୱର ଟିଭିର ୧୫ତମ ସ୍ୱନକ୍ଷତ୍ର ଉତ୍ସବ ଓ ଇଶ୍ୱର କୃପା ୱେଲଫେୟାର ଟ୍ରଷ୍ଟ ତୃତୀୟ ସ୍ୱନକ୍ଷତ୍ର ଦିବସ ଅବସରରେ ୭ଦିନ ଧରି ବିଭିନ୍ନ ସାମାଜିକ କାର୍ଯ୍ୟ ଅନୁଷ୍ଠିତ ହୋଇଆସୁଥିବା ବେଳେ କୁରୁଡ଼ା ଠାରେ ଥିବା "ଦି ନ୍ୟୁ ଲାଇଫ୍ ନିଶା ନିବାରଣ ଓ ଗବେଷଣା କେନ୍ଦ୍ର' ପରିସରରେ ସ୍ୱର୍ଗତ ଶୁଭଙ୍କର ପିରିଙ୍କ ସ୍ମୃତିରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସମାଜସେବୀ ତଥା କେନ୍ଦ୍ରର ପରିଚାଳକ ବିକ୍ରମ କେଶରୀ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ମାନସ ଦତ୍ତ, ଭାସ୍କର୍ଯ୍ୟ ଶିଳ୍ପୀ ଉପେନ୍ଦ୍ର ଗିରି, ଯୁବ ସଂଗଠକ ବିକାଶ ପାଢ଼ୀ, ବିଜେପି ଜିଲ୍ଲା ଉପସଭାପତି ଗୌରାଙ୍ଗ ଦାସ, ରକ୍ତଭଣ୍ଡାର ଡ଼ାକ୍ତର ବସନ୍ତ ଉପାଧ୍ୟାୟ ପ୍ରମୁଖ ଯୋଗଦେଇଥିଲେ । ରକ୍ତ ଭଣ୍ଡାରର ଲାବ୍ ଟେକ୍‌ନିସିଆନ୍ ରାଜେଶ ମିଶ୍ର, କ୍ଷୀରୋଦ ଚନ୍ଦ୍ର ବେହେରା, ସନ୍ତୋଷ ଜେନା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । କେନ୍ଦ୍ରର ୪୦ ଉର୍ଦ୍ଧ୍ୱ ଅନ୍ତେବାସୀ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । କାର୍ଯ୍ୟକ୍ରମକୁ ମୁଖ୍ୟ ଟ୍ରଷ୍ଟି ତଥା ସାମ୍ବାଦିକ ଲୋକନାଥ ପିରି, ସଭାପତି ସରୋଜ ସାହୁ, ସମ୍ପାଦିକା ଅମିତା ପିରି, ଶକ୍ତି ଦାସ, ମଞ୍ଜୁଲତା ଦାସ, ପ୍ରିତିଲତା ପିରି ଏବଂ କେନ୍ଦ୍ରର ସମସ୍ତ ଅନ୍ତେବାସୀ ସହଯୋଗ କରିଥିଲେ ।

## ଏଫ୍‌ଏମ୍‌ୟୁରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବାଲେଶ୍ୱର,୬।୧(ସମିସ): ସାମାଜିକ ଦାୟିତ୍ୱ ଓ ମାନବିକ ସେବା ପ୍ରତି ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ପ୍ରମାଣିତ କରି ୟୁକୋ ବ୍ୟାଙ୍କର ୮୪ ତମ ପ୍ରତିଷ୍ଠା ଦିବସ ଅବସରରେ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ନୂଆପାଢ଼ୀ ବ୍ରାଞ୍ଚ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିରକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ୟୁକୋ ବ୍ୟାଙ୍କ ଅଞ୍ଚଳ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ ସରିତା ଟୋପ୍ପୋ, ସ୍ନାତକୋତ୍ତର ଶିକ୍ଷା ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ଏନଏସଏସ କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ପ୍ରୋଗ୍ରାମ ଅଫିସର ଡ଼କ୍ଟର ପ୍ରତିମା ପ୍ରଧାନ, ପ୍ରୋଗ୍ରାମ ଅଫିସର ଡ଼କ୍ଟର ସ୍ମୃତିରେଖା ସାହୁ ଓ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୋମା ନନ୍ଦ ପ୍ରମୁଖ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ନୁଆପାଢ଼ୀ ଶାଖାର ସିନିୟର୍ ମ୍ୟାନେଜର ରଶ୍ମିତା ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରୁ ୪୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ବାଲେଶ୍ୱର ରକ୍ତ କେନ୍ଦ୍ରର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ । ଏହି ସେବାମୂଳକ କାର୍ଯ୍ୟକ୍ରମ ସଫଳ କରିବାରେ ୟୁକୋ ବ୍ୟାଙ୍କ ନୁଆପାଢ଼ୀ ଶାଖାର ଆସିଷ୍ଟାଣ୍ଟ ମ୍ୟାନେଜରଙ୍କ ସହ ବ୍ୟାଙ୍କର ସମସ୍ତ କର୍ମଚାରୀ, ବିଶ୍ୱବିଦ୍ୟାଳୟ ଏନଏସଏସ ସ୍ୱେଚ୍ଛାସେବକ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।



ସର୍ବପ୍ରଥମେ ସମସ୍ତ ପ୍ରତିଯୋଗୀଙ୍କ ଓଜନ ଯାଂଚ ପରେ ମେନ୍‌ସ ବେଷ୍ଟ ଫିଜିକ ସେକ୍‌ସନ ଓ ଶେଷରେ ବଡି ବିଲଡିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ବର୍ଗର ପ୍ରଦର୍ଶନ ପରେ କୃତୀ ପ୍ରତିଯୋଗୀଙ୍କୁ ଆସୋସିଏସନ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ମହିଳା ବଡି ବିଲଡର ସ୍ମିତି ପାଢ଼ୀ ମଂଚ ପରିଚାଳନା କରିଥିଲେ । ଆଇରନ ପଲ୍‌ସ ଫିଟନେସ ୟୁନିସେକ୍ସ ଜିମର ମୁଖ୍ୟ ଶେଖ ବେଲାଲୁଦ୍ଦିନଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଶେଖ ନେସାରୁଦ୍ଦିନ, ଶେଖ ନିସାର ଅଲ୍ଲୀ, ଶେଖ ମେହେରାଜ, ରଜାବ ଅଲ୍ଲୀ, ଶେଖ ହାଫିଜୁଦ୍ଦିନ, ଶେଖ ନଫିସୁଦ୍ଦିନ, ମୁକେଶ ଶର୍ମା ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

**● ବାଲେଶ୍ୱର ଜିଲ୍ଲା ବଡିବିଲ୍‌ଡିଂ ଆସୋସିଏସନ୍**

## ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ ପ୍ରକ୍ରିୟା

ବାଲେଶ୍ୱର,୬।୧(ସମିସ): ବାଲେଶ୍ୱର ଜିଲ୍ଲା ବଡି ବିଲ୍‌ଡିଂ ଆସୋସିଏସନ୍ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ ପାଇଁ ଚୟନ ପ୍ରକିୟା ଓ ମିଷ୍ଟର ବାଲେଶ୍ୱର ଚମ୍ପିଅନ୍‌ସିପ୍ ସ୍ଥାନୀୟ ଟାଉନ୍ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବଙ୍କାଖେଜୁର ଛକ ନିକଟରେ ଥିବା ଆଇରନ ପଲ୍‌ସ ଫିଟନେସ୍ ୟୁନିସେକ୍ସ ଜିମ୍ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସ୍ୱରୂପ ଦାସ, ଟାଉନଥାନା ଆଇଆଇସି ବିଜୟ କୁମାର ଦାସ, ଯୁବ ବ୍ୟବସାୟୀ ଗୋପାଳ ଆଚାର୍ଯ୍ୟ, ସାମ୍ବାଦିକ ଅଜିତ କୁମାର ମହାନ୍ତି ଓ ଅଧିପ କୁମାର ଜେନା ପ୍ରମୁଖ ବରେଣ୍ୟ ଅତିଥିଭାବେ ଯୋଗଦେଇଥିଲେ । ନିରନ୍ତର ଅଭ୍ୟାସ ଓ ନିୟନ୍ତ୍ରିତ ଜୀବନ ଯାପନ ମାଧ୍ୟମରେ ଯୁବକମାନେ ନିଜର ସୁନ୍ଦର ସ୍ୱାସ୍ଥ୍ୟ ଗଠନ କରିପାରିଥିବା ବେଳେ ଏହାକୁ ବଂଚାଇରଖିବା ପାଇଁ ନିଶାଠାରୁ ଦୂରରେ ରହିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ବାଲେଶ୍ୱରର ଏହି ପ୍ରତିଯୋଗିତାରୁ ସଫଳ ହୋଇ ଯୁବକମାନେ ରାଜ୍ୟସ୍ତରରେ ଅଥବା ଜାତୀୟସ୍ତରରେ ସଫଳ ହେବାକୁ ପ୍ରୟାସ ଜାରି ରଖିବାକୁ ସେମାନେ ଆହ୍ୱାନ ଦେଇଥିଲେ । ବାଲେଶ୍ୱର ଜିଲ୍ଲା ବଡି ବିଲ୍‌ଡିଂ ଆସୋସିଏସନ୍ ସଭାପତି ତରୁଣ ଚାଟାର୍ଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ଏସ୍ କ୍ରିଷ୍ଣା ରାଓ, ସୌକତ ଅଲ୍ଲୀ, ଅଭିଷେକ ଦାସ, ପ୍ରଦୀପ ଆଚାର୍ଯ୍ୟ ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଏହି ପ୍ରତିଯୋଗିତାର ୫୦ରୁ ୫୫, ୫୫ରୁ ୬୦, ୬୦ରୁ ୬୫, ୬୫ରୁ ୭୦, ୭୦ରୁ ୭୫ ଓ ୭୫ରୁ ଅଧିକ ବର୍ଗ ସହିତ ୧୬୫ ସେଣ୍ଟିମିଟରରୁ ଅଧିକ ଓ କମ୍ ବେଷ୍ଟ ମେନ୍‌ସ ଫିଜିକ ବର୍ଗରେ ବିଭିନ୍ନ ଅଂଚଳରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ।




## ଅରଡ଼ବଜାର ଅଞ୍ଚଳରୁ ବ୍ରାଉନ୍‌ସୁଗର ଜବତ; ମହିଳା ଗିରଫ



ବାଲେଶ୍ୱର,୬ ।୧(ସମିସ): ବାଲେଶ୍ୱର ଅରଡ଼ବଜାର ଅଞ୍ଚଳରୁ ମଙ୍ଗଳବାର ସହଦେବଖୁଣ୍ଟା ପୁଲିସ ୧୦୩ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିବା ସହ ଜଣେ ମହିଳା ବେପାରୀକୁ ଗିରଫ କରିଛି । ସେ ହେଲେ ଅରଡ଼ବଜାର ମସ୍‌ଜିଦ ଗଳି ଅଂଚଳର ସୁରମାତୁନ ବିବି(୨୮) । ପୁଲିସ ତାଙ୍କଠାରୁ ୯ହଜାର ଟଙ୍କା ଜବତ କରିଛି । ଏନେଇ ଏନେଇ ଏକ ମାମଲା ରୁଜୁ କରି ଗିରଫ ମହିଳାଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନା ଅନୁସାରେ, ସହଦେବଖୁଣ୍ଟା ଥାନା ଅର୍ନ୍ତଗତ ଅରଡ଼ବଜାର ଅଂଚଳରେ ବ୍ରାଉନସୁଗାର ବେପାର ଚାଲିଥିବା ଖବର ପାଇ ପୁଲିସ ଚଢ଼ଉ କରିଥିଲା । ଚଢ଼ଉବେଳେ ସୁରମାତୁନ ବ୍ରାଉନସୁଗାର ରଖି ତା' ଘର ନିକଟରେ ବିକ୍ରି ଉଦ୍ୟମ କରୁଥିବାବେଳେ କାବୁ କରିଥିଲା । ଜବତ ବ୍ରାଉନସୁଗାରର ଓଜନ ୧୦୩ଗ୍ରାମ ହୋଇଥିବା ବେଳେ ଏହାର ମୂଲ୍ୟ ୧୦ଲକ୍ଷ ୨୦ହଜାର ଟଙ୍କା ହେବ ବୋଲି ଥାନା ଅଧିକାରୀ ବିରଞ୍ଚି ସାହୁ ସୂଚନା ଦେଇଛନ୍ତି ।

## ଭୋଗରାଇ ୟୁକୋ ବ୍ୟାଙ୍କରେ ରକ୍ତଦାନ ଶିବିର



ଭୋଗରାଇ,୬।୧(ସମିସ): ଭୋଗରାଇ ବ୍ଲକ ଥାନାଛକ ସ୍ଥିତ ୟୁକୋ ବ୍ୟାଙ୍କ ଭୋଗରାଇ ଶାଖାର ୮୪ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ରକ୍ତଦାନ ଶିବିର ବ୍ୟାଙ୍କ ପରିସରରେ ଅନୁଷ୍ଠିତ ହେଇଯାଇଛି । ଶାଖା ପରିଚାଳକ କୈାଶିକ ସରକାର ଏହାକୁ ଉଦଘାଟନ କରିଥିଲେ । ଉପ ଶାଖା ପରିଚାଳକ ଶ୍ରୀମନ୍ତ ପଟ୍ଟାୟତ, ରିତିକା ଗରାଇ, ଚିନ୍ମୟ କୁମାର ଦାସ, ପ୍ରଦୀପ କୁମାର ଖଟାଇ, ଅଭିଷେକ କୁମାର ବ୍ରଜବନ୍ଧୁ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ବାରିପଦା ରକ୍ତ ଭଣ୍ଡାରରୁ ୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/19 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ଉପାଧ୍ୟକ୍ଷ (ନିବେଶକ ସମ୍ପର୍କ) | 1 | 50 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 03.01.2026 ରୁ 23.01.2026 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 03.01.2026
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

## ବେଲ୍‌ରେ ଆସି ଚାନ୍ଦା ଆଦାୟ; ଯୁବକ ଗିରଫ

ଜଳେଶ୍ୱର,୬।୧(ସମିସ): ଏନ୍‌ଏଚ୍-୬୦ର ଲକ୍ଷ୍ମଣାନାଥ ଟୋଲ୍ ପ୍ଲାଜା ଠାରେ କେତେକ ଯୁବକ ଟ୍ରକ୍ ଓ ବସ୍‌କୁ ଅଟକାଇ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ପରେ ଜଳେଶ୍ୱର ପୁଲିସ ଗତମାସ ୨୮ରେ ଦେଉଳା ଗାଁର ରାଜୁ ଜେନା (୨୬)କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେ ବେଲ୍‌ରେ ଆସି ପୁଣି ଚାନ୍ଦା ଆଦାୟ କରୁଥିବାବେଳେ ଆଜି ପୁରି ଗିରଫ କରି କୋର୍ଟ ଚାଲାଣ କରାଯାଇଛି । କେତେକ ଯୁବକ ଜେଲ୍‌ରୁ ଫେରି ବି ଏପରି ଚାନ୍ଦା ଆଦାୟ କରୁଥିବାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି ।

### ବରିଷ୍ଠ ନାଗରିକ ତୀର୍ଥଯାତ୍ରା

# ଆଜି ବାଲେଶ୍ୱର ଷ୍ଟେସନରୁ ବାହାରିବେ ୮ ଶହ ତୀର୍ଥଯାତ୍ରୀ

ବାଲେଶ୍ୱର,୬ ।୧(ସମିସ)



ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୮ଶହ ତୀର୍ଥଯାତ୍ରୀ ବାଲେଶ୍ୱର ଷ୍ଟେସନରୁ ଟ୍ରେନ୍ ଧରିବେ ବୋଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ସୂଚନା ଦେଇଛନ୍ତି ।

ତାଙ୍କ ସୂଚନା ଅନୁସାରେ, ବାଲେଶ୍ୱର ଜିଲ୍ଲାରୁ ୧୮୦ଜଣ ତୀର୍ଥଯାତ୍ରୀଙ୍କ ସହ ୬ଜଣ ଅଫିସିଆଲ, ମୟୂରଭଞ୍ଜ ଜିଲ୍ଲାରୁ ୧୯୬ଜଣ ତୀର୍ଥଯାତ୍ରୀଙ୍କ ସମେତ ୬ଜଣ ଅଫିସିଆଲ, କେନ୍ଦୁଝର ଜିଲ୍ଲାରୁ ୧୪୦ଜଣ ଯାତ୍ରୀଙ୍କ ସହ ୪ଜଣ ଅଫିସଆଲ, ଯାଜପୁର ଜିଲ୍ଲାରୁ ୧୪୧ଜଣ ଯାତ୍ରୀଙ୍କ ସମେତ ୫ଜଣ ଅଫିସିଆଲ ଏବଂ ଭଦ୍ରକ ଜିଲ୍ଲାରୁ ୧୧୭ଜଣ ଯାତ୍ରୀଙ୍କ ସମେତ ୪ଜଣ ଅଫିସିଆଲ ଯାତ୍ରା କରୁଛନ୍ତି । ସେମାନେ ବୁଧବାର ସକାଳ ୧୧ଟାରେ ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ବାଲେଶ୍ୱର ରେଳଷ୍ଟେସନରୁ ରାମେଶ୍ୱରମ ମଦୁରାଇ ଅଭିମୁଖେ ଯାତ୍ରା କରିବେ । ଏହାଛଡା ସେ କହିଛନ୍ତି ଯେ,ମଙ୍ଗଳବାର ରାତିରେ ସବୁ ଜିଲ୍ଲାରୁ ତୀର୍ଥଯାତ୍ରୀମାନେ ବାଲେଶ୍ୱର ସ୍ଥିତି ନୋସିଠାରେ ଏକତ୍ରିତ ହେବେ । ସେଠାରେ ସେମାନଙ୍କର ରହଣି ସାଙ୍ଗକୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ବୁଧବାର ସକାଳେ ସମସ୍ତଙ୍କୁ ଏକ ସ୍ୱତନ୍ତ୍ର ବସ ଯୋଗେ ଷ୍ଟେସନ ନିଆଯିବ ଏବଂ ସମସ୍ତଙ୍କୁ ଏକ କିଟ୍ ବ୍ୟାଗ ମଧ୍ୟ ପ୍ରଦାନ କରାଯିବ । ଏହାଛଡା ସେମାନଙ୍କ ସାଙ୍ଗରେ ମେଡିକାଲ ଟିମ ମଧ୍ୟ ଯିବେ ବୋଲି ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେଶ ପ୍ରିୟଦର୍ଶୀ,ସହକାରୀ ଜିଲ୍ଲାପାଳ ଅମ୍ଳାନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସରକାରୀ ଜାଗା ଚିହ୍ନଟ



ବଲିଆପାଳ,୬।୧(ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ବଡ଼ାଶ ପଞ୍ଚାୟତର ଥିବା ନାଭେଡେଶ୍ୱର ଶିବ ମନ୍ଦିର ନିକଟରେ ଖାତା ନମ୍ବର-୨୭୫ ପ୍ଲଟ୍ ନଂ.୨୭୬ରେ ୧ ଏକରରୁ ଉର୍ଦ୍ଧ୍ୱ ଗୋଚର ଜାଗାକୁ ଦୀର୍ଘଦିନ ଧରି କିଛି ମୁଷ୍ଟିମେୟ ଲୋକ ଜବରଦଖଲରେ ରଖି ଆସୁଥିଲେ। ଫଳରେ ମେଗା ପାନୀୟ ଜଳ ପ୍ରକଳ୍ପର ନିର୍ମାଣାଧିନ ଟାଙ୍କି ଅଧା ନିର୍ମିତ ହୋଇ ପଡ଼ି ରହିଥିଲା। ଗ୍ରାମବାସୀମାନେ ଶବଦାହ ପାଇଁ ବହୁ ହଇରାଣ ହରକତ ହେଉଥିଲେ। ବଡ଼ାଶ ସରପଞ୍ଚ ଜଗନ୍ନାଥ ବିଶ୍ୱାଳଙ୍କ ସମେତ ଗ୍ରାମବାସୀ ଜବରଦଖଲ ଉଚ୍ଛେଦ ପାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ମାମଲାକୁ ଗ୍ରହଣ କରି ମାନ୍ୟବର ହାଇକୋର୍ଟଙ୍କ ଚିଠି ନମ୍ବର-୭୦୮୭ ମୂଳେ ମଙ୍ଗଳବାର ବାଲିଆପାଳ ତହସିଲ ପକ୍ଷରୁ ଉକ୍ତ ଜାଗାକୁ ଚିହ୍ନଟ କରାଯାଇଛି। ଏହି ଚିହ୍ନଟ ସମୟରେ ଗ୍ରାମର ଅନନ୍ତ କୁମାର ଦାସ, ଅଜୟ କୁମାର ରାଉତ, ନିତ୍ୟାନନ୍ଦ ପ୍ରଧାନ, ମୁରଲୀଧର ଦାସ, ତ୍ରିବିକ୍ରମ ପ୍ରଧାନ,ଗୋରାଙ୍ଗ ପ୍ରଧାନ, ସୁଶାନ୍ତ ରଣା, ଗଦାଧର ରାଉତ, ଶିଶିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

● ଜିଲ୍ଲାସ୍ତରୀୟ ବୃହତ୍ କୁଞ୍ଜମେଳା ପଞ୍ଚମ ସନ୍ଧ୍ୟା

## 'ମେଳା ସମ୍ପର୍କ ଓ ଭାଇଚାରାର ମାଧ୍ୟମ'

ଭୋଗରାଇ,୬।୧(ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ନାଚିନ୍ଦାଠାରେ ଜିଲ୍ଲାସ୍ତରୀୟ ବୃହତ କୁଞ୍ଜ ମେଳା ପଞ୍ଚମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷକ ଶିବଶଙ୍କର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି କମର୍ଦ୍ଦା କ୍ଲଷ୍ଟର ସିଆରସିସି ବିଜୟ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା କୁଶୁଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ଶତପଥୀ ,ସମ୍ମାନୀୟ ଅତିଥି ପ୍ରାକ୍ତନ ଦହମୁଣ୍ଡା କ୍ଲଷ୍ଟର ସିଆରସିସି ପବନ କୁମାର ବେହେରା ପ୍ରମୁଖ ଯୋଗ ଦେଇ ମେଳା ସମ୍ପର୍କ ଓ ଭାଇଚାରାର ମାଧ୍ୟମ ପାଲଟିଥାଏ ବୋଲି କହିଥିଲେ। ସଭା ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବସ୍ତା ନୂଆଗାଁ ନିର୍ମଳା ଭୋଇଙ୍କ ଟିମଙ୍କ ରଙ୍ଗାରଙ୍ଗ କାଯ୍ୟକ୍ରମ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲେ।

## ପୁଲିସ କ୍ୟାମ୍ପ ଉଠିବା ପରେ ସକ୍ରିୟ ପଥର ମାଫିଆ

● ପୁଣି ଏକ ବେଆଇନ ପଥର ବୋଝେଇ ଡମ୍ପର ଜବତ

ସୋର,୬।୧(ସମିସ): ସୋର ଥାନା ବାଗୁଡି ପଥର ଖାଦାନରୁ ପଥର ଚୋରି ରୋକିବାକୁ ଜିଲା ପ୍ରଶାସନ ପକ୍ଷରୁ ଏହି ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯିବା ସହିତ ପୁଲିସ କ୍ୟାମ୍ପ ବସାଯାଇଥିଲା। ମାତ୍ର ଗତ ୨୯ ତାରିଖରେ ପୁଲିସ କର୍ମଚାରୀ ଅଭାବରୁ କ୍ୟାମ୍ପ ଉଠାଯାଇଥିବା ବେଳେ ସକ୍ରିୟ ହୋଇଛନ୍ତି ପଥର ମାଫିଆ। କ୍ୟାମ୍ପ ଉଠିବା ପର ଠାରୁ ମାଫିଆ ମାନେ ଦିନରାତି ସବୁସମୟରେ ପଥର ଲୁଟ କରୁଛନ୍ତି। ଗତ ୨ ଦିନ ମଧ୍ୟରେ କ୍ଷସୋର ତହସିଲ ପକ୍ଷରୁ ଦୁଇଟି ପଥର ଗାଡି ଜବତ କରାଯାଇଥିବା ବେଳେ ଆଜି ସକାଳେ ସୋର ତହସିଲଦାର ଦୈତାରୀ ମଲ୍ଲିକ ଓଆର ୧୬ ଡି ୬୧୫୫ ନମ୍ବର ବିଶିଷ୍ଟ ଡମ୍ପର ଟି ବାଗୁଡିରୁ ପଥର ବୋଝେଇ କରି ଆସୁଥିବା ବେଳେ ଅଟକାଇବାକୁ ଚେଷ୍ଟା କରିଥିଲେ।କିନ୍ତୁ ଡମ୍ପର ଚାଳକ ଚଞ୍ଚକତା କରି ସିମୁଳିଆ ଅଭିମୁଖେ ଫେରାର ହେବାକୁ ଚେଷ୍ଟା କରିଥିଲା। କିନ୍ତୁ ତହସିଲଦାର ଶ୍ରୀ ମଲ୍ଲିକ ପଥର ଗାଡିକୁ ସୋରରୁ ଗୋଡ଼ାଇ ସିମୁଳିଆରେ ସଦର ଏସ୍ଡିପିଓ ଶୁଭ୍ରାଂଶୁ ନାୟକ ଓ ସିମୁଳିଆ ପୁଲିସ ସହାୟତାରେ ଜବତ କରିଛନ୍ତି।ତେବେ ତହସିଲଦାର ଗାଡିକୁ ଜବତ କରି ସିମୁଳିଆ ପୁଲିସକୁ ହସ୍ତାନ୍ତର କରିଛନ୍ତି।ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକୁ ଖାତିର ନକରି ମାଫିଆ ମାନେ ପଥର ଲୁଟ କରୁଥିବା ବେଳେ କେବଳ ତହସିଲ ପକ୍ଷରୁ ଚଢ଼ାଉ କରାଯାଉଛି। ମାତ୍ର ଖଣି ବିଭାଗର ନୀରବତା ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



महिला

## ମହିଳା ଆବେଦନକାରୀଙ୍କୁ ଧମକ

# ଦଳରେ ନମିଶିଲେ ମିଳିବନି ରାସନ କାର୍ଡ

ବାଲିଆପାଳ,୬।୧(ସମିସ)



ସରକାର ଲୋକଙ୍କ କଲ୍ୟାଣ ନିମନ୍ତେ ବହୁ ଜନହିତକର ଯୋଜନା କରୁଥିବା ବେଳେ, ସେହି ଯୋଜନାଗୁଡ଼ିକ ସଠିକ୍ ସମୟରେ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରୁନଥିବା ଦୁଃଖଦ ଚିତ୍ର ଆଜି ଗ୍ରାମାଞ୍ଚଳରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି। ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଅଧିକାଂଶ ପଞ୍ଚାୟତରେ ଗରିବ, ଖଟିଖିଆ, ହରିଜନ ଓ ଜନଜାତି ପରିବାରଙ୍କୁ ସରକାରୀ ଯୋଜନାରେ ସାମିଲ ପାଇଁ ଲାଞ୍ଚ କିମ୍ବା କୌଣସି ରାଜନୈତିକ ଦଳରେ ସାମିଲ ପାଇଁ ବାଧ କରାଯାଉଥିବା ଅଭିଯୋଗ ଆସୁଛି। ଲାଞ୍ଚ ନଦେଲେ କିମ୍ବା ଦଳର ସଦସ୍ୟ ନହେଲେ, ଯୋଗ୍ୟତା ଥିଲେ ବି ସେମାନଙ୍କୁ ଯୋଜନାରୁ ବଞ୍ଚିତ କରାଯାଉଛି।

ଏଭଳି ଏକ ଅଭିଯୋଗ ଆଣିଛନ୍ତି ବାଲିଆପାଳ ବ୍ଲକ କୁଣ୍ଡୁଳି ପଞ୍ଚାୟତ ହରିଜନ ବର୍ଗର ଗରିବ ମହିଳା ସୁଜାତା ଦଳାଇ। ତାଙ୍କ କହିବା ଅନୁସାରେ, ତାଙ୍କ ପରିବାରକୁ ଆଜି ପର୍ଯ୍ୟନ୍ତ ରାସନ କାର୍ଡ କିମ୍ବା ପିଏମ୍ ଆବାସ ଯୋଜନାରେ ଘର ମିଳିନାହିଁ। ତାଙ୍କ ସ୍ୱାମୀ ରାଜେଶ ଦଳାଇ ଜଣେ ଦିନମଜୁରିଆ। ସ୍ୱାମୀ-ସ୍ତ୍ରୀ ଓ ଏକ ଛୋଟ ପିଲାକୁ ନେଇ ତାଙ୍କ ପରିବାର ଏକ ଛୋଟ ଝୁମ୍ପୁଡି ଘରେ ଦୟନୀୟ ଭାବେ କରୁଛନ୍ତି। ଅଶିକ୍ଷିତ ଓ ଗରିବ ଯୋଗୁ ଏହି ପରିବାରକୁ ସରକାରୀ ଯୋଜନାରେ ସାମିଲ ପାଇଁ ଦୀର୍ଘଦିନ ଧରି ମାନସିକ ନିର୍ଯାତନା ସହିବାକୁ ପଡୁଛି। ଗ୍ରାମର ୱାର୍ଡମେମ୍ବର ଓ ପଞ୍ଚାୟତର ସରପଞ୍ଚଙ୍କୁ ବହୁବାର ଦସ୍ତାବିଜ ସହ ଆବେଦନ କରିଥିଲେ ବି, ଆଜି ପର୍ଯ୍ୟନ୍ତ ସେମାନେ ଯୋଜନାରୁ ବଞ୍ଚିତ।

ଅଭିଯୋଗ ଅନୁସାରେ, କିଛି ଦଲାଲ ରାସନ କାର୍ଡ ପାଇଁ ୨୦୦୦ ଟଙ୍କା ଲାଞ୍ଚ ମାଗୁଥିବା ବେଳେ, କିଛି ରାଜନୈତିକ ଦଳର ନେତାମାନେ ଦଳରେ ଯୋଗ ଦେଇ ମିଟିଂ ନଗଲେ ରାସନ କାର୍ଡ ମିଳିବ ନାହିଁ ବୋଲି ଧମକ ଦେଇଥିବା ମହିଳା ଜଣଙ୍କ ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି। ଏହି ଘଟଣା ସମ୍ପର୍କରେ ଖବର ପାଇବା ପରେ ପାରାଲିଗାଲ ସ୍ୱେଚ୍ଛାସେବୀ ରାଜକିଶୋର ପାତ୍ର ପରିବାରକୁ ଭେଟି ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ ଏବଂ ବାଲିଆପାଳ ବ୍ଲକ ବିଡିଓ ଶ୍ରୀ ରାଧାରଞ୍ଜନ ଦାସ ଓ ଯୋଗାଣ ଅଧିକାରୀ ଶ୍ରୀ ବିଷ୍ଣୁ ପ୍ରସାଦ ମହାରଣାଙ୍କୁ ଜଣାଇଥିଲେ। ଯୋଗାଣ ଅଧିକାରୀଙ୍କ ନିର୍ଦ୍ଦେଶରେ କୁଣ୍ଡୁଳି ପଞ୍ଚାୟତର ପିଇଓ ଗୌତମ ସେଠୀ ତଦନ୍ତ କରିଥିବା ବେଳେ, ତଦନ୍ତ ରିପୋର୍ଟରୁ ସ୍ପଷ୍ଟ ହୋଇଛି ଯେ ସୁଜାତା ଦଳାଇଙ୍କ ପରିବାର ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ରାସନ କାର୍ଡ ପାଇବାକୁ ସମ୍ପୂର୍ଣ୍ଣ ଯୋଗ୍ୟ। ତେବେ ଏବେ ପ୍ରଶ୍ନ ଉଠୁଛି ଯୋଗ୍ୟ ହେଉଥିବା ସତ୍ତ୍ୱେ ବାଲିଆପାଳ ପ୍ରଶାସନ ଏହି ଗରିବ ପରିବାରକୁ ରାସନକାର୍ଡ ପ୍ରଦାନ କରିବେ ନା ଦଲାଲଙ୍କ ଲାଞ୍ଚ ଓ ରାଜନୈତିକ ଚାପରେ ପୁଣିଥରେ ଏମାନଙ୍କୁ ବଞ୍ଚିତ ରଖାଯିବ? ଗ୍ରାମାଞ୍ଚଳରେ ଗରିବ ଓ ଅଶିକ୍ଷିତ ପରିବାରଙ୍କ ଉପରେ ଏଭଳି ମାନସିକ ନିର୍ଯାତନା ଏକ ଗଭୀର ସାମାଜିକ ବ୍ୟାଧି। ଏହାକୁ ଦୂର କରିବା ପାଇଁ ସଚେତନତା ଓ ପ୍ରଶାସନିକ କଠୋର ପଦକ୍ଷେପ ଅତ୍ୟାବଶ୍ୟକ।

## ବିଭାଜନସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳିତ



ଜଳେଶ୍ୱର,୬।୧(ସମିସ): ଜଳେଶ୍ୱର ଉଠାଜଳସେଚନ ବିଭାଜନ ପକ୍ଷରୁ ପାଣିପଂଚାୟତ ପକ୍ଷ ପାଳିତ ହୋଇଯାଇଛି। ଜଳେଶ୍ୱର, ଭୋଗରାଇ, ବାଲିଆପା, ବସ୍ତା ବ୍ଲକର ସମସ୍ତ ପାଣି ପଂଚାୟତ କାର୍ଯ୍ୟକର୍ତ୍ତାଙ୍କୁ ନେଇ ମୁରଲୀ ମଣ୍ଡପରେ ଅନୁଷ୍ଠିତ ସଭାରେ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ଉଠାଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ସୁରେଶ ଚନ୍ଦ୍ର ଦେ ସଭାପତିତ୍ୱ କରି କୃଷିକାର୍ଯ୍ୟରେ କମ୍ ପାଣି ବ୍ୟବହାର କରିବା, ବିଦ୍ୟୁତ୍ ଅପଚୟ ବନ୍ଦ କରିବା, ଧାନ ଚାଷ ପରିବର୍ତ୍ତେ ତୈଳବିଜ ଜାତୀୟ ଚାଷ କରିବାକୁ ଚାଷୀମାନଙ୍କୁ ସଚେତନ କରିଥିଲେ। ଅନୁଷ୍ଠିତ ସଭାରେ ଜିଲାପରିଷଦ ଉପସଭାପତି ଅନୁସୂୟା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସ୍ତା ଜଳସେଚନ ବିଭାଗର ଇଂ. ମାନସ ରଂଜନ ମହାକୁଡ, ଇଂ ପଦ୍ମଲୋଚନ ଟୋପ, ସହକାରୀ ନିର୍ବାହୀଯନ୍ତ୍ରୀ ଇଂ ଜ୍ୟୋତିଷ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଇଂ ସନ୍ତୋଷ କୁମାର ଦାସ ମଂଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଲକ୍ଷ୍ମୀନାରାୟଣ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମଳ ଲୋଚନ ଜେନା, ଲକ୍ଷ୍ମୀନାରାୟଣ ଦାସ, ନିର୍ମଳ ମହନ୍ତ, ଲକ୍ଷ୍ମୀଧର ସିଂ, ନବୀନ ଜେନା, ଗୋପାଳ ଦାସ, ରାମଚନ୍ଦ୍ର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କୃଷିଯନ୍ତ୍ରପାତି ପ୍ରଦର୍ଶନ ଲାଗି ଏକ ଷ୍ଟଲକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ବିଭିନ୍ନ ବ୍ଲକର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ସହିତ ନଗଦ ଅର୍ଥ ପ୍ରଦାନ କରାଯାଇଥିଲା।

## କଳାକାର ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଭୋଗରାଇ,୬।୧(ସମିସ): ବାଲେଶ୍ୱର ଜିଲ୍ଲା କଳାକାର ସଂଘର ସଭାପତି ଗୌରାଙ୍ଗ ଚରଣ ଦାସଙ୍କ ନେତୃତ୍ୱରେ ଆଜି ବାଲେଶ୍ୱର ଜିଲ୍ଲା ତଥା ଭୋଗରାଇ ବ୍ଲକର ସମସ୍ତ କଳାକାର ସଭ୍ୟ/ସଭ୍ୟାମାନେ ୩ ଦଫା ଦାବିରେ ଥାନାଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ଡବଲ ଇଂଜିନ ସରକାର କଳାକାରମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବା ନାରାଦେଇ ଭୋଗରାଇ ବ୍ଲକ ପରିସରରେ ପହଞ୍ଚିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭୋଗରାଇ ବ୍ଲକ ବିଡିଓ ପ୍ରଶାନ୍ତ କୁମାର ମହାରଣାଙ୍କୁ ଏକ ୩ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲା ସମ୍ପାଦକ ପ୍ରଫୁଲ୍ଲ କୁମାର ଘୋଷ, ବିଜୟ କୁମାର ଜେନା, ରାଧାକୃଷ୍ଣ ଗିରି, ଭୋଗରାଇ କଳାକାର ସଂଘର ସଭାପତି ସୁନୀଲ କୁମାର ଜେନା, ବିଷ୍ଣୁପଦ ପଟ୍ଟନାୟକ, ଚକ୍ରଧର ପାତ୍ର, ବିଜୟ କୁମାର ଜେନା, ଭୁବନ ଚନ୍ଦ୍ର ପାତ୍ର, ପ୍ରବୀର ତୋଳା, କମର୍ଦ୍ଦା ସଂଘର ସଭାପତି ଶିବଶଙ୍କର ସେଠୀ, ମନ୍ମଥ କୁମାର ଦେ, ଗୋପାଳ ଚନ୍ଦ୍ର ଦାସ, ଜିଲ୍ଲା ମୁଖ୍ୟ ଉପଦେଷ୍ଟା ପ୍ରଫୁଲ୍ଲ କୁମାର ସାହୁ, ମନ୍ମଥ କୁମାର ଜେନା ଆଦି ଶହ ଶହ କଳାକାର ଯୋଗ ଦେଇଥିଲେ।

## ଫେବୃଆରୀ ୭ରୁ ଜାମଶୂଳୀ କଲେଜ ସୁବର୍ଣ୍ଣ ଜୟନ୍ତୀ

କାଳିପଦା,୬।୧(ସମିସ): ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଫେବୃଆରୀ ୭ରୁ ଆରମ୍ଭ ହୋଇ ୧୦ରେ ଶେଷ ହେବ। ଏଥିପାଇଁ ପ୍ରସ୍ତୁତି ଜୋର ସୋରରେ ଚାଲିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ସାଂସଦ, ବିଧାୟକ,ବିଶିଷ୍ଟ ରାଜନେତା, ପ୍ରଥିତ ଯଶା ସାହିତ୍ୟିକ, କଳାକାର, ଶିକ୍ଷାବିତ, ଖ୍ୟାତନାମା ସମାଜସେବୀ, ପ୍ରଶାସକ ପ୍ରମୁଖ ଯୋଗଦେବେ ବୋଲି ସମ୍ମତି ପ୍ରଦାନ କରିଛନ୍ତି। ସେହିପରି ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ସ୍ମରଣିକା ଉନ୍ମୋଚନ, ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ପର୍ବ, ପ୍ରତ୍ୟେହ ଦିନ ସାଧାରଣ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ, କଳାକାର ସମାବେଶ, ସିନେମା, ଆଲବମ, ଯାତ୍ରା ଷ୍ଟାର ମାନଙ୍କ ମଧ ସମାବେଶ ହେବ ବୋଲି କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରି ଜଣାଇଛନ୍ତି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ପ୍ରାଧ୍ୟାପକ ଶକ୍ତି ପ୍ରସନ୍ନ ଚନ୍ଦ୍, ଦେବବ୍ରତ ଦାସ, ଡ଼ ଶିବ ନାରାୟଣ ମହାପାତ୍ର, ଜୁବୁଲି କମିଟି ମୁଖ୍ୟ ଅଧାପକ ପରମାନନ୍ଦ ମହାନ୍ତି, ସ୍ମରଣିକା ମୁଖ୍ୟ ଡ଼ ସୁକାନ୍ତ କୁମାର ଗିରି, ସଂଗ୍ରାମ କେଶରୀ ନାୟକ, ନିର୍ମଳ କୁମାର ସାମଲ , ପ୍ରାକ୍ତନ ପିଇଟି ଶ୍ରୀକାନ୍ତ କମିଳା ପ୍ରମୁଖ ଉପସ୍ଥିତ ଥିଲେ। ସଂଯୋଜକ ପଦାର୍ଥ ବିଜ୍ଞାନ ଅଧାପକ ପ୍ରଭାତ ରଞ୍ଜନ ଦାସ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## ପିଏମ୍ଶ୍ରୀ ବାଲେଶ୍ୱର ଜିଲ୍ଲା ସ୍କୁଲର ବାର୍ଷିକ କ୍ରୀଡ଼ା

ବାଲେଶ୍ୱର,୬।୧(ସମିସ): ପିଏମଶ୍ରୀ ବାଲେଶ୍ୱର ଜିଲ୍ଲା ସ୍କୁଲର ୧୭୩ତମ ବାର୍ଷିକ କ୍ରୀଡା ଉତ୍ସବ ପରମିଟ ପଡିଆ ଠାରେ ଉଦଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଡକ୍ଟର ବସନ୍ତ କମାର ନାୟକ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀ?। ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ଡାକ୍ତର ସୁରେନ୍ଦ୍ର ନାରାୟଣ ଦାସ ଏଥିରେ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କ୍ରୀଡା ଉତ୍ସବରେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ଶିକ୍ଷାଗ୍ରହଣ ଏବଂ କ୍ରୀଡା ଗୋଟିଏ ମୁଦ୍ରାର ଦୁଇଟି ପାଶ୍ୱର୍ କରିଥିଲେ। ଶେଷରେ ଶିକ୍ଷୟତ୍ରୀ ଭାଗ୍ୟଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଚିତାକର୍ଷକ ମାର୍ଚ୍ଚପାଷ୍ଟ ଅଭିବାଦନ ଗ୍ରହଣ କରିଥିଲେ। ପରେ କ୍ରୀ?। ପ୍ରତିଯୋଗିତାରେ ଦୌଡକୁଦ, ଲଙ୍ଗଜମ୍ପ, ହାଇଜମ୍ପ, ସଟ୍‌ପୁଟ ଓ ଡିସକସ୍ ଥ୍ରୋ, ମ୍ୟୁଜିକ ଚେୟାର ପ୍ରଭୃତି ଅନ୍ୟୁନ ଖେଳ ଅନୁଷ୍ଠିତ ହେବା ସହିତ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଏବଂ ମେଡାଲ ପ୍ରଦାନ କରାଯାଇଥିଲା। ଏଥିରେ ୬ଷ୍ଠରୁ ଦଶମ ଶ୍ରେଣର ମୋଟ ୯୦୦ ଛାତ୍ରଛାତ୍ରୀ




ଅଂଶଗ୍ରହଣ କରୁଛନ୍ତି। ଜିଲ୍ଲା ସ୍କୁଲର କ୍ରୀ?। ଶିକ୍ଷୟତ୍ରୀ ଲିପିପୁଷ୍ପା ବେହେରାଙ୍କ ନେତୃତ୍ୱରେ ଆୟୋଜିତ କ୍ରି?। ଉତ୍ସବକୁ ବୋଲି ମତପ୍ରକାଶ କରିଥିଲେ। ଅନ୍ୟତମ ବରିଷ୍ଠ ଶିକ୍ଷୟତ୍ରୀ ସ୍ମିତା ବର୍ଦ୍ଧନ ମଂଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ଜେନାଙ୍କ ଉତ୍ସବରେ ପୌରହିତ୍ୟ କରିବା ସହିତ କ୍ରୀଡା ଉତ୍ସବର ଆଭିମୁଖ୍ୟ ଓ ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ମସକୁର ଅଲ୍ଲୀ ଖାନ ଏଥିରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷୟତ୍ରୀ ପି ସୁସ୍ମିତା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଆଦିକନ୍ଦ ରାଉତ ବାର୍ଷିକ କ୍ରୀ?। ବିବରଣୀ ଉପସ୍ଥାପନ ପ୍ରଶାନ୍ତ କୁମାର ମଲ୍ଲିକ, ଡକ୍ଟର ଦେବବ୍ରତ ନାୟକ, ପରମେଶ୍ୱର ପଣ୍ଡା, ଅନିତା ସିଂହ, ଦେଶପ୍ରିୟା ବିଶ୍ୱାଳ ରଶ୍ମିତା ସାମଲ, ଜୟଶ୍ରୀ ଦାସ, ମଧୁମିତା ବାନାର୍ଜୀ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ବିଦ୍ୟାଳୟ ପରିଚାଳନା ସମିତି ଓ ପୁରାତନ ଛାତ୍ର ସଂସଦର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଲମ୍ବୋଦର ପାତ୍ରଙ୍କ ଏକାଦଶାହରେ ସ୍ମୃତିସଭା

କାଳିପଦା,୬।୧(ସମିସ): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧିନସ୍ଥ ଶ୍ରୀରାମପୁର ଗ୍ରାମର ଧର୍ମପରାୟଣ ବ୍ୟକ୍ତି ତଥା ଅବସର ପ୍ରାପ୍ତ ଶିକ୍ଷକ ଲମ୍ବୋଦର ପାତ୍ରଙ୍କ ଏକାଦଶାହ ଅବସରରେ ରବିବାର ତାଙ୍କ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବହୁ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତଃ ପାତ୍ରଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାରେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ସ୍ୱର୍ଗତ ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ, ପୂର୍ବତନ ସରପଞ୍ଚ ବିଜୟ କୃଷ୍ଣ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ ପ୍ରମୁଖ ତାଙ୍କ ବାସଭବନରେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏକମାତ୍ର ପୁଅ ଶିକ୍ଷାବିତ୍ ଯୁଗଳ କିଶୋର ପାତ୍ର ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ।

## ସ୍କୁଲରେ ଶିଶୁ ଶ୍ରମିକଙ୍କୁ କୋଠା ନିର୍ମାଣରେ ନିୟୋଜିତ ଘଟଣା

# ତଦନ୍ତ ଆରମ୍ଭ କଲା ଜିଲ୍ଲାର ୨ ବିଭାଗ

ବାହାନଗା,୬।୧(ସମିସ)



'ସକାଳ' ପ୍ରଭାବ

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଗୋପାଳପୁର ମଣିଭଦ୍ର ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ବିଭାଗ ପକ୍ଷରୁ ହେଉଥିବା କୋଠା ନିର୍ମାଣ କାର୍ଯ୍ୟରେ ୩ ଜଣ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରାଯାଇଥିବାବେଳେ ଏନେଇ "ସକାଳ'ରେ ମଙ୍ଗଳବାର ଖବର ପ୍ରକାଶ ପାଇଥିଲା। ଏହାପରେ ଚେଇଁ ଉଠିଛି ବାଲେଶ୍ୱର ଜିଲ୍ଲା ପ୍ରଶାସନ। ପ୍ରକାଶିତ ଖବର ଆଧାରରେ ଉଭୟ ଶ୍ରମ ବିଭାଗ ଏବଂ ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରାଯାଇଛି। ମାତ୍ର କି କାର୍ଯ୍ୟାନୁଷ୍ଠାନ ନେଉଛି ବିଭାଗ ଦେଖିବାକୁ ବାକି ରହିଲା।

ଖବର ଅନୁସାରେ, ଗୋପାଳପୁର ମଣିଭଦ୍ର ଉଚ୍ଚ ବିଦ୍ୟାଳୟରେ ସରକାରଙ୍କ ପିଏମ୍ଶ୍ରୀ ଯୋଜନାରେ ୧୮.୩୩ ଲକ୍ଷ ଟଙ୍କା ଅନୁଦାନରେ କମ୍ପ୍ୟୁଟର ଦ୍ୱାରା ଭାଷା ଶିକ୍ଷା ଲାବ ପାଇଁ କୋଠା ନିର୍ମାଣ କାର୍ଯ୍ୟ ଜାରି ରହିଛି। ଯେଉଁ କାର୍ଯ୍ୟକୁ ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟ ନିଜେ କରାଉଛି। ସୋମବାର ଦିନ ତମାମ ଏହି କୋଠା ନିର୍ମାଣ କାର୍ଯ୍ୟରେ ୩ ଜଣ ଶିଶୁ ଶ୍ରମିକ ନିୟୋଜିତ ଥିଲେ। ହେଲେ କାର୍ଯ୍ୟ ତଦାରଖ ପାଇଁ କୌଣସି ଅଧିକାରୀ ନଥିବା ବେଳେ ରାତି ପର୍ଯ୍ୟନ୍ତ ଶିଶୁମାନେ ବିପଦପୂର୍ଣ୍ଣ ଭାବେ କାର୍ଯ୍ୟ କରୁଥିଲେ। ସରକାର ଡ୍ରପ୍ ଆଉଟ୍ ଶିଶୁଙ୍କୁ ସ୍କୁଲକୁ ଫେରାଇ ଆଣିବାକୁ ଗାଁ ଗାଁ ଶିକ୍ଷକମାନେ ବୁଲୁଥିବାବେଳେ ସ୍କୁଲ ପରିସରରେ ଶିଶୁ ଶ୍ରମିକ ନିୟୋଜିତ ଜିଲ୍ଲା ଶିକ୍ଷା ବିଭାଗର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା।

ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଏହି କାର୍ଯ୍ୟ କରାଉଥିବା ବେଳେ ଶିକ୍ଷା ଅଧିକାରୀ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପଚାର ବୋଲି କହିବା ଉତ୍ତର ସମସ୍ତଙ୍କୁ ଚକିତ କରିଥିଲା। ଏନେଇ ଖବର ପ୍ରକାଶ ପରେ ଜିଲ୍ଲାପାଳ ଘଟଣାକୁ ଗୁରୁତର ଭାବେ ନେଇ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିବା ସହ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପରେ ତୁରନ୍ତ ଶ୍ରମ ବିଭାଗ ପକ୍ଷରୁ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବାହାନଗା ବ୍ଲକ ଅତିରିକ୍ତ ଶ୍ରମ ଅଧିକାରୀ ଶୈଳସୁତା ଦାସ ଏବଂ ଶିଶୁ ମାନଙ୍କ ଘର ଔପଦା ଅଞ୍ଚଳର ବୋଲି ଖବର ପ୍ରକାଶ ପାଇଥିବାରୁ ଔପଦା ବ୍ଲକର ଅତିରିକ୍ତ ଶ୍ରମ ଅଧିକାରୀ ରଶ୍ମି ରଞ୍ଜନ ସ୍ୱାଇଁ ମିଳିତ ଭାବେ ସ୍କୁଲରେ ତଦନ୍ତ ପାଇଁ ପହଞ୍ଚିଥିଲେ। ହେଲେ ଖବର ପ୍ରସାରଣ ପରେ ବିଭାଗ ପକ୍ଷରୁ କାର୍ଯ୍ୟ ବନ୍ଦ ରଖା ଯାଇଥିବା ବେଳେ ଶିଶୁ ଶ୍ରମିକ ମାନଙ୍କୁ ଲୁଚାଇ ଦିଆଯାଇଥିବାର ଦେଖିବାକୁ ମିଳିଥିଲା। ଏମିତି କି ପ୍ରଧାନ ଶିକ୍ଷୟିତ୍ରୀ କିରଣବାଳା ମଲ୍ଲିକ ସ୍କୁଲରେ ଅନୁପସ୍ଥିତ ଥିବାବେଳେ ଶ୍ରମ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିବା ଜଣାପଡିଥିଲା। ସେହିପରି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗାହିରଙ୍କ ନିର୍ଦ୍ଦେଶକ୍ରମେ ଚାଇଲ୍ଡ ହେଲପ ଲାଇନର ୩ ଜଣିଆ ଟିମ୍ ପ୍ରଶାନ୍ତ କୁମାର ରାଉତ , ପଞ୍ଚାନନ ତ୍ରିପାଠୀ, ଜ୍ୟୋତି ପ୍ରକାଶ କର ମଧ୍ୟ ସ୍କୁଲରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ସମୟରେ ଶିଶୁ ଶ୍ରମିକଙ୍କ ସହ ସ୍କୁଲରେ ଛାତ୍ରଛାତ୍ରୀ ସୁରକ୍ଷା ଯତ୍ନ ସହ ଅନ୍ୟ ଦିଗରେ ମଧ ଛାତ୍ରଛାତ୍ରୀଙ୍କୁ ଅବହେଳା କରାଯାଉଥିବାର ଶିଶୁ ସୁରକ୍ଷା ଟିମ ନଜରକୁ ଆସିଥିଲା। ଉଭୟ ବିଭାଗ ଘଟଣାର ପ୍ରାଥମିକ ତଦନ୍ତ କରି ଫେରିଥିବା ଜଣାପଡିଛି। ଏନେଇ ତଦନ୍ତ ପାଇଁ ଆସିଥିବା ବାହାନଗା ବ୍ଲକ ଅତିରିକ୍ତ ଶ୍ରମ ଅଧିକାରୀ ଶୈଳସୁତା ଦାସଙ୍କୁ ପଚାରିବାରୁ ଆମ୍ଭେ ପ୍ରାଥମିକ ଭାବେ ତଦନ୍ତ କରି ଫେରିଛୁ , ବିଭାଗୀୟ ଯନ୍ତ୍ରୀ ତଦନ୍ତରେ ଅସହଯୋଗ କରୁଥିବାରୁ ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରାଯାଇ ରିପୋର୍ଟ ମଗାଯାଇଛି। ଆବଶ୍ୟକ ସ୍ଥଳେ ଶିଶୁଙ୍କ ଘର ଔପଦା ବ୍ଲକ ହୋଇଥିବାରୁ ଆମ୍ଭେ ଶିଶୁଙ୍କ ଘରକୁ ଯାଇ ଘଟଣାର ତଦନ୍ତ କରିବୁ ବୋଲି ପ୍ରକାଶ କରିଛନ୍ତି। ସେହିପରି ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ତଦନ୍ତ ପାଇଁ ଆସିଥିବା ଚାଇଲଡ ହେଲପ ଲାଇନ ସଦସ୍ୟ ପ୍ରଶାନ୍ତ କୁମାର ରାଉତ କୁହନ୍ତି , ଆଜି ନିର୍ମାଣଧୀନ କାର୍ଯ୍ୟ ବନ୍ଦ ରଖାଯିବା ସହ ଶିଶୁ ଶ୍ରମିକଙ୍କୁ ଏଠାରୁ ଅନ୍ୟତ୍ର କୁଆଡେ ନିଆଯାଇଛି, ଆମ୍ଭେ ସେମାନଙ୍କୁ ପାଇଲୁ ନାହୁଁ। ଘଟଣାର ବିଧିବଦ୍ଧ ତଦନ୍ତ କରାଯିବା ସହ ସ୍କୁଲରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଯତ୍ନରେ ଅବହେଳା କରାଯାଉଥିବାର ଜଣାପଡିଛି, ତଦନ୍ତ ରିପୋର୍ଟ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯିବ ପରେ ପରବର୍ତ୍ତୀ ପଦକ୍ଷେପ ବିଭାଗ ପକ୍ଷରୁ ଯାହା ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଗୁରୁ ପ୍ରଫୁଲ୍ଲ ବେହେରା ସମ୍ମାନ ଓ ସାଂସ୍କୃତିକ ଉତ୍ସବ

ଜଳେଶ୍ୱର,୬।୧(ସମିସ): ଖୁଦିଆମାଝୀସାହି ପଂଚାୟତ ମୁଣ୍ଡୁତୁଣିଆ ବିଦ୍ୟାଳୟ ଖେଳ ପଡିଆରେ ହେଉଥିବା ପଲ୍ଲୀ ମେଳାରେ ସୁପ୍ରିତମ କଳାକେନ୍ଦ୍ରର ୧୪ତମ ଗୁରୁ ପ୍ରଫୁଲ୍ଲ ବେହେରା ସମ୍ମାନ ଓ ସାଂସୃତିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପଲ୍ଲୀ ମେଳା କମିଟିର ସଭାପତି ଅମରେନ୍ଦ୍ର ମିଶ୍ର ପୌରୋହିତ୍ୟ କରି ଓଡିଶୀ ନୃତ୍ୟ ଶିଳ୍ପୀ ତଥା ସୁପ୍ରିତମ କଳାକେନ୍ଦ୍ରର ସଭାପତି ସମୀର ବେହେରା ଗ୍ରାମାଞ୍ଚଳରେ କଳାକୁ ବଞ୍ଚାଇରଖି ପିଲାମାନଙ୍କର ପ୍ରତିଭା ଅନ୍ୱେଷଣ କରିବା ଉଦ୍ଦେଶ୍ୟରେ ୧୪ବର୍ଷ ଧରି ଏପରି କାର୍ଯ୍ୟକ୍ରମ କରିଆସୁଥିବା କହିଥିଲେ। ମୁଖ୍ୟଅତିଥି ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ, ମୁଖ୍ୟବକ୍ତା ତହସିଲଦାର ସତ୍ୟଜିତ ମହାନ୍ତି ସମ୍ମାନିତ ଅତିଥିଭାବେ ହିମାଂଶୁ ଶେଖର ଘୋଷ, ଜଗଦୀଶ ଚନ୍ଦ୍ର ସାହୁ, ଯାତ୍ରା କଳାକାର ଲୋକନାଥ ଲେଙ୍କା ଯୋଗଦେଇ କଳା ସାଂପ୍ରତିକ ସମାଜର ପ୍ରଚଳିତ ଧାରା ବୋଲି କହିଥିଲେ। ଗୁରୁ ପ୍ରଫୁଲ୍ଲ ବେହେରାଙ୍କ ଧର୍ମପତ୍ନୀ ପରିବାଳା ବେହେରା ଯୋଗଦେଇ ସ୍ଥାନୀୟ ପାଲା ଗାୟକ ନିତ୍ୟାନନ୍ଦ ମଲ୍ଲିକଙ୍କୁ ଗୁରୁ ପ୍ରଫୁଲ୍ଲ ବେହେରା ସ୍ମୃତି ସମ୍ମାନ, ନୃତ୍ୟଗୁରୁ ସୁଶାନ୍ତ କୁମାର ବେହେରା ଏବଂ ସଂଗୀତ ଗୁରୁ ସ୍ୱରୂପ ନାୟକଙ୍କୁ ଦୀନକୃଷ୍ଣ ସ୍ମୃତି ସମ୍ମାନରେ ସମ୍ମାନିତ କରିଥିଲେ। ଡ. ଶ୍ରୀନିବାସ ଘଟୁଆରୀ ମଞ୍ଚ ଆହ୍ୱାନ କରିଥିବା ବେଳେ ପ୍ରବୋଧ ବାରିକ ବିବରଣୀ ପାଠ କରିଥିଲେ ଓ ଶିଶିର ପ୍ରଧାନ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସ୍ୱରୂପ ନାୟକ ନିଜର ମଧୁର କଣ୍ଠରେ ସମସ୍ତଙ୍କୁ ମନମୁଗ୍ଧ କରିଥିଲେ।



# ସିଟି କଟକ

## ସାଇବର ଠକାମୀରୁ ବର୍ତ୍ତିବାକୁ ପୁଲିସର ଗୁରୁମନ୍ତ୍ର




**ମର୍କତ ନଗରରେ ସଚେତନତା ସଭା**

**କଟକ, ୬।୧(ସମିସ):** ସାମ୍ପ୍ରତିକ ସମୟରେ ବୃଦ୍ଧି ପାଉଥିବା ସାଇବର ଅପରାଧ ଏବଂ ସହରର ସୁରକ୍ଷା ପାଇଁ ଅତ୍ୟନ୍ତ ଜରୁରୀ ଥିବା 'ଟେନାଣ୍ଟ ଭେରିଫିକେସନ' (ଭଡ଼ାଟିଆ ଚିହ୍ନଟ) ସମ୍ପର୍କରେ ସାଧାରଣ ଜନତାଙ୍କୁ ସଚେତନ କରିବା ପାଇଁ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଯାଇଛି। ମର୍କତନଗର ଥାନା, ଫେଜ୍-୨ ଥାନା ଏବଂ ଅଭିନବ ବିଡାନାସୀ ପଥଚାରୀ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ। ଅଭିନବ ବିଡାନାସୀ ପଥଚାରୀ ସଂଘର ସଭାପତି ଦେବେନ୍ଦ୍ର ସୂତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାକୁ ଏସିପି ଅନନ୍ୟା ଅଭ୍ୟସ୍ତି ଉଦ୍‌ଘାଟନ କରିଥିଲେ। ସାଇବର ଥାନା ଅଧିକାରୀ ରଶ୍ମିତା ଜେନା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅଜଣା ଲିଙ୍କ୍ ଉପରେ କ୍ଲିକ୍ ନ କରିବା, ଓଟିପି କାହାକୁ ନ ଦେବା ଏବଂ ଆର୍ଥିକ ଠକାମୀର ଶିକାର ହେଲେ ତୁରନ୍ତ ସାଇବର ହେଲ୍ପଲାଇନ ନମ୍ବର ୧୯୩୦କୁ କଲ୍ କରିବାକୁ ସେ ପରାମର୍ଶ ଦେଇଥିଲେ। ସଭାରେ ମର୍କତନଗର ଥାନା ଅଧିକାରୀ ସତ୍ୟବ୍ରତ ଭୂତିଆ, ଜଗନ୍ନାଥ ସାହୁ ଏବଂ ଫେଜ୍-୨ ଥାନା ଅଧିକାରୀ ଅନୁରାଧା ମାର୍ଥା ଉପସ୍ଥିତ ରହି ଲୋକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।ସଭାରେ ମନୋରଞ୍ଜନ ଦାସ, ଡା. ସଞ୍ଜିତ ପଟ୍ଟନାୟକ, ଡ. ବିଷ୍ଣୁ ଚରଣ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାଇବର ମୁକ୍ତ ସମାଜ ଗଠନ ପାଇଁ ଶପଥ ନେଇଥିଲେ।

## ପାଣି ପଞ୍ଚାୟତ ବାର୍ତ୍ତା ରଥର ଶୁଭାରମ୍ଭ



**କଟକ, ୬।୧(ସମିସ):** ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ପାଣି ପଞ୍ଚାୟତ ବାର୍ତ୍ତା ଓ ଉତ୍ସବ ପାଳନ ଆୟୋଜନ ନିମନ୍ତେ ଏକ ରଥର ଶୁଭାରମ୍ଭ କରାଯାଇଅଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପତାକା ଦେଖାଇ ଏହି ବାର୍ତ୍ତା ରଥର ଶୁଭାରମ୍ଭ କରିଥିଲେ। ଆଜିଠାରୁ ଏହି ରଥ ସଦର ଉପଖଣ୍ଡର ବିଭିନ୍ନ ବ୍ଲକ ପରିଭ୍ରମଣ ଆରମ୍ଭ କରି ଚଳିତ ମାସ ୧୨ତାରିଖ ପର୍ଯ୍ୟନ୍ତ ସମସ୍ତ ବ୍ଲକ ପରିକ୍ରମା କରି ବିଶେଷକରି କଟକ ଜିଲ୍ଲାର ସମଗ୍ର ସେଚାଞ୍ଚଳର ସ୍ଥିରୀକୃତ ପ୍ରମୁଖ ସ୍ଥାନମାନଙ୍କୁ ମୁଖ୍ୟ ରାସ୍ତାକୁ ସଂଯୋଗ କରି ପାଣି ପଞ୍ଚାୟତ ବାର୍ତ୍ତା ପ୍ରଦାନ କରିବ। ପ୍ରକାଶ ଥାଉକି ଆମ ରାଜ୍ୟରେ ପାଣି ପଞ୍ଚାୟତ ପକ୍ଷ ଚଳିତ ବର୍ଷ ୬-୧-୨୦୨୬ ଠାରୁ ୨୦-୧-୨୦୨୬ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି ବାର୍ତ୍ତା ରଥର ଶୁଭାରମ୍ଭ ଅବସରରେ ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଉପସ୍ଥିତ ଥିବାବେଳେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ପୂର୍ବାଞ୍ଚଳ ଜଳସେଚନ ମଣ୍ଡଳ-୧ ସୁଶାନ୍ତ ମୁନା, ଅଧୀକ୍ଷଣ ଯନ୍ତ୍ରୀ, ମହାନଦୀ ଉତ୍ତର ବିଭାଜନ, ଜଗତପୁର ସନ୍ଦୀପ କୁମାରଙ୍କ ସମେତ ଜଳସେଚନ ବିଭାଗୀର ସମ୍ପୃକ୍ତ ଯନ୍ତ୍ରୀ ଓ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ମହାନଦୀରେ ବୁଡ଼ିଯାଇ ଯୁବକ ମୃତ

**ଆଠଗଡ଼, ୬।୧(ସମିସ):** ମଙ୍ଗଳବାର ସକାଳେ ମହାନଦୀରେ ବୁଡିଯାଇ ରାଉରକେଲା ଅଞ୍ଚଳର ଯୁବକ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ରାଉରକେଲା ସେକ୍ଟର ୧୭ ଅଞ୍ଚଳର ଆଦିତ୍ୟ ଶେଖର ବିଶୋଇ (୨୩) ମଙ୍ଗଳବାର ସକାଳ ସମୟରେ ମୋ ବସରେ ଆଠଗଡ଼ ଥାନା ଅନ୍ତର୍ଗତ ବାଉଁଶଦଣ୍ଡା ଛକରେ ଓହ୍ଲାଇ ପାଖ ପଡ଼ିଆରେ ନିତ୍ୟକର୍ମ ସାରି ମହାନଦୀରେ ଶୌଚ ହେଉଥିଲେ। ଏହି ସମୟରେ ହାତରେ ଧରିଥିବା ମୋବାଇଲ ଫୋନ୍ ଓ ଘଣ୍ଟା ପାଣିରେ ପଡ଼ିଯାଇଥିଲା। ଘଣ୍ଟା ଓ ମୋବାଇଲ ଫୋନ ନଦୀ ଜଳରୁ ବାହାର କରିବା ପାଇଁ ନଦୀ ମଧ୍ୟକୁ ପଶିଯିବାରୁ ଗଭୀର ଜଳରେ ବୁଡିଯାଇଥିଲେ। ମତ୍ସ୍ୟଜୀବୀ ଓ ସ୍ଥାନୀୟ ଲୋକେ ତାଙ୍କୁ ନଦୀ ଜଳରୁ ଖୋଜି ଉଦ୍ଧାର କରିଥିଲେ। ପରେ ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଆଦିତ୍ୟଙ୍କ ବ୍ୟାଗ ଓ ପ୍ୟାଣ୍ଟ ପକେଟ୍‌ରୁ ଆଧାରକାର୍ଡ ଓ ଅନ୍ୟାନ୍ୟ କାଗଜପତ୍ରରୁ ପରିଚୟ ଦେଖି ମଙ୍ଗଳବାର ଆଠଗଡ଼ ଥାନା ପୁଲିସ ପରିବାର ଲୋକଙ୍କୁ ଖବର ଦେଇଛନ୍ତି। ରିପୋର୍ଟ ଲେଖା ସରିବା ବେଳକୁ ପରିବାର ସଦସ୍ୟ ଆଠଗଡ଼ ଆସି ନ ଥିବାରୁ ଏଯାବତ ଶବ ବ୍ୟବଚ୍ଛେଦ ହୋଇନାହିଁ। ପରିବାର ଲୋକେ ଆସିଲେ ବୁଧବାର ଶବ ବ୍ୟବଚ୍ଛେଦ ହେବ ବୋଲି ଥାନା ସୂତ୍ରରୁ ପ୍ରକାଶ।

# ଔଷଧ ବଦଳ; ରୋଗୀଙ୍କ ସହ ଖେଳ

**କଟକ, ୬।୧(ସମିସ)**

ରାଜ୍ୟରେ ଏବେ ଔଷଧ ଦୋକାନୀଙ୍କ ମନମାନୀ ଚରମ ସୀମାରେ ପହଞ୍ଚିଛି, ଯାହା ସାଧାରଣ ଜନତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଡାକ୍ତରଙ୍କ ପରାମର୍ଶ ବିନା ଏବଂ ରୋଗୀଙ୍କ ଅଜାଣତରେ ପ୍ରେସକ୍ରିପସନରେ ଥିବା ନିର୍ଦ୍ଦିଷ୍ଟ ଔଷଧ ବଦଳରେ ଅନ୍ୟ କମ୍ପାନୀ କିମ୍ବା ଭିନ୍ନ କମ୍ପୋଜିସନର ଔଷଧ ବିକ୍ରି କରାଯିବା ଏବେ ଏକ ସାଧାରଣ ଘଟଣା ପାଲଟିଛି। କେବଳ ଅଧିକ ମୁନାଫା ଆଶାରେ କିଛି ଅସାଧୁ ଫାର୍ମାସିଷ୍ଟ ଓ ମେଡିସିନ୍ ଷ୍ଟୋର ମାଲିକ ରୋଗୀଙ୍କୁ ନିମ୍ନମାନର ଔଷଧ ଦେଇ ମୃତ୍ୟୁମୁଖକୁ ଠେଲି ଦେଉଥିବା ବେଳେ, ଔଷଧ ନିୟନ୍ତ୍ରକ ବିଭାଗ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି।

ଡାକ୍ତର ଜଣେ ରୋଗୀର ଗୁରୁତର ଅବସ୍ଥାକୁ ଦେଖି ସଠିକ୍ 'ଆକ୍ଟିଭ୍ ଫାର୍ମାସ୍ୟୁଟିକାଲ୍ ଇନଗ୍ରେଡିଏଣ୍ଟ' ବା ସଠିକ୍ ସୂତ୍ରର ଔଷଧ ଲେଖିଥାନ୍ତି, କିନ୍ତୁ ବ୍ୟବସାୟୀମାନେ ନିଜ ପାଖରେ ଥିବା ଅଧିକ କମିଶନ ମିଳୁଥିବା ଔଷଧ ବିକ୍ରି କରିବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ରୋଗୀ ଶରୀରରେ ପ୍ରତିକୂଳ ପ୍ରତିକ୍ରିୟା, ଅଙ୍ଗହାନୀ ଏବଂ ଚିକିତ୍ସାରେ ବିଳମ୍ବ ହୋଇ ଅକାଳ ମୃତ୍ୟୁ ଭଳି ଭୟଙ୍କର ପରିସ୍ଥିତି ସୃଷ୍ଟି ହେଉଛି। ଏହି ଅନିୟନ୍ତ୍ରିତ ପ୍ରଥା କେବଳ ଛୋଟ ଦୋକାନରେ ସୀମିତ ନୁହେଁ, ବରଂ ବଡ଼ ବଡ଼ କର୍ପୋରେଟ୍ ହସ୍ପିଟାଲରେ ମଧ୍ୟ ଏହା ଜାରି ରହିଛି। ଏପରିକି ବହୁ ପ୍ରତିଷ୍ଠିତ ଘରୋଇ



ହସ୍ପିଟାଲରେ ମଧ୍ୟ ଏଭଳି ଅବସ୍ଥା ଦେଖିବାକୁ ମିଳୁଛି। ସେଠାରେ ଚିକିତ୍ସକଙ୍କ ପ୍ରେସକ୍ରିପସନକୁ ଅଗ୍ରାହ୍ୟ କରାଯାଇ ବ୍ୟବସାୟିକ ନୀତି ଆଧାରରେ ଔଷଧ ବିତରଣ ହେଉଛି। ଡାକ୍ତରମାନେ ଚାହୁଁନଥିଲେ ମଧ୍ୟ ବଦଳାଯାଇଥିବା ଔଷଧକୁ ଗ୍ରହଣ କରିବାକୁ ବାଧ୍ୟ ହେଉଛନ୍ତି। ଏହି ସଂସ୍ଥାଗୁଡ଼ିକରେ ଚିକିତ୍ସା ନିଷ୍ପତ୍ତି ଧୀରେ ଧୀରେ ବ୍ୟବସାୟିକ ଲାଭର ଅଧୀନରେ ରହୁଥିବାରୁ ରୋଗୀର ସୁରକ୍ଷା ସମ୍ପୂର୍ଣ୍ଣ ଭାବେ ବିପନ୍ନ ହୋଇପଡ଼ିଛି। ଯଦି ଗୁରୁତର ରୋଗୀଙ୍କ ଆଇସିୟୁ ରେକର୍ଡ ଯାଞ୍ଚ କରାଯାଏ, ତେବେ କେଉଁ ଔଷଧ ଲେଖାଗଲା

- **ଡାକ୍ତରଙ୍କ ପ୍ରେସକ୍ରିପସନକୁ ଗୁରୁତ୍ୱ ଦେଉନାହାନ୍ତି ଦୋକାନୀ**
- **ମୁନାଫା ପାଇଁ ବିକ୍ରି ହେଉଛି ଗୁଣାତ୍ମକ ମାନ ନ ଥିବା ଔଷଧ**

ଓ କେଉଁ ଔଷଧ ପ୍ରକୃତରେ ରୋଗୀକୁ ଦିଆଗଲା, ସେଥିରେ ଥିବା ଫରକ ସହଜରେ ଜଣାପଡ଼ିବ। ଡ୍ରଗ୍ସ ଆଣ୍ଡ କସମେଟିକ୍ସ ଆକ୍ଟ-୧୯୪୦ ଏବଂ ଫାର୍ମାସି ପ୍ରାକ୍ଟିସ ରେଗୁଲେସନ-୨୦୧୫ ଅନୁଯାୟୀ, ଡାକ୍ତରଙ୍କ ଅନୁମତି ବିନା ଔଷଧ ବଦଳାଇବା ସମ୍ପୂର୍ଣ୍ଣ ନିଷିଦ୍ଧ ହୋଇଥିଲେ ସୁଦ୍ଧା ବିଭାଗୀୟ ଶିଥିଳତା ଯୋଗୁଁ ଅସାଧୁ ବ୍ୟବସାୟୀମାନେ ନିର୍ଭୟରେ ଏହି କଳାବଜାରୀ ଚଳାଇଛନ୍ତି। ଏହି ବିଷୟରେ ଡ୍ରଗ୍ସ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ ଯେ, ଡାକ୍ତର ରୋଗୀଙ୍କୁ ପ୍ରେସକ୍ରାଇବ କରୁଥିବା ଔଷଧ ବଦଳରେ ଅନ୍ୟ ଔଷଧ ଦେବା ଆଇନର ବିରୁଦ୍ଧାଚରଣ କରୁଛି। ମାନ୍ୟବର ଅଦାଲତ ମଧ୍ୟ ଡାକ୍ତର ରୋଗୀଙ୍କୁ ଲେଖୁଥିବା ଔଷଧ ବଦଳରେ ଦୋକାନୀ ଅନ୍ୟ ଔଷଧ ଦେଇପାରିବେ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହାକୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରାଯାଉଛି।

ଡ୍ରଗ୍ କଣ୍ଟ୍ରୋଲରଙ୍କ କଠୋର ପଦକ୍ଷେପ ଏବଂ ନିୟମିତ ଚଢ଼ଉ ବିନା ଏହି ସିଣ୍ଡିକେଟ୍‌କୁ ଭାଙ୍ଗିବା ସମ୍ଭବ ନୁହେଁ। ଆଇନ ଥାଇ ମଧ୍ୟ ଯଦି ତାହା ଲାଗୁ ହୋଇପାରୁନାହିଁ, ତେବେ ସେ ଆଇନର କୌଣସି ମୂଲ୍ୟ ନାହିଁ। ପ୍ରଶ୍ନ ଉଠୁଛି ସରକାର ଓ ପ୍ରଶାସନ ପାଇଁ ରୋଗୀଙ୍କ ଜୀବନ ଗୁରୁତ୍ୱପୂର୍ଣ୍ଣ ନା ବ୍ୟବସାୟିକ ମୁନାଫା? ତେଣୁ ବିଭାଗୀୟ ଅଧିକାରୀମାନେ ନିଦରୁ ଉଠି ଏହି ମାରାତ୍ମକ କାରବାର ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

**ଗୁରୁ ଧୋବି ବେହେରା କଳା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ**

## ୩ ବିଶିଷ୍ଟ ପ୍ରତିଭାଙ୍କୁ ଗୁରୁସ୍ମୃତି ସମ୍ମାନ



**କଟକ, ୬।୧(ସମିସ):** ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକଠାରେ ଗୁରୁ ଧୋବି ବେହେରା କଳା ସାହିତ୍ୟ ସଂସଦ ପକ୍ଷରୁ ୧୬ତମ ବାର୍ଷିକ ଉତ୍ସବ ଓ ଗୁରୁ ପୂଜା ଅତ୍ୟନ୍ତ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଶିକ୍ଷ୍ୟ ମୁରଲୀଧର ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁରୁଙ୍କ ଆଶୀର୍ବାଦ ଭିକ୍ଷା କରାଯିବା ସହ କଳା ଓ ସାହିତ୍ୟର ଉନ୍ନତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉତ୍ସବର ପ୍ରାରମ୍ଭରେ ଏକ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯାହାକୁ 'ଗୁଣ୍ଡିଚିମୂଷା'ର ସମ୍ପାଦକ ଗଣେଶ୍ୱର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ଧିରେନ୍ଦ୍ର ନାଥ ନାୟକ, କବି ବିଜୟ ନାଥ ଏବଂ କବି କିଶୋର ପଣ୍ଡା ଏହି ସମ୍ମିଳନୀକୁ ସୁଚାରୁରୂପେ ସଂଯୋଜନା କରିଥିଲେ। ଏହି ସଭାକୁ ମୁଖ୍ୟ ଅତିଥି ଭାବେ ଡକ୍ଟର ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଉଦଘାଟନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପଣ୍ଡିତ ଦିବାକର ମିଶ୍ର, ଶରତ ଚନ୍ଦ୍ର ଥାଟୋଇ, ଡାକ୍ତର ନୀଳାଦ୍ରୀ ପଣ୍ଡା, ପଣ୍ଡିତ ଅରୂପଲାଲ ଘୋଷ ଏବଂ ଗୀତା ଦାସ ଯୋଗ ଦେଇଥିଲେ। ସମାଜ ଗଠନରେ ଗୁରୁଙ୍କର ଭୂମିକା ଅନନ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଂସଦର ସମ୍ପାଦକ ନିବାସ ରାଉତ ଗୁରୁ ପୂଜା ସମ୍ପନ୍ନ କରିଥିବା ବେଳେ ଗୀତାଞ୍ଜଳି ସାହୁ ଓ ନିରୂପମା ସାହୁ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ କଳା ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତିନିଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ 'ଗୁରୁସ୍ମୃତି ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ସମ୍ମାନିତ ପ୍ରତିଭାମାନେ ହେଲେ ବିଶିଷ୍ଟ ତବଲା ବାଦକ ଗୁରୁ କିଶୋର ସାହୁ, ବିଶିଷ୍ଟ ସାହିତ୍ୟିକ ଶରତ ମହାପାତ୍ର ଏବଂ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରସନ୍ନଜିତ୍ ସିଂହ। କାର୍ଯ୍ୟକ୍ରମକୁ ସଂଯୋଜକ ସାମନ୍ତରାୟ, ବିକ୍ରମ ଲେଙ୍କା, ମନୋଜ କୁମାର, ସତ୍ୟ ପ୍ରକାଶ ମହାନ୍ତି, ଦୀପକ ମହନ୍ତ, କିଶୋର ଦାସ, ରଞ୍ଜନ ମହାନ୍ତି, ଅକ୍ଷୟ କର, ଗୀତାଞ୍ଜଳି ପୃଷ୍ଟି, କବି ନମିତା ମହାନ୍ତି ଏବଂ ଅଭୟ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ଅନୁଷ୍ଠାନର ମୁଖ୍ୟ ସଂଯୋଜକ ନିବାସଚନ୍ଦ୍ର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## କଟକବାସୀଙ୍କ ଆଶା ଓ ବିଶ୍ୱାସର ଦଳ ବିଜେଡି



**କଟକ, ୬।୧(ସମିସ):** ଇଂରାଜୀ ନୂତନ ବର୍ଷ ଅବସରରେ କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଦୋଳମୁଣ୍ଡାଇସ୍ଥିତ ଜିଲ୍ଲା କାର୍ଯ୍ୟାଳୟଠାରେ ଏକ ଔପଚାରିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେଡିର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର କଟକକୁ ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ କର୍ମଭୂମି ଭାବେ ଅଭିହିତ କରିଥିଲେ। ସେ କହିଥିଲେ ଯେ କଟକ ଯାହା ଚିନ୍ତା କରେ, ତାହା ସାରା ଓଡ଼ିଶାରେ ପ୍ରତିଫଳିତ ହୁଏ ଏବଂ ଏହି ସହର ହେଉଛି ଦଳର ପ୍ରତିଷ୍ଠାତା ନବୀନ ପଟ୍ଟନାୟକଙ୍କ ଜନ୍ମଭୂମି। ଶ୍ରୀ ମିଶ୍ର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କଟକରେ ହୋଇଥିବା ପ୍ରାୟ ୧୦,୫୦୦ କୋଟି ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଦଳୀୟ ସଂଗଠନ ସମ୍ପର୍କରେ ଆଲୋଚନା କରି ଶ୍ରୀ ମିଶ୍ର କହିଲେ ଯେ, ତୃଣମୂଳସ୍ତରରେ ବିଜେଡି ବେଶ୍ ମଜବୁତ ଅଛି, କେବଳ ଏହାକୁ ଅଧିକ କ୍ରିୟାଶୀଳ କରିବାର ଆବଶ୍ୟକତା ରହିଛି। ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ନେତା ମଧୁସୂଦନ ସାହୁ, ପ୍ରଫୁଲ୍ଲ ବେହେରା, ବିଶ୍ୱଜିତ ମହାନ୍ତି, ମହମ୍ମଦ ସକିଲ, ରମଜାନ ଖାନ, ଜନସନ ମହାପାତ୍ରଙ୍କ ସମେତ ବହୁ କର୍ପୋରେଟର ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ରାଜ୍ୟ ପରିଷଦ ସଭ୍ୟ ପ୍ରକାଶ ସିଂହ ଧନ୍ୟବାଦ ଦେଇଥିଲେ।

## ମତଦାତା ସଚେତନତା ପ୍ରତିଯୋଗିତା

**କଟକ, ୬।୧(ସମିସ):** ୧୬ତମ ଜାତୀୟ ଭୋଟର ଦିବସ ଅବସରରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ମତଦାତା ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ପ୍ରତିଟି ଭୋଟ ମୂଲ୍ୟବାନ ଏହି ସନ୍ଦେଶ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ପ୍ରତିଯୋଗିତା ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରରେ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ପ୍ରତିଯୋଗିତା ୧୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ପ୍ରତିଯୋଗିତା ଅଧୀନରେ ସ୍ଲୋଗାନ, କ୍ଷୁଦ୍ର ନାଟକ ଏବଂ ରିଲ୍ସ ମେକିଂ ଆଦି ରଖାଯାଇଛି।













## ପୂର୍ବତନ ବିଜେପି ଯୁବ ନେତା ଗିରଫ

**କଟକ, ୬।୧(ସମିସ):** କଟକ ମହାନଗର ନିଗମ କାର୍ଯ୍ୟାଳୟ ଘେରଉ କରି ବିଶୃଙ୍ଖଳା କରିଥିବା ଏକ ପୁରୁଣା ମାମଲାରେ କଟକ ନଗର ବିଜେପି ଯୁବ ମୋର୍ଚ୍ଚାର ପୂର୍ବତନ ସଭାପତି ଜ୍ୟୋତିରଞ୍ଜନ ପଲେଇ ଓରଫ ବାପୁନିଙ୍କୁ ଗିରଫ କରାଯାଇଛି। କଟକ ସିଡିଏ ଫେଜ୍-୨ ଥାନା ପୁଲିସ ଚଢ଼ଉ କରି ବାପୁନିଙ୍କୁ ଗିରଫ କରିଥିଲା। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ୍ ନାମଞ୍ଜୁର ହେବାରୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ୨୦୧୮ରେ ନଗର ବିଜେପି ପକ୍ଷରୁ କଟକ ମହାନଗର ନିଗମ କାର୍ଯ୍ୟାଳୟ ଘେରଉ କରାଯାଇଥିଲା। ଏହି ସମୟରେ ପୁଲିସ ସହିତ ବିଜେପି ନେତା ଓ କର୍ମୀଙ୍କ ମଧ୍ୟରେ ଠେଲାପେଲା ଓ ଧସ୍ତାଧସ୍ତି ହୋଇଥିଲା। ଏହି ଘଟଣାରେ ବହୁ ବିଜେପି ନେତା ଓ କର୍ମୀଙ୍କୁ ଗିରଫ କରାଯାଇଥିଲା। ଏହି ଅଭିଯୋଗ ଆଧାରରେ ବାପୁନିଙ୍କ ନାଁରେ ଜାମିନ୍ ବିହୀନ ଗିରଫ ପରୱାନା ବା ଏନ୍‌ବିଡବ୍ଲୁ ଜାରି କରାଯାଇଥିଲା। ସିଡିଏ ଫେଜ୍ ୨ ଥାନା ପୁଲିସ ବାପୁନିଙ୍କୁ ଏନବିଡବ୍ଲୁ ଆଧାରରେ ପୁନର୍ବାର ଗିରଫ କରଥିବା ଜଣାପଡ଼ିଛି।

**ବାୟୁ ପ୍ରଦୂଷଣ ଚିନ୍ତା**

# ରାତିରେ ନିର୍ମାଣ କାର୍ଯ୍ୟ ଓ ପରିବହନ ଉପରେ ରୋକ୍

**କଟକ, ୬।୧(ସମିସ)**

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀଙ୍କ ରିପୋର୍ଟ ଅନୁଯାୟୀ, କଟକ ଜିଲ୍ଲାର ବାୟୁ ଗୁଣବତ୍ତା ବର୍ତ୍ତମାନ ଅତ୍ୟନ୍ତ ନିମ୍ନମାନର ହୋଇପଡ଼ିଛି। ବାୟୁର ମାନ ସନ୍ତୋଷଜନକ ନ ଥିବା ଏବଂ ଏହା କ୍ରମାଗତ ଭାବେ ଖରାପ ହେଉଥିବା ଜଣାପଡ଼ିବା ପରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ତତ୍ପରତା ପ୍ରକାଶ କରିଛନ୍ତି। ପାରିପାର୍ଶ୍ୱିକ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ସେ କଟକ ମହାନଗର ନିଗମ ଏବଂ ଜିଲ୍ଲାର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଅଞ୍ଚଳରେ ତୁରନ୍ତ କଠୋର ପ୍ରତିବନ୍ଧକ ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଜିଲ୍ଲାର କିଛି ପ୍ରମୁଖ ସରକାରୀ ପ୍ରକଳ୍ପକୁ ବାଦ୍ ଦେଲେ ଅନ୍ୟ ସମସ୍ତ ନିର୍ମାଣ କାର୍ଯ୍ୟକଳାପକୁ ପ୍ରତିଦିନ ସନ୍ଧ୍ୟା ୬ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏଥିସହ ସହରାଞ୍ଚଳ ସୀମା ମଧ୍ୟରେ ଯେକୌଣସି ପ୍ରକାରର ଭଙ୍ଗାଭଙ୍ଗି କିମ୍ବା ମାଟିକାମ ଉପରେ କଡ଼ାକଡ଼ି ରୋକ୍



**କଠୋର ପ୍ରତିବନ୍ଧକ ଲଗାଇଲେ ଜିଲ୍ଲାପାଳ**

ଲଗାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ରାସ୍ତାରେ ଧୂଳି ନ ଉଡ଼ିବା ଉପରେ ଗୁରୁତ୍ୱ ଦିଆଯାଇଛି। କଟକ ମହାନଗର ନିଗମ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଏବଂ ଜାତୀୟ ରାଜପଥ ସହ ଜଡ଼ିତ ସଂସ୍ଥାଗୁଡ଼ିକ ପ୍ରତିଦିନ ଅତିକମରେ ତିନିଥର ସମସ୍ତ ମୁଖ୍ୟ ରାସ୍ତାରେ ପାଣି ସିଞ୍ଚନ କରିବାକୁ ବାଧ୍ୟତାମୂଳକ କରାଯାଇଛି। ଖୋଲାରେ ଅଳିଆ ପୋଡ଼ିବା, ଢାବାରେ କୋଇଲା ବ୍ୟବହାର କରିବା ଏବଂ କୌଣସି ପ୍ରକାରର ଖୋଲା ନିଆଁ ଜଳାଇବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଏଥିସହିତ ଦିନବେଳେ କୋଇଲା, ଲଘୁ ଓ ପ୍ରମୁଖ ଖଣିଜ ପଦାର୍ଥ ଏବଂ ପାଉଁଶ ବୋହି ନେଉଥିବା ଟ୍ରକଗୁଡ଼ିକର ଚଳାଚଳକୁ ପ୍ରତିବନ୍ଧିତ କରିବା ପାଇଁ କଟକ ସଦର, ବାଙ୍କୀ, ଆଠଗଡ଼ ଏବଂ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ପୃଥକ ନିର୍ଦ୍ଦେଶ ଜାରି କରିବାକୁ କୁହାଯାଇଛି। ଉପଯୁକ୍ତ ତାରପୋଲିନ୍ ଆବରଣ ନଥାଇ କୌଣସି ବି ଟ୍ରକକୁ ଜାତୀୟ ବା ରାଜ୍ୟ ରାଜପଥରେ ଚଳାଚଳ ପାଇଁ ଅନୁମତି ଦିଆଯିବ ନାହିଁ। ସେହିପରି ବିନା ବୈଧ ଅନୁମତିରେ କୌଣସି ଇଟାଭାଟି, ସିମେଣ୍ଟ ପ୍ଲାଣ୍ଟ କିମ୍ବା ରେଡି ମିକ୍ସ ପ୍ଲାଣ୍ଟ ୟୁନିଟ୍ କାର୍ଯ୍ୟ କରିପାରିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଜିଲ୍ଲାପାଳଙ୍କ ଏହି ନୂତନ ନିର୍ଦ୍ଦେଶ ଆସନ୍ତା ସାତ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ ଏବଂ ଆବଶ୍ୟକ ସ୍ଥଳେ ଏହାର ଅବଧିକୁ ଆହୁରି ବୃଦ୍ଧି କରାଯାଇପାରେ। ଯଦି କୌଣସି ବ୍ୟକ୍ତି କିମ୍ବା ସଂସ୍ଥା ଏହି ନିୟମକୁ ଉଲ୍ଲଂଘନ କରନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି।



# ଅସହାୟଙ୍କୁ କମ୍ବଳ ଓ ଗୀତା ପ୍ରଦାନ



**ଟାଙ୍ଗୀ, ୬।୧(ସମିସ):** ସିଦ୍ଧଗିରି ଚାରିଟେବୁଲ ଟ୍ରଷ୍ଟ ଓ ଟେଟ୍ରାହେଡ୍ରନ୍ ଏଜୁକେସନାଲ ଟ୍ରଷ୍ଟ ମିଳିତ ସହଯୋଗରେ ଟାଙ୍ଗୀ-ଚୌଦ୍ୱାର ବ୍ଲକର ଆଦିବାସୀ ବହୁଳ କରଞ୍ଜି ପଞ୍ଚାୟତରେ ସହସ୍ରାଧିକ ଅସହାୟଙ୍କୁ କମ୍ବଳ ଓ ଗୀତା ପୁସ୍ତକ ବଣ୍ଟନ କରାଯାଇଛି। କରଞ୍ଜି ଗ୍ରାମ ଖେଳପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଟେଟ୍ରାହେଡ୍ରନ୍ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସିଦ୍ଧଗିରି ଆଶ୍ରମର ସନ୍ଥ ତଥା ଟ୍ରଷ୍ଟର ପ୍ରତିଷ୍ଠାତା ବିଶ୍ୱନାଥ ଦାସ ମହାରାଜ ଉଦଘାଟନ କରିଥିଲେ। ସମାଜସେବୀ ଜ୍ଞାନେନ୍ଦ୍ର ବେହେରା, ଦୁଃଖେନ୍ଦ୍ର ସାହୁ, ଧ୍ରୁବଚରଣ ସାହୁ, ସୁରେଶଚନ୍ଦ୍ର ମହନ୍ତ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପୂର୍ବକ କମ୍ବଳ ବଣ୍ଟନ କାର୍ଯ୍ୟରେ ସହାୟତା ଯୋଗାଇ ଦେଇଥିଲେ। ପ୍ରାୟ ୧୫ ଶହ ଗରିବ ଲୋକେ ଉପକୃତ ହୋଇଥିବା ସୂଚନା ମିଳିଥିବାବେଳେ ଶିକ୍ଷାକୁ ବ୍ୟବସାୟ ନୁହେଁ ସେବା ଭାବେ ଗ୍ରହଣ କରିଥିବା ଟେଟ୍ରାହେଡ୍ରନ୍ ଅଧ୍ୟକ୍ଷ ଶ୍ରୀ ବେହେରାଙ୍କ ଏଭଳି ଜନହିତୈଷୀ କାର୍ଯ୍ୟକ୍ରମକୁ ବାବାଜୀ ବିଶ୍ୱନାଥ ଦାସଙ୍କ ସମେତ ଉପସ୍ଥିତ ବୃଦ୍ଧବୃଦ୍ଧା ଉଚ୍ଚ ପ୍ରଶଂସା କରିଥିଲେ।

# ୫୪ କୁଣ୍ଡୀୟ ଅତିରୁଦ୍ର ମହାଯଜ୍ଞ ପ୍ରସ୍ତୁତି



ନିଶ୍ଚିନ୍ତକୋଇଲି,୬।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ବୁହାଳ ପଞ୍ଚାୟତ ବରପଡା ଗ୍ରାମର ଆରାଧ୍ୟ ସୋମନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ସଂକଟମୋଚନ ମହାବୀର ଓ ମା' ଭଗବତୀଙ୍କ ବିଗ୍ରହ ଏବଂ ମନ୍ଦିର ପ୍ରତିଷ୍ଠା ପାଇଁ ସାତଦିନ ବ୍ୟାପୀ ୫୪ କୁଣ୍ଡୀୟ ଅତିରୁଦ୍ର ମହାଯଜ୍ଞ ନିମନ୍ତେ ବ୍ୟାପକ ପ୍ରସ୍ତୁତି କରାଯାଉଛି। ପରମବ୍ରହ୍ମ ଶ୍ରୀ ଶ୍ରୀ ଜଗନ୍ନାଥ ଦାସଙ୍କ ଶାଶ୍ୱତ ନିର୍ଦ୍ଦେଶରେ ଉତ୍କଳର ପୀଠାଧିଶ୍ୱର ରାମାନନ୍ଦଚାର୍ଯ୍ୟ ଜଗତ୍‌ଗୁରୁ ଶ୍ରୀ ଶ୍ରୀ ଅରୂପାନନ୍ଦ ମହାରାଜଙ୍କ ଆଜ୍ଞାରେ ସନ୍ଥ ନିର୍ଭୟାନନ୍ଦ ମହାରାଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବାକୁ ଥିବା ଏହି ଯଜ୍ଞରେ ୫୪ଟି କୁଣ୍ଡରେ ୩ ଲକ୍ଷ ମନ୍ତ୍ର ଆହୁତି ପ୍ରଦାନ, ୩୩ ଲକ୍ଷ ମନ୍ତ୍ର ଜପ, ୧ ଲକ୍ଷ ବେଲପତ୍ର ଚୟନ କରାଯିବା ପାଇଁ ଧାର୍ଯ୍ୟ ହୋଇଛି। ୫୨ ଫୁଟ ଉଚ୍ଚତା ବିଶିଷ୍ଟ ହନୁମାନ ବିଗ୍ରହ ପ୍ରତିଷ୍ଠା ଏବଂ ଅତିରୁଦ୍ର ମହାଯଜ୍ଞ ପାଇଁ ଚିତ୍ରୋତ୍ପଳା ନଦୀରୁ ଏକ ବିରାଟ ପଟୁଆରରେ କଳସ ଶୋଭାଯାତ୍ରା କରାଯିବା ନିମନ୍ତେ ସ୍ଥିର ହୋଇଥିବା ସନ୍ଥ ନିର୍ଭୟାନନ୍ଦ ଦାସ ମହାରାଜ ଏକ ଗଣମାଧ୍ୟମ ପ୍ରତିନିଧି ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଆସନ୍ତା ୧୦.୦୧.୨୦୨୬ ରିଖ ଶନିବାରଠାରୁ ୭ ଦିନ ବ୍ୟାପୀ ୧୭.୦୧.୨୦୨୬ ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଯଜ୍ଞର ପ୍ରତ୍ୟେକ ଦିନ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଛି। ପ୍ରଶାନ୍ତ ପଣ୍ଡା, ନିଗମ ପ୍ରସାଦ ଭଞ୍ଜ, ବରିଷ୍ଠ ସେବାୟତ ଅକ୍ଷୟ ପଣ୍ଡା, ବନମାଳୀ ପଣ୍ଡା, ଚନ୍ଦ୍ରଶେଖର ପଣ୍ଡା, ଭାବଗ୍ରାହୀ ପଣ୍ଡା, ଗୌରହରି ପଣ୍ଡା, ଗୌରାଙ୍ଗ ପଣ୍ଡା, ବସନ୍ତ ପଣ୍ଡା, ନିଶାମଣୀ ପଣ୍ଡା, ଚିନ୍ତାମଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମପ୍ରାଣା ମହିଳାଙ୍କୁ ଶ୍ରଦ୍ଧାଞ୍ଜଳି

**କଣ୍ଟାପଡ଼ା,୬।୧(ସମିସ):** କଣ୍ଟାପଡ଼ା ବ୍ଲକ ବାଗଲପୁର ପଞ୍ଚାୟତ ଅନ୍ତର୍ଗତ ଚିଉଲପୁର (ଗରଗରା) ଗ୍ରାମର ଧର୍ମପ୍ରାଣା ତଥା ମହିମା ଧର୍ମାବଲମ୍ବୀ ଉମାମଣି ବେହେରାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ନିଶାକର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋବିନ୍ଦପୁର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଅନନ୍ତଚରଣ ବେହେରା, କଥା ପ୍ରସଙ୍ଗ ମୁଖ୍ୟ ସମ୍ପାଦକ ଡଃ.ଭବାନୀଶଙ୍କର ପାତ୍ର, ବାଗଲପୁର ସରପଞ୍ଚଙ୍କ ପ୍ରତିନିଧି କବିନ୍ଦ୍ର ସେଠୀ, କୈଳାସଚନ୍ଦ୍ର ଦାଶ, ଅଜିତରଞ୍ଜନ ସାହୁ, ଜଗନ୍ନାଥପୁର ମୌଜା ଗ୍ରାମ୍ୟ କମିଟି ସଭାପତି ସନାତନ ପରିଜା, କୈଳାସଚନ୍ଦ୍ର ମିଶ୍ର, ଉର୍ମିଳା ବେହେରା, ସୁବ୍ରତ ଦାଶ, ଅକ୍ଷୟ ଦାସ, ବୁଲୁ ପଣ୍ଡା ପ୍ରମୁଖ ଯୋଗଦେଇ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ଆତ୍ମାର ସଦଗତି କାମନାରେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। ନିରଞ୍ଜନ ବେହେରା ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୁନ୍ଦରଗ୍ରାମ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି

# ପ୍ରସ୍ତୁତି ଜୋର୍‌ଦାର, ବିପଦ ସାଜିଛି ଭଗ୍ନ ଫାଟକ

**କଣ୍ଟାପଡ଼ା,୬।୧(ସମିସ):**

କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ୍ ଅନ୍ତର୍ଗତ ସୁନ୍ଦରଗ୍ରାମ ବିଦ୍ୟାଳୟ ଏବେ ତାର ଗୌରବମୟ ୭୫ ବର୍ଷ ପୂର୍ତ୍ତି ତଥା ପ୍ଲାଟିନମ୍ ଜୁବିଲି ପାଳନ ପାଇଁ ସଜେଇ ହେଉଛି। ଚଳିତ ମାସରେ ଅନୁଷ୍ଠିତ ହେବାକୁ ଥିବା ଏହି ଭବ୍ୟ କାର୍ଯ୍ୟକ୍ରମ ପାଇଁ ରଙ୍ଗ ମରାଠାରୁ ଆରମ୍ଭ କରି ନୂତନ ପ୍ରାଚୀର ନିର୍ମାଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ବିଧାୟକଙ୍କ ଅନୁଦାନରେ ସ୍କୁଲର ରୂପରେଖ ବଦଳୁଥିବା ବେଳେ, ଅନ୍ୟପଟେ ଏକ ବିପଦପୂର୍ଣ୍ଣ ଫାଟକ (ଗେଟ୍) ଏବେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ପାଇଁ ଚିନ୍ତାର କାରଣ ସାଜିଛି।



୭୫ ବର୍ଷର ଏହି ପୁରାତନ ଶିକ୍ଷାନୁଷ୍ଠାନରେ ଦେଶ ବିଦେଶର ହଜାର ହଜାର ପୁରାତନ ଛାତ୍ରଛାତ୍ରୀ ଏବଂ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଫୁଲନଖରା-ନିଆଳି ରାଜ୍ୟ ରାଜପଥ କଡ଼ରେ ଥିବା ବିଦ୍ୟାଳୟର ଅନ୍ୟ ଏକ ମୁଖ୍ୟ ଫାଟକର ଅବସ୍ଥା ଅତି ଶୋଚନୀୟ। ଫାଟକର ଦୁଇଟି ପିଲର୍ ଓ ଉପର ଅଂଶ ଅର୍ଦ୍ଧ-ଭଗ୍ନ ଅବସ୍ଥାରେ ଥିବା ବେଳେ ସେଥିରୁ ସିମେଣ୍ଟ ଓ କଂକ୍ରିଟ୍ ଖଣ୍ଡ ଗଳି ପଡୁଛି। ଯେକୌଣସି ମହୂର୍ତ୍ତରେ ଏହା ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ବିପଦସଙ୍କୁଳ ଫାଟକ ଦେଇ ବିଦ୍ୟାଳୟ ପରିସରରେ ଚାଲିଥିବା ଅଙ୍ଗନବାଡ଼ି କେନ୍ଦ୍ରର କୁନି କୁନି ପିଲା ଏବଂ ଅନ୍ୟ ଛାତ୍ରଛାତ୍ରୀ ପ୍ରତିଦିନ ଚଳପ୍ରଚଳ କରିଥାନ୍ତି। ବିଦ୍ୟାଳୟର ଉନ୍ନୟନ କାର୍ଯ୍ୟକୁ ଯନ୍ତ୍ରୀ, ସରପଞ୍ଚ ଓ ବିଧାୟକ ନିୟମିତ ତଦାରଖ କରୁଥିଲେ ମଧ୍ୟ ସମସ୍ତଙ୍କ ନଜର ସାମ୍ନାରେ ଥିବା ଏହି ବିପଦପୂର୍ଣ୍ଣ ଫାଟକ ଉପରେ କାହାରି ନଜର ନ ପଡ଼ିବା ଆଶ୍ଚର୍ଯ୍ୟଜନକ। ଉତ୍ସବ ସମୟରେ ବିପୁଳ ଜନସମାଗମ ହେବାକୁ ଥିବା ବେଳେ ଯଦି କୌଣସି ଅଘଟଣ ଘଟେ, ତେବେ ସେଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ଉଠିଛି। ପ୍ଲାଟିନମ୍ ଜୟନ୍ତୀ ସୁରୁଖୁରୁରେ ସମ୍ପନ୍ନ ହେଉ, ମାତ୍ର ସେଥିପାଇଁ ସୁରକ୍ଷାକୁ ବଳି ଦିଆ ନ ଯାଉ ବୋଲି ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀ ଦାବି କରିଛନ୍ତି। ତୁରନ୍ତ ଏହି ଫାଟକକୁ ଭାଙ୍ଗି ନୂତନ ଭାବେ ନିର୍ମାଣ କରିବାକୁ ସେମାନେ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି।

# ନିଶ୍ଚିନ୍ତକୋଇଲି ଉପଖଣ୍ଡ ବିଦ୍ୟୁତ ଉପଭୋକ୍ତା ସଂଘ ଗଠିତ



**ନିଶ୍ଚିନ୍ତକୋଇଲି,୬।୧(ସମିସ):** ଟାଟା ପାୱାର କମ୍ପାନୀର ମନମାନୀ, ଦବଙ୍ଗଗିରି ଏବଂ ମନମୁଖୀ ଅତିରିକ୍ତ ଜିଜିଆ କର ଲାଗୁ କରିବାକୁ ନେଇ ନିଶ୍ଚିନ୍ତକୋଇଲି ଅଞ୍ଚଳର ବିଦ୍ୟୁତ ଉପଭୋକ୍ତାମାନେ ଅତିଷ୍ଠ ହୋଇ ପଡିଲେଣି। ଏହାର ଦୃଢ ମୁକାବିଲା ପାଇଁ ଏ ଅଞ୍ଚଳର ବିଦ୍ୟୁତ ଉପଭୋକ୍ତାମାନେ ଏକଜୁଟ୍ ହୋଇଛନ୍ତି। ଟାଟା ପାୱାର କମ୍ପାନୀକୁ ଉପଯୁକ୍ତ ଜବାବ ଦେବା ପାଇଁ ଏକ ସଂଘର ଆବଶ୍ୟକତା ଦୃଷ୍ଟିରୁ ନିଶ୍ଚିନ୍ତକୋଇଲି ବିଦ୍ୟୁତ ଉପଭୋକ୍ତା ସଂଘ ଗଠନ କରାଯାଇଛି। ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘ କାର୍ଯ୍ୟାଳୟ ପରିସରରେ ବିଦ୍ୟୁତ ଉପଭୋକ୍ତା ସଂଘର ଆବାହକ ରମାକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ରବିବାର ସଧାରେ ଅନୁଷ୍ଠିତ ହୋଇଛି। ଆଲୋଚନାରେ ସାଲେପୁର ଡିଭିଜନ ବିଦ୍ୟୁତ ଉପଭୋକ୍ତା ସଂଘର ସଭାପତି ନନ୍ଦକିଶୋର ଭୂୟାଁ, ସଂପାଦକ ଗଗନ ବିହାରୀ ମିଶ୍ର, ସଭ୍ୟ ସୁରେନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇଥିଲେ। ଏହାଛଡା ଏହି ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସମାଜସେବୀ, ସାମ୍ବାଦିକ ଏବଂ ଉପଭୋକ୍ତା ମତ ପ୍ରକାଶ କରିଥିଲେ। ଉପଭୋକ୍ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଗଠନ କରାଯାଇଥିବା ସଂଘର ଆବାହକଭାବେ ରମାକାନ୍ତ ବେହେରା, ସଭାପତି ଭାବେ ଆଇନଜୀବୀ ଭାସ୍କର ଚନ୍ଦ୍ର ବେହେରା, ଉପସଭାପତି ଭାବେ ସରପଞ୍ଚ ଜୟଦେବ ରାଉତ, ସାଧାରଣ ସଂପାଦକ ଭାବେ ସରପଞ୍ଚ ହିଂମାଂଶୁ ନାରାୟଣ ମଲ୍ଲ, ସଂପାଦକ ଭାବେ ଗଗନ ବିହାରୀ ବରାଳ, କୋଷାଧ୍ୟକ୍ଷ ଭାବେ ଜ୍ୟୋତିରଂଜନ ସ୍ୱାଇଁଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଉପଦେଷ୍ଟା ଭାବେ ପ୍ରମୋଦ ପଣ୍ଡା, ରାଜେନ୍ଦ୍ର ପ୍ରସାଦ ମହାନ୍ତି ଓ ନିରଞ୍ଜନ ବେହେରାଙ୍କୁ ମନୋନୀତ କରାଯାଇଥିବା ବେଳେ ସଦସ୍ୟ ଭାବେ ପ୍ରଫୁଲ୍ଲ ଦାଶ, ଅରବିନ୍ଦ ପଣ୍ଡା, ସୀତାନାଥ ସିଂ, ବଲ୍ଲଭ ଚରଣ ପଲେଇ, ଆଶିଷ ପଣ୍ଡା, ଅଶୋକ ମହାପାତ୍ର, ମନୋଜ ଆଚାର୍ଯ୍ୟ, ମନୋଜ ମହାପାତ୍ର, ଜୀବନାନନ୍ଦ ଦାଶ, ବଳରାମ ସାହୁ, ମନମୋହନ ଓଝା, ଅଜୟ ସ୍ୱାଇଁ, ବିଶ୍ୱଜିତ୍ ରାଉତ, ସମୀର ସାହୁ, ବିଭୂପ୍ରସାଦ ଦ୍ୱିବେଦୀ, ଗୁରୁଚରଣ ନାୟକଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି।

# ଚ୍ୟାଲେଞ୍ଜ କପ୍ କ୍ରିକେଟ୍; ପୁରୁଣାପାରୀ ଚାମ୍ପିଅନ

**ନିଶ୍ଚିନ୍ତକୋଇଲି,୬।୧(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ବାହାବଳପୁର ଇଲେଭେନ୍ ଷ୍ଟାର କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ୨୫ତମ ବାର୍ଷିକ ବାହାବଳପୁର ଚ୍ୟାଲେଞ୍ଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ଗ୍ରାମାଞ୍ଚଳର ୮ଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ରାଇଜିଂ ଷ୍ଟାର କ୍ଲବ ସୁଙ୍ଗୁଡା ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭ ୱିକେଟ ହରାଇ ୧୧୮ ରନ୍ ସଂଗ୍ରହ କରିଥିଲା। ଜବାବରେ ପୁରୁଣାପାରୀ କ୍ରିକେଟ କ୍ଲବ ୭.୩ ଓଭରରେ ୧ ୱିକେଟ ହରାଇ ୧୨୨ ରନ୍ କରି ବିଜୟୀ ହୋଇଥିଲା। ଜିତେନ୍ଦ୍ର କାଣ୍ଡି ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଏବଂ ସେକ ରାମୁ ମ୍ୟାନ୍ ଅଫ୍ ଦି ସିରିଜ ହୋଇଥିଲେ। ସେକ୍ ନସିମ୍, ସେଖ ସଦାକତ୍ ଖେଳ ପରିଚାଳନା କରିଥିଲେ। ଯୁବନେତା ଜାକିର ଖାନଙ୍କ ପୌରହିତ୍ୟରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କାପ, ସମ୍ମାନିତ ଅତିଥିଭାବେ ସମାଜସେବୀ ସେଖ ନୁରୁଉଦ୍ଦିନ, ସରପଞ୍ଚ ଜୟଦେବ ରାଉତ, ସମିତିସଭ୍ୟ ପ୍ରଦୋଷ ସାହୁ, ଅବଦୁଲ ରକିବ୍ ଖାଁ, ଜାହାଙ୍ଗୀର ଖାଁ, ସେକ୍ ଏକବାଲ୍, ସେକ୍ ସରଫୁଦ୍ଦିନ ପ୍ରମୁଖ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସେକ୍ ଓଜେଫା ଓ ସେକ୍ ନସିମ୍‌ଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟକୁ ସେକ୍ ଅବଦୁଲ, ମହମ୍ମଦ ସଏଲ ଖାଁ ଓ ସମୀର ଖାଁଙ୍କ ସମେତ ଆସୋସିଏସନର ସମସ୍ତ ସଭ୍ୟ ସହଯୋଗ କରିଥିଲେ।




# ଆମ୍ବୁଲାନ୍ସ ମରାମତି ୱାର୍କସପ୍‌ରୁ ଚୋରି, ୩ ଗିରଫ

ଚୌଦ୍ୱାର,୬।୧(ସମିସ): ଚୌଦ୍ୱାର ଥାନା ଅନ୍ତର୍ଗତ କପାଳେଶ୍ୱରସ୍ଥିତ ଏକ ଆମ୍ବୁଲାନ୍ସ ମରାମତି ୱାର୍କସପ୍‌ରୁ ଯନ୍ତ୍ରପାତି ଚୋରି ଅଭିଯୋଗରେ ଚୌଦ୍ୱାର ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚୌଦ୍ୱାର ତଳବଜାର ଅଞ୍ଚଳର ସୁଶାନ୍ତ ବେହେରା (୨୧), ଏ.ମଧୁସୂଦନ ରେଡ୍ଡି (୨୦) ଏବଂ କାହ୍ନା ବେହେରା (୨୩)। ସେମାନଙ୍କ ନିକଟରୁ ବହୁ ପରିମାଣର ଆମ୍ବୁଲାନ୍ସ ଯନ୍ତ୍ରପାତି ପୁଲିସ ଉଦ୍ଧାର କରିଛି। ପୁଲିସ ସୂଚନା ଅନୁଯାୟୀ କଳିଙ୍ଗଛକରେ ଥିବା ଏମ୍‌ରି ଗ୍ରୀନ୍ ହେଲଥ ସର୍ଭିସ୍ ନାମକ ଏକ ୧୦୮ ଆମ୍ବୁଲାନ୍ସ ମରାମତି ଗ୍ୟାରେଜର ମ୍ୟାନେଜର ଉତ୍ତମ ତ୍ରିପାଠୀ ଗତ ନଭେମ୍ବର ୨୧ ତାରିଖରେ ଥାନାରେ ଅଭିଯୋଗ କରିଥିଲେ ଯେ ତାଙ୍କ ଗ୍ୟାରେଜରେ ମରାମତି ପାଇଁ ଥିବା ପ୍ରାୟ ୩୪ଟି ୧୦୮ ଆମ୍ବୁଲାନ୍ସ ମଧ୍ୟରୁ ୨୦ଟି ଆମ୍ବୁଲାନ୍ସରୁ ପ୍ରାୟ ଦେଢ଼ଲକ୍ଷ ଟଙ୍କା ମୂଲ୍ୟର ବହୁ ମାତ୍ରାରେ ଯନ୍ତ୍ରପାତି ଚୋରମାନେ ଚୋରେଇ ନେଇଛନ୍ତି। ତେବେ ଗତ ରବିବାର ରାତିରେ ପ୍ରାୟ ୫ଜଣ ଚୋର ଚୋରି ପାଇଁ ପୁଣି ଗ୍ୟାରେଜ ଭିତରେ ଥିବା ପାର୍କିଂରେ ପଶିଥିବାବେଳେ ଗ୍ୟାରେଜର ସିକ୍ୟୁରିଟି ଗାର୍ଡ଼ ଓ କର୍ମଚାରୀମାନେ ସେମାନଙ୍କୁ ଘେରିଯାଇ ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଧରିବାରେ ସଫଳ ହୋଇଥିବାବେଳେ ଅନ୍ୟ ଦୁଇଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିବାରେ ଗ୍ୟାରେଜ କର୍ମଚାରୀମାନେ ଧରିଥିବା ୩ ଜଣ ଚୋରଙ୍କୁ ପୁଲିସକୁ ହସ୍ତାନ୍ତର କରିଥିଲେ। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଚୌଦ୍ୱାର ମଣ୍ଡଳ ବିଜେପିର ସାଂଗଠନିକ ବୈଠକ

ଚୌଦ୍ୱାର,୬।୧(ସମିସ): ବିଜେପି ଚୌଦ୍ୱାର ମଣ୍ଡଳର ଏକ ସାଂଗଠନିକ ବୈଠକ ସ୍ଥାନୀୟ କଳା ପ୍ରକାଶିନୀ କ୍ଲବ୍‌ରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ମମତା ବେହରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଳର କଟକ ଜିଲ୍ଲା ପ୍ରଭାରୀ ଜ୍ଞାନଦେବ ବେଉରା ଏବଂ ବରିଷ୍ଠ ନେତା ନୟନ କିଶୋର ମହାନ୍ତି ଯୋଗଦେଇ ସଶକ୍ତ ମଣ୍ଡଳ ଗଠନ ପାଇଁ ସମସ୍ତ ବୁଥ୍ କମିଟି ଗୁଡ଼ିକୁ ତୁରନ୍ତ ଗଠନ କରି ପ୍ରତିମାସ ଏହାର ବୈଠକ କରାଇବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଉପସଭାପତି ଭାଗିରଥୀ ଦଳାଇ, ରାଜ୍ୟ ପରିଷଦ ସଦସ୍ୟ ଚିରଞ୍ଜିବୀ ଖଣ୍ଡାୟତରାୟ, ଜିଲ୍ଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ ହୋତା, କାଉନସିଲର ସୁଜାତା ସାହୁ, ସନ୍ତୋଷ ସାହୁ, ଦାମୋଦର ନାୟକ, ଅନୀଲ ଦଳାଇ, ବିଷ୍ଣୁଚରଣ ପରିଡ଼ା, ଚିନ୍ମୟ ବେହେରା, ସରିତା ଶୁକ୍ଳ, ସନ୍ତୋଷ ବେହେରା, ପ୍ରଶାନ୍ତ ବିଶ୍ୱାଳ, ସୁମିତ୍ରା ମହାନ୍ତି, ଶଚିକାନ୍ତ ନାୟକ, ପ୍ରଦୀପ ଦାସ, ସୁମିତ୍ରା ସାହୁ, ଅନୀତା ନାୟକ, ଲକ୍ଷ୍ମୀନାରାୟଣ ସାହୁ, ଗୌତମ ସାହୁ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଏଥିରେ ଯୋଗ ଦେଇଥିଲେ।

# ୧୯୮୩ ମ୍ୟାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ



**କନ୍ଦରପୁର,୬।୧(ସମିସ):** କଟକ ସଦର ଅନ୍ତର୍ଗତ ବିରିବାଟି ରତ୍ନାକର ବିଦ୍ୟାମନ୍ଦିରର ୧୯୮୩ ବ୍ୟାଚ ବନ୍ଧୁମିଳନର କାର୍ଯ୍ୟକ୍ରମ ବିରିବାଟି ମା'ତାରିଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ନମିତା ମହାନ୍ତି ଓ ସୌଦାମିନୀ ମହାନ୍ତିଙ୍କ ପରିଚାଳନାରେ ପ୍ରଭାତ ପତି, ମନୋଜ ସାହୁ, ବାବୁଲି ଭୋଇ, କିଶୋର ମୁଦୁଲି, ପ୍ରକାଶ ବେହେରା, କାଳିପଦ ଦାସ ପ୍ରମୁଖଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୪୩ ବର୍ଷ ପରେ ସମସ୍ତ ବନ୍ଧୁ, ବାନ୍ଧବୀମାନେ ସେମାନଙ୍କ ପରିବାର ସହ ଯୋଗଦେଇଥିଲେ। ଆଗାମୀ ଦିନରେ ଏହିଭଳି କାର୍ଯ୍ୟକ୍ରମ କରାଯିବ ବୋଲି ମତ ରଖିଥିଲେ। ଲକ୍ଷ୍ମୀଧର ରାଉତ ଧନ୍ୟବାଦ ଦେଇଥିଲେ।

# ନୂତନ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



**କିଶନନଗର,୬।୧(ସମିସ):** କଟକ ଜିଲ୍ଲା (ଗ୍ରାମୀଣ) ବିଜେପିର ସାଧାରଣ ସମ୍ପାଦକ ଭାବେ କିଶୋରନଗର ତହସିଲ ଅନ୍ତର୍ଗତ ସୋଗଲ ଗ୍ରାମର ଯୁବ ସଂଗଠକ ତଥା ସାମାଜିକ କର୍ମୀ ସନ୍ତୋଷ କୁମାର ରାଉତଙ୍କୁ ମନୋନୀତ କରାଯାଇଛି। ଶ୍ରୀ ରାଉତଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେହିପରି ନୂତନ ଭାବେ ମନୋନୀତ ହୋଇଥିବା କଟକ ଜିଲ୍ଲା (ଗ୍ରାମୀଣ) ବିଜେପି ଉପସଭାପତି ତ୍ରିଲୋଚନ ପାତ୍ରଙ୍କୁ ମଧ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଉପସଭାପତି ରମେଶ ରାଉତ, ସନ୍ତୋଷ ଭୂୟାଁ, ବିକ୍ରମ ସେଠୀ, ଅମୂଲ୍ୟ କର, ପ୍ରମୋଦ ନାୟକ, ମନୋରଞ୍ଜନ ରାଉତରାୟ, ରଞ୍ଜନ, ସ୍ମୃତି ରଞ୍ଜନ ମଲ୍ଲିକ, ମନୁ କାଣ୍ଡି, ପ୍ରଦୀପ୍ତ ବେହେରା, କିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଜେଏନ୍ କଲେଜରେ ଏନ୍‌ଏସ୍‌ଏସ୍ କର୍ମଶାଳା




ମାହାଙ୍ଗା,୬।୧(ସମିସ): କୁଆଁପାଳସ୍ଥିତ ଜବାହରଲାଲ ନେହରୁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ବିଜୟଲକ୍ଷ୍ମୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ପ୍ରାଧ୍ୟାପକ ଚିତ୍ତରଞ୍ଜନ ଦାସ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜାତୀୟ ସେବା ଯୋଜନାର ରାଜ୍ୟ ଉପଦେଷ୍ଟା ମଧୁସୂଦନ ଦାସ, ସମ୍ମାନିତ ଅତିଥି ଇଂରାଜୀ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଆଶିଷ ବରାଳ, ଏନ୍‌ଏସ୍‌ଏସ୍ ରାଜ୍ୟ ପୁରସ୍କାରପ୍ରାପ୍ତ ସ୍ୱେଚ୍ଛାସେବୀ ସୌମ୍ୟରଞ୍ଜନ ପଟେଲ, ନିୟାଜ ଅହମ୍ମଦ, ତୋଫାନ ପରିଡା, ଫରହାତ ଜାହାନ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ରୁଦ୍ରନାରାୟଣ ଦାଶ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀ ଅନିମେଶ ଜେନା ଧନ୍ୟବାଦ ଦେଇଥିଲେ।

# ୧୪ରୁ ସିଂହନାଥ ପୀଠରେ ପ୍ରସିଦ୍ଧ ମକର ମେଳା

**ବଡ଼ମ୍ବା,୬।୧(ସମିସ):**

କଟକ ଜିଲ୍ଲା ବଡ଼ମ୍ବା ବ୍ଲକ୍ ଅଧୀନରେ ଥିବା ପ୍ରସିଦ୍ଧ ଶ୍ରୀ ଶ୍ରୀ ସିଂହନାଥ ଦେବଙ୍କ ପୀଠରେ ଆସନ୍ତା ଜାନୁଆରୀ ୧୪ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଚାରି

## ପ୍ରଶାସନର ପ୍ରସ୍ତୁତି ଚୂଡ଼ାନ୍ତ; ଟି-ସେତୁରେ ଯାନବାହନ କଟକଣା

ଦିନ ବ୍ୟାପି ମକର ମେଳା ଅନୁଷ୍ଠିତ ହେବ। ଏହି ବାର୍ଷିକ ଯାତ୍ରାକୁ ଶୃଙ୍ଖଳିତ ଓ ସୁରୁଖୁରୁରେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ପୀଠ ପରିସରରେ ଥିବା ଓଟିଡିସି ବଙ୍ଗଳାଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଡ଼ମ୍ବା ଅତିରିକ୍ତ ତହସିଲଦାର ତଥା ଦେବୋତ୍ତର ଅଧିକାରୀ ସୁବାଷ ଚନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଏଥିସହ ବଡ଼ମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ଆଠଗଡ଼ ଡିଏସପି ବିଶ୍ୱଜିତ ମହାନ୍ତି, ବାଙ୍କୀ ଡିଏସପି ବାଳକୃଷ୍ଣ କହଁର ଏବଂ ବିଭିନ୍ନ ଥାନାର ଅଧିକାରୀଙ୍କ ସମେତ ବିଭିନ୍ନ ସରକାରୀ ବିଭାଗର ପଦାଧିକାରୀ ସାମିଲ ହୋଇଥିଲେ। ମେଳା ସମୟରେ ଶ୍ରଦ୍ଧାଳୁଙ୍କ ସୁବିଧା ଓ ସୁରକ୍ଷାକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଛି। ମନ୍ଦିର ଓ ବେଢ଼ାର ସାଜସଜ୍ଜା ସହିତ ମେଳାରେ ପ୍ରତ୍ୟେକ ଷ୍ଟଲ୍‌କୁ ବିଦ୍ୟୁତ ସଂଯୋଗ, ପାନୀୟ ଜଳ ଯୋଗାଣ ଏବଂ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ମେଳାରେ ହେବାକୁ ଥିବା ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଟି-ସେତୁ ଉପରେ ଚାରି ଦିନ ପର୍ଯ୍ୟନ୍ତ ଯାନବାହାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି ଏବଂ ସେତୁ ଉପରେ ବ୍ୟାରିକେଟ୍ ନିର୍ମାଣ କରାଯିବ। ମହାନଦୀ ପଠାରେ ଥିବା ଅସ୍ଥାୟୀ ପୋଲ ନିକଟରେ ଓଡ୍ରାଫ ଟିମ୍ ମୁତୟନ ରହିବେ ଏବଂ ମେଳାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯିବ। ସ୍ୱାସ୍ଥ୍ୟ, ବିଦ୍ୟୁତ, ଅଗ୍ନିଶମ, ପାନୀୟ ଜଳ ଓ ପୂର୍ତ୍ତ ବିଭାଗ ଭଳି ସମସ୍ତ ବିଭାଗୀୟ ଅଧିକାରୀ ମେଳା ପୂର୍ବରୁ ସମସ୍ତ କାର୍ଯ୍ୟ ସୂଚାରୁରୂପେ ଶେଷ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପୀଠର ସେବାୟତ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହଯୋଗରେ ଏହି ମକର ମେଳା ଏକ ସ୍ମରଣୀୟ ଉତ୍ସବ ହେବ ବୋଲି ଆଶା ପ୍ରକାଶ ପାଇଛି।



# ୧୯୮୯ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ



**ତିଗିରିଆ,୬।୧(ସମିସ):** ତିଗିରିଆ ନିଜିଗଡ଼ସ୍ଥିତ ପବିତ୍ର ମୋହନ ବିଦ୍ୟାପୀଠ ୧୯୮୯ ମାଟ୍ରିକ ବ୍ୟାଚର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆଠଗଡ ସନ୍ନିକଟ ଅଂଶୁପା ହ୍ରଦ କୂଳରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପ୍ରମୋଦ ପଣ୍ଡା, କୃତିବାସ ଖଟୁଆ, ଚନ୍ଦ୍ରମଣି ରାଉତ, ସୁରେଶ ସାହୁ, ବାନାମ୍ବର ଗୋଛି, କୃଷ୍ଣଚନ୍ଦ୍ର ଗୋଛି, ଅୟଶକାନ୍ତ ଦାଶ, ଶଙ୍କର ଦାସ, ପ୍ରକାଶ ମହାନ୍ତି, ତନ୍ମୟମିଶ୍ର, ଭାଗିରଥି ଦେହୁରୀ, ସୁଦାମ ସାହୁ, ପ୍ରମୋଦ ବେହେରା, ଦୁର୍ଗା ସାହୁ, ପ୍ରତାପ ପ୍ରଧାନ, ଅନ୍ତର୍ଯ୍ୟାମୀ ରାଉତ, ଅରୁଣ ଦାଶ, ପ୍ରଶାନ୍ତ ମହାପାତ୍ର, ମନୋଜ ମିଶ୍ର, ପ୍ରସନ୍ନ ଦାସ, ଅମର ମହନ୍ତ, ବିଦ୍ୟାଧର ପ୍ରଧାନ, ଦେବରାଜ ପ୍ରଧାନ, ଶୁଭ୍ରଜ୍ୟୋତି ପ୍ରହରାଜ, ଅମୃତାନନ୍ଦ ମହାପାତ୍ର, ହାର୍ଦ୍ଦିକ ଖାନ ପ୍ରମୁଖ ଯୋଗଦେଇଥିଲେ।

# କୃଷି ଯନ୍ତ୍ରପାତି ମେଳାରେ ବାସି ଟିଫିନ୍‌କୁ ନେଇ ଉତ୍ତେଜନା

ପାରଳାଖେମୁଣ୍ଡି,୬ ।୧(ସମିସ)



ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ୍‌ରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଆଞ୍ଚଳିକସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ବାସି ଟିଫିନ୍ ଦେବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ଆଜି ଉଦ୍‌ଘାଟନ ଉତ୍ସବ ଚାଲିଥିବା ସମୟରେ ଚାଷୀ ଓ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଟିଫିନ୍ ପ୍ୟାକେଟ ଦିଆଯାଇଥିଲା । ଯାହାକୁ ବାହାର କରି ସମସ୍ତେ ଖାଇବା ଆରମ୍ଭ କରିଥିଲେ । ଟିଫିନ୍ ପ୍ୟାକେଟ୍‌ରେ ଥିବା ବରା ବାସିଗନ୍ଧ ହୋଇଥିଲା । କେତେକ ନଖାଇ ଟିଫିନ୍ ପ୍ୟାକେଟ୍‌କୁ ରଖି ଦେଇଥିବା ବେଳେ ଅନେକ ଖାଇଥିଲେ ଏବଂ ଏନେଇ ଉପସ୍ଥିତ ବିଭାଗୀୟ କର୍ମଚାରୀଙ୍କୁ ଅଭିଯୋଗ କରିଥିଲେ । ଅଭିଯୋଗ କରିବା ସମୟରେ ବିଭାଗୀୟ କର୍ମଚାରୀମାନେ କହିଥିଲେ ଯେ ଯିଏ ଏହି ଟିଫିନ୍ ପ୍ୟାକେଟ ଦେଇଛି ତାକୁ ପଚାରାଯିବ ବୋଲି ଉତ୍ତର ରଖିଥିଲେ । ଏଭଳି ଉତ୍ତର ପାଇ ଅଭିଯୋଗ କରିଥିବା ଚାଷୀ ଓ ଉପସ୍ଥିତ ବ୍ୟକ୍ତି ବିଶେଷ ଉତ୍ତେଜିତ ହୋଇପଡିଥିଲେ । ଶେଷରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଯାଞ୍ଚ ଅଧିକାରିଣୀଙ୍କ ନିକଟରେ ଅଭିଯୋଗ ହୋଇଥିଲା । ତୁରନ୍ତ ଖାଦ୍ୟ ସୁରକ୍ଷା ଯାଞ୍ଚ ଅଧିକାରୀ ତପସ୍ୱିନୀ ବେହେରା ପହଞ୍ଚି ଅଭିଯୋଗକୁ ଶୁଣିବା ସହ ଖାଦ୍ୟ ପଦାର୍ଥକୁ ପରୀକ୍ଷା କରିଥିଲେ । ଏହାପରେ ଶ୍ରୀମତୀ ବେହେରା ଉତ୍ତର ରଖିଥିଲେ ଯେ ଏପରି ଏକ ବଡ ମେଳା ଆୟୋଜନ କରାଯାଉଥିଲେ ମଧ୍ୟ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ଏପରି କଥାବାର୍ତ୍ତା ସମୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଶେଷରେ କୃଷି ଯନ୍ତ୍ରପାତି ମେଳାରେ ମଞ୍ଚରେ ଯୋଗ ଦେଇଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ସମସ୍ତ ଅଭିଯୋଗକୁ ଶୁଣି ଜିଲ୍ଲାପାଳ ମୁନୀନ୍ଦ୍ର ହୋନାଗା ଉପସ୍ଥିତ ଖାଦ୍ୟ ନିରାପତ୍ତା ଅଧିକାରୀ ଶ୍ରୀମତୀ ବେହେରାଙ୍କୁ ସମସ୍ତ ଟିଫିନ୍ ପ୍ୟାକେଟ୍ ଜବତ କରିବା ସହ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଖାଦ୍ୟ ସୁରକ୍ଷା ନିରାପତ୍ତା ଅଧିକାରୀ ଶ୍ରୀମତୀ ବେହେରା ସମସ୍ତ ଟିଫିନ୍ ପ୍ୟାକେଟ୍‌କୁ ଜବତ କରିଥିଲେ । ଏନେଇ ସେ କହିଛନ୍ତି ଯେ ତଦନ୍ତ ଓ ଯାଞ୍ଚ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅନ୍ୟପକ୍ଷରେ ଏହି ମେଳାର ଆୟୋଜନରେ ଖାଦ୍ୟ ବ୍ୟବସ୍ଥାକୁ ନେଇ ଟେଣ୍ଡର ହୋଇଥିବାର ଶୁଣିବାକୁ ମିଳୁଛି । ଯଦି ଟେଣ୍ଡର ହୋଇଥାଏ ତେବେ ନିୟମ ପ୍ରକାରେ ରନ୍ଧାଖାଦ୍ୟକୁ ସେହି ସ୍ଥଳରେ ହିଁ ପ୍ରସ୍ତୁତ କରି ଦିଆଯିବା କଥା ହେଲେ ସହରର ଶ୍ରୀକୁଞ୍ଜ ନାମକ ଏକ ରେଷ୍ଟୁରାଣ୍ଟରୁ ଏପରି ଟିଫିନ୍ ପୁଡିଆ ଦିଆଯାଇଥିଲା । ଯାହାକୁ ନେଇ ନାନାଦି ଆଲୋଚନା ଜୋର୍ ଧରିଥିବା ବେଳେ ଚାଷୀଙ୍କୁ ବର୍ଷକୁ ଥରେ ଡାକି ମଧ୍ୟ ସଠିକ୍ ଖାଦ୍ୟ ଦିଆଯାଇନଥିବାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି ।ତେବେ ଏପରି ଅଭିଯୋଗ ପରେ ସନ୍ଧ୍ୟା ୫ ଘଣ୍ଟା ସମୟରେ ଖାଦ୍ୟ ସୁରକ୍ଷା ନିରାପତ୍ତା ଅଧିକାରୀ ଶ୍ରୀମତୀ ବେହେରାଙ୍କ ନେତୃତ୍ୱରେ ଶ୍ରୀ କୁଞ୍ଜ ରେଷ୍ଟୁରାଣ୍ଟକୁ ଯାଇ ଖାଦ୍ୟମାନ ଆଦି ଯାଞ୍ଚ କରିଥିଲେ । ରେଷ୍ଟୁରାଣ୍ଟ୍‌ରେ ଥିବା ସମସ୍ତ ଖାଦ୍ୟର ନମୁନା ସଂଗ୍ରହ କରାଯିବା ସହ ଏହାକୁ ପରୀକ୍ଷଣ ପାଇଁ ପଠାଇ ଦେଇଥିବା ସୂଚନା ଦେଇଛନ୍ତି । ଖାଦ୍ୟର ପରୀକ୍ଷଣ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ଗୋଷାଣି,୬ ।୧(ସମିସ): ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ଉପଲଡା ଗ୍ରାମର ଜଣେ ମହିଳା କୌଣସି ଏକ ବିଷାକ୍ତ ପଦାର୍ଥ ଖାଇ ଆତ୍ମହତ୍ୟା କରିଛନ୍ତି । ମହିଳା ଜଣକ ଉପଲଡା ଗ୍ରାମ ହରିଜନ ସାହିର ୱାଇ.ଡିଲ୍ଲୀ (୫୦) । ସେ ଗତକାଲି କୌଣସି କାରଣରୁ ବିଷାକ୍ତ ପଦାର୍ଥ ଖାଇଦେଇଥିଲେ । ପରିବାରବର୍ଗ ଜାଣିବା ପରେ ତାଙ୍କୁ ତୁରନ୍ତ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଚିକିତ୍ସାଧିନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ଆଜି ଗୁରାଣ୍ଡି ଥାନାରେ ଅଭିଯୋଗ ହେବା ପରେ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଥାନା ଅଧିକାରୀ ଓମ୍ ନାରାୟଣ ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଏନେଇ ଗୁରାଣ୍ଡି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ତଦନ୍ତ ଓ ଶବବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହେବ ବୋଲି ଏଏସ୍‌ଆଇ ଲଳିତା ରାଓ କହିଛନ୍ତି ।

## ୫୫୦ ପରିବାରକୁ ରାସନ ସାମଗ୍ରୀ ବଣ୍ଟନ



ଟିକାବାଲି,୬ା୧(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଅନ୍ତର୍ଗତ ପିକରଡ଼ି ପଞ୍ଚାୟତର ଗସାଗୁଡ଼ା ଗ୍ରାମରେ "ଅନନ୍ତ ଦୀପ୍ତି ଆଶା ଟ୍ରଷ୍ଟ' ପକ୍ଷରୁ ସମାଜର ଗରିବ ଓ ଅସହାୟ ଶ୍ରେଣୀର ଲୋକଙ୍କୁ ସହାୟତାର ହାତ ବଢ଼ାଇ ଟ୍ରଷ୍ଟ ପକ୍ଷରୁ ଅଞ୍ଚଳର ପ୍ରାୟ ୫୫୦ରୁ ଅଧିକ ପରିବାରକୁ ମାଗଣାରେ ଶୁଖିଲା ରାସନ କିଟ୍ ପ୍ରଦାନ କରାଯାଇଛି । ଏହି ସହାୟତା ପ୍ରଦାନ କାର୍ଯ୍ୟକ୍ରମରେ ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର ଏବଂ ରାଜ୍ୟ ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ଉପସଭାପତି ରାମବିଶି ଦିଗାଳ ଅତିଥି ଭାବେ ଯୋଗ ଦେଇଥିଲେ । ଦୁର୍ଗମ ଅଞ୍ଚଳରେ ଲୋକଙ୍କ ଦୁଃଖ ସମୟରେ ଛିଡ଼ା ହେବା ଟ୍ରଷ୍ଟର ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସ୍ଥାନୀୟ ଅଞ୍ଚଳର ହିତାଧିକାରୀ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ପାଇ ଟ୍ରଷ୍ଟ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଶୀତ ଉତ୍ସବ ପାଇଁ ସ୍ୱଚ୍ଛତା କାର୍ଯ୍ୟକ୍ରମ



ଦାରିଙ୍ଗବାଡି,୬ା୧(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ିରେ ଆସନ୍ତା ଗୁରୁବାର ଦିନ ଦାରିଙ୍ଗବାଡି ଶୀତ ମହୋତ୍ସବ ହେବାକୁ ଯାଉଛି । ଏହାକୁ ନେଇ ଆଜି ଦାରିଙ୍ଗବାଡିରେ ମିଳିତ ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇଥିଲା । ଏହି ମହୋତ୍ସବରେ ଦୈନିକ ହଜାର ହଜାର ସଂଖ୍ୟାରେ ଦର୍ଶକ, ପର୍ଯ୍ୟଟକଙ୍କ ଭିଡ଼ ଜମିବାକୁ ରହିଥିବାରୁ ପ୍ରଶାସନ ପକ୍ଷରୁ ପରିବେଶକୁ ଅଧିକ ଗୁରୁତ୍ୱ ଦିଆଯାଇଛି । କମିଟି ସଭାପତି ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ଏବଂ କମିଟି ସମ୍ପାଦକ ତଥା ବିଡ଼ିଓ ପ୍ରୀତିରଞ୍ଜନ ରଥ , ତହସିଲଦାର ଧିରଜ ପାତ୍ର , ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି ନିଜେ ହାତରେ ଝାଡୁ, ଝୁଡି ଧରି ଏହି ସଫେଇ କାର୍ଯ୍ୟ କରିଥିଲେ । ଦାରିଙ୍ଗବାଡିର ବ୍ଲକ କାର୍ଯ୍ୟାଳୟ ରୋଡ଼ ସମେତ ଚାରିଛକ, ବଜାର, ମହୋତ୍ସବ ପଡ଼ିଆ ଆଦି ସମସ୍ତ ଅଧିକାରୀଙ୍କ ସମେତ ସରକାରୀ ଓ ବେସରକାରୀ ସଂସ୍ଥା, ହୋଟେଲ ସଙ୍ଘ, ବଣିକ ସଙ୍ଘ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଅନ୍ତରଙ୍ଗ ଯୁବ ମହାସଂଘ, ଜାଗୃତି କର୍ମକର୍ତ୍ତା, ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା, ଅଞ୍ଚଳବାସୀ ସଫେଇରେ ସାମିଲ ହୋଇଥିଲେ ।

● ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସ୍ତରରେ ଅଦଳବଦଳ

## ବଦଳିଲେ ବିବାଦୀୟ ପ୍ରଧାନଶିକ୍ଷକ

ବାଲିଗୁଡ଼ା,୬ା୧(ସମିସ): କୋଟଗଡ଼ ବ୍ଲକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦୁର୍ଗପାଙ୍ଗାର ପ୍ରଧାନ ଶିକ୍ଷକ ଶରତ ସାହୁଙ୍କୁ ବଦଳି ହୋଇଛି । ଏ ନେଇ ଖୁସିବ୍ୟକ୍ତ କରିଛନ୍ତି ଅଞ୍ଚଳର ଜନ ପ୍ରତିନିଧି ସମେତ ଅଞ୍ଚଳବାସୀ । ସେ ତିନି ବର୍ଷରୁ ଅଧିକ ହେବ ଦୁର୍ଗାପାଙ୍ଗା ଆଶ୍ରମ ବିଦ୍ୟାଳୟ ଦାୟିତ୍ୱରେ ଥିଲେ । ହେଲେ ବର୍ଷେରୁ ଅଧିକ ହେବ ତାଙ୍କ ନାମରେ ସିସିଏ ଚୟନରେ ଅନିୟମିତତା ଓ ବିଦ୍ୟାଳୟରେ ବେଆଇନ କାର୍ଯ୍ୟ ନେଇ ଅଭିଯୋଗ ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସେ ସମସ୍ତ ସମସ୍ୟାର ସ୍ଥାୟୀ ସମାଧାନ ହୋଇ ନଥିବା ବେଳେ ପ୍ରଧାନଶିକ୍ଷକ ଶ୍ରୀ ସାହୁଙ୍କ ବଦଳି ହୋଇଥିବା ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନା ଯୋଗ୍ୟ ଯେ, କନ୍ଧମାଳ ଜିଲ୍ଲାରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ବିଭିନ୍ନ ସରକାରୀ ଆଶ୍ରମ ବିଦ୍ୟାଳୟର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକଙ୍କ ଅଦଳବଦଳ ବିଜ୍ଞପ୍ତି ଆଜି ପ୍ରକାଶ ପାଇଛି ।

## ଗୁମ୍ମା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ

ଗୁମ୍ମା,୬ ।୧(ସମିସ): ଗୁମ୍ମା ବ୍ଲକ ସଦର ମହକୁମା ଗୁମ୍ମା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ ଉଦଘାଟିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଲିଙ୍ଗରାଜ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁଲାରାମ ମାରାଣ୍ଡି, ତହସିଲଦାର ଶରତ ଶବର, ଗୋଷ୍ଠୀ ଶିକ୍ଷା ଅଧିକାରୀ ନୟନ ରଞ୍ଜନ ମଣ୍ଡଳ, ବିଦ୍ୟାଳୟରଏ ସିଏମସି ଅଧ୍ୟକ୍ଷ ମିହୀରଲାଲ ପାଣି, ସ୍ଥାନୀୟ ସମିତିସଭ୍ୟା ସିଗ୍ମ ରାଣୀ ଓ ବ୍ଲକ ଅଧ୍ୟକ୍ଷା ଯୋଗଦେଇ ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପ୍ରଦିପ ପ୍ରଜ୍ୱଳନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ୧୦ ଷ୍ଟଲ ପ୍ରଦର୍ଶନୀ ମେଳାରେ ପିଏମ ଶ୍ରୀ, ସଂସ୍କୃତି ଓ କଳା ,ବ୍ୟାଙ୍କ ସେବା ଏବଂ ସ୍ଥାନୀୟରେ ବେପାର ବଣିଜରେ ଉନ୍ନତି ଦିଗରେ ପ୍ରଦର୍ଶନ କରାଯାଇଥିଲା । ପ୍ରଦର୍ଶନୀ ମେଳାରେ ଏକାଦଶ ଶ୍ରେଣୀର ଛାତ୍ରୀ ଏମ ଗୌତମୀ, ସେହାନି ପାତ୍ର, ସାହିତ୍ୟ ଓ ସଂସ୍କୃତି ପଦର୍ଶନୀ ପାଇଁ ସିମରଣ ରାଜୁ, ପ୍ରତୁଷା ପାଳଙ୍କୁ ପୁରସ୍କୃତ କରାଯାଇଛି ।

ଗଦଗୁଡ଼ା ଅଞ୍ଚଳରେ ବଢୁଛି ଚୋରି

## ୩ ଟ୍ରାକ୍ଟର ଓ ୨ ଅଟୋରୁ ବ୍ୟାଟେରି ନେଇଗଲେ

ଜି.ଉଦୟଗିରି,୬ ।୧(ସମିସ): ଜି.ଉଦୟଗିରି ବ୍ଲକ ଗଦଗୁଡା ଅଞ୍ଚଳରେ ବ୍ୟାଟେରୀ ଚୋର ମାତିଛନ୍ତି । ଗତ ୫ ତାରିଖ ସୋମବାର ଭୋରରେ ଏହି ଅଞ୍ଚଳରେ ଏକ ବଡ଼ଧରଣର ଚୋରି ହୋଇଥିବା ଅଭିଯୋଗ ହୋଇଛି । ଦୁର୍ବୃତ୍ତ ଅତି ସନ୍ତର୍ପଣରେ ୪ ଟ୍ରାକ୍ଟର ଓ ଗୋଟିଏ ଅଟୋରୁ ବ୍ୟାଟେରୀ ଚୋରି କରି ନେଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ସୋମବାର ଭୋର ପ୍ରାୟ ୪ଟା ସମୟରେ ଏହି ଚୋରି ହୋଇଛି । ଗ୍ରାମବାସୀ ଶୋଇଥିବାର ସୁଯୋଗ ନେଇ ଦୁର୍ବୃତ୍ତ ଗାଡ଼ି ଗୁଡ଼ିକରୁ ବ୍ୟାଟେରୀ ଖୋଲି ନେଇଛନ୍ତି । ସକାଳେ ଗାଡ଼ି ମାଲିକମାନେ ଗାଡ଼ି ପାଖକୁ ଯିବା ପରେ ବ୍ୟାଟେରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ସୃଜନ ନାୟକଙ୍କ ଦୁଇଟି ଟ୍ରାକ୍ଟରରୁ ବ୍ୟାଟେରୀ ଚୋରି ହୋଇଛି । ଚିତ୍ତରଞ୍ଜନ ପ୍ରଧାନଙ୍କର ଗୋଟିଏ ଟ୍ରାକ୍ଟରରୁ ବ୍ୟାଟେରୀ ଚୋରି ହୋଇଛି । ଶ୍ରୀପତି ବାଘ ଓ ମହନ ଦିଗାଳ ଉଭୟଙ୍କ ଅଟୋରୁ ମଧ୍ୟ ବ୍ୟାଟେରୀ ଚୋରି ହୋଇଛି ।ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଅସନ୍ତୋଷ ପ୍ରକାଶ ପାଇଛି । ଚାଷ କାର୍ଯ୍ୟ ଓ ପରିବହନ ପାଇଁ ବ୍ୟବହୃତ ହେଉଥିବା ଗାଡ଼ିଗୁଡ଼ିକରୁ ବ୍ୟାଟେରୀ ଚୋରି ହେବା ଫଳରେ ମାଲିକଆର୍ଥିକ କ୍ଷତି ସହିବା ସହ ଚିନ୍ତାରେ ପଡ଼ିଛନ୍ତି । ଘଟଣା ସମ୍ପର୍କରେ ସ୍ଥାନୀୟ ଥାନାରେ ଅଭିଯୋଗ କରାଯାଇଛି । ପୁଲିସ ଏହି ମାମଲାରେ ତଦନ୍ତ କରି ଦୋଷୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି,୬ ।୧(ସମିସ): ଚଳିତ ବର୍ଷର ଜିଲ୍ଲା ସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡ଼ିଆରେ ପାଳିତ ହେବ । ପାଳନ ନେଇ ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନାଗାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ହୋଇଥିଲା । ଜିଲ୍ଲାପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଏଥିରେ ଯୋଗ ଦେଇଥିଲେ । ଏଥିରେ ଜନରାଜ୍ୟ ଦିବସ ପାଳନ ନେଇ ଆଲୋଚନା ହୋଇଥିଲା । ଜାତୀୟ ଉତ୍ସବ ପାଳନ ଦିନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରାତଃ ୪.୩୦ ଘଟିକା ସମୟରେ ସହରରେ ରାମଧୂନ ପରିବେଷଣ କରାଯିବ ଓ ସକାଳ ୬ ଘଟିକା ସମୟରେ ସହରରେ ଥିବା ସମସ୍ତ ବରପୁତ୍ର ମାନଙ୍କୁ ପୁଷ୍ପ ମାଲ୍ୟାର୍ପଣ କରାଯିବ । ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀୟଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ହେବ । ସହରର ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପରେଡ଼ରେ ଅଂଶଗ୍ରହଣ କରିପାରିବେ । ଏଥି ସକାଶେ ଜାନୁଆରୀ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ପାରେଡ଼ ଅଭ୍ୟାସ ଗଜପତି ଷ୍ଟାଡିୟମରେ ହେବ । ମୁଖ୍ୟ ଉତ୍ସବ ଦିନ ସକଳ ୮ଟା ୩୦ରେ ଗଜପତି ଷ୍ଟାଡିୟମ୍‌ରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରି ସମବେତ ପରେଡ଼ରେ ଅଭିବାଦନ ଗ୍ରହଣ କରିବେ ଓ ଅଭିଭାଷଣ ପ୍ରଦାନ କରିବେ । ବୈଠକରେ ତୃତୀୟ ବାଟାଲିୟନ ଗଜପତିର ସହକାରୀ କମାଣ୍ଡାଣ୍ଟ ସୁବଳ ସୋରେନ, ରିଜର୍ଭ ଇନ୍ସପେକ୍ଟର ଅଫ୍ ପୁଲିସ୍ ନିରଞ୍ଜନ ନାୟକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ପୌରପରିଷଦ ନିର୍ବାହୀ ଅଧିକାରୀ ପାରଳାଖେମୁଣ୍ଡି ଲକ୍ଷ୍ମଣ କୁମାର ମୁର୍ମୁଙ୍କ ସମେତ ସଂପୃକ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବିଦ୍ୟାଳୟ ଓ ମହା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ବ୍ୟାଙ୍କ ଶାଖା ପରିଚାଳକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ ।

## କନ୍ଧମାଳ ମହୋତ୍ସବ ପାଇଁ ଫିରିଙ୍ଗିଆରେ ମଶାଲ ଶୋଭାଯାତ୍ରା




ଫିରିଙ୍ଗିଆ,୬ା୧(ସମିସ):କନ୍ଧମାଳ ଜିଲ୍ଲା ମୁଖ୍ୟାଳୟ ଫୁଲବାଣୀ ଷ୍ଟାଡିୟମରେ ଆସନ୍ତା ସାତ ତାରିଖଠାରୁ ଜିଲ୍ଲାର ସଂସ୍କୃତି ପରମ୍ପରାକୁ ନେଇ ଅନୁଷ୍ଠିତ ହେବାକୁ ଯାଉଥିବା କନ୍ଧମାଳ ମହୋତ୍ସବ ପାଇଁ ଜିଲ୍ଲାର ବିଭିନ୍ନ ବ୍ଲକ ମୁଖ୍ୟାଳୟରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେଉଛି । ଏହି କ୍ରମରେ ଫିରିଙ୍ଗିଆ ବ୍ଲକରେ ମଧ୍ୟ ମଶାଲ ଶୋଭାଯାତ୍ରା ହୋଇଥିଲା । ମଙ୍ଗଳବାର ପୂର୍ବାହ୍ନରେ ବ୍ଲକ ପ୍ରଶାସନ ଓ ମହୋତ୍ସବ କମିଟି ପକ୍ଷରୁ ବ୍ଲକ ପରିସରରୁ ଅନୁଷ୍ଠାନିକ ଭାବରେ ମଶାଲକୁ ସ୍ୱାଗତ କରାଯିବା ପରେ ଶୋଭାଯାତ୍ରା ବାହାର କରାଯାଇଥିଲା । ବ୍ଲକ ପ୍ରଶାସନ ତରଫରୁ ଅଧ୍ୟକ୍ଷା ନମିତା କହଁରଙ୍କ ସମେତ ସମେତ ବ୍ଲକରେ କାର୍ଯ୍ୟରତ ଏପିଓ ସୁମନ୍ତ ଉଠାଣ ସିଂ, ଓଏଲଏମ ସଂଯୋଜକ ସଂଗ୍ରାମ ସାହୁ, ଜିପିଇଓ ସୁରଜ କଣ୍ଡୁଳନାଙ୍କ ସହ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଅତିଥି ଭାବରେ କଂସଦେବ ସାହୁ, ଯୁବ ନେତା ସ୍ୱେଚ୍ଛାସେବୀ ସଞ୍ଜୟ ଦିଗାଲ, ଜିଲ୍ଲା ପାରମ୍ପରିକ ଲୋକ କଳା ସଂଘ ସଭାପତି ଅକ୍ଷୟ କୁମାର କର୍ଣ୍ଣ, ପ୍ରଦୀପ ସାହୁ ଯୋଗ ଦେଇଥିଲେ ।

## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ



ପାରଳାଖେମୁଣ୍ଡି, ୬ ।୧ (ସମିସ) : ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ଅଧୀନରେ ଥିବା କ୍ଷୁଦ୍ର ଜଳସେଚନ ବିଭାଗ ଗଜପତି ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ ହୋଇଯାଇଛି । ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନର ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପାଣି ପଞ୍ଚାୟତର ଚାଷୀ ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ବଂଶଧାରା ଓ ନାଗାବଳୀ ଅଭିବାହକ ଏ. ରାମପ୍ରସାଦ ରାଓ, ଗଜପତି କ୍ଷୁଦ୍ର ଜଳସେଚନର ଅଧୀକ୍ଷକ ଯନ୍ତ୍ରୀ ସୀମାଞ୍ଚଳ ଶତପଥୀ, ଜଳସେଚନ ବିଭାଗର ଅଧୀକ୍ଷକ ଯନ୍ତ୍ରୀ ସରୋଜ କୁମାର ନାୟକ, ଗୋଷାଣି ପଞ୍ଚାୟତ ସମିତି ଅଧ୍ୟକ୍ଷ ଏନ୍.ବୀରରାଜୁ, କାଶୀନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ବାଲା ସାୟାମ୍ମା, ଜିଲ୍ଲାପରିଷଦ ସଭ୍ୟ ଏସ୍. ବାଲାରାଜୁ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟଅତିଥି ବିଧାୟକ ଶ୍ରୀ ପାଣିଗ୍ରାହୀ ପାଣି ପଞ୍ଚାୟତ ପକ୍ଷ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଅତିଥିମାନେ ପାଣି ପଞ୍ଚାୟତର ଭୂମିକା ଓ ଏହାର ସୁପରିଚାଳନ ନିମନ୍ତେ ବିଭାଗୀୟ ଅଧିକାରୀ ଓ କୃଷକମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ଏହି ଅବସରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ମାନଙ୍କର ଛାତ୍ର/ଛାତ୍ରୀଙ୍କ ଲାଗି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । କୃତି ଛାତ୍ର/ଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ କ୍ଷୁଦ୍ର ଜଳସେଚନ ବିଭାଗର ସରକାରୀ ନିର୍ବାହୀଯନ୍ତ୍ରୀ ଆଶିଷ ମଲ୍ଲିକ, ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ମୋହିତ ଆଚାର୍ଯ୍ୟଙ୍କ ସମେତ ସମସ୍ତ ଅଧିକାରୀ, କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

## ଜୀବନ ଜ୍ୟୋତି କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ



ରାଇକିଆ,୬ା୧(ସମିସ): ରାଇକିଆ ଜୀବନ ଜ୍ୟୋତି କଲେଜର ମଙ୍ଗଳବାର ବାର୍ଷିକ କ୍ରୀଡ଼ା ଉଦଘାଟିତ ହୋଇୟଛି । ଦୁଇଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପ୍ରିନସିପଲ୍ ଉମାକାନ୍ତ ରଥଙ୍କ ଅଧ୍ୟକ୍ଷତାରେ ହେଉଥିବା ବେଳେ ଅତିଥି ଭାବରେ ରାଇକିଆ ଥାନା ଅଧିକାରୀ ଆଶୁତୋଷ ପାଇକରାୟ, ରାଇକିଆ ସାଂସଦ ପ୍ରତିନିଧି ସନ୍ତୋଷ କୁମାର ଲେଙ୍କା ଯୋଗ ଦେଇ କ୍ରୀଡ଼ା କିପରି ଉତ୍ତମ ସ୍ୱାସ୍ଥ୍ୟ ଗଠନରେ ଶାରିରୀକ ଏବଂ ମାନସିକ ଭାବେ ସୁସ୍ଥ ରଖିଥାଏ ସେ ନେଇ କହିବା ସହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ମଶାଲ ଶୋଭାଯାତ୍ରାରେ ପ୍ରତିଯୋଗୀ ପହଞ୍ଚିବା ପରେ ପତାକା ଉତ୍ତୋଳନ କରାଯାଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରାଯାଇଥିଲା । କ୍ରୀଡ଼ା ଶିକ୍ଷକ ଡ଼ି ଜନସନ, କ୍ରୀଡ଼ା ବିଭାଗ ଉପ ସଭାପତି ତଥା ଅଧ୍ୟାପକ ପ୍ରମୋଦ କୁମାର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଲିଜାଲିନ୍ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅଧ୍ୟାପକ ସାରଙ୍ଗଧର ମାମ୍ବାଲାକା ଧନ୍ୟବାଦ ଅର୍ପଣ କରିଥିଲେ ।

## ୨ ଘଣ୍ଟିଆ ଓପିଡି ବନ୍ଦ ଡାକରା ଦେଲା ଓଡ଼ିଶା ମେଡିକାଲ ସେବା ସଂଘ




ବାଲିଗୁଡା,୬ା୧(ସମିସ): ଓଡ଼ିଶା ମେଡିକାଲ୍ ସର୍ଭିସେସ୍ ଆସୋସିଏସନ୍ (ଓଏମସା)ର ଡାକରାରେ କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡରେ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରଙ୍କ ଦାବି ପୂରଣ ନହେବାରୁ ସରକାରୀ ହସ୍ପିଟାଲ ଗୁଡ଼ିକରେ ସୋମବାରଠାରୁ ପ୍ରତିଦିନ ଦୁଇ ଘଣ୍ଟା ଅର୍ଥାତ ସକାଳ ୯ ଟାରୁ ୧୧ ଟାପର୍ଯ୍ୟନ୍ତ ବାହାର ରୋଗୀ ବିଭାଗ (ଓପିଡି) ବନ୍ଦ ରଖିଛନ୍ତି । ଯାହା ଫଳରେ ରୋଗୀ ସେବା ଏବଂ ଅନ୍ୟାନ୍ୟ ସେବାକୁ ପ୍ରଭାବିତ ହୋଇଛି । ରାଜ୍ୟ ସରକାର ଡାକ୍ତରଙ୍କ ପଦୋନ୍ନତି, ଦରମା ବୃଦ୍ଧି ଏବଂ କର୍ମକ୍ଷେତ୍ରରେ ସୁରକ୍ଷା ସମେତ ଡାକ୍ତରଙ୍କ ଦାବି ପୂରଣ କରିବାରେ ବିଫଳ ହେବା ପରେ ଓମସା ଏହି ନିଷ୍ପତ୍ତି ନେଇଛି । ଏହି ସମୟରେ, ଜୁନିଅର ଡାକ୍ତର ସଂଘ ଓମସାର ନିଷ୍ପତ୍ତିକୁ ସମର୍ଥନ ଜଣାଇଛି । ଯଦି ସେମାନଙ୍କ ଦାବି ପୂରଣ ନ ହୁଏ ତେବେ ଆହୁରି ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି । ଏ ସମ୍ପର୍କରେ ବାରଖମା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କୁ ପଚାରିବାରୁ ଆମେ ଆମର ଦାବି ବିଷୟରେ ସରକାରଙ୍କୁ ଜଣାଇଛୁ ଏବଂ ଜନସାଧାରଣ ମଧ୍ୟ ଓପିଡି ବନ୍ଦ ବିଷୟରେ ଅବଗତ ଅଛନ୍ତି । ଆମର ଉଦ୍ଦେଶ୍ୟ ରୋଗୀମାନଙ୍କୁ ଅସୁବିଧାରେ ପକାଇବା ନୁହେଁ ଏବଂ ଯେକୌଣସି ଅପ୍ରୀତିକର ଘଟଣା ପାଇଁ ସରକାର ଦାୟୀ ରହିବେ ।

କାଣୀପେନୁରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ

## ବିଶିପଡ଼ା ନଦୀରେ ବନ୍ଧ ବାନ୍ଧି ପାଣି ଯୋଗାଇ ଦେବାକୁ ଦାବି

ଫିରିଙ୍ଗିଆ,୬ା୧(ସମିସ)



କନ୍ଧମାଳ ଜିଲ୍ଲାରେ ଚାଷୀଙ୍କୁ ସଚେତନତା ଉଦେଶ୍ୟରେ ଜିଲ୍ଲାସ୍ତରରେ ପାଣି ପଞ୍ଚାୟତ ରଥର ଉଦଘାଟନ ହୋଇଥିବା ବେଳେ ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତ ଅନ୍ତର୍ଗତ କାଣୀପେନୁ ଘାଇ ନିକଟରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଛି । କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ନିରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏବଂ କ୍ଷୁଦ୍ର ଜଳସେଚନ ବିଭାଜନ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କ୍ଷୁଦ୍ର ଜଳସେଚନ ମଣ୍ଡଳ, ଫୁଲବାଣୀ ମୁଖ୍ୟଯନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ଉଦଘାଟନ କରିଥିଲେ । ଅନ୍ୟ ଅତିଥିଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଗୁଣନିଧି ପରିଡା, କ୍ଷୁଦ୍ର ଜଳସେଚନ ଉପ ବିଭାଗ ବାଲିଗୁଡା ସହକାରୀ ନିର୍ବାହୀଯନ୍ତ୍ରୀ ଦୁର୍ଯ୍ୟୋଧନ ବେହେରା, ବିଭାଗୀୟ ହିସାବ ରକ୍ଷକ ଅମ୍ରିତ ବେହେରା, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଗୋଲକ କହଁର, ବିଧାୟକ ପ୍ରତିନିଧି ପ୍ରଶାନ୍ତ କମ୍ପ ଓ ଶିବ ସାହୁ ଯୋଗ ଦେଇଥିଲେ ।

କନ୍ଧମାଳ ଜିଲ୍ଲାରେ ମୋଟ ୫୧ କ୍ଷୁଦ୍ର, ମଧ୍ୟମ, ଏବଂ ମେଗା ପ୍ରକଳ୍ପ ରହିଛି । ଜିଲ୍ଲାରେ ଏହି ପାଣି ପଞ୍ଚାୟତର ସୁପରିଚାଳନା ପାଇଁ ପକ୍ଷ ପାଳନ ୬ ତାରିଖ ଠାରୁ ଆରମ୍ଭ ହୋଇ ଜିଲ୍ଲାସ୍ତରରେ ୧୩ ତାରିଖ ଏବଂ ରାଜ୍ୟସ୍ତରରେ ୨୦ ତାରିଖରେ ସମାପ୍ତ ହେବ । ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଫିରିଙ୍ଗିଆ ବ୍ଲକ ସମେତ କନ୍ଧମାଳ ଜିଲ୍ଲାର ବିଭିନ୍ନ ପାଣି ପଞ୍ଚାୟତର ସଭାପତି, ସମ୍ପାଦକ, କମିଟି ସଦସ୍ୟ ଏବଂ ଚାଷୀ ଉପସ୍ଥିତ ଥିଲେ । ଉପସ୍ଥିତ ଅଧିକାରୀ ପାଣିର ସୁପରିଚାଳନା ନେଇ ଚାଷୀମାନଙ୍କୁ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ ଫୁଲବାଣୀ ବ୍ଲକ ବିଶିପଡା ଚାଷୀ ବିଶିପଡା ନଦୀରେ ପାଣି ପାଇଁ ବନ୍ଧ ବାନ୍ଧି ଚାଷୀଙ୍କୁ ପାଣି ଯୋଗାଇଦେବାକୁ ଦାବି କରିଥିଲେ । ବିଭାଗ ଦ୍ୱାରା ପୂର୍ବରୁ ଜଳର ସୁପରିଚାଳନା ନେଇ ବିଭିନ୍ନ ପ୍ରତିଯୋଗିତା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିଲା । କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ବିଭାଗର ସେକ୍ସନ ଅଫିସର ଗୋଲକ ବିହାରୀ ସାହାଣୀ ପରିଚାଳନା କରିଥିବା ବେଳେ ରତଙ୍ଗ ପଞ୍ଚାୟତ ର ଚାଷୀ ଏବଂ ବିଭାଗ ର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

**ଜିଇଡି ଲାଗି ବଦନାମ ଏମକେସିଜି**

# ରୋଗୀଙ୍କ ଅସ୍ତ୍ରୋପଚାର ବେଳେ ବିଦ୍ୟୁତ୍ ବିଭ୍ରାଟ




ବ୍ରହ୍ମପୁର,୬।୧(ସମିସ): ଏମକେସିଜି ମେଡ଼ିକାଲ କର୍ତ୍ତୃପକ୍ଷ ଏବଂ ପରିଚାଳନା ବ୍ୟବସ୍ଥା ସଠିକ ଥିବା ସତ୍ତ୍ୱେ ସାଧାରଣ ବିଦ୍ୟୁତ ବିଭାଗ(ଜିଇଡ଼ି) ଅଧିକାରୀଙ୍କ କାର୍ଯ୍ୟରେ ଅବହେଳା କାରଣରୁ ପୁଣିଥରେ ମେଡ଼ିକାଲ ଜିଲ୍ଲା ତଥା ରାଜ୍ୟରେ ବଦନାମ ହୋଇଛି। ମେଡ଼ିକାଲର ସର୍ଜରୀ ବିଭାର ଅଧୀନରେ ଥିବା ଜରୁରିକାଳୀନ ଅସ୍ତ୍ରୋପଚାର କକ୍ଷ(ଓଟି)ରେ ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ସମୟରେ ବିଦ୍ୟୁତ ବିଚ୍ଛିନ୍ନ କାରଣରୁ କିଛି ସମୟଧରି ପୂରା ଓଟି ଅନ୍ଧାର ହୋଇଥିଲା। ଫଳରେ ରୋଗୀଙ୍କ ଅସ୍ତ୍ରୋପଚାର ସମେତ ଚିକିତ୍ସାରେ ସମସ୍ୟା ଉପୁଜିଥିବା ଜଣାପଡ଼ିଛି। ଚିକିତ୍ସା ବିଜ୍ଞାନରେ ରୋଗୀଙ୍କ ଅସ୍ତ୍ରୋପଚାର ସମୟରେ ପ୍ରତିଟି ମୁହୂର୍ତ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି। ଏଭଳି ସମୟରେ ଓଟିରେ ବିଦ୍ୟୁତ ଯିବା ସହ କୋଠା ପୂରା ଅନ୍ଧାର ହେବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ସୂଚନାଯୋଗ୍ୟ ଯେ, ରାୟଗଡ଼ା ଜିଲ୍ଲା ପଦ୍ମପୁରର ପ୍ରଶାନ୍ତ ସାହୁଙ୍କ ପେଟରେ ଯନ୍ତ୍ରଣା ଅନୁଭବ ହୋଇଥିବା ବେଳେ ପରିବାର ପକ୍ଷରୁ ତାଙ୍କୁ କିଛିଦିନ ପୂର୍ବେ ଏମକେସିଜି ମେଡ଼ିକାଲର ସର୍ଜରୀ ବିଭାଗରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଚିକିତ୍ସା ବେଳେ ପ୍ରଶାନ୍ତଙ୍କ ଖାଦ୍ୟ ନଳୀରେ ଏକ ଛିଦ୍ର ରହିଥିବା ଜଣିବାକୁ ପାଇଥିଲେ। ବିଭିନ୍ନ ପରୀକ୍ଷା ପରେ ରୋଗୀଙ୍କୁ ଅସ୍ତ୍ରୋପଚାର ନିମନ୍ତେ ଡାକ୍ତର ସ୍ଥିର କରିଥିବା ବେଳେ ମଙ୍ଗଳବାର ରୋଗୀଙ୍କୁ ଅସ୍ତ୍ରୋପଚାର ନିମନ୍ତେ ସକାଳ ସମୟରେ ଓଟିକୁ ନେଇଥିଲେ। ତେବେ ରୋଗୀଙ୍କ ଅସ୍ତ୍ରୋପଚାର ସମୟରେ ହଠାତ୍ ବିଦ୍ୟୁତ ବିଭ୍ରାଟ ଦେଖାଦେଇଥିଲା। ଓଟିରେ ଲାଗିଥିବା ୟୁପିଏସ (ଅବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ) କିଛି ବର୍ଷ ହେବ ସଠିକ ଭାବେ କାର୍ଯ୍ୟ କରିନଥିଲା। ଫଳରେ ଏଭଳି ବିଦ୍ୟୁତ ବିଭ୍ରାଟ ହୋଇଥିବା ଜଣାପଡିଛି। ଏହା କିଛି ସମୟ ପରେ ଓଟିକୁ ବିଦ୍ୟୁତ୍ ସଂଯୋଗ ହୋଇଥିବା ଜଣାପଡ଼ିଛି। ସାଧାରଣତଃ ବିଦ୍ୟୁତ କାଟ ପରେ ମେଡ଼ିକାଲର ବିଭିନ୍ନ କୋଠାକୁ ଡ଼ିଜି ଦ୍ୱାରା ବିଦ୍ୟୁତ ପ୍ରଦାନ କରାଯାଇଥାଏ। ବିଦ୍ୟୁତ ବିଭାଗ ପକ୍ଷରୁ ବିଦ୍ୟୁତ ବିଚ୍ଛିନ୍ନ ଏହା ପରେ ଡ଼ିଜି ସାହାଯ୍ୟରେ ବିଦ୍ୟୁତ ସଂଯୋଗ ମଧ୍ୟରେ ଯେଉଁ ସମୟର ଲାଗିଥାଏ। ଏହି ସମୟରେ ୟୁପିଏସ ଦ୍ୱାରା କୋଠାକୁ ବିଦ୍ୟୁତ ଯୋଗାଣ କରାଯାଇଥାଏ। କିନ୍ତୁ ଦୀର୍ଘ ବର୍ଷ ହେବ ଜିଇଡ଼ି ଅଧିକାରୀଙ୍କ ପକ୍ଷରୁ ମେଡ଼ିକାଲର ସର୍ଜରୀ ବିଭାଗ କୋଠାରେ ଲାଗିଥିବା ୟୁପିଏସର ଆବଶ୍ୟକ ମୁତାବକ ରକ୍ଷଣାବେକ୍ଷଣ କରାଯାଇନଥିବା ଅଭିଯୋଗ ହୋଇଛି। ପୂର୍ବରୁ ମଧ୍ୟ ବିଦ୍ୟୁତ ସମସ୍ୟାରୁ କିଛି ଘଣ୍ଟା ପୁରା ସର୍ଜରୀ କୋଠା ଅନ୍ଧାର ହୋଇପଡ଼ିଥିଲା। ଏଭଳି ଭାରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟରେ ଅବହେଳାକୁ ନେଇ ଏମକେସିଜି ମେଡ଼ିକାଲ ରାଜ୍ୟ ସ୍ତରରେ ବଦନାମ ହେଉଥିବା ନଜର ରହିଛି। ଅନ୍ୟପକ୍ଷରେ ସର୍ଜରୀ ବିଭାର ଜରୁରିକାଳୀନ ଅସ୍ତ୍ରୋପଚାର କକ୍ଷର ହୋଇଥିବା ବିଦ୍ୟୁତ ବିଭ୍ରାଟ ସମ୍ପର୍କରେ ଜିଇଡିକୁ ଅବଗତ କରାଯାଇଛି। ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ଆବଶ୍ୟକ ପଦେକ୍ଷପ ଗ୍ରହଣ କରିବାକୁ କୁହାଯାଇଥିବା ଏମକେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀ କହିଛନ୍ତି।

**ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ**

## ରେସ୍ତୋରାଁ ଉପରକୁ ବୋମାମାଡ଼; ଦୁର୍ବୃତ୍ତ ଚମ୍ପଟ



ବ୍ରହ୍ମପୁର,୬।୧(ସମିସ): ବ୍ରହ୍ମପୁରରେ ଦିନକୁ ଦିନ ସକ୍ରିୟ ହେବାକୁ ଲାଗିଛନ୍ତି ଅପରାଧୀ ଗୋଷ୍ଠୀ। ସୋମବାର ସନ୍ଧ୍ୟାରେ ବଡବଜାର ଥାନା ଅନ୍ତର୍ଗତ ଗ୍ରାମଦେବତୀ ସାହିର ଏକ ମଦ ଦୋକାନ ନିକଟରେ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ମରଣାନ୍ତକ ଆକ୍ରମଣ ହୋଇଥିବା ବେଳେ ରାତି ପ୍ରାୟ ସାଢ଼େ ୧୦ଟା' ସମୟରେ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଥିବା ଏକ ରେଷ୍ଟରାଣ୍ଟ ଉପରକୁ ଦୁର୍ବୃତ୍ତମାନେ ବୋମାମାଡ କରିଛନ୍ତି। ଘଟଣାକୁ ନେଇ ସେଠାରେ ଉପ ସ୍ଥିତ ଗ୍ରାହକ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ବୋମାର ଅଂଶବିଶେଷକୁ ସଂଗ୍ରହ କରିବା ସହ ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ସୁବାରାଓ ଛକ ନିକଟରେ ଥିବା ଅଲିଭ୍ ରେଷ୍ଟୁରାଣ୍ଟ ଉପରକୁ ଲକ୍ଷ୍ୟ କରି ବୋମାମାଡ ହୋଇଥିବା ଜଣାପଡିଛି। ଗତ ରାତିରେ ଉକ୍ତ ରେଷ୍ଟୁରାଣ୍ଟରେ ଗ୍ରାହକମାନେ ବସିଥିବା ବେଳେ ବାହାରେ ପ୍ରଚଣ୍ଡ ଶବ୍ଦ ଶୁଣିବାକୁ ମିଳିଥିଲା। ପରେ ରେଷ୍ଟୁରାଣ୍ଟ ମ୍ୟାନେଜର ଓ କର୍ମଚାରୀମାନେ ବାହାରକୁ ଆସି ବୁଝିବା ବେଳେ ଦୁଇଜଣ ଯୁବକ ବାଇକରେ ଆସି ବୋମା ଫୋପାଡି ଚମ୍ପଟ ମାରିଥିବା ଜାଣିବାକୁ ପାଇଥିଲେ। ରେଷ୍ଟୁରାଣ୍ଟ ମାଲିକଙ୍କ ସହ କୌଣସି ଶତ୍ରୁତା ଅଥବା ଅନ୍ୟ କୌଣସି କାରଣରୁ ଦୁର୍ବୃତ୍ତମାନେ ସେଠାରେ ବୋମାମାଡ କରିଥିଲେ ସେ ନେଇ ପୁଲିସ ଏବେ ଛାନଭିନ ଚଳାଇଛି।

## ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି



ବ୍ରହ୍ମପୁର,୬।୧(ସମିସ): ଚଳିତ ବର୍ଷ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ବ୍ରହ୍ମପୁର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ଦିନରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ସମ୍ପର୍କିତ ଆଲୋଚନା କରାଯାଇଥିଲା। ଉକ୍ତ ଦିନ ପ୍ରତ୍ୟୁଷ ୫ଘଣ୍ଟରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ବ୍ରହ୍ମପୁର ସହରରେ ରାମଧୁନ ପରିବେଷଣ କରାଯିବ। ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକରେ ସକାଳ ୭ଘଣ୍ଟାରେ ପତାକା ଉତ୍ତୋଳନ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ସେହିପରି ସକାଳ ୮.୩୦ମିନିଟ୍‌ରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ୍ ଠାରେ ଆନୁଷ୍ଠାନିକ ଭାବେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ପ୍ୟାରେଡ୍ ଅଭ୍ୟାସ ନିମନ୍ତେ ଚଳିତମାସ ୨୨ରୁ ୨୪ତାରିଖ ପୂର୍ବାହ୍ନ ୭.୩୦ମିନଟରେ ଅଭ୍ୟାସ କରାଯିବା ନିମନ୍ତେ ସ୍ଥିର କରାଯାଇଛି। ୭୭ତମ ସାଧାରଣତନ୍ତ୍ର ଦିବସ ନିମନ୍ତେ ଆସନ୍ତା ୯ତାରିଖରେ ଓଡ଼ିଆ ରଚନା ପ୍ରତିଯୋଗିତା, ୧୦ତାରିଖରେ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ୧୧ତାରିଖରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଗୁଡିକ ଉପଜଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସକାଳ ୮ଘଣ୍ଟା ସମୟରେ ଆୟୋଜିତ ହେବ ବୋଲି ସୂଚନା ପ୍ରଦାନ କରାଯାଇଛି। ବୈଠକରେ ଡେପୁଟି କଲେକ୍ଟର ସୁବ୍ରତ ରାମ ବିରାମ ଶତପଥି, ଡିଏସପି ପ୍ରତିଭା ମାଝୀ, ଆରଆଇ ଏମ୍. ଲକ୍ଷ୍ମୀ ରଞ୍ଜନ, ସୂଚନା ଓ ଲୋକସମ୍ପର୍କ ବିଭାଗର କର୍ମଚାରୀ ଲୋକନାଥ ଶତପଥୀ ଓ ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ଯୁବକଙ୍କୁ ଆକ୍ରମଣ କରି ଲୁଟ୍; ୫ଗିରଫ

ବ୍ରହ୍ମପୁର,୬।୧(ସମିସ): ମଦ ପିଇବାକୁ ଟଙ୍କା ନ ଦେବାରୁ ଏକାଧିକ ଯୁବକଙ୍କୁ ଆକ୍ରମଣ କରିବା ସେମାନଙ୍କର ମୋବାଇଲ, ସୁନା ଚେନ ଓ ଟଙ୍କା ଲୁଟ୍ କରିବା ଅଭିଯୋଗରେ ଟାଉନ ଥାନା ପୁଲିସ ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବଡ଼ ବଜାର ବଡ଼ ରେଡିକା ସାହିର ଏମ ସାଇ(୨୧), ଶଙ୍କର ସେଠୀ(୨୩), ଦୀପକ ସେଠୀ(୨୩), ବି ରାଜେଶ(୨୩) ଓ ଅନିଲ ସେଠୀ(୨୧)। ପୁଲିସ ଅଭିଯୁକ୍ତଙ୍କଠାରୁ ମୋବାଇଲ ଓ ନଗଦ ଏକ ହଜାର ଟଙ୍କା ଜବତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ନୂତନବର୍ଷ ରାତିରେ ଚନ୍ଦ୍ରପ୍ରଭା ସାହି ନିବାସୀ ନିରଞ୍ଜନ ପାତ୍ର ଓରଫ ନିରୁ(୩୬)ଙ୍କ ମାଆ ଦେହ ଖରାପ ଥିବା ଖବର ଶୁଣି ତାଙ୍କ ଘରକୁ ନିରଞ୍ଜନଙ୍କର ଦୁଇ ସାଙ୍ଗ କାଳିଆ ସାହୁ ଓ ରବି ନାରାୟଣ ପଣ୍ଡା ତାଙ୍କ ଘରକୁ ଆସିଥିଲେ। କିଛି ସମୟରେ ଘରେ ରହିବା ପରେ କାଳିଆ ଓ ରବିଙ୍କୁ ଛାଡ଼ିବା ପାଇଁ ନିରଞ୍ଜନ ଯାଉଥିବା ବେଳେ ଏହି ୩ଜଣଙ୍କୁ ୧୦ଜଣ ଯୁବକ ଅଟକାଇ ମଦ ପିଇବାକୁ ଟଙ୍କା ମାଗିଥିଲେ। ସେମାନେ ଟଙ୍କା ନ ଦେବାରୁ ସମ୍ପୃକ୍ତ ଯୁବକମାନେ ଗାଳି ଗୁଲଜ କରିବା ସହ ମାରପିଟ କରିଥିଲେ। ଏପରିକି ଲୁହା ପଞ୍ଚରେ ନିରଞ୍ଜନଙ୍କୁ ଆକ୍ରମଣ କରିଥିଲେ। ଏହାଦେଖି ନିରଂଜନଙ୍କ ସାଙ୍ଗ କାଳିଆ ଓ ରବି ପ୍ରତିବାଦ କରିଥିଲେ। ପରେ ନିରଞ୍ଜନ ପିନ୍ଧିଥିବା ୨୦ ଗ୍ରାମର ସୁନା ଚେନପର୍ସରୁ ୨୫୦୦ଟଙ୍କା ଓ ରବିର ମୋବାଇଲକୁ ସେମାନେ ଛଡ଼ାଇ ନେଲେ। ଦୁର୍ବୃତ୍ତଙ୍କ ଆକ୍ରମଣରେ ନିରଞ୍ଜନ ଗୁରୁତର ଆହତ ହୋଇଥିଲେ। ନିରଞ୍ଜନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପରେ ଘଟଣାକୁ ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ରଞ୍ଜିତ କୁମାର ଦାଶ ଓ ଅନ୍ୟ ପୁଲିସ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ଆଜି ଉପରୋକ୍ତ ୫ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବା ସହ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୋଜୁଥିବା ଜଣାପଡ଼ିଛି।

## ଭେନିଜୁଆଲା ଉପରେ ଆକ୍ରମଣ: ସିପିଏମ ପକ୍ଷରୁ ପ୍ରତିବାଦ




ବ୍ରହ୍ମପୁର,୬।୧(ସମିସ): କମାପଲ୍ଲୀ ଛକଠାରେ ସିପିଏମ ପକ୍ଷରୁ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଯାଇଛି। ଭେନିଜୁଆଲା ଉପରେ ଆମେରିକାର ଆକ୍ରମଣ ବନ୍ଦକର ଏବଂ ରାଷ୍ଟ୍ରପତି ନିକୋଲାସ ମାଦୁରା ଓ ପତ୍ନୀଙ୍କୁ ଅତିଶୀଘ୍ର ମୁକ୍ତିକର ନିମନ୍ତେ ଏହି ପ୍ରତିବାଦ ସଭାରେ ଦାବି କରାଯାଇଥିଲା। ଏଭଳି ଅଗଣତାନ୍ତ୍ରିକ କାର୍ଯ୍ୟର ତୀବ୍ର ସମାଲୋଚନା କରି ଟ୍ରମ୍ପଙ୍କୁ ଏକ ବିଶ୍ୱ ସନ୍ତ୍ରାସବାଦୀବାଦୀ ବୋଲି ସିପିଏମ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା ଦାବି କରିଥିଲେ। ଭେନିଯୁଆଲର ତୈଳ ସମ୍ପଦ ଓ ମୂଲ୍ୟବାନ ଖଣିଜ ସମ୍ପଦ ଲୁଟିବା ପାଇଁ ଏକ ସୁପରିକଳ୍ପିତ ଯୋଜନା କରାଯାଇଛି। ଏକ ସ୍ୱାଧୀନ ରାଷ୍ଟ୍ରର ରାଷ୍ଟ୍ରପତି ଓ ତାଙ୍କ ପତ୍ନୀଙ୍କୁ ସାମରିକ ବାହିନୀ ଲଗାଇ ଅପହରଣ କରିବା ଏବଂ ତାଙ୍କ ବିରୋଧରେ ନିଶାକାବାର ଅଭିଯୋଗ ଆଣିବା ଅତ୍ୟନ୍ତ ନିନ୍ଦନୀୟ ଓ ଏହା ଘୋଷିତ ଜାତିସଂଘର ନିୟମର ଖୋଲା ଉଲଂଘନ ହୋଇଥିବା ପାର୍ଟି ପକ୍ଷରୁ ଅଭିଯୋଗ ହୋଇଛି। ତେଣୁ ଅତିଶୀଘ୍ର ରାଷ୍ଟ୍ରପତି ମାଦୁରା ଓ ତାଙ୍କ ପତ୍ନୀଙ୍କୁ ମୁକ୍ତି କରିବା ସହିତ ଭେନିଜୁଆଲବାସୀଙ୍କୁ ମୁକ୍ତ ଭାବେ ତାଙ୍କର ଶାସନ ଚଳାଇବା ଅଧିକାର ଦେବା ପାଇଁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ଗୋପାଳ ପାଣିଗ୍ରାହୀ, ଗୋକୁଳ ତ୍ରିପାଠୀ, ଲୋକନାଥ ଖୁଣ୍ଟିଆ, ହରି ନାହାକ, ରାଜା ରାଓ, ଚିଟି ବାବୁ, ମଧୁ ବେହେରା, କେଶବ ଗୌଡ଼, ଶ୍ରୀନିବାସ ଦାସ, ମୋହନ ରାଓ ଓ ପୁରୁଷୋତ୍ତମ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଗୋପାଳପୁର ଏନଏସିରେ ଦୁର୍ନୀତିର ଗନ୍ଧ: ଆପ୍ ପକ୍ଷରୁ ବିକ୍ଷୋଭ; ଭିଜିଲାନ୍ସ ତଦନ୍ତ ଦାବି

ବ୍ରହ୍ମପୁର,୬।୧(ସମିସ): ଗୋପାଳପୁର ଏନଏସିର ଦୁର୍ନୀତି ଓ ମନମୁଖୀ ଶାସନ ଓ ଅଫିସର ରାଜ ଓ ସରକାରୀ ଅର୍ଥର ବାଟ ମାରଣା, ଅନିୟମିତତା ଓ ଘୋଟାଲା ଏବଂ ଜନପ୍ରତିନିଧିଙ୍କୁ ଧମକ, ସୂଚନା ଦେବାରେ ଅବହେଳା ଓ ତଥ୍ୟ ଲୁଚେଇବା ଆଦି ବିଭିନ୍ନ ଅଭିଯୋଗ କରି ଆମ ଆଦମୀ ପାର୍ଟି ବିକ୍ଷୋଭ ପ୍ରଦର୍ଶନ କରିଛି। ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପାର୍ଥୀ ତଥା ଗଞ୍ଜାମ ଜିଲ୍ଲା ଯୁବ ସଭାପତି ନୀଳକଣ୍ଠ ରେଡିଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀନିବାସ ରେଡ଼ି, ରାଜ୍ୟ ସଂଗଠନ ସମ୍ପାଦକ କଲ୍ୟାଣ ଆନନ୍ଦ, ଜିଲ୍ଲା ସମ୍ପାଦକ ଆଦିତ୍ୟ ରଥ, ଜିଲ୍ଲା ଯୁବ ଉପ ସଭାପତି ଶିବ ରେଡ୍ଡୀ, ସାଧାରଣ ସମ୍ପାଦକ ଅଜାମ୍ବିଲ ବିଶ୍ୱାଳ, ମନୋଜ ରେଡିଙ୍କ ସମେତ ବହୁ କର୍ମୀ ଉପସ୍ଥିତ ରହି ପ୍ରତିବାଦ କରିଥିଲେ। ତତପରେ ଏକ ଦାବିପତ୍ର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ବେଣିଆଙ୍କୁ ପ୍ରଦାନ କରିଥିଲେ।

## ଟିପିଏସ୍‌ଓଡିଏଲ୍ ତରଫରୁ 'ଉଲ୍ଲାସ-୨୦୨୬'

ବ୍ରହ୍ମପୁର,୬।୧(ସମିସ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ତରଫରୁ ଏହାର ସ୍ଥାପନା ଦିବସ ଓ ବାର୍ଷିକ କର୍ମଚାରୀ ମେଳା- ଉଲ୍ଲାସ ୨୦୨୬ ପାଳନ କରାଯାଇଛି। ଏହି ବାର୍ଷିକ ଉତ୍ସବରେ ସମସ୍ତ କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗ ସାମିଲ ହୋଇଥିଲେ। ଟିପିଏସ୍‌ଓଡିଏଲ୍ ତରଫରୁ ଏହି ଉତ୍ସବ ବ୍ରହ୍ମପୁରଠାରେ କର୍ପୋରେଟ ଅଫିସ, ସିଟି ସର୍କଲ, ବ୍ରହ୍ମପୁର ସର୍କଲ ଓ ଆସିକା ସର୍କଲର କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ନେଇ ଆୟୋଜିତ ହୋଇଥିଲା। ସେହିପରି ରାୟଗଡ଼ା ସର୍କଲ, ଭଞ୍ଜନଗର ସର୍କଲ ଏବଂ ଜୟପୁର ସର୍କଲର କର୍ମଚାରୀମାନଙ୍କୁ ନେଇ ବିଭିନ୍ନ ସ୍ଥାନରେ ଉଲ୍ଲାସ -୨୦୨୬ ପାଳନ କରାଯାଇଛି। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କର୍ପୋରେଟ ଅଫିସ, ସିଟି ସର୍କଲ, ବ୍ରହ୍ମପୁର ସର୍କଲ ଓ ଆସିକା ସର୍କଲକୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉପସ୍ଥିତ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କ ସହ ଏଥିରେ ସାମିଲ ହୋଇଥିଲେ। ଚଳିତବର୍ଷ ଏହି ଉତ୍ସବର ବିଷୟବସ୍ତୁ ରହିଥିଲା "ସଂସ୍କୃତିର ତରଙ୍ଗ"। ଯେଉଁଥିରେ ଭାରତର ସମୃଦ୍ଧ ଏବଂ ବିବିଧତାରେ ପରିପୂର୍ଣ୍ଣ ସଂସ୍କୃତି ଓ ଐତିହ୍ୟକୁ ପ୍ରଦର୍ଶିତ କରାଯାଇଥିଲା। ବିଶେଷଭାବେ ଓଡ଼ିଶାର ମହାନ ସାଂସ୍କୃତିକ ପରମ୍ପରା ତଥା ଓଡ଼ିଶୀ ନୃତ୍ୟ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହୋଇଥିଲା। ଯାହା ଏହି ଉତ୍ସବକୁ ଆହୁରି ମନୋରମ କରିଥିଲା। ଏ ଅବସରରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, "ଆମ କର୍ମଚାରୀମାନେ ହେଉଛନ୍ତି ଟିପିଏସ୍‌ଓଡିଏଲର ପ୍ରମୁଖ ଶକ୍ତି। ଆମ ସଂସ୍କୃତି ଓ ପରସ୍ପର ପ୍ରତି ଥିବା ସମ୍ମାନର ପ୍ରତିଫଳନ ହେଉଛି ଉଲ୍ଲାସ। ଟିପିଏସ୍‌ଓଡିଏଲ୍ ତାର ଏହି ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଯାତ୍ରାରେ ପାଞ୍ଚ ବର୍ଷ ପୂରଣ କରିଛି। ଏ ଅବସରରେ ଆମେ ସଭିଏଁ ଏକାଠି ହୋଇ ଭରସାଯୋଗ୍ୟ ଏବଂ ସ୍ଥାୟୀ ବିଜୁଳି ଶକ୍ତି ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ। ଉଲ୍ଲାସ -୨୦୨୬ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଖେଳ ଏବଂ ବହୁ ଆମୋଦ ପ୍ରଦାୟକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବ ଟିପିଏସ୍‌ଓଡିଏଲର କର୍ମଚାରୀମାନଙ୍କ ମଧ୍ୟରେ ଥିବା ବନ୍ଧନକୁ ସୁଦୃଢ଼ କରିବା ସହ ସେମାନଙ୍କ ପରିବାରବର୍ଗଙ୍କ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ହୋଇ ରହିବ।




## ନିର୍ମାଣ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

ବ୍ରହ୍ମପୁର,୬।୧(ସମିସ): ସ୍ଥାନୀୟ ଗାନ୍ଧୀ ନଗର ସ୍ଥିତ ବିଧାୟକଙ୍କ କାର୍ଯ୍ୟାଳୟରେ ବିଧାୟକ କେ ଅନିଲ କୁମାର ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ପାଇଁ ରାଜ୍ୟ ସରକାରଙ୍କ ଠାରୁ ପ୍ରାପ୍ତ ହୋଇଥିବା ବିଧାୟକ ହାତ ପାଣ୍ଠି ଓ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିର କାର୍ଯ୍ୟକାରିତା ଓ ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ସମ୍ପ୍ରତି ସମୁଦାୟ ୨୧୨ ଗୋଟି ପ୍ରକଳ୍ପ ପାଇଁ ୧୭କୋଟି ଟଙ୍କା ବ୍ୟୟ ଅଟକଳ ବିନିମୟର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ଅନେକ ପ୍ରକଳ୍ପ ଶେଷ ହୋଇ ଯାଇଥିବା ବେଳେ କିଛି ଚାଲୁ ମଧ୍ୟ ରହିଛି। ୨୦୨୫/୨୬ ବର୍ଷରେ ୫୮ଗୋଟି ପ୍ରକଳ୍ପ ଆରମ୍ଭ ହେବାକୁ ଲକ୍ଷ୍ୟ ରଖାଯାଇଛି। ସବୁ କାର୍ଯ୍ୟ ଆସନ୍ତା ମାର୍ଚ୍ଚ ୩୧ସୁଦ୍ଧା ଶେଷ କରିବାକୁ ବ୍ରହ୍ମପୁର ମହାନଗର ନିଗମକୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ଅନୁଷ୍ଠିତ ବୈଠକରେ ମହାନଗର ନିଗମର ଅଧିକ୍ଷଣ ଯନ୍ତ୍ରୀ ଇଂ ମନୋଜ କୁମାର ପାତ୍ର, ନିର୍ବାହୀ ଯନ୍ତ୍ରୀ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଗଣ ଉପସ୍ଥିତ ଥିଲେ।



## ଯୁବକଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍

ବ୍ରହ୍ମପୁର,୬।୧(ସମିସ): ଯୁବକଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍ କରିବା ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଲେ ଧାନମେରା ସାହିର ଅରୁଣ ମୁଖୀ (୨୫)। ସୂଚନାଯୋଗ୍ୟ ଯେ, ଗେଟବଜାର ଅଞ୍ଚଳରେ ରହୁଥିବା ଗୋବିନ୍ଦ ସେଠୀ ଆସିକା ରୋଡ଼ ନିକଟରେ ଥିବା ଏକ ଦୋକାନରେ କାମ କରେ। ନୂତନ ବର୍ଷ ରାତି ସାଢ଼େ ୧୦ଟା ସମୟରେ ଅରୁଣ ନାମକ ଜଣେ ଯୁବକ ସମ୍ପୃକ୍ତ ଦୋକାନକୁ ଆସି ଆସି ବିଭିନ୍ନ ଧମକ ଚମକ ଦେବା ସହ ଗୋବିନ୍ଦ ଧରିଥିବା ୬ହଜାର ଟଙ୍କା ଝାମ୍ପି ନେଇଥିଲା। ଗତ ୨ତାରିଖ ସକାଳେ ଅରୁଣ ଖଣ୍ଡା ଧରି ଗୋବିନ୍ଦଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ଘଟଣାକୁ ନେଇ ଗୋବିନ୍ଦ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଅଭିଯୁକ୍ତ ଅରୁଣଙ୍କୁ ଗିରଫ କରିଛି।

# ୧୫୬ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ୨ ଗିରଫ

ବ୍ରହ୍ମପୁର, ୬।୧ (ସମିସ): ବ୍ରହ୍ମପୁର ଓ ଉପକଣ୍ଠରେ ଦିନକୁ ଦିନ ଉଭୟ ନୀଳ ଓ ଧଳା ଜହରର କାରବାର ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟ ବାହାରକୁ ଚୋରା ଚାଲାଣ ପାଇଁ ଟ୍ରେନ ଏକ ମାଧ୍ୟମ ହୋଇଥିବା ବେଳେ ବିଷ କାରବାରର ସୁଗମ କରିଡର ପାଲଟିଛି ଦକ୍ଷିଣଓଡିଶାର ଏହି ଉପକୂଳ ଅଞ୍ଚଳ। ସେପଟେ ନିୟମିତ ବ୍ୟବଧାନରେ ଉଭୟ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ମଧ୍ୟ ଚଢଉ କରାଯାଇ ଗଞ୍ଜେଇ ଓ ବ୍ରାଉନସୁଗାର ଜବତ କରିବା ସହ ଅନେକଙ୍କୁ ଜବତ ମଧ୍ୟ କରାଯାଇଛି। ଉଭୟ କାରବାରରେ ଯୁବଗୋଷ୍ଠୀଙ୍କ ସମ୍ପୃକ୍ତି ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଗଞ୍ଜାମ ସମେତ ପଡୋଶୀ ଜିଲ୍ଲାରେ ବିପୁଳ ପରିମାଣର ଗଞ୍ଜେଇ ଚାଷକୁ ନଷ୍ଟ କରାଯାଉଛି। ଏଭଳି ପରିସ୍ଥିତିରେ ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ୧୫୬ଗ୍ରାମ ବ୍ରାଉନସୁଗର ଜବତ ସହ ଘଟଣାରେ ୨ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ଦୁଇଜଣ ହେଲେ କବିସୂର୍ଯ୍ୟନଗରର ନରେଶ ଦଳେଇ (୩୦) ଓ ରାକେଶ ସ୍ୱାଇଁ(୨୯)। ନରେଶ ଓ ରାକେଶ ଉଭୟେ ଗତ କିଛିଦିନ ପୂର୍ବରୁ କବିସୂର୍ଯ୍ୟନଗରରୁ ଏକ ବାଇକ ଯୋଗେ ଆସି ବ୍ରହ୍ମପୁର ରେଳଷ୍ଟେସନରେ ବାଇକକୁ ରଖିଦେଇ ଟ୍ରେନରେ ଭଦ୍ରକ ଚାଲିଯାଇଥିଲେ। ସେଠାରୁ ୧୫୬ଗ୍ରାମ ଓଜନର ବ୍ରାଉନସୁଗର ସହ ଟ୍ରେନ ଯୋଗେ ବ୍ରହ୍ମପୁର ଫେରିଥିଲେ। ବ୍ରହ୍ମପୁରରୁ ବାଇକ ଯୋଗେ ନିଜ ଅଞ୍ଚଳ ତଥା କବିସୂର୍ଯ୍ୟନଗରକୁ ଯିବାକୁ ଉଦ୍ୟମ କରୁଥିବା ବେଳେ ବ୍ରହ୍ମପୁର ରେଳ ଷ୍ଟେସନ ନିକଟରେ ହିଁ ଉଭୟଙ୍କୁ କାବୁ କରିଥିଲା ଅବକାରୀ ଗୁଇନ୍ଦା ବିଭାଗ। ଉଭୟଙ୍କ ବ୍ୟାଗ ଯାଞ୍ଚ କରି ସେଥିରୁ ୧୫୬ଗ୍ରାମ ଓଜନର ବ୍ରାଉନସୁଗାର ଉଦ୍ଧାର ହୋଇଥିଲା। ଅଭିଯୁକ୍ତଙ୍କ ଠାରୁ ଗୋଟିଏ ବାଇକ୍ ଓ ଗୋଟିଏ ମୋବାଇଲ ଜବତ କରିଛି ଅବକାରୀ ବିଭାଗ। ଉଭୟ ନରେଶ ଓ ରାକେଶ ୫ହଜାର ଟଙ୍କା ପାଇଁ ଏଭଳି ବ୍ରାଉନସୁଗର ଚାଲାଣ କରୁଥିବା ନେଇ ଅବକାରୀ ଗୁଇନ୍ଦା ବିଭାଗ ନିକଟରେ ସ୍ୱୀକାର କରିଛନ୍ତି। ଉଭୟଙ୍କୁ କବିସୂର୍ଯ୍ୟନଗର ଅଞ୍ଚଳରେ ରହୁଥିବା ଅନ୍ୟଜଣେ ଯୁବକ ତଥା କିଙ୍ଗପିନ୍ ବ୍ରାଉନସୁଗର ଚାଲାଣରେ ନିୟୋଜିତ କରିଥିବା ଜଣାପଡିଛି।

ଉଭୟଙ୍କୁ ପୂର୍ବରୁ ଧରିବାରେ ଅବକାରୀ ବିଭାଗ ବିଫଳ ହୋଇଥିବା ବେଳେ ବର୍ତ୍ତମାନ ସଫଳତା ମିଳିଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୮ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଉପ ଅଧିକ୍ଷକ ଶ୍ରୁତିକାନ୍ତ ରାଉତ କହିଛନ୍ତି।



SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ ସ୍କାନ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/19 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 ଅନୁସାରେ) |
|---|---|---|
| ଉପାଧ୍ୟକ୍ଷ (ନିବେଶକ ସମ୍ପର୍କ) | 1 | 50 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 03.01.2026 ରୁ 23.01.2026 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 03.01.2026
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

## ମଣ୍ଡି ପାଇଁ ଧାନ କିଣା କମିଟି ବୈଠକ

# ଚାଷୀଙ୍କୁ ଘାରିଛି ଝୋଟ ଅଖା ଚିନ୍ତା



କବାଟବନ୍ଧ,୬।୧(ସମିସ): ଚଳିତ ବର୍ଷ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଧାନ ମଣ୍ଡି ଖୋଲିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଧର୍ମଶାଳା ବ୍ଲକର ବିଭିନ୍ନ ସମବାୟ ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେଉଥିବା ମଣ୍ଡିରୁ ଧାନ କ୍ରୟ କରାଯିବ। ସୋମବାର ଏହି ପରିପ୍ରେକ୍ଷୀରେ ବ୍ଲକର ମଧୁସୂଦନପୁର ସେବା ସମବାୟ ସମିତି, ତାଳଜଙ୍ଗ ସେବା ସମବାୟ ସମିତି, ରେଖିଦେଇପୁର ସେବା ସମବାୟ ସମିତି ଏବଂ ଏଣ୍ଡଲବା ସେବା ସମବାୟ ସମିତିରୁ ଚାଷୀ ମାନଙ୍କ ଠାରୁ ଧାନ କ୍ରୟ କରାଯିବା ନେଇ ସୋସାଇଟ ଲେଭୁଲ ପ୍ରୋକ୍ୟୁଅରମେଣ୍ଟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର, ଯୋଗାଣ ଅଧିକାରୀ ତପସ୍ୱିନୀ ବିଶ୍ୱାଳ, ଏରିଆ ଅଫିସର ପ୍ରଭୁକଲ୍ୟାଣ ମଲ୍ଲିକ, ବଳରାମପୁର -୨ ରାଜସ୍ୱ ନିରୀକ୍ଷକ ସନ୍ଦୀପ କୁମାର ମହାନ୍ତି, ରେଖିଦେଇପୁର ରାଜସ୍ୱ ନିରୀକ୍ଷକ ମଧୁସୂଦନ ହାଇବ୍ରୁ ଏବଂ ଅନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ତାଳଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ହୋଇଥିବା ଏହି ବୈଠକରେ ମଣ୍ଡି ସୁପରିଚାଳନା ପାଇଁ ବିଭିନ୍ନ ଅଧିକାରୀଙ୍କୁ ନେଇ ଗଠନ ହୋଇଥିବା ଏହି କମିଟିର ସଦସ୍ୟ ଏବଂ ସ୍ଥାନୀୟ ଚାଷୀ ମାନେ ଉପସ୍ଥିତ ଥିଲେ। ଚାଷୀ ମାନଙ୍କ ପାଖରୁ କିଭଳି ଧାନ କ୍ରୟ କରାଯିବ ଏବଂ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ସରକାରଙ୍କ ନିୟମ ଅନୁସାରେ ଚାଷୀମାନଙ୍କ ଠାରୁ ଏଫଏକ୍ୟୁ ଗୁଣର ତଥା ଶୁଖିଲା, ଅଶୁଦ୍ଧତା, ଆର୍ଦ୍ରତା, ପରିପକ୍ୱ ଏକ ରଙ୍ଗ ଆଦି ମାନଦଣ୍ଡ ପୂରଣ କରୁଥିବା ଧାନକୁ ଚାଷୀମାନେ ମଣ୍ଡିରେ ଦେଇପାରିବେ ବୋଲି ଅବଗତ କରାଯାଇଥିଲା। ଏହା ଛଡ଼ା ଚାଷୀମାନେ ମଧ୍ୟ ନିଜର ଅସୁବିଧା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଠିକ ସମୟରେ ଗାଡ଼ି ଆସୁ ନ ଥିବା କାରଣରୁ ଚାଷୀ ମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ସମୟ ଅପେକ୍ଷା କରିବା ସହିତ ମଣ୍ଡିରେ ଧାନକୁ ଜଗିବାକୁ ମଧ୍ୟ ପଡୁଥିବା କହିଥିଲେ। ସେହିପରି କମ ଟୋକନ ମଧ୍ୟ ଅନ୍ୟ ଏକ ମୁଖ୍ୟ ସମସ୍ୟା ତଥା ଚାଷୀମାନଙ୍କ ପାଇଁ ଏକ ପ୍ରତିବନ୍ଧକ ସାଜିଛି। ଏହା ବ୍ୟତୀତ ମିଲରମାନେ ଜରି ଅଖାରେ ଧାନ ନେବେ ନାହିଁ ବୋଲି ଚରମ ବାଣୀ ଶୁଣାଇବା ପରେ ଏବେ ଚିନ୍ତାରେ ଚାଷୀ। ବହୁ ପୂର୍ବରୁ ଚାଷୀମାନେ ଜରି ଅଖାରେ ଧାନ ପ୍ୟାକେଟ କରି ମଣ୍ଡିରେ ଦେବା ପାଇଁ ଟଙ୍କା ଖର୍ଚ୍ଚ କରି ସାରିଛନ୍ତି। ଅଚାନକ ଝୋଟ ଅଖାରେ ଧାନ ନେବେ ବୋଲି ମିଲର କହିବା ପରେ ଏହା ଚାଷୀଙ୍କ ଚିନ୍ତା ବଢାଇଛି। ପୁଣି ଟଙ୍କା ଖର୍ଚ୍ଚ ସହିତ ସମୟ ନଷ୍ଟ କରି ଝୋଟ ଅଖାରେ ପ୍ୟାକେଟ କରିବା ଚାଷୀଙ୍କ ପାଇଁ ସହଜ ହେବ ନାହିଁ ବୋଲି ଚାଷୀମାନେ ମତ ପ୍ରକାଶ କରିଥିଲେ। ତେବେ ଆସନ୍ତା ୭ ତାରିଖରୁ ଧାନ ମଣ୍ଡି ଆରମ୍ଭ ହେବ ବୋଲି କମିଟି ନିଷ୍ପତ୍ତି ନେଇଛି। ମାତ୍ର ଏତେ କମ ସମୟ ମଧ୍ୟରେ କେମିତି ଏହା ସମ୍ଭବ ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ବୈଠକରେ ଧାନକିଣା କମିଟିର ରହିଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ୍ୟ କୃଷି କର୍ମୀ, ଉଭୟ ସୋସାଇଟର ସମ୍ପାଦକ, ସ୍ଥାନୀୟ ଜନ ପ୍ରତିନିଧି ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## ● ଓଲଟିଲା ସ୍କୁଲ ଅଟୋ

# ଚାଳକ ସମେତ ୫ ଛାତ୍ରଛାତ୍ରୀ ଗୁରୁତର

ଦଶରଥପୁର,୬।୧(ସମିସ): ଦଶରଥପୁର ଥାନା ବାଳଦା ନିକଟରେ ମଙ୍ଗଳପୁରରେ ଥିବା ଆଇଡିଆଲ ପବ୍ଲିକ ଘରୋଇ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଫେରୁଥିବା ଅଟୋ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଉକ୍ତ ଅଟୋରେ ବସିଥିବା ୭ ଜଣ କୁନି ଛାତ୍ରଛାତ୍ରୀଙ୍କ ସମେତ ଅଟୋ ଚାଳକ ଆହତ ହୋଇଥିଲେ। ସେହି ରାସ୍ତା ଦେଇ ଯାଉଥିବା ଦଶରଥପୁର ଥାନାର ଜଣେ ଗୃହରକ୍ଷୀ ଘଟଣାକୁ ଦେଖି ଆହତ ଛାତ୍ରଛାତ୍ରୀ ଓ ଅଟୋ ଚାଳକଙ୍କୁ ଉଦ୍ଧାର କରି ପ୍ରଥମେ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆହତଙ୍କ ମଧ୍ୟରୁ ୪ଜଣ ଛାତ୍ରଛାତ୍ରୀଙ୍କ ସମେତ ଅଟୋ ଚାଳକ



ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ହେବାରୁ ଦଶରଥପୁର ପୁଲିସ ସମସ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଇଥିଲା। ଅପରପକ୍ଷେ ଦଶରଥପୁର ବ୍ଲକ ଅଞ୍ଚଳରେ ଥିବା ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକରେ କୋମଳମତି ପିଲାଙ୍କୁ ନେବା ଆଣିବାରେ ବ୍ୟବହୃତ ହେଉ ଥିବା ଗାଡ଼ିଗୁଡ଼ିକର ଚାଳକ ବେପରୁଆ ଭାବେ ଗାଡି ଚାଳନା କରୁଥିବାରୁ ଅଟୋରେ ଯାତାୟାତ କରୁଥିବା ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକ ନିଜକୁ ଅସୁରକ୍ଷିତ ମଣୁଥିବା ଅଭିଯୋଗ ହୋଇଛି।

# ରାଜ୍ୟ ନିର୍ବାଚନ କମିଶନରଙ୍କ ଯାଜପୁର ଗସ୍ତ



ଯାଜପୁର,୬।୧(ସମିସ): ଆଜି ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ଯାଜପୁର ଜିଲ୍ଲାଗସ୍ତରେ ଆସି ଜିଲ୍ଲାପାଳ ଏବଂ ବିଭାଗୀୟ ଅଧିକାରୀଙ୍କ ସହ ଆଗାମୀ ପଞ୍ଚାୟତ ନିର୍ବାଚନ-୨୦୨୭ କୁ ନେଇ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ଯାଜପୁର ଜିଲ୍ଲାପାଳ ଓ୍ୱର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଯାଜପୁର ଓ ବ୍ୟାସନଗର ପୌର ପରିଷଦ ନିର୍ବାହୀ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଏବଂ ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଉପସ୍ଥିତ ଥିଲେ। କମିଶନର ଶ୍ରୀ ପାଢ଼ୀ ଯାଜପୁର ଜିଲ୍ଲାର ଜନସଂଖ୍ୟା ପରିସଂଖ୍ୟାନ, ୱାର୍ଡମେମ୍ବର, ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟ, ସମିତି ସଭ୍ୟଙ୍କ ଆରକ୍ଷଣ, ନିର୍ବାଚିତ ପ୍ରତିନିଧିଙ୍କ ଶୂନ୍ୟସ୍ଥାନ, ବାଲାଟ ବାକ୍ସ ମହଜୁଦ, ମୋଟ ବୁଥ ସଂଖ୍ୟା ଇତ୍ୟାଦି ବିଷୟରେ ସମୀକ୍ଷା କରିଥିଲେ। ଏହାସହ ଗତ ୨୦୨୨ ପଞ୍ଚାୟତ ନିର୍ବାଚନ ବେଳେ ଜିଲ୍ଲାରେ ଥିବା ଅସ୍ଥାୟୀ ବୁଥ, ସମ୍ବେଦନଶୀଳ ଏବଂ ଅତି ସମ୍ବେଦନଶୀଳ ବୁଥ୍ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ନିର୍ବାଚନ କମିଶନର ଶ୍ରୀ ପାଢ଼ୀ ଯାଜପୁର ଏବଂ ବ୍ୟାସନଗର ପୌର ପରିଷଦର ଆଗାମୀ ପୌର ନିର୍ବାଚନ ପାଇଁ ମଧ୍ୟ ସମୀକ୍ଷା କରିଥିଲେ।

## ଜିଲ୍ଲା ମହୋତ୍ସବ ଯଯାତି ପାଇଁ ପ୍ରଶାସନର ପ୍ରସ୍ତୁତି

# ସ୍ଥାନୀୟ କଳାକାରଙ୍କୁ ମିଳିବ ଅଗ୍ରାଧିକାର

ଯାଜପୁର, ୬।୧ (ସମିସ): ଆସନ୍ତା ଫେବୃଆରୀ ମାସରେ ଆୟୋଜିତ ହେବାକୁ ଥିବା ଯାଜପୁର ଜିଲ୍ଲା ମହୋତ୍ସବ "ଯଯାତି-୨୦୨୬" ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛିଫ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏବଂ ବିଧାୟକ ଆକାଶ ଦାସ ନାୟକ ମହୋତ୍ସବରେ ସ୍ଥାନୀୟ କଳା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ମତପୋଷଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ପ୍ରତିଭାବାନ କଳାକାରମାନଙ୍କୁ ମହୋତ୍ସବର ମୁଖ୍ୟ ମଞ୍ଚରେ ସୁଯୋଗ ଦେବା ପାଇଁ ଜିଲ୍ଲା ସଂସ୍କୃତି ପରିଷଦ ନିଷ୍ପତ୍ତି ଗ୍ରହଣ କରିଛି। ତେଣୁ ଯାଜପୁର ଜିଲ୍ଲାର ଯେଉଁ ସାଂସ୍କୃତିକ ଅନୁଷ୍ଠାନ ବା ଦଳମାନଙ୍କର ଶାସ୍ତ୍ରୀୟ ନୃତ୍ୟ ଅର୍ଦ୍ଧ-ଶାସ୍ତ୍ରୀୟ ନୃତ୍ୟ, ଲୋକନୃତ୍ୟ , ଲୋକକଳା କିମ୍ବା କଣ୍ଢେଇ ନାଚ କ୍ଷେତ୍ରରେ ମଞ୍ଚ ପ୍ରଦର୍ଶନର ସୁନାମ ଓ ଦକ୍ଷତା ରହିଛି, ସେମାନଙ୍କ ଠାରୁ ଆବେଦନ ଆହ୍ୱାନ କରାଯାଉଅଛି ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ ସୂଚନା ଦେଇଛନ୍ତି। ଆଗ୍ରହୀ ସାଂସ୍କୃତିକ ଦଳମାନଙ୍କୁ ନିଜ ଦଳର ବିଗତ ଦିନର କିମ୍ବା ବର୍ତ୍ତମାନ ସମୟର ଏକ ଉନ୍ନତ ମାନର ପ୍ରଦର୍ଶନ ଭିଡିଓ ଉତ୍ତୋଳନ କରି ଏବଂ ଲିଖିତ ଦରଖାସ୍ତ ସହିତ ଇ-ମେଲ୍ ମାଧ୍ୟମରେ ପଠାଇବାକୁ ହେବ। ଭିଡିଓ ପଠାଇବାର ଶେଷ ତାରିଖ ଜାନୁଆରୀ ୨୫ ତାରିଖ ରହିଛି। ଏକ ବିଶେଷଜ୍ଞ କମିଟି ଦ୍ୱାରା ଏହି ଭିଡିଓଗୁଡ଼ିକୁ ଯାଞ୍ଚ କରାଯିବା ପରେ ଯୋଗ୍ୟ ବିବେଚିତ ଦଳମାନଙ୍କୁ ଚୂଡ଼ାନ୍ତ ଭାବେ ଚୟନ କରାଯିବ ବୋଲି ଜିଲ୍ଲା ସଂସ୍କୃତି ବିଭାଗରୁ ସୂଚନା ମିଳିଛି। ସେହିପରି ଚଳିତ ବର୍ଷର ସ୍ମରଣିକାକୁ ଅଧିକ ତଥ୍ୟମୂଳକ ଓ ସଂଗ୍ରହଣୀୟ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିନିମନ୍ତେ ଜିଲ୍ଲା ତଥା ରାଜ୍ୟର ବିଶିଷ୍ଟ ଲେଖକ, କବି, ଗବେଷକ, ବୁଦ୍ଧିଜୀବୀ ଓ ସାହିତ୍ୟିକମାନଙ୍କ ଠାରୁ ଉଚ୍ଚକୋଟୀର ପ୍ରବନ୍ଧ, କବିତା, ଗଳ୍ପ ଏବଂ ଯାଜପୁରର ଲୁକ୍କାୟିତ ଐତିହ୍ୟ ଓ ପର୍ଯ୍ୟଟନ ଭିତ୍ତିକ ଆଲେଖ୍ୟ ଆହ୍ୱାନ କରାଯାଉଛି। ଏହି ସ୍ମରଣିକା ପ୍ରକାଶନୀ ନିମନ୍ତେ ଉଦୀୟମାନ ଯୁବ ଏବଂ ଛାତ୍ର ଲେଖକ/ ଲେଖିକାମାନଙ୍କୁ ନିଜର ଲେଖା ପ୍ରେରଣ କରିବା ପାଇଁ ଉତ୍ସାହିତ କରାଯାଉଛି। ଲେଖା ଆସନ୍ତା ୨୫ ତାରିଖ ସୁଦ୍ଧା କେବଳ ଇ-ମେଲ୍ ମାଧ୍ୟମରେ ପଠାଇବାକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଅନୁରୋଧ କରିଅଛନ୍ତି।

# ୧୩୫ ଜଣ ବରିଷ୍ଠ ନାଗରିକଙ୍କ ରାମେଶ୍ୱରମ୍ ଯାତ୍ରା

ଯାଜପୁର,୬।୧(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ସମ୍ମୁଖରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କର ସବୁଜ ପତାକା ଦେଖାଇ ତୀର୍ଥଯାତ୍ରୀ ବସଗୁଡ଼ିକୁ ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ଜିଲ୍ଲାର ବରିଷ୍ଠ ନାଗରିକମାନେ ଜାନୁଆରୀ ୭ରୁ ୧୨ ତାରିଖ ଅବଧି ମଧ୍ୟରେ ଦକ୍ଷିଣ ଭାରତର ମଦୁରାଇ ଏବଂ



ରାମେଶ୍ୱରମ୍ ତୀର୍ଥସ୍ଥଳ ପରିଦର୍ଶନ କରିବେ। ଆଜି ଯାତ୍ରା ଆରମ୍ଭ ପୂର୍ବରୁ ଅଭିଜ୍ଞ ଡାକ୍ତରମାନେ ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଯାତ୍ରୀମାନଙ୍କ ପାଇଁ ଖାଦ୍ୟପେୟର ବନ୍ଦୋବସ୍ତ କରାଯାଇଥିଲା। ଏହାସହ ଯାତ୍ରୀଙ୍କ ସୁରକ୍ଷା ପାଇଁ ଆବଶ୍ୟକୀୟ ପୋଲିସ ମୁତୟନ ହୋଇଥିଲେ। ସ୍ୱତନ୍ତ୍ର ଭାବେ ନିୟୋଜିତ ଏସ୍କର୍ଟ ଅଧିକାରୀ ଯାତ୍ରୀମାନଙ୍କୁ ସହଯୋଗ କରିଥିଲେ। ଆଜି ୪ ଟି ବସ୍ ଯୋଗେ ଯାତ୍ରୀମାନେ ଯାଜପୁର ସହରରୁ ବାହାରି ବାଲେଶ୍ୱରରେ ପହଞ୍ଚିବେ ଏବଂ ସେଠାରେ ରାତ୍ରୀଯାପନ କରିବେ। ୭ ତାରିଖରେ ବାଲେଶ୍ୱର ରେଳ ଷ୍ଟେସନରୁ ଟ୍ରେନରେ ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାତ୍ରା କରିବେ। ଏହି ଯୋଜନା ଅଧୀନରେ ମୋଟ ୧୩୫ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ପର୍ଯ୍ୟଟନ ଅଧିକାରୀ ତାପସ ସାହୁ, ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ।ମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ସଡ଼କ ସୁରକ୍ଷା ସପ୍ତାହ ସଚେତନତା



ଦଶରଥପୁର/କଣ୍ଟାଗୋଲା,୬।୧(ସମିସ): ସଡ଼କ ସୁରକ୍ଷା ସପ୍ତାହ ସଚେତନତା ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଳନ କରାଯାଇଛି। ଜିଲ୍ଲା ସଡ଼କ ସୁରକ୍ଷା ଅଧିକାରୀ ପ୍ରଦୀପ ବେହେରା, ଟ୍ରାଫିକ ନିରୀକ୍ଷକ ରାଜେଶ ମଙ୍ଗରାଜ, ଦଶରଥପୁର ଥାନାଧିକାରୀ ଶରତ ନାୟକ, ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ଯାଜପୁରସ୍ଥ ଅନ୍ୱେଷଣ ଥିଏଟରର ଧନଞ୍ଜୟ ପୃଷ୍ଟି ଯମରାଜ ଏବଂ ଅବକାଶ ରଥ ଚିତ୍ରଗୁପ୍ତ ପ୍ରମୁଖ ଭୂମିକାରେ ଅଭିନୟ କରି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପ୍ରଥମେ ସଚେତନତା କରାଯାଇଥିଲା। ପରେ ସ୍କୁଲର ଛାତ୍ରଛାତ୍ରୀ ହାତରେ ସଡ଼କ ସୁରକ୍ଷା ପ୍ଲାକାଡ ଧରି ସ୍ଲୋଗାନ ଦେଇ ଝୁମ୍ପୁରୀ ବଜାର ରାସ୍ତାରେ ଯାତାୟତ କରୁଥିବା ଗାଡ଼ିଚାଳକ ଏବଂ ଦୋକାନିମାନଙ୍କୁ ଅଭିନୟ ମାଧ୍ୟମରେ ସଚେତନ କରାଇଥିଲେ। ଏହି ଅବସରରେ ଚମ୍ପେଇପାଳ ପଞ୍ଚାୟତର ସରପଞ୍ଚ ହିମାଂଶୁ ନାୟକ, ଦଶରଥପୁର ବିଦ୍ୟାଳୟର ପୂର୍ବତନ କ୍ରୀଡ଼ା ଶିକ୍ଷକ ନାରାୟଣ ଚନ୍ଦ୍ର ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବର୍ଷ ବର୍ଷ ଧରି ବକେୟା ପଡିଛି ଘର ଭଡ଼ା

# ସିଲ୍ ହେଲା ପୀରବାବା ମାର୍କେଟ୍ କମ୍ପ୍ଲେକ୍ସ

ଯାଜପୁର ଟାଉନ,୬।୧(ସମିସ): ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପୀରବାବା ମାର୍କେଟ କମ୍ପ୍ଲେକ୍ସକୁ ମଙ୍ଗଳବାର ଦିନ ୱାକଫ୍ ବୋର୍ଡ ପକ୍ଷରୁ ସିଲ୍ କରାଯାଇଛି। ଏହି ପୀରବାବା ମାର୍କେଟ୍ କମ୍ପ୍ଲେକ୍ସର କମିଟି ଓଡ଼ିଶା ୱାକଫ ବୋର୍ଡରେ ପଞ୍ଜିକୃତ ହୋଇଛି। କେନ୍ଦ୍ର ସରକାରଙ୍କ ୱାକଫ ପାଣ୍ଠିରୁ ଏହି ମାର୍କେଟ୍ କମ୍ପ୍ଲେକ୍ସଟି ନିର୍ମାଣ କରାଯାଇଛି। ଏହି ପୀରବାବା ମାର୍କେଟ୍ କମ୍ପ୍ଲେକ୍ସରେ ବ୍ୟବସାୟ କରୁଥିବା ଦୋକାନୀ ଦୀର୍ଘ ବର୍ଷ ହେବ ଘର ଭଡ଼ା ମୁସଲିମ କୋର୍ଟ ଅନୁଯାଇ ୱାକଫ ବୋର୍ଡ ଦାଖଲ କରୁନାହାଁନ୍ତି। ସମସ୍ତ ଦୋକାନୀଙ୍କୁ ଭଡ଼ା ଦେବା ପାଇଁ ନୋଟିସ୍ ଜାରି କରିଥିବା ବେଳେ ୱାକଫ ବୋର୍ଡ ସଦସ୍ୟ ବହୁବାର ଦୋକାନୀଙ୍କୁ ଭେଟି ଭଡ଼ା ପୈଠ କରିବାକୁ କହିଥିଲେ। ଆଜି



ପର୍ଯ୍ୟନ୍ତ କୌଣସି ଦୋକାନୀ ଭଡ଼ା ନ ଦେବାରୁ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଅନୁଯାୟୀ ମୁସଲିମ ୱାକଫ ବୋର୍ଡ଼ ସଦସ୍ୟ ମାଜିଷ୍ଟ୍ରେଟ ସହ ପୁଲିସ ଫୋର୍ସକୁ ସାଙ୍ଗରେ ନେଇ ମାର୍କେଟ କମ୍ପେଲକ୍ସ ସିଲ୍ କରିବାକୁ ଆସିଥିଲେ। ଦୀର୍ଘ ସମୟ ଧରି ୱାକଫ ବୋଡର୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସେକ୍ ସାଗିନଙ୍କ ସହ ମାର୍କେଟ୍ କମ୍ପେଲକ୍ସର ଦୋକାନୀଙ୍କ ସହ ବୁଝାମଣା ହେବା ପରେ ଦୋକାନକୁ ସିଲ୍ କରାଯାଇଥିଲା। ପୀରବାବା ମାର୍କେଟ୍ କମ୍ପ୍ଲେକ୍ସରେ ୨୪ଟି ଦୋକାନ ରହିଛି। ଏହି ଚଢ଼ଉ ସମୟରେ ଅତିରିକ୍ତ ତହସିଲଦାର ଅଜୟ କୁମାର ପଣ୍ଡା ସମେତ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ଦୀର୍ଘ ବର୍ଷର ହିସାବ ଅନୁଯାୟୀ ଦୋକାନର ଭଡ଼ାକୁ ଦୋକାନୀ ଦେଲା ପରେ ମାର୍କେଟ୍ କମ୍ପେଲକ୍ସ ସିଲ୍‌ରୁ ମୁକ୍ତ କରାଯିବ ବୋଲି ୱାକପ ବୋର୍ଡ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି।

# ଛାତ୍ରଙ୍କ ବେକରେ ଛୁରି ଲଗାଇ ଲୁଟ୍

ଦଶରଥପୁର,୬।୧(ସମିସ): ଦଶରଥପୁର ବ୍ଲକ ବାଲିପଦା ଛକଠାରୁ ଚିତ୍ତାଳ ମହାବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାରେ କଲେଜ ଛାତ୍ରଙ୍କ ବେକରେ ଛୁରି ଲଗାଇ ମୋବାଇଲ, ଏଟିଏମ୍ କାର୍ଡ ସମେତ ୩ହଜାର ଟଙ୍କା ଲୁଟିନେଲେ ୨ଦୁର୍ବୃତ୍ତ। ଛାତ୍ର ଜଣଙ୍କ ନାମ ସୁବ୍ରତ ଓଝା ବୋଲି ଜଣାପଡିଛି। ସେ ଚିତ୍ତାଳ ମହାବିଦ୍ୟାଳୟରେ +୨କଳା ବିଭାଗର ୨ୟ ବର୍ଷରେ ପଢୁଥିବା ବେଳେ ଆଜି ପୂର୍ବାହ୍ନ ପ୍ରାୟ ସାଢେ ୧୦ଟା ସମୟରେ ସେ କଲେଜରେ ପରୀକ୍ଷା ଦେବାକୁ ସାଇକଲରେ ଏକୁଟିଆ ଆସୁଥିଲେ। ବାଲିପଦା ଗ୍ରାମ ନାୟକ ସାହି ରାସ୍ତା ନିକଟରେ ହଠାତ ୨ଜଣ ୨୪ରୁ ୨୫ ବର୍ଷର ଯୁବକ ସୁବ୍ରତଙ୍କୁ ଅଟକାଇ ତାଙ୍କ ବେକରେ ଧାରୁଆ ଛୁରି ଲଗାଇ ଛାତ୍ରଙ୍କ ନିକଟରୁ ଗୋଟିଏ ମୋବାଇଲ, ଏଟିଏମ କାର୍ଡ ଏବଂ ୩ହଜାର ଟଙ୍କା ଲୁଟି



ନେଇ ରାସ୍ତା ପାଶ୍ୱର୍ ଅକରପଡା ପଞ୍ଚାୟତ ବଡ଼ ଦୋଗଡା ଗ୍ରାମ ଭିତରକୁ ଦୌଡ଼ି ପଳାଇ ଯାଇଥିଲେ। ଛାତ୍ରଙ୍କ ପାଟି ଶୁଣି ସ୍ଥାନୀୟ ଅଞ୍ଚଳର କିଛି ଯୁବକ ୨ଲୁଟେରାଙ୍କୁ ପିଛା କରିଥିଲେ ମଧ୍ୟ ସେମାନଙ୍କ ପତ୍ତା ମିଳିନଥିଲା। ଲୁଟ ଖବର ଜଣାପଡିବା ପରେ ବହୁ ସଂଖ୍ୟାରେ କଲେଜ ଛାତ୍ର ଘଟଣା ସ୍ଥଳରେ ପହଞ୍ଚି ଚିତ୍ତାଳ ଫାଣ୍ଡି ପୁଲିସ କାର୍ଯ୍ୟ ଶୈଳୀଙ୍କୁ ନେଇ ହୋ-ହାଲ୍ଲା କରିବା ସହିତ ଉକ୍ତ ରାସ୍ତାରେ କିଛି ଅସାମାଜିକ ବ୍ୟକ୍ତି ନିଶା ସେବନ କରି କଲେଜ ଛାତ୍ରଛାତ୍ରୀଙ୍କୁ ଲୁଟିବା, କମେଣ୍ଟ ମାରିବା ଭଳି ଅନୈତିକ କାର୍ଯ୍ୟ କରୁଥିଲେ ମଧ୍ୟ ଫାଣ୍ଡି ପୁଲିସ କୌଣସି ପଦକ୍ଷେପ ନେଉ ନଥିବା ଅଭିଯୋଗ କରିଥିଲେ। ସ୍ଥାନୀୟ ଲୋକଙ୍କ ବୁଝା ସୁଝା ପରେ ଏ ସମ୍ପର୍କରେ କଲେଜ ଛାତ୍ରଙ୍କ ପକ୍ଷରୁ କଲେଜ ଅଧ୍ୟକ୍ଷ ଏବଂ ଚିତ୍ତାଳ ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

# ଖେଳ ଛୁଟିରେ ସ୍କୁଲରେ ତାଲା ପକାଇ ଶିକ୍ଷକ ଉଭାନ

ପ୍ରୀତିପୁର, ୬।୧(ସମିସ): ଖେଳ ଛୁଟି ପରେ ପିଲାମାନଙ୍କୁ କ୍ୟାମ୍ପସ ଭିତରେ ବନ୍ଦ ଅବସ୍ଥାରେ ଛାଡ଼ିଦେଇ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ଦୁଇଜଣ ପଳାଇବା ଓ ତାଲାବନ୍ଦ ଅବସ୍ଥାରେ ଥିବା ପିଲାମାନଙ୍କୁ ସ୍ଥାନୀୟ ଗ୍ରାମବାସୀ ଓ ଅଭିଭାବକମାନେ ବାହାରକୁ ଆଣିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ସୃଷ୍ଟି କରିଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ବିଞ୍ଝାରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ତରଫରୁ ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇ ଶିକ୍ଷକ ଦ୍ୱୟଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଥିବା ଜଣାଯାଇଛି। ପ୍ରକାଶ ଯେ ବିଞ୍ଝାରପୁର ବ୍ଲକର ଉଡ଼ରଙ୍ଗ ପଞ୍ଚାୟତ ସ୍ଥିତ ଅଜିପୁର ପ୍ରାଥମିକ ବିଦ୍ୟାଳୟକୁ ପ୍ରଧାନ ଶିକ୍ଷକ ଦେବାଶିଷ କର ଓ ସହକାରୀ ଶିକ୍ଷକ ପ୍ରମୋଦ କୁମାର ଜେନା ବିଦ୍ୟାଳୟରେ ଆଜି ପହଞ୍ଚିଥିଲେ। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନାଦି ପ୍ରସ୍ତୁତ ହୋଇଥିଲା। ତେବେ ଖେଳଛୁଟି ହୋଇଥିଲା। ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ମଧ୍ୟ ପ୍ରଦାନ କରାଯାଇଥିଲା। ମାତ୍ର ମଧ୍ୟାହ୍ନ ଭୋଜନ ପରେ ପିଲାମାନଙ୍କୁ କ୍ୟାମ୍ପସ ମଧ୍ୟରେ ତାଲା ପକାଇ ଶିକ୍ଷକ ଦୁଇଜଣ ଚାଲି ଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ତାଲା କାଟି ପିଲାମାନଙ୍କୁ ଉଦ୍ଧାର କରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଏହା ସୂଚୀତ କରିଥିଲେ। ଜିଲ୍ଲାପାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଓ ଜିଲ୍ଲା ଶିକ୍ଷାଧିକାରୀ ବିଇଓଙ୍କୁ ତଦନ୍ତ ଆଦେଶ ଦେଇଥିଲେ। ତୁରନ୍ତ ସିଆର୍‌ସିସି ରଶ୍ମୀରଞ୍ଜନ ଧଳ ସ୍କୁଲ ନିକଟରେ ପହଞ୍ଚିଥିଲେ। ଲୋକେ ଉତ୍ତ୍ୟକ୍ତ ଅବସ୍ଥାରେ ସେଠାରେ ଉପସ୍ଥିତ ଥିବା ବେଳେ ସ୍କୁଲରେ ତାଲା ଝୁଲୁଥିଲା। ଶିକ୍ଷକ ଦୁଇଜଣ କିନ୍ତୁ ନଥିଲେ। ଏହି ରିପୋର୍ଟ ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଭୟ ପ୍ରଧାନ ଶିକ୍ଷକ ଦେବାଶିଷ କର ଓ ପ୍ରମୋଦ କୁମାର ଜେନାଙ୍କୁ କାରଣ ଦର୍ଶାଅ ନୋଟିସ ଜାରୀ କରିଛନ୍ତି।

# ସାମ୍ବାଦିକାଙ୍କ ବିୟୋଗରେ ଶୋକ

ବରୀ,୬।୧(ସମିସ): ଯୁବା ସାମ୍ବାଦିକା ସିଲା ପଟ୍ଟନାୟକଙ୍କ ଅକାଳ ବିୟୋଗରେ ବରୀ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପକ୍ଷରୁ ଏକ ସ୍ମୃତିସଭା ବରୀ ମାଉଣ୍ଡ ସ୍ଥିତ ଶକ୍ତିପୀଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ସାହିତ୍ୟିକ ଡ. ଅଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଥମେ ସ୍ୱର୍ଗୀୟ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପରେ ମହମବତୀ ଶୋଭାଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଥିଲା। ସ୍ମୃତି ସଭାରେ ବରିଷ୍ଠ ସାମ୍ବାଦିକ ବାଞ୍ଛାନିଧି ସାହୁ, ପ୍ରଶାନ୍ତ ଦ୍ୱିବେଦୀ, ଚୈତନ୍ୟ ଜେନା, ବିଶ୍ୱଭୂଷଣ ଜେନା, ସ୍ନେହାଂଶୁ ମହାନ୍ତି, ସତ୍ୟଜିତ ବାରିକ, ସୁମନ କଲ୍ୟାଣ ଦାସ, ଅରୁଣ ବେହେରା, ଦର୍ଶନ ବେହେରା, ରଞ୍ଜିତ ମହାନ୍ତି, ସୋମେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ।

# ଧର୍ମଶାଳା ମହୋତ୍ସବ ଉଦ୍‌ଯାପିତ

ଧର୍ମଶାଳା,୬।୧(ସମିସ): ଜାରକାଠାରେ ଆୟୋଜିତ ୨୧ତମ "ଧର୍ମଶାଳା ମହୋତ୍ସବ' ଆଜି ସଂଧାରେ ଉଦଯାପିତ ହୋଇଯାଇଛି। ଏହି ଉପଲକ୍ଷେ କମିଟିର




ସଭାପତି ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଯୋଗଦେଇ ଐତିହ୍ୟ ସଂସ୍କୃତି ଓ ପରମ୍ପରାର ପର୍ବ ହେଉଛି, "ଧର୍ମଶାଳା ମହୋତ୍ସବ " ବୋଲି କହିଥିଲେ। ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ, ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ବଡ଼ଚଣା ବିଧାୟକ ଆମର କୁମାର ନାୟକ, କୋରାଇ ବିଧାୟକ ଆକାଶ ଦାସ ନାୟକ, ଦିଗପହଣ୍ଡିର ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓ ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲା ବିଜେପି ସଭାପତି ଦେବଯାନୀ ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ଗୌତମ ରାୟ, ବରୀ ବିଜେପି ନେତା ଉମେଶ ଜେନା, ବିଞ୍ଝାରପୁର ବିଜେପି ନେତ୍ରୀ ବବିତା ମଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମହୋତ୍ସବ କମିଟିର ସଂଯୋଜକ ଦେବରାଜ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ବିବରଣୀ ସହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଦସ୍ୟ ସବ୍ୟସାଚୀ ସୁନ୍ଦରରାୟ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ବଲିଉଡ ଗାୟକ ଅମିତ ମିଶ୍ରା ଓ ସାଥୀମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମହୋତ୍ସବ କମିଟିର ବରିଷ୍ଠ ସଭ୍ୟ କିଶୋର ଚନ୍ଦ୍ର ନାୟକ, ଅଜୟ କୁମାର ମହାପାତ୍ର, କାଶୀନାଥ ସାହୁ, ରାଜକୁମାର ଶତପଥୀ, ରାମଚନ୍ଦ୍ର ମଲ୍ଲିକ, ଜଳଧର ସାହୁ, ଅଜାମ୍ବର ସାହୁ, ଶରତ କୁମାର ଓଝା, ରାଜେଶ କୁମାର ପାଳ, ଜିତେନ୍ଦ୍ର କୁମାର ରାଉତ, ନାରାୟଣ ମଲ୍ଲିକ, ନକୁଳ ସାହୁ, ଅଶୋକ କୁମାର ବରାଳ, ଅର୍ଜୁନି ଚରଣ ସାହୁ, ଗଗନ ବିହାରୀ ବରାଳ, ହାଡିବନ୍ଧୁ ନାୟକ, ଜଗନ୍ନାଥ ମହାଳିକ, ଅନନ୍ତ ପ୍ରଧାନ ଓ କୈଳାଶ ଚନ୍ଦ୍ର ବେହେରାଙ୍କ ସମେତ କମିଟିର ସଦସ୍ୟମାନେ ପରିଚାଳନାରେ ସହାୟତା କରିଥିଲେ। ଆସନ୍ତାକାଲି ଲକ୍ଷ୍ମୀ ନାରାୟଣଙ୍କର ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/19 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 ଅନୁ ଅନ୍) |
|---|---|---|
| ଉପାଧ୍ୟକ୍ଷ (ନିବେଶକ ସମ୍ପର୍କ) | 1 | 50 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 03.01.2026 ରୁ 23.01.2026 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 03.01.2026

ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ଚିଲିକାରେ ଦେଶୀ ଡଙ୍ଗା ଚାଳନା ପ୍ରତିଯୋଗିତା ଉଦ୍‌ଘାଟିତ

ବାଲୁଗାଁ,୬ ।୧(ସମିସ)

ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ଚିଲିକା ହ୍ରଦରେ ଦେଶୀ ଡଙ୍ଗା ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଆୟୋଜିତ ଡଙ୍ଗା ଚାଳନା ପ୍ରତିଯୋଗିତାର ପ୍ରଥମ ସଂସ୍କରଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପର୍ଯ୍ୟଟନସ୍ଥଳୀ ଚିଲିକା ଆନ୍ତର୍ଜାତୀୟ କ୍ଷେତ୍ରରେ କିପରି ଆହୁରି ପର୍ଯ୍ୟଟକ ମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ ସେଥିଲାଗି ସରକାର ପ୍ରକୃତିର ସୁରକ୍ଷା, ମତ୍ସ୍ୟଜୀବୀ ମାନଙ୍କ ପାରମ୍ପାରିକ ବେଉସା, ବୈଦେଶାଗତ ପକ୍ଷୀ ଅଧିକ ରୁ ଅଧିକ ଆଗମନ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଭିଜନ ରେ ନୂତନ ଅଧ୍ୟାୟ ସୃଷ୍ଟି କରି ପର୍ଯ୍ୟଟନର ବିକାଶ ରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି



ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ । ଉକ୍ତ ପ୍ରତିଯୋଗିତାରେ ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାର ୮୧ଟି ଦେଶୀ ଡଙ୍ଗା ସାମିଲ ହୋଇଥିବା ବେଳେ ମଙ୍ଗଳବାର ଉଦ୍‌ଘାଟନୀ ଦିବସରେ ୪୫ଟି ଦଳ ଅଂଶଗ୍ରହଣ କରି ଚିଲିକା ହ୍ରଦର ୭୦୦ମିଟର ଜଳରାଶିରେ ଡଙ୍ଗା ଚାଳନା କରିଥିଲେ । ପ୍ରଥମ ଦିବସ ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ଦଳ ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଥିବା ବେଳେ ଏହି ପ୍ରତିଯୋଗିତାରେ ସୁରକ୍ଷା ନିମନ୍ତେ ଅଗ୍ନିଶମ ସେବା, ସ୍କୁବା ଡ୍ରାଇଭର, ଓଡ୍ରାଫ୍ ଟିମ ଓ ପୁଲିସ ପ୍ରଶାସନ ନିୟୋଜିତ ରହି ସମସ୍ତେ ସେବା ଯୋଗାଇ ଦେଇଥିଲେ । ଉଦ୍‌ଘାଟନୀ ସମାରୋହରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଶାସନ ସଚିବ ବଲୱନ୍ତ ସିଂ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ ।



## ପୋଖରୀରୁ ନିଖୋଜ ନାବାଳକର ମୃତଦେହ ଉଦ୍ଧାର

ବାଣପୁର,୬ ।୧(ସମିସ): ବାଣପୁର ଥାନା ଅଧୀନରେ ଜଣେ ନାବାଳକ ଗତ ଶନିବାର ଠାରୁ ନିଖୋଜ ଥିବାବେଳେ ମଙ୍ଗଳବାର ପୋଖରୀରୁ ମୃତଦେହ ଉଦ୍ଧାର ହୋଇଛି । ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପୁଲିସ ତଦନ୍ତ ଚଳାଇଛି ।



ବାଣପୁର ଥାନା ଝିଣ୍ଟିକାପଲ୍ଲୀ ଗ୍ରାମର ଚିନ୍ମୟ ପରିଡ଼ା ଗତ ୩ ତାରିଖରୁ ସାଙ୍ଗମାନଙ୍କ ସହ ନିକଟସ୍ଥ ତାରିଣୀ ମନ୍ଦିରକୁ ଭୋଜି କରିବାକୁଯାଇ ନିଖୋଜ ଥିଲେ । ୩ ଦିନ ଧରି ବହୁ ଖୋଜାଖୋଜି କରିବା ପରେ ମଙ୍ଗଳବାର ସକାଳେ ୧୬ ନମ୍ବର ଜାତୀୟ ରାଜପଥ କଡ଼ ବେଲପଡ଼ା ଛକ ପୋଖରୀରୁ ଚିନ୍ମୟଙ୍କ ମୃତଦେହ ମିଳିଥିଲା । ଏନେଇ ଚିନ୍ମୟଙ୍କ ମା ବବିତା ପରିଡା ବାଣପୁର ଥାନାରେ ଅଭିଯୋଗ କରିଥିଲେ । ସାଙ୍ଗମାନଙ୍କୁ ପୁଲିସ ପଚାରଉଚରା କରିବାପରେ ସେହି ପୋଖରୀ ନିକଟରୁ ଚିନ୍ମୟଙ୍କ ସାର୍ଟ ଓ ଚପଲ ଜବତ କରିଥିଲା ପୁଲିସ । ତେବେ ସାର୍ଟ ଓ ଚପଲ ନିକଟରେ ଏକ ଚାପଡ଼ ଓ ଗୋଟିଏ ଦଉଡି ପଡ଼ିଥିବାକୁ ନେଇ ସନ୍ଦେହ ଉପୁଜି ଥିଲା ।

## ଦୁବାଇରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

ବାଣପୁର,୬ ।୧(ସମିସ): ମୃତ୍ୟୁର ୧୪ଦିନ ପରେ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତଦେହ ଦୁବାଇରୁ ଫେରିଛି । ବାଣପୁର ଥାନା ଅଧୀନ କୁମାରାଙ୍ଗ ଶାସନ ପଞ୍ଚାୟତର ବୀରକେଶପୁର ଗ୍ରାମର ରଙ୍କନାଥ ବେହେରାଙ୍କ ପୁଅ ରବି ବେହେରା (୪୮) ଦୁବାଇର ଇଏସ୍ ଗ୍ଲୋବାଲ କମ୍ପାନୀରେ ୨୦୨୧ରୁ ଶ୍ରମିକ ଭାବେ କାର୍ଯ୍ୟ କରିଆସୁଥିଲେ । ତେବେ ରବି ହଠାତ୍ ଅସୁସ୍ଥ ହୋଇ ପଡିବାରୁ କମ୍ପାନୀ କର୍ତ୍ତୃପକ୍ଷ ରବିଙ୍କୁ ସ୍ଥାନୀୟ ଇବରାହିମ୍ ବିନ ହମାଦ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ମାତ୍ର ଗତ ୨୩ ତାରିଖରେ ରବିଙ୍କର ମୃତ୍ୟୁ ଘଟିଥିଲା । ରବିଙ୍କ ମୃତଦେହକୁ ଗ୍ରାମକୁ ଫେରାଇ ଆଣିବା ପାଇଁ ପରିବାର ପକ୍ଷରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇ ଥିଲେ ମଧ୍ୟ କମ୍ପାନୀ ମୃତଦେହ ଗ୍ରାମକୁ ପଠାଇ ନ ଥିଲେ । ତେବେ ପୁରୀ ଭାରତୀୟ ଜୀବନ ବୀମା କାର୍ଯ୍ୟାଳୟରେ କାର୍ଯ୍ୟରତ ସ୍ଥାନୀୟ ଚମ୍ପାଦେଇପୁର ଗ୍ରାମର ବାବୁଲି ସାହୁ ଦୁବାଇ ସ୍ଥିତ ଦୂତାବାସର କନ୍‌ସଲଟାଣ୍ଟ ଅଧିକାରୀ ସନ୍ଦୀପ କୁମାର ଏବଂ କମ୍ପାନୀର ମାନବ ସମ୍ବଳ ଅଧିକାରୀ ଅମୀର ଜାହାଙ୍ଗିରଙ୍କ ସହ ଯୋଗାଯୋଗ କରିବାରେ କମ୍ପାନୀ କର୍ତ୍ତୃପକ୍ଷ ମୃତ ରବିଙ୍କ ବନ୍ଧୁ ବନମାଳୀ ଜାଲିଙ୍କ ସହ ରବିଙ୍କ ମୃତଦେହ ରବିବାରେ ଦୁବାଇରୁ କୋଲକତା ପଠାଇ ଥିଲେ ।

## ବ୍ରାଉନ୍‌ସୁଗର ଜବତ; ଦମ୍ପତି ଗିରଫ

ଖୋର୍ଦ୍ଧା,୬।୧(ସମିସ): ଆଦର୍ଶଥାନା ପୁଲିସ ବ୍ରାଉନସୁଗର ବେପାର କରୁଥିବା ଦମ୍ପତିଙ୍କୁ ଗିରଫ କରିଛି । ଗିରଫ ଦ୍ୱୟ ହେଲେ ଗୁରୁଜଙ୍ଗ ଟାଙ୍ଗିସାହିର କପିଳ ସୁନ୍ଦରାୟ ଓରଫ କପିଳା (୩୭) ଏବଂ ତାଙ୍କ ପତ୍ନୀ ପୁଷ୍ପଲତା ସୁନ୍ଦରାୟ ଓରଫ ରୂପା । ସେମାନଙ୍କ ଠାରୁ ୨୦ଗ୍ରାମ ଓଜନ ର ବ୍ରାଉନସୁଗର, ୪ଟି ଖାଲି ପଲିଥିନ ପ୍ୟାକେଟ, ଏକ ବଣ୍ଡଲ ଫଏଲ ପେପର, ୨ଟି ପ୍ଲାଷ୍ଟିକ ଚାମଚ ଏବଂ ପୁଡିଆରେ ବ୍ୟବହୃତ ନାଲି କାଗଜ କୁ ପୁଲିସ ଜବତ କରିଛି । ସୂଚନା ଅନୁସାରେ, ଟାଙ୍ଗିସାହି ରାସ୍ତାପାଶ୍ୱର୍ରେ ଥିବା ଏକ ଦୋକାନ ପାଶ୍ୱର୍ରେ ସ୍ୱାମୀ ଓ ସ୍ତ୍ରୀ କୌଶଳ କ୍ରମେ ବେପାର ଚଳାଇଥିବା ପୁଲିସ ଖବର ପାଇଥିଲା । ସେମାନଙ୍କୁ ଧରିବା ଲାଗି ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଓ ଥାନାଧିକାରୀ ସଞ୍ଜୟ ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା । ଆଜି ଉକ୍ତ ଦମ୍ପତି ରାସ୍ତାପାର୍ଶ୍ୱରେ ମାଲ୍ ଦେବାକୁ ଗ୍ରାହକକୁ ଅପେକ୍ଷା କରିଥିବାବେଳେ ଚଢ଼ଉ କରି ଦମ୍ପତିଙ୍କୁ ଗିରଫ କରିଥିଲେ । ସେମାନଙ୍କ ଠାରୁ ୨୦ଗ୍ରାମ ବ୍ରାଉନସୁଗର ଓ ଅନ୍ୟ ଜିନିଷ ଜବତ କରିଥିଲା । ଜବତ ବ୍ରାଉନସୁଗରର ମୂଲ୍ୟ ୨ଲକ୍ଷ ହେବ ବୋଲି ପୁଲିସ ଆକଳନ କରିଛି । ଏନେଇ ପୁଲିସ ଏକ ମାମଲା ରୁଜୁକରି ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି ।

## ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକଙ୍କ ପରଲୋକ

ନିରାକାରପୁର,୬ ।୧(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର କ୍ଷେତ୍ରବାସୀ ଏକାଡେମୀ ହାଇସ୍କୁଲର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ସତ୍ୟବାଦୀ ରଥଙ୍କ ଦେହାନ୍ତ ହୋଇଯାଇଛି ।



ସେ ଜଣେ ସତ୍ୟବାଦୀ, ସ୍ପଷ୍ଟ ବାଦୀ, ସରଳ ବିଶ୍ୱାସୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ । ତାଙ୍କର ମର ଶରୀରକୁ ଏକ ଶୋଭାଯାତ୍ରାରେ ସ୍ଥାନୀୟ ହାଇସ୍କୁଲ ପରିସରକୁ ଅଣାଯାଇ ପରେ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସତ୍କାର କରାଯାଉଛି ।

## ୪ ବସ୍ତା ଧାନ ଚୋରି, ୨ ଗିରଫ

ବେଗୁନିଆ,୬ ।୧(ସମିସ): ବେଗୁନିଆ ଥାନା ଅଧୀନ ସିଉଳା ଗ୍ରାମର ପ୍ରକାଶ କୁମାର ସାହୁ ରବିବାର ରାତିରେ ଶୋଇଥିବା ଅବସ୍ଥାରେ ୪ ବସ୍ତା ଧାନ ଚୋରି ହୋଇଥିବା ପୁଲିସ ନିକଟରେ ଅଭିଯୋଗ କରିଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ସଂପୃକ୍ତ ଗ୍ରାମର ପ୍ରଭାତ କୁମାର ନାୟକ ଓ ତୁଷାର କାନ୍ତ ସେଠୀଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି ବୋଲି ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ କହିଛନ୍ତି ।

## ବାଲି ବୋଝେଇ ଗାଡ଼ି ଜବତ, ଚାଳକ କୋର୍ଟ ଚାଲାଣ

ବେଗୁନିଆ,୬ ।୧(ସମିସ): ବେଗୁନିଆ ଥାନା ଅଧୀନ ମାଣିବନ୍ଧ ଗ୍ରାମସ୍ଥିତ ବାବା ସିଦ୍ଧ ମହାବୀର ଆଶ୍ରମ ନିକଟରେ ସୋମବାର ପୂର୍ବାହ୍ନରେ ବେଆଇନ ବାଲି ବୋଝେଇ ଚାଲାଣ କରୁଥିବା ଗାଡ଼ି ଜବତ କରାଯାଇଥିଲା । ଏହାର ଚାଳକକୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି । ସୂଚନା ଅନୁଯାୟୀ ଚାଳକଙ୍କ ଘର ବୋଲଗଡ଼ ଥାନା ଫାସିଓଦା ଧନେଶ୍ୱର ସାମନ୍ତରାୟ ବୋଲି ଜଣାପଡ଼ିଛି ।

## ପୋଚ ଓ ମଦ ଜବତ; ୩ ଗିରଫ

ବେଗୁନିଆ,୬ ।୧(ସମିସ): ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଏକଡ଼ାଲିଆ ଜଙ୍ଗଲରୁ ମୋଟ ୧ ହଜାର ଲିଟର ପୋଚ ଓ ୨୫୦ ଲିଟର ଦେଶୀ ମଦ ଜବତ ସହ ଅଭିଯୁକ୍ତ ଗିରଫ କରି କୋର୍ଟଚାଲାଣ କରାଯାଇଛି । ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଏବଂ ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ ସୁବୁଦ୍ଧିଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିଲା ।

## ୫୪ରେ ପହଞ୍ଚିଲା ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା

### ସ୍ଥିତ ଅନୁଧ୍ୟାନ କଲେ ସିଡିଏମ୍‌ଓ

ଖୋର୍ଦ୍ଧା,୬ ।୧(ସମିସ) : ଖୋର୍ଦ୍ଧା ନବୋଦୟ ବିଦ୍ୟାଳୟରେ ବଢୁଛି ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା । ମଙ୍ଗଳବାର ସଂନ୍ଧ୍ୟା ସୁଦ୍ଧା ୫୪ଜଣ ଆକ୍ରାନ୍ତ ହୋଇଥିବା ମିଳିଛି ସୂଚନା । ଏନେଇ ସିଡିଏମଓ ବିଦ୍ୟାଳୟ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି ।



ସୂଚନା ଅନୁସାରେ, ଖୋର୍ଦ୍ଧା ପିଏମଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟରେ ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି । ପାଣି ଏବଂ ବାହାର ଖାଦ୍ୟ ବ୍ୟବହାରରୁ ଜଣ୍ଡିସ ଆକ୍ରାନ୍ତ ହେଉଥିବା ସନ୍ଦେହ କରିଛି ସ୍ୱାସ୍ଥ୍ୟ ବିଭାଗ । ଆଜି ସିଡିଏମଓ ଡା ସଞ୍ଜୟ ରାୟ, ଜନସ୍ୱାସ୍ଥ୍ୟ ବିଭାଗ ଡା ରଞ୍ଜନ ମିତ୍ର ବିଦ୍ୟାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଅଧ୍ୟକ୍ଷା କବିତା କରଙ୍କ ସହ ଆଲୋଚନା କରିଛନ୍ତି । ଏଥିସହିତ ରୋଷେଇ ଗୃହ ବୁଲି ଦେଖିବା ସହ ପିଲାଙ୍କୁ ଦିଆଯାଉଥିବା ଖାଦ୍ୟ ଦେଖିବା ସହ ରୋଷେଇ ଗୃହ ଖାଦ୍ୟ ପ୍ରସ୍ତୁତି ଗୃହ, ଖାଦ୍ୟ ସାମଗ୍ରୀ ବୁଲି ଦେଖିଥିଲେ । ଅଭିଭାବକ ମାନେ କୌଣସି ଭୟଭିତ ହୁଅନ୍ତୁ ନାହିଁ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ର ଟିମ ଗତ ୩ଦିନ ଧରି ଶିକ୍ଷକ, ପିଲାଙ୍କ ରକ୍ତ ପରୀକ୍ଷା ସହ ପାଣି ନମୁନା ସଂଗହ କରି ପରିକ୍ଷଣ ପାଇଁ ପଠାଯାଇଛି । ସମ୍ପୂର୍ଣ୍ଣ ସ୍ଥିତି ଉପରେ ନଜର ରଖାଯାଇଛି କହିଛନ୍ତି ସିଡିଏମଓ ।

**ନାକେଦମ୍ କଲେଣି ହାତୀପଲ**

## ଭାଙ୍ଗିଲେ ଘର, ଖାଇଲେ ଧାନ

ବେଗୁନିଆ,୬ ।୧(ସମିସ): ଖୋର୍ଦ୍ଧା ଓ ଟାଙ୍ଗୀ ବନଖଣ୍ଡର ହାତୀପଲ ଗୁଡ଼ିକ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହୋଇ ଧାନ ଗଦା, ପନିପରିବା ଓ ଘରଦ୍ୱାର ଭାଙ୍ଗିବା ସହ ପନିପରିବା ଫସଲ ଗୁଡ଼ିକ ଦଳି ଚକଟି ନଷ୍ଟ କରିବାରେ ଲାଗିଛି । ଏଥିରେ ନିୟୋଜିତ ହୋଇଥିବା ବନ୍ ବିଭାଗ କର୍ମଚାରୀମାନେ ହାତୀ ଘଉଡ଼ାଇବାକୁ ଶତ ଚେଷ୍ଟା ସତ୍ତ୍ୱେ ଥକି ପଡ଼ିଥିବା ଦେଖିବାକୁ ମିଳୁଛି । ବେଗୁନିଆ ଓ ବୋଲଗଡ ଅଞ୍ଚଳରେ ସରଧାପୁର, ବାମଡିହ, ଡିଙ୍ଗର, ଚଣ୍ଡିଆପଲା, ଭୁଆସୁଣୀ ପାଟଣା, କୁଶପଲା, ଗୋବିନ୍ଦପୁର, କୋଲୁହା ପାଟଣା ଗୌଡନୂଆଗାଁ ଏବଂ ଗୁଡୁପାଙ୍ଗି ଗ୍ରାମରେ ୧୫ ଟିକିଆ ହାତୀପଲ ବିଚରଣ କରୁଥିବାରୁ ବିଦ୍ୟୁତ୍ ସରବରାହ ବନ୍ଦ ଯୋଗୁଁ ଜନଜୀବନ ଭୟଭୀତ ଅବସ୍ଥାରେ ରହୁଛନ୍ତି । ଏହି ହାତୀଗୁଡିକ ଗତିବିଧି ସମ୍ପର୍କରେ ସୂଚନା ଜାଣିବା ପାଇଁ ଡ୍ରୋନ ସାଙ୍ଗକୁ ପାଟ୍ରୋଲଂ ଗାଡ଼ି , ଲାଇଟ୍ ,ଛୋଟ ଡାକବାଜି ଯନ୍ତ୍ର, ବାଣ ଓ ନିଆଁ ହୁଳାକୁ ଘଉଡ଼ାଇବା ପାଇଁ ବ୍ୟବହୃତ ହେଉଥିଲେ ମଧ୍ୟ ବିଫଳ ହେବାରେ ଲାଗିଛି । ଯାହାକି ବଡବେରଣା ପଞ୍ଚାୟତ ଅଧୀନ ଗୋବିନ୍ଦପୁର ଗ୍ରାମର ଭାଗଚାଷୀ ବିରଂଚି ନାୟକଙ୍କ ୪ ଶହ ବିଡ଼ା ଧାନ ଓ ଶିବ ବେହେରାଙ୍କ ୨ ଶହ ବିଡା ଧାନ ନଷ୍ଟ କରିଛନ୍ତି ହାତୀ । ସେହିପରି ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡା



ଗ୍ରାମରେ ଗୋଠ ଛଡ଼ା ଦନ୍ତା ହାତୀ କଜଳିଆ ପୂଜାରୀଙ୍କ ଆଜବେଷ୍ଟସ ଘର, ଲକ୍ଷ୍ମୀଧର ସୁନ୍ଦରାୟଙ୍କ ୪ ଗୋଟି ନଡ଼ିଆ ଗଛ ଓ ଚକ୍ରଧର ପାଇକରାୟଙ୍କ କଦଳୀ ଗଛ, ଭୀମସେନ ସାମନ୍ତରାୟଙ୍କ ୧ ବସ୍ତା ଧାନ ନଷ୍ଟ କରିଥିବାର ସୂଚନା ମିଳିଛି । ସେହିପରି ସିକୋ, ଶଗଡ଼ଭଙ୍ଗା ଓ ବେତରଜଙ୍ଗ ଆଦି ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳୁଛି ।

## ୧୯୮୮ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ



ଖୋର୍ଦ୍ଧା,୬।୧(ସମିସ): ବେଗୁନିଆ ଗଡ଼ମାଣତ୍ରିସ୍ଥିତ ମା' ରାମଚଣ୍ଡୀଙ୍କ ପୀଠରେ ୧୯୮୮ ମାଟ୍ରିକ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ, ଜିଲ୍ଲା ଓ ଜିଲ୍ଲା ବାହାରେ ରହୁଥିବା ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ବନ୍ଧୁମାନେ ଯୋଗଦେଇଥିଲେ । ସଂଗ୍ରାମ କେଶରୀ ବଳିୟାରସିଂହ ସମସ୍ତ କାର୍ଯ୍ୟ ସମ୍ପାଦନା କରିଥିଲେ । ଅତିଥିଭାବେ ପୂର୍ବତନ ଶିକ୍ଷୟତ୍ରୀ ସବିତା ପଟ୍ଟନାୟକ ଯୋଗଦେଇଥିବାବେଳେ ତାଙ୍କୁ ସେଠାରେ ସମ୍ବର୍ଦ୍ଧିତ କରାଯାଇଥିଲା । ସୁଶାନ୍ତ କୁମାର ପଟ୍ଟନାୟକ, ଦାମୋଦର ସାହୁ, ହାଡିବନ୍ଧୁ ସେଠୀ, ବିଭୁପ୍ରସାଦ ରଥ ପ୍ରମୁଖ ସହଯୋଗ କରିଥିଲେ ।

## ଟାଙ୍ଗୋଲରେ ପଞ୍ଚାୟତରେ ପ୍ରଶାସନ କାର୍ଯ୍ୟକ୍ରମ

ନିରାକାରପୁର,୬।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଟାଙ୍ଗୋଲ ପଞ୍ଚାୟତରେ ଆଜି ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୧୯ଟି ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଏଥିରେ ସମୁଦାୟ ୩୮୫ଟି ଅଭିଯୋଗ ଶୁଣାଣି ହୋଇଥିବା ବେଳେ ୩୦୮ ଟି ଅଭିଯୋଗର ସମାଧାନ ହୋଇଥିଲା ।



ଏହି କାର୍ଯ୍ୟକ୍ରମରେ ଏବିଡ଼ିଓ ରଞ୍ଜନ ସ୍ୱାଇଁ, ସମାଜ ମଙ୍ଗଳ ଅଧିକାରୀ ବିରଞ୍ଚି ନାରାୟଣ ଜେନା, ଜିପିଡିଓ ସଂକଳ୍ପ ସୁଚିତ୍ରା ସାହୁ, ବିଏସଏସଓ କାଜଲ ପ୍ରଧାନ, ବିପିଏମ୍ ପ୍ରକାଶ ବଳିଆରସିଂହ ଓ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ଜୋସ୍ନାମୟୀ ପଣ୍ଡା, ସରପଞ୍ଚ ବିରେଶ ରାଜଗୁରୁ, କମାଗୁରୁ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ମନୋରଞ୍ଜନ ଟଂପତି ଓ ବିଧାୟକଙ୍କ ପ୍ରତିନିଧି ଭାଗିରଥି ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## କ୍ରିଉଟୋର ଯୁବ ସ୍ଥାପକଙ୍କୁ 'ଦେଶ ରତ୍ନ ସମ୍ମାନ-୨୦୨୫'




ନିରାକାରପୁର,୬ ।୧(ସମିସ): ଭାରତର ଟେକ୍ନୋଲୋଜି କ୍ଷେତ୍ରରେ ଯୁବ ନେତୃତ୍ୱ, ନୂଆ ଚିନ୍ତାଧାରା ଏବଂ ଦେଶ ଗଠନରେ ଉଲ୍ଲେଖନୀୟ ଅବଦାନ ପାଇଁ କ୍ରିଉଟୋର ଯୁବ ସ୍ଥାପକ ଏବଂ ପ୍ରଧାନ କର୍ମକର୍ତ୍ତା ନିହାର ରଞ୍ଜନ ରାଉତଙ୍କୁ ପ୍ରତିଷ୍ଠିତ "ଦେଶ ରତ୍ନ ସମ୍ମାନ ୨୦୨୫' ସମ୍ମାନିତ କରାଯାଇଛି । ଏହି ସମ୍ମାନ ଉତ୍ତର ପ୍ରଦେଶ ସରକାରଙ୍କ ସମ୍ମାନନୀୟ ମନ୍ତ୍ରୀ ଡକ୍ଟର ରଘୁରାଜ ସିଂହଙ୍କ ହସ୍ତରେ ପ୍ରଦାନ ହୋଇଛି । ଯୁବଟେକ୍ ଉଦ୍ୟମୀ ଭାବରେ ନିହାରରଞ୍ଜନ ରାଉତ କ୍ରିଉଟୋକୁ ଏକ ଭରସାଯୋଗ୍ୟ, ଆଧୁନିକ ଓ ପ୍ରଭାବଶାଳୀ ପ୍ରଯୁକ୍ତି ସଂସ୍ଥା ଭାବେ ଗଢ଼ି ଉଠାଇଛନ୍ତି । କ୍ରିଉଟୋ ଦେଶର ବ୍ୟବସାୟ, ଶିକ୍ଷ ଓ ଡିଜିଟାଲ୍ ପରିବେଶକୁ ଶକ୍ତିଶାଳୀ କରିବା ପାଇଁ ଅର୍ଥପୂର୍ଣ୍ଣ, ଭରସାଯୋଗ୍ୟ ଓ ଦାୟୀତ୍ୱପୂର୍ଣ୍ଣ ପ୍ରଯୁକ୍ତି ସମାଧାନ ସୃଷ୍ଟି କରୁଛି । ଏହି ସମ୍ମାନ କେବଳ ଗୋଟିଏ ବ୍ୟକ୍ତିର ସଫଳତା ନୁହେଁ, ଏହା ଯୁବଭାରତ ପାଇଁ ଏକ ପ୍ରେରଣାଦାୟକ ସନ୍ଦେଶ ଯୁବ ପିଢ଼ି କେବଳ ସ୍ୱପ୍ନ ଦେଖୁନି, ସେମାନେ ଭାରତର ଭବିଷ୍ୟତ ଗଢୁଛନ୍ତି ।

## ସାଧାରଣତନ୍ତ୍ର ଦିବସ ଓ ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପ୍ରସ୍ତୁତି

ଖୋର୍ଦ୍ଧା,୬।୧(ସମିସ)

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଏବଂ ସ୍ୱାଧୀନତା ସଂଗ୍ରାମୀ ବୀର ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଏଥିରେ ଅଧ୍ୟକ୍ଷତା କରିଥିଲେ । ସାଧାରଣତନ୍ତ୍ର ଦିବସ ଏବଂ ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ କୁ ସ୍ମରଣୀୟ କରିବା ପାଇଁ ଅଧ୍ୟକ୍ଷ ଶ୍ରୀ ବେଉରା ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟା ଏବଂ ସଦସ୍ୟ ମାନଙ୍କ ମତାମତ ଲୋଡିଥିଲେ । ସଡ଼କ ସୁରକ୍ଷାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶ୍ରେଷ୍ଠ ଜୀବନ ରକ୍ଷା କାରୀ (ଗୁଡ଼ ସମରିଟାନ୍)



ଙ୍କୁ ଓ କ୍ରୀଡ଼ା କ୍ଷେତ୍ରରେ ଆନ୍ତର୍ଜାତୀୟ କ୍ଷେତ୍ର ରେ ଶ୍ରେଷ୍ଠତା ପ୍ରତିପାଦିତ ନିମନ୍ତେ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରାଯିବ ।

ସେହିପରି ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳନ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟସ୍ତରୀୟ ବକ୍ସିଙ୍କ ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତା ବିଜେବି ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହେବ । ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଅଭ୍ୟାସ ପରେଡ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ବିଜେବି ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଏବଂ ମୁଖ୍ୟ ଉତ୍ସବ ୨୬ ତାରିଖ ଦିନ ବିଜେବି ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେବ । ଜାତୀୟ ପତାକାକୁ ସମସ୍ତ କାର୍ଯ୍ୟାଳୟ ସୂର୍ଯ୍ୟାସ୍ତ ପୂର୍ବରୁ ଅବତରଣ କରିବାକୁ ଶ୍ରୀ ବେଉରା ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ମନୋଜ କୁମାର ସେନାପତି, ରଞ୍ଜନ କୁମାର ମହାନ୍ତି, ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ଦେବ ପ୍ରସାଦ ମଜୁମଦାର, ଶିକ୍ଷାବିତ୍ ଭୀମ ସେନ୍ ପ୍ରଧାନ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ରାମଶଙ୍କର, ସତ୍ୟବାଦୀ ବଳିୟାର ସିଂହ, ପ୍ରାଣ ନାଥ ମହାବିଦ୍ୟାଳୟ ଅଧ୍ୟାପକ ସୁବୋଧ କୁମାର ଜଗଦେବ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ମୋହନ ଦାଶ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଜୟକୁମାର ବେହେରା, ପ୍ରାଣ ନାଥ ମହାବିଦ୍ୟାଳୟ ଅଧ୍ୟାପକ ସୁବୋଧ କୁମାର ଜଗଦେବ, ସହକାରୀ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତସରୋଜ କୁମାର ମିଶ୍ର, ଅଗ୍ନିଶମ ସେବା ଅଧିକାରୀ ଗୌତମ ସାମନ୍ତରା, ଆଦର୍ଶ ଥାନା, ଖୋର୍ଦ୍ଧା ଅତିରିକ୍ତ ଥାନା ଅଧିକାରୀ ଭାଗ୍ୟଶ୍ରୀ ବେହେରା, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକ, ଆରକ୍ଷିତ ଆରକ୍ଷୀ ନିରୀକ୍ଷକ ବିଜୟ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ୱାଟକୋ ସହକାରୀ ପରିଚାଳକ ସୌମ୍ୟରଞ୍ଜନ ବାରିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ ।





ପିକେଡିଏର ୩୫ତମ ଅଥରିଟି ବୈଠକ

# ବଡ଼ଦାଣ୍ଡ କୋଠାର ହେବ ଗୋଟିଏ ଡିଜାଇନ୍, ଗୋଟିଏ ରଙ୍ଗ



## ବିଲ୍ଡିଂ ପ୍ଲାନ୍ ଅନୁମୋଦନ ପ୍ରକ୍ରିୟାକୁ ସରଳୀକରଣ କରାଯିବ

ପୁରୀ, ୬।୧ (ସମିସ): ଶ୍ରୀମନ୍ଦିରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ଥିବା ପ୍ରତ୍ୟେକ କୋଠା ଗୋଟିଏ ପ୍ରକାର ଡିଜାଇନ୍ ଏବଂ ଗୋଟିଏ ରଙ୍ଗ କରାଯିବ। ମଙ୍ଗଳବାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ପିକେଡିଏ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ (ପିକେଡିଏ)ର ୩୫ତମ ଅଥରିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏତଦ୍‌ବ୍ୟତୀତ ଐତିହ୍ୟସ୍ଥଳ, ଐତିହ୍ୟ ଭବନ ଓ ପ୍ରାକୃତିକ ଅଞ୍ଚଳ ସଂରକ୍ଷଣ ପାଇଁ ଉପଯୁକ୍ତ ନିୟମାବଳୀ ପ୍ରସ୍ତୁତ କରାଯିବ। ପୁରୀ-କୋଣାର୍କ ଅଞ୍ଚଳର ସମଗ୍ର ଓ ସୁଯୋଜିତ ଉନ୍ନୟନ, ଐତିହ୍ୟ ସଂରକ୍ଷଣ, ସହରୀୟ ପରିକଳ୍ପନା, ଗୃହ ନିର୍ମାଣ, ପାରିପାର୍ଶ୍ୱ ଉନ୍ନୟନ ଓ ପ୍ରଶାସନିକ ସୁଦୃଢ଼ତା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଛି। ବିଲ୍ଡିଂ ପ୍ଲାନ୍ ଅନୁମୋଦନ ପ୍ରକ୍ରିୟାକୁ ସରଳ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଏନଓସି ପ୍ରକ୍ରିୟାକୁ ସମୟସୀମା ଭିତରେ ଶେଷ କରିବା ଉପରେ ଆଲୋଚନା ହୋଇଛି। ଯଦି ୩୦ ଦିନ ମଧ୍ୟରେ ଏନ୍‌ଓସି ନ ମିଳିବ ତେବେ ଆବେଦକ ଗୃହ ନିର୍ମାଣ ସମ୍ପର୍କୀତ ଆବେଦନକୁ ଓଡିଶା ଉନ୍ନୟନ ପ୍ରାଧିକରଣ ଆଇନ ଅନୁସାରେ ପ୍ଲାନ୍ ଅନୁମୋଦନ କରାଯିବା ପ୍ରସ୍ତାବ ରଖାଯାଇଛି।

ସେହିପରି, ବୈଠକରେ ଟାଉନ୍ ପ୍ଲାନିଂ (ଟିପି) ଯୋଜନା, ବାଲୁଖଣ୍ଡରେ ପିପିପି ମଡେଲରେ ମଲ୍ଟି ଷ୍ଟୋରେଜ୍ ହାଉସିଂ ପ୍ରକଳ୍ପ, ପିକେଡିଏ ପାଇଁ କ୍ୟାଡର ପୁନର୍ଗଠନ ଓ କର୍ମଚାରୀ ନିଯୁକ୍ତି, ପ୍ରାଜେକ୍ଟ ମନିଟରିଂ ୟୁନିଟ୍ ସ୍ଥାପନ ନେଇ ନିଷ୍ପତ୍ତି ହୋଇଛି। ସମଗ୍ର ପିକେଡିଏ ଅଞ୍ଚଳ ଓ ପ୍ରସ୍ତାବିତ ବିସ୍ତାରିତ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରି ଏକ ନୂତନ ଓ ସଂଶୋଧିତ ସମ୍ପୂର୍ଣ୍ଣ ଉନ୍ନୟନ ପ୍ରଣାଳୀ ପ୍ରସ୍ତୁତ କରିବା ଲାଗି ଅନୁମୋଦନ ଦିଆଯାଇଛି। ବୈଠକରେ ମାର୍କେଟ କମ୍ପ୍ଲେକ୍ସଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ, ବଳିଆପଣ୍ଡା ସ୍ମାର୍ଟ ପାର୍କ, ପିକେଆର୍‌ଆଇଟି କଲୋନୀ ଆଲୋକୀକରଣ, ପିକେଡିଏ କାର୍ଯ୍ୟାଳୟର ମରାମତି, ତାଳବଣିଆ ଚିଲିଡ୍ରେନ ପାର୍କକୁ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ପରିଚାଳନା କରିବା ପାଇଁ ଏବଂ ପିକେଡିଏ ସଚିବଙ୍କ ଆର୍ଥିକ କ୍ଷମତା ବୃଦ୍ଧି ସମ୍ପର୍କୀତ ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା ଓ ନିଷ୍ପତ୍ତି ହୋଇଛି। ବୈଠକ ଶେଷରେ ଆର୍ଥିକ ବର୍ଷ ୨୦୨୪-୨୫ ଓ ୨୦୨୫-୨୬ ପାଇଁ ବଜେଟ୍ ଅନୁମୋଦନ କରାଯାଇଛି। ବୈଠକରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ପୌରସଂସ୍ଥାର ଅଧିକାରୀ, ଟାଉନ୍ ପ୍ଲାନିଂ ନିର୍ଦ୍ଦେଶକ, ନିମାପଡ଼ା ଓ କୋଣାର୍କ ଏନଏସି ଅଧ୍ୟକ୍ଷା, ପିକେଡିଏ ସଚିବଙ୍କ ସମେତ ଆର୍ଥିକ, ଯାନ୍ତ୍ରିକ ଓ ଯୋଜନା ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

● ଆଜି ମହାପ୍ରଭୁଙ୍କ ବନକଲାଗି

# ୫ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ, ୬।୧ (ସମିସ): ମାଘକୃଷ୍ଣ ଚତୁର୍ଥୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଆପାତତଃ ଅପରାହ୍ଣ ୫ଟାରୁ ରାତି ୧୦ଟା ପ୍ରାୟ ୫ଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥା'ନ୍ତି।

# ଶ୍ରୀମନ୍ଦିରକୁ ଯାଉଥିବା ଖୋଲା ଘିଅ ଜବତ

● ଦୁଇ ଜଣଙ୍କୁ ନୋଟିସ୍ ଜାରି

ପୁରୀ, ୬।୧ (ସମିସ): ଶ୍ରୀମନ୍ଦିରକୁ ଯାଉଥିବା ଖୋଲା ଘିଅକୁ ଶ୍ରୀମନ୍ଦିର ପ୍ରଶାସନ ଜବତ କରିବା ସହ ଏହି ଘଟଣାରେ ୨ଜଣଙ୍କୁ ନୋଟିସ୍ କରିଛି। ଶ୍ରୀମନ୍ଦିରରେ ଓମ୍‌ଫେଡ ଘିଅ ବ୍ୟତୀତ ଅନ୍ୟ କୌଣସି ଘିଅ ବ୍ୟବହାର ଉପରେ କଟକଣା ରହିଛି। ଏହାକୁ ସୁନିଶ୍ଚିତ କରିବା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସୁଆର-ମହାସୁଆର ନିଯୋଗାକୁ ଅବଗତ କରାଯିବା ସହ ଶ୍ରୀମନ୍ଦିର ବରିଷ୍ଠ ସୁପରଭାଇଜର୍ ଏବଂ କମାଣ୍ଡର୍‌ଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ଦିର ପରିସରକୁ ବାହାରୁ ଅନ୍ୟ ଖୋଲା ଘିଅ ନିଆଯାଉଥିବା ବେଳେ ତାହା ମନ୍ଦିର ପ୍ରଶାସନ ନଜରକୁ ଆସିଥିଲା। ପ୍ରଶାସନିକ କର୍ମଚାରୀମାନେ ତାହା ଜବତ କରିଥିଲେ। ଏ ସଂପର୍କରେ ମନ୍ଦିର ପ୍ରଶାସନ ସୁଆର-ମହାସୁଆର ନିଯୋଗକୁ ସୂଚିତ କରିବା ବାହାର ବ୍ୟକ୍ତିବିଶେଷ ପୁରୀ ବୀରହରେକୃଷ୍ଣପୁରର ରବୀନ୍ଦ୍ର ବାରିକ ଏବଂ ଶ୍ରୀଜମେଶ୍ୱର ସୁଆରଙ୍କୁ ନୋଟିସ୍ ଜାରି କରାଯାଇଛି। କେଉଁ ପରିସ୍ଥିତିରେ ଓ କ'ଣ ପାଇଁ ମନ୍ଦିରକୁ ବାହାର ଘିଅ ପ୍ରବେଶ କରୁଥିଲା, ୭ଦିନ ମଧ୍ୟରେ ତାହାର ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବାପାର ଛୁରାମାଡ଼ରେ ପୁଅ ଆହତ

● ପୁଅ କାବୁ କରିବା ବେଳେ ଛୁରି ବାଜି ବାପା ଗୁରୁତର

ପୁରୀ, ୬।୧ (ସମିସ): ବାପାର ଛୁରାମାଡ଼ରେ ପୁଅ ଆହତ ହୋଇଛି। ନିଶାସକ୍ତ ବାପାକୁ କାବୁ କରିବାକୁ ପୁଅ ଚେଷ୍ଟା କଲା ବେଳେ ଛୁରି ବାଜି ବାପା ବି ଗୁରୁତର। ବାପାର ହନୁମାଡ଼ରେ ଛୁରି ବାଜିଛି। ତାଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କୁମ୍ଭାରପଡ଼ା ପୁଲିସ ସୂଚନା ଅନୁଯାୟୀ, ଆହତଦ୍ୱୟ ହେଲେ, ଅଠରନଳାର ଜଗନ୍ନାଥ ମଣ୍ଡଳ ଓ ତାଙ୍କ ପୁଅ ଶିବୁ ମଣ୍ଡଳ। ଅତ୍ୟଧିକ ମଦ୍ୟପାନ କରି ଜଗନ୍ନାଥ ଏଭଳି କାରନାମା କରିଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। କିନ୍ତୁ, ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ମଙ୍ଗଳବାର ଅପରାହ୍ଣରେ ଅଟୋ ଚାଳକ ଜଗନ୍ନାଥ ଅତ୍ୟଧିକ ମଦ୍ୟପାନ କରି ପୁଅକୁ ସଂଗ୍ରାମ କ୍ଲବ ପାଖକୁ ଡାକିଥିଲେ। ପୁଅ ଶିବୁ ପହଞ୍ଚି କଥାବାର୍ତ୍ତା ହେଉଥିବା ସମୟରେ ନିଶାସକ୍ତ ଅବସ୍ଥାରେ ଜଗନ୍ନାଥ ନିଜ ପାଖରେ ରଖିଥିବା ଛୁରିରେ ପୁଅକୁ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ପୁଅ ଛାତିରେ ଆଘାତ ଲାଗିଥିଲା। ଶିବୁ ନିଜକୁ ବଞ୍ଚାଇବା ଏବଂ ବାପାକୁ କାବୁ କରିବାକୁ ଉଦ୍ୟମ କରିବା ବେଳେ ଛୁରିଟି ଜଗନ୍ନାଥଙ୍କ ହନୁହାଡ଼ରେ ଭୁସି ହୋଇଯାଇଥିଲା। ଗୁରୁତର ଜଗନ୍ନାଥ ମଣ୍ଡଳଙ୍କୁ ତୁରନ୍ତ ଚିକିତ୍ସା ପାଇଁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ପାଇ ପୁଲିସ ପହଞ୍ଚି ତଦନ୍ତ କରିଥିଲା। କିନ୍ତୁ, ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଆଇଆଇସି କହିଛନ୍ତି।

# ପୁରୀରୁ ନିଖୋଜ ନାବାଳିକା କୃଷ୍ଣପ୍ରସାଦରୁ ଉଦ୍ଧାର

ପୁରୀ,୬।୧(ସମିସ): ପୁରୀରୁ ନିଖୋଜ ଜଣେ ନାବାଳିକାକୁ କୃଷ୍ଣପ୍ରସାଦ ଥାନା ଅଞ୍ଚଳରୁ ଉଦ୍ଧାର କରିଛି କୁମ୍ଭାରପଡ଼ା ପୁଲିସ। ଅଭିଯୋଗ ଅନୁଯାୟୀ, ଖାକିମଠ ନୂଆସାହି ଅଞ୍ଚଳରେ ଜଣେ ନାବାଳିକା ଗତ ୧ ତାରିଖ ସନ୍ଧ୍ୟା ବେଳେ ବଡ଼ଶଙ୍ଖ ମାର୍କେଟ୍‌କୁ ଯାଇ ଆଉ ଘରକୁ ଫେରି ନ ଥିଲା। ଏ ନେଇ ସମ୍ପର୍କୀୟମାନେ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇନଥିଲେ। ପରେ ପରିବାର ପକ୍ଷରୁ ଗତ ସୋମବାର ଥାନାରେ ଅଭିଯୋଗ କରାଯାଇଥିଲା। ପୁଲିସ ଏହାକୁ ଅଧିକ ଗୁରୁତ୍ୱର ସହ ନେଇ ତଦନ୍ତ ପ୍ରକ୍ରିୟା ଜାରି ରଖିଥିଲା। ଏଥିସହ ଏକ ସ୍ୱତନ୍ତ୍ର ଟିମ୍ ମଧ୍ୟ ଗଠନ କରାଯାଇଥିଲା। ମଙ୍ଗଳବାର କୁମ୍ଭାରପଡ଼ା ପୁଲିସ କୃଷ୍ଣପ୍ରସାଦ ଥାନା ସହଯୋଗରେ ଜହ୍ନିକୁଦାରୁ ନାବାଳିକାକୁ ଉଦ୍ଧାର କରି ପୁରୀ ଆଣିଛି।

# ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ଦୀପଦାନ

ପୁରୀ,୬।୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ୫୪ତମ ଜନ୍ମଦିନ ଅବସରରେ ପୁରୀ ଜିଲ୍ଲା ବିଜେପି ପକ୍ଷରୁ ତାଙ୍କର ଦୀର୍ଘାୟୁ କାମନା କରି ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଇଛି। ବିଜେପି ଦଳର ନେତା ଓ କର୍ମୀମାନେ ଏଥିରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଦୀର୍ଘ ଜୀବନ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଜନ୍ମଦିନ ଉପଲକ୍ଷେ ତାଙ୍କର ସୁସ୍ଥ, ନିରାମୟ ଓ ଦୀର୍ଘାୟୁ ଜୀବନ କାମନା କରି ଜିଲ୍ଲା ନଗର ବିଜେପି ମୋର୍ଚ୍ଚା ପକ୍ଷରୁ ଏହି ଦୀପଦାନ କରାଯାଇଛି। ଏଥିସହ ଭକ୍ତଙ୍କ ମଧ୍ୟରେ ମିଠା ବଣ୍ଟା ଯାଇଥିଲା। ପୁରୀ ପୌରପାଳିକା ମହାନଗର ନିଗମରେ ପରିଣତ ହେବାକୁ ଯାଉଥିବାରୁ ପୁରୀବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ ଦଳୀୟ ନେତା ଓ କର୍ମୀ।

● ସଚେତନତା ଅଭିଯାନ କାର୍ଯ୍ୟକ୍ରମ

# ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧି



ପୁରୀ,୬।୧(ସମିସ): ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ବାଲ୍ୟ ବିବାହମୁକ୍ତ ଭାରତ ୧୦୦ ଦିନର ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ତରଫରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିଲାମାନଙ୍କ ମଧ୍ୟରେ ବାଲ୍ୟବିବାହ ଏକ ସାମାଜିକ ବ୍ୟାଧି ବିଷୟ ଉପରେ ବକ୍ତୃତା ଓ ରଚନା ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟରୁ ସୁହାଗୀ ହେମ୍ବ୍ରମ ପ୍ରୋଗ୍ରାମ ଅଫିସର୍, ବାଲ୍ୟବତୀ ମହାନ୍ତିମୁଖ୍ୟ ସେବିକା, ବିଦ୍ୟାଧର ମଲ୍ଲିକ, ଡିସି ହବ୍, ମଧୁସ୍ମିତା ବିଶ୍ୱାଳ ଜେଣ୍ଡର ସ୍ପେଶାଲିଷ୍ଟ ସମ୍ବଳ ଓ ଶ୍ରୀଜଗନ୍ନାଥ ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ ଜି.ଭି.ଆର.ଏସ୍. ଦତ୍ତାତ୍ରେୟମୂର୍ତ୍ତି ଚେୟାରମ୍ୟାନ, ଡ.ରାଜଶ୍ରୀ ଦାସ ଆସିଷ୍ଟାଣ୍ଟ ପ୍ରୋଫେସର, ଡ. ପୂର୍ଣ୍ଣଚନ୍ଦ୍ର ପାଢୀ ଏଚ୍‌ଓଡି ଓ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ ୨୨୦ ଛାତ୍ରଛାତ୍ରୀ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

ଗୋଟିପୁଅ ଉତ୍ସବ

# ନୃତ୍ୟାଙ୍ଗନା ମୀନାକ୍ଷୀଙ୍କୁ ଆରାଧନା ସମ୍ମାନ

ପୁରୀ,୬।୧(ସମିସ): ଆରାଧନା ନୃତ୍ୟ ଏକାଡେମୀ ପକ୍ଷରୁ ୧୩ତମ ଗୋଟିପୁଅ ନୃତ୍ୟ ଉତ୍ସବ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନୃତ୍ୟଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ନୃତ୍ୟଗୁରୁ ଲିଙ୍ଗରାଜ ବାରିକ, ସଂସ୍କୃତି ସଙ୍ଗଠକ ଶ୍ୟାମ ପ୍ରକାଶ ସେନାପତି, ସାହିତ୍ୟିକ ଦେବଦତ୍ତ ପ୍ରଧାନ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନୃତ୍ୟଗୁରୁ ସୁଶ୍ରୀ ମୀନାକ୍ଷୀ ବେହେରାଙ୍କୁ ଆରାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଗୁରୁ ଚିତ୍ରସେନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଥମ ପ୍ରସ୍ତୁତିରେ ମାହାରୀ ନୃତ୍ୟାଙ୍ଗନା ରୂପଶ୍ରୀ ମହାପାତ୍ର ଓ ସାଥୀଙ୍କ ଦ୍ୱାରା ମାହାରୀ ନୃତ୍ୟ ଏବଂ ପରେ ପୁରୀ ଡ୍ୟାନ୍ସ ଏକାଡେମୀର କଳାକାରମାନେ ଗୁରୁ ନାରାୟଣ ପାଣ୍ଡେଙ୍କ ନିର୍ଦ୍ଦେଶନାରେ ମାହାରୀ ନୃତ୍ୟ ପରିବେଷଣ କରିଥିଲେ। ଦଳଗତ ଗୋଟିପୁଅ ନୃତ୍ୟରେ ଗୁରୁ କୈଳାସ ଚନ୍ଦ୍ର ବିଶ୍ୱାଳଙ୍କ 'କୈଳାସ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ', ଗୁରୁ ବଳଭଦ୍ର ସାହୁଙ୍କ 'ତିଳକ ଗୁରୁକୁଳ', ଗୁରୁ କୃଷ୍ଣଚନ୍ଦ୍ର ବିଶ୍ୱାଳଙ୍କ 'ମହାବୀର ଡ୍ୟାନ୍ସ ଏକାଡେମୀ' ପକ୍ଷରୁ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଉଦ୍‌ଘୋଷକ ଶ୍ରୀନିବାସ ଘଟୁଆରୀ ସଞ୍ଚାଳନ କରିଥିଲେ। ପରିଚାଳନାରେ ଜ୍ଞାନ ରଞ୍ଜନ ମହାନ୍ତି, ଜୟପ୍ରକାଶ ମହାରଣା, ପ୍ରିୟବ୍ରତ ପଲାଇ ପ୍ରମୁଖ ସହଯୋଗ କରିଥିଲେ। ପୂର୍ବାହ୍ନରେ 'ଗୋଟିପୁଅ ନୃତ୍ୟର ଅୟମାରମ୍ଭ ଓ ଜାଗା ଆଖଡ଼ାରେ ଗୋଟିପୁଅ ନୃତ୍ୟର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଗୀତିକାର ଆର୍ତ୍ତତ୍ରାଣ ଶତପଥୀ, ନୃତ୍ୟଗୁରୁ ଗୋବିନ୍ଦ ଚନ୍ଦ୍ର ପାଲ, ଗବେଷକ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଗୁରୁ ଆଲୋକ କାନୁନଗୋ, ଗୁରୁ ବାବୁଲି ଭୁଇଁଆ, ଗୁରୁ ନାରାୟଣ ପାଣ୍ଡେ ଓ ଗୁରୁ ଅଶୋକ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଆଲୋଚନାଚକ୍ରକୁ ଗୁରୁ ଅନନ୍ତ ବେହେରା ସଞ୍ଚାଳନ କରିଥିଲେ।




# ସାବାଡ୍ ହେବେ ଅମାନିଆ ଚାଳକ

## ଜିଲ୍ଲାବ୍ୟାପୀ ଗାଡ଼ି ଯାଞ୍ଚ କରୁଛି ପୁଲିସ

ପୁରୀ,୬।୧(ସମିସ): ଅମାନିଆ ଚାଳକ ସାବଧାନ! ପୁରୀ ପୁଲିସ ଆରମ୍ଭ କରିଛି ଗାଡି ଯାଞ୍ଚ। ମଙ୍ଗଳବାର ଜିଲ୍ଲାର ସବୁ ଥାନା ଅଞ୍ଚଳରେ ବସ୍ ସମେତ ବିଭିନ୍ନ ଗାଡିଗୁଡ଼ିକ ଯାଞ୍ଚ କରାଯାଇଥିବା ବେଳେ ଏବଂ ରସ୍ ଡ୍ରାଇଭିଂ ବିରୋଧରେ କଡା ଆଭିମୁଖ୍ୟ ରଖିଛି ପୁଲିସ। ପୁରୀ ଜିଲ୍ଲାରେ ଭକ୍ତ ଓ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବସ୍, ଟ୍ରାଭେଲ୍ସ ଓ ଅନ୍ୟାନ୍ୟ ବ୍ୟବସାୟିକ ଯାନବାହନ ଦ୍ୱାରା ଅସାବଧାନତା, ରସ୍ ଏବଂ ମଦ୍ୟପାନ କରି ଗାଡ଼ି ଚଳାଇବା ଯୋଗୁ ଦୁର୍ଘଟଣାର ସଥେଷ୍ଟ ସମ୍ଭାବନା ରହିଛି। ତେଣୁ ଜିଲ୍ଲାର ସମସ୍ତ ନାଗରିକ, ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ସବୁ ଥାନା ଅଞ୍ଚଳରେ ବସ୍ ଓ ରସ୍ ଡ୍ରାଇଭିଂ ବିରୋଧରେ ବିଶେଷ ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ପୁରୀ ଜିଲ୍ଲାର ସମସ୍ତ ଥାନାର ଆଇଆଇସି, ଟ୍ରାଫିକ୍ ପୁଲିସ ଏବଂ ଅନ୍ୟାନ୍ୟ ପୁଲିସ କର୍ମଚାରୀ ମିଳିତ ହୋଇ ଜିଲ୍ଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ବସ୍‌ଷ୍ଟାଣ୍ଡ, ହାଇୱେ, ପର୍ଯ୍ୟଟନସ୍ଥଳ ଆଗମନ ପଥ ଓ ଭିଡ଼ ଅଞ୍ଚଳଗୁଡ଼ିକରେ ଯାଞ୍ଚ କରିଛନ୍ତି। ବସ୍ ଓ ଭାରୀଯାନ ଚାଳକଙ୍କ ଉପରେ ବିଶେଷ ନଜର ରଖାଯାଇଛି।

ମଦ୍ୟପାନ କରି ଗାଡ଼ି ଚଳାଇବା, ଅତ୍ୟଧିକ ବେଗରେ ଗାଡି ଚାଳନା, ଓଭରଲୋଡିଂ, ଡ୍ରାଇଭିଂ ଲାଇସେନ୍ସ ଓ ଗାଡ଼ି ଡକ୍ୟୁମେଣ୍ଟ ଯାଞ୍ଚ, ଫିଟନେସ୍ ସାର୍ଟିଫିକେଟ୍, ଇନ୍ସୁରାନ୍ସ ଓ ପରମିଟ୍ ଯାଞ୍ଚ କରାଯାଉଛି। ମଦ୍ୟପାନ କରି ଗାଡି ଚଳାଉଥିବା ଓ ରସ୍ ଡ୍ରାଇଭିଂରେ ଜଡିତ ଚାଳକମାନଙ୍କ ବିରୋଧରେ ମୋଟରଯାନ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। କିଛି ସ୍ଥାନରେ ଚାଳକମାନଙ୍କୁ ସଚେତନ କରାଯାଇ ଭବିଷ୍ୟତରେ ଏପରି ଅସାବଧାନ ଚଳାଚଳ ନ କରିବାକୁ ତାଗିଦ କରାଯାଇଛି। ଅନ୍ୟପକ୍ଷରେ କୌଣସି ବସ୍ କିମ୍ବା ଯାନବାହନ ଅସାବଧାନ ଭାବେ ଚଳାଉଥିବା ଦେଖିଲେ ତତ୍‌କ୍ଷଣାତ ୧୧୨ କିମ୍ବା ଟୁରିଷ୍ଟ ହେଲ୍ପଲାଇନ୍ ନମ୍ବର ୬୩୭୦୯୬୭୧୦୦ରେ ସୂଚନା ଦେବାକୁ ପୁଲିସ ଅନୁରୋଧ କରିଛି।

ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

# ସକାଳ ସାଢ଼େ ୮ ଟାରେ ପତାକା ଉତ୍ତୋଳନ

ପୁରୀ,୬।୧(ସମିସ): ପୁରୀ ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରି ପ୍ରତ୍ୟେକ ବିଭାଗ ସେମାନଙ୍କ ଦାୟିତ୍ୱ ସୁଚାରୁରୂପେ ନିର୍ବାହ ପାଇଁ ପରାମର୍ଶ ଦେଇଥିଲେ। ଏହି ଜାତୀୟ ଦିବସକୁ ପୁରୀବାସୀ ନିଜ ଗୃହରେ ଜାତୀୟ ପତାକା ଉତ୍ତୋଳନ ସହ ଆଲୋକମାଳାରେ ସଜ୍ଜିତ କରି ପାଳନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଅନୁରୋଧ କରିଥିଲେ। ଏଥିରେ ସ୍ଥିର ହୋଇଥିଲା ଯେ ତାଳବଣିଆସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହେବ। ମୁଖ୍ୟଅତିଥି ସକାଳ ସାଢ଼େ ୮ ଟାରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ ଓ ଉଦ୍‌ବୋଧନ ପ୍ରଦାନ କରିବେ।



ପଡିଆରେ ପରେଡ୍ ପ୍ରଦର୍ଶନ, ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ, ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯିବ। ମୁଖ୍ୟଅତିଥି ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ, ଗୋପବନ୍ଧୁ ଆୟୁର୍ବେଦ କଲେଜରେ ରକ୍ତଦାନ ଶିବିରରେ ଯୋଗଦାନ ଓ ଚାରାରୋପଣ କରିବାର କାର୍ଯ୍ୟକ୍ରମ ରହିଛି। ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁରୀ ପୌରପାଳିକା ପକ୍ଷରୁ ମାଲ୍ୟାର୍ପଣ କରାଯିବ। ବିଭିନ୍ନ ବ୍ଲକ ଅଞ୍ଚଳ, ଏନଏସି ଅଞ୍ଚଳ ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୂଜ୍ୟପୂଜାର ସମ୍ମାନ ସ୍ୱରୂପ ମଧ୍ୟ ବିଡିଓ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ମାଲ୍ୟାର୍ପଣ କରିବାକୁ ଅନୁରୋଧ କରାଯାଇଛି। ଅଭ୍ୟାସ ପରେଡ୍ ଆସନ୍ତା ୨୨ ଓ ୨୩ ତାରିଖ ଅପରାହ୍ଣ ୩ଟା ଓ ୨୪ତାରିଖ ପୂର୍ବାହ୍ନ ୮ଟାରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହେବ। ସେହିପରି, ୨୫ତାରିଖ ଅପରାହ୍ଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅଭ୍ୟାସ ଅନୁଷ୍ଠିତ ହେବ। ପ୍ରତ୍ୟେକ ବିଭାଗ ସେମାନଙ୍କ କାର୍ଯ୍ୟାଳୟକୁ, ବ୍ୟାଙ୍କ, ବ୍ୟବସାୟିକ ପ୍ରତିଷ୍ଠାନ, ଅନ୍ୟାନ୍ୟ ଅନୁଷ୍ଠାନ ନିଜ କାର୍ଯ୍ୟାଳୟକୁ ଓ ବ୍ୟକ୍ତିବିଶେଷ ନିଜ ଗୃହକୁ ନିଜସ୍ୱ ବ୍ୟୟରେ ଆଲୋକମାଳାରେ ସଜ୍ଜିତ କରିବାକୁ ଅନୁରୋଧ କରାଯାଇଥିଲା। ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/19 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 ଅନୁଯାୟୀ) |
|---|---|---|
| ଉପାଧ୍ୟକ୍ଷ (ବିନିଯୋଗକ ସମ୍ପର୍କ) | 1 | 50 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 03.01.2026 ରୁ 23.01.2026 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 03.01.2026

ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

## ପୋଷ୍ଟ ଅଫିସ ଟାଇଲଭାଙ୍ଗି ଟଙ୍କା ଲୁଟି ନେଲେ ଦୁର୍ବୃତ୍ତ

ତୁରୁମୁଙ୍ଗା, ୬ ।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା କପୁଣ୍ଡି ବ୍ରାଞ୍ଚ ପୋଷ୍ଟଅଫିସର ଟାଇଲ ଭାଙ୍ଗି ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ୧ ଲକ୍ଷ ୨୬ ହଜାର ଟଙ୍କା ଲୁଟି ନେଇଛନ୍ତି। ପୋଷ୍ଟ ଅଫିସର ଟାଇଲ ତାଡ଼ିବା ପରେ ସିଲିଙ୍ଗ ତାଡି ଟଙ୍କା ଲୁଟି ନେଇଛନ୍ତି। ଏନେଇ ପୋଷ୍ଟମାଷ୍ଟର ଜଗଦୀଶ ସାହୁ ପୋଷ୍ଟାଲ ଇନ୍ସପେକ୍ଟରଙ୍କୁ ଅବଗତ କରିଥିବା କହିଛନ୍ତି। ସୋମବାର ଦିନ ଆର୍‌ଡି, ସେଭିଙ୍ଗ ଏବଂ ପିଏଲଆଇ ଟଙ୍କା ଟେବୁଲ ଡ୍ରରେ ଥିବାବେଳେ ମଙ୍ଗଳବାର ସକାଳୁ ଚୋରି ହୋଇଥିବା ନେଇ ଜଣାପଡ଼ିଥିଲା। ଏନେଇ ପାଟଣା ଥାନାରେ କୌଣସି ଅଭିଯୋଗ ହୋଇ ନଥିବାବେଳେ ଶ୍ରୀ ସାହୁ ବୁଧବାର ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି।

## ଟ୍ରାକ୍ଟର ପଛରେ ଧକ୍କା ଦେଲା ବାଇକ୍; ଜଣେ ମୃତ

ତୁରୁମୁଙ୍ଗା, ୬ ।୧(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ଫାଣ୍ଡି ଅଧୀନ ସାହାରପଡ଼ା ଉଦୟପୁର ରାସ୍ତାର ଦୁବେଇପେଣ୍ଠ ନିକଟରେ ସୋମବାର ରାତିରେ ଛିଡ଼ା ହୋଇଥିବା ଏକ ଟ୍ରାକ୍ଟରକୁ ବାଇକ୍ ଧକ୍କା ଦେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଚାତରପାଣି ଗ୍ରାମର ନରେନ୍ଦ୍ର ମହାନ୍ତ (୩୫) ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଲୋକେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ରିସିଭ ଡେଥ୍ ଘୋଷଣା କରିଥିଲେ। ମଙ୍ଗଳବାର ସାହାରପଡା ଫାଣ୍ଡି ଏଏସଆଇ ପଞ୍ଚମି ମହାନ୍ତ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣାରେ ଏକ ଦୁର୍ଘଟଣା ମାମଲା ହୋଇଛି।

### ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

# ବିଭିନ୍ନ କ୍ଷେତ୍ରରେ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧନା





କେନ୍ଦୁଝର, ୬ ।୧(ସମିସ): ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଚନ୍ଦ୍ରଶେଖର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ ଯୋଗଦେଇ ଏହି ମେଳା ଚାଷୀଙ୍କୁ ଆତ୍ମନିର୍ଭରଶୀଳ ହେବାରେ ସହାୟକ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ତେଲକୋଇ ବିଧାୟକ ଡ. ଫକୀର ମୋହନ ନାୟକ ନିଜ ବକ୍ତବ୍ୟ ମାଧ୍ୟମରେ ଚାଷୀଙ୍କୁ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଜଣାଇଥିଲେ। ମତ୍ସ୍ୟ ଉପ-ନିର୍ଦ୍ଦେଶକ ପ୍ରମୋଦ କୁମାର ରାଉତ ଓ ଅତିରିକ୍ତ ଜିଲ୍ଲା ପ୍ରାଣୀ ଅଧିକାରୀ ରାମଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଚାଷୀମାନେ ଲାଭ ଉଠାଇଲେ ସେମାନଙ୍କର ଆୟ ଦ୍ୱିଗୁଣିତ ହେବା ସହ ସେମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସମୟଶ୍ରୀ ଚାଟାର୍ଜୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ଉମେଶ ଚନ୍ଦ୍ର ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗୋ-ପାଳନ କ୍ଷେତ୍ରରେ କୃତିତ୍ୱ ପାଇଁ ତେଲକୋଇ ବ୍ଲକର ଚନ୍ଦନ କୁମାର ପାଲ, ଘୁଷୁରି ପାଳନ କ୍ଷେତ୍ରରେ ସାହାରପଡ଼ା ବ୍ଲକର ଭାନୁମତୀ ମହାନ୍ତ, ମାଛ ଚାଷ ପାଇଁ ଚମ୍ପୁଆ ବ୍ଲକର ଦେବୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମାଛ ଜାଆଁଳ ଉତ୍ପାଦନ ପାଇଁ ସଦର ବ୍ଲକର ଜୟନ୍ତ ମହାନ୍ତଙ୍କୁ ୫ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମେଳାରେ ବିଭିନ୍ନ ବିଭାଗର ମୋଟ ୨୭ଟି ଷ୍ଟଲ୍ ପଡ଼ିଛି। ଖୋଲା ପ୍ରଦର୍ଶନୀରେ ଗାଇ, ଛେଳି, ବତକ, ମଇଁଷି, ପକ୍ଷୀ ଏବଂ ବାୟୋଫ୍ଲକ୍ ମାଛ ଚାଷ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ପ୍ରକାଶ ପାଇଛି। ସଭା ପରେ ପ୍ରଥମାର୍ଦ୍ଧରେ ଚାଷୀ ଓ ବୈଜ୍ଞାନିକମାନଙ୍କୁ ନେଇ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଆଲୋଚନାଚକ୍ରରେ ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ବିନୟ ଭୂଷଣ ମିଶ୍ର, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଲିପ୍ସା ଦାସ, ଉଦ୍ୟାନ କୃଷି ଡିପ୍ଲୋମା ସ୍କୁଲର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ଦାସ, ସାହାରପଡ଼ା ବ୍ଲକ ସହକାରୀ ମତ୍ସ୍ୟାଧିକାରୀ ସୁରଜ କୁମାର ପ୍ରଧାନ ଓ ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ସରୋଜ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଚାଷୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଅଳତୀ ଗଡ଼ବାନ୍ଧଗୋଡ଼ା ଓ ରାମଚନ୍ଦ୍ରପୁରରେ ମଣ୍ଡି ଉଦ୍‌ଘାଟିତ



ଆନନ୍ଦପୁର, ୬ ।୧(ସମିସ): ଘସିପୁରା ବ୍ଲକ ଅଳତୀ, ଗଡ଼ବାନ୍ଧଗୋଡ଼ା, ରାମଚନ୍ଦ୍ରପୁର, ସାଳଦେଇ ସେବା ସମବାୟ ସମିତି ତରଫରୁ ଧାନମଣ୍ଡି ଖୋଲାଯାଇଛି। ମଣ୍ଡିରେ ଧାନକ୍ରୟ ସମୟରେ ଧାନରମାନ ପରୀକ୍ଷା କରିବା ସହ ସରକାର ଧାର୍ଯ୍ୟ କରିଥିବା ଟଙ୍କାରେ ଧାନକ୍ରୟ କରାଯିବ। ଏହି ଅବସରରେ ଗଡ଼ବାନ୍ଦଗୋଡା ସେବା ସମବାୟ ସମିତିରେ ମୁଖ୍ୟ ଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜୟ ମଲ୍ଲିକ, ଗଡ଼ବାନ୍ଧଗୋଡ଼ା ସରପଞ୍ଚ ଶଶିକାନ୍ତ ଜେନା, ସମିତି ସଭ୍ୟ ବିଜୟ ଜେନା, ସମବାୟ ସମିତିର ସମସ୍ତ ନିର୍ଦ୍ଦେଶକ ଯୋଗଦାନ କରି ଧାନମଣ୍ଡିକୁ ଉଦ୍‌ଘାଟିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମବାୟ ସମିତିର ସମ୍ପାଦକ ଇଶ୍ୱର ଚନ୍ଦ୍ର ସାହୁ, ଭାରତଭୂଷଣ ନାୟକ ଉପସ୍ଥିତ ଥିଲେ। ସେହିପରି ଅଳତୀ ସେବା ସମବାୟ ସମିତିରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ଦ୍ୱାରା ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସଭାପତି ସୁଶାନ୍ତ ରାଉତ, ସମ୍ପାଦକ ମୀନକେତନ ରାଉଳ, ଅଳତୀ ସରପଞ୍ଚ ପ୍ରିୟବ୍ରତ ବରାଳ, ସମାଜସେବୀ ପ୍ରଭାତବରାଳ ଉପସ୍ଥିତ ରହିଥିଲେ। ସେହିପରି ରାମଚନ୍ଦ୍ରପୁର ସେବା ସମବାୟରେ ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଧାନ ମଣ୍ଡି ଉଦ୍‌ଘାଟିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାମଚନ୍ଦ୍ରପୁର ସରପଞ୍ଚ ପ୍ରଦୀପ କୁମାର ସାହୁ, ପୂର୍ବତନ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ସମ୍ପାଦକ ଷ୍ଟିଫେନସନ ବୋଇତେଇଙ୍କ ସହ ସମସ୍ତ ନିର୍ଦ୍ଦେଶକ ଯୋଗଦାନ କରିଥିଲେ। ସେହିପରି ଶାଳଦେଇ ସେବା ସମବାୟ ସମିତିରେ ଚାଷୀମାନଙ୍କ ଠାରୁ ଧାନ କିଣିବା ପାଇଁ ମଣ୍ଡି ଉଦ୍‌ଘାଟିତ ହେବାପରେ ଶହଶହ ଚାଷୀ ଉପକୃତ ହେବେ। ସମବାୟ ସମିତି ସଭାପତି ବିଶ୍ୱରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଯୋଗ ଦେଇ ଥିଲେ। ସାଇଁକୁଳ କେସିସି ବ୍ୟାଙ୍କ ପରିଚାଳକ ସ୍ୱୟଂ ସିଦ୍ଧାନ୍ତ, ସମବାୟ ସମିତିର ସମସ୍ତ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। କ ଆର୍ତ୍ତବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ● ଅବକାରୀ ଓ ପୁଲିସର ମିଳିତ ଚଢ଼ଉ

## ବିପୁଳ ପୋଚ ଓ ମଦ ଜବତ



ଯୋଡ଼ା, ୬ ।୧(ସମିସ): କେନ୍ଦୁଝର ଜିଲ୍ଲାରେ ମଦ ଉତ୍ପାଦନ ବିକ୍ରି ବିରୋଧରେ ଅବକାରୀ ବିଭାଗ ଦ୍ୱାରା ଚାଲିଥିବା କଡ଼ା କାର୍ଯ୍ୟାନୁଷ୍ଠାନ ଆହୁରି ଜୋରଦାର ହୋଇଛି। ଜିଲ୍ଲା ମୁଖ୍ୟ ଅବକାରୀ ଅଧିକ୍ଷକ ତେଜରାଜ ଯାନୀଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପୁଆ ଉପଖଣ୍ଡ ଅବକାରୀ ଅଧିକାରୀଙ୍କ ଇନ୍ସପେକ୍ଟର ଏଚ୍ ଜାଗା ରାଓଙ୍କ ଉପସ୍ଥିତିରେ ମଙ୍ଗଳବାର ଯୋଡ଼ା ଅଞ୍ଚଳରେ ବଡ଼ ଧରଣର ମିଳିତ ଚଢ଼ଉ କରାଯାଇଛି। ଯୋଡ଼ା ଅବକାରୀ ଓଆଇସି ସୁଭ୍ରମ ବିଶ୍ୱାଳଙ୍କ ନେତୃତ୍ୱରେ ଯୋଡ଼ା ପୁଲିସ ଓ ବାମେବାରୀ ପୁଲିସର ସହଯୋଗରେ ବନ୍ଧୁଆବେଡା ଏବଂ କେମ୍ପହୋଟିଂ ଅଞ୍ଚଳକୁ ଟାର୍ଗେଟ୍ କରି ଏହି ଚଢ଼ଉ କରାଯାଇଛି। ଚଢ଼ଉ ସମୟରେ ଜଙ୍ଗଲ ଏବଂ ଜନବସତି ନିକଟରେ ଲୁଚାଇ ରଖାଯାଇଥିବା ପ୍ରାୟ ୫୦ ଲିଟର ମହୁଲି ପୋଚ ଏବଂ ପ୍ରାୟ ୮୦୦ ଲିଟର ଦେଶୀ ମଦ ସଫଳତାର ସହିତ ଜବତ କରି ନଷ୍ଟ କରିଥିବା ଜଣାପଡ଼ିଛି। ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ ଯେ, ଆଗାମୀ ଦିନରେ ଯୋଡ଼ା, ଚମ୍ପୁଆ ଓ ଆଖପାଖ ଅଞ୍ଚଳରେ ଏପରି ଅଚାନକ ଚଢ଼ଉ ଆହୁରି ତୀବ୍ର କରାଯିବ।

## ମଦନପୁର ଓ ପଣ୍ଡୁଆରେ ଗୋଦାବରୀଶ ବିଦ୍ୟାଳୟ



ଆନନ୍ଦପୁର, ୬ ।୧(ସମିସ): ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ସେହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ଆୟୋଜନରେ ବୁଧବାର ଦିନ ସାରା ଓଡ଼ିଶାରେ ୧୧୦ ଟି ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ଉତ୍ସବ ଅନୁଷ୍ଠିତ ହେବ। ଏହି ସ୍କୁଲ ଗୁଡ଼ିକ ମଡେଲ ସ୍କୁଲ ହେବେ ଯେଉଁଥିରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ସ୍କୁଲ ଛାତ୍ରଛାତ୍ରୀ ମାନଙ୍କପାଇଁ ଉପଲବ୍ଧ ହେବ। ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର ଜିଲ୍ଲାରେ ୮ ଗୋଟି ସ୍କୁଲରେ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ପାଳନ ହେବ ଓ ଘସିପୁରା ବ୍ଲକରେ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ ଫଳରେ ୨ଟି ସ୍କୁଲ ଶିଳାନ୍ୟାସ ଉତ୍ସବ ହେବ। ଏଥିପାଇଁ ଘସିପୁରା ବ୍ଲକ୍‌ର ମଦନପୁର ଓ ପଣ୍ଡୁଆକୁ ବାଛି ଥିବାରୁ ବିଜେପି ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱିରାଜ କୁଅଁର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ



କେନ୍ଦୁଝର, ୬ ।୧(ସମିସ): କେନ୍ଦୁଝର ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ମଙ୍ଗଳବାର ସଚେତନତା ରଥର ଶୁଭାରମ୍ଭ କରାଯାଇଛି। କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରାଯାଇଥିବା ଏହି ରଥକୁ ତେଲକୋଇ ବିଧାୟକ ଡାକ୍ତର ଫକିର ମୋହନ ନାଏକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ଜିଲ୍ଲାରେ କାର୍ଯ୍ୟ କରୁଥିବା ସମସ୍ତ ପାଣି ପଂଚାୟତ ଗ୍ରାମଗୁଡିକୁ ବୁଲିବ ବୋଲି ଜଣାପଡ଼ିଛି। ପାଣି ପଞ୍ଚାୟତ ପକ୍ଷ ଜାନୁୟାରୀ ୬ ରୁ ୧୩ ତାରିଖ ପର୍ଯ୍ୟନ୍ତ ଗାଁ ଗାଁ ବୁଲି ଜଳସେଚନ ସୁବିଧା ଓ ସୁପରିଚାଳନା ନିମନ୍ତେ ଚାଷୀମାନଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବ। ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ଇଂ ରଶ୍ମୀ ରେଖା ଚାତାର, ଚର୍ତୁଭୂଜ ନାୟକ, କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ (୧) ଇଂ ସୁକେସ୍ମିତା ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ(୨) ଇଂ ମଙ୍ଗୁଳି ଚରଣ ସିଂ, ତେଲକୋଇ ଏସଡିଓ ପିଠ ସୋରେନ, ସହକାରୀ ଯନ୍ତ୍ରୀ ଇଂ ଚିତ୍ତରଞ୍ଜନ ଜେନା, ଇଂ ଆନନ୍ଦ କୁମାର ମଣ୍ଡଳ, ଇଂ ଯୁଧିଷ୍ଠିର ସାହା, ଇଂ ଦିବ୍ୟ ସିଂ ପ୍ରଧାନ, ବିଭାଗୀୟ ଅଧିକାରୀ ସୁଶୀଲ କୁମାର ସେଠୀ, ଉଠା ଜଳସେଚନ ବିଭାଗ କେନ୍ଦୁଝର ସଦର ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ବୁଧୁରାୟସାଙ୍ଗେ ସାମାଦଙ୍କ ସମେତ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନ ପାଣି ପଞ୍ଚାୟତ କର୍ମକର୍ତ୍ତା, କନିଷ୍ଠ ଯନ୍ତ୍ରୀ ଏବଂ ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## କେନ୍ଦେଇପଶି ରାଜନଗର ଲ୍ୟାମ୍ପସ୍‌ରେ ଖୋଲିଲା ଧାନ ମଣ୍ଡି




ତୁରୁମୁଙ୍ଗା, ୬ ।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କେନ୍ଦେଇପଶି ,ରାଜନଗର ଓ ଯମୁନାପଶି ଲାମ୍ପସରେ ମଙ୍ଗଳବାର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। କେନ୍ଦେଇପଶି ଲାମ୍ପ୍‌ରେ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ସୁମନ୍ତ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ ଧାନ କିଣାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଧାୟକଙ୍କ ପାଟଣା ବ୍ଲକ ପ୍ରତିନିଧି କମଳାକାନ୍ତ ଦାଶ, ବ୍ଲକ ଯୋଗାଣ ନିରୀକ୍ଷକ ଦିବ୍ୟରାଜ ଭୋଇ, କେନ୍ଦେଇପଶି ସରପଞ୍ଚ ମିନାକ୍ଷୀ ନାଏକ, ଚକୁଣ୍ଡାପାଳ ସରପଞ୍ଚ ରକ୍ଷାମଣି ନାଏକ, ଓଡ଼ିଶା କୁଡୁମି ସେନାର ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ, କେନ୍ଦେଇପଶି ସମିତି ସଭ୍ୟ ପ୍ରଦୀପ କୁମାର ନାଏକ, କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ପାଟଣାର ଶାଖା ପରିଚାଳକ ଦିଲୀପ କୁମାର ପ୍ରଧାନ,ସୁଶୀଲ କୁମାର ନାଏକ ଯୋଗଦେଇ ଥିଲେ। ପ୍ରଥମ ଦିନରେ ୧୨ଜଣ ଚାଷୀଙ୍କଠାରୁ ଧାନକିଣା ଯାଇଥିଲା। ସେହିପରି ରାଜନଗର ଲ୍ୟାମ୍ପସରେ ସରପଞ୍ଚ ସୁଧାଂଶୁ ନାଏକ ଧାନମଣ୍ଡିର ଶୁଭାରମ୍ଭ କରିଥିବାବେଳେ ସମ୍ମାନିତ ଅତିଥି ଭାବରେ ଲ୍ୟାମ୍ପସ ସଭାପତି ପ୍ରଫୁଲ୍ଲ କୁମାର ନାଏକ ଯୋଗଦେଇ ଏମ୍‌ଡି ଶ୍ରୀପତି ମହାନ୍ତଙ୍କ ତତ୍ତ୍ୱାବଧାନରେ ପ୍ରଥମ ଦିନରେ ୬ ଜଣ ଚାଷୀଙ୍କଠାରୁ ୧୪୬ କ୍ୱିଣ୍ଟାଲ ଧାନ କିଣା ଯାଇଥିଲା।

## ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ କମ୍ବଳ ବଣ୍ଟନ



କେନ୍ଦୁଝର, ୬ ।୧(ସମିସ): କେନ୍ଦୁଝର ମାଟିର ପୁଅ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କର ୫୪ ତମ ଜନ୍ମଦିନ ଅବସରରେ କେନ୍ଦୁଝର ଠାରେ ବିଭିନ୍ନ କାର୍ଯ୍ୟକ୍ରମ ପୂଜାପାଠ ଆୟୋଜିତ ହୋଇଥିଲା। ଏହି କ୍ରମରେ ମୁଖମନ୍ତ୍ରୀଙ୍କର ନିଜ ନିର୍ବାଚନ ମଣ୍ଡଳୀ ର ବାଉରୀପଦା ପଞ୍ଚାୟତର ମୁକୁନା ଠାରେ ଥିବା ଶ୍ରୀରାମ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ଅଞ୍ଚଳର ବରିଷ୍ଠ ନାଗରିକ ବୃଦ୍ଧ ବୃଦ୍ଧା ମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ମନ୍ଦୀର ପରିସରରେ ଏକ ସଂକ୍ଷିପ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିରଜା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣେଶ୍ୱର ମହାନ୍ତ, ବିବେକାନନ୍ଦ ମହାନ୍ତ, ପ୍ରଦୀପ ବାରିକ, ଶ୍ରୀମନ୍ତ ତ୍ରିପାଠୀ, ଧନୁର୍ଯ୍ୟୟ ମହାନ୍ତ, ଚାରୁଲତା ପାଣିଗ୍ରାହୀ, ନାରାୟଣ ଦେହୁରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## 'ଆଶାର ଦ୍ୱାର' ପକ୍ଷରୁ ରକ୍ତଦାନ ଶିବିର




ଯୋଡ଼ା, ୬ ।୧(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ରେ ଥିବା ଏକ ସାମାଜିକ ଅନୁଷ୍ଠାନ 'ଆଶାର ଦ୍ୱାର' ଫାଉଣ୍ଡେସନ ପକ୍ଷରୁ ମଙ୍ଗଳବାର ଯୋଡ଼ା କଲ୍ୟାଣ ମଣ୍ଡପ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପୁଲିସ ଉପଖଣ୍ଡ ଅଧିକାରୀ ଦେବେନ୍ଦ୍ର ନାଥ ପିଙ୍ଗୁଆ ଉଦ୍‌ଘାଟନ କରିଥିଲେ। ଟାଟାଷ୍ଟିଲ ମୁଖ୍ୟ ରାଜେଶ କୁମାର, ଯୋଡ଼ା ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ସାହୁ, ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର, ବିଶ୍ୱ ହିନ୍ଦୁ ପରିଷଦ ଯୋଡ଼ା ସଭାପତି ରଂଜିତ ମହାକୁଡ଼ ଉପସ୍ଥିତ ଥିଲେ। ଫାଉଣ୍ଡେସନ ମୁଖ୍ୟ ବିଜୟ ମହାକୁଡ଼ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ।

## ୨୫ ଟିକିଆ ହାତୀପଲଙ୍କ ଉପଦ୍ରବ; ଭାଙ୍ଗିଲେ ୫ ଘର



ତୁରୁମୁଙ୍ଗା, ୬ ।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ୨୫ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ସୋମବାର ବିଳମ୍ବିତ ରାତିରେ ହାତୀପଲ ଅଞ୍ଚଳରେ ବ୍ୟାପକ ପନି ପରିବା ଚାଷ ନଷ୍ଟ କରିବା ସହ ୫ ଟି ଘର ଭାଙ୍ଗି ଘର ଭିତରୁ ଧାନ ଓ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ହାତୀପଲ କିଆପଡା ଗ୍ରାମରେ ୩ ଟି ଘର ଓ ଖୁଣ୍ଟାପଡା ଗ୍ରାମରେ ୨ ଟି ଘର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ଖୁଣ୍ଟାପଡା ଗ୍ରାମର ଦିବ୍ୟଲୋଚନ ମୁଣ୍ଡା ଓ କ୍ଷେତ୍ର ମୁଣ୍ଡାଙ୍କ ଘର ଭାଙ୍ଗିଥିବାବେଳେ କିଆପଡା ଗ୍ରାମର ଭାଗୀରଥି ନାଏକ, ସୌଦାମିନୀ ମହାନ୍ତ ଓ ମଙ୍ଗୁଳି ନାଏକଙ୍କ ଘରକୁ ହାତୀପଲ ଭାଙ୍ଗି ଦେଇଛନ୍ତି। ବନବିଭାଗ ପକ୍ଷରୁ ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପାଟଣା ବନପାଳ ନିରଞ୍ଜନ ସେଠୀ, କେନ୍ଦେଇପଶି ବନରକ୍ଷୀ ରୂପଶ୍ରୀ ଖୁଣ୍ଟିଆ କ୍ଷୟକ୍ଷତିର ଆକଳନ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ହାତୀପଲ କେନ୍ଦେଇପଶି ଶନିମନ୍ଦିର ନିକଟ କାଜୁ ଜଙ୍ଗଲ ଡେରା ପକାଇଛନ୍ତି। ଏହି ହାତୀପଲରେ ୬ ଟି ଦନ୍ତା ୧୧ ଟି ମାଈ ଓ ୮ ଟି ଛୁଆ ହାତୀ ରହିଛନ୍ତି।

### ● ବରିଷ୍ଠ ନାଗରିକ ତୀର୍ଥଯାତ୍ରା

## କେନ୍ଦୁଝରରୁ ମଦୁରାଇ ଓ ରାମେଶ୍ୱରମ୍ ବାହାରିଲେ ତୀର୍ଥଯାତ୍ରୀ

କେନ୍ଦୁଝର, ୬ ।୧(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚଳିତ "ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା'ରେ କେନ୍ଦୁଝର ଜିଲ୍ଲାରୁ ୧୪୦ ଜଣ ବରିଷ୍ଠ ନାଗରିକ ମଦୁରାଇ ଓ ରାମେଶ୍ୱରମ୍ ଅଭିମୁଖେ ଯାତ୍ରା କରିଛନ୍ତି। ସ୍ଥାନୀୟ କେନ୍ଦୁଝର ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ପରିସରରୁ ଏହି ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଯୋଗଦେଇ ଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତୀର୍ଥଯାତ୍ରୀମାନଙ୍କର ସୁବିଧା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଯାତ୍ରା ସମୟରେ ସମସ୍ତ ତୀର୍ଥଯାତ୍ରୀଙ୍କ ଦେଖାଶୁଣା, ଉପଯୁକ୍ତ ଖାଇବା ପିଇବା ଏବଂ ବିଶ୍ରାମ ସହିତ ଯାତ୍ରାକୁ ଆରାମଦାୟକ କରିବା ପାଇଁ ଏସ୍କୋର୍ଟ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଅବସରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷ, ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ରମେଶ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ।




SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ: 022-22820427

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/19 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 ଅନୁଯାୟୀ) |
|---|---|---|
| ଉପାଧ୍ୟକ୍ଷ (ନିବେଶକ ସମ୍ପର୍କ) | 1 | 50 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 03.01.2026 ରୁ 23.01.2026 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 03.01.2026
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

**ରାସ୍ତା କାମରେ ଅନିୟମିତତା ଅଭିଯୋଗ**

# ନିର୍ମାଣର ଦିନକ ପରେ ହାତ ମାରିଲେ ଉଠିଯାଉଛି ପିଚୁ

ରାଇରଙ୍ଗପୁର, ୬ା୧(ସମିସ): ରାସ୍ତା ନିର୍ମାଣ ନାମରେ ରାଇରଙ୍ଗପୁର ଗ୍ରାମ୍ୟ ଉନ୍ନୟନ ବିଭାଗରେ ଦୁର୍ନୀତି ଗନ୍ଧ ବାରି ହୋଇଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଉପାନ୍ତ ଗ୍ରାମକୁ ସୁଗମ ଗମନାଗମନ ବ୍ୟବସ୍ଥା ପାଇଁ କୋଟି କୋଟି ଟଙ୍କା ବିନିମୟରେ ରାସ୍ତା ନିର୍ମାଣ ହେଉଥିବାବେଳେ ସେଥିରେ କେଲେଙ୍କାରି ନେଇ ଅଭିଯୋଗ ହୋଇଛି। ପିସି

- ଦୁର୍ନୀତିର ଗନ୍ତାଘର ସାଜିଛି ଗ୍ରାମ୍ୟ ଉନ୍ନୟନ ବିଭାଗ
- ରାଷ୍ଟ୍ରପତିଙ୍କ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା କାମରେ ଦୁର୍ନୀତି
- ପିସି ପାଇଁ ନିମ୍ନମାନର ହେଉଛି ନିର୍ମାଣ କାମ

ପାଇଁ ନିମ୍ନମାନର ରାସ୍ତା କାମ ହୋଇଥିବାରୁ ନିର୍ମାଣର ଦିନକ ପରେ ହାତ ମାରିଲେ ଖଣ୍ଡ ଖଣ୍ଡ ହୋଇ ପିଚୁ ଉଠିଯାଉଛି। ଏଭଳି ଦୁର୍ନୀତିମୂଳକ କାମ ବାମନଘାଟି ଉପଖଣ୍ଡ ଅଧୀନ କୁସୁମୀ ବ୍ଲକ ଅନ୍ତର୍ଗତ ତଳାପାତି ପଞ୍ଚାୟତର ସାନହାତନାବେଡା ଗ୍ରାମରେ ଦେଖିବାକୁ ମିଳିଛି।

ସୂଚନା ମୁତାବକ, ସାନହାତନାବେଡା ଗ୍ରାମରୁ ବାସିଲା ପର୍ଯ୍ୟନ୍ତ ସଂଯୋଗ କରୁଥିବା ପ୍ରାୟ ୭ କିଲୋମିଟର ରାସ୍ତାର ଉନ୍ନତିକରଣ କାର୍ଯ୍ୟ ହୋଇଛି। ରାଇରଙ୍ଗପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ କୋଟି କୋଟି ଟଙ୍କା ବିନିମୟରେ ଉକ୍ତ ରାସ୍ତା ନିର୍ମାଣ ହୋଇଛି। କିନ୍ତୁ ଉକ୍ତ ନିର୍ମାଣ କାମକୁ ଅତି ନିମ୍ନମାନର କରାଯାଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାସିଲା ଗ୍ରାମଠାରୁ ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ସାନହାତନାବେଡା ମଧ୍ୟ ରାସ୍ତାକୁ ଟେଣ୍ଡର ଅନୁଯାୟୀ କାର୍ଯ୍ୟ ହୋଇ ନ ଥିବା ଅଭିଯୋଗ କରିଛନ୍ତି। ଠିକାଦାର ଜଣକ ପୂର୍ବରୁ ଥିବା ମାଟି ରାସ୍ତା ଉପରେ



ପିଚୁ ପକାଇ ରାସ୍ତା ନିର୍ମାଣ କାମ ସାରି ଦେଇଛନ୍ତି। ଉକ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତାଟି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପୈତୃକ ଗ୍ରାମକୁ ସଂଯୋଗ ମଧ୍ୟ କରୁଛି। ମାତ୍ର ୧୦ କିମି ଦୂରରେ ତାଙ୍କ ଗ୍ରାମ ଅବସ୍ଥିତ ଅଟେ। ସେଠାରେ ବି ଦୁର୍ନୀତି କରିବାରେ ଯନ୍ତ୍ରୀ କିମ୍ବା ଠିକାଦାର କେହି ବି ପଛଘୁଞ୍ଚା ଦେଲେନାହିଁ। କାମ ସମୟରେ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ନ ଆସିବାରୁ ଠିକାଦାର ଫାଇଦା ଉଠାଇ ମାଟି ଉପରେ ପିଚୁ ପକାଇ ତରବରିଆ କାମ ସାରି ଛୁ ମାରିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ରାସ୍ତାରେ ମେଟାଲ କି ମୋରମ୍ ନ ପକାଇ ପୂର୍ବରୁ ଥିବା ରାସ୍ତା ଉପରେ ଡଷ୍ଟ ପକାଇ ପିଚୁ କରିଛନ୍ତି ଠିକାଦାର। ଯାହା ଅତି ନିମ୍ନମାନର କାମ କରି ବିଲ୍ ଉଠାଇ ନେଇଥିବା ଅଭିଯୋଗ ହୋଇଛି। ଯାହାକି ଆସନ୍ତା ସପ୍ତାହକ ମଧ୍ୟ ତିଷ୍ଠିବା ଅସମ୍ଭବ ଅଟେ। ରାସ୍ତାରେ ହାତ ମାରିଲେ ଫଡାଫଡା ପିଚୁ ଖଣ୍ଡ ବାହାରି ଆସୁଛି। ହାତରେ ଟାଣିଲେ ପିଚୁ ବାହାରି ଆସୁଥିବାର ଫଟୋଚିତ୍ରରେ ବାରି ହୋଇପଡୁଛି। ଠିକାଦାର ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅସାଧୁ ମେଣ୍ଟ ଯୋଗୁଁ ଖୋଦ ରାଷ୍ଟ୍ରପତିଙ୍କ ଅଞ୍ଚଳରେ ଏଭଳି କେଲେଙ୍କାରୀ ସମ୍ଭବ ହୋଇଛି। ଏ ନେଇ ତୁରନ୍ତ ତଦନ୍ତ କରି ପୁନଃ ରାସ୍ତା ନିର୍ମାଣ କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ରାଇରଙ୍ଗପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜିତ ନାୟକଙ୍କୁ ପଚାରିବାରୁ ରାସ୍ତା କାମର ଯାଞ୍ଚ କରିବାକୁ ସେ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ପ୍ରବଳ ଶୀତ ଯୋଗୁଁ ପିଚୁ ଠିକ ଭାବେ ବସି ନ ଥିବାବେଳେ ଗ୍ରାମବାସୀ ଜୋର ଜବରଦସ୍ତ ଟାଣି ବାହାର କରିଛନ୍ତି। ଯାହାକି ନିୟମ ବାହାର କାମ ଅଟେ। ବିଶୋଇ ଅଞ୍ଚଳର ଠିକାଦାର ଉକ୍ତ ରାସ୍ତା ନିର୍ମାଣ କରିଥିବାବେଳେ ରକ୍ଷଣାବେକ୍ଷଣ ନିମନ୍ତେ ତାଙ୍କୁ ୩ ବର୍ଷ ଦାୟିତ୍ୱ ପ୍ରଦାନ କରାଯାଇଛି। ଲୋକଙ୍କ ଅଭିଯୋଗ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୁନଃ ରାସ୍ତା ନିର୍ମାଣ ହେବ ବୋଲି କହିଛନ୍ତି। ତେବେ ରାସ୍ତା କାମରେ ଠିକାଦାର କେଲେଙ୍କାରୀ କରି ନିମ୍ନମାନର କାମ କରିଥିବାବେଳେ ଏଥିପ୍ରତି ତୁରନ୍ତ ସାଂସଦ, ବିଧାୟକ ଓ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଆବଶ୍ୟକ ସ୍ଥଳେ ଉକ୍ତ ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

**● ମିଳୁନି ଆବାସ ଟଙ୍କା**

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ବୃଦ୍ଧବୃଦ୍ଧା



ବାରିପଦା, ୬।୧(ସମିସ): ଗରିବ ଶ୍ରେଣୀର ଲୋକଙ୍କୁ ଆବାସ ଗୃହ ନିର୍ମାଣ ନିମନ୍ତେ ମିଳୁଥିବା ଟଙ୍କା ପ୍ରଦାନରେ ଅନେକ ଅସୁବିଧା ହେଉଛି। ଯାହାକୁ ନେଇ ସେମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ ଜଣାଇଛନ୍ତି। ବେତନଟୀ ବ୍ଲକ ଅନ୍ତର୍ଗତ ବଡ଼ଜାମବଣି ଗ୍ରାମର ସୁକାନ୍ତି ମହାନ୍ତ ଆବାସ ଗୃହ ନିର୍ମାଣ ନିମନ୍ତେ ଯୋଗ୍ୟ ହିତାଧିକାରୀ ଭାବେ ଚିହ୍ନଟ ହୋଇଛନ୍ତି। ଗୃହ ନିର୍ମାଣ ପାଇଁ ପ୍ରଥମ କିସ୍ତି ଟଙ୍କା ଆସିଥିଲା। ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବାବେଳେ ଦ୍ୱିତୀୟ କିସ୍ତି ଟଙ୍କା ମିଳୁନାହିଁ। ୬୫, ୦୦୦ ଟଙ୍କା ବାକିଥିବାବେଳେ ତାହା ରାଜ୍ୟ ସରକାର ପ୍ରଦାନ କଲେ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କଲେ ସୁଦ୍ଧା ତାହା ମିଳୁନାହିଁ। ଏ ନେଇ ବିଡିଓଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ। କିନ୍ତୁ ରାଜ୍ୟ ସରକାର ବକେୟା ଟଙ୍କା ପ୍ରଦାନ କରିନାହାନ୍ତି, ତାହା ପ୍ରଦାନ କଲେ ତାଙ୍କୁ କିସ୍ତି ମିଳିବ ବୋଲି କହିଥିଲେ। ଯାହାକୁ ନେଇ ସେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି।

ସେହିପରି ଉକ୍ତ ଗ୍ରାମର କରୁଣା ଦେହୁରୀଙ୍କ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଆବାସ ଗୃହ ନିର୍ମାଣ ନିମନ୍ତେ ଅନୁମୋଦନ ହୋଇଛି। ସେ ଯୋଗ୍ୟ ହିତାଧିକାରୀ ଥିବା ସତ୍ତ୍ୱେ ତାଙ୍କୁ କିନ୍ତୁ ଗୃହ ନିର୍ମାଣ ପାଇଁ ଟଙ୍କା ମିଳିନାହିଁ। ସେ ଗୃହ ନିର୍ମାଣ କରି ନ ପାରି କଷ୍ଟରେ ଚଳୁଛନ୍ତି। ବାରମ୍ବାର ବ୍ଲକକୁ ଯାଇ ଅଭିଯୋଗ କଲେ ସୁଦ୍ଧା ତାହା ମିଳିନାହିଁ। ଯାହାକୁ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ସମସ୍ୟା ଜଣାଇଛନ୍ତି। ତେବେ ଜନଜାତିଙ୍କ ଉନ୍ନତି ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଥିବାର ଡିଣ୍ଡିମ ପିଟୁଥିବାବେଳେ ସତ୍ୟତା କିନ୍ତୁ ଅଲଗା ରହୁଛି। ହିତାଧିକାରୀ ଆବାସ ନିମନ୍ତେ ବାରମ୍ବାର ସରକାରୀ କାର୍ଯ୍ୟାଳୟ ଧାଉଁଥିଲେ ସୁଦ୍ଧା କୌଣସି ହିତ ସାଧିତ ହେଉନାହିଁ।

## ଜୟପୁର ଜନତା ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ

ରାଇରଙ୍ଗପୁର, ୬ା୧(ସମିସ): କୁସୁମୀ ବ୍ଲକ ଅନ୍ତର୍ଗତ ଜୟପୁର ଜନତା ସରକାରୀ ଉଚ୍ଚବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କୁସୁମୀ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରିଣୀ ଜଳେଶ୍ୱରୀ ମହାନ୍ତ ଯୋଗଦେଇ ଫିତା କାଟି ଉତ୍ସବକୁ ଉଦଘାଟନ କରିଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ପ୍ରତିଭାର ବିକାଶ ପାଇଁ ବିଭିନ୍ନ ସୃଜନାତ୍ମକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ରାଜେନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ କୁଲଡିହା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ସୁବାସ ନାଏକ, ଜୟପୁର ସରପଞ୍ଚ ପିଥ ସୋରେନ, ଜୟପୁର ପିଏସ ମେମ୍ବର ଜଗନ୍ନାଥ ମୁଣ୍ଡା, ଆଲୁମିନି ପ୍ରେସିଡେଣ୍ଟ ଭଞ୍ଜକିଶୋର ମହାନ୍ତି, ଏସଏମସି ପ୍ରେସିଡେଣ୍ଟ ରୁଷିନାଥ ମୁଣ୍ଡା, କ୍ରୀଡା ଶିକ୍ଷକ ଅଧୀର ନନ୍ଦ, ଶିକ୍ଷକ ସୁକାନ୍ତ ସେଠୀ, ରଞ୍ଜିତ ଗିରି ଓ ସିଆରସିସି ବାଞ୍ଛାନିଧି ଗିରି ପ୍ରମୁଖ ଉପସ୍ଥିତ ଥିଲେ।

## ଆନନ୍ଦ ମାର୍ଗ ଜାଗୃତି ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୈଶିଙ୍ଗା/ବେତନଟୀ, ୬ା୧(ସମିସ): ଆଗ୍ରିଆ ପଞ୍ଚାୟତର ବ୍ରହ୍ମପୁରାସ୍ଥ ଆନନ୍ଦମାର୍ଗ ଜାଗୃତି ବିଦ୍ୟାଳୟର ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିବନାରାୟଣ ଘୋଷଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ ମନମୋହନ ମିଶ୍ର, ମୁଖ୍ୟବକ୍ତା ଭାବେ ସମାଜସେବୀ ଯୋଗେନ୍ଦ୍ର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ରାଉତ, ଅଁଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ମନୋରଞ୍ଜନ ଲେଙ୍କା ଓ ଆନନ୍ଦ ମାର୍ଗ ଜାଗୃତି ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ସଞ୍ଜୟ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଆନନ୍ଦମାର୍ଗର ପ୍ରତିଷ୍ଠାତା ଆନନ୍ଦ ମୂର୍ତ୍ତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସଭା ଆରମ୍ଭ କରାଯାଇଥିଲା। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସୁଜାତା ସରେନ, ସସ୍ମିତା ମହାନ୍ତ, ଇପସିତା ସେଠୀ, କବିତା ନାୟକ, ଶିକ୍ଷକ କେଶବ ଦାସ ଓ ତମନ ହାଁସଦା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ପରିଚାଳନା କମିଟି ଅଧ୍ୟକ୍ଷ ଅର୍ଜୁନ ମହାନ୍ତ ଶୁଭେଚ୍ଛା ଓ ପ୍ରଧାନଶିକ୍ଷୟିତ୍ରୀ ଅନୁପମା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କୋଷ୍ଟା ପିଏମ୍‌ଶ୍ରୀ ବିଦ୍ୟାଳୟର ବାର୍ଷିକୋତ୍ସବ

ଶୁଳିଆପଦା, ୬ା୧(ସମିସ): କୋଷ୍ଟା ପିଏମ୍‌ଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ତ୍ରିଲୋଚନ ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପାଠପଢ଼ି ଭଲ ମଣିଷ ହେବାକୁ ଅକ୍ଲାନ୍ତ ପରିଶ୍ରମର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଡଃ ଦମୟନ୍ତୀ ବେସ୍ରା, ପୂର୍ବତନ ବିଧାୟକ କାହ୍ନା ସୋରେନ, ସମାଜସେବୀ ପ୍ରଦୀପ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଶୀତକାଳୀନ ସ୍ୱତନ୍ତ୍ର ଶିବିର

ମୋରଡ଼ା, ୬ା୧(ସମିସ):ମୋରଡ଼ା ବ୍ଲକ ସଦର ମହକୁମା ଚିତ୍ରଡାରେ ଥିବା ଚିତ୍ରଡା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ସାତଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରକୁ ଇତିହାସ ବିଭାଗ ଅଧ୍ୟାପିକା ସରିତା ଟୁଡୁ ପ୍ରୋଗ୍ରାମ ଅଫିସର ଭାବେ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏନଏସଏସରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପୂର୍ବତନ ଅଧ୍ୟାପିକା ଉଷା ଶତପଥୀ, ମୁଖ୍ୟବକ୍ତା ଭାବେ ଅର୍ଚ୍ଚନା ପ୍ରଧାନ, ସଂଯୋଜକ ଭାବେ ବୁଦ୍ଧିରାମ ସିଂ ଯୋଗ ଦେଇଥିଲେ। ଜାତୀୟ ସେବା ଯୋଜନାର ମୂଳ ଲକ୍ଷ୍ୟ, ବ୍ୟକ୍ତିତ୍ୱ ବିକାଶ, ସମାଜର ପରିବର୍ତ୍ତନ କିପରି ହୋଇପାରିବ, ସେ ସମ୍ପର୍କରେ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ କହିଥିଲେ। ତୃତୀୟ ଦିବସରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ସୁସ୍ଥ ସମାଜ ଗଠନରେ ନିଜର ମୂଲ୍ୟବାନ ସମୟ ଦେବାକୁ ଉପଦେଶ ଦେଇଥିଲେ।

## ସାଇ କଳା ଏକାଡେମୀର ବାର୍ଷିକ ଉତ୍ସବ ଓ ଚିତ୍ରକଳା ପ୍ରଦର୍ଶନୀ



ବାରିପଦା, ୬ା୧(ସମିସ): ମୁର୍ଗାବାଡିସ୍ଥ ସାଇ କଳା ଏକାଡେମୀର ୨୧ତମ ବାର୍ଷିକ ଉତ୍ସବ ଓ ଚିତ୍ରକଳା ପ୍ରଦର୍ଶନୀ ସ୍ଥାନୀୟ ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ରାଜିକିଶୋର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସଞ୍ଜୟ ଚୌଧୁରୀ, ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଗୌତମ ପାତ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଓକିଲ ସଂଘ ସଭାପତି ପ୍ରବୀର ବସା, ରାଜ୍ୟ ବିଜେପିର କାର୍ଯ୍ୟକାରୀ ସଦସ୍ୟ ଜୀବନ ସାହୁ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କର୍ମକର୍ତ୍ତା ହରେନ୍ଦ୍ର ମହାନ୍ତ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟକ୍ଷ ରାଜକିଶୋର ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଉକ୍ତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଭାରତୀ ଭୂଷଣ ନାୟକ, ସମାଜସେବୀ ଶରତ ନାୟକ, ବରିଷ୍ଠ ସାମ୍ବାଦିକ ଦୀପକ ନାୟକ, ନୃତ୍ୟଗୁରୁ ଦେବାନନ୍ଦ ପାତ୍ର, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସାଇ କଳା ଏକାଡେମୀର ଛାତ୍ରୀ ସୁଦୀକ୍ଷା ମଣ୍ଡଳ, ଶ୍ରେୟାଂଶୁ ବେହେରା, ଜ୍ୟୋତିର୍ମୟ ଦାସ ଓ ଶ୍ରେୟାଂଶୀ ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ଛାତ୍ରଛାତ୍ରୀ ଭାବେ ସିନିୟର ବର୍ଗରେ ଏମ ସାଇ ଜ୍ୟୋତି, ଏମ ସାଇ ପ୍ରୀତି, ଶ୍ରେୟଂଶୁ ବେହେରା, ନାଡୟାସା ବେରା, କ୍ରିଷ୍ଟା ଓମୟାସା, ଆଲିଆ ଡୁଙ୍ଗଡୁଙ୍ଗ, ସବଜୁନିୟର ବର୍ଗରେ ରିୟାଂଶ ପାତ୍ର, ନତାଶା ଚେଲ, ଅନିମେଷ ସାହୁ, ଆୟୁଷ ପାତ୍ର ଓ ସାଇ ଶତପଥୀ ପୁରସ୍କୃତ ହୋଇଥିଲେ। ଜିଲ୍ଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତାରେ ୨୮୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ବନପ୍ରଭା ମହାନ୍ତ, ଅପର୍ଣ୍ଣା ପାତ୍ର, ଐଶ୍ୱର୍ଯ୍ୟା ବୁଲବୁଲ, ସୁଭ୍ରା ମହାନ୍ତି, ରବୀନ୍ଦ୍ର ଦାଶ ସହଯୋଗ କରିଥିଲେ। କୁନିକୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ମହାବିଦ୍ୟାଳୟର ପୂର୍ବତନ ସଭାପତିଙ୍କ ଶୋକସଭା

ବାରିପଦା, ୬ ।୧(ସମିସ): ବାରିପଦା ମହାବିଦ୍ୟାଳୟ ପରିଚାଳନା ସମିତିର ପୂର୍ବତନ ସଭାପତି ଅରବିନ୍ଦ ଦାସଙ୍କ ବିୟୋଗରେ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଶୋକସଭା ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ପୂର୍ବତନ ଅଧ୍ୟାପକ ରାଜେନ୍ଦ୍ର ସାମଲ, କର୍ମଚାରୀ ଗଙ୍ଗାଧର ସାହୁ, ଉମାକାନ୍ତ ବେହେରା ଓ ଆଦିତ୍ୟ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଆତ୍ମାର ସଦଗତି କାମନା କରି ଏକ ମିନିଟ୍ ନିରବ ପ୍ରାର୍ଥନା କରାଯିବା ସହ ତାଙ୍କର ଫଟୋଚିତ୍ରରେ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ବାମନଘାଟିରେ ମିନି ନନ୍ଦନକାନନ ପାଇଁ ଦାବି

**ରାଷ୍ଟ୍ରପତିଙ୍କୁ ଚିଠି ଲେଖିଲା ଯୁବ ସଂଗଠନ**

ରାଇରଙ୍ଗପୁର, ୬ା୧(ସମିସ): ମୟୂରଭଞ୍ଜ ଜିଲ୍ଲାର ବାମନଘାଟି ଅଞ୍ଚଳରେ ମିନି ନନ୍ଦନକାନନ ସ୍ଥାପନ ପାଇଁ ବିଜାତଲା ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ରାମଦୋଲି ଯୁବକ ସଂଘ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଚିଠି ଦିଆଯାଇଛି। ଏ ଅଞ୍ଚଳରେ ଖୋଦ୍ ରାଷ୍ଟ୍ରପତିଙ୍କ ଜନ୍ମସ୍ଥାନ। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ଶଶୁର ଘର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଅଞ୍ଚଳରୁ ପ୍ରତିନିଧିତ୍ୱ କରୁଛନ୍ତି। ବାମନଘାଟି ଅଞ୍ଚଳରେ ସୁଲେଇପାଟ୍, ବାଙ୍କବଳ ଓ ନେସା ଆଦି ପର୍ଯ୍ୟଟନ ସ୍ଥଳୀ ରହିଛି। ପର୍ଯ୍ୟଟକଙ୍କୁ ଅଧିକରୁ ଅଧିକ ଆକର୍ଷିତ କରିବା ପାଇଁ ରାଇରଙ୍ଗପୁର ବନଖଣ୍ଡ ଅଞ୍ଚଳରେ ଏକ ମିନି ନନ୍ଦନକାନନ ସ୍ଥାପନ ପାଇଁ ବିଜାତଲା ଅଞ୍ଚଳର ଅଗ୍ରଣୀ ସାମାଜିକ ସଂସ୍ଥା ରାମଦୋଲି ଯୁବକ ସଂଘ ପକ୍ଷରୁ ଲିଖିତ ଭାବେ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହାଦ୍ୱାରା ବାମନଘାଟିର ପ୍ରଗତି ହେବ। ରାସ୍ତାଘାଟର ଉନ୍ନତି ହେବା ସହ ଚାକିରି ସୁଯୋଗ ମିଳିବ। ଶିମିଳିପାଳ ଅଭୟାରଣ୍ୟରେ ବାଘ, ଭାଲୁ, କଟାସ, ବିଭିନ୍ନ ପ୍ରକାର ସାପ ଓ ବିଭିନ୍ନ ପ୍ରକାର ପକ୍ଷୀ ରହିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ପଶୁପକ୍ଷୀଙ୍କୁ ଧରି ଅନ୍ୟ ଜାଗାକୁ ପଠାଯାଏ। ତେଣୁ ଏହି ଅଞ୍ଚଳରେ ନନ୍ଦକାନନ ହେଲେ ଏ ଅଞ୍ଚଳ ପଶୁପକ୍ଷୀ ଏହି ଅଞ୍ଚଳରେ ହିଁ ରହିବେ। ରାମଦୋଲି ଯୁବକ ସଂଘ ପ୍ରତିଷ୍ଠାତା ସୁରେନ୍ଦ୍ର ମୁଣ୍ଡା କହିଛନ୍ତି, ଏ ନେଇ ଆଗାମୀ ଦିନରେ ସଂଘ ପକ୍ଷରୁ ସରକାରଙ୍କୁ ଚାପ ପ୍ରୟୋଗ ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି କହିଛନ୍ତି।

## ସୁସ୍ଥ ନାରୀ ସମାଜ ହିଁ ଦେଶ ବିକାଶର ମୂଳମନ୍ତ୍ର

କପ୍ତିପଦା, ୬ା୧(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ନୂଆସାହି ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ମହିଳା ସ୍ୱେଚ୍ଛାସେବୀଙ୍କ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହେଉଛି। ଅଧ୍ୟକ୍ଷା ଡ. ଲିପିକା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରମୋଦ ଶତପଥୀ, ମୁଖ୍ୟବକ୍ତା ଭାବେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସେବା ସଂସ୍ଥାର ପ୍ରାକ୍ତନ କାର୍ଯ୍ୟକ୍ରମ ସଯୋଜିକା ଡ. ଉଷା ଶତପଥୀ, ବିଶିଷ୍ଟ ଅତିଥି ଭାବେ ଡ. ବସନ୍ତ ମହାନ୍ତ ପ୍ରମୁଖ ଯୋଗଦେଇ ସୁସ୍ଥ ନାରୀ ସମାଜ ହିଁ ଦେଶ ବିକାଶର ମୂଳମନ୍ତ୍ର ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଭିନ୍ନ ମହାବିଦ୍ୟାଳୟରୁ ୧୦୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗ ଦେଇଥିବା ପୁରୁଷ କାର୍ଯ୍ୟକ୍ରମ ଅଧିକାରୀ ଲମ୍ବୋଦର ବାରିକ ସୂଚନା ଦେଇଥିବାବେଳେ ମହିଳା କାର୍ଯ୍ୟକ୍ରମ ଅଧିକାରିଣୀ ଶ୍ରୀମତୀ ମଞ୍ଜନା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଦ୍ୱିତୀୟ ଦିବସର ପ୍ରାତଃ ଅଧିବେଶନରେ ଯୋଗଗୁରୁ ବ୍ରହ୍ମାନନ୍ଦ ନାୟକଙ୍କ ତତ୍ତ୍ୱାବଧାନରେ ଶିବିରାର୍ଥୀଙ୍କୁ ଯୋଗର ଉପକାରିତା ସହିତ ଅଭ୍ୟାସମୂଳକ ଯୋଗଶିକ୍ଷା ଦିଆଯାଇଥିଲା। ପର ଅଧିବେଶନରେ ମହିଳାଙ୍କ କ୍ଷେତ୍ରରେ ଋତୁସ୍ରାବ ଅନିୟମିତତା ସମ୍ପର୍କିତ ସମସ୍ୟା ଓ ତତଜନିତ ଦେଖାଯାଉଥିବା ସେର୍ଭିଇକାଲ କେନସରର ପୂର୍ବ ଲକ୍ଷଣ, କାରଣ ଓ ନିରାକରଣ, ଚିକିତ୍ସା ସମ୍ପର୍କରେ ବିଶେଷଜ୍ଞ ଡାକ୍ତର ସୌରାଜିତ ପରିଡ଼ା, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ଡା. ରିତାଞ୍ଜଳି ବେହେରା ଗଭୀର ଆଲୋକପାତ କରଥିଲେ।

## ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାର ନୂତନ ଅଧିକାରିଣୀ ନିଯୁକ୍ତ

ରାଇରଙ୍ଗପୁର, ୬ା୧(ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାର ନୂତନ ଅଧିକାରିଣୀ ନିଯୁକ୍ତ କରାଯାଇଛି। କପ୍ତିପଦା ଥାନା ଅଧିକାରିଣୀ ବବିତାରାଣୀ ପୁହାଣଙ୍କୁ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାର ନୂତନ ଅଧିକାରିଣୀ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଏ ନେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପୁଲିସ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧିକାରିଣୀ ସରସ୍ୱତୀ ଟୁଡୁ ଡିଏସପି ପାହ୍ୟାକୁ ପଦୋନ୍ନତି ହେବା ପରେ ଯାଜପୁର ଜିଲ୍ଲାର ବରୀସ୍ଥ ପୁଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନର ଡିଏସପି ଭାବେ ନିଯୁକ୍ତ କରାଯାଇଛି। ଉକ୍ତ ସ୍ଥାନ ଫାଙ୍କା ପଡ଼ିଥିବା ବେଳେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନୂତନ କରି ନିଯୁକ୍ତି ପ୍ରଦାନ କରିଛନ୍ତି। ବଦଳି ସ୍ଥାନରେ ଖୁବଶୀଘ୍ର ଯୋଗଦାନ କରିବାକୁ ନିର୍ଦ୍ଦେଶ ରହିଛି।

**ମିଳିତ ଜନଅଭିଯୋଗ ଶୁଣାଣି ଶିବିର**

# ୨୪୨ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ

ବାରିପଦା, ୬।୧(ସମିସ): ମୟୂରଭଞ୍ଜ ଜିଲ୍ଲା ସଦର ମହକୁମାରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୁଃଖବନ୍ଧୁ ନାୟକ ଓ ଈଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ୨୪୨ଟି ଅଭିଯୋଗର ଶୁଣାଣି କରିଥିଲେ।

ଉକ୍ତ ଶୁଣାଣି ଶିବିରରେ ୨୪୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ତନ୍ମଧ୍ୟରୁ ୨୧୭ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ ୨୫ଟି ସାମୂହିକ ସମସ୍ୟା ଥିଲା। ଗୋଟିଏ ଆପତ୍ତିର ତତ୍କାଳ ସମାଧାନ ହୋଇଥିଲା। ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଉପରେ ଅନୁଧ୍ୟାନ ପୂର୍ବକ



ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ।

## ଯୁବ ମହୋତ୍ସବ ଉଦ୍‌ଯାପିତ

ସାରସକଣା, ୬ା୧(ସମିସ):ସ୍ଥାନୀୟ ବମ୍ବେ ଛକଠାରେ ସୀମାନ୍ତ ଯୁବ ସମିତି ଓ ଜାତୀୟ ଯୁବ ପ୍ରକଳ୍ପ ମୟୂରଭଞ୍ଜ ୟୁନିଟ ଆନୁକୂଲ୍ୟରେ ଚାଲିଥିବା ନବମ ବାର୍ଷିକ ଯୁବ ମହୋତ୍ସବ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜାଲି ମୁର୍ମୁ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ କମିଟି ସଦସ୍ୟ ତଥା ବରିଷ୍ଠ ବିଜେପି ନେତା ଜୀବନ ସାହୁ, ବରିଷ୍ଠ ନେତା ସୁଗୁଦା ମୁର୍ମୁ ଯୋଗ ଦେଇଥିଲେ। ଏହି ଯୁବ ମହୋତ୍ସବର ବିଭିନ୍ନ ଦିବସରେ ବିଭିନ୍ନ ଅନୁଷ୍ଠାନ ଓ ଡ୍ୟାନ୍ସ ଗ୍ରୁପ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଓଡ଼ିଆ ସିନେ ଜଗତର ନାୟକ ଶୈଳେନ୍ଦ୍ର ସାମନ୍ତରାୟ, ଚୁଲବୁଲି ନାୟିକା, ଶିବାନୀ ସଙ୍ଗୀତା ମଞ୍ଚରେ ନିଜର କଳା ପ୍ରଦର୍ଶନ କରଥିଲେ। ଏ ଅବସରରେ ରାଜ୍ୟ ପୁରସ୍କାରପ୍ରାପ୍ତ ଓଡ଼ିଶା ବ୍ରିଗେଡ୍ ସ୍କୁଲ ଛାତ୍ର ଶ୍ରୀନନ୍ଦନ ଘୋଷ ଓ ଛାତ୍ରୀ ପ୍ରତ୍ୟୁଷା ସେନାପତିଙ୍କୁ ଓ ଛାତ୍ର ଦର୍ଶଦୀପ ନାୟକ, ଛାତ୍ରୀ ଦେବୀନା ଗନ୍ତାୟତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଆଡଭୋକେଟ ତାପସ ଦତ୍ତ, ଏନସିସି ବିଭାଗର ଲେଫ୍ଟନାଣ୍ଟ ଅଧ୍ୟାପକ ନିହାର ରଞ୍ଜନ ମହାନ୍ତ, କ୍ରୀଡ଼ା ଶିକ୍ଷକ ଶ୍ରଦ୍ଧାନନ୍ଦ ସାହୁ, ସମାଜସେବୀ ପ୍ରଣତି ଦାସ, କୋନିକା ବୋଷ, ସରପଞ୍ଚ ସଙ୍ଘ ସଭାପତି ଲୋକେଶ୍ୱର ନାଏକ, ଶିର୍ଷା ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋବିନ୍ଦ ମହାଳି, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ମୋହନ ଲାଲ ମୁର୍ମୁ, ସ୍ୱରସ୍ୱତୀ ଶିଶୁମନ୍ଦିର, ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମାହାଲୀ, ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ପଦ୍ମଲୋଚନ ପାତ୍ର, ଓଡ଼ିଶା ବ୍ରିଗେଡ଼େ ସ୍କୁଲ ପ୍ରିନ୍ସିପାଲ ମିତାଞ୍ଜଳି ସାମଲ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଶେଷ ଦିବସରେ ଆୟୋଜିତ ନ୍ୟାସନାଲ ସେମିନାରରେ ମୁଖ୍ୟଅତିଥି



ଭାବେ ପୂର୍ବତନ ବିଧାୟକ ଡ. ମୁର୍ମୁ ଯୋଗ ଦେଇଥିବାବେଳେ, ମୟୂରଭଞ୍ଜ ଜିଲ୍ଲାର ବିଶିଷ୍ଟ ସାହିତ୍ୟପ୍ରେମୀ ଓ ଭାଷାପ୍ରେମୀ ଲେଖକ ଲେଖିକା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମହିଳାଙ୍କୁ ନେଇ ସ୍ୱତନ୍ତ୍ର ଇଭେଣ୍ଟ ଆୟୋଜିତ ହୋଇଥିବାବେଳେ, ଏଥିରେ ସାମିଲ ହୋଇଥିବା ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। ସଭାପତି ଅଶୋକ ପୃଷ୍ଟି, ଉପଦେଷ୍ଟା କୁଞ୍ଜବିହାରୀ ସେଠୀ, ସମରେନ୍ଦ୍ର ବଷା, ଡ଼ ସରୋଜ ନାୟକ, ଅଧ୍ୟାପକ ଶିଶିର ପଟ୍ଟନାୟକ, ଅଶୋକ ମହାପାତ୍ର, ସୁବୀର ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଟିକସ ବୃଦ୍ଧି ପରେ ଚୋରା ଚାଲାଣ

# ବିମାନବନ୍ଦରରୁ ୧୦ ଲକ୍ଷର ବିଦେଶୀ ସିଗାରେଟ୍ ଜବତ

ଭୁବନେଶ୍ୱର, ୬।୧(ସମିସ): ମଙ୍ଗଳବାର ଭୁବନେଶ୍ୱର ବିମାନବନ୍ଦରରୁ ୧୦ ଲକ୍ଷ ଟଙ୍କାର ବିଦେଶୀ ସିଗାରେଟ ଜବତ ହୋଇଛି। ୮ ଜଣ ଯୁବକ ଦୁବାଇରୁ ବ୍ୟାଗ ଭର୍ତ୍ତି କରି ବିଦେଶୀ ସିଗାରେଟ ଓଡ଼ିଶାକୁ ଚୋରା ଚାଲାଣ କରୁଥିବା ବେଳେ ଧରାପଡ଼ିଛନ୍ତି। ଏମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶ ରାମପୁର ଅଞ୍ଚଳର ୫ ଜଣ ଯୁବକଙ୍କୁ ଡିଆରଆଇ ଅଟକ ରଖି ପଚରା ଉଚରା କରୁଛି। ସେମାନଙ୍କ ଠାରୁ ୨ଟି ଆଇଫୋନ୍ ସିଜ ହୋଇଛି। ବାକି ୩ ଜଣଙ୍କ ଠାରୁ ବିପୁଳ ମାତ୍ରାରେ ସିଗାରେଟ ମିଳିଛି। କିନ୍ତୁ ସେଗୁଡିକ ସ୍ୱଦେଶୀ ସିଗାରେଟ ହୋଇଥିବାରୁ ସେମାନଙ୍କୁ ମୋଟା ଅଙ୍କର ଜରିମାନା ଲାଗୁ କରିଛି। ଜରିମାନା ନ ଦେବା ପର୍ଯ୍ୟନ୍ତ ତାଙ୍କୁ କଷ୍ଟମ ବିଭାଗ ଅଟକ ରଖିବ ବୋଲି ଜଣାପଡ଼ିଛି। ସିଗାରେଟ୍ ଜବତ ପରେ ଏବେ ମାଫିଆଙ୍କ କାରନାମା ପଦାରେ ଆସିବାରେ ଲାଗିଛି।

**■ ଦେଶୀ ସିଗାରେଟ୍ ବି ହେଉଛି କଳାବଜାରୀ**



ସାରା ଦେଶରେ ସିଗାରେଟ୍ ଉପରେ ପଡ଼ିଛି ଟିକସ ମାଡ଼। ସିଗାରେଟ୍‌ରୁ ଜିଏସ୍‌ଟିର ସର୍ବାଧିକ ୪୦ପ୍ରତିଶତ ସ୍ଲାବ୍‌ରେ ରଖାଯାଇଥିଲା ବେଳେ ଏହା ଉପରେ ପୁଣି ସେସ୍ ଆଦାୟ କରାଯିବ। ଏଣୁ ପ୍ରତ୍ୟେକ ସିଗାରେଟ୍ ପିଛା ୨.୫ ଟଙ୍କାରୁ ନେଇ ୮.୫ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଉଛି। ଯାହା ଫେବୃଆରୀ ପହିଲାରୁ ଲାଗୁ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ବିଦେଶୀ ସିଗାରେଟ୍ ମାଫିଆଙ୍କ ନଜରରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର। ମାଫିଆମାନେ ଟିକସମୁକ୍ତ ବେଆଇନ୍ ବିଦେଶୀ ସିଗାରେଟ୍ ରାଜଧାନୀରେ ବିକ୍ରି କରି ମୋଟା ଅଙ୍କର ମୁନାଫା କମାଇବାକୁ ଚାହୁଁଛନ୍ତି। ଏହାଦ୍ୱାରା ରାଜ୍ୟରେ ଟିକସଯୁକ୍ତ ସିଗାରେଟ୍‌ର ବିକ୍ରି କମ୍ ହେବ। ଏହାସହ ସରକାର ରାଜସ୍ୱ ହରାଇବେ। ସେପଟେ ସହରକୁ ଆକାଶ, ସମୁଦ୍ର ଏବଂ ସଡ଼କପଥରେ ବିଦେଶୀ ସିଗାରେଟ୍‌ର ଚୋରା ଚାଲାଣ ହେଉଛି। ଏହି ସିଗାରେଟ୍‌ରେ କୌଣସି ଟିକସ ଲାଗୁ ନ ଥିବାରୁ ଦେଶୀୟ ଟିକସଯୁକ୍ତ ସିଗାରେଟ୍ ଠାରୁ ଏହା ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। ପ୍ରାୟ ପ୍ରତ୍ୟେକ ପାନ ଦୋକାନ ଏବଂ ସିଗାରେଟ୍ ବିକ୍ରି କରୁଥିବା ଦୋକାନରେ ଏହି ସିଗାରେଟ୍ ଚାହିଦା କାହିଁରେ କଣ। ବେଆଇନ୍ ବିଦେଶୀ ସିଗାରେଟ୍ ବ୍ରାଣ୍ଡ ମଧ୍ୟରେ ରହିଛି ଏସ୍‌ଏ ଲାଇଟ୍, ଗୁଡାନ ଗରମ, ମାଲବୋରୋ, କ୍ୟାମେଲ, ଡନ୍‌ହିଲ୍ ଭଳି ଲୋକପ୍ରିୟ ବ୍ରାଣ୍ଡ। ଏଗୁଡ଼ିକ ଯାଞ୍ଚ ପରିସରରୁ ବାହାରେ ରହୁଥିବାରୁ ଏଥିରେ ନିକୋଟିନ୍‌ର ମାତ୍ରା ଅଧିକ ରହିବା ସହିତ ଶରୀର ପାଇଁ କ୍ଷତିକାରକ ହୋଇପାରେ। ଏଗୁଡ଼ିକୁ ଚାଇନା, ଦୁବାଇ, ବ୍ରାଜିଲ ଭଳି ସ୍ଥାନରୁ ଚାଲାଣ କରାଯାଉଛି।

ସେପଟେ ଟିକସ ବୃଦ୍ଧି ଯୋଗୁଁ ଭାରତୀୟ ସିଗାରେଟ୍‌ର ମୂଲ୍ୟ ବୃଦ୍ଧି ହୋଉଥିଲା ବେଳେ ବେଆଇନ୍ ଭାବେ ସିଗାରେଟ୍ ମାଫିଆଙ୍କ ଦ୍ୱାରା ରାଜଧାନୀକୁ ଚାଲାଣ ହେଉଥିବା ସିଗାରେଟ୍‌ର ମୂଲ୍ୟ ଉପରେ କୌଣସି ଫରକ ପଡୁନାହିଁ। ମୂଲ୍ୟ ବୃଦ୍ଧି ପାଇଁ ଫେବୃଆରୀ ପହିଲା ତାରିଖ ଧାର୍ଯ୍ୟ କରାଯାଇଥିଲେ ମଧ୍ୟ ରାଜଧାନୀ ସମେତ ରାଜ୍ୟର ସମସ୍ତ ଅଞ୍ଚଳରେ କଳାବଜାରୀ ସକ୍ରିୟ ହୋଇଗଲେଣି। ଏବେ ଠାରୁ ସିଗାରେଟ୍‌ର ମୂଲ୍ୟ ବଢ଼ାଇ ମୋଟା ମୁନାଫା କମାଉଛନ୍ତି। ବିଦେଶୀ ସିଗାରେଟ୍ ମାଫିଆ ଏହାର ସୁଯୋଗ ଉଠାଇବାକୁ ବସିଛନ୍ତି। ବେଆଇନ୍ ସିଗାରେଟ୍ କମ୍ ଦାମରେ ବିକ୍ରି କରି ମାର୍କେଟ କବ୍ଜା କରିବାକୁ ବସିଛନ୍ତି। ହେଲେ ପୁଲିସ କିମ୍ବା ଅନ୍ୟ ବିଭାଗୀୟ ଯାଞ୍ଚ ସଂସ୍ଥା ଏହାର ଟେର୍ ପାଉ ନାହାଁନ୍ତି। କେବଳ ବିମାନବନ୍ଦରେ ଅଳ୍ପ କିଛି ଧରା ପଡୁଛି।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ଭୁବନେଶ୍ୱର, ୬।୧ (ସମିସ): ସ୍ଥାନୀୟ ଫ୍ଲାଏଓଭର ଉପରେ ଅଜଣା ଗାଡ଼ି ଧକ୍କାରେ ଜଣକର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ନୟାଗଡ଼ର ରଘୁନାଥ ତିଆଡି। ରଘୁନାଥ କଟକରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବାବେଳେ ବାଣୀବିହାର ଫ୍ଲାଏଓଭର ଉପରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ସେହି ବାଟ ଦେଇ ଯାଉଥିବା ଅନ୍ୟ ଯାତ୍ରୀମାନେ ରଘୁନାଥଙ୍କୁ ଉଦ୍ଧାର କରି ମେଡିକାଲକୁ ପଠାଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ଜମିବାଡ଼ି ବିବାଦରୁ ହତ୍ୟା ଉଦ୍ୟମ; ବାପା ଗିରଫ: ଦୁଇ ପୁଅ ଫେରାର

ଭୁବନେଶ୍ୱର, ୬।୧ (ସମିସ): ଜମିବାଡ଼ି ବିବାଦରୁ ଜମି ମାଲିକଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପଥରଗାଡ଼ିଆ ଗାଁର କଳ୍ପତରୁ ବେହେରା (୬୦)। ଘଟଣାର ଅନ୍ୟ ଅଭିଯୁକ୍ତ ତଥା କଳ୍ପତରୁଙ୍କ ଦୁଇ ପୁଅ ଫେରାର ହୋଇ ଯାଇଛନ୍ତି।

ପୁଲିସ ସୂଚନାନୁଯାୟୀ, ଦୀର୍ଘବର୍ଷ ପୂର୍ବେ କଳ୍ପତରୁ ପଥରଗାଡ଼ିଆ ମୌଜାରେ ଥିବା ତାଙ୍କ ଜମିକୁ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିଲେ। ଅଭିମନ୍ୟୁ ଜେନା ସେହି ଜମିକୁ ୨୦୨୩ ମସିହାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଠାରୁ ଜମି କିଣିବା ସହ ମ୍ୟୁଟେସନ୍ କରି ପଟ୍ଟା ମଧ୍ୟ କରି ନେଇଥିଲେ। ହେଲେ କଳ୍ପତରୁ ଜମି ବିକ୍ରି ଟଙ୍କା ପାଇନଥିବା ଦର୍ଶାଇ ଅଭିମନ୍ୟୁଙ୍କ ସହ ସବୁବେଳେ ଝଗଡ଼ା କରି ଆସୁଥିଲେ। ଅଭିଯୁକ୍ତ କୌଣସି ବୈଧ କାଗଜପତ୍ର ବିନା ଅଭିଯୋଗକାରୀଙ୍କ ସହ ଝଗଡ଼ା କରି ଆକ୍ରମଣାତ୍ମକ ହୋଇ ତାଙ୍କ ବେକକୁ ଟାର୍ଗେଟ କରି ଆକ୍ରମଣ କରିଥିଲେ ଏବଂ ସାଧାରଣ ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇବା ପାଇଁ ଗୁରୁତର ପରିଣାମ ଦେବାକୁ ଧମକ ଦେଇଥିଲେ। ଏମିତିକି ଅଭିମନ୍ୟୁଙ୍କ ଜମିକୁ ସଂଲଗ୍ନ ପାଦଚଲା ରାସ୍ତାକୁ ଜୋରଜବରଦସ୍ତ ଦଖଲ କରିବା ସହ ତାଙ୍କ ଅନୁପସ୍ଥିତିରେ ନିର୍ମାଣ ସାମଗ୍ରୀ ଗଦା କରିଥିଲେ ଓ ସୀମା ଖୁଣ୍ଟିକୁ ନଷ୍ଟ କରି ଦେଇଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ଅଭିମନ୍ୟୁ ଜମି ଉପରେ ଥିବାବେଳେ କଳ୍ପତରୁ ଓ ତାଙ୍କର ଦୁଇ ପୁଅ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲ। ଅଭିମନ୍ୟୁ ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କ ବେକକୁ ଚାପି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଚିତ୍କାର କରିବାରୁ ତାଙ୍କୁ ଗୋଇଠା ଓ ଚାପୁଡ଼ା ମାରି ଆହୁରି ଆକ୍ରମଣ କରିଥିଲେ। ଅଭିମନ୍ୟୁ ଅଭିଯୁକ୍ତଙ୍କ କବଳରୁ ଖସି ଯାଇ ଏନେଇ ଇନଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିବା ସହ କଳ୍ପତରୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କ୍ଲବ୍ ଘର ନବୀକରଣ ପାଇଁ ବିଧାୟକ ପାଣ୍ଠିରୁ ଅର୍ଥ ପ୍ରଦାନ

ଭୁବନେଶ୍ୱର, ୬।୧(ସମିସ): ନୟାପଲ୍ଲୀ ୱାର୍ଡ ନମ୍ବର ୩୭ ଅଧୀନସ୍ଥ ବେହେରା ସାହି ସ୍ଥିତ ରାଧାମୋହନ ମନ୍ଦିରର ପ୍ରସାଦ ଗୃହ ଏବଂ ଶ୍ରୀକୃଷ୍ଣ କ୍ଲବ୍‌ର ନବୀକରଣ ନିମନ୍ତେ ବିଧାୟକ ପାଣ୍ଠିରୁ ଅର୍ଥ ପ୍ରଦାନ କରିଛନ୍ତି। ପୂର୍ବତନ କର୍ପୋରେଟର ନବକିଶୋର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ରାଜ୍ୟ ବରିଷ୍ଠ ନାଗରିକ ସଙ୍ଘର ଉପଦେଷ୍ଟା କୃପାସିନ୍ଧୁ ସାହୁ, ସମାଜସେବିକା ରଶ୍ମିରାଣୀ ବେହେରାଙ୍କ ସମେତ ନୟାପଲ୍ଲୀ ଗ୍ରାମବାସୀ, ଶ୍ରୀକୃଷ୍ଣ କ୍ଲବର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଶ୍ୱଜିତ ଭୋଇ ଧନ୍ୟବାଦ ଦେଇଥିଲେ।

**ଭୁବନେଶ୍ୱର ପ୍ରଦୂଷଣ କଟକଣା**

## ଅଳିଆ ଜାଳିଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୬।୧(ସମିସ): ଭୁବନେଶ୍ୱରରେ ପ୍ରଦୂଷଣକୁ ମାତ୍ରା ବଢ଼ିବାରେ ଲାଗିଛି। ଦେଶର ରାଜଧାନୀ ଦିଲ୍ଲୀ ଭଳି ଭୁବନେଶ୍ୱରରେ ଲୋକଙ୍କ ମଧ୍ୟରେ ପ୍ରଦୂଷଣ ଚର୍ଚ୍ଚା ଆରମ୍ଭ ହୋଇଥିଲା ବେଳେ ଏହାକୁ ନେଇ ଚିନ୍ତାରେ ବିଏମ୍‌ସି।

ଏଣୁ ଭୁବନେଶ୍ୱରରେ ପ୍ରଦୂଷଣଜନିତ ଭୟଙ୍କର ସ୍ଥିତିକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ କଟକଣା ଜାରି କରାଯାଇଛି। ପ୍ରଥମଥର ପାଇଁ ବିଲ୍ଡିଂ ପ୍ଲାନ୍ ଆପ୍ରୁଭ କରିବା ସମୟରେ ଏୟାର କ୍ୱାଲିଟି ମେଜରକୁ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ଏକାଧିକ କ୍ଷେତ୍ରରେ କଟକଣା ଲାଗୁ କରାଯିବ।

**■ ବିଲ୍ଡିଂ ପ୍ଲାନ୍ ଆପ୍ରୁଭ ବେଳେ ଏୟାର କ୍ୱାଲିଟିକୁ ଗୁରୁତ୍ୱ ଦିଆଯିବ**

**■ ରାଜପଥରେ ଦିନକୁ ୩ ଥର ପାଣି ପକାଇବ ଏନ୍‌ଏଚ୍‌ଏଆଇ**

ନିର୍ଦ୍ଦେଶନାମା ଅନୁଯାୟୀ, ଏଣିକି ଘର ବାହାରେ ଆବର୍ଜନା ଜାଳିବା, ହୋଟେଲ କି ଢାବାରେ କୋଇଲା ଏବଂ କାଠରେ ରୋଷେଇ ସମ୍ପୂର୍ଣ୍ଣ ମନା। ଏଥିସହ ସ୍କୁଲରେ ମଧ୍ୟାହ୍ନ ଭୋଜନ ରାନ୍ଧିବାକୁ ବିକଳ୍ପ ବ୍ୟବସ୍ଥା କରିବା ପାଇଁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। ଏନେଇ ବିଏମ୍‌ସି ପକ୍ଷରୁ ସମସ୍ତ ଜୋନାଲ କମିସନରଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଶିଳ୍ପାଞ୍ଚଳରେ ରାସ୍ତାଗୁଡ଼ିକରେ ନିୟମିତ ପାଣି ସିଞ୍ଚନ ପାଇଁ ଇଡ୍‌କୋକୁ କୁହାଯାଇଛି। ଜାତୀୟ ରାଜପଥରେ ଧୂଳି ହେଉଥିବା ସ୍ଥାନରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ଦିନକୁ ୩ଥର ପାଣି ପକାଇବାକୁ କୁହାଯାଇଛି। କ୍ରୁଟ୍ ପକ୍ଷରୁ ନିଜର ସମସ୍ତ ବସ୍ ଡିପୋ ଓ ଷ୍ଟାଣ୍ଡ ଗୁଡ଼ିକ ଜଳ ସିଞ୍ଚନ ସହ ଗାଡି ସଫା କରାଯିବ। ବାୟୁ ଗୁଣବତ୍ତା ପରିଚାଳନାକୁ ଦୃଷ୍ଟିରେ ରଖି ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ କଠିନ ଇନ୍ଧନ ବ୍ୟବହାର ନିଷେଧ କରି ସମସ୍ତ ପିକନିକ ସ୍ପଟ୍ ପାଇଁ ପରାମର୍ଶ ଜାରି କରାଯିବ।

ସେହିପରି କନଷ୍ଟ୍ରକ୍‌ସନ୍ ସାମଗ୍ରୀ ପରିବହନ ସମୟରେ ବଡ ଗାଡ଼ି ଗୁଡିକୁ ଭଲଭାବେ କଭର କରିବେ, କନ୍‌ଷ୍ଟ୍ରକ୍‌ସନ୍ ସାଇଟ୍‌କୁ ଯିବା ଏବଂ ଆସିବା ସମୟରେ ଗାଡ଼ିଗୁଡିକୁ ଭଲଭାବେ ଧୋଇବା, ଧୂଳି ନ ଉଡ଼ିବା ପାଇଁ ନିର୍ମାଣଧୀନ କୋଠାକୁ ଭଲଭାବେ ଆବରଣ କରିବା, ନିର୍ମାଣ କାର୍ଯ୍ୟ ସମୟରେ ପାଖ ସ୍ଥାନଗୁଡିକରେ ଗଛ ଲଗାଇବା, ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଜାରି ହୋଇଥିବା ଗାଇଡ୍‌ଲାଇନ୍ ଅନୁପାଳନ କରି ନିର୍ମାଣ କାର୍ଯ୍ୟ କରିବା ନେଇ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

## ବିଏସ୍‌ବିଟି ଦୋକାନଘର ଚାବି ହସ୍ତାନ୍ତର

ଭୁବନେଶ୍ୱର, ୬।୧(ସମିସ): ମଙ୍ଗଳବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ବିଏସ୍‌ଏବିଟିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ତଥା ବିଡିଏ ଅଧକ୍ଷ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଦୋକାନ ଘରର ଚାବିକୁ ହିତାଧିକାରୀଙ୍କୁ ହସ୍ତାନ୍ତର କରିଛନ୍ତି। ସେହିଭଳି, ପୂର୍ବରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା ହୋଇଥିବା ଏଠାରେ ହେବାକୁ ଥିବା ଭିସା ଆପ୍ଲିକେସନ ସେଣ୍ଟର ବିଷୟରେ ମଧ୍ୟ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଏହି ଅବସରରେ କହିଥିଲେ। ଏବଂ ବିଏସ୍‌ଏବିଟିର ବିଭିନ୍ନ ଅଞ୍ଚଳ ବୁଲି ଦେଖିବା ସହିତ ସେ ଏଠାରେ ଥିବା ଆହାର ଖାଦ୍ୟ କେନ୍ଦ୍ରରେ ମଧ୍ୟ ଖାଇଥିଲେ।



ନୂଆ ବିଏସ୍‌ଏବିଟିରେ ଯେଉଁମାନଙ୍କୁ ଶୀତତାପ ନିୟନ୍ତ୍ରିତ ଦୋକାନ ଘର ଯୋଗାଇ ଦିଆଯାଇଛି ଯାହାଦ୍ୱାରା ସେମାନେ ସମ୍ମାନଜନକଭାବେ ରୋଜଗାର କରି ଜୀବିକା ନିର୍ବାହ କରିପାରିବେ ବୋଲି ବିଡିଏ ଉପାଧକ୍ଷ ଚଞ୍ଚଳ ରାଣା କହିଛନ୍ତି। ପୂର୍ବରୁ ସେପ୍ଟେମ୍ବର ମାସରେ ବିଡିଏ ବିଏସ୍‌ଏବିଟିରେ ୧୧୨ଟି ଦୋକାନକୁ ହିତାଧିକାରୀଙ୍କୁ ଲଟେରି ମାଧ୍ୟମରେ ମାସିକ ଭଡ଼ା ଭିତ୍ତିରେ ଆବଣ୍ଟିତ କରିଥିଲା। ବିଏସ୍‌ଏବିଟିର ନିର୍ମାଣ ପୂର୍ବରୁ ପୁରୁଣା ବରମୁଣ୍ଡା ବସ୍ ଟର୍ମିନାଲ ପରିଚାଳନା କରୁଥିବା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସ୍‌ଆର୍‌ଟିସି) ଦ୍ୱାରା କରାଯାଇଥିବା ଏକ ସର୍ଭେ ଆଧାରରେ ହିତାଧିକାରୀଙ୍କୁ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯାଇଥିଲା। ଆବଣ୍ଟିତ ଦୋକାନଗୁଡ଼ିକରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ପାଣି ସଂଯୋଗ ଏବଂ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ରହିଛି, ଏବଂ ବିଡିଏ ସହିତ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷରିତ ହୋଇସାରିଛି।

ସୂଚନାଯୋଗ୍ୟ, ୧୧ ଏକର ଜମିରେ ନିର୍ମିତ ବିଏସ୍‌ଏବିଟି ଓଡ଼ିଶାର ସବୁଠାରୁ ବଡ଼ ବସ୍ ଟର୍ମିନାଲ, ଯେଉଁଠି ପ୍ରତିଦିନ ୧୫୦୦ରୁ ଅଧିକ ବସ୍ ଓ ପ୍ରାୟ ୨୦, ୦୦୦ ଯାତ୍ରୀଙ୍କୁ ସେବା ଯୋଗାଇ ଦିଆଯାଉଛି। ଏହା ଅନ୍ତଃରାଜ୍ୟ ଓ ରାଜ୍ୟ ମଧ୍ୟରେ ବସ୍ ଯାତ୍ରୀସେବା ପ୍ରଦାନ କରିଆସୁଛି। ଆଜିର ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଏବଂ ବିଡିଏର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରଦୂଷିତ ସହର; ବଦଳୁଛି ପତ୍ରର ରଙ୍ଗ

ଭୁବନେଶ୍ୱର, ୬।୧(ରଞ୍ଜନା ନାୟକ): ଦିନକୁ ଦିନ ପ୍ରଦୂଷଣ ଗମ୍ଭୀର ରୂପ ଧାରଣ କରୁଥିବା ବେଳେ ଏବେ ଅନ୍ୟ ଏକ ସମସ୍ୟା ଦେଖିବାକୁ ମିଳୁଛି। ବିଶେଷକରି ଗଛର ପତ୍ରର ରଙ୍ଗ ସବୁଜ ଦେଖାଯିବା ବଦଳରେ ଦିନକୁ ଦିନ ଧୂସର ଦେଖାଯାଉଛି। ଯାହାଦ୍ୱାରା ଗଛର ଖାଦ୍ୟ ତିଆରି ପରିମାଣ କମିବାରେ ଲାଗିଛି ଓ ଗଛକୁ ଦୁର୍ବଳ କରି ପକାଉଥିବାରୁ ପରିବେଶବିତ୍‌ଙ୍କ ଚିନ୍ତାର କାରଣ ପାଲଟିଛି।

**■ ସବୁଜ ବଦଳରେ ଧୂସର ଦିଶୁଛି ପତ୍ର**

**■ କମୁଛି ଖାଦ୍ୟ ତିଆରି ପରିମାଣ, ଦୁର୍ବଳ ହେଉଛି ଗଛ**



ରାଜଧାନୀର ରାସ୍ତାଘାଟ ସହିତ ବିଭିନ୍ନ ପାର୍କ ଆଦି ସ୍ଥାନଗୁଡ଼ିକରେ ରହିଥିବା ଛୋଟ ବଡ଼ ଗଛର ପତ୍ର ସବୁ ଦିନକୁ ଦିନ ଧୂସର ସହ ହଳଦିଆ ହେବାରେ ଲାଗିଛି। ରାସ୍ତା ଘାଟ ସହିତ କୋଠାବାଡ଼ି ନିର୍ମାଣ, କଳାକାରଖାନାର ଧୂଆଁ ଏବଂ ଅନ୍ୟ ଉତ୍ସରୁ ସୃଷ୍ଟି ହେଉଥିବା ଧୂଳି ସହ ବିଭିନ୍ନ ଉତ୍ସରୁ ସୃଷ୍ଟ ପ୍ରଦୂଷଣରେ କଣିକା ପଦାର୍ଥ ଏବଂ ସଲଫର୍ ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍, ଓଜୋନ୍ ତଥା ଅନ୍ୟ ବିବିଧ ରାସାୟନିକ ଅଣୁ ରହିଥାନ୍ତି। ଏହି ଧୂଳି ପତ୍ରଗୁଡ଼ିକ ଉପରେ ଏକ ଅସ୍ତରଣ କରି ପତ୍ରକୁ ଆଚ୍ଛାଦିତ କରି ରଖିଥାନ୍ତି।

ପତ୍ରରେ ଧୂଳି ବସିକି ରହିଥିବାରୁ ପତ୍ରକୁ ସୂର୍ଯ୍ୟ କିରଣ ପାଇ ପାରୁନାହିଁ। ଫଳରେ ଗଛରେ ଥିବା ଖାଦ୍ୟ ଉତ୍ପାଦନରେ ବାଧା ପ୍ରାପ୍ତ ହେଉଛି। ବିଶେଷକରି ଗଛରେ ଥିବା ପତ୍ର ହରିତ୍ ପରିମାଣ କମିବା ସହ ଗଛରେ ଥିବା ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀକୁ ପ୍ରଭାବିତ କରୁଛି। ଖାଦ୍ୟ ଅଭାବରେ ଗଛର ସାମଗ୍ରୀକ ବିକାଶ ବାଧାପ୍ରାପ୍ତ ହୁଏ। ଗଛର ଫୁଲ, ଫଳ ଧରିବା କ୍ଷମତା କମିବା ସହିତ ଗଛ ଦୁର୍ବଳ ହୋଇପଡୁଛି। ପତ୍ରରେ ଥିବା ଛିଦ୍ରଗୁଡ଼ିକରେ ଗଛ ଭିତରକୁ ଏବଂ ବାହାରକୁ ଯିବା ଆସିବା କରୁଥିବା ଅଙ୍ଗାରକାମ୍ଳ ଏବଂ ଅମ୍ଳଜାନ ବନ୍ଦ ହୋଇଯାଉଛି। ଏହି ଧୂଳି ଜମା ହେବା ଦ୍ୱାରା ଗଛର ଉତ୍ତାପ ବୃଦ୍ଧି ପାଉଛି। ଏହି ଉତ୍ତାପ ବୃଦ୍ଧି ହେଲେ ଗଛରେ ଥିବା ପାଣି ବାହାରକୁ ବାହାରି ଆସିବା ସହ ପ୍ରଶେଧନ ବଢ଼ିଯାଉଛି। ଗଛ ଭିତରେ ଥିବା ବିଭିନ୍ନ ପ୍ରଣାଳି କ୍ଷତି ହୋଇଥାଏ। ଗଛ ଉପରେ ନର୍ଭର କରୁଥିବା କୀଟପତଙ୍ଗ ଓ ଅନ୍ୟ ଜୀବଜନ୍ତୁମାନେ ମଧ୍ୟ ଏହି ପ୍ରକ୍ରିୟାରେ ରୋଗାକ୍ରାନ୍ତ ହୋଇପଡୁଛନ୍ତି।

ଧୂଳି ଜମି ରହିବା ଦ୍ୱାରା ମୃତ ଦାଗ (ନେକ୍ରୋସିସ୍) ଏବଂ ଉତ୍ପାଦନ ହ୍ରାସ ମଧ୍ୟ ହୋଇଥାଏ। ଫଳରେ ଗଛ ବେଶି ଦିନ ବଞ୍ଚି ପାରେନାହିଁ। ନିର୍ମାଣ କାର୍ଯ୍ୟ ସହିତ ରସ୍ତା ଘାଟାରେ ଗୋଡ଼ି ବାଲି ପକାଇବା ବନ୍ଦ କରିବା ସହିତ ଅଳିଆ ଆବର୍ଜନାକୁ ଧୂଆଁ ନଲଗାଇଲେ କିଛି ମାତ୍ରାରେ ପ୍ରଦୂଷଣ କମିବା ସହିତ ଗଛ ବି ସୁସ୍ଥରେ ବଞ୍ଚିପାରିବ ବୋଲି ସେ କହିଛନ୍ତି।

ରାସ୍ତାଘାଟ ସମେତ ଯଦି ଗଛମାନଙ୍କରେ ପାଣି ପକାଇବା ତେବେ ଗଛ ଧୂଳିରୁ ମୁକ୍ତି ପାଇଯିବ। ହେଲେ ବଡ଼ ବଡ଼ ଗଛକୁ ପାଣି ପକାଇବା ସତ ସମ୍ଭବ ନୁହେଁ କିନ୍ତୁ ଛୋଟ ଛୋଟ ଗଛ ସହ ରାସ୍ତାଘାଟରେ ପାଣି ପକାଇ ଧୂଳି କମ୍ କରିବା ସମ୍ଭବ। ସରକାରଙ୍କ ପକ୍ଷରୁ ଏହି ଧୂଳିକୁ କମାଇବା ପାଇଁ ଦିନକୁ ତିନିଥର ପାଣି ଢ଼ଳାଯିବକୁ ଘୋଷଣା ହେଇଛି ଫଳରେ ପ୍ରଦୂଷଣ ସହିତ ଧୂଳି କିଛି ମାତ୍ରାରେ କମିଯିବ ବୋଲି ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ମୃତ୍ତିକା ବିଜ୍ଞାନ ଓ କୃଷି ରସାୟନ ବିଭାଗର ପ୍ରଫେସର ଆଶିଷ କୁମାର ଦାଶ କହିଛନ୍ତି।

● ବ୍ରାଉନସୁଗର କାରବାର

## 'ନିଶା' ରାଣୀ ରୀନା ସମେତ ୩ ଗିରଫ



ଭୁବନେଶ୍ୱର, ୬।୧ (ସମିସ): ବେଆଇନ ବ୍ରାଉନସୁଗର କାରବାର କରୁଥିବା ଅଭିଯୋଗରେ ନିଶା କାରବାରର ରାଣୀ ସମେତ ୩ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ତପୋବନ ବରବାରି ବସ୍ତିର ରିନା ଜେନା (୪୨), ଢୁମୁଢୁମା ରଘୁନାଥ ନଗରର ଦୀପକ ସାହୁ ଓରଫ୍ ଦିପୁ (୨୯) ଓ ଗଙ୍ଗନଗରର ବଳରାମ ସାହୁ ଓରଫ୍ ବଳିଆ (୩୫)।

ପୁଲିସ ସୂଚନାନୁସାରେ, ମଙ୍ଗଳବାର ଭୋର ସମୟରେ ବରମୁଣ୍ଡା ରମାମଣି ପେଟ୍ରୋଲ ପମ୍ପ ନିକଟରେ ୩ ଜଣ ବ୍ରାଉନସୁଗର ବିକ୍ରି ପାଇଁ ଅପେକ୍ଷା କରିଥିବା ଖଣ୍ଡଗିରି ପୁଲିସକୁ ଖବର ମିଳିଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ଉ କରିବା ସହ ରିନା, ଦିପୁ ଓ ବଳିଆକୁ ଅଟକ ରଖିଥିଲା। ତଲାସି ସମୟରେ ସେମାନଙ୍କ ହେପାଜତରୁ ବ୍ରାଉନସୁଗର ଓ ୨ ହଜାର ଟଙ୍କା ଜବତ କରିଥିଲା। ଓଜନ ପରେ ରିନାଙ୍କ ଠାରୁ ୧୨ ଗ୍ରାମ, ଦିପୁ ଠାରୁ ୫ ଗ୍ରାମ ବଳିଆ ନିକଟରୁ ୫ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଥିଲା। ଏଥିସହିତ ଗୋଟିଏ ବାଇକ୍ ମଧ୍ୟ ଜବତ କରିଥିଲା ପୁଲିସ। ରିନାଙ୍କ ନାମରେ ୩ଟି ଏନଡିପିଏସ୍ ମାମଲା, ବଳିଆ ନାଁରେ ୫ଟି ଓ ଦିପୁ ନାମରେ ୨ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଏନେଇ ଖଣ୍ଡଗିରି ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି।













ଇଂରାଜୀ ନୂଆବର୍ଷ ୨୦୨୬ ଏବଂ
ପବିତ୍ର ମକର ସଂକ୍ରାନ୍ତି ଅବସରରେ
ସମସ୍ତଙ୍କୁ ଅନେକ
ଶୁଭେଚ୍ଛା ଓ ଅଭିନନ୍ଦନ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ
ଆଶୀର୍ବାଦରୁ ନୂଆବର୍ଷ ସମସ୍ତଙ୍କ
ପାଇଁ ସୁଖ ସମୃଦ୍ଧିର ବର୍ଷ ହେଉ।
ଜଳ ସମ୍ପଦ ବିଭାଗ
ଶରଣକୁଳ, ନୟାଗଡ଼



## ଡେରାସରେ ୪ଟି ଶୌଚାଳୟରୁ ଚାଲୁଛି ଗୋଟିଏ

# ଶୌଚ ପାଇଁ ହନ୍ତସନ୍ତ ମହିଳା ପର୍ଯ୍ୟଟକ

ଭୁବନେଶ୍ୱର, ୬ ।୧(ସମିସ): ପର୍ଯ୍ୟଟନସ୍ଥଳୀରେ ଶୌଚ କରିବାକୁ ହନ୍ତସନ୍ତ ହେଉଛନ୍ତି ପର୍ଯ୍ୟଟକ । କେଉଁଠି ଆଣି ଆସୁନି ତା ଆଉ କେଉଁଠି ଝୁଲିଛି ତାଲା । ସେହିପରି ଶୌଚାଳୟ ଭିତରେ ଗଦା ହୋଇଛି କୁଢ଼ କୁଢ଼ ଆବର୍ଜନା । ଦୁର୍ଗନ୍ଧ ସାଙ୍ଗକୁ ଅସ୍ୱାସ୍ଥ୍ୟକର ପରିବେଶ ହୋଇଥିବାରୁ ଶୌଚାଳୟ ଭିତରକୁ ଯିବାକୁ ଭୟ କରୁଛନ୍ତି ଲୋକେ । ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି ବଣଭୋଜିର ଡେଷ୍ଟିନେସ୍ କୁହାଯାଉଥିବା ରାଜଧାନୀ ଉପକଣ୍ଠ ଡେରାସରେ । ଏଠାରେ ୩ଟି ଶୌଚାଳୟ ରହିଥିବା ବେଳେ ଗୋଟିଏ ମଧ୍ୟ ବ୍ୟବହାରଯୋଗ୍ୟ ନୁହେଁ । କାରଣ ଶୌଚାଳୟ ଚାରିପାଖ ବଣବୁଦାରେ ଭର୍ତ୍ତି ହୋଇଥିବା ବେଳେ ଦୁର୍ଗନ୍ଧ ସାଙ୍ଗକୁ ଗଦା ହୋଇଛି କୁଢ଼ କୁଢ଼ ଅଳିଆ ଆବର୍ଜନା ।



ପର୍ଯ୍ୟଟନ ଋତୁ ଆସିଲେ ବଣଭୋଜି ପାଇଁ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ରାଜଧାନୀ ଉପଣ୍ଠରେ ରହିଥିବା ଡେରାସକୁ ଧାଇଁ ଆସନ୍ତି । ଚନ୍ଦକା ବନଖଣ୍ଡ ଅଧୀନରେ ରହିଥିବା ଏହି ପର୍ଯ୍ୟଟନସ୍ଥଳୀ ସହର ଠାରୁ ୨୦ କିଲୋମିଟର ଦୂରରେ ରହିଛି । ହେଲେ ଏଠାରେ ଭୋଜି କରିବାକୁ ଆସି ଶୌଚ କରିବାକୁ ଜାଗା ନପାଇ ନାକେଦମ୍ ହେଉଛନ୍ତି ମହିଳା ପର୍ଯ୍ୟଟକ । ପୂର୍ବରୁ ଭୋଜି ପାଇଁ ୧୯ଟି ପିଣ୍ଡି ରହିଥିଲା । ସେଥିମଧ୍ୟରୁ ୨ଟି ପିଣ୍ଡି ଭାଙ୍ଗିଯାଇଥିବା ବେଳେ ବର୍ତ୍ତମାନ ମୋଟ୍ ୧୭ଟି ରହିଛି । ପିଣ୍ଡି ଗୁଡ଼ିକ ପୂର୍ବରୁ ବୁକିଂ ଶେଷ ହୋଇଥିବାରୁ ଯିଏ ଯେଉଁଠି ପାରିଲା ଖାଲି ସ୍ଥାନରେ ରୋଷେଇ କରୁଥିବା ଦେଖିବାକୁ ମିଳିଛି । ପର୍ଯ୍ୟଟନ ଋତୁରେ ନିୟମିତ ଏଠାରେ ଭୋଜି ହେଉଥିବା ବେଳେ ଛୁଟି ଦିନରେ ୧ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥାଏ । ଏଠାକୁ ଶହ ଶହ ସଂଖ୍ୟାରେ ମହିଳା ପର୍ଯ୍ୟଟକ ଆସୁଥିଲେ ବି ଶୌଚ କରିବାକୁ ନାହିଁ ସୁବିଧା । ପୂର୍ବରୁ ଏଠାରେ ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ୨ଟି ଲେଖାଏଁ ଶୌଚାଳୟ ରହିଥିଲେ ବି ତାହା ଅଚଳ ହୋଇ ପଡ଼ିଛି । କେଉଁଠି କବାଟ ଭାଙ୍ଗି ପଡ଼ିଛି ତ ଆଉ କେଉଁଠି ପାଣି ନାହିଁ । ଫଳରେ ପ୍ରତିଦିନ ଏଠାରେ ପିକନିକ୍ କରିବାକୁ ଆସି ସବୁଠୁ ଅଧିକ ହନ୍ତସନ୍ତ ହେଉଛନ୍ତି ମହିଳା ପର୍ଯ୍ୟଟକ । ଫଳରେ ନିକଟସ୍ଥ ଗ୍ରାମବାସୀଙ୍କ ବାଡ଼ିରେ ମହିଳାମାନେ ଶୌଚ କରୁଥିବା ଦେଖିବାକୁ ମିଳିଥିଲା । ଯାହାକି ନିରାପଦ ନୁହେଁ । ତେବେ ପର୍ଯ୍ୟଟନ ଋତୁରେ ପ୍ରତିବର୍ଷ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବା ବେଳେ ପର୍ଯ୍ୟଟକଙ୍କ ପ୍ରମୁଖ ସୁବିଧାକୁ ଅଣଦେଖା କରାଯାଉଥିବା ଅଭିଯୋଗ କରିଛନ୍ତି ପର୍ଯ୍ୟଟକ । ୨ବର୍ଷ ହେବ ଶୌଚାଳୟ ଏଭଳି ଅବସ୍ଥାରେ ରହିଛି । ଏହାର ମରାମତି ପାଇଁ ବନବିଭାଗକୁ ଅବଗତ କରାଯାଇଥିଲେ ବି ଚଳିତ ବର୍ଷ ପର୍ଯ୍ୟଟନ ଋତୁ ଶେଷ ହେବାକୁ ବସିଥିଲେ ହୋଇପାରିଲାନି ମରାମତି । ଏନେଇ ଜଣେ ଅଧିକାରୀ କହିଛନ୍ତି ଯେ, ପିଣ୍ଡି ଗୁଡ଼ିକ ଗାଁ କମିଟି ଦ୍ୱାରା ପରିଚାଳିତ । ତେବେ ଶୌଚାଳୟ ବିଷୟରେ ଜାଣିବା ପରେ କିନ୍ତୁ ଗୋଟିଏ ନୂଆ ଶୌଚାଳୟ ନିର୍ମାଣ ହୋଇଛି । ଛୁଟି ଦିନରେ ଅଧିକ ପର୍ଯ୍ୟଟକ ଆସୁଥିବାରୁ ଗୋଟିଏ ଶୌଚାଳୟ ବ୍ୟବହାର ପାଇଁ ସମସ୍ୟା ହେଉଛି । ତେବେ ଏଠାରେ ରହିଥିବା ପୁରୁଣା ପିଣ୍ଡି ମରାମତି ଓ ନୂତନ ଶୌଚାଳୟ ନିର୍ମାଣ ପାଇଁ ବରିଷ୍ଠ ଅଧିକାରୀ ମାନେ ଏହି ସ୍ଥାନ ପରିଦର୍ଶନ କରିଥିଲେ । ଚଳିତ ପର୍ଯ୍ୟଟନ ଋତୁ ଶେଷ ଆଡ଼କୁ କାମ ହେବାର ଯୋଜନା ରହିଛି ।

## ଇପିଏଫ୍ ପେନସନର୍ସ ସଂଘର ଖୋର୍ଦ୍ଧା ଜିଲ୍ଲା କମିଟି ବୈଠକ



ଭୁବନେଶ୍ୱର, ୬ ।୧(ସମିସ): ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନର ଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ବୟନିକା କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏହି ବୈଠକ କରାଯାଇଥିଲା । ଦୀର୍ଘଦିନ ଧରି ପେନସନର୍ସମାନେ ସର୍ବନିମ୍ନ ପେନସନ ୯, ୦୦୦ ଟଙ୍କା ସହିତ ମହଙ୍ଗା ଭତ୍ତା (ଡିଏ) ଲାଗୁ କରିବା ଏବଂ ନିଶୁଳ୍କ ଚିକିତ୍ସା ସୁବିଧା ପ୍ରଦାନ କରିବା ଭଳି ଦାବି ଉପସ୍ଥାପନ କରିବା ସତ୍ତ୍ୱେ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ କୌଣସି ଠୋସ ପଦକ୍ଷେପ ଗ୍ରହଣ ନକରିଥିବାରୁ ସଭାରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା । ବୈଠକରେ ରାଜ୍ୟ କମିଟିର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୮ ତାରିଖରେ ୩୦ଟି ଜିଲ୍ଲାରେ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବା ସହିତ ଭୁବନେଶ୍ୱର ସ୍ଥିତ ପ୍ରୋଭିଡେଣ୍ଟ ଫଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନକୁ ତୀବ୍ର ହେବା ସହ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ସଭାରେ କେନ୍ଦ୍ରୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ରାଜ୍ୟ ନିଗମ କର୍ମଚାରୀ ମହାସଂଘର ସଭାପତି ସରୋଜ କାନ୍ତ ମଲ୍ଲିକ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରକାଶ କୁମାର ପଟ୍ଟନାୟକ, ଉପଦେଷ୍ଟା ନଟବର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

## ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ 'ସଙ୍ଗୀତାୟନ'



ଭୁବନେଶ୍ୱର, ୬।୧(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଙ୍ଗୀତାୟନ' ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଦୂରଦର୍ଶନ କେନ୍ଦ୍ରର ବରିଷ୍ଠ ଗୀତିକାର ପିତାମ୍ବର ମିଶ୍ର, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ଗୁରୁ ରଞ୍ଜିତା ସେନାପତି, ତବଲା ବାଦକ ତଥା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ତବଲା ବିଭାଗର ପୂର୍ବତନ ଅଧ୍ୟାପକ ଗୁରୁ ବିନୋଦ ବିହାରୀ ରାଉତ, ସୀତାର ବାଦକ ଗୁରୁ ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ, ଚିନ୍ତା ଚେତନା ଅନୁଷ୍ଠାନର ସମ୍ପାଦକ ସୁରେନ୍ଦ୍ର ଦାସ ଏବଂ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁରୁ ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଗାୟନ ଓ ସୀତାର ବାଦନ ପରିବେଷଣ ହୋଇଥିଲା । ପ୍ରଥମେ ଏକକ କଣ୍ଠ ଶିଳ୍ପୀ ସୁନୀଲ ସେଠି ଦରବାରୀ କାନାଡ଼ା ପରିବେଷିତ କରିଥିଲେ ଏବଂ ଗୁରୁ ଚନ୍ଦନ କୁମାର ଜେନାଙ୍କ ପରିଚାଳନା ଓ ନିର୍ଦ୍ଦେଶନା ଦେଇଥିଲେ । ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଯୁଗଳ ବନ୍ଦୀ ସୁଚିସ୍ମିତା ରାଉତ, ଅପରୂପା ପଣ୍ଡା 'ରାଗ ବାହାର ଏବଂ ସୁର ଦାସ ଭଜନ ଅବ ମେଁ ନାଚୁଁ ବହୁତ ଗୋପାଲ' ପରିବେଷଣ କରିଥିଲେ । ତବଲାରେ ଗୁରୁ ଲଳିତ କର, ହାରମୋନିୟ କମଳ ଲୋଚନ ପୋଢ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ କମ୍ବଳ ବଣ୍ଟନ

ଭୁବନେଶ୍ୱର, ୬ ।୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଦିନ ଉପଲକ୍ଷେ ତୁଷାର ଚାରିଟେବୁଲ ଟ୍ରଷ୍ଟ ଏବଂ ମା' ସୁନାଦେଇ ୱାକର୍ସ କ୍ଲବ୍‌ର ମିଳିତ ସହଯୋଗରେ ୱାର୍ଡ଼ନମ୍ବର ୨୮ ଅନ୍ତର୍ଗତ ନୟାପଲ୍ଲୀ ସବରସାହିର୧୫୦ରୁ ଊର୍ଦ୍ଧ୍ୱ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମରେ ସୁନାରାମ ସିଂହ, ସଂଗ୍ରାମ ଜେନା, ମନୋଜ ବେହେରା, ନବୀନ ବେହେରା, ସମ୍ପାଦକ ବିବେକାନନ୍ଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ଫଳ ବଣ୍ଟନ



ବାଲିଅନ୍ତା, ୬ ।୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଦିନ ଅବସରରେ ବିଜେପି କାର୍ଯ୍ୟକର୍ତ୍ତାମାନେ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରୋଗୀ, ସମ୍ପର୍କୀୟ ଏବଂ ଚେତନା ମାନସ ଆବାସିକ ଶିକ୍ଷା ଅନୁଷ୍ଠାନରେ ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢ଼ାଲିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଜିଲ୍ଲା ସାଂଗଠନିକ ସମ୍ପାଦିକା ଝିଲ୍ଲୀ ସାମନ୍ତରାୟ, ବାଲକାଟି ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ, ସାଧାରଣ ସମ୍ପାଦକ ସଞ୍ଜୀବ ସାମନ୍ତରାୟ, ନିଶିକାନ୍ତ ପଣ୍ଡା, ପବିତ୍ର ଭୋଇ, ବାସୁଦେବ ସାହୁ, ବିଶ୍ୱଜିତ୍ ସାହୁ, କନକଲତା ମହାପାତ୍ର, ପ୍ରଭାତ ଭୋଇ, ଗିରିଶ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

## ଖବରକାଗଜ ବିତରକ ଦଇତାରୀ ସାହୁଙ୍କ ପରଲୋକ



ଭୁବନେଶ୍ୱର, ୬।୧(ସମିସ): ସୂର୍ଯ୍ୟୋଦୟ ହେବାମାତ୍ରେ ଘରକୁ ଘର ବୁଲି ଦେଶ ଦୁନିଆର ଖବର ପହଞ୍ଚାଉଥିବା ଦଇତାରୀ ସାହୁଙ୍କ ମଙ୍ଗଳବାର ପରଲୋକ ହୋଇଛି । ସେ ସୁନ୍ଦରପଦା ଅଞ୍ଚଳର ବାସିନ୍ଦା ଥିଲେ । ଦୀର୍ଘ ୩୫ ବର୍ଷଧରି ଖବର କାଗଜ ବିକ୍ରି କରି ଆସୁଥିଲେ । ମଙ୍ଗଳବାର ସକାଳେ ଏକ ସଡକ ଦୁର୍ଘଟଣାରେ ତାଙ୍କର ଅକାଳ ବିୟୋଗ ଘଟିଛି । ଦୈନିକ ଖବରକାଗଜ 'ସକାଳ'ଠାରୁ ଆରମ୍ଭକରି ରାଜ୍ୟର ଭିନ୍ନ ଭିନ୍ନ ଖବରକାଗଜ ବିକ୍ରି କରୁଥିଲେ । ମୃତ୍ୟୁବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳର ପାଠକ, ବୃଦ୍ଧିଜୀବୀ ଏବଂ ଖବରକାଗଜ ସଂସ୍ଥା ଗଭୀର ଶୋକ ପ୍ରକାଶ କରିଛନ୍ତି । ଲିଙ୍ଗରାଜ ମନ୍ଦିର ନିକଟରେ ହକ୍କର ସଂଘ ପକ୍ଷରୁ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି ।

## ଆମ ବସ୍ ଚଳାଚଳରେ 'ସୁରକ୍ଷା ପ୍ରଥମ' ସଂକଳ୍ପ

### ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର, ୬ ।୧(ସମିସ): ରାଜ୍ୟରେ ସଡ଼କ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ 'ଆମ ବସ' ଅପରେଟରମାନଙ୍କ ସହିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବସ ଚଳାଚଳରେ ଶୃଙ୍ଖଳା ରକ୍ଷା, ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଏବଂ ଯାତ୍ରୀମାନଙ୍କୁ ନିରାପଦ ସେବା ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରାଯାଇଛି ।

ପ୍ରମୁଖ ଶାସନ ସଚିବ 'ସୁରକ୍ଷା ପ୍ରଥମ' ନୀତି ଉପରେ ଗୁରୁତ୍ୱ ଦେଇ କହିଛନ୍ତି ୨୦୨୫ରେ ଯେଉଁ କ୍ଷେତ୍ରରେ ଡ୍ରାଇଭରଙ୍କ ଅବହେଳା ପରିଲକ୍ଷିତ ହୋଇଛି, ସେମାନଙ୍କ ବିରୋଧରେ ଚାକିରିରୁ ବହିଷ୍କାର ଓ ଲାଇସେନ୍ସ ରଦ୍ଦ ଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସୁରକ୍ଷା ବ୍ୟବସ୍ଥାକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ବସଗୁଡ଼ିକରେ 'ଆଡଭାନ୍ସଡ୍ ଡ୍ରାଇଭର ଆସିଷ୍ଟାନ୍ସ ସିଷ୍ଟମ' ଏବଂ 'ଡ୍ରାଇଭର ଫାଟିଗ୍ ମନିଟରିଂ ସିଷ୍ଟମ' ସ୍ଥାପନ କରାଯିବ । ଏହାଦ୍ୱାରା ଡ୍ରାଇଭରଙ୍କ ଗାଡ଼ି ଚଳାଇବା ଶୈଳୀ ଉପରେ ପ୍ରତ୍ୟକ୍ଷ ନଜର ରଖାଯାଇ ଦୁର୍ଘଟଣାକୁ ରୋକାଯାଇପାରିବ । ଏଥିସହ ପ୍ରତିଦିନ ବସ୍ ଚାଳକ ଓ କର୍ମଚାରୀଙ୍କ ମଦ୍ୟପାନ ପରୀକ୍ଷା କରାଯାଉଥିବା କହିଛନ୍ତି । ଏହା ମଧ୍ୟ ଦୋହରାଇଛନ୍ତି ଯେ ନୂତନ ଭାବେ ନିଯୁକ୍ତ ଡ୍ରାଇଭରମାନଙ୍କୁ କେବଳ ବାଧ୍ୟତାମୂଳକ ଆଇଡିଟିଆର ତାଲିମ ଏବଂ ରୁଟ୍ ପରିଚିତି ପରେ ହିଁ ନିୟୋଜିତ କରାଯିବ । ଏଥିସହ ପ୍ରତିରକ୍ଷାମୂଳକ ଚାଳନା, ବୈଦ୍ୟୁତିକ ବସ୍ କାର୍ଯ୍ୟକ୍ଷମତା, ପ୍ରାଥମିକ ଚିକିତ୍ସା ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ନିରନ୍ତର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଜାରି ରଖିବାକୁ ସେ କହିଛନ୍ତି । ବୈଠକରେ କ୍ରୁଟର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ବିଶ୍ୱାଳ, ଜିଏମ ସହଦେବ ସମାଧିଆ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ରାଜ୍ୟରେ ଏକ ନିରାପଦ ଓ ନାଗରିକ-କୈନ୍ଦ୍ରିକ ସାର୍ବଜନୀନ ପରିବହନ ବ୍ୟବସ୍ଥା ଗଠନ କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ସେ ବୈଠକରେ କହିଛନ୍ତି ।

## ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଉଦ୍‌ଘାଟନୀ ସମାରୋହ

ଭୁବନେଶ୍ୱର, ୬।୧(ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସ ଉଦ୍‌ଘାଟନୀ ସମାରୋହ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହକୁ ଓଡ଼ିଶାର ମହାଧିବକ୍ତା ପୀତାମ୍ବର ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ । ବରିଷ୍ଠ ଭାଷାତତ୍ତ୍ୱବିତ୍ ପଦ୍ମଶ୍ରୀ ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷାବିତ୍ ପ୍ରଫେସର ବନ୍ଦିତା ଦାଶ, ଲୋକସେବକ ମଣ୍ଡଳର ସମ୍ପାଦକ ରାଜେନ୍ଦ୍ର କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ତାଙ୍କ ସଭାପତିତ୍ୱ କରିଥିବା ବେଳେ କୁଳସଚିବ ଅନାମିକା ଅଧିକାରୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଗୁରୁ ବିଜୟ କୁମାର ବାରିକ, ଗୁରୁ କରୁଣାକର ନାୟକ, ଗୁରୁ ଡ. ଜବାହର ମିଶ୍ର, ଗୁରୁ ବିଘ୍ନରାଜ ଧଡା, ଗୁରୁ ବିରଞ୍ଚି ମହନ୍ତ ଓ ନାଟ୍ୟକାର ଦେବବ୍ରତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଶ୍ୱବିଦ୍ୟାଳୟର ସମ୍ବାଦ ପୁସ୍ତିକା 'ସଂସ୍କୃତି' ଓ 'ଷ୍ଟୁଡେଣ୍ଟସ୍ କ୍ୟାଲେଣ୍ଡର'କୁ ଅତିଥିମାନେ ଲୋକାର୍ପିତ କରିବା ସହ ଦୃଶ୍ୟକଳା ବିଭାଗର ଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ଡ. ଜ୍ଞାନ ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।




## ମହିଳା ସାମ୍ବାଦିକ ଶିଳାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୬ ।୧(ସମିସ):ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟରତ ମହିଳା ସାମ୍ବାଦିକ ଶିଳା ପଟ୍ଟନାୟକଙ୍କ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଶିଳାଙ୍କ ପ୍ରତି ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଗଭୀର ଶୋକ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ସଂଯୋଜକ ବାପୁ ଓଝା, ବରିଷ୍ଠ ସାମ୍ବାଦିକ କ୍ରାନ୍ତି କୁମାର ସାକସେନା, ଓଡ଼ିଶା ନାଗରିକ ମହାମଞ୍ଚର ଉପସଭାପତି ଡ. ପ୍ରଦୀପ କୁମାର ବିଶ୍ୱାଳ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

## କ୍ୟାପିଟାଲ ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର



ଭୁବନେଶ୍ୱର, ୬ ।୧(ସମିସ):କ୍ୟାପିଟାଲ ହସ୍ପିଟାଲରେ ହସ୍ପିଟାଲର ହୃଦ୍ ବିଭାଗରେ ଆଜି ଏକ ସଫଳ ଅସ୍ତ୍ରୋପଚାର କରାଯାଇଛି । ବିନା ଆନାସ୍ଥେସିଆ ଏବଂ ଶରୀର କୌଣସି ଅଂଶକୁ ନକାଟି ଆର୍ଟିଫିସିଆଲ ଆୟୋଟିକ୍ ଭାଲ୍‌ବ ଲଗାଯାଇଛି । ଯାହା ରାଜ୍ୟର ସରକାରୀ ହସ୍ପିଟାଲରେ ପ୍ରଥମ ବୋଲି କୁହାଯାଉଛି । ଖବର ନେବାରୁ ଜଣାପଡ଼ିଛି ଯେ, ଜଗତସିଂହପୁରର ୭୧ବର୍ଷୀୟ ସୁଲକ ସୁନ୍ଦର ମହାନ୍ତିଙ୍କ ଆୟାଟିକ୍ ଭାଲ୍‌ବ କାମ କରୁନଥିଲା । ଉକ୍ତ ଅସ୍ତ୍ରୋପଚାରଟି ବ୍ୟୟବହୁଳ ହୋଇଥିବାରୁ ସେ ନିରାଶ ହେବା ପରେ କ୍ୟାପିଟାଲ ହସ୍ପିଟାଲ ଆସିଥିଲେ । ହୃଦ୍ ବିଭାଗର ମୁଖ୍ୟ ଡ. ପି.କେ ଦାସ ଏକ ଟିମ୍ ସହଯୋଗ କରି ତାଙ୍କର ଅସ୍ତ୍ରୋପଚାର କରିଥିଲେ । ଏହି ଅସ୍ତ୍ରୋପଚାର ମାତ୍ର ୪ଘଣ୍ଟାରେ ସମ୍ପନ୍ନ ହୋଇଥିଲା । ଏହି ଅସ୍ତ୍ରୋପଚାର ସମ୍ପୂର୍ଣ୍ଣ ମାଗଣା ସହିତ ସଫଳତାର ସହିତ ହୋଇଛି । ଡାକ୍ତରୀ ଦଳ ମଧ୍ୟରେ ବିଭାଗୀୟ ମୁଖ୍ୟ ଡ. ପି. ଦାସଙ୍କ ସମେତ ଡା.ସିଦ୍ଧାର୍ଥ ଏସ. ପଟ୍ଟନାୟକ, ଡା. ସାଗର ନାୟକ, ଡା. ସୁଶାନ୍ତ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

## ନୂଆଦିଲ୍ଲୀ ପରେଡ୍‌ରେ ଭାଗନେବେ ମୋନାଲିସା



ଭୁବନେଶ୍ୱର, ୬ ।୧(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଗୃହ ବିଜ୍ଞାନ ବିଭାଗର ଛାତ୍ରୀ ମୋନାଲିସା ସାହୁ ନୂଆଦିଲ୍ଲୀ କର୍ତ୍ତବ୍ୟ ପଥରେ ହେବାକୁଥିବା ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶା ଗ୍ରୁପ୍ କ୍ୟାମ୍ପରେ ଅଂଶଗ୍ରହଣ କରିବେ । ବିଶ୍ୱବିଦ୍ୟାଳୟ ସ୍ତରରୁ ଚୟନ ହେବା ପରେ ଭୁବନେଶ୍ୱର ଓ କୋଲକାତା ଇଷ୍ଟ ଜୋନରେ ମଧ୍ୟ ମନୋନୀତ ହୋଇଛନ୍ତି । ସମ୍ପ୍ରତି ୮ ଜଣ ଓଡ଼ିଶା ପିଲାଙ୍କ ମଧ୍ୟରେ ନିଜ ସ୍ଥାନ ବଜାୟ ରଖିଛନ୍ତି । ସଫଳତାର ସହ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗ ନେବା ପାଇଁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ, କୁଳସଚିବ ମନସ୍ୱିନୀ ସାହୁ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜିକା ପ୍ରଫେସର ଅଲିଭା ମହାନ୍ତି ଓ କାର୍ଯ୍ୟକ୍ରମ ଅଧିକାରୀ ବିଆର୍ ଆଭା ଆୟୁଶ୍ରୀ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ପ୍ରଜ୍ଞାନ ମିଶନ ପକ୍ଷରୁ 'ଗୀତା ଜ୍ଞାନ ଯଜ୍ଞ'



ଭୁବନେଶ୍ୱର, ୬।୧(ସମିସ): ପ୍ରଜ୍ଞାନ ମିଶନ ପକ୍ଷରୁ ଉତ୍କଳ ମଣ୍ଡପଠାରେ ତିନି ଦିନିଆ ଜ୍ଞାନ ଯଜ୍ଞ ଉଦଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମକୁ ପ୍ରଜ୍ଞାନାନନ୍ଦ ମହାରାଜ ଉଦଘାଟନ କରିଛନ୍ତି । ସନ୍ଧ୍ୟାରେ ଭକ୍ତି ସଙ୍ଗୀତର କାର୍ଯ୍ୟକ୍ରମ ସହିତ ପ୍ରଦୀପ ପ୍ରଜ୍ୱଳନ, ଗୀତା ଧ୍ୟାନ ଓ ସ୍ୱାମୀ ବିଜ୍ଞାନାନନ୍ଦ ଗିରିଙ୍କ ପ୍ରାରମ୍ଭିକ ଅଭିଭାଷଣରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । କୈଳାସ ଚନ୍ଦ୍ର ସାହୁ ଏବଂ ଡ. ମିତାଲି ଚିନ୍ନାରା ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ । ଗୀତା ପ୍ରବଚନ ପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ଭକ୍ତମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଜ୍ଞାନାନନ୍ଦ ମହାରାଜ ପ୍ରଦାନ କରିଥିଲେ ।

# ୧୨ ବର୍ଷରେ ଦେଢ଼କୋଟି ଲୋକଙ୍କୁ ସେବା ଦେଇଛି '୧୦୮'

ଭୁବନେଶ୍ୱର, ୬।୧(ସମିସ): ୨୦୧୩ ମସିହାରୁ ଆଜି ପର୍ଯ୍ୟନ୍ତ ବିଗତ ୧୨ ବର୍ଷ ମଧ୍ୟରେ ଦେଢ଼କୋଟି ଲୋକଙ୍କୁ ସେବା ଯୋଗାଇଛି ୧୦୮ ଆମ୍ବୁଲାନ୍ସ ଆମ୍ବୁଲାନ୍ସ । ଏହି ସେବା ରୋଗୀଙ୍କୁ ମାଗଣା ଏବଂ ସମୟୋପଯୋଗୀ ଆପାତକାଳୀନ ଚିକିତ୍ସା ସହାୟତା ପ୍ରଦାନ କରିଛି । ୧୨ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରତ ଏହି ସେବା ଓଡ଼ିଶାରେ ଆପାତକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ କରିଛି । ଦ୍ରୁତ ରୋଗୀ ପରିବହନ, ଅଭିଜ୍ଞ ପ୍ରାକ୍-ହସ୍ପିଟାଲ ଚିକିତ୍ସା ଏବଂ ଦୂର ଦୁରାନ୍ତ ଅଞ୍ଚଳରେ ମଧ୍ୟ ସ୍ୱାସ୍ଥ୍ୟ ସେବାକୁ ପହଞ୍ଚାଇବାରେ ୧୦୮ ଆମ୍ବୁଲାନ୍ସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି । ଏହି ସନ୍ଦର୍ଭରେ ୧୦୮ ଆମ୍ବୁଲାନ୍ସ ପରିଚାଳନା ସଂସ୍ଥା ତଥା ଇଏମ୍‌ଆର୍‌ଆଇ ଗ୍ରୀନ୍ ହେଲଥ ସର୍ଭିସେସ୍‌ର ରାଜ୍ୟମୁଖ୍ୟ ସବ୍ୟସାଚୀ ବିଶ୍ୱାଳ କହିଛନ୍ତି ଯେ, ୨୮୦ଟି ଆମ୍ବୁଲାନ୍ସକୁ ନେଇ ଆରମ୍ଭ ହୋଇଥିବା ଏହି ସେବା ବର୍ତ୍ତମାନ ୧, ୩୬୬ଟି ଆମ୍ବୁଲାନ୍ସରେ ପହଞ୍ଚିଛି ଏବଂ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାକୁ ଆବର୍ତ୍ତିତ କରୁଛି । ଏହି ବିସ୍ତାର ରାଜ୍ୟ ସରକାରଙ୍କର ପ୍ରତ୍ୟେକ ନାଗରିକ ପାଇଁ ଆପାତକାଳୀନ ସ୍ୱାସ୍ଥ୍ୟସେବାକୁ ଶକ୍ତିଶାଳୀ କରିବା ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରେ । ୧୦୮ ଆମ୍ବୁଲାନ୍ସ ସେବାର ଏକ ମୁଖ୍ୟ ଶକ୍ତି ହେଉଛି ଭୁବନେଶ୍ୱରରେ ଅବସ୍ଥିତ ଏହାର ୨୪ଘଣ୍ଟିଆ ସମନ୍ୱିତ କଲ୍ ସେଣ୍ଟର । ୨୦୨୫ ମସିହାରେ ୧୦୮ ଆମ୍ବୁଲାନ୍ସ ସେବା ଦ୍ୱାରା ୧୫, ୭୪, ୧୭୭ ଜଣ ଲୋକ ଉପକୃତ ହୋଇଛନ୍ତି । ଏଥିରେ ୧୧, ୮୫, ୦୩୧ ଜଣ ଆପାତକାଳୀନ ରୋଗୀ ଓ ୩, ୮୮, ୬୨୨ ଜଣ ଗର୍ଭବତୀ ମହିଳା ଓ ନବଜାତ ଶିଶୁ ସାମିଲ ଅଛନ୍ତି । ଏହା ସହିତ ପ୍ରତିବର୍ଷ ପ୍ରାୟ ୧ ଲକ୍ଷ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ୧୦୮ ଆମ୍ବୁଲାନ୍ସ ସେବା ଦ୍ୱାରା ସହାୟତା ମିଳୁଛି । ନିରବିଚ୍ଛିନ୍ନ ସେବା ସୁନିଶ୍ଚିତ କରିବା ପାଇଁ ଇଏମ୍‌ଆର୍‌ଆଇ ଗ୍ରୀନ୍ ହେଲଥ ସର୍ଭିସେସ୍ ଯାନବାହନର ରକ୍ଷଣାବେକ୍ଷଣ, ପ୍ରାକ୍ ପ୍ରସ୍ତୁତି ଓ ବିଶ୍ୱସନୀୟତା ଉପରେ ବିଶେଷ ଗୁରୁତ୍ୱ ଦେଇଛି । ଓଡ଼ିଶାରେ ୬ଟି ସ୍ୱତନ୍ତ୍ର ଇନ୍-ହାଉସ୍ ୱାର୍କସପ୍ ସ୍ଥାପିତ କରାଯାଇଛି, ଯେଉଁଠାରେ ପ୍ରଶିକ୍ଷିତ ମେକାନିକମାନେ ପ୍ରାକ୍ ରକ୍ଷାଣାବେକ୍ଷଣ କାର୍ଯ୍ୟ କରୁଛନ୍ତି । ଏହା ସହିତ ୬୨ଟି ବ୍ୟାକଅପ୍ ଆମ୍ବୁଲାନ୍ସ ରଖାଯାଇଛି, ଯାହା ଯେକୌଣସି ଆମ୍ବୁଲାନ୍ସ ସେବା ବହିର୍ଭୂତ ହେଲେ ସେହି ସ୍ଥାନରେ ତୁରନ୍ତ ପରିବର୍ତ୍ତେ ବ୍ୟବହୃତ ହୋଇ ସେବାକୁ ଅବିରତ ରଖୁଛି । ଜଳବନ୍ଦୀ ଓ ଦୁର୍ଗମ ଅଞ୍ଚଳଗୁଡ଼ିକର ସମସ୍ୟାକୁ ଦୃଷ୍ଟିରେ ରଖି ମାଲକାନଗିରି, କେନ୍ଦ୍ରାପଡ଼ା, କଳାହାଣ୍ଡି ଓ କୋରାପୁଟ ଜିଲ୍ଲାରେ ୬ଟି ୧୦୮ ବୋଟ୍ ଆମ୍ବୁଲାନ୍ସ ନିଯୁକ୍ତ କରାଯାଇଛି, ଯାହା ସ୍ୱାଭିମାନ ଅଞ୍ଚଳର ଲୋକମାନଙ୍କୁ ଜୀବନରକ୍ଷା ସେବା ପହଞ୍ଚାଇବାରେ ସାହାଯ୍ୟ କରୁଛି ।



● ମିଲରଙ୍କ ଆନ୍ଦୋଳନରୁ ଧାନ କିଣାରେ ଅଚଳାବସ୍ଥା

## ଖୋଲା ଆକାଶ ତଳେ ପଡିଛି ହଜାର ହଜାର ବସ୍ତା ଧାନ

କୁଚିଣ୍ଡା,୬ ।୧(ସମିସ): କୁଚିଣ୍ଡା ଉପଖଣ୍ଡର ଧାନ କିଣା ଆରମ୍ଭ ହେବାର ୩୫ ଦିନ ପରେ ବି ଅବ୍ୟବସ୍ଥା ଲାଗି ରହିଛି। ପରିସ୍ଥିତି ସୁଧୁରିବା ପରିବର୍ତ୍ତେ ଧୀରେ ଧୀରେ ଅବସ୍ଥା ଆହୁରି ଖରାପ ହେବାରେ ଲଗିଛି। ଏଣେ ମିଲରଙ୍କ ଆନ୍ଦୋଳନ ଯୋଗୁଁ ଗତ ଦୁଇ ଦିନ ହେବ କୁଚିଣ୍ଡାର ମଣ୍ଡି ଗୁଡିକରୁ ଧାନ କିଣା ହୋଇପାରୁ ନାହିଁ।



ଫଳରେ କୁଚିଣ୍ଡା ଉପଖଣ୍ଡର ମଣ୍ଡିମାନଙ୍କରେ ହଜାର ହଜାର ବସ୍ତା ଧାନ ପଡ଼ି ରହିଛି। ଧାନ ଉଠାଇବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ କରା ଯାଉଥିଲେ ମଧ୍ୟ ସଫଳତା ମିଳିପାରୁ ନାହିଁ। ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ କୁସୁମୀ ମଣ୍ଡିରେ ୨୯୪୮୫ ବସ୍ତା, ଜମନକିରା ମଣ୍ଡିରେ ୪୮୫୯ ବସ୍ତା , କୁନ୍ତରା ମଣ୍ଡିରେ ୬୨୫୮ ବସ୍ତା, ଟାଇଁସର ମଣ୍ଡିରେ ୯୩୪ ବସ୍ତା ,ସାଲେଭାଡ଼ି ମଣ୍ଡିରେ ୧୭୦୯୭ ବସ୍ତା,ବକ୍ସମା ମଣ୍ଡିରେ ୨୫୧୪୦ ବସ୍ତା ଧାନ ଖୋଲା ଆକାଶ ତଳେ ପଡି ରହିଛି। ସେହିପରି କୁଚିଣ୍ଡା ଉପଖଣ୍ଡର ଜମନକିରା ବ୍ଲକ୍‌ର ବିଭିନ୍ନ ମଣ୍ଡି ଏବଂ ବାମରା ବ୍ଲକର ଅନେକ ମଣ୍ଡିରେ ମଧ୍ୟ ହଜାର ହଜାର ବସ୍ତା ଧାନ ବିକ୍ରି ନ ହୋଇ ଖୋଲା ଆକାଶ ତଳେ ପଡି ରହିଛି। ଧାନ କିଣାରେ ଏହି ଅବ୍ୟବସ୍ଥା ଦେଖି ସ୍ଥାନୀୟ ଚାଷୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବର୍ତ୍ତମାନ ଶୀତ ଋତୁରେ ସକାଳ ସମୟରେ ପ୍ରବଳ କୁହୁଡି ପଡୁଥିବାରୁ ଏହାର କାକର ପାଣିରେ ଭିଜି ଧାନର ମାନ ଖରାପ ହେବାର ସମ୍ଭାବନା ରହିଛି। ଚାଷୀଙ୍କ ଧାନର ମାନ ଖରାପ ହେଲେ ମିଲର ଅଧିକ ମାତ୍ରାରେ କଟ୍‌ନୀ ଛଟ୍‌ନୀ କରିବାର ଆଶଙ୍କା ଥିବାରୁ ଚାଷୀମାନେ ଅତି ଶୀଘ୍ର ମଣ୍ଡିରେ ପଡ଼ିଥିବା ସମସ୍ତ ଚାଷୀଙ୍କ ଧାନ କିଣିବା ପାଇଁ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।ତେବେ ଧାନ କିଣାରେ ଏହି ଅବ୍ୟବସ୍ଥା ପାଇଁ ଚାଷୀମାନେ ପ୍ରଶାସନର ଦୋମୁହାଁ ନୀତିକୁ ଦାୟୀ କରିଛନ୍ତି କାରଣ ଯେଉଁ ମଣ୍ଡିରେ ସରକାରଙ୍କ କ୍ରୟ ନୀତିର ପାଳନ କରାଯାଉ ନାହିଁ ସେଠାରୁ ମିଲରମାନେ ଅତି ଆଗ୍ରହ ସହକାରେ ଧାନର ମାନ ଯାଞ୍ଚ ନ କରି, ଧାନକୁ ଓଜନ ନ କରି ଗାଡ଼ିରେ ଲୋଡ ଥିବା ଅବସ୍ଥାରେ ଧାନ କିଣି ନେଉଥିବା ବେଳେ ଯେଉଁ ମଣ୍ଡିରେ ସରକାରଙ୍କ କ୍ରୟନୀତିର ପାଳନ କରି ଧାନକୁ ଗାଡିରୁ ଅନଲୋଡ କରି ମଣ୍ଡିରେ ଯାଞ୍ଚ ପାଇଁ ଧାନ ଗଦା କରି ରଖାଯାଉଛି, ସେହି ମଣ୍ଡିରୁ ଧାନ କିଣିବା ପାଇଁ ମିଲର ମାନେ ଆସୁ ନାହାଁନ୍ତି। ତେବେ ବର୍ତ୍ତମାନ ଯେଉଁ ମଣ୍ଡି ଗୁଡିକରୁ ଗାଡିରୁ ସିଧା ସଳଖ ଧାନ କିଣା ହେଉଥିଲା ସେଠାରେ ଧାନ କିଣା ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି ଫଳରେ ତୁରେଇ ମଣ୍ଡିରେ ୪ ଟି ଗାଡ଼ି, ପାରୁଆଭାଡି ମଣ୍ଡିରେ ୧୪ ଟି ଗାଡ଼ି ଏବଂ ଖଣ୍ଡୋକଟା ମଣ୍ଡିରେ ୪ ଟି ଗାଡ଼ିରେ ଧାନ ଲୋଡ ହୋଇ ମଣ୍ଡିରେ ଗାଡ଼ି ଠିଆ ହୋଇ ରହିଛି। ଏଣେ ଏପରି ଅବ୍ୟବସ୍ଥା ଲାଗି ରହିଲେ ଟୋକନ ଅକାମୀ ହୋଇ ପଡ଼ିବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରି ଧାନ ଶୀଘ୍ର ଉଠାଇବା ପାଇଁ ଦାବି କରିଛନ୍ତି।

ବ୍ୟବସ୍ଥିତ ହେଉନି ଧାନ ସଂଗ୍ରହ, ତାତିଲେ ଚାଷୀ

## ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ସମ୍ବଲପୁର,୬।୧(ସମିସ)

ସମ୍ବଲପୁରର ଧାନ କ୍ରୟ ଆରମ୍ଭ ହେବା ଦିନ ଠାରୁ ଅବ୍ୟବସ୍ଥା ଲାଗି ରହିଛି। ଜଣେ ଚାଷୀ ନିଜର ଧାନ ବିକିବା ପାଇଁ ବାରମ୍ବାର ଆନ୍ଦୋଳନ କରିବାକୁ ବାଧ୍ୟ ହେଉଛି। ଏତେ କଲା ପରେ ମଧ୍ୟ ବ୍ୟବସ୍ଥିତ ଢଙ୍ଗରେ ଧାନ ମଣ୍ଡିରୁ ଉଠିପାରୁନାହି। ସରକାର ଓ ମିଲର୍ସ ମଧ୍ୟରେ ଲାଗିଥିବା ସମସ୍ୟା ସମାଧାନ ହୋଇପାରୁନାହି। ଫଳରେ ରାଜ୍ୟ ସାରା ଆଜି ଧାନ ସଂଗ୍ରହ ବନ୍ଦ ରହିଛି। ସମ୍ବଲପୁର ପଡ଼ିଆବାହାଲ ଖଲିଆପାଲି ମଣ୍ଡିରେ ଏହାକୁ ନେଇ ପ୍ରତିବାଦ କରାଯାଇଛି। ଚାଷୀଙ୍କ ସରକାର କହୁଥିବା ଏ ସରକାର ଅଧିକ ଯନ୍ତ୍ରଣା ଦେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବାରମ୍ବାର ଅନ୍ଦୋଳନ ସତ୍ତ୍ୱେ ସରକାର କୌଣସି ବ୍ୟବସ୍ଥା କରୁନାହାନ୍ତି। ଆଜି ଖଲିଆପାଲି ମଣ୍ଡିରେ ଶତାଧିକ ଚାଷୀ ଧାନ ନେଇ ଆସିଥିଲେ। ମିଲର୍ସ ଓ ସରକାରଙ୍କ ଫାଠ ଯୋଗୁଁ ଧାନ ମଣ୍ଡିରୁ ଉଠିନଥିଲା। ସେପଟେ ବରଗଡ଼ ଧନୁଯାତ୍ରା ମଞ୍ଚରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଚାଷୀଙ୍କୁ ନେଇ ଦେଇଥିବା ବିବାଦୀୟ ବୟାନ



ମହଙ୍ଗା ପଡ଼ିଛି। ଯେତେବେଳେ ଉପମୁଖ୍ୟ ମନ୍ତ୍ରୀ କହିଲେ ଯେ ଚାଷୀ ରାସ୍ତା ଘାଟ ବନ୍ଦ କରି ନଟଙ୍କି କରୁଛି ସେହି ବୟାନକୁ ନେଇ ଚାଷୀ ସଂଗଠନ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଚାଷୀମାନେ ଉତ୍ତ୍ୟକ୍ତ ହୋଇ କନକ ବର୍ଦ୍ଧନ ସିଂହଦେଓଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏ ସରକାରଙ୍କ ଚାଷୀଙ୍କ ସମସ୍ୟା ବଢାଉଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ କୁଶପୁତ୍ତଳିକା ମଧ୍ୟ ଦାହ କରାଯାଇଥିଲା। ଆଜି ଖଲିଆପାଲି ମଣ୍ଡିରେ ପ୍ରାୟ ୭୦ଟି ଗାଡିରେ ଧାନ ବସ୍ତା ଲୋଡ ହୋଇ ରହିଛି।ମିଲର୍ସ ଯୋଗୁଁ ଧାନ ଉଠିପାରିନାହି। ନିର୍ବାଚନ ବେଳେ ଏ ସରକାର ଚାଷୀଙ୍କ କଥା ଶୁଣିବ ବୋଲି କହିଥିଲା। କିନ୍ତୁ ଏ ସରକାର ଚାଷୀଙ୍କୁ ଶୋଷଣ କରିବା ସହ ଅଧିକ ନିର୍ଯାତନ ଦେଉଥିବା ଚାଷୀମାନେ କହିଥିଲେ। ଏତେ ବର୍ଷ ଭିତରେ ଚାଷୀମାନେ କେବେ ବାରମ୍ବାର ଆନ୍ଦୋଳନ ପନ୍ଥା ଅବଲମ୍ବନ କରିଥିଲେ। କିନ୍ତୁ ଏ ସରକାର ଆସିବା ପରେ ଚାଷୀଙ୍କୁ ଅତ୍ୟଧିକ ଯନ୍ତ୍ରଣା ଦେଉଛି।ଏହାକୁ ବିରୋଧ କରି ଏ ସରକାରକୁ ଉଚିତ ଜବାବ ଦିଆଯିବ କହି ନାରା ଦେଇ କୁଶପୁତ୍ତଳିକା ଦାହ କରିଥିଲେ। ସୂଚନା ଅନୁସାରେ ସମ୍ବଲପୁରରେ ନଭେମ୍ବର ୨୮ରେ ଧାନ ସଂଗ୍ରହ ଆରମ୍ଭ ହୋଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ତାହା ଅଧାରେ

### ମହଙ୍ଗା ପଡ଼ିଲା ଧନୁଯାତ୍ରାରେ ଉପମୁଖ୍ୟମନ୍ତ୍ରୀ ଦେଇଥିବା ବୟାନ

ରହିଯାଇଛି। ଦୀର୍ଘ ଦୁଇମାସ ହୋଇଗଲା ଅନେକ ଚାଷୀଙ୍କ ଏ ପର୍ଯ୍ୟନ୍ତ ଟୋକନ୍ ଆସିନଥିବା ବେଳେ ଅନେକ ଚାଷୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ଟୋକନ୍ ଆସିନାହିଁ। ସବୁଠାରୁ ବଡ଼ କଥା ହେଲା ସମ୍ବଲପୁର ଜିଲ୍ଲାରେ ବାରମ୍ବାର ଚାଷୀଙ୍କ ଆନ୍ଦୋଳନ ପରେ କୌଣସି ସୁଫଳ ମିଳିପାରୁନାହି। ସମ୍ବଲପୁର ବନ୍ଦ ଡାକରା ବେଳେ ଗୋଟିଏ ମାସ ଭିତରେ ଚାଷୀଙ୍କ ସମସ୍ତ ସମସ୍ୟାର ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ତାହା ସମାଧାନ ହେଲାନାହିଁ ଯାହାକୁ ନେଇ ପୁଣି ଜିଲ୍ଲାରେ ଆରମ୍ଭ ହୋଇଛି ଚାଷୀଙ୍କ ଆନ୍ଦୋଳନ। ଶୀତକାକରରେ ମଣ୍ଡିରେ ପଡ଼ିଛି ହଜାର ହଜାର ଧାନ ବସ୍ତା। ସରକାର ଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ମା'ଦୁର୍ଗା ମନ୍ଦିରର ରତ୍ନମୁଦ ପାଇଁ ପ୍ରସ୍ତୁତି



ଜମନକିରା,୬ ।୧(ସମିସ): ଜମନକିରା ମୁଖ୍ୟ ଛକରେ ନବ ନିର୍ମିତ ହେଉଥିବା ମା''ଦୁର୍ଗାଙ୍କ ମନ୍ଦିରର ରତ୍ନମୁଦ ମହୋତ୍ସବ ପାଇଁ ସୋମବାର ଅପରାହ୍ଣରେ ଗ୍ରାମ ଉନ୍ନୟନ ସଭା ଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନବ ନିର୍ମାଣ କମିଟିର ସଭାପତି ପିଛାଲୁ ଭୋଇ ଅଧ୍ୟକ୍ଷତା କରିଥିବା ବେଳେ ବ୍ରାହ୍ମଣ ପଣ୍ଡିତ ଓ କମିଟି କର୍ମକର୍ତା ଉପସ୍ଥିତ ଥିଲେ। ମନ୍ଦିରର ରତ୍ନମୁଦ ଉତ୍ସବ ଆସନ୍ତା ଜାନୁଆରୀ ମାସ ୨୯ ତାରିଖ ଦିନ କରାଯିବ ବୋଲି ଧାର୍ଯ୍ୟ ହୋଇଛି। ଉକ୍ତ ଦିନ ପ୍ରତ୍ୟୁଷରୁ ରୀତି ନୀତି ଅନୁସାରେ ବ୍ରାହ୍ମଣ ଓ ପଣ୍ଡିତଙ୍କ ଦ୍ୱାରା ପୂଜାକାର୍ଯ୍ୟ ପ୍ରାରମ୍ଭ ହେବ। ଯୋଉ ଶ୍ରଦ୍ଧାଳୁ ଉକ୍ତ କାର୍ଯ୍ୟରେ ଦାନ ଧର୍ମ କରିବା ପାଇଁ ଇଚ୍ଛୁକ ହେବେ, ସେମାନେ କମିଟିର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରି ରତ୍ନମୁଦ ମୁଣ୍ଡି ମାରିବା କାର୍ଯ୍ୟରେ ସହଯୋଗ କରିବା ପାଇଁ କମିଟି ପକ୍ଷରୁ ଆହ୍ୱାନ ପ୍ରସ୍ତାବ କରାଯାଇଛି। ବୈଠକରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଆଲୋଚନାରେ ପଣ୍ଡିତ ଅଶୋକ କୁମାର ପାଣିଗ୍ରାହୀ,ପ୍ରଶାନ୍ତ ପଣ୍ଡା ଉପସ୍ଥିତ ଥିବା ବେଳେ କମିଟିର ସମ୍ପାଦକ ହେମନ୍ତ ମହାକୁଲ,ଆଦି ପ୍ରସାଦ ମହାକୁଲ,ରବୀନ୍ଦ୍ର ପ୍ରସାଦ ଦାନୀ,ଅନୁପ କୁମାର ବହିଦାର,ସୁବାସ ସାହୁ, ସ୍ନେହାଶିଷ ପଟ୍ଟନାୟକ,ସଞ୍ଜୀୟ ସେଠ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ବୀର ଛବିଲ ସାଇ ପ୍ରଦର୍ଶନୀ ମେଳା



ସମ୍ବଲପୁର,୬।୧(ସମିସ): ସମ୍ବଲପୁର ଲୋକ ମହୋତ୍ସବ ଅବସରରେ "ବୀର ଛବିଲ ସାଇ ପ୍ରଦର୍ଶନୀ' ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଦର୍ଶନୀରେ ସମୁଦାୟ ୫୬୫ଟି ଚିତ୍ର, ୪ଟି ଆର୍ଟ ୱାର୍କସପ୍ ଗ୍ରୁପ୍‌ରୁ ୨୦୦ଟି ଚିତ୍ର, ୩୮ଟି ଫଟୋଗ୍ରାଫ୍, ପଥର କଳାକୃତି, ପାରମ୍ପରିକ ମାଟିର ଘର ଓ ବଳଦ ଗାଡ଼ି ପ୍ରଦର୍ଶିତ ହୋଇଛି। ଏହି ପ୍ରଦର୍ଶନୀ ମାଧ୍ୟମରେ ଓଡ଼ିଶାର ଲୋକକଳା, ସଂସ୍କୃତି ଓ ସୃଜନଶୀଳତାକୁ ଜନସାଧାରଣଙ୍କ ସମ୍ମୁଖରେ ସୁନ୍ଦର ଭାବେ ପ୍ରତିପାଦନ କରାଯାଇଛି। ପ୍ରଦର୍ଶନୀ ସଂଯୋଜକ କୁଳଦୀପ ବୁର୍ମା, ସହ-ସଂଯୋଜକ ରୋଟିସ ଦେ ଓ ଶ୍ରୀମନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଉପସମିତି ସଦସ୍ୟ ଜିତେନ୍ଦ୍ରିୟ ବେହେରା, ସୁବ୍ରତ ବେହେରା, ମାନସୁନ ଭୋଇ, ରୋହନ ଭୋଇ, ଲୋକନାଥ ପୁଜାରୀ, ଯୁଗଳ କିଶୋର ବାରିକ, ଆୟୁଷ୍ମାନ ଦାସ, ଲୋକନାଥ ସାହାଣୀ, ସ୍ୱରୂପା ସାର, ଶିବାନୀ ଭୋଇ, ଥବିର ସେଉଲ, ପ୍ରଜ୍ଞା ପୁଜାରୀ, ଆକାଂକ୍ଷା ପୂଜାରୀ, ଦୀପାଳି ସେଠ, ଦେବେନ୍ଦ୍ର କୁମାର ସାହୁ ଓ ମୋନାଲିସା ଭଗତ ପ୍ରମୁଖ ସହଯୋଗ ଥିଲେ।

## ପଶ୍ଚିମ ଓଡ଼ିଶାର ଲୋକ ଚିତ୍ରକଳା ଶୀର୍ଷକ ଆଲୋଚନାଚକ୍ର

ସମ୍ବଲପୁର,୬।୧(ସମିସ):ସମ୍ବଲପୁର ଲୋକ ମହୋତ୍ସବ ଅବସରରେ ବୌଦ୍ଧିକ ତଥା ସାଂସ୍କୃତିକ ବାତାବରଣ ମଧ୍ୟରେ ପଶ୍ଚିମ ଓଡିଶାର ଲୋକକ୍ରୀଡ଼ା, ଲୋକ ଚିକିତ୍ସା ଓ ଲୋକ ଚିତ୍ରକଳା ଆଧାରିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ସମିତି ସଂଯୋଜକ ଦୀପକ କୁମାର ପଣ୍ଡା ମାଁ ସମଲେଶ୍ୱରୀଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ କରି କହିଥିଲେ, ଆମ ଲୋକ ସଂସ୍କୃତିରେ ଯେଉଁ ବିଜ୍ଞାନ ରହିଛି ତାହା ଆମେ ନିଜେ ଜାଣିବା ଉଚିତ। ଓଡିଶାର ୮୫ପ୍ରତିଶତ ଶିଳାଚିତ୍ର ପଶ୍ଚିମ ଓଡିଶାର ସମ୍ବଲପୁର ଓ ସୁନ୍ଦରଗଡରେ ରହିଛି। ଡ଼ଃ ଶ୍ୟାମ ସୁନ୍ଦର ଧର ସଭାପତିତ୍ୱ ଓ ଆବାହକ ପ୍ରତୀପ କୁମାର ପଣ୍ଡା ସଂଯୋଜନା କରିଥିଲେ। ବିଶିଷ୍ଟ ଚିତ୍ରଶିଳ୍ପୀ ବୃନ୍ଦାବନ ମହାରଣା ଲୋକଚିତ୍ର କଳା ସମ୍ପର୍କରେ କହିଥିଲେ ଯେ, ଆମେ ଯେଉଁ ଚିତ୍ରକଳା କରୁଛେ ତାହାର ମାଧ୍ୟମ ଗୁଡିକୁ ଜାଣିବା ଉଚିତ। ଲୋକକଳା ଆମର ଘରେ ଘରେ ଅଛି। ଆଦିମ କାଳରୁ ମଣିଷ କୌଣସି ବସ୍ତୁରେ ଗାର ଟାଣିବା ଠାରୁ ଆରମ୍ଭ କରି ଶିଳାଚିତ୍ର ଜରିଆରେ ଭାବବ୍ୟକ୍ତ କରିବାର ପ୍ରୟାସରୁ ଏହି କଳା ବିକାଶ ଲାଭ କରିଛି। ପ୍ରାକ ଐତିହାସିକ ଯୁଗର ଶିଳାଚିତ୍ର ସହ ଆଦିବାସୀ ଚିତ୍ରକଳାର ମଧ୍ୟ କିଛି ସାମଞ୍ଜସ୍ୟ ପରିଲକ୍ଷିତ ହୁଏ। ଘରେ କାନ୍ଥରେ ଓ ପର୍ବ ସମୟରେ ଦିଆଯାଉଥିବା ଝୋଟି ମେହେନ୍ଦି ମଧ୍ୟ ଏହି ଲୋକକଳା ଅନ୍ତର୍ଭୁକ୍ତ। କଳା ହେଉଛି ଏକ ପ୍ରକାର କୌଶଳ ଯାହା ପିଢିପିଢି ଧରି ଲୋକ ଅନୁକରଣ କରି ଆସୁଛି। ତେବେ ମୁରୁଜ ଦେବାର କଳା ବୌଦ୍ଧ ତନ୍ତ୍ରରୁ ଆସିଛି।





ସପ୍ତପୁରୀ ଅମାବାସ୍ୟାରେ ପଶ୍ଚିମ ଓଡିଶାର ମୃଣ୍ମୟ କଳାର ସୁନ୍ଦର ଦୃଷ୍ଟାନ୍ତ ଦେଖିବାକୁ ମିଳେ। ସେଇଭଳି ପାରମ୍ପରିକ କାଷ୍ଠଶିଳ୍ପର ଦୃଷ୍ଟାନ୍ତ ମଧ୍ୟ ଆମ ଅଞ୍ଚଳରେ ରହିଛି। ପଶ୍ଚିମ ଓଡିଶାର ତାସ ସଦୃଶ ଗଞ୍ଜାପା ମଧ୍ୟ ଆମ ଲୋକ ଚିତ୍ରକଳାର ଏକ ବଳିଷ୍ଠ ଦୃଷ୍ଟାନ୍ତ। ତେନ୍ତୁଳି ଅଠା, ଖଡି ପଥର, ଗେରୁମାଟି ରଙ୍ଗ ତିଆରି କରି ଗେଙ୍ଗୁଟି ପଥର ଦେଇ ଏହା ତିଆରି ହେଉଥିଲା। ଡାଲଖାଇ କୁଠି, ମଙ୍ଗଳାକୁଠିରେ ଚିତ୍ର ମଧ୍ୟ ଆମ ପାରମ୍ପରିକ ଲୋକ କଳାର ପରିଚୟ ଦେଇଥାଏ। ଅନ୍ୟତମ ଆଲୋଚକ ଅନୁରାଧା ପୁରୋହିତ ଲୋକ ଚିକିତ୍ସା ସମ୍ପର୍କରେ କହିଥିଲେ ଯେ, ଯେଉଁ ଚିକିତ୍ସାର ପଦ୍ଧତି ଆମେ କୌଣସି ଶାସ୍ତ୍ରର ଅନୁକରଣରେ ନକରି ପାରମ୍ପରିକ ରୀତିରେ ପ୍ରୟୋଗ କରି ଆସୁଛେ ସେହିଭଳି ଚିକିତ୍ସାମାନ ହିଁ ଲୋକ ଚିକିତ୍ସା ଅନ୍ତର୍ଭୁକ୍ତ। ଚିକିତ୍ସା ପଦ୍ଧତି ଇଂରେଜମାନେ ଭାରତକୁ ଆସିବା ପରେ ପରିବର୍ତ୍ତିତ ହୋଇଛି। ଆମ ଅଞ୍ଚଳରେ ବୌଦ୍ଧତନ୍ତ୍ରର ପ୍ରଖର ପ୍ରଚଳନ ରହିଥିଲା। ଫଳତଃ ଏହି ତନ୍ତ୍ର ଚିକିତ୍ସାର ପ୍ରୟୋଗ ମଧ୍ୟ ଏଠାରେ ରହିଛି। ଆମ ଫୁଙ୍କା ଝଡା ଏହାର ଏକ ଦୃଷ୍ଟାନ୍ତ। ସେ ଅନେକ ରୋଗର ଲୋକ ଚିକିତ୍ସାର ଉଦାହରଣ ଦେଇ ଆଲୋଚନା କରିଥିଲେ। ସେହିପରି ପଶ୍ଚିମ ଓଡିଶାର ଲୋକ କ୍ରୀଡ଼ା ସମ୍ପର୍କରେ ଆଲୋଚକ ସ୍ୱୟଂପ୍ରକାଶ ପଣ୍ଡା କହିଥିଲେ ଯେ, ଖେଳର ବହୁତ ଉପକାରିତା ରହିଛି। ମାନସିକ ଚାପକୁ ଏହା କମାଇବା ସହ ନୂତନ ସୃଷ୍ଟି ନିମନ୍ତେ ସେ ମାନବକୁ ପ୍ରସ୍ତୁତ କରେ। ଘର ଭିତର ଓ ବାହାରର ଖେଳ ଏହା ସହ ପୁଅମାନଙ୍କ ଖେଳ, ଝିଅମାନଙ୍କ ଖେଳ, ଉଭୟଙ୍କ ଦ୍ୱାରା ଖେଳା ଯାଉଥିବା ଖେଳ ତଥା ଗୀତଯୁକ୍ତ ଓ ଗୀତ ରହିତ ଖେଳ ଭାବରେ ବିଭାଗୀକରଣ କରି ସେ ବିଭିନ୍ନ ଲୋକକ୍ରୀଡାର ଦୃଷ୍ଟାନ୍ତ ଦେଇ ତାଙ୍କ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏଥିରେ ସହ ଆବାହକ ସୌମିକ ବାବୁ ଓ ଭବତୋଷ ବିଶି, ମହୋତ୍ସବ କମିଟି ଉପଦେଷ୍ଟା ପ୍ରଫୁଲ୍ଲ ହୋତା, ସହ ସଂଯୋଜକ ସତ୍ୟରଞ୍ଜନ ବେହେରା,ନୋଡାଲ ଅଧିକାରୀ ରବିନ୍ଦ୍ର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକ ସଂସ୍କୃତି ଆଧାରିତ କବିତା ପାଠୋତ୍ସବ

ସମ୍ବଲପୁର,୬।୧(ସମିସ):ସମ୍ବଲପୁର ଲୋକ ମହୋତ୍ସବର ଅବସରରେ ଲୋକ ସଂସ୍କୃତି ଆଧାରିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁକ୍ତକଣ୍ଠ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ କମଳ ଲୋଚନ ପଣ୍ଡା ଓ ସମିପ୍ ବାବୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁପମା ବିଶ୍ୱାଳ ଏବଂ ରମଣିକାନ୍ତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମୋଟ୍ ୬୫ ଜଣ କବି ଓ କବିୟତ୍ରୀ ସମ୍ବଲପୁରୀ ସଂସ୍କୃତି ତଥା ଲୋକ ପରମ୍ପରା ଆଧାରିତ ସ୍ୱରଚିତ କବିତା ପାଠ କରିଥିଲେ।

ଏହି ଅବସରରେ କବି ଓ କବିୟିତ୍ରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ସମାରୋହରେ ମାହେଶ୍ୱରୀ ପାଣିଗ୍ରାହୀ, ସୂର୍ଯ୍ୟ ପାଣିଗ୍ରାହୀ,ମନୋଜ ପଣ୍ଡା, ସଞ୍ଜୀବ ପାଢ଼ୀ, ମମତା ପଣ୍ଡା,ପ୍ରମୋଦ ସେଠ୍,ମାନଭଞ୍ଜନ ମିଶ୍ର, ଇପିସିତା ମିଶ୍ର, ତନୁଜା ଶତପଥୀ, ସ୍ମୃତିରେଖା ତ୍ରିପାଠୀ, ସ୍ପନ୍ଦନ ବେହେରା, ସୁଶ୍ୱେତ ପାଢ଼ୀ, ସ୍ୱରୂପ କୁମାର ପାଢ଼ୀ ଓ ବିଶିଷ୍ଟ ସଂସ୍କୃତି ସଂଗଠକ ପ୍ରଫୁଲ୍ଲ କୁମାର ହୋତା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଆଲୋଚନାଚକ୍ର ଉପ ସମିତି ସହ ଆବାହକ ସୌମିକ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଁ ସମଲେଇଙ୍କୁ ଦର୍ଶନ କଲେ ବିଜେପି ଜିଲ୍ଲା ସଭାପତି



ସମ୍ବଲପୁର,୬।୧(ସମିସ):ବହୁ ପ୍ରତୀକ୍ଷାର ଅନ୍ତ ଘଟାଇ ଗତ ୪ ତାରିଖ ବିଳମ୍ବିତ ରାତ୍ରିରେ ବିଜେପି ରାଜ୍ୟ ସଭାପତି ମନ ମୋହନ ସାମଲ ବିଧିବଦ୍ଧ ଭାବେ ରାମଚନ୍ଦ୍ର ମେହେରଙ୍କୁ ସମ୍ବଲପୁର ଜିଲ୍ଲା ବିଜେପିର ଜିଲ୍ଲା ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ଆଜି ଶ୍ରୀ ମେହେର ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ଦର୍ଶନ କରି ଆଶିର୍ବାଦ ଭିକ୍ଷା କରିଥିଲେ। ପୂର୍ବରୁ ସୂଚନା ପାଇ ଶତାଧିକ ବିଜେପି କର୍ମୀ ଓ ପଦାଧିକାରୀ ମନ୍ଦୀର ମୁଖ୍ୟ ଦ୍ୱାରରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ମନ୍ଦିର ଦର୍ଶନ ପରେ ଶ୍ରୀ ମେହେର ବଡ ବଜାର ଅଞ୍ଚଳର ପୁରୁଣା ବିଜେପି କର୍ମୀ ଗୁରୁବାରି ସିଂ, ଉଷା ପ୍ରଧାନ, ବାସନ୍ତୀ ସ୍ୱାଇଁ, ଫୁଲମତି ମାଝୀଙ୍କ ଘରକୁ ଯାଇ ତାଙ୍କର ଆଶିର୍ବାଦ ଭିକ୍ଷା କରିଥିଲେ। ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ କୃପାରୁ ତାଙ୍କ କାର୍ଯ୍ୟକାଳରେ ସମ୍ବଲପୁର ବିଜେପି ଆହୁରି ମଜଭୁତ, ସକ୍ରିୟ ଓ ସଫଳ ହେବ ବୋଲି ଆମର ଦୃଢ଼ ବିଶ୍ୱାସ ରହିଛି ବିଜେପି ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି କହିଛନ୍ତି।

## ଇଣ୍ଟରନ୍ୟାସନାଲ ପ୍ରତିଯୋଗିତାରେ ସମ୍ବଲପୁର ବିଜେତା

● ସୁରଜ ମ୍ୟାନ ଅଫ୍ ଦି ଆର୍ଥ

ସମ୍ବଲପୁର,୬।୧(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ସୁରଜ କୁମାର ପାଣିଗ୍ରାହୀ ଭାରତ ପାଇଁ ଗୌରବ ଆଣି ଦେଇଛନ୍ତି। ମୁମ୍ବାଇ ଠାରେ ଅନୁଷ୍ଠିତ "ମ୍ୟାନ୍ ଅଫ ଦି ଆର୍ଥ' ଇଣ୍ଟରନ୍ୟାସନାଲ୍ ପ୍ରତିଯୋଗିତାରେ ସମ୍ବଲପୁରର ସୁରଜ ଭାରତରୁ ପ୍ରତିନିଧିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାକୁ ଆଧାର କରି ୬ଟି ରାଉଣ୍ଡ କରାଯାଇଥିଲା। ସମସ୍ତ ରାଉଣ୍ଡକୁ ସଫଳତାର ସହ ସମାପନ କରିବା ପରେ ସୁରଜ ଭାରତ ପାଇଁ ୩ଟି ଅନ୍ତର୍ଜାତୀୟ ଟାଇଟଲ ମ୍ୟାନ୍ ଅଫ ଦି ଆର୍ଥ ୨୦୨୫, ଲୋକଙ୍କ ପସନ୍ଦ ବିଜେତା ତଥା ଫର୍ମାଲ ପୋଷାକରେ ସର୍ବୋତ୍ତମ ଟାଇଟଲ ହାସଲ କରିଥଲେ। ଏହି ସଫଳତାକୁ ଶ୍ରୀ ପାଣିଗ୍ରାହୀ ଧରିତ୍ରୀ ମାତାଙ୍କୁ ଉତ୍ସର୍ଗ କରିବା ସହିତ ଭାରତର ଯୁବପିଢୀଙ୍କୁ ସମର୍ପଣ କରି ପରିବେଶ ସଚେତନତା ସହିତ କାମ କରିବାକୁ ପ୍ରେରଣା ପ୍ରଦାନ କରିଛନ୍ତି।



## ସମ୍ବଲପୁର ଲୋକ ମହୋତ୍ସବ ଉଦ୍‌ଯାପିତ

ସମ୍ବଲପୁର,୬ ।୧(ସମିସ): ସମ୍ବଲପୁର ଜିଲ୍ଲା ଅଇଁଠାପାଲି ପିଏଚ୍‌ଡ଼ି ପଡିଆ ଠାରେ ଓଡିଶା ସରକାରଙ୍କ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଓ ଜିଲ୍ଲା ସଂସ୍କୃତି ପରିଷଦ ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଲୋକ ମହୋତ୍ସବ-୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପାନୀ ସନ୍ଧ୍ୟାରେ ପୁଲିସ ଆଇଜି ହିମାଂଶୁ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ବଲପୁରର ସଂସ୍କୃତି ବେଶ ଉନ୍ନତ।ଚଳିତ ମହୋତ୍ସବ ବେଶ ଭଲ ହୋଇଛି ସମସ୍ତଙ୍କ ସହଯୋଗ ମିଳିଲେ ଅଞ୍ଚଳର ବିକାଶ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ , ମହାନଗର ନିଗମ କମିଶନର ତଥା ନୋଡାଲ ଅଧିକାରୀ ରେହାନ କ୍ଷତ୍ରୀ, ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସୱାଲ, ଡିଏଫ୍‌ଓ ଜାଧବ ସୁଦର୍ଶନ ଗୋପୀନାଥ, ଅତିରିକ୍ତ ଜିଲ୍ଲାପାଳ



ସୁଧାଂଶୁ କୁମାର ଭୋଇ,ଶ୍ୟାମ ମେଟାଲିକ୍ସର ନିର୍ଦ୍ଦେଶକ ଦେବ କୁମାର ତିୱାରୀ ଓ ଜିଲ୍ଲା ମହୋତ୍ସବ ସମିତି ସଂଯୋଜକ ଦୀପକ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମଞ୍ଚ ଅଭିନୟ ପାଇଁ ଜୋସ୍ନାମୟୀ ମିଶ୍ର, ଲୋକଖାଦ୍ୟ ପାଇଁ ପ୍ରଭୁଲାଲ ଗୁପ୍ତା ଓ ଯୁବ ଉଦୟନ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିବା ପଦ୍ମିନୀ ଦୋରା ଓ ସୌମ୍ୟଜିତ୍ ସୋମିତ୍ରି ବଡ଼ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ଅପରାହ୍ନରେ ଘୁଡ଼କା,ଧୁନକେଲ, କରମା ନୃତ୍ୟ ପରିବେଷଣ ହୋଇଥିଲା। ଏହା ପରେ ରତନ ପୂଜାରୀଙ୍କ ପରିଚାଳନାରେ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜକୁମାର ଜାଲ,ରବିନ୍ଦ୍ର କୁମାର ପଣ୍ଡା,ସାଇସ୍ମିତା ନାୟକ ଓ ପ୍ରିୟଦର୍ଶିନୀ ନାଥ ସୁମଧୁର ସ୍ୱରରେ ବିଭିନ୍ନ ଗୀତ ଗାଇଥିଲେ। ଏହା ପରେ ନୃତ୍ୟ କାର୍ଯ୍ୟକ୍ରମ ହୋଇଥିଲା। ଟ୍ରାଇବେଲ ଫୋକ୍ ଆର୍ଟ ସମ୍ବଲପୁର ପକ୍ଷରୁ ଚୁଟକୁଚୁଟା, ମୟୁରଭଞ୍ଜର ଛଉ,ହିମାଚଳ ପ୍ରଦେଶର ସିରମୋର ନାଟି, ଆସାମର ବିହୁ, ବାମରାର କିଶାନ ଓ ସମ୍ବଲପୁର କଳାପରିଷଦର ଦେଶୀ କରମା ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ମିଳିତ ନୃତ୍ୟ (ଫ୍ୟୁଜନ୍) ଅନୁଷ୍ଠିତ ହୋଇଥିଲା। ସକାଳେ ଆନ୍ତର୍ଜାତିକ ଚିନ୍ମୟ ମିଶନର ୭୫ବର୍ଷ ପୂର୍ତ୍ତୀ ଅବସରରେ ଚିନ୍ମୟ ଅମୃତ ମହୋତ୍ସବ ସମଗ୍ର ପାଳିତ ହେଉଥିଲା ବେଳେ ସମ୍ବଲପୁର ଶାଖା ତରଫରୁ ସମଷ୍ଟି ଗୀତା ଆବୃତ୍ତି' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ ସ୍ୱାଗତ ଭାଷଣ ଓ ମହୋତ୍ସବ ସମିତି ସହ ସଂଯୋଜକ ସତ୍ୟରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।।




SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/19 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 ଙ୍କ ଅନୁ) |
|---|---|---|
| ଉପାଧ୍ୟକ୍ଷ (ନିବେଶକ ସମ୍ପର୍କ) | 1 | 50 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 03.01.2026 ରୁ 23.01.2026 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 03.01.2026

ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ଅଞ୍ଚଳ ମହାବିଦ୍ୟାଳୟରେ ଜାତୀୟ ଶିକ୍ଷା ନୀତି ଉପରେ ବକ୍ତୃତା

ପଦ୍ମପୁର, ୬।୧(ସମିସ): ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗ ଏବଂ ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ପ୍ରକୋଷ୍ଠର ମିଳିତ ଆନୁକୂଲ୍ୟରେ 'ଉଚ୍ଚଶିକ୍ଷାରେ ଶିକ୍ଷାଦାନଗତ ନବସୃଜନ ଏବଂ ପାଠ୍ୟକ୍ରମ ସଂସ୍କାର: ଜାତୀୟ ଶିକ୍ଷା ନୀତି-୨୦୨୦ର ଦୃଷ୍ଟିକୋଣ' ଶୀର୍ଷକ ବକ୍ତୃତା କାର୍ଯ୍ୟକ୍ରମ ମଙ୍ଗଳବାର ନୂତନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହାପରେ ଡ.ଭେଙ୍କଟେଶ୍ୱର ମେହେର କାର୍ଯ୍ୟକ୍ରମର ଅଭିମୁଖ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷା ବିଭାଗର ବିଭାଗୀ ମୁଖ୍ୟ ଡ.ତୁଷାରକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ



ସମ୍ପାଦକ ଭାବେ ନର୍ଥ ଇଷ୍ଟର୍ନ ହିଲ୍ ବିଶ୍ୱବିଦ୍ୟାଳୟ, ଶିଲଂ, ମେଘାଳୟ ଶିକ୍ଷା ବିଭାଗର ସହଯୋଗୀ ପ୍ରଫେସର ଡ.ରମେଶ ପରୁଆ ଯୋଗ ଦେଇଥିଲେ। ଜାତୀୟ ଶିକ୍ଷା ନୀତି-୨୦୨୦ ଅନ୍ତର୍ଗତ ଉଚ୍ଚଶିକ୍ଷାରେ କିଭଳି ନୂତନ ଜ୍ଞାନକୌଶଳ ଓ ପାଠ୍ୟକ୍ରମରେ ସଂସ୍କାର ଅଣାଯାଇ ବିଦ୍ୟାର୍ଥୀମାନଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରାଯାଇପାରିବ ସେ ବିଷୟରେ ଉପସ୍ଥାପନା ରଖିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ପ୍ରଭାତ ମହାପାତ୍ର, ଅଧ୍ୟାପକ ଶ୍ରୀକାନ୍ତ ସାହୁ ଓ ପ୍ରଶାନ୍ତ ମେହେର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷ ପର୍ଯ୍ୟାୟରେ ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ପ୍ରକୋଷ୍ଠର ସଂଯୋଜକ ଅଧ୍ୟାପକ ନବକୃଷ୍ଣ ମିଶ୍ର ଶିକ୍ଷାର ଗୁଣବତ୍ତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରି ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ଡ. ସସ୍ମିତା ମେହେର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡିର ବିରାଟ ଚାଷୀ ସମାବେଶ

# ଅତାବିରାରେ ବିଜେଡିର ରଣହୁଙ୍କାର







ଅତାବିରା, ୬।୧(ସମିସ): ଓଡ଼ିଶାର ଭାତହାଣ୍ଡି ହେଉଛି ବରଗଡ଼ ଜିଲ୍ଲା। କିନ୍ତୁ ଜିଲ୍ଲାରେ ବିଜେପିର ଚାଷୀ ମାରଣ ନୀତି ପାଇଁ ଚାଷୀ ଧାନ ଚାଷ ଠାରୁ ଆରମ୍ଭ କରି ବିକ୍ରି ପର୍ଯ୍ୟନ୍ତ ହେଉଥିବା ବିଭିନ୍ନ ସମସ୍ୟା ଯୋଗୁଁ ପ୍ରତାରିତ ହେଉଛନ୍ତି। ଏହାର ପ୍ରତିବାଦରେ ବିଜେଡି ପକ୍ଷରୁ ଅତାବିରାରେ ଏକ ବିଶାଳ ଚାଷୀ ସମାବେଶ କରାଯାଇଛି। ବିଜେପି ପ୍ରତିଶ୍ରୁତି ଦେଇ ଚାଷୀଙ୍କୁ ପ୍ରତାରଣା କରୁଛି ବୋଲି ମଞ୍ଚାସୀନ ବିଜେଡି ନେତୃ ମଣ୍ଡଳୀ ଓ ଚାଷୀ ମାନେ ସମାବେଶରେ ମତ ପ୍ରକାଶ କରି ପ୍ରତିବାଦର ସ୍ୱର ଉତ୍ତୋଳନ କରିଥିଲେ। ଆୟୋଜିତ ସଭାରେ ଅତାବିରା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ତଥା ବିଜେଡି ମହିଳା ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପରିଚାଳନାରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବରଗଡ଼ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେପୁର ପୂର୍ବତନ ବିଧାୟିକା ରିତା ସାହୁ, ଜିଲ୍ଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ଅତାବିରା ବ୍ଲକ ଅଧକ୍ଷା ଗୀତାଞ୍ଜଳୀ ନାଏକ, ଭେଡେନ ବ୍ଲକ ଅଧକ୍ଷା ସୁପ୍ରଭା ମହାଲିଙ୍ଗ, ଭଟଲି ନିର୍ବାଚନ ମଣ୍ଡଳୀ ଆବାହକ ସୁବ୍ରତ ସିଂ, ଜୀବନ ବିନ୍ଧୁ ସଂଯୋଜକ ତଥା କୃଷକ ମୋର୍ଚ୍ଚା ସଭାପତି ଗୌରହରି ମିଶ୍ର, ଜିଲ୍ଲା କୃଷକ ସଙ୍ଗଠନ ସଭାପତି କିଶୋର ଦେବତା, ବିଜେଡି ଜିଲ୍ଲା ସଭାପତି ଜାପାନ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟରଞ୍ଜିତ ସାହୁ, ସୁଦାମ ଜାଲ, ସତ୍ୟଜିତ ପୁରୋହିତ, ସୁଶାନ୍ତ ମିଶ୍ର, ପଦ୍ମିନୀ ଗଡ଼ତିଆ, କୁଳମଣି ପ୍ରଧାନ, ଏସିଡସିସି ବ୍ୟାଙ୍କ ସଭାପତି ନରେନ୍ଦ୍ର ପଧାନ, ଏନଏସି ବିଜେଡି ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡା, ଉର୍କୁଲୁ ସାହୁ, କୀର୍ତ୍ତି ଚନ୍ଦ୍ର ଦୁଆନ ପ୍ରମୁଖ ଉପସ୍ଥିତ ଥିଲେ। ଧାନ ବିକ୍ରି ଜନିତ ଟୋକନ, ଟାର୍ଗେଟ, କଟନୀ ଛଟନୀ ସମସ୍ୟା, ବିକ୍ରିରେ ମନ୍ଥରତା, ଦଲାଲମାନଙ୍କ ହାତରେ ମଣ୍ଡି, ସାର କଳା ବଜାରୀ ଭଳି ସମସ୍ୟା ଗୁଡିକ ବିରୋଧରେ ବିଷୋଦଗାର କରିଥିଲେ। ଏପରିକି କିଛି ଚାଷୀ ବାଧ ହୋଇ କ୍ୱିଣ୍ଟାଲ ପିଛା ୧୪୦୦ରୁ ୧୫୦୦ ଟଙ୍କାରେ ଧାନ ବିକ୍ରି କରୁଛନ୍ତି ଓ ଅଧିକ ଦରରେ ସାର କିଣୁଥିବାର ଅଭିଯୋଗ ଆଣିଥିଲେ। ଏହାପରେ ଡବଲ ଇଞ୍ଜିନ ସରକାର ବିରୋଧରେ ଏକ ପ୍ରତିବାଦ ରାଲି କରାଯାଇଥିଲା। ରାଲିରେ ତହସିଲ ଅଫିସରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ ଦଫା ସମ୍ବଳିତ ଦାବିପତ୍ରକୁ ଅତିରିକ୍ତ ତହସିଲଦାର ଅଙ୍କିତ ପଣ୍ଡାଙ୍କୁ ପ୍ରଦାନ କରିଥିଲେ। ଅତାବିରା ନିର୍ବାଚନ ମଣ୍ଡଳୀ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳର ହଜାର ହଜାର ଚାଷୀ ଭାଇ ମାନେ ଆସି ଏଥିରେ ସାମିଲ ହୋଇଥିଲେ।

**ବିଜେପିର ଚାଷୀ ମାରଣ ନୀତିର ପ୍ରତିବାଦ**

# ବୃତ୍ତି ପରୀକ୍ଷାରେ ମହେଶଙ୍କ କୃତିତ୍ୱ

ପାଇକମାଲ, ୬।୧(ସମିସ): ପାଇକମାଲ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ତୃତୀୟ ଶ୍ରେଣୀ ମେରିଟ୍ କମ୍ ସ୍କଲାରସିପ୍‌ରେ ୭ଜଣ ଏବଂ ମେରିଟ୍ ସ୍କଲାରସିପ୍‌ରେ ୭ଜଣ ବୃତ୍ତି ପାଇଥିବା ଜଣାପଡ଼ିଛି। ସେହିପରି ପଞ୍ଚମ ଶ୍ରେଣୀ ମେରିଟ୍ କମ୍ ପଭର୍ଟି ସ୍କଲାରସିପ୍‌ରେ ୭ଜଣ ଏବଂ ମେରିଟ୍ ସ୍କଲାରସିପ୍‌ରେ ୭ଜଣ ବୃତ୍ତି ପାଇଛନ୍ତି। ତୃତୀୟ ଶ୍ରେଣୀ ମେରିଟ୍ କମ୍



ପଭର୍ଟି ସ୍କଲାରସିପ୍‌ରେ ଚେରେଙ୍ଗାଝାଞ୍ଜ କ୍ଲଷ୍ଟରର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଚେରେଙ୍ଗାଝାଞ୍ଜର ଛାତ୍ର ମହେଶ ପ୍ରଧାନ ବ୍ଲକର ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ମହେଶଙ୍କୁ ସ୍କୁଲରେ ପ୍ରଧାନଶିକ୍ଷକ ସହଦେବ ମାଝୀ ସମସ୍ତ ସରକାରୀ ଶିକ୍ଷକ ଶିକ୍ଷୟିତ୍ରୀ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବୃତ୍ତି ପାଇଁ ଛାତ୍ରଛାତ୍ରୀଙ୍କୁ ଯୋଗ୍ୟ କରିଥିବାରୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପାଇକମାଲ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର ଏବଂ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଉଗ୍ରସେନ ପ୍ରଧାନ ପ୍ରଶଂସା କରିଛନ୍ତି।

# ବରପାଲି କେନାଲ ଉପଖଣ୍ଡସ୍ତରୀୟ ପାଣିପଞ୍ଚାୟତ ସପ୍ତାହ

ବରପାଲି, ୬।୧(ସମିସ): ବରପାଲି କେନାଲ ଡିଭିଜନ କାର୍ଯ୍ୟାଳୟ ପରିସରରେ ଉପଖଣ୍ଡସ୍ତରୀୟ ପାଣି ପଞ୍ଚାୟତ ସପ୍ତାହ ପାଳିତ ହୋଇଯାଇଛି। ବରପାଲି କେନାଲ ଅଧିକ୍ଷଣ ଯନ୍ତ୍ରୀ ଇଂ.ଚନ୍ଦନ ସରାଫଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବୁର୍ଲା ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ.ଜ୍ୟୋତିର୍ମୟ ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାମପୁର ଉପଖଣ୍ଡ ଯନ୍ତ୍ରୀ ଇଂ.ଅଭିନନ୍ଦନ କିଶାନ, ବରପାଲି ଉପଖଣ୍ଡ ଯନ୍ତ୍ରୀ ଇଂ.ରାମବାବା କରଣ୍ଡେଲା, ଶୁଖା ଅତିରିକ୍ତ ଯନ୍ତ୍ରୀ ଇଂ.ପ୍ରଶାନ୍ତ ମଙ୍କର ପ୍ରମୁଖ ମଞ୍ଚାସୀନ ଥିଲେ। ଉପସ୍ଥିତ ଅତିଥି ମାନେ ପାଣି ପଞ୍ଚାୟତ ସପ୍ତାହର ମୂଳ ଲକ୍ଷ୍ୟ ସହ କେନାଲର ସୁରକ୍ଷା, ପାଣି ପ୍ରବାହ, ଚାଷୀ ଏବଂ ଚାଷକାର୍ଯ୍ୟ ବ୍ୟବସ୍ଥା ସହ ବିଭିନ୍ନ ସହୟତା ଦୃଷ୍ଟିକୋଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବରପାଲି କେନାଲ କନିଷ୍ଠ ଯନ୍ତ୍ରୀ ଇଂ.ଅବିନାଶ ହଁସଦା, ରାମପୁର ଇଂ.ରୋହିଦାସ ସିଂ, କୋଇବାହାଲ କନିଷ୍ଠ ଯନ୍ତ୍ରୀ ଇଂ.ଶ୍ରୀକାନ୍ତ କୁଜୁର, ଯନ୍ତ୍ରୀ ଇଂ.ସତ୍ୟପ୍ରକାଶ ସାହୁ, ଭିମଟିକିରା କନିଷ୍ଠ ଯନ୍ତ୍ରୀ ଇଂ.ମଣିରାଜରୁହିଆ ହଁସଦା ଏବଂ ରେଟାମୁଣ୍ଡା ସେକ୍ସନ କନିଷ୍ଠ ଯନ୍ତ୍ରୀ ଇଂ.ପ୍ରଶାନ୍ତ କିଶାନ ପ୍ରମୁଖ ସହଯୋଗ କରିଥିଲେ। ଲେଣ୍ଡା ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ନିମନ୍ତ୍ରିତ ଅତିଥି ମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କନିଷ୍ଠ ଯନ୍ତ୍ରୀ ଇଂ.ଅବିନାଶ ହଁସଦା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ







## ● ପଦ୍ମପୁର ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

ପଦ୍ମପୁର, ୬।୧(ସମିସ): ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରରେ ପିଏମ୍‌ଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଆକାଂକ୍ଷୀ ଛାତ୍ର ପରିଷଦ ଟ୍ୟାଲେଣ୍ଟ ଗ୍ୟାଲେରୀ ଅଧୀନ ୪ଟି କ୍ଲବ୍ ଯଥା ସାହିତ୍ୟ ସୃଜନୀ, କୌଶଳୀ, କ୍ରୀଡାଙ୍ଗନ ଓ ଜିଜ୍ଞାସାରେ ନିଜ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହା ବ୍ୟତୀତ ଆକାଂକ୍ଷୀ ମେଳା ଇନ୍‌ସ୍ପାୟରିଂ ଓଡ଼ିଶା ୨୦୩୬ରେ ମୋ ସ୍ୱପ୍ନର ଓଡ଼ିଶା ୨୦୩୬ରେ କିପରି ହେବ ତାହାର ପରିକଳ୍ପନା କରି ପ୍ରକଳ୍ପ ତିଆରି କରିଥିଲେ। ଦୋକାନ ଯାତ୍ରାରେ ପିଲାମାନେ ବିଭିନ୍ନ ସାମଗ୍ରୀ ବିକ୍ରୟ କରି ଆତ୍ମନିର୍ଭର ହେବାର କୌଶଳ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପହଣ୍ଡି ବିଜୟ ମେହେରଙ୍କ ସଭାପତିତ୍ୱରେ ପିଏମ୍‌ଶ୍ରୀ ଉତ୍ସବର ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ରାଜବୋଡାସମ୍ବର୍ ବିଇଓ ଲୋକନାଥ ଭୋଇ ମୁଖ୍ୟ ଅତିଥି ଏବଂ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରର ଅଧ୍ୟାପକ ସନ୍ତୋଷ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷା ବିନିଲତା ସାହୁ, ସମାଜସେବୀ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦାବନ ଦାଶ, ମିନତି ଦାଶ, ସୁରେନ୍ଦ୍ର ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଜ୍ଞାନ ଶିକ୍ଷକ ମାନସରଞ୍ଜନ ଶତପଥୀ ସଭା ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଆକାଂକ୍ଷୀ ମେଳାରେ ଉତ୍କର୍ଷ ପ୍ରତିପାଦନ କରିଥିବା ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଦ୍ୟାଳୟର ପୂଜାରାଣୀ ନାୟକ, ରବୀନା ପଧାନ, ମନୀଷା ଭୋଇ, ବୃନ୍ଦାବତୀ ସାହୁ, ପ୍ରଭାତ ସାହୁ, ଖୁସବୁ ବରିହା, ଅମନ୍ ପଣ୍ଡା, ଜ୍ୟୋତିରେଖା ମହାନନ୍ଦ, ପ୍ରଭାତୀ ପଟ୍ଟନାୟକ, ମମତା ମିଶ୍ର, ନିଳୀମାରାଣୀ ମହାନ୍ତି, ସୁଷମା ଦାଶ, ଦୁଷ୍ମନ୍ତ ଛତର, କମଳା କୁମ୍ଭାର, ପ୍ରଭାସିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ● ମାଣ୍ଡୋସିଲ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ




ପାଇକମାଳ: ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ମାଣ୍ଡୋସିଲ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ ଓ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋକୁଳାନନ୍ଦ ଡନସନାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପାଇକମାଳ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ମାଣ୍ଡୋସିଲ ପିଏମଶ୍ରୀ ବିଦ୍ୟାଳୟର ସଭାପତି ରାଧେଶ୍ୟାମ ମେହେର, ମୁଖ୍ୟ ବକ୍ତା ଭାବେ ମାଣ୍ଡୋସିଲ ଡିଗ୍ରୀ କଲେଜର ଓଡ଼ିଆ ଅଧ୍ୟାପକ ଅମରେଶ ଠାକୁର ଓ ସମ୍ମାନିତ ଅତିଥି ଭାବେ ମାଣ୍ଡୋସିଲ ସରପଞ୍ଚ ଓମ ପ୍ରକାଶ ନାୟକ, ଗ୍ରାମ୍ୟ କମିଟି ସଭାପତି ଜଗନ୍ନାଥ ପୁଟା, ଗ୍ରାମ୍ୟ କମିଟି ସମ୍ପାଦକ ରାଧେଶ୍ୟାମ ପଟେଲ, ପିଏମଶ୍ରୀ ପ୍ରଧାନଶିକ୍ଷୟିତ୍ରୀ ପୋର୍ଟା ମିନତୀ ଟେଟେ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ କ୍ରିଷ୍ଣା ବାଗ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୋକୁଳାନନ୍ଦ ଡନସନା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପରେ ବିଭିନ୍ନ ବିଭାଗରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ମଙ୍ଗଳବାର ଦ୍ୱିତୀୟ ଦିନରେ ପିଏମ୍‌ଶ୍ରୀ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଅତିଥି ଭାବେ ପାଇକମାଳ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର, ମୁଖ୍ୟ ବକ୍ତା ଖରିଆରରୋଡ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୋଧ ହୋତା ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ମହେନ୍ଦ୍ର ଖୁଣ୍ଟିଆ, ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦ୍ୱାଦଶ ସାହୁ, ମୁନିଖୋଲ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀଶଙ୍କର ଭୋଇ, ପିଏମଶ୍ରୀ ପ୍ରଧାନଶିକ୍ଷୟିତ୍ରୀ ପୋର୍ଟା ମିନତୀ ଟେଟେ, ଜିଲ୍ଲା ପରିଷଦ ସଭ୍ୟା ତ୍ରିପୁରା ବରିହା ମଞ୍ଚାସୀନ ଅତିଥି ଭାବେ ଉପସ୍ଥିତ ଥିଲେ। କ୍ରିଷ୍ଣା ବାଗ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଗୋକୁଳାନନ୍ଦ ଡନସନା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ହେଉଥିବା ସାହିତ୍ୟ ସୃଜନୀ, କ୍ରିଡାଙ୍ଗନ, ଜିଜ୍ଞାସା ଓ ଆକାଂକ୍ଷା ମେଳା ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଚାରକ ଭାବେ ପ୍ରଦୀପ ଭୋଇ, ରାଧେଶ୍ୟାମ ସାହା, ଅନିରୁଦ୍ଧ ପଣ୍ଡା, ତପନ ବହିଦାର, ଫଗୁନୁ ସାହୁ, ସରୋଜ ପ୍ରଧାନ, ମହତାବ ଏଡଜୁଆଡ୍ ପ୍ରମୁଖ ଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଗତ ମାଟ୍ରିକ ପରୀକ୍ଷା ଏ ୱାନ ପାଇଥିବା ନିହାରିକା ପ୍ରଧାନ ଓ ଜାତୀୟ କବାଡି ପ୍ରତିଯୋଗିତା ଅଂଶଗ୍ରହଣ କରିଥିବା ଇନ୍ଦୁରେଖା ଧରୁଆ ଓ ଧର୍ମରାଜ ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷକ ନୀଳମଣି ବରିହା, ନରହରି ସିଂ, ଶଙ୍କରଲାଲ ମହାନନ୍ଦ, ଅଭିଜିତରାଏ, ବିକ୍ରମ ସିଂ, ଚିତ୍ତରଞ୍ଜନ ସାହା, ନରେଶ ଧନକଡ, ପଦ୍ମଲୋଚନ ମାଝୀ, ଅର୍ଜୁନ ଜେନା, ଅରୁଣ ପାତ୍ର, ଶ୍ରୀନିବାସରାଓ, ଆହ୍ଲାଦିନୀ ବଢ଼େଇ, ଡାଳିମ୍ବ ଧରୁଆ, କଲ୍ୟାଣ ଦନ୍ତା, ସଙ୍ଘମିତ୍ରା ବେହେରା, ସଳନୀ ପ୍ରିୟଦର୍ଶିନୀ ସେଠ, ସଦାନନ୍ଦ ଭୋଇ, ସବିତା ସାହୁ, ବାଞ୍ଛାନିଧି ଦାଶ, ନୀଳମଣି ପୁଟା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କ୍ରିଷ୍ଣା ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ● ନୀଳଜୀପତ୍ରା ପିଏମଶ୍ରୀ ବିଦ୍ୟାଳୟ

ଝାରବନ୍ଧ: ଝାରବନ୍ଧ ନୀଳଜୀପତ୍ରା ପିଏମଶ୍ରୀ ସ୍କୁଲରେ ବିଦ୍ୟାଳୟ ସ୍ତରୀୟ ପିଏମଶ୍ରୀ ଉତ୍ସବ ବିଇଓ ଶୁଭମ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଝାରବନ୍ଧ ତହସିଲଦାର ଅଲେଖ ଘୁଟା ଯୋଗ ଦେଇ ଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲାପରିଷଦ ଝାରବନ୍ଧ ସନ୍ତୋଷ ବେହେରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଦୟାନିଧି କୈବର୍ତ୍ତ, ବିସିକେଶନ ଶତପଥୀ, ଅବସରପ୍ରାପ୍ତ ବିଇଓ ସୁରେଶ ରାଉତରାୟ, ଆରବି ହାଇସ୍କୁଲର ପ୍ରଧାନଶିକ୍ଷକ ନୀରାଲମ୍ବ ପ୍ରସାଦ ପଟେଲ, ଲୌଡିଦର୍ହା ସରପଞ୍ଚ ପଦ୍ମା ଶତନାମୀ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ବିବେକାନନ୍ଦ ପଟେଲ, ଉପାଧକ୍ଷା ମୋତିମାଳା ମେହେର, ନୀଳଜିପାତ୍ରା କ୍ଲଷ୍ଟର ସିଆରସିସି ଜଗଦୀଶ ସେଠ, ଆଲୁମିନି ସଭ୍ୟ ଗଜାଧର ପଟେଲ, ପଞ୍ଚ ସଖା ଶିକ୍ଷା ସେତୁ ସଂଗଠନର ସଭାପତି କୌଶଳ ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ।

ଏହି ଅବସରରେ କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାହୋଇଥିଲା। ଝାରବନ୍ଧ ବ୍ଲକର ସମସ୍ତ କ୍ଲଷ୍ଟରର ସିଆରସିସି ଦିବସ ସାହୁ, ପୁରନ୍ଦର କୁମ୍ଭାର, ଗୋପାଳ ହରିଜନ, ନୀଳାମ୍ବର ସାହୁ, ଅଙ୍କୁର ସାହୁ, ବିଷ୍ଣୁ ଚରଣ ସାହୁ, ରାଜେନ୍ଦ୍ର ମହାକୁର, କ୍ଷୀରୋଦ ଚନ୍ଦ୍ର ମହାନନ୍ଦ, କରୁଣାକର ପ୍ରଧାନ ଏବଂ ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧର ସଭାପତି ସାମ୍ବାଦିକ ମୋତିଲାଲ ବାଗ, ବୈତାଳି କ୍ଲଷ୍ଟରର ଶିଶୁ ସାମ୍ବାଦିକା ଗୁଞ୍ଜନ ପଟେଲଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଛାତ୍ରଛାତ୍ରୀଙ୍କ ଦ୍ୱାରା ଆଦର୍ଶ ଗାଁ, ବ୍ୟାଙ୍କ କରବାର ଦୋକାନ, କପଡ଼ା ଦୋକାନ, ଗୁପଚୁପ ଦୋକାନ ତଥା ଅନ୍ୟାନ୍ୟ ଶିକ୍ଷଣୀୟ ଷ୍ଟଲକୁ ଅତିଥି ମାନେ ଉଦ୍‌ଘାଟନ କରି ପରିଦର୍ଶନ କରିଥିଲେ। ଶିକ୍ଷକ ଭୀଷ୍ମ ଦେବ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ବିକ୍ରମ ମହନ୍ତ ଧନ୍ୟବାଦ ଜ୍ଞାପନ କରିଥିଲେ।

## ● ରେମେଣ୍ଡା ଉଚ୍ଚ ବିଦ୍ୟାଳୟ

ଥୁଆପାଲି: ବରଗଡ଼ ଜିଲ୍ଲା ପିଏମଶ୍ରୀ ରେମେଣ୍ଡା ଉଚ୍ଚ ବିଦ୍ୟାଳୟ ଠାରେ ବିଦ୍ୟାଳୟ ସ୍ତରୀୟ ୨୦୨୫/୨୬ର ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ୪ଟି କ୍ଲବ୍‌ରେ ଜିଜ୍ଞାସା, କୌଶଳୀ, ସାହିତ୍ୟ ସୃଜନୀ, କ୍ରୀଡାଙ୍ଗନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ସଞ୍ଜୀବ ପ୍ରଧାନ, ଗୋବିନ୍ଦ ସେଠ, ସଞ୍ଜୀବ ନାୟକ, ଜଗନ୍ନାଥ ଦାଶ, ପ୍ରତାପ କେଶରୀ ବହିଦାର ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ରେମଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱାଧୀନତା ସଂଗ୍ରାମୀ ତଥା କର୍ମବୀର ସ୍ୱର୍ଗତ ମଙ୍ଗଲୁ ପ୍ରଧାନଙ୍କ ପ୍ରତିମୂର୍ତ୍ତି ନିକଟରେ ଅତିଥି ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶିକ୍ଷକ ଗୋବିନ୍ଦ ସେଠ ମଞ୍ଚ ପରିଚାଳନା କରିଥିଲେ। ଭେଡେନ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରେମଣ୍ଡା ସରପଞ୍ଚ ଉଦ୍ଧବ ବାରିକ, ସମ୍ମାନିତ ଅତିଥି ଭାବେ ଏବିଓ ହେମବତୀ ମେହେର, ଏସଏମସି ଚେୟାରମ୍ୟାନ ରାଶେଶ୍ୱରୀ ଭୋଇ, ପିଏସଏଏ ସଭାପତି ବାଲଗୋବିନ୍ଦ ବାବୁ କୋଷାଧକ୍ଷ ଶିବ ପ୍ରସାଦ ଖମାରୀ, ସମିତି ସଭ୍ୟାରିଙ୍କି ସେଠ, ରେମଣ୍ଡା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସନନ୍ତ ଦାଶ ଓ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମହାଦେବ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଅନୁପମା ପଣ୍ଡା, ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ସହିତ ପୁଷ୍ପମାଲ୍ୟ ଓ ଉପଢୌକନ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ଦେବ ପ୍ରସନ୍ନ ଦାସ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ନୀରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ଭେଡେନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ମଲ୍ଲିକ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ରେମଣ୍ଡା ସରପଞ୍ଚ ଉଦ୍ଧବ ବାରିକ, ଏସଏମସି ଚେୟାରମ୍ୟାନ ରାଶେଶ୍ୱରୀ ଭୋଇ, ଏବିଓ ହେମବତୀ ମେହେର, ବରଗଡ଼ ସାଂସଦ ପ୍ରତିନିଧି ଯଶୋବନ୍ତ ସେଟ, ପିଏସଏଏ ଉପସଭାପତି ଗଙ୍ଗାଧର ମେହେର, କୋଷାଧକ୍ଷ ଶିବ ପ୍ରସାଦ ଖମାରୀ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମହାଦେବ ଭୋଇ, ଭେଡେନ ନୋଡାଲ ସେଣ୍ଟର ଶିକ୍ଷକ ରଞ୍ଜନ ନାୟକ। ଉତ୍ସବରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହାର ପରିଚାଳନାରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଏନସିସି ଛାତ୍ର ମାନେ ସହଯୋଗ କରିଥିଲେ।